ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା



IMAGE COURTESY : VECTEEZY.COM

# ଆହ୍ୱାନ

ମାର୍ଚ୍ଚ ୨୦୨୫ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଦୋଳ ପୂର୍ଣ୍ଣିମା ଏବଂ ହୋଲି ପର୍ବ ଉପଲକ୍ଷେ**
**ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ଛାତ୍ରାବାସ ଉଦ୍ଘାଟନ | | ୩୯ |
| **ଗଳ୍ପ ବିଭାଗ** | | **୪୧** |
| ଅନେକ କଳାଛାଇ - ୨୫ | ଅଶୋକ ବିଶ୍ୱାଳ | ୪୨ |
| ଧାଇ ମା | ଅଭୟ କୁଣ୍ଡ | ୫୬ |
| ବିଦ୍ୟାର ମନ୍ଦିର | ଅମରନାଥ ବାରିକ | ୬୦ |
| ସମୟର ଖେଳ | ବାସନ୍ତୀ ଦେଇ | ୬୪ |
| ଜଙ୍ଗଲରେ ନଗର | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୬ |
| ଯୌତୁକ ଜୁଇରେ ଝିଅ | ଅଙ୍କିତ ସାହୁ | ୭୧ |
| ଭିନ୍ନ ଏକ ପ୍ରେମ କାହାଣୀ | ବିନୟ ମହାପାତ୍ର | ୭୯ |
| ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା | ଡଃ ନାରାୟଣ ଚନ୍ଦ୍ର ସେନାପତି | ୮୮ |
| ଅଟୋବାଲା | ସତ୍ୟନାରାୟଣ ସାହୁ | ୯୮ |
| ଭୋକ | ଚିତ୍ତରଞ୍ଜନ ମହାପାତ୍ର | ୧୦୧ |
| ଭୁଲ କାହାର | ସନ୍ତୋଷିନୀ ଦାଶ | ୧୦୪ |
| ଭୁଲ କାହାର | ରୁଦ୍ରକାନ୍ତ ରାଉତରାୟ | ୧୦୬ |
| ଦାମ୍ପତ୍ୟ | ବସନ୍ତ କୁମାର ପାଣି | ୧୧୦ |
| ଶେଷ ରାସ୍ତା | ରଶ୍ମିତା ନାୟକ | ୧୧୬ |
| ସ୍ୱପ୍ନ କଣ ସତ ହେବ ? | ରିତାରାଣୀ ଦାଶ | ୧୨୦ |
| ତୁମେ ଫେରି ଆସନ୍ତନି ପ୍ରଜ୍ଞା | ଶ୍ରୀକାନ୍ତ | ୧୨୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମହାକୁମ୍ଭ | ପଦ୍ମାଳୟା ପାଢ଼ୀ | ୧୨୭ |
| ଚିୟର୍ସ୍ | ଶକ୍ତିସୁମନ ଦାଶ | ୧୨୯ |
| **କବିତା ବିଭାଗ** | | **୧୩୦** |
| ମାମୁଁଘର ଗାଆଁ ମୋର | ଶିବନାରାୟଣ ଦାସ | ୧୩୧ |
| ପ୍ରତିଶ୍ରୁତି | ରଶ୍ମିତା ସାହୁ | ୧୩୬ |
| ବୋଉ | ବିନୟ କୁମାର ମିଶ୍ର | ୧୩୮ |
| ଉଠ ଜାଗି ଉଠ | ପ୍ରଶାନ୍ତ କୁମାର ନାଥ | ୧୪୩ |
| ପ୍ରେମ ମହାକାଳ ଫଳ | ଶାନ୍ତନୁ କୁମାର ରାଉତ | ୧୪୬ |
| ପ୍ରେମ ଏକ ମିଠା ସ୍ୱପ୍ନ | ଗୋଲୋକବିହାରୀ ବେହେରା | ୧୪୭ |
| ଉଦୟ | ବସୁଦେବ ସାହୁ | ୧୪୮ |
| ଇତିହାସ | ଆଶୁତୋଷ ମେହେର | ୧୪୯ |
| କାମ ଥିବାଯାଏ ମୋର ମୋର | ଅଲେଖ ମେହେର | ୧୫୦ |
| ମନ କ୍ୟାମେରା | ଅନିତା ପ୍ରଧାନ | ୧୫୧ |
| ଏ କେମିତିକା ଜୀବନ ? | ଦୀପକ ରଂଜନ ଜେନା | ୧୫୫ |
| ବାଲି ଯାତ୍ରା | ଅନାମ ଚରଣ ସାହୁ | ୧୫୭ |
| କେମିତି ଜାଣିବି କିଏ ମୋ ନିଜର | ଅନନ୍ତ କୁମାର | ୧୫୯ |
| ପ୍ରତିଛବି | ଶ୍ରୀତମ ରଣା | ୧୬୦ |
| ବନ୍ଦ କୋଠରୀରେ ମୁଁ | ତାରା ପ୍ରସାଦ ଜେନା | ୧୬୧ |
| ନାରୀ ବି ଗୀତର ସୁରିଲା ରାଗିଣୀ | ସୁଜିତ କୁମାର ମିଶ୍ର | ୧୬୩ |
| ମନସ୍ୱିନୀ ସେ ଚିତ୍ରଲେଖା | ଆର୍ଯ୍ୟ ଦାସ | ୧୬୫ |
| ଦିବ୍ୟ ଚେତନା | ସରୋଜିନୀ ମିଶ୍ର | ୧୬୬ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ତୁମର ସେଇ ରୂପରେ | ସନାତନ ମହାକୁଡ଼ | ୧୬୮ |
| ମା | ଆଶିଷ କୁମାର ସାହୁ | ୧୬୯ |
| କାୟାର ଯେମିତି ଛାୟା | ନିରଞ୍ଜନ ସାହୁ | ୧୭୧ |
| କୋଲକାତା ଡାଏରୀର କିୟଦଂଶ | ନୀଳମଣି ଚାନ୍ଦ | ୧୭୨ |
| ମୁଁ କବିଟିଏ ହୁଅନ୍ତି କି ! | ଶିଳ୍ପାଲିପି ବେହେରା | ୧୭୩ |
| ଅତୀତ | ପ୍ରଶାନ୍ତ ବ୍ରହ୍ମା | ୧୭୪ |
| ତଥାପି ଗାଆଁଟା ବାସୁଛି | ଶିଶିର କୁମାର ପଣ୍ଡା | ୧୭୫ |
| ସୌଦାଗର | ସରୋଜ କୁମାର ସାହୁ | ୧୭୬ |
| ଜାଗର | ଅରୁଣ କୁମାର ଦାସ | ୧୭୭ |
| ଗଛର ଦୁଃଖ | ଅଙ୍କିତ ସାହୁ | ୧୭୮ |
| ବିଜ୍ଞାନ ଦେଇଛି ନୂଆ ଜୀବନ | ହିମାଂଶୁ ବିଶ୍ୱାଳ | ୧୮୦ |
| ମୁଁ ବିଜ୍ଞାନ | ଅନସୂୟା ଦେବତା | ୧୮୧ |
| ମାତୃଭାଷା | ଦେବେନ୍ଦ୍ର ନାୟକ | ୧୮୪ |
| | ଝୁମୁରୀ ସାହୁ | ୧୮୫ |
| | ବୀଣା ସାହୁ | ୧୮୭ |
| | କବିତା ଦାଶ | ୧୮୯ |
| | ସଂଯୁକ୍ତା ସାହୁ | ୧୯୧ |
| | ଭାସ୍କର ରାଉତ | ୧୯୪ |
| | ସୁଦ୍ୟୁମ୍ନା ପଣ୍ଡା | ୧୯୫ |
| | ଏଲିଜା ଜେନା | ୧୯୭ |
| | ରମେଶ ଟାକ୍ରୀ | ୧୯୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | |
|---|---|
| ଅନାମିକା ଲେଖିକା | ୧୯୯ |
| ନୂତନ କୁମାର ବେହେରା | ୨୦୦ |
| ନଳିନୀ ପ୍ରଭା ମିଶ୍ର | ୨୦୨ |
| ସନ୍ତୋଷ କୁମାର ସାହୁ | ୨୦୪ |
| ଚିତ୍ରାରାଣୀ ପାତ୍ର | ୨୦୫ |
| ରବିନାରାୟଣ ମିଶ୍ର | ୨୦୬ |
| ରଶ୍ମିତା ପାତ୍ର | ୨୦୭ |
| ଦମୟନ୍ତୀ ରଥ | ୨୦୯ |
| କଳ୍ପନା ବିନ୍ଧାଣୀ | ୨୧୧ |
| ସୁନିତା ମହାନ୍ତି | ୨୧୨ |
| ନିବେଦିତା ପଣ୍ଡା | ୨୧୩ |
| ବିଦ୍ୟୁତପ୍ରଭା ମିଶ୍ର | ୨୧୫ |
| କୁଳମଣି ବାରିକ | ୨୧୬ |
| ପ୍ରତାପ କିଶୋର ରାଉତ | ୨୧୮ |
| ସିନ୍ଧୁ ନନ୍ଦିନୀ | ୨୨୦ |
| ବାସନ୍ତୀ ଲତା ଜେନା | ୨୨୧ |
| ସସ୍ମିତା ପଣ୍ଡା | ୨୨୩ |
| କଳ୍ପନା ରାୟ | ୨୨୪ |
| ପୁଷ୍ପଲତା ମିଶ୍ର | ୨୨୬ |
| ଡଃ ତାନଶ୍ରୀ ପାଣିଗ୍ରାହୀ | ୨୨୭ |
| କାହ୍ନୁ ଚରଣ ପାଣିଗ୍ରାହୀ | ୨୨୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ସଂତୋଷିନୀ ଦାଶ | ୨୩୦ |
| | ପ୍ରଫୁଲ୍ଲ କୁମାର ହୋତା | ୨୩୧ |
| ମୋ ମାତୃଭାଷା ମୋ ଜୀବନ | ବଟକୃଷ୍ଣ ପଣ୍ଡା | ୨୩୨ |
| ତୁମେ ମୋ ମନର କବିତା | ଡଃ ପ୍ରିୟଦର୍ଶିନୀ ମିଶ୍ର | ୨୩୪ |
| ବିଜ୍ଞାନ ଦେଇଛି ନୂଆ ଜୀବନ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୨୩୬ |
| ହଳଦୀ ବସନ୍ତ ବସନ୍ତେ ଉଭା | ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ | ୨୩୮ |
| ଘୋଡ଼ା ମଦୁଆ | ବେଣୁଧର ସୁତାର | ୨୪୦ |
| ବିଜ୍ଞାନ ଦିବସ ଅନୁଚିନ୍ତା | ଅର୍ଜୁନୀ ଚରଣ ବେହେରା | ୨୪୨ |
| ମୃଦୁ ଆବେଗ | ନିବେଦିତା | ୨୪୪ |
| ଆମେ ଆଜି ଯେଉଁଠି ସେଇଠି | ସତ୍ୟନାରାୟଣ ସିଂହ | ୨୪୫ |
| ମାଆ ମୋର ତାରିଣୀ | ବିଦ୍ୟାଧର ମହାନ୍ତ | ୨୪୭ |
| ହେ ଦେବୀ | ପ୍ରେମଲତା ଦେବୀ | ୨୪୯ |
| ହେ ଦେବୀ | ସୁଭଦ୍ରା ମହାପାତ୍ର | ୨୫୦ |
| ଅବସର ବେଳ... | ସୁରେନ୍ଦ୍ରନାଥ ଖଣ୍ଡୁଆଳ | ୨୫୧ |
| ହୃଦୟରୁ ପଦେ | ବାଲାଜୀ ସେଠୀ | ୨୫୩ |
| ତ୍ରିଅକ୍ଷର ପ୍ରିୟ ବାବା ତ୍ରିଲୋଚନ | ଆଲୋକ କୁମାର ସାହୁ | ୨୫୪ |
| କେତେ ଲୀଳା ଲଗାଇଛ କଳାଠାକୁର | ଗଗନ ବିହାରୀ ଷଡ଼ଙ୍ଗୀ | ୨୫୬ |
| ନିଃସଙ୍ଗତା | ବିବାସିନୀ ପଟ୍ଟନାୟକ | ୨୫୮ |
| ବୋକା କିଏ, ଅତୀତ ନା ବର୍ତ୍ତମାନ | ଡଃ ମହେନ୍ଦ୍ର ପ୍ରସାଦ ଦାସ | ୨୬୧ |
| ଜୀବନର ସ୍ୱପ୍ନ କେବଳ ସଜଡ଼ା | ବିଷ୍ଣୁ ପ୍ରସାଦ ମିଶ୍ର | ୨୬୩ |
| ତୁମବିନା କେହି ନାହିଁ | ବ୍ରଜେଶ୍ୱରୀ ସିଂ | ୨୬୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଗାଁ ବରଗଛ | ଜୟଦେବ ମାଝୀ | ୨୬୬ |
| ଆସ ଆସ ସଖୀ | ସିଦ୍ଧେଶ୍ୱର ତ୍ରିପାଠୀ | ୨୬୭ |
| ବାସୁଭାଇ | ସରସ୍ୱତୀ ପଣ୍ଡା | ୨୬୮ |
| ସମୟ ବଡ଼ ବଳବାନ | ସତ୍ୟନାରାୟଣ ସାହୁ | ୨୬୯ |
| ଯଦି କେବେ ଦେଖାହୁଏ | ସଚ୍ଚିଦାନନ୍ଦ ସାହୁ | ୨୭୨ |
| ତୁମେ ପ୍ରଭୁ କୃପାସିନ୍ଧୁ | ନଳିନୀ ଦାଶ | ୨୭୪ |
| ଏମିତି ଜୀବନ | ମଧୁସ୍ମିତା ସାହୁ | ୨୭୫ |
| ଅଲୋଡ଼ା ମଣିଷ | ଆଶାରାଣୀ ଜେନା | ୨୭୭ |
| କହ କାଳିଆ କାହିଁକି ? | ଉଷାଶ୍ରୀ ଜେନା | ୨୭୯ |
| ପଳାଶ ପରିତା ସୁନ୍ଦରୀ | ଲୋପାମୁଦ୍ରା ମହାପାତ୍ର | ୨୮୦ |
| ଶେଷ ଅନୁରୋଧ | ଜୟନ୍ତ ଦାସ ପ୍ରଫୁଲ୍ଲ | ୨୮୧ |
| ପିତାମାତାଠାରୁ ନାହିଁ କେହି ବଡ଼ | ରୋଜାଲିନ ରାଉତରାୟ | ୨୮୩ |
| ପହିଲି ପ୍ରୀତି | ଇଂ ସୂର୍ଯ୍ୟକାନ୍ତ ବଳ | ୨୮୫ |
| ଯେବେ ତୋ କଥା ମନେ ପଡ଼େ | ରତିକାନ୍ତ ମଲିକ | ୨୮୬ |
| ମନ ଝୁରି ମରେ | ପୁଷ୍ପାଞ୍ଜଳୀ ପଣ୍ଡା | ୨୮୭ |
| ବଦଳିଗଲାଣି | ବିଶ୍ୱଜିତ ଜେନା | ୨୮୮ |
| ସତ କୁହ କେଶବ ହେ | ସୁହଂସ ଭୋଇ | ୨୮୯ |
| ବ୍ୟାଙ୍ଗକବି | ଆକୁଳାନନ୍ଦ ପୃଷ୍ଟି | ୨୯୧ |
| ମାତୃଭାଷା ଶିକ୍ଷା ଅମୂଲ୍ୟ ସମ୍ପଦ | ଅଜିତ କୁମାର ରାଉତ | ୨୯୩ |
| ବିଦ୍ୟାଳୟର ଶେଷ ଘଣ୍ଟି | ଅଭୟ କୁଣ୍ଡ | ୨୯୫ |
| ଗୀତଟିଏ ହୋଇ | କିରନ୍ ସ୍ୱାଇଁ | ୨୯୭ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଲକ୍ଷ୍ମୀ ପ୍ରତିମା | ଅମୃତନାରାୟଣ ଶତପଥୀ | ୨୯୮ |
| ଦୁଃଖପରେ ଆସେ ସୁଖ | ବିଶ୍ୱରଞ୍ଜନ ମହାନ୍ତି | ୨୯୯ |
| ବୟସର ଅନ୍ତରାଳେ ଯବନିକା | ଶିବରାମ ନାୟକ | ୩୦୧ |
| **ପ୍ରବନ୍ଧ ବିଭାଗ** | | **୩୦୩** |
| ବିଜୁବାବୁ ଓ ଓଡ଼ିଶା | ଅକ୍ଷୟ କୁମାର ରାଉତ | ୩୦୪ |
| କୁଇଜ୍ ବିସ୍ମୟ, ଏ. ତେଜସ୍ୱିନୀ | ରାମଚନ୍ଦ୍ର ପ୍ରଧାନ | ୩୧୧ |
| କର୍ମ ହିଁ ଭଗବାନ | ମନ୍ଦାକିନୀ ପାଢ଼ୀ | ୩୧୫ |
| ଫଗୁଣ ମାସରେ ହୋଲି | ସଞ୍ଜୟ ନାଏକ | ୩୧୭ |
| ସ୍ନେହ ଡୋରେ ବନ୍ଧା ଆମ ପରିବାର | ନୂତନ କୁମାର ବେହେରା | ୩୨୦ |
| ଆମ ମାତୃଭାଷା ଆମ ଗୌରବ | ରଶ୍ମିତା ନାୟକ | ୩୨୪ |
| ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ | ରୀତାରାଣୀ ଦାଶ | ୩୨୬ |
| | ପୁଷ୍ପଲତା ମିଶ୍ର | ୩୨୮ |
| ଯୁବଶିଳ୍ପୀ ଦେବୀ କଲ୍ୟାଣ ନନ୍ଦ | ସୌମ୍ୟରଞ୍ଜନ ସାମଲ | ୩୩୬ |
| ବିଶ୍ୱାସର ଅବତାର | ପଙ୍କଜିନୀ ଉପାଧ୍ୟାୟ | ୩୪୦ |
| ମାଙ୍କଡ଼ ହାତେ ଶାଳଗ୍ରାମ | ପଙ୍କଜ କୁମାର ପାଣିଗ୍ରାହୀ | ୩୪୨ |
| ପିତାମାତା ଆମ ଜୀବନ ସ୍ଥପତି | ଅସିତ ମହାନ୍ତି | ୩୪୮ |
| ସୋସିଆଲ୍ ମିଡ଼ିଆ | ମଧୁସ୍ମିତା ସାହୁ | ୩୫୧ |
| ମାଧ୍ୟମିକ ପରୀକ୍ଷା ପରିଚାଳନା | ସଞ୍ଜୀବ କୁମାର ଦାସ | ୩୫୬ |
| ବୃକ୍ଷଲତା | ଶିଳ୍ପା ଡାଙ୍ଗୁଆ | ୩୬୩ |
| ଅପ୍ରିୟ ସତ୍ୟ | ନିତ୍ୟ ରଞ୍ଜନ ନନ୍ଦ | ୩୬୫ |
| **ବିଶେଷ ସୂଚନା** | | **୩୬୮** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୨୫ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଉତ୍ସବମୁଖର ଦିନ ସବୁ ଆସିଲାଣି । ଆସନ୍ତା କାଲି ପବିତ୍ର ହୋଲି ପର୍ବ ପାଳନ ହେବ । ରଙ୍ଗର ଉତ୍ସବ ହୋଲି ଫଗୁଣକୁ ଆହୁରି ରଙ୍ଗୀନ କରିଦେବ । ସମସ୍ତ ପାଠିକା ପାଠକ ଓ ସାହିତ୍ୟିକ ଗୋଷ୍ଠୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସୁରକ୍ଷା ଓ ସାବଧାନତାର ସହ ହୋଲି ପର୍ବ ପାଳନ କରନ୍ତୁ । ବିଷାକ୍ତ ରଙ୍ଗ ଓ ଅପ୍ରାକୃତିକ ରଙ୍ଗ ଆଦି ପ୍ରତି ସାବଧାନ ରହନ୍ତୁ । ରଙ୍ଗ ଖେଳିବା ପୂର୍ବରୁ ମୁହଁରେ ତେଲ କିମ୍ବା ମଇଶ୍ଚରାଇଜର୍ ଲୋସନ୍ କିଛି ଲଗାଇ ଦିଅନ୍ତୁ । ମୁଣ୍ଡରେ ତେଲ ଲଗାଇଲେ ମଧ୍ୟ ରଙ୍ଗ ଅଧିକ ଧରିବ ନାହିଁ । ମୁଣ୍ଡଫଟା ରଙ୍ଗ ପ୍ରତି ସାବଧାନ । ନାକ ଓ ମୁହଁରେ ରଙ୍ଗ ନ ପଶିବ ଯେମିତି ସେଇ ବ୍ୟବସ୍ଥା କରିବେ । ଛୋଟ ପିଲାମାନେ ଆଉ ରୋଗୀ ତଥା ବୟସ୍କ ବ୍ୟକ୍ତିମାନେ ମଧ୍ୟ ରଙ୍ଗଖେଳିବା ପ୍ରତି ସାବଧାନ ରହିବେ । ଆଖିରେ ରଙ୍ଗ ପଡ଼ିଗଲେ, ତୁରନ୍ତ ପାଣିରେ ଧୋଇବେ । ଯଦି ଅତ୍ୟଧିକ ଜଳୁଥାଏ ତା ହେଲେ ସାଙ୍ଗେ ସାଙ୍ଗେ ଡାକ୍ତରୀ ପରାମର୍ଶ କରି ଚିକିତ୍ସା ବ୍ୟବସ୍ଥା କରିବେ ।

ହୋଲି ଏକ ସାମାଜିକ ଉତ୍ସବ । ହିନ୍ଦୀରେ କୁହାଯାଇଛି, "ବୁରା ନା ମାନୋ ହୋଲି ହୈ" । ଅର୍ଥାତ ହୋଲି ଉତ୍ସବରେ ଯେ କେହି ବି ଅନ୍ୟକୁ ରଙ୍ଗ ଲଗାଇ ପାରେ । ଏହି ସମୟରେ ଶତ୍ରୁମିତ୍ର ସବୁ ସମାନ ମନେ ହୁଅନ୍ତି । ସମାଜରେ ସାମାଜିକ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ଏହି ପର୍ବର ଏକମାତ୍ର ଲକ୍ଷ୍ୟ ହେଉ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଦ୍ଧିଜୀବିମାନେ ହୋଲି ପର୍ବରେ ଅତ୍ୟଧିକ ଜଳ ନଷ୍ଟ ହେଉଥିବା ଦୃଷ୍ଟାନ୍ତ ଦେଇ ଏହା ପାଳନ ବିରୁଦ୍ଧରେ ମତ ଦେଇଥାନ୍ତି । ଏହା ସେମାନଙ୍କ ବ୍ୟକ୍ତିଗତ ମତ । ଆପଣ ନିଜ ବିବେକ ବ୍ୟାବହାର କରନ୍ତୁ । ସବୁଦିନ ହୋଲି ଆସେ ନାହିଁ । ଯଦି ମନେ ହେଉଛି ଯେ ହଁ ସତରେ ହୋଲି ଦିନ ଅଧିକ ଜଳ ନଷ୍ଟ ହେଇଛି ତା ହେଲେ ଅନ୍ୟ ଦିନମାନଙ୍କରେ ଜଳ ସଂରକ୍ଷଣ କରି ତାହାର ଭରଣା କରିହେବ । ଆମ ପୌରାଣିକ କଥାନକ ମାନଙ୍କରୁ ଉଦ୍ଧୃତ କାହାଣୀରେ ହୋଲି ସମ୍ବନ୍ଧରେ ଅନେକ କଥା ବା କାହାଣୀ ରହିଛି । ଭାରତର ବିଭିନ୍ନ ପ୍ରାନ୍ତରେ ହୋଲିକୁ ଭିନ୍ନ ଭିନ୍ନ ଭାବରେ ପାଳନ କରାଯାଏ । ବ୍ରଜରେ ହୋଲି ବିଶ୍ୱପ୍ରସିଦ୍ଧ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ହୋଲି ପର୍ବରେ ଏକାକାର ହୋଇଥାଆନ୍ତି ।

ପୁଣିଥରେ ଆହ୍ୱାନ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତଙ୍କ ପାଇଁ ହୋଲି ମଙ୍ଗଳମୟ ହେଉ ।

ଭାରତ ପାଇଁ ଏକ ଅତ୍ୟନ୍ତ ଶୁଭଙ୍କର ସମୟ ଏବେ ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସଦ୍ୟ ସମାପ୍ତ ହୋଇଥିବା ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଅବିଶ୍ୱସନୀୟ ପ୍ରଦର୍ଶନ କରି ବିଜେତା ହୋଇଛନ୍ତି । ଏହିଭଳି ପରାକାଷ୍ଠା ପାଇଁ ଭାରତୀୟ ଦଳର ପ୍ରତ୍ୟେକ ଖେଳାଳୀ ସମ୍ମାନଯୋଗ୍ୟ । ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ହିଁ ଏହା ଅନେକ କାରଣରୁ ଖବରର ଶିରୋନାମା ମଣ୍ଡନ କରିଥିଲା । ପ୍ରଥମତଃ ଭାରତୀୟ କ୍ରିକେଟ ବୋର୍ଡ଼ ବିସିସିଆଇ ଏହି ଖେଳ ପାଇଁ ପାକିସ୍ତାନ ଭ୍ରମଣ କରିବା ସପକ୍ଷରେ ନଥିଲା । ସୂଚନାଯୋଗ୍ୟ ଯେ ଚଳିତବର୍ଷର ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଦ୍ୱାରା ଆୟୋଜିତ ହୋଇଥିଲା । ପାକିସ୍ତାନରେ ଭାରତୀୟ ଦଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତି ବିପଦ ରହିଛି ଆଶଂକା କରି ବିସିସିଆଇ ଦଳର ଖେଳାଳୀ ମାନଙ୍କୁ ପାକିସ୍ତାନ ପଠାଇବା ବିପକ୍ଷରେ ମତ ପୋଷଣ କରିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଶେଷରେ ଆପୋଷ ସମାଧାନ କରାଯାଇ, ଭାରତ ଏହି ଟ୍ରଫିର ସମସ୍ତ ଖେଳ ଦୁବାଇରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲା ଯାହାକୁ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍ କାଉନ୍ସିଲ୍ ଆଇସିସି ସ୍ୱୀକାର କରିଥିଲେ । ଏବଂ ଅଧିକାଂଶ ମ୍ୟାଚ ଦୁବାଇରେ ହିଁ ହୋଇଥିଲା ।

ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ପାଖାପାଖି ବାରଶହ କୋଟି ପାକିସ୍ତାନୀ ମୁଦ୍ରା ବା ଭାରତୀୟ ମୁଦ୍ରାରେ ଚାରିଶହ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏଥିପାଇଁ ଲାହୋରଠାରେ ଗୋଟିଏ ଷ୍ଟାଡ଼ିୟମର ନବୀକରଣ ସଂପୃକ୍ତ ଥିଲା । ଏହି ଖେଳ ଦ୍ୱାରା ପାକିସ୍ତାନ ଅଧିକ ଆୟ କରିବ ବୋଲି ଆଶା କରାଯାଇଥିଲା । ଦୁର୍ଭାଗ୍ୟର ବିଷୟ ଏହି ଖେଳ ଆରମ୍ଭ ହେବାର ମାତ୍ର ଚାରିଦିନ ଭିତରେ ହିଁ ଖୋଦ୍ ପାକିସ୍ତାନର କ୍ରିକେଟ୍ ଦଳ ଏହି ଟ୍ରଫିରୁ ବହିଷ୍କୃତ ହୋଇଗଲେ । ଏବଂ ଏହି ଟ୍ରଫିର ଅଧିକାଂଶ ଖେଳ ଦୁବାଇରେ ହିଁ ଆୟୋଜିତ ହୋଇଥିଲା, ଯାହା ଫଳରେ ଦର୍ଶକମାନଙ୍କ ଠାରୁ ହେବାକୁ ଥିବା ଆୟ ମଧ୍ୟ ନଗଣ୍ୟ ହୋଇଥିଲା । ଖେଳ ଚାଲୁଥିବା ସମୟରେ ବର୍ଷା ହେତୁ ଦୁଇଟା ମୁଖ୍ୟ ମ୍ୟାଚ୍ ଅଘୋଷିତ ଭାବରେ ବନ୍ଦ କରିଦିଆଗଲା । ଷ୍ଟାଡ଼ିୟମରେ ଭର୍ତ୍ତି ହୋଇଥିବା ପାଣିକୁ ବାହାର କରିବାକୁ କୌଣସି ବ୍ୟବସ୍ଥା ନ ଥିବା ହେତୁ ଏହି ସବୁ ଖେଳକୁ ବାତିଲ କରିବାକୁ ପଡ଼ିଥିଲା । ଷ୍ଟାଡିୟମର ଛାତରୁ ପାଣି ଗଳୁଥିବାର ଦୃଶ୍ୟ ମଧ୍ୟ ସୋସିଆଲ୍ ମିଡ଼ିଆରେ ଦେଖିବାକୁ ମିଳିଥିଲା । ଏତେ ସବୁ ଦୁର୍ବ୍ୟବସ୍ଥା ହେତୁ ପାକିସ୍ତାନ ବିଶ୍ୱସ୍ତରରେ ନିନ୍ଦିତ ହେବାକୁ ଲାଗିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେଳର ଶେଷ ପର୍ଯ୍ୟାୟରେ ଭାରତ ସେମି ଫାଇନାଲରେ ଜିତିବା ପରେ ପାକିସ୍ତାନରେ ଶେଷ ଆଶା ମଧ୍ୟ ମଉଳିଗଲା ଯେ ଏହି ଟ୍ରଫିର ଫାଇନାଲ୍ ମ୍ୟାଚ୍ ପାକିସ୍ତାନରେ ହୋଇପାରିବ । ଅଗତ୍ୟା ଭାରତ ଫାଇନାଲରେ ଖେଳୁଥିବା ହେତୁ ମ୍ୟାଚ୍ ଦୁବାଇରେ ହିଁ ଖେଳାଗଲା । ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ହରାଇ ଏହି ଟ୍ରଫିକୁ ଜିତିଥିବା ବେଳେ, ପୁରସ୍କାର ପ୍ରଦାନ ଉତ୍ସବରେ ମଞ୍ଚ ଉପରେ କୌଣସି ପାକିସ୍ତାନ ପ୍ରତିନିଧିଙ୍କୁ ଦେଖିବାକୁ ମିଳିନଥିଲା । ଏଭଳି କାହିଁକି ହେଲା ତାହା ଆମେ ଜାଣିନୁ । କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଏହି ଖେଳର ବିଜେତା ହେବା କୌଣସି କମ ଗୌରବର ବିଷୟ ନୁହେଁ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସବୁ ମ୍ୟାଚ ଜିତିଥିଲା ।

ଖେଳ ସରିବା ପରେ ଅନ୍ୟ ଦଳମାନେ ଭାରତ ବିରୋଧରେ ବିଷୋଦଗାର କରି କହିଥିଲେ ଯେ ଆଇସିସି ଭାରତୀୟ କ୍ରିକେଟ ବୋର୍ଡକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି । ଜାଣିଶୁଣି ଦୁବାଇରେ ସବୁ ମ୍ୟାଚ କରାଯାଇଥିଲା, ଯାହା ଭାରତୀୟ ଦଳକୁ ସୁହାଇଥିଲା । ଭାରତକୁ ସୁହାଇବା ଭଳି ବ୍ୟବସ୍ଥା କରାଯାଇଥିବା ହେତୁ ଭାରତ ବିଜୟୀ ହୋଇଥିଲା ବୋଲି ମଧ୍ୟ କୁହାଯାଉଛି । ଏଥିରେ ପାକିସ୍ତାନୀ ଟ୍ୱିଟର୍ ଓ ସୋସିଆଲ୍ ମେଡ଼ିଆ ଇନ୍‌ଫ୍ଲୁଏନ୍‌ସର୍ ମାନଙ୍କ ସଂଖ୍ୟା ଅଧିକ । ସେମାନଙ୍କୁ ମଧ୍ୟ ଅନ୍ୟମାନେ ଟ୍ରୋଲ୍ କରୁଛନ୍ତି । ଖୋଦ୍ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହୋଇ ଏବଂ ନିଜର ଗୃହ ମଇଦାନରେ ବି ପାକିସ୍ତାନ ଦଳ ଜିତିବାରେ ଅକ୍ଷମ ହୋଇଛି । ଏହା ଅତ୍ୟନ୍ତ ଲଜ୍ଜାଜନକ ଘଟଣା ।

ଅନ୍ୟ ଏକ ଟ୍ୱିଟର୍ ହେଣ୍ଡଲରେ ପ୍ରକାଶିତ ତଥ୍ୟ ଅନୁସାରେ, ପାକିସ୍ତାନ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟର ଟ୍ରଫି ପାକିସ୍ତାନରୁ ବାହାରକୁ ଆଣିବା ପରେ ବିନା କୌଣସି ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଭାରତ ହାତେଇବା କୌଣସି ସୁପରିକଳ୍ପିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ଜିକାଲ୍ ଷ୍ଟ୍ରାଇକ୍ ଠାରୁ କମ ନୁହେଁ । ଯାହା ହେଉ ଖେଳରେ ଜିତିବା ହାରିବା ଲାଗି ରହିଥିବ କିନ୍ତୁ ପାକିସ୍ତାନକୁ ଅପମାନିତ କରି ହରାଇବାର ଆନନ୍ଦ ଅନ୍ୟ କୌଣସିଥିରେ ନାହିଁ ।

ଦିଲ୍ଲୀରେ ଭାଜପା ସମର୍ଥିତ ସରକାର ସ୍ଥାପିତ ହୋଇ ସାରିଛି ଏବଂ ନୂଆ ମୁଖ୍ୟମନ୍ତ୍ରୀ ଭାବରେ ଶ୍ରୀମତି ରେଖା ଗୁପ୍ତା କାର୍ଯ୍ୟଭାର ଗ୍ରହଣ କରି ସାରିଛନ୍ତି । ହେଲେ ଏହି କଥାକୁ ଆମ୍ ଆଦମୀ ପାର୍ଟି ବର୍ତ୍ତମାନ ସୁଦ୍ଧା ହଜମ କରି ପାରୁନାହିଁ । ନୂତନ ସରକାରଙ୍କ କାର୍ଯ୍ୟଭାର ଗ୍ରହଣ ହେଉ ହେଉ ଆମ୍ ଆଦମୀ ପାର୍ଟି ଦ୍ୱାରା ଗୃହରେ ଅତ୍ୟଧିକ ହଟଗୋଳ କରାଯାଇଥିଲା ଯାହା ପରେ ବାଧ୍ୟହୋଇ ବାଚସ୍ପତି ସମୁଦାୟ ବିପକ୍ଷକୁ ସଭାଗୃହରୁ ନିଲମ୍ବିତ କରିଥିଲେ । ଦିଲ୍ଲୀ ନିର୍ବାଚନ ସମୟରେ ଭାଜପା ଦ୍ୱାରା ପ୍ରତିଶୃତି ଦିଆଯାଇଥିଲା ଯେ ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କୁ ମାସିକ ଅଢ଼େଇ ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ । ଏହା କାହିଁକି ତୁରନ୍ତ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ କରି ଆମ୍ ଆଦମୀ ପାର୍ଟି ସଦସ୍ୟମାନେ ହଟଗୋଳ କରୁଥିଲେ ।

ଏହି ପ୍ରତିଶୃତି ନିଶ୍ଚୟ ପୂରଣ ହେବ ଏବଂ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସତ୍ତ୍ୱେ ଆମ୍ ଆଦମୀ ପାର୍ଟି ଏହାକୁ ମାମଲା କରି ଗୃହରେ ସାଧାରଣ କାର୍ଯ୍ୟପ୍ରଣାଳୀକୁ ବାଧାପ୍ରାପ୍ତ କରାଇଥିଲେ । ଆଶ୍ଚର୍ଯ୍ୟର କଥା ଯେ ଏହା ପୂର୍ବରୁ ପଞ୍ଜାବରେ ନିର୍ବାଚନ ସମୟରେ ଆମ୍ ଆଦମୀ ପାର୍ଟି ତରଫରୁ ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ମହିଳାଙ୍କୁ ମାସିକ ଏକ ହଜାର ଟଙ୍କା ଦିଆଯିବ, ଯାହା ସରକାର ଗଠନର ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଗଲେ ସୁଦ୍ଧା ଦିଆଯାଇ ନାହିଁ । ଏହି କଥା ପଚାରିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶି ସିଂ କଟାକ୍ଷ କରି କହିଲେ ଯେ ଦିଆଯିବ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହାଯାଇଥିଲା କିନ୍ତୁ କୌଣସି ତାରିଖ ଦିଆଯାଇନଥିଲା, ଯାହା ଭାଜପା କରିଥିଲା । ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ଯେ ଆଠ ମାର୍ଚ୍ଚ ପରେ ମହିଳାଙ୍କ ଖାତାକୁ ଟଙ୍କା ମିଳିବ । ତାହା କାହିଁକି ହୋଇନାହିଁ ବୋଲି ସେ ଅଭିଯୋଗ କରିଥିଲେ । ବୋଧହୁଏ ଆମ୍ ଆଦମୀ ପାର୍ଟିରେ ଥିବା ଗଣିତଜ୍ଞମାନେ ହିଁ କହି ପାରିବେ ଚାରିଦିନ ବଡ଼ ନା ଦେଢ଼ ବର୍ଷ ବଡ଼ । ସେ ଯା ହେଉ ଆଠ ମାର୍ଚ୍ଚ ପରେ ଏହି ବିଷୟର ସଫଳ ରୂପାୟନ ପାଇଁ ଚାରିଜଣିଆ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଛି ଏବଂ କେମିତି ସୁରୁଖୁରୁରେ ଏହି କାର୍ଯ୍ୟ ହୋଇ ପାରିବ ତାହା ଦେଖାଯାଉଛି । ହେଲେ ଅନ୍ୟ କୌଣସି ମାମଲାରେ ଭାଜପାକୁ ଘେରିବାକୁ ଅସମର୍ଥ ଆମ୍ ଆଦମୀ ପାର୍ଟି କେବଳ ମହିଳାଙ୍କୁ ମାସିକ ଅଢ଼େଇ ହଜାର କେବେ ଦିଆଯିବ ବୋଲି କହି ବାରମ୍ବାର ଗଣମାଧ୍ୟମରେ ବୟାନ ଦେଇ ଆସୁଛନ୍ତି । ଆଶ୍ଚର୍ଯ୍ୟ ଲାଗୁଛି, ଯେଉଁଦିନ ମହିଳାମାନଙ୍କୁ ସତରେ ଟଙ୍କା ମିଳିବା ଆରମ୍ଭ ହୋଇଯିବ ତା ପରେ ଆମ୍ ଆଦମୀ ପାର୍ଟି କଣ କରିବ ?

ତେଣେ ଯମୁନା ନଦୀକୁ ସଫା କରିବା କାର୍ଯ୍ୟ ଜାରୀ ରହିଛି । ଶୁଣାଯାଉଛି ଅନେକ ହଜାର ଟନର ମଇଳା ଯମୁନା ପାଣିରୁ ବାହାର କରାଯାଇ ସାରିଲାଣି । ଏବଂ ଭାଜପା ଦ୍ୱାରା ଘୋଷଣା କରାଯାଇଛି ଯେ ଯମୁନା ନଦୀରେ ଖୁବ୍ ଶୀଘ୍ର ନୌକାବିହାର ପାଇଁ ପ୍ରକଳ୍ପ ଆରମ୍ଭ କରାଯିବ । ଏଥିପାଇଁ ନଦୀରେ ଫେରୀ ସେବା ଆରମ୍ଭ ହେବ । ଏହାଫଳରେ ଲୋକମାନେ ସନ୍ଧ୍ୟାରେ ନଦୀରେ ବଡ଼ ବଡ଼ ଫେରିରେ ବସି ଚିତ୍ତ ବିନୋଦନ କରି ପାରିବେ । ଆଖିଦୃଶିଆ ପରିବର୍ତ୍ତନର ଆବଶ୍ୟକତା ରହିଛି । ନହେଲେ ଦଶବର୍ଷରେ ଦିଲ୍ଲୀରେ ଯେଉଁଭଳି ବ୍ୟାପକ ମାତ୍ରାରେ ଭ୍ରଷ୍ଟାଚାର ହୋଇଥିଲା ତାହାକୁ ଉଜାଗର କରି ହେବ ନାହିଁ । ବ୍ୟାପକ ମାତ୍ରାରେ ଅର୍ଥ ହେରଫେର୍ ମାମଲାରେ ଆମ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଦମୀ ପାର୍ଟି ସଂଯୋଜକ ଅରବିନ୍ଦ କେଜରିବାଲଙ୍କ ଉପରେ ମାମଲା ରୁଜୁ କରିବା ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇ ସାରିଲେଣି । ଆଗାମୀ ଦିନରେ କେଜରିବାଲଙ୍କ ସମସ୍ୟା ଅଧିକ ଗୁରୁତର ହେବ ଏଥିରେ ସନ୍ଦେହ ନାହିଁ ।

ଆଉ ନାହାନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି । ଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି । କିଛିଦିନ ହେଲା ସେ ଲିଭର ସିରୋସିସ୍ ରୋଗରେ ପୀଡିତ ଥିଲେ । ୬୬ବର୍ଷ ବୟସରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ।

ଭେଟେରାନ ଅଭିନେତା ଉତ୍ତମ ମହାନ୍ତି କିଛିଦିନ ତଳେ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେ ଆଇସିୟୁରେ ଚିକିତ୍ସିତ ହେଉଥିଲେ । ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯିବା ପରେ ଦିଲ୍ଲୀର ମେଦାନ୍ତ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି ।

୭୦ ଦଶକରେ ନିଜ ଅଭିନୟ ମାଧ୍ୟମରେ ଘରେ ଘରେ ପରିଚୟ ସୃଷ୍ଟି କରିଥିଲେ ଉତ୍ତମ ମହାନ୍ତି । ୧୯୭୭ରେ ପ୍ରଥମ ସିନେମା 'ଅଭିମାନ'ରୁ କ୍ୟାରିୟର ଆରମ୍ଭ କରିଥିଲେ ସେ। ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ସିନେମାରେ ଅଭିନୟ କରିଥିଲେ ଉତ୍ତମ । ଏପରି କି ନିଖୁଣ ଅଭିନୟ ଲାଗି ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ଜୟଦେବ ପୁରସ୍କାର ଭଳି ଅନେକ ପୁରସ୍କାର ପାଇଥିଲେ ।

ମୟୂରଭଞ୍ଜ ଜିଲାର ବାରିପଦାଠାରେ ଜନ୍ମ ହୋଇଥିଲେ ଉତ୍ତମ ମହାନ୍ତି । ସେ ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିନେତ୍ରୀ ଅପରାଜିତାଙ୍କୁ ସେ ବିବାହ କରିଥିଲେ । ତାଙ୍କ ପୁଅ ବାବୁସାନ ମଧ୍ୟ ଜଣେ ଆଗଧାଡିର ଅଭିନେତା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ପାକିସ୍ତାନର ବେଲୁଚିସ୍ତାନରେ ବାଲୁଚ ଲିବରେଶନ ଆର୍ମି (BLA) ଜାଫର ଏକ୍ସପ୍ରେସକୁ ଅପହରଣ କରିଛି । କେବଳ ଏତିକି ନୁହେଁ, ବାଲୁଚ ସେନା ଟ୍ରେନ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ବନ୍ଧକ ରଖିଛି । ବାଲୁଚ ଲିବରେଶନ ଆର୍ମି ସୋସିଆଲ ମିଡିଆରେ ଟ୍ରେନ ଅପହରଣ ସମ୍ପର୍କରେ ସୂଚନା ଦେଇଛି ।

ଶହେ ଯାତ୍ରୀଙ୍କ ମଧ୍ୟରେ ଅନେକ ସେନା ଅଧିକାରୀ ଥିବା ସୂଚନା ମିଳିଛି । ଅପହରଣ ପାଇଁ ନିଜକୁ ଦାୟୀ କରିଛି ବେଲୁଚିସ୍ତାନ ଲିବରେଶନ ଆର୍ମି । ଟ୍ରେନଟି କ୍ୱେଟାରୁ ପେଶାୱର ଯାଉଥିବା ବେଳେ ଅପହରଣ ହୋଇଛି ।

ବାଲୁଚ ଲିବରେଶନ ଆର୍ମି ସୋସିଆଲ ମିଡିଆରେ ଏକ ବିବୃତ୍ତି ଜାରି କରି କହିଛି ଯେ, ଏହି ଅପରେଶନ ମଶକାଫ, ଧାଦର, ବୋଲାନରେ କରାଯାଇଥିଲା । ଯେଉଁଠାରେ ତାଙ୍କ ଯୋଦ୍ଧାମାନେ ରେଳ ଟ୍ରାକକୁ ଉଡ଼ାଇ ଦେଇଛନ୍ତି । ଏହି କାରଣରୁ ଜାଫର ଏକ୍ସପ୍ରେସକୁ ଅଟକିବାକୁ ପଡିଲା । ଏହା ପରେ ଟ୍ରେନକୁ ନିୟନ୍ତ୍ରଣକୁ ନିଆଯାଇଛି ଏବଂ ସମସ୍ତ ଯାତ୍ରୀଙ୍କୁ ବନ୍ଧକ କରାଯାଇଛି । BLA ଧମକ ଦେଇଛି ଯେ ଯଦି ପାକିସ୍ତାନୀ ସେନା କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଚେଷ୍ଟା କରେ, ତେବେ ପରିଣାମ ଗମ୍ଭୀର ହେବ ଏବଂ ସମସ୍ତ ବନ୍ଧକଙ୍କୁ ହତ୍ୟା କରାଯିବ । ଏହି ହତ୍ୟାକାଣ୍ଡଗୁଡ଼ିକର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ସେନାର ରହିବ ।

ପାକିସ୍ତାନ ଟ୍ରେନ୍ ଅପହରଣ କାହାଣୀ ଶେଷ: ୩୪୬ ବନ୍ଧକ ମୁକ୍ତ, ୨୮ ସୈନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିହତ । ପାକିସ୍ତାନ ସେନା ବୁଧବାର ବେଲୁଚିସ୍ତାନ ପ୍ରଦେଶରେ ଆତଙ୍କବାଦୀଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସମସ୍ତ ଟ୍ରେନ୍ ଯାତ୍ରୀଙ୍କୁ ସଫଳତାର ସହ ମୁକ୍ତ କରିଥିବା ସେନା ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଏହି ଅପରେଶନରେ ଅତି କମରେ ୩୩ ଆତଙ୍କବାଦୀ ନିହତ ହୋଇଥିଲେ, ଯେତେବେଳେ ୨୭ ଅଣ-କାର୍ଯ୍ୟରତ ସୈନିକ ଏବଂ ଜଣେ ସେନା କର୍ମଚାରୀ ଘେରାବନ୍ଦୀରେ ପ୍ରାଣ ହରାଇଥିଲେ ।

"ଅପରେସନ ସମୟରେ ୩୪୬ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା ଏବଂ ୩୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ," ଜଣେ ସେନା ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ।

ପ୍ରାୟ ୪୦୦ ଯାତ୍ରୀଙ୍କୁ ନେଇ ଜାଫର ଏକ୍ସପ୍ରେସ କ୍ୱେଟାରୁ ପେଶାୱର ଯାଉଥିବା ବେଳେ ଆତଙ୍କବାଦୀମାନେ ବିସ୍ଫୋରକ ବ୍ୟବହାର କରି ଲାଇନଚ୍ୟୁତ ହୋଇଥିବା ଟ୍ରେନକୁ କବଜା କରିଥିଲେ । କ୍ୱେଟାରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ଗୁଡାଲାର ଏବଂ ପିରୁ କୁନରିର ପର୍ବତମୟ ଅଞ୍ଚଳ ନିକଟରେ ଏହି ଆକ୍ରମଣ ଘଟିଥିଲା । ବାଲୁଚ୍ ଲିବରେସନ୍ ଆର୍ମି (BLA) ଅପହରଣ ପାଇଁ ଦାୟୀ, ଯାହା ଗୋଷ୍ଠୀ ଦ୍ୱାରା ଏକ ଯାତ୍ରୀବାହୀ ଟ୍ରେନ୍ ସହିତ ଜଡିତ ପ୍ରଥମ ଘଟଣା ।

ସେନା ଅଧିକାରୀଙ୍କ ଅନୁଯାୟୀ, ରେସ୍କ୍ୟୁ ଅପରେସନ ଅତ୍ୟନ୍ତ ସତର୍କତାର ସହିତ କରାଯାଇଥିଲା, କାରଣ ଆତଙ୍କବାଦୀମାନେ ମହିଳା ଏବଂ ପିଲାମାନଙ୍କୁ ମାନବ ଢାଲ ଭାବରେ ବ୍ୟବହାର କରିଥିଲେ । ସାମରିକ ଅଭିଯାନର ଶେଷ ପର୍ଯ୍ୟାୟରେ ବଳକା ବନ୍ଧକମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପୂର୍ବରୁ ପ୍ରଥମେ ୧୯୦ ରୁ ଅଧିକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା । କିଛି ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠା ଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଭ୍ୟନ୍ତରୀଣ ରାଜ୍ୟମନ୍ତ୍ରୀ ତଲାଲ୍ ଚୌଧୁରୀ କହିଛନ୍ତି ଯେ ଆକ୍ରମଣରେ ପ୍ରାୟ ୭୦ ରୁ ୮୦ ଆତଙ୍କବାଦୀ ସାମିଲ ଥିଲେ । ସେ ଭୁଲ ସୂଚନା ବିରୁଦ୍ଧରେ ମଧ୍ୟ ଚେତାବନୀ ଦେଇଥିଲେ, ସ୍ପଷ୍ଟ କରିଥିଲେ ଯେ ଅଞ୍ଚଳରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକ ନକଲି ଥିଲା ।

ବିଦେଶୀ ମହିଳାଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଟାଟୁ କରି ଜଣେ ଆର୍ଟିଷ୍ଟ ଅଡୁଆରେ ପଡ଼ିଛନ୍ତି । ଭୁବନେଶ୍ୱର ଶହୀଦନଗର ଥାନାରେ ରକି ଟାଟୁଜ୍ ଷ୍ଟୁଡିଓର ମାଲିକ ରକି ରଞ୍ଜନ ବିଶୋଇଙ୍କ ବିରୋଧରେ ରବିବାର କେତେଜଣ ସାମାଜିକ କର୍ମୀ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଜଗନ୍ନାଥ ସଂସ୍କୃତିକୁ ରକି ଅପମାନିତ କରିଥିବାରୁ ତାଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରାଯାଇଛି । ପୋଲିସ ଏହି ଘଟଣା ସଂକ୍ରାନ୍ତରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

ଶହୀଦନଗରରେ ଥିବା ରକିଙ୍କ ଷ୍ଟୁଡିଓ ପକ୍ଷରୁ ଜଣେ ମହିଳାଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଟାଟୁ କରାଯିବା ସହ ଉକ୍ତ ଫଟୋକୁ ଇନ୍‌ଷ୍ଟାଗ୍ରାମ ଓ ହ୍ୱାଟ୍‌ସଆପ୍‌ରେ ଶେୟାର କରାଯାଇଥିଲା । ଏହାପରେ ଘଟଣା ପଦାକୁ ଆସିଥିଲା । ଏହା ହିନ୍ଦୁ ଧର୍ମୀୟ ଭାବନାରେ କୁଠାରାଘାତ ସହ ଜଗନ୍ନାଥଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗକାରୀ ସାଗର କୁମାର ସାହୁ, ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ କହିଛନ୍ତି । ଜଗନ୍ନାଥ କ'ଣ ତାଙ୍କର ପୈତୃକ ସମ୍ପତ୍ତି କି ବୋଲି ବିନ୍ଦୁଜା ପ୍ରଶ୍ନ କରିବା ସହ ଏହାକୁ ଅଭଦ୍ର ଆଚରଣ ବୋଲି ଅଭିହିତ କରିଛନ୍ତି । ଏପରିକି ଟାଟୁ ଆର୍ଟିଷ୍ଟଙ୍କୁ ଗିରଫ କରିବାକୁ ସେ କମିଶନରେଟ୍ ପୋଲିସକୁ ନିବେଦନ କରିଛନ୍ତି । ଅପରପକ୍ଷରେ ରକି ରଞ୍ଜନ ନିଜ ଇନ୍‌ଷ୍ଟାଗ୍ରାମରେ ଭିଡିଓ ଶେୟାର କରି ଏହି କାମକୁ ଭୁଲ୍ ଦର୍ଶାଇବା ସହ କ୍ଷମା ପ୍ରାର୍ଥନା କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଟାଲୀର ଯୁବତୀ ଜଣକ ଶନିବାର ଷ୍ଟୁଡିଓକୁ ଆସି ଜଙ୍ଘରେ ଟାଟୁ କରିବାକୁ ଅନୁରୋଧ କରିବାରୁ ଜଣେ ଆର୍ଟିଷ୍ଟ ତାହା କରି ଦେଇଥିଲେ । ଏଥିପାଇଁ ଷ୍ଟୁଡିଓ ଏବଂ ଆର୍ଟିଷ୍ଟଙ୍କ ପକ୍ଷରୁ ରକି ସମସ୍ତଙ୍କୁ କ୍ଷମା ମାଗିଛନ୍ତି । ଉକ୍ତ ଟାଟୁ କରିଥିବା ଯୁବତୀଙ୍କୁ ସେ ଯୋଗାଯୋଗ କରିଛନ୍ତି । ବର୍ତ୍ତମାନ ଉକ୍ତ ଟାଟୁକୁ ଲିଭାଗଲେ ସଂକ୍ରମଣ ହୋଇଯିବାର ଆଶଙ୍କା ରହିଛି । ଯୁବତୀ ଜଣକ ୨୫ ଦିନ କିମ୍ବା ମାସେ ପରେ ଏଠାକୁ ଆସି ଟାଟୁକୁ ଲିଭାଇବେ କିମ୍ବା ତାହା ପରିବର୍ତ୍ତେ ସେହି ସ୍ଥାନରେ ଆଉ କିଛି ଆର୍ଟ କରିବେ ବୋଲି ସେ ଜଣାଇଥିବା ରକି କହିଛନ୍ତି ।

ମହାଶିବରାତ୍ରି ପାଇଁ ଲିଙ୍ଗରାଜ ପୀଠ ଚଳଚଞ୍ଚଳ ଥିବା ବେଳେ ମହାଦୀପ ଉଠିବା ସମୟରେ ଘଟିଛି ଅଘଟଣ।  ମନ୍ଦିର ଚୂଡ଼ାକୁ ଚଢୁଥିବା ବେଳେ ସେବାୟତ ଖସିପଡିଥିବା ସୂଚନା ମିଳିଛି । ଖସିପଡ଼ି ସେବାୟତ ଆହତ ହୋଇଛନ୍ତି । ପ୍ରତିବର୍ଷ ମହାଶିବରାତ୍ରୀ ସମୟରେ ଲିଙ୍ଗରାଜ ମନ୍ଦିର ଚୁଡ଼ାରେ ଦୀପ ଲଗାଇବା ପାଇଁ ନିର୍ଦ୍ଧାରିତ ସେବାୟତ ଦୀପକୁ ନେଇ ମନ୍ଦିରର ପାର୍ଶ୍ୱରେ ଥିବା ଶିଳା ଉପରେ ପାଦ ଦେଇ ଉପରକୁ ଉଠିଥିବା ବେଳେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ ।

ଏହି ଘଟଣା ପରେ କିଛି ସାମାଜିକ ମିଡ଼ିଆ ପୋଷ୍ଟରେ ଏହା ଓଡ଼ିଶା ପାଇଁ ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ ବୋଲି କୁହାଯାଇଥିଲା ।

ଚଳିତ ବର୍ଷ ଦେଶର ଅନେକ ଅଞ୍ଚଳରେ ହୋଲିକୁ ନେଇ ବିବାଦ ଦେଖା ଦେଇଛି । ସର୍ବଭାରତୀୟ ସ୍ତରରେ ହୋଲି ପର୍ବ ଶୁକ୍ରବାର ଦିନ ପାଳିତ ହେଉଛି । ଶୁକ୍ରବାର ଦିନକୁ ପବିତ୍ର ଦିନ ବୋଲି ଅନ୍ୟ ଧର୍ମାବଲମ୍ବୀମାନେ ମାନିଥାନ୍ତି ଏବଂ ନିଜ ନିଜ ପ୍ରାର୍ଥନା ସ୍ଥଳୀମାନଙ୍କରେ ଏକତ୍ରିତ ହୋଇଥାନ୍ତି । ସେଇଦିନ ହୋଲି ଖେଳୁଥିବା ସମୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ଉପରେ ରଙ୍ଗ ପଡ଼ିପାରେ । କିମ୍ବା ସେମାନଙ୍କ ପ୍ରାର୍ଥନାଗୃହ ଉପରେ ରଙ୍ଗ ପଡ଼ିବା ସମ୍ଭାବନାକୁ ଆଖି ଆଗରେ ରଖି ହୋଲି ସମୟରେ ଅସ୍ଥିରତା ଦେଖା ଦେଇପାରେ ବୋଲି କୁହାଯାଉଛି । ଉତ୍ତର୍ ପ୍ରଦେଶର ଅନେକ ସ୍ଥାନରେ ମସଜିଦ ମାନଙ୍କୁ ଜରି ଘୋଡ଼ାଇ ଦିଆଯାଇଛି । କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେଉ ବୋଲି ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ।

ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ ହେଉଛି ହୋଲି । ସମଗ୍ର ଦେଶ ସମେତ ବିଦେଶରେ ମଧ୍ୟ ହୋଲି ପର୍ବ ବହୁ ଆଡ଼ମ୍ବରରେ ପାଳିତ ହୋଇଥାଏ । କିନ୍ତୁ ଆମ ଦେଶର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ପର୍ବ ଆଢୁଆଳରେ ସାମାଜିକ ସୌହାର୍ଦ୍ଦ୍ୟକୁ ଅସ୍ଥିର କରିବାକୁ ପ୍ରଚେଷ୍ଟା କରୁଛନ୍ତି । ମସ୍‌ଜିଦ ମାନଙ୍କ ଉପରେ ପାଲ ଓ ଜରି ଦେଇ ଘୋଡ଼ାଇ ରଖିବାର ଛବି ବିଶ୍ୱସ୍ତରରେ ଭାରତର ଚରିତ୍ରକୁ ଅପମାନିକ କରୁନାହିଁ କି ? ବର୍ଷର ମାତ୍ର ଗୋଟିଏ ଦିନ ଏକ ଅତି ପ୍ରସିଦ୍ଧ୍ ତଥା ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପାଳିତ ହେଉଥିବା ପର୍ବ ପାଇଁ ଅସହିଷ୍ଣୁ ହେବା କଣ ଉଚିତ ? ସାମାଜିକ ଗଣମାଧ୍ୟମରେ ଯେଉଁ ଛବି ସବୁ ବର୍ତ୍ତମାନ ପ୍ରସାରିତ ହେଉଛି ତାହା ଦେଖିବା ପରେ ବୈଦେଶିକ ଗଣମାଧ୍ୟମ ଭାରତ ବିରୋଧୀ ପ୍ରଚାରରେ ଲାଗି ପଡ଼ିଛନ୍ତି । କିଭଳି ଭାରତର ସଂଖ୍ୟାଗରିଷ୍ଠ ସମାଜ ସଂଖ୍ୟାଲଘୁ ବର୍ଗଙ୍କୁ ଅସୁବିଧାରେ ପକାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି । ଏହିଭଳି ଜାଣିଶୁଣି କରା ଯାଉନାହିଁ ତ ? ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରିବାର ଚେଷ୍ଟା ହେଉନାହିଁ ତ ?

ବିଗତ ମାସରେ ଆମେରିକା ଗସ୍ତରେ ଯାଇଥିବା ବେଳେ ୟୁକ୍ରେନର ରାଷ୍ଟ୍ରପତି ଜେଲେନ୍‌ସ୍କି ଓ ଆମେରିକୀୟ ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା ଏକ ସାକ୍ଷାତ କାର୍ଯ୍ୟକ୍ରମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଦେଶରେ ତେଣେ ଆପଦକାଳୀନ ପରିସ୍ଥିତି ସୃଷ୍ଟି ହେବା ସହ ଦେଶର ଅନେକ ଅଞ୍ଚଳ ସମ୍ପୂର୍ଣ୍ଣଭାବେ ଧ୍ୱସ୍ତ ହୋଇ ସାରିଥିବା ବେଳେ ରାଷ୍ଟ୍ରପତି ଜେଲେନ୍‌ସ୍କି ଅତି ଦମ୍ଭର ସହ ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଲାଗିଥିଲେ । ଏହା ବିରୋଧରେ ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କୁ ଜଣାଇଥିଲେ ଯେ ସେ ଜଣେ ବିଫଳ ରାଜନେତା । ସେ ନିଜ ଦେଶକୁ ଧ୍ୱଂସ ଆଡ଼କୁ ଟାଣି ନେଉଥିବା ବେଳେ ସମଗ୍ର ବିଶ୍ୱ ଉପରେ ତୃତୀୟ ବିଶ୍ୱଯୁଦ୍ଧର ସଂକଟ ସୃଷ୍ଟି କରୁଛନ୍ତି । ଏହି ସାକ୍ଷାତକାର ସମୟରେ ୟୁକ୍ରେନର ପ୍ରତିନିଧିମଣ୍ଡଳ ନିଜ ରାଷ୍ଟ୍ରପତିଙ୍କ ବାହାସ୍ଫୋଟ ମାରିବା ଭଳି କଥା ଶୁଣି ନିଜ ମୁଣ୍ଡରେ ହାତ ଦେଇଥିବା ଦେଖାଯାଇଥିଲା । ଅପରପକ୍ଷରେ ଆମେରିକା ପକ୍ଷରୁ ଯୁକ୍ତି ଉପସ୍ଥାପନା କରୁଥିବା ଅଧିକାରୀ ଜେଲେନ୍‌ସ୍କିଙ୍କୁ ନିରୁତ୍ତର କରି ଦେଉଥିବା ଦେଖା ଯାଇଥିଲା ।

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ଧାନଚେଙ୍ଗେଡ଼ା ଗାଆଁରେ ୨ ନାବାଳକ ଭାଇଙ୍କୁ ବାପା ଓ ଜେଜେମା ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି । ବାପା ହତ୍ୟା କରିଥିବା ବେଳେ ଜେଜେମା ଏଥିରେ ସହଯୋଗ କରିଥିଲେ । ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ବାପା ଓ ଜେଜେମାଙ୍କ ଉଦ୍ୟମ ବିଫଳ ହୋଇଛି । ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି ।

ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତକଙ୍କ ବାପା, ଜେଜେମା ଓ ୨ ପଡୋଶୀ ଦମ୍ପତିଙ୍କ ସହ ୭ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ତଦନ୍ତରୁ ବାପା ଓ ଜେଜେମା ହତ୍ୟାକାରୀ ବୋଲି ପ୍ରାଥମିକ ତଦନ୍ତରୁ ସ୍ୱଷ୍ଟ ହୋଇଥିବା ପୋଲିସ କହିଛି । ଗତ ସୋମବାର ସକାଳେ ୨ ମୃତଦେହ ଧାନଚେଙ୍ଗେଡା ଗାଁ ପ୍ରକାଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାନ୍ତିଙ୍କ ଘରର ଶିଡି ରେଲିଂରେ ଝୁଲୁଥିଲା । ପଡୋଶୀ ଦମ୍ପତି ଉକ୍ତ ନାବାଳକ ଆକାଶ ମହାନ୍ତି(୧୪) ଓ ତାଙ୍କସାନ ଭାଇ ଆଦିତ୍ୟ(୯)ଙ୍କ ମୃତଦେହକୁ ଶିଡି ରେଲିଂରୁ ଉଦ୍ଧାର କରି ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିଥିଲେ । ୨ ପୁଅଙ୍କୁ ହତ୍ୟା କରାଯିବା ନେଇ ଅଜା ଘର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି ।

ରାଜ୍ୟରେ ଦିନକୁ ଦିନ ବାଲାଂଦେଶୀ ଅନୁପ୍ରବେଶକାରୀ ବଢୁଛନ୍ତି । ଖାଲି ଯେ ସେମାନଙ୍କ ସଂଖ୍ୟା ବଢୁଛି ତାହା ନୁହେଁ, ସେମାନେ ରାଜ୍ୟରେ ବିଭିନ୍ନ ପ୍ରକାର ଅପରାଧିକ ମାମଲା ଘଟାଉଛନ୍ତି । ଅଦ୍ୟାବଧି ରାଜ୍ୟର ୩୭୩୮ ଜଣ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଦର୍ଶାଇଛନ୍ତି ।

ସୋମବାର ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମାଝୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ାରେ ସର୍ବାଧିକ ୧୬୪୯ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଜଗତସିଂପୁରରେ ୧୧୧୨ ଜଣ ଚିହ୍ନଟ ହୋଇଥିବାବେଳେ ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬ ଏବଂ ଭୁବନେଶ୍ୱରରେ ୧୭ ଜଣ ବସବାସ କରୁଛନ୍ତି । ସରକାର ପ୍ରତି ଜିଲ୍ଲାରେ ତହସିଲ, ବ୍ଲକ ଏବଂ ପୁଲିସ୍ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରି ଓଡ଼ିଶାରେ ବେଆଇନ ଭାବେ ବସବାସ କରୁଥିବା ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ପଦକ୍ଷେପ ଉଠାଇଛନ୍ତି । ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଏସଂକ୍ରାନ୍ତରେ ନିର୍ଦ୍ଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଦାନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ୪୧ ଜଣ ବାଲାଂଦେଶୀ ନାଗରିକଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରହିଛି । ବାଲେଶ୍ୱର ଜିଲ୍ଲାରେ ୫ ଜଣ ବାଲାଂଦେଶୀ ନାଗରିକ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି । ଉକ୍ତ ମାମଲାଗୁଡିକ ବର୍ତ୍ତମାନ ଅଦାଲତରେ ବିଚାରାଧନ ରହିଛି ।

ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ବହୁ ଚର୍ଚ୍ଚିତ ଯୋଡ଼ି ଅନୁଭବ ମହାନ୍ତି-ଜାଗୃତି ଶୁକ୍ଲା । ଦୀର୍ଘ ଦିନର ବନ୍ଧୁତ୍ୱ ଶେଷରେ ସାତ ଜନ୍ମର ସମ୍ପର୍କରେ ପରିଣତ ହୋଇଛି । ଏହି ବିବାହର ଏକାଧିକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଅନୁଭବଙ୍କ ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଉଛନ୍ତି ।

ଅଭିନୟ ସମୟରେ ପ୍ରେମରେ ପଡ଼ିବା ପରେ ୨୦୧୪ରେ ବର୍ଷା ପ୍ରିୟଦର୍ଶନୀଙ୍କ ହାତ ଧରିଥିଲେ ଅନୁଭବ । ହେଲେ ଏହା ବେଶି ଦିନ ଚାଲିପାରି ନଥିଲା । ଦୀର୍ଘ ବର୍ଷର ଆଇନଗତ ଲଢ଼େଇ ପରେ ୨୦୨୩ରେ ଦୁହେଁ ଅଲଗା ହୋଇଥିଲେ । ଏହା ପରଠାରୁ ଜାଗୃତିଙ୍କ ସହ ଅନୁଭବଙ୍କ ସମ୍ପର୍କ ନେଇ ଚର୍ଚ୍ଚା ହୋଇ ଆସୁଥିଲା । ହେଲେ କେହି ବି ଏନେଇ ମୁହଁ ଖୋଲୁ ନ ଥିଲେ ।

କିଛିଦିନ ତଳେ ଅନୁଭବଙ୍କ ଉପରେ ଜାଗୃତି ଲେଖିଥିବା ବାୟୋପିକ୍ ରିଲିଜ ହୋଇଥିଲା । ସେହି ସମୟରେ ଜାଗୃତି ଅନୁଭବଙ୍କ ସହ ବିବାହକୁ ନେଇ ଇଙ୍ଗିତ କରିଥିଲେ । ଏବେ ବିବାହର ବିଭିନ୍ନ ଉତ୍ସବ ଯେମିତିକି ନିର୍ବନ୍ଧ ପରେ ଦୁହେଁ ବିବାହ କରି ନେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସ ଗସ୍ତରେ ଅଛନ୍ତି । ଏହି ସମୟରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମରିସସର ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କର ସର୍ବୋଚ୍ଚ ସମ୍ମାନ, ଗ୍ରାଣ୍ଡ କମାଣ୍ଡର ଅଫ ଦି ଅର୍ଡର ଅଫ ଦି ଷ୍ଟାର ଆଣ୍ଡ କି ଅଫ ଦି ଇଣ୍ଡିଆନ ଓସେନରେ ସମ୍ମାନିତ କରିବାକୁ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏହି ସମ୍ମାନ ପାଇବାରେ ପ୍ରଥମ ଭାରତୀୟ ।

ଏପର୍ଯ୍ୟନ୍ତ ୨୧ଟି ଦେଶ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେମାନଙ୍କର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ସମ୍ମାନ ମିଳିଛି:

୨୦୧୬ – ସାଉଦି ଆରବ - ରାଜା ଅବଦୁଲଅଜିଜ ସାସ

୨୦୧୬ – ଆଫଗାନିସ୍ତାନ - ଗାଜି ଆମିର ଅମାନୁଲ୍ଲା ଖାନଙ୍କ ରାଜ୍ୟ ଅର୍ଡର

୨୦୧୮ – ପାଲେଷ୍ଟାଇନ - ଗ୍ରାଣ୍ଡ କଲାର ଅଫ ଦ ଷ୍ଟେଟ ଅଫ ଫିଲିସ୍ତିନ

୨୦୧୯ – ସଂଯୁକ୍ତ ଆରବ ଏମିରେଟ୍ସ - ଅର୍ଡର ଅଫ ଜାୟଦ

୨୦୧୯- ରୁଷିଆ - ୨୦୧୯ରେ ଘୋଷିତ, ୨୦୨୪ରେ ପ୍ରଦାନ । ଅର୍ଡର ଅଫ ସେଣ୍ଟ ଆଣ୍ଡ୍ରୁ ଦି ଆପୋଷ୍ଟଲ

୨୦୧୯ – ମାଲଦ୍ୱୀପ - ଅର୍ଡର ଅଫ ଦି ଡିଷ୍ଟିଙ୍ଗୁଇଷ୍ଟ ରୁଲ ଅଫ ନିଶାନ ଇଜ୍ଜୁଦ୍ଦିନ

୨୦୧୯ – ବାହାରିନ - କିଙ୍ଗ ହମାଦ ଅର୍ଡର ଅଫ ଦି ରେନେସାଁ

୨୦୨୦ – ଆମେରିକା - ଲିଜନ ଅଫ ମେରିଟ (ଡିଗ୍ରୀ ଚିଫ କମାଣ୍ଡର)

୨୦୨୧ – ଭୁଟାନ - (୨୦୨୧ରେ ଘୋଷିତ, ୨୦୨୪ରେ ପ୍ରଦାନ) । ଅର୍ଡର ଅଫ ଦି ଡ୍ରୁକ ଗ୍ୟାଲପୋ

୨୦୨୩- ଫିଜି - କମ୍ପାନିୟନ ଅଫ ଦି ଅର୍ଡର ଅଫ ଫିଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨୦୨୩ – ପାପୁଆ ନ୍ୟୁଗିନି - ଗ୍ରାଣ୍ଡ କମ୍ପାନିୟନ ଅଫ ଦି ଅର୍ଡର ଅଫ ଲୋଗୋହୁ

୨୦୨୩ – ପାଲାଉ - ଏବାକାଲ ପୁରସ୍କାର

୨୦୨୩ – ମିଶ୍ର - ଅର୍ଡର ଅଫ ନାଇଲ

୨୦୨୩ ଫ୍ରାନ୍ସ - ଗ୍ରାଣ୍ଡ କ୍ରସ ଅଫ ଦି ଅର୍ଡର ଅଫ ଅନର

୨୦୨୩ – ଗ୍ରୀସ - ଦ ଗ୍ରାଣ୍ଡ କ୍ରସ ଅଫ ଦ ଅର୍ଡର ଅଫ ଅନର

୨୦୨୪ ନାଇଜେରିଆ - ଗ୍ରାଣ୍ଡ କମାଣ୍ଡର ଅଫ ଦି ଅର୍ଡର ଅଫ ନାଇଜର

୨୦୨୪- ଗାଏନା - ଦ ଅର୍ଡର ଅଫ ଏକ୍ସିଲେନ୍ସି

୨୦୨୪ – ଡୋମିନିକା - ଡୋମିନିକା ଆୱାର୍ଡ ଅଫ ଅନର

୨୦୨୪ – ବାରବାଡୋସ - ଅନରାରୀ ଅର୍ଡର ଅଫ ଫ୍ରିଡମ ଅଫ ବାରବାଡୋସ

୨୦୨୪ – କୁଏତ - ଦ ଅର୍ଡର ଅଫ ମୁବାରକ ଅଲ-କବୀର

୨୦୨୫ – ମରିସସ - ଦ ଗ୍ରାଣ୍ଡ କମାଣ୍ଡର ଅଫ ଦି ଅର୍ଡର ଅଫ ଦି ଷ୍ଟାର ଆଣ୍ଡ କି ଅଫ ଦି ଇଣ୍ଡିଆନ ଓସେନର ।

ହୋଲି ପାଇଁ ଗାଇଡ୍‌ଲାଇନ୍ ଜାରି କଲା କମିଶନରେଟ୍ ପୋଲିସ । ମଦ ପିଇ ହୋଲି ଖେଳିଲେ ବନ୍ଧା ହେବେ ବୋଲି ପ୍ରେସ୍‌ମିଟ୍ କରି କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା । ମଦ୍ୟପାନ କରି କୌଣସି ନଦୀ, ପୋଖରୀରେ ଗାଧୋଇବା ଉପରେ ମଧ୍ୟ କଟକଣା ଲଗାଇଛି ପୋଲିସ । ହୋଲି ଦିନ ସହରରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ସବୁ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚାରୀ ରହିବେ । ରାସ୍ତା ଉପରେ ହୋଲି ଖେଳି ଗହଳି କଲେ ମଦୁଆଙ୍କୁ ପିସିଆର ଉଠାଇ ନେବ । ଏଥିସହିତ କେମିକାଲ ରଙ୍ଗରେ ହୋଲି ନ ଖେଳି କେବଳ ହର୍ବାଲ ରଙ୍ଗରେ ହୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେଳିବାକୁ ଅନୁମତି ଦେଇଛି କମିଶନରେଟ୍ ପୋଲିସ ।

ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳନ କରାଯାଏ ପଖାଳ ଦିବସ । ଓଡ଼ିଆଙ୍କ ଏହି ପ୍ରିୟ ଖାଦ୍ୟକୁ ଆହୁରି ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାର ଅତି କମ୍‌ରେ ୨୨ଟି ଦେଶରେ ଥିବା ଓଡ଼ିଆ ସଂଗଠନକୁ ନିବେଦନ କରିଛନ୍ତି ।

ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ସଂଗଠନ 'ଓଡ଼ିଆ ପରିବାର' ଏବଂ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଚିଠି ଲେଖିଛନ୍ତି । ସେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରତିବର୍ଷ ମାର୍ଚ୍ଚ ୨୦ରେ ରାଜ୍ୟବ୍ୟାପୀ ପଖାଳ ଦିବସ ପାଳନ କରାଯାଏ । ଆମେରିକା, ଅଷ୍ଟ୍ରେଲିଆ, ବାହାରିନ, କାନାଡା, ଜର୍ମାନୀ, ଦୁବାଇ, ବେଲଜିୟମ, ଜାପାନ, ମାଲେସିଆ, ଆୟର୍ଲାଣ୍ଡ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ରୁଷିଆ, ଓମାନ, ସିଙ୍ଗାପୁର, ଥାଇଲାଣ୍ଡ, ୟୁନାଇଟେଡ କିଙ୍ଗଡମ, ଆବୁଧାବି, ଓ୍ୱେଷ୍ଟ ଆଫ୍ରିକା, ସାଉଦି ଆରବ ଏବଂ କତାର ଭଳି ଦେଶରେ ଥିବା ଓଡ଼ିଆ ସଂଗଠନର ସଭାପତି ଏବଂ ସଚିବମାନଙ୍କୁ ରାଜ୍ୟ ସରକାର ଚିଠି ପଠାଇ ପଖାଳ ଦିବସ ପାଳନ ପାଇଁ ନିବେଦନ କରିଛନ୍ତି ।

ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପାକିସ୍ତାନୀଙ୍କ ଆମେରିକା ପ୍ରବେଶ ଉପରେ ରୋକ ଲଗାଇବାକୁ ପ୍ରସ୍ତୁତି କରୁଛି । ଆଗାମୀ ଆମେରିକା ଯାତ୍ରା ପ୍ରତିବନ୍ଧକ ତାଲିକାରେ ପାକିସ୍ତାନକୁ ଅରେଞ୍ଜ କାଟାଗୋରୀରେ ରଖାଯାଇପାରେ । ଦେଶଗୁଡ଼ିକ ପ୍ରତି ସୁରକ୍ଷା ଏବଂ ବିପଦ ଯାଞ୍ଚ କରୁଥିବା ସରକାରୀ ସମୀକ୍ଷା ଉପରେ ଏହି ପ୍ରତିବନ୍ଧକ ଲଗାଯାଇଛି । କୁହାଯାଉଛି ଯେ ଆଫଗାନିସ୍ତାନ, ଇରାକ, ଇରାନ ଏବଂ ଲେବାନନ ଭଳି ଦେଶଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗିବାର ସମ୍ଭାବନା ରହିଛି । ଏହା ବ୍ୟତୀତ ଲିବିଆ, ପାଲେଷ୍ଟାଇନ, ସୋମାଲିଆ, ସୁଦାନ, ସିରିଆ ଏବଂ ୟେମେନ ମଧ୍ୟ ନିଷିଦ୍ଧ ତାଲିକାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମିଲ ହେବାର ଆଶଙ୍କା ରହିଛି ।

ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ନାଗରିକମାନଙ୍କୁ ଆମେରିକା ଯାତ୍ରା ପାଇଁ ସମ୍ପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, କିନ୍ତୁ ଆମେରିକା ଭିସା ପାଇଁ ଆବେଦନ କରିବା ସମୟରେ ସେମାନଙ୍କୁ କଡ଼ା ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିପାରେ । ପାକିସ୍ତାନୀ ନାଗରିକଙ୍କ ପାଇଁ ନିର୍ଦ୍ଦିଷ୍ଟ ପ୍ରକାରର ଭିସା ପ୍ରତିବନ୍ଧିତ ହୋଇପାରେ, ନୂତନ ବର୍ଗ ଅଧୀନରେ କେବଳ ବ୍ୟବସାୟ ସମ୍ବନ୍ଧୀୟ ଯାତ୍ରାକୁ ଅନୁମତି ଦିଆଯାଇଛି । ଏହା ଆମେରିକାର ପ୍ରବାସନ ଏବଂ ଯାତ୍ରା ନୀତିରେ ପରିବର୍ତ୍ତନକୁ ସୂଚିତ କରୁଛି, ଯାହା ହଜାର ହଜାର ପାକିସ୍ତାନୀଙ୍କୁ ପ୍ରଭାବିତ କରିପାରେ ।

ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ନେବା ପରଠାରୁ, ଡୋନାଲ୍ଡ ଟ୍ରମ୍ପ ପ୍ରବାସ ନିୟମ ଉପରେ ବହୁତ କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି । ଏହି ସମୟରେ, ତୁର୍କମେନିସ୍ତାନରେ ପାକିସ୍ତାନର ରାଷ୍ଟ୍ରଦୂତଙ୍କୁ ଆମେରିକାରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇନଥିଲା ଏବଂ ତାଙ୍କୁ ଫେରାଇ ଦିଆଯାଇଥିବା ସୂଚନା ମିଳିଛି ।

ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, ବୈଦେଶିକ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ ତୁର୍କମେନିସ୍ତାନରେ ପାକିସ୍ତାନର ରାଷ୍ଟ୍ରଦୂତ କେ.କେ. ଅହସାନ ଭାଗନଙ୍କୁ ଆମେରିକାରୁ ଡିପୋର୍ଟ କରାଯାଇଛି । ପ୍ରବାସନ ସମ୍ବନ୍ଧୀୟ ଆପତ୍ତି ଯୋଗୁ, ଆମେରିକୀୟ କର୍ତ୍ତୃପକ୍ଷ ତାଙ୍କୁ ଦେଶ ଛାଡିବାକୁ କହିଥିଲେ, ଯାହା ପରେ ତାଙ୍କୁ ଫେରାଇ ଦିଆଯାଇଥିଲା ।

ରାଷ୍ଟ୍ରଦୂତ କେ.କେ. ଅହସାନ ଭାଗନଙ୍କ ପାଖରେ ଏକ ବୈଧ ଆମେରିକା ଭିସା ଏବଂ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଥିଲା ଏବଂ ସେ ବ୍ୟକ୍ତିଗତ ଗସ୍ତରେ ଲସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଞ୍ଜେଲସ ଯାଇଥିଲେ ବୋଲି ଜଣାପଡ଼ିଛି । କିନ୍ତୁ ଆମେରିକୀୟ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ବିମାନବନ୍ଦରରେ ଅଟକାଇଲେ ଏବଂ ତା'ପରେ ତାଙ୍କୁ ଦେଶରୁ ବାହାର କରାଯାଇଥିଲା ।

ତଥାପି, ଆମେରିକା ପ୍ରଶାସନର ଏହି ପଦକ୍ଷେପ ପରେ, ଏବେ କୂଟନୈତିକ ପ୍ରୋଟୋକଲ ଉପରେ ପ୍ରଶ୍ନ ଉଠାଯାଉଛି । ଏହି ଘଟଣାକୁ ଗମ୍ଭୀରତାର ସହ ନେଇ, ଆଶା କରାଯାଉଛି ଯେ ପାକିସ୍ତାନ ସରକାର ଖୁବ ଶୀଘ୍ର ରାଷ୍ଟ୍ରଦୂତ ଭଗାନଙ୍କୁ ଇସଲାମାବାଦକୁ ଫେରାଇ ଆଣିପାରନ୍ତି ।

'ପହଲା ନଶା' ଠାରୁ 'ଜାଦୁ ତେରୀ ନଜର' ପର୍ଯ୍ୟନ୍ତ ୪୦ଟି ଭିନ୍ନ ଭିନ୍ନ ଭାଷାରେ ୨୫ହଜାର ଗୀତ ଗାଇଥିବା ଗାୟକ ଉଦିତ ନାରାୟଣ ସମ୍ପ୍ରତି ଚୁମା ବିବାଦ ପାଇଁ ଶିରୋନାମାରେ ଥିଲେ । ଏକ ଭିଡିଓ ଭାଇରାଲ ହୋଇଥିଲା ଯେଉଁଥିରେ ଉଦିତ ନାରାୟଣ ଏକ କନସର୍ଟରେ ଜଣେ ମହିଳା ପ୍ରଶଂସକଙ୍କୁ ଚୁମ୍ବନ ଦେଉଥିବାର ଦେଖାଯାଇଥିଲା । ଭିଡିଓ ଭାଇରାଲ ହେବା ପରେ ଗାୟକଙ୍କୁ ବହୁତ ଟ୍ରୋଲ କରାଯାଇଥିଲା । ଏବେ ୬୯ ବର୍ଷୀୟ ଗାୟକ 'ପିଣ୍ଟୁ କି ପପ୍ପି' ଫିଲ୍ମର ଟ୍ରେଲର ଲଞ୍ଚ ସମୟରେ ନିଜକୁ ଟ୍ରୋଲ କରିଛନ୍ତି । ସେ 'ଉଦିତ କି ପପି...' ଅର୍ଥାତ୍ ତାଙ୍କର ଚୁମ୍ବନ ବିବାଦ ଉପରେ ତାଙ୍କର ନୀରବତା ଭାଙ୍ଗିଛନ୍ତି ।

କାର୍ଯ୍ୟକ୍ରମରେ ନୃତ୍ୟ ନିର୍ଦ୍ଦେଶକ ଗଣେଶ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ । ଉଦିତ ଫିଲ୍ମର ଶୀର୍ଷକ ବିଷୟରେ ମଜା କରି କହିଥିଲେ, 'ତୁମର ଏକ ସୁନ୍ଦର ଶୀର୍ଷକ ଅଛି, ପିଣ୍ଟୁ କି ପପି... ଏବଂ ଏହା କ'ଣ ଉଦିତ କି ପପି ନୁହେଁ ?'

ଉଦିତ ନାରାୟଣ ମଧ୍ୟ ଚୁମା ବିବାଦ ଉପରେ ନିଜର ନୀରବତା ଭାଙ୍ଗିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାୟକ କହିଲେ, 'ଏହା ମଧ୍ୟ ଏକ ସଂଯୋଗ ଯେ ଏହାକୁ ଏବେ ମୁକ୍ତିଲାଭ କରିବାକୁ ପଡ଼ିଲା... ମୁଁ କହିବାକୁ ଚାହୁଁଛି ସଙ୍ଗୀତ ଅର୍ଥାତ୍ ଏହି ସଙ୍ଗୀତ ଏହି କଣ୍ଟ୍ରୋଭର୍ସି ସମୟରେ ରିଲିଜ ହେବାର ଥିଲା ।' କଥା ହେଉଛି, ଆପଣ ଏବେ ଯେଉଁ ଭିଡିଓ ଦେଖୁଛନ୍ତି ତାହା ଅଷ୍ଟ୍ରେଲିଆର, ଯାହା ୨ ବର୍ଷ ପୂର୍ବର ।

ସୂଚନାଯୋଗ୍ୟ, ତାଙ୍କ ଲାଇଭ ପରଫରମାନ୍ସର ଏକ କ୍ଲିପ ଭାଇରାଲ ହେବା ପରେ ଗାୟକଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା । ଫୁଟେଜରେ, ଉଦିତ ଜଣେ ମହିଳାଙ୍କ ଗାଲରେ ଏବଂ ପରେ ଅନ୍ୟ ଜଣେ ମହିଳାଙ୍କୁ ଓଠରେ ଚୁମ୍ବନ ଦେଉଥିବାର ଦେଖାଯାଇଥିଲା, ଯାହା ମହିଳାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଏହି ଘଟଣା ସୋସିଆଲ ମିଡିଆରେ ଏକ ବିତର୍କ ସୃଷ୍ଟି କରିଥିଲା, ଅନେକ ଲୋକ ତାଙ୍କ ଆଚରଣକୁ ସମାଲୋଚନା କରିଥିଲେ ।

କୋଶଲ ପ୍ରସଙ୍ଗ ଉପରେ ଦେଇଥିବା ବୟାନକୁ ନେଇ ମଙ୍ଗଳବାର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁହଁ ଖୋଲିଛନ୍ତି । ମୁଁ ସ୍ୱଷ୍ଟ କରୁଛି ଯେ, ସୁପ୍ରିମକୋର୍ଟ କହିଛନ୍ତି ରାଜ୍ୟ ସଙ୍ଗୀତ ନାହିଁ । ଏପରିକି ରାଜ୍ୟ ସଙ୍ଗୀତ, ରାଜ୍ୟ ପତାକା ରହିପାରିବ ନାହିଁ । କେନ୍ଦ୍ରର ଗୋଟିଏ ଜାତୀୟ ସଙ୍ଗୀତ, ଗୋଟିଏ ଜାତୀୟ ପତାକା । ଉତ୍କଳ, କଳିଙ୍ଗ, କୋଶଳ ମିଶି ଓଡ଼ିଶା ହୋଇଛି ବୋଲି ଜୟନାରାୟଣ କହିଛନ୍ତି । ବନ୍ଦେ ଉତ୍କଳ ଜନନୀରେ କେବଳ ଉତ୍କଳର ପ୍ରଶଂସା ରହିଛି । ବନ୍ଦେ ଓଡ଼ିଶା ଜନନୀ ହେଲେ ମୋର ଆପତ୍ତି ନାହିଁ । ସମସ୍ତ ଅଞ୍ଚଳର ବିକାଶ ହେଲେ ଓଡ଼ିଶାର ବିକାଶ ହେବ ବୋଲି ଗଣମାଧ୍ୟମ ଆଗରେ ସମ୍ବଲପୁର ବିଧାୟକ ଜୟନାରାୟଣ କହିଛନ୍ତି ।

ସୂଚନା ଯୋଗ୍ୟ, ଗତ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଜନାରେ ମହିଳାଙ୍କୁ ଦ୍ୱିତୀୟ କିସ୍ତି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଅଡିଟୋରିୟମରେ ଆୟୋଜନ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ ।

ଜୟନାରାୟଣ ଭାଷଣରେ ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରୁଥିବା ଏବଂ ଏଠାକାର ଭାଷା ସଂସ୍କୃତିକୁ ଦବେଇ ଦେବାର ଷଡଯନ୍ତ୍ର କରୁଥିବା ନେଇ ଗମ୍ଭୀର ଅଭିଯୋଗ ଅଣିଥିଲେ ।

ଏପରିକି ଭାଷଣରେ କହିଥିଲେ, ସମ୍ବଲପୁରର ଲୋକମାନଙ୍କୁ ଜାଣି ରଖିବା କଥା ଉତ୍କଳ କହିଲେ କଟକ, ପୁରୀ, ବଲେଶ୍ୱର । ଉତ୍କଳ, କଳିଙ୍ଗ, କୋଶଳ ମିଶି ଓଡ଼ିଶା ଗଠନ ହୋଇଛି । କେବଳ ଉତ୍କଳର ଜୟଗାନ ଗାଇବ, ବାକି କୋଶଳ ଏବଂ କଳିଙ୍ଗର ସମ୍ମାନ କିଛି ନାହିଁ । ଆମର ଅର୍ଥ, ଜଙ୍ଗଲ, ପାଣି, ଚାଷା, ଚାକିରି ସବୁଥିରେ ଶୋଷଣ କଲ । ତା' ସହିତ ଆଜି ତୁମେ ସାଂସ୍କୃତିକ ଭାବେ ମଧ୍ୟ ଆମକୁ ଶୋଷଣ କରିବାକୁ ଚାହୁଁଛ ବୋଲି କହିଥିଲେ । ପୂର୍ବରୁ ମଧ୍ୟ ସେ ବିରୋଧୀ ଦଳରେ ଥିବା ସମୟରେ ଓଡ଼ିଶା ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା କଥା କହି ଆସୁଥିଲେ ।

ଅନ୍ୟପକ୍ଷେ କୋଶଲ ପ୍ରସଙ୍ଗରେ ସମ୍ବଲପୁର ବିଧାୟକ ଜୟନାରାୟଣଙ୍କ ବୟାନ ଦେବା ପରେ କୋଶଲ ଆନ୍ଦୋଳନ ତେଜି ଉଠିଛି । ସୋମବାର ସନ୍ଧ୍ୟାରେ କୋଶଲ ସେନାର ସଂଗ୍ରାମୀମାନେ ବରଗଡ଼ ଗାନ୍ଧୀଛକରେ ସମବେତ ହୋଇ ଜୟନାରାୟଣଙ୍କ ବୟାନକୁ ସମର୍ଥନ କରିଥିଲେ ।

ଏହା ସହିତ ବନ୍ଦେ ଉତ୍କଳ ଜନନୀକୁ ବିରୋଧ କରିଥିଲେ । ଏହି କ୍ରମରେ କୋଶଲ ସଂଗ୍ରାମୀମାନେ ବନ୍ଦେ ଉତ୍କଳ ଜନନୀ ଲେଖାଥିବା ବ୍ୟାନର ଜାଳିଥିଲେ ଏବଂ ସ୍ୱତନ୍ତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଶଲ ପ୍ରଦେଶ ଗଠନ ଦାବି କରିଥିଲେ । ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ ସ୍ୱର ଉଠାଇବା ପାଇଁ ସେମାନେ ଆହ୍ୱାନ କରିଥିଲେ । ସୋମବାର ସନ୍ଧ୍ୟାରେ କୋଶଲ ସେନାର ସଂଗ୍ରାମୀମାନେ ବରଗଡ଼ ଗାନ୍ଧୀଛକରେ ସମବେତ ହୋଇଥିଲେ। ଜୟନାରାୟଣଙ୍କ ବୟାନକୁ ସେମାନେ ସମର୍ଥନ କରିଥିଲେ ।

କୋଶଲ ସେନାର ବିରବଲ ମହାକୁଡ, ଅଶୋକ ଛତର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଥାଉକି, ଶନିବାର ସମ୍ବଲପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡିଶାରେ ମିଶିବା ଐତିହାସିକ ଭୁଲ ଥିଲା ବୋଲି ଜୟନାରାୟଣ କହିଥିଲେ ।

କୋରାପୁଟ ଜିଲାର ପ୍ରାକୃତିକ ପରିବେଶ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆକୃଷ୍ଟ କରିଛି । ଜଣାଶୁଣା ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲି ନିଜର ଆଗାମୀ ଫିଲ୍ମ ଶୁଟିଂ ପାଇଁ ଦକ୍ଷିଣ ଓଡ଼ିଶାର କୋରାପୁଟକୁ ବାଛିଛନ୍ତି । ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବିଗ୍ ବଜେଟ ତେଲୁଗୁ ଫିଲ୍ମ ଏସ୍‌ଏସ୍‌ଏମ୍‌ବି୨୯ର ଶୁଟିଂ ଆରମ୍ଭ ହୋଇଛି । କିଛିଦିନ ପୂର୍ବରୁ ଲମତାପୁଟ, ମାଛକୁଣ୍ଡ ଓ ପୁଟସିଲରେ ଶୁଟିଂ ହୋଇଥିଲା । ବର୍ତ୍ତମାନ ତାଲାମାଲିରେ ଏହି ଫିଲ୍ମର ଶୁଟିଂ ଚାଲିଛି । ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଟଲିଉଡ୍‌ର ସୁପରଷ୍ଟାର ମହେଶ ବାବୁ ଓ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରହିଛନ୍ତି ।

ମହେଶଙ୍କ ସହ ଶୁଟିଂ ଟିମ୍‌ର ପ୍ରାୟ ୫୦୦ଜଣ କୋରାପୁଟ ଆସିଛନ୍ତି । ନାଗା ପ୍ରଣିତ ଏହାର ପ୍ରଡକ୍ସନ ମ୍ୟାନେଜର ରହିଛନ୍ତି । ମାର୍ଚ୍ଚ ପହିଲାରୁ ୨୯ ଯାଏ କେବଳ କୋରାପୁଟ ଜିଲାରେ ଶୁଟିଂ ହେବା ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଯେ, ରାଜାମୌଲି ବାହୁବଳି, ଆର୍‌ଆର୍‌ଆର୍ ଓ ମଗଧୀରା ଆଦି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ଲକ୍ ବଷ୍ଟର ଫିଲ୍ମ ତିଆରି କରିଛନ୍ତି । ଏହି ଫିଲ୍ମଗୁଡିକ ଦୀର୍ଘ ଦିନ ଧରି ହଲ୍‌ରେ ଚାଲିଥିବା ବେଳେ ପୁରସ୍କୃତ ହୋଇଥିଲେ । ଏହି ଫିଲ୍ମ ନିର୍ମାଣ ହେଲେ କୋରାପୁଟ ଚଳଚ୍ଚିତ୍ର ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବା ସହ ଅନ୍ୟ ନିର୍ମାତାମାନେ ଏଠାକୁ ଆସିବାକୁ ଆକୃଷ୍ଟ ହେବେ ।

ପୂର୍ବରୁ ୧୭ରୁ ଊର୍ଦ୍ଧ୍ୱ ଦକ୍ଷିଣୀ ଫିଲ୍ମ ଏହି ଜିଲାରେ ଶୁଟିଂ ହୋଇଛି । ସେହିପରି ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁ ଏହି ଇଣ୍ଡଷ୍ଟ୍ରି ଫିଲ୍ମ ଶୁଟିଂ ପାଇଁ କୋରାପୁଟକୁ ଗୁରୁତ୍ୱ ଦେଉଥିବା ଫିଲ୍ମ ପ୍ରଯୋଜନା ସଂସ୍ଥା କହିଛି । ଗତ ୨ ବର୍ଷ ମଧ୍ୟରେ ଜିଲାରେ ଦକ୍ଷିଣୀ ଫିଲ୍ମ ଶୁଟିଂ ହୋଇଛି । ଜିଲାର ଦେଓମାଳି, ଗୁପ୍ତେଶ୍ୱର, ସୁବାଇ, ନନ୍ଦପୁର, ଡୁଡୁମା, ସୁନାବେଡ଼ା, ଜଲାପୁଟ, କୋରାପୁଟ, ଅପର କୋଲାବ ଡ୍ୟାମ୍, ଗୁଲମୀ, କେଚଲା ଓ ରାଜା କେଭ୍, ସହ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ସ୍ଥାନୀୟ ଲୋକେ ମଧ୍ୟ କିପରି ରୋଜଗାର ପାଇପାରିବେ ଓ ଜିଲାରେ କିପରି ପର୍ଯ୍ୟଟନର ବିକାଶ ହେବା ନେଇ ଗୁରୁତ୍ୱ ଦିଆଯିବ ବୋଲି କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ କହିଛନ୍ତି ।

ବିଜୁ ବାବୁଙ୍କ ଶେଷ ସମୟରେ କେଉଁଠି ଥିଲେ ବିଜେଡି ମୁଖିଆ ? ରୋଗଗ୍ରସ୍ତ ସମୟରେ ବିଜେଡି ମୁଖିଆ ତାଙ୍କର କେତେ ଦିନ ସେବା କରିଥିଲେ ? ବିଜେଡି ମୁଖିଆ ବିଜୁଙ୍କ ନାଁରେ ସଂକୀର୍ଣ୍ଣ ରାଜନୀତି କରି ତାଙ୍କୁ ଅପମାନ କରିଛନ୍ତି । ବିଜୁଙ୍କୁ ସମ୍ମାନ ଦେବା କଥା କହୁଛନ୍ତି, ତାଙ୍କ ଶେଷ ସମୟରେ ପୁଅ ପାଖରେ ନରହି ଅନ୍ୟତ୍ର ରହିବା ବିଜେଡି ମୁଖିଆଙ୍କ ବିଜୁଙ୍କ ପ୍ରତି କେତେ ଦରଦ ଥିଲା ବୋଲି ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ସିଧା ପ୍ରଶ୍ନ କରିଛନ୍ତି ।

ସେ ଆହୁରି କହିଛନ୍ତି, ନିଜର ରାଜନୈତିକ ସ୍ୱାର୍ଥ ପାଇଁ ବିଜେଡି ବିଜୁଙ୍କୁ ବ୍ୟବହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛି । କେବଳ ସେତିକି ନୁହେଁ ଗୁମାସ୍ତାଙ୍କ କଥାରେ ପଡି ନିର୍ବାଚନ ସମୟରେ ବିଜୁ ବାବୁଙ୍କ ଫଟୋ ଉଡାଇଦେଲେ । ଗୁମାସ୍ତାଙ୍କ ଫଟୋ ସହ ନିଜେ ମୁଖିଆଙ୍କ ଫଟୋ ରଖି ବିଜେଡି ପ୍ରଚାରରେ ମାତିଥିଲେ । ସେତେବେଳେ ବିଜୁ ବାବୁଙ୍କ ପ୍ରତି ସମ୍ମାନ କୁଆଡେ ଯାଇଥିଲା ବୋଲି ଭାଜପା ବିଧାୟକ ଟଙ୍କଧର ଯୁକ୍ତି ବାଢିଛନ୍ତି । ବିଜୁ ବାବୁଙ୍କୁ ପେଟେଣ୍ଟ କରିବାକୁ ଚାହୁଁଛି ବିଜେଡି । କିନ୍ତୁ ବିଜୁ ବାବୁ ତା'ଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି । ବିଜୁ ଜୟନ୍ତୀ ପାଳନ ସମୟରେ ନବୀନ ନ ଆସି ବିଜୁଙ୍କ ପ୍ରତି ଅସମ୍ମାନ କରିଛନ୍ତି ବୋଲି ଭାଜପା କହିଛି ।

ଗଞ୍ଜାମ ଜିଲାର ସମୁଦ୍ର ଉପକୂଳ ସୁନାପୁରଠାରୁ ଗୋପାଳପୁର ଦେଇ ଋଷିକୁଲ୍ୟା ମୁହାଣ ପର୍ଯ୍ୟନ୍ତ ମେରାଇନ ଡ୍ରାଇଭ ରାସ୍ତା ନିର୍ମାଣ ହେବ । ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଞ୍ଜାମ ଜିଲା ଗସ୍ତରେ ଆସିଥିବାବେଳେ ଛତ୍ରପୁରଠାରେ ଏହି ସୂଚନା ଦେଇଛନ୍ତି । ଏଥିପାଇଁ ଅତିଶୀଘ୍ର ପୂର୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି । ଏହାର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଥିବା ମଧ୍ୟ ସେ ସୂଚନା ଦେଇଛନ୍ତି । ୩୭ କିଲୋମିଟର ଏହି ଉପକୂଳ ଅଞ୍ଚଳ ସାମୁଦ୍ରିକ ବେଳାଭୂମିରେ ମେରାଇନ ଡ୍ରାଇଭ ନିର୍ମାଣ କରାଯିବ । ଯାହାକି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି ।

ଭାରତରେ ଖୁବ ଶୀଘ୍ର ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ ପାଇପାରେ । ଏହାର ଏକ କାରଣ ହେଉଛି ଉପସାଗରୀୟ ଦେଶ ଏବଂ ଆମେରିକାରୁ ଭଲ ଖବର ଆସିଛି । ପ୍ରକୃତରେ, ଉପସାଗରୀୟ ଦେଶଗୁଡ଼ିକରେ ଅଶୋଧିତ ତୈଳର ମୂଲ୍ୟ ଲଗାତାର ତୃତୀୟ ଦିନ ପାଇଁ ବ୍ୟାରେଲ ପିଛା $୭୦ ରହିଛି । ଅନ୍ୟପକ୍ଷରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକୀୟ ଅଶୋଧିତ ତୈଳ ମୂଲ୍ୟ ଦୁଇ ଦିନ ପାଇଁ ବ୍ୟାରେଲ ପିଛା $୬୬ରେ କାରବାର ହେଉଥିବା ଦେଖାଯାଉଛି । ବିଶେଷଜ୍ଞଙ୍କ ମତରେ, ଉପସାଗରୀୟ ଦେଶଗୁଡ଼ିକର ଅଶୋଧିତ ତେଲ ଖୁବ ଶୀଘ୍ର ପ୍ରତି ବ୍ୟାରେଲ $୬୫ ଏବଂ ଆମେରିକୀୟ ତେଲ $୬୦ରେ ଉପଲବ୍ଧ ହୋଇପାରେ । ଯାହା ଫଳରେ ବିଶ୍ୱର ଦ୍ୱିତୀୟ ବୃହତ ଅଶୋଧିତ ତେଲ ଆମଦାନୀକାରୀ ଭାରତକୁ ବହୁତ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି ।

ଆମେରିକାର ଶୁଳ୍କ ଏବଂ ଟ୍ରମ୍ପଙ୍କ ଡ୍ରିଲ କାର୍ଯ୍ୟକ୍ରମ ପରେ, ବଜାରରେ ଅଶୋଧିତ ତେଲର ଯୋଗାଣ ବୃଦ୍ଧି ପାଇବାକୁ ଯାଉଛି । ଅନ୍ୟପକ୍ଷରେ, ଶୁଳ୍କ ବୃଦ୍ଧିର ଭୟରେ ଉପସାଗରୀୟ ଦେଶମାନଙ୍କର ଏକ ଗୋଷ୍ଠୀ, OPEC Plus, ଅଶୋଧିତ ତୈଳ ଯୋଗାଣ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଯାହା ଯୋଗୁଁ ଅଶୋଧିତ ତେଲର ମୂଲ୍ୟ ହ୍ରାସ ପାଇଛି । ଆମେରିକା ଏପ୍ରିଲରୁ କାନାଡା, ମେକ୍ସିକୋ ଏବଂ ଚାଇନା ଉପରେ ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଛି ।

ଏହା ମଧ୍ୟ ଘୋଷଣା କରାଯାଇଛି ଯେ ଦେଶ ୨ ଏପ୍ରିଲରୁ ପାରସ୍ପରିକ ଶୁଳ୍କ ଲାଗୁ କରିବ । ଯାହାଦ୍ୱାରା ନିବେଶକଙ୍କ ମନରେ ବହୁତ ଭୟ ବ୍ୟାପିଛି । ଯାହା ଯୋଗୁଁ ମୂଲ୍ୟରେ ହ୍ରାସ ଦେଖାଯାଉଛି । ଆସନ୍ତୁ ଆମେ ଆପଣଙ୍କୁ ଏହା ମଧ୍ୟ ଜଣାଇବା ଯେ ଅଶୋଧିତ ତେଲର ମୂଲ୍ୟ କେତେ ପହଞ୍ଚିଛି ଏବଂ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେତେ ହ୍ରାସ ପାଇବାର ସମ୍ଭାବନା ଅଛି।

ଅନ୍ତର୍ଜାତୀୟ ବଜାରରେ, ବୁଧବାର ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ $୧.୭୪ କିମ୍ବା ୨.୪୫ ପ୍ରତିଶତ ହ୍ରାସ ସହିତ ପ୍ରତି ବ୍ୟାରେଲ $୬୯.୩୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେ ବନ୍ଦ ହୋଇଥିଲା । ଯଦିଓ ଗୁରୁବାର ଏଥିରେ ସାମାନ୍ୟ ବୃଦ୍ଧି ଘଟିଛି, ତଥାପି ଏହା ପରେ ମଧ୍ୟ ମୂଲ୍ୟ ପ୍ରତି ବ୍ୟାରେଲ $୭୯ ତଳେ ରହିଛି । ଏହାର ଅର୍ଥ ହେଉଛି ଯେ କ୍ରମାଗତ ୩ ଦିନ ଧରି ବ୍ରେଣ୍ଟ ଅଶୋଧିତ ତେଲ ମୂଲ୍ୟ ବ୍ୟାରେଲ ପିଛା $୭୦ ତଳେ ରହିଛି । ଅନ୍ୟପକ୍ଷରେ, ବୁଧବାର ଦିନ ଆମେରିକାର ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ ଅଶୋଧିତ ତୈଳ (WTI) ବ୍ୟାରେଲ ପ୍ରତି $୬୬.୩୧ରେ ବନ୍ଦ ହୋଇଥିଲା, ଯାହା $୧.୯୫ କିମ୍ବା ୨.୮୬ ପ୍ରତିଶତ ହ୍ରାସ ପାଇଥିଲା । ଯେତେବେଳେ ଗୁରୁବାର ସାମାନ୍ୟ ବୃଦ୍ଧି ଦେଖାଯାଉଛି ।

ଗତ ଦୁଇଟି ବ୍ୟବସାୟିକ ଦିନ ଧରି, ଆମେରିକୀୟ ତୈଳ ବ୍ୟାରେଲ ପ୍ରତି $୬୬ ସ୍ତରରେ ରହିଛି । ଗଲ୍ଫ ଦେଶଗୁଡ଼ିକର ଅଶୋଧିତ ତେଲ ଜାନୁଆରୀ ୧୫ ତାରିଖର ସର୍ବୋଚ୍ଚ ସ୍ତରରେ ପ୍ରାୟ ୧୬ ପ୍ରତିଶତ ଶସ୍ତା ହୋଇଛି । ଅଧିବେଶନର ଆରମ୍ଭରେ ବହୁ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିବା ପରେ ମୂଲ୍ୟ କିଛିଟା ହ୍ରାସ ପାଇଥିଲା – ବ୍ରେଣ୍ଟ $୬୮.୩୩କୁ ହ୍ରାସ ପାଇଥିଲା, ଯାହା ଡିସେମ୍ବର ୨୦୨୧ ପରଠାରୁ ସର୍ବନିମ୍ନ ଥିଲା, ଏବଂ ଆମେରିକାର ଅଶୋଧିତ ତେଲର ମୂଲ୍ୟ $୬୫.୨୨କୁ ହ୍ରାସ ପାଇଥିଲା, ଯାହା ମେ ୨୦୨୩ ପରଠାରୁ ସର୍ବନିମ୍ନ ଥିଲା ।

ଏହି ସମସ୍ତ ଘଟଣା ପରେ, ଏପ୍ରିଲରେ ଅଶୋଧିତ ତୈଳ ମୂଲ୍ୟରେ ଆହୁରି ହ୍ରାସ ଦେଖା ଯାଇପାରେ । ବିଶ୍ୱର ସେହି ଦେଶଗୁଡ଼ିକରେ ପେଟ୍ରୋଲ ଏବଂ ଡିଜେଲ ଶସ୍ତା ହୋଇପାରେ ଯେଉଁମାନେ ସେମାନଙ୍କ ଅଶୋଧିତ ତୈଳ ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ଆମଦାନୀ କରନ୍ତି । ଭାରତର ନାମ ସହଜରେ ନିଆଯାଇ ପାରିବ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବା ଦ୍ୱାରା ଡଲାର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ତୁଳନାରେ ଟଙ୍କାର ମୂଲ୍ୟ ବୃଦ୍ଧି ପାଇବ । ଦେଶର ଆମଦାନୀ ବିଲ ମଧ୍ୟ ହ୍ରାସ ପାଇବ । ଯଦି ଅଶୋଧିତ ତେଲ $୬୫ ରୁ $୭୦ ମଧ୍ୟରେ ରହେ, ତେବେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ୩ ରୁ ୫ ଟଙ୍କା ହ୍ରାସ ହୋଇପାରେ ।

ମାର୍ଚ୍ଚ ୨୦୨୪ରେ ମୂଲ୍ୟ ହ୍ରାସ କରାଯାଇଥିଲା । ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ଶେଷ ହ୍ରାସ ୨୦୨୪ ମାର୍ଚ୍ଚରେ ଦେଖାଯାଇଥିଲା । ତା'ପରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଲା । ବିଶେଷ କଥା ହେଉଛି ସେହି ସମୟରେ ଦେଶରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଥିଲା । ସେବେଠାରୁ ପ୍ରାୟ ଗୋଟିଏ ବର୍ଷ ବିତିଗଲାଣି । ସେବେଠାରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ନିକଟରେ ତୈଳ ମନ୍ତ୍ରୀ ସୂଚନା ଦେଇଥିଲେ ଯେ ଦେଶ ୪୦ରୁ ଅଧିକ ଦେଶରୁ ଅଶୋଧିତ ତେଲ ଆମଦାନୀ କରୁଛି । ଆଗାମୀ ଦିନରେ ଭାରତକୁ ଅଶୋଧିତ ତୈଳ ଯୋଗାଣ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ।

ଆଶା କରୁଛି ଅନ୍ୟ ସମସ୍ତ ସଂସ୍କରଣ ଭଳି ଏହି ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଭଲ ଲାଗିବ । ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱ ଆପଣଙ୍କ । ନିଜ ବନ୍ଧୁ ଓ ପରିଜନଙ୍କ ସହ ଏହି ପତ୍ରିକା ଶେୟାର କରନ୍ତୁ ।

ଆପଣ ସମସ୍ତଙ୍କୁ ପବିତ୍ର ଦୋଳପୂର୍ଣ୍ଣିମା ଏବଂ ହୋଲି ପର୍ବର ହାର୍ଦ୍ଦିକ ଅଭିନନ୍ଦନ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com




ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ (ପୁରୁଣା କ୍ୟାମ୍ପସ୍)ର ଛାତ୍ର ଆବାସ ଉଦ୍ଘାଟନ

ଭୁବନେଶ୍ୱର, ୭/୩: ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଯାହା ପରିଚାଳନା ଶିକ୍ଷା, ଗବେଷଣା ଏବଂ ନବସୃଜନରେ ଉତ୍କର୍ଷତା ପାଇଁ ଜଣାଶୁଣା । ଶୈକ୍ଷିକ କଠୋରତା, ନୈତିକ ମୂଲ୍ୟବୋଧ ଏବଂ ଶିଳ୍ପ ସମ୍ପୃକ୍ତି ଉପରେ ଦୃଢ଼ ଧ୍ୟାନ ଦେଇ, ବିଶ୍ୱବିଦ୍ୟାଳୟ ଭବିଷ୍ୟତର ନେତାମାନଙ୍କୁ ଗଠନ କରି ଚାଲିଛି, ଯେଉଁମାନେ ସମାଜରେ ଅର୍ଥପୂର୍ଣ୍ଣ ଯୋଗଦାନ ଦିଅନ୍ତି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଆବାସିକ ସୁବିଧା ପ୍ରଦାନ କରିବାର ପ୍ରତିବଦ୍ଧତାରେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା । ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସଦସ୍ୟ ଡକ୍ଟର ସସ୍ମିତ ପାତ୍ର ଏବଂ ଭି. ମୁରଲୀଧରନ ଏବଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ବିଧାୟକ ରଘୁନାଥ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଭାଇସ୍ ଚାନ୍ସଲର୍ ଫାଦର ଆଣ୍ଟୋନି ଆର. ଉଭାରି ଏସ୍ଜେ., ରେଜିଷ୍ଟ୍ରାର ଫାଦର ଏସ. ଆଣ୍ଟୋନି ରାଜ, ଏସ୍ଜେ. ଏବଂ ବୋର୍ଡ ଏବଂ ପ୍ରଶାସନର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । "ନୂତନ ଭାବେ ଉଦ୍ଘାଟିତ ୧୬ ମହଲା ବିଶିଷ୍ଟ ଛାତ୍ରନିବାସ ହେଉଛି ଏକ ଆଧୁନିକ, ଅତ୍ୟାଧୁନିକ ସୁବିଧା ଯାହା ଛାତ୍ରଙ୍କ ଜୀବନ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି । ୨୮,୬୮୯ ବର୍ଗ ମିଟରର ମୋଟ ନିର୍ମାଣ କ୍ଷେତ୍ର ଏବଂ ୧୩୨ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟ ସହିତ, ଏହି ବିସ୍ତୃତ ବାସସ୍ଥାନ ଶିକ୍ଷାଗତ ଉତ୍କର୍ଷତା, ମନୋରଞ୍ଜନ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଉଚ୍ଚସ୍ତରୀୟ ସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ସହିତ ସଜ୍ଜିତ। ଛାତ୍ର ନିବାସର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଆରାମଦାୟକ ଜୀବନଯାପନ ପାଇଁ ଆବଶ୍ୟକୀୟ ସୁବିଧା ସହିତ ପ୍ରାୟ ୧୦୦୦ ଏକକ କୋଠରୀ, କ୍ରୀଡ଼ା, ଫିଟନେସ୍ ଏବଂ କାର୍ଯ୍ୟକଳା କ୍ଷେତ୍ର ଏପରିକି ଫୁଡ୍ କୋର୍ଟ, ଏକ ଜିମ୍ ଏବଂ ଛାତ୍ର ସଂଘ କୋଠରୀ ଅନ୍ତର୍ଭୁକ୍ତ । ଏହା ଡାଇନିଂ, ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ସେବା ମଧ୍ୟ ପ୍ରଦାନ କରେ । ଏହି ଅବସରରେ ଫାଦର... ଆଣ୍ଟୋନି ଆର୍. ଉଭାରି, ଏସ.ଜେ., ଭାଇସ୍ - ଚାନ୍ସଲର, ଏକ୍ସଆଇଏମ୍ ୟୁନିଭର୍ସିଟି ଭୁବନେଶ୍ୱର ନୂତନ ବାସଗୃହ ବିଷୟରେ ଉତ୍ସାହ ପ୍ରକାଶ କରି କହିଛନ୍ତି, "ଏହି ସୁବିଧା ଶିକ୍ଷାର୍ଥୀମାନଙ୍କୁ ଏକ ସାମଗ୍ରିକ ଶିକ୍ଷା ପରିବେଶ ପ୍ରଦାନ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଛାତ୍ର ବାସଗୃହ କେବଳ ଏକ ବାସସ୍ଥାନ ନୁହେଁ; ଏହା ଏକ ସ୍ପନ୍ଦନଶୀଳ ସମ୍ପ୍ରଦାୟ ଯାହା ସହଯୋଗ, କଲ୍ୟାଣ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ । "ଛାତ୍ର ବାସଗୃହର ଉଦଘାଟନ ବିଶ୍ୱସ୍ତରୀୟ



ଭିତ୍ତିଭୂମି ଏବଂ ଛାତ୍ର-କୈନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଉଚ୍ଚ ଶିକ୍ଷାରେ ମାନଦଣ୍ଡ ସ୍ଥାପନ କରିବାର ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣ ଆଡ଼କୁ ଆଉ ଏକ ପଦକ୍ଷେପ ସୂଚିତ କରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୫

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର-୫

ବରୀନ ସାମାନ୍ୟ ହସିଲେ । ଏମାନଙ୍କ ପାଖରେ ସମୟ କାହିଁ ନିଜକୁ ତଉଲିବା ପାଇଁ । କେବଳ ଦାସତ୍ୱ ଏମାନେ ଜାଣିଛନ୍ତି । କେଉଁ ଏକ ବଡ଼ ମୁନିବ ଅଧିନରେ କାମ କରିବେ । ବାସ୍, ଏକ ମୁନିବ ଦରକାର ଆଉ ସେ ସବୁଠାରୁ ବଡ଼ ହେବା ଦରାକର । ସେ ମୁନିବ ଭଲ ହେଉ କି ଭେଲ ହେଉ ସେଥିରେ କିଛି ଫରକ ଆସୁନି । ସେ କିନ୍ତୁ ସେମିତି ନୁହନ୍ତି । ସେ ମାତୃଭୂମି ପାଇଁ ଲଢୁଛନ୍ତି । ଭାରତମାତାକୁ ବେଢି ମୁକ୍ତ କରିବାକୁ ପଡ଼ିବ । ସେ ବେଢି ବରଡାରେ ଜୀବନ କଥା ଭାବୁଥିଲେ । ହାତ ପାଦ ବୁଲୁନି । ଲୁହା ଚେନର ଓଜନରେ ଗୋଡ ବାଜୁଛି । ମାତୃଭୂମି କାହା ଆଗରେ ଏମିତି ଯନ୍ତ୍ରଣାଗ୍ରସ୍ତ ଜୀବନ ଯାପନ କରିନପାରେ । ସେ ନିଜ କଥା ମନେ ପକାଇଲେ । ମାନିକତାଲା ବମିଙ୍ଗ କେଶର ରାୟ ୬ ଅପ୍ରେଲ ୧୯୦୯ ମସିହାରେ ମିଳିଲା । ସେଥିରେ ବରୀନ୍ଦ୍ର କୁମାର ଘୋଷ, ଉଲ୍ଲାସ୍କର ଦତ୍ତ, ଉପେନ୍ଦ୍ର ନାଥ ବାନାର୍ଜ୍ଜୀ, ବିଭୂତି ଭୂଷଣ ରୟ, ହୃଷିକେଶ କାଞ୍ଜିଲାଲ, ବୀରେନ୍ଦ୍ର ଚନ୍ଦ୍ର ସେନ, ଇନ୍ଦୁଭୂଷଣ ରୟ ଆଦିଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ବା ନିର୍ବାସନ ଦଣ୍ଡ ମିଳିଥାଏ । ଯାହାହେଉ କିଛି ସାଥି ସାଥିରେ ତ ରହିବେ ।

ମୁକ୍ତ ଥିଲା ବେଳେ ସେ ଚେଷ୍ଟା କରିଛନ୍ତି । ଫଳ ସବୁବେଳେ ସେମାନଙ୍କ ଆଶା ମୁତାବକ ଘଟିନି । ତାଙ୍କ ଭଳି ଅନେକ ଅନେକ ଯୁବକ ଦେଶ ମାତୃକାର ସେବା ପାଇଁ ବାହାରି ଆସିଛନ୍ତି । ସେ ତ ଦେଶଭକ୍ତିର ଉଦ୍ବୁଦ୍ଧ ହୋଇ ଯୁଗାନ୍ତର ପାର୍ଟି ଗଠନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ । ସେ ଆଉ ବନ୍ଧୁମାନେ ମାଣିକତାଲାଠାରେ ଏକ ଉଦ୍ୟାନ ଘରେ ନିଜର ବୈପ୍ଲବିକ କାର୍ଯ୍ୟକ୍ରମ ଜାରି ରଖିଥିଲେ । ୩୦ ଅପ୍ରେଲ ୧୯୦୮ ମସିହାରେ ମୁଜାଫରପୁର ବିହାରରେ ବୋମାକାଣ୍ଡ ଘଟିଲା । ୧୯୦୯ ମସିହାରେ ମହାରାଜା ଜାହାଜରେ ପ୍ରଥମ ରାଜନୈତିକ ବନ୍ଦୀମାନଙ୍କୁ ସେଲୁଲାର ଜେଲକୁ ଅଣାଗଲା । ଜେଲ ସୁପରିଟେଣ୍ଡେଣ୍ଟଙ୍କୁ ଏହି କଇଦୀମାନଙ୍କୁ ବିପ୍‌ଦଜନକ ବୋଲି କୁହାଯାଇଥିଲା ଆଉ ସେମାନେ ଯେମିତି ଏକ ଜାଗାରେ କାମ ନକରନ୍ତି ତା'ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଥିଲା । ସେମାନେ କେଉଁ କିରାଣୀ କାମ କରିବେ ନାହିଁ ଆଉ ଗ୍ୟାଙ୍ଗ ଲେବର ହିସାବରେ କାମ କରିବେ ।

ତାଙ୍କ ଭଳି ଏକ ଅତି ଶିକ୍ଷିତ ବ୍ୟକ୍ତି ଆଉ ତାଙ୍କୁ ଏକ କାଗଜ ଦିଆଯାଉଛି ଏକ ଧାଡି ଲେଖିବା ପାଇଁ ! ଯିଏ ବଙ୍କିମଚନ୍ଦ୍ରଙ୍କ ଆହ୍ୱାନରେ ଅନୁପ୍ରାଣିତ, ଯିଏ ଯୁଗାନ୍ତର ଭଳି ପାର୍ଟି ତିଆରି କରିପାରେ, ଦେଶରେ ବିପ୍ଲବ ଆଣିପାରେ, ସେ ସାମାନ୍ୟ ଲେଖା ଲେଖି ପାରିବନି ! ଏକଥା ଡେଭିଡ ବେରୀ ବା ମୂର୍ଖ ମିର୍ଜ୍ଜା ଖାନ ଭାବିପାରେ । "ମୁଁ ମୋତେ ଡରେ ନାହିଁ ।"- କେଉଁ ବୋକାର ପ୍ରଳାପ । ମଣିଷ ମନରେ ଡର ତ ସବୁବେଳେ ଅଛି । ନିଜର ଛାୟା ସବୁବେଳେ ନିଜ ସହ ଚାଲୁଛି । ଯଦି ଛାୟା ଗାଢ କଳା ହୋଇଗଲା ତେବେ ଡର ତ ଲାଗିବ । ତାଙ୍କ ସହ ନିଜ ଦୃଢ ନିଷ୍ଠା ଆଉ ମାତୃଭୂମିର ସେବା ତ ଆଦର୍ଶ । ସେଥିରୁ ସେ କେବେ ଚ୍ୟୁତ ହୋଇନାହାନ୍ତି । ତେଣୁ ଏମିତି ଲେଖା ଲେଖିବେ କାହିଁକି ଆଉ କ'ଣ ପ୍ରତିପାଦନ କରିବେ ? ସେ ତାଙ୍କ ସରୁ ଖଟ ଉପରେ ରଖାଯାଇଥିବା କାଗଜକୁ ଅନାଇଲେ ଆଉ ମନେ ମନେ ହସିଲେ । ତାଙ୍କ ମୁହଁରେ ଭାଙ୍ଗ ଦେଖାଯାଉଥିଲା ।

ଏ କାଗଜର ସଦୁପଯୋଗ ହୋଇପାରେ । ମିର୍ଜ୍ଜା ଖାନ ହିସାବରେ ଯେତେ ବଡ଼ ଅକ୍ଷର ଲେଖିଲେ ବି କାଗଜର ଲମ୍ବ କମ ହେବନି । ସେତେକି ବଡ଼ ହୋଇଯାଇ ପାରିବ । ତେଣୁ ବହୁ କିଛି ଲେଖିବା ପୂର୍ବରୁ ପ୍ରଥମେ କାଗଜକୁ ଲମ୍ବା କରିଦିଆଯାଉ । ସେ କାଗଜକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠାଇ ଆଣିଲେ । ଅତି ସଫା କାଗଜ । ସାମାନ୍ୟ ଦାଗ ଲାଗିନି । ସେଥିରେ 'ମ'କୁ ବହୁତ ବଡ଼ କରି ଲେଖିଲେ । 'ମ'ର ଆକାର ଲମ୍ବା ହେବା ସହ କାଗଜର ଆକାର ବଡ଼ ହୋଇ ଯାଉଥିଲା, ତାଙ୍କ ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ବଡ଼ । ଏ ଭିତରେ ମିର୍ଜ୍ଜା ଖାନ ତାଗିଦ କଲା ଭଳି ଆଉ କେତେଟା ଶବ୍ଦ ଆଉ ଅକ୍ଷର ଲେଖିବାକୁ ପଡ଼ିବ । ସେ ସେମାନଙ୍କ ହିସାବରେ ଲେଖିବେନି । 'ମ' ଅକ୍ଷରର ଫାଙ୍କ ଭିତରେ ନିଜ ହିସାବରେ କିଛି କିଛି ଲେଖି ଚାଲିବେ । ସେଇଟା ଜମାଦାର ବା କେହି ଲକ୍ଷ୍ୟ କରିପାରିବେ ନାହିଁ । ସେ ନିଜର ଚାରିପାଖେ ଘଟିଯାଉଥିବା ଘଟଣାମାନ ବିଷୟରେ ଲେଖିବାକୁ ଲାଗିଲେ । ସାରା ଭାରତବର୍ଷ ଜାଣୁ ସେମାନଙ୍କ କାହଣୀ ଆଉ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର । ତେବେ ଯାଇ ଭାରତବର୍ଷର ସନ୍ତାନମାନଙ୍କ ରକ୍ତ ତରଳ ହେବ, ଏବେ ତ ଯେମିତି ଜମାଟ ବାନ୍ଧିଯାଇଥିବା ମନ୍ଦା । କିଛି ପ୍ରବାହ ନାହିଁ ।

"ସେମାନେ ଜାଣି ଆମକୁ ଏମିତି ଛୋଟ କାମ କରିବାକୁ ଦେଉଥିଲେ ଯାହା ଆତ୍ମ ସମ୍ମାନ ଥିବା ମନୁଷ୍ୟ କେବେ କରିବନି । ଅଯୋଗ୍ୟ । ଆମକୁ ତେଲ ଘଣାରେ କାମ କରିବାକୁ କୁହାଗଲା । ଉଲ୍ଲାସକରକୁ ହଳ ବଳଦ ଭଳିଆ ଯୋଚା ଯାଇଥିଲା । ଆମ ଦେଶରେ ଯେମିତି ତେଲି ଘଣାରେ କାମ କରନ୍ତି, ସେଇମିତି ତେଲ ଘଣାରେ ଯୋଚାଯାଇଥିଲା । ହେମଚନ୍ଦ୍ର, ସୁଧୀର, ଇନ୍ଦୁ ଆଉ ଅନ୍ୟମାନେ ହାତରେ କାମ କରୁଥିଲେ । ନିଜ ଦେଶର ଅଭିମାନ ପାଇଁ ଆମେ ପ୍ରଚେଷ୍ଟିତ ଥିବା ବନ୍ଧୁମାନଙ୍କୁ ଏମିତି ତେଲ ଘଣାରେ ଏମିତି ଏକତ୍ରିତ କରି ରଖାଯାଉଥିଲା । ତେଲ ବାହାର କରିକରି କେବଳ ତେଲର ଗୁଣ ଗାଇବ ବା ଘଣାର ବୁଲିବା ବିଷୟରେ ଅନୁଶୀଳନ କରିବ । ଆମ ଭିତରୁ କେବଳ ଦୀର୍ଘଶ୍ୱାସ ବାହାରି ଆସୁଥିଲା ।

ଏଇଠି କେବଳ ତେଲ ବାହାରିବା କଥା ଭାବିବ, ଆଉ କିଛି ଭାବିପାରିବନି ।- ସବୁବେଳେ ପେଟି ଅଫିସରଟା ଚିତ୍କାର କରି କହୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ବୋମା ତିଆରି ବା ବିଦ୍ରୋହର ବିଷୟ? ସେଇଟା କ'ଣ ଆମେ ଭାବିବୁନି । ଆମର ଲକ୍ଷ୍ୟ କୁଆଡେ ଗଲା ?- ବେଳେବେଳେ ଉଲାସ୍କର କହିଦେଉଥିଲା । ତା'କୁ ପଠାଣଟା ଶୁଣିପାରୁନଥିବ । ଆମ ଦଉଡା ଭିତରେ ତା' ଅନ୍ତରର କଥା ଲୁଚିଯାଉଥିବ ।

ଜଣକାପିଛା ଦିନକୁ ୧୦ ପାଉଣ୍ଡ ସୋରିଷ ତେଲ କମ୍ବା ୩୦ ପାଉଣ୍ଡ ନଡିଆ ତେଲ ବାହାର କରିବାକୁ ହେଉଥିଲା । ବେଶ ସୁସ୍ଥ ସବଳ ଲୋକ ଏ କାମ କରିପାରୁ ନଥିଲେ ଆଉ ଆମ ଭଳି ପତଳା ଶରୀରଧାରୀ ସାଧାରଣ ଲୋକ ବା କ'ଣ କରିପାରିବ ? ଆମ ଲୋକଙ୍କୁ ଦଉଡି ଦଉଡି କାମ କରିବାକୁ ପଡୁଥିଲା । ପଶୁ ତ ବେଶିରେ ଚାଲିଚାଲି ବୁଲେ । ଆମ ଭଳିଆ ତିନିଜଣ କଇଦୀଙ୍କୁ ହଳ ଭଳିଆ ଯୋଖି ଦିଆଯାଉଥିଲା । ଦଶ ମିନିଟ ମଧ୍ୟରେ ଆମେ ଧଇଁସଇଁ ହୋଇଯାଉଥିଲୁ । ଘଣ୍ଟାଏ ଭିତରେ ଆମ ଶରୀରକୁ ଯେମିତି ପକ୍ଷାଘାତ ହୋଇ ଯାଉଥିଲା । ଗୋଡ ହାତ କାଠ ଭଳି ସିଧା ହୋଇଯାଉଥିଲା । ଆଉ ଅଙ୍ଗରେ କିଛି ଜୀବନ ଅଛି ବୋଲି ଜଣାଯାଉନଥିଲା, ବାସ୍ ଆମେ ଟାଣି ହୋଇଯାଉଥିଲୁ । କାହା ଶକ୍ତିରେ କେଜାଣି ଟାଣି ହେଉଥିଲୁ ତା' ଜାଣିନୁ ।

ମୁଁ ନିଜକୁ ବହୁତ ସମ୍ଭାଳିଥିଲି । ଆମର ସମିତି କୁଆଡେ ଗଲା ? ଆଉ ଆମର ପ୍ରତି ବିଷୟକୁ ଅନୁଧ୍ୟାନ କରିବାର ଶକ୍ତି କୁଆଡେ ଗଲା ? ଆମେ କେମିତି ଜଡ ହୋଇ ଯାଉଥିଲୁ । ଶରୀରର ସ୍ଥାଣୁତା ଆମକୁ ପଥର, କାଠ କରିଦେଉଥିଲା । ମୁଁ ମନକୁ ବହୁ ବୁଝାଉଥିଲି । ଅନ୍ୟମାନେ ଭାଗ୍ୟକୁ ଦୋଷ ଦେଉଥିଲେ । ଥରେ ଲାଗିଲା ମୁଁ ଗଳା ଫଟାଇ ଜୋରରେ କାନ୍ଦିବି । ମୋ ଆଖିରୁ ଲୁହ ବୋହିଯାଉ, ଭିତରର ସବୁ ସ୍ଥାଣୁତା ମହମ ଭଳି ତରଳି ବୋହିଯାଉ ଆଉ ପୁଣି ମୁଁ ନିଜକୁ ଖୋଜି ପାଇବି । କିନ୍ତୁ କାନ୍ଦି ପାରିଲିନି, ଏକ ଦୃଢ ଯୁବକ କେମିତି କାନ୍ଦିପାରେ ? ମୋତେ ସରମ ଲାଗିଲା । ଦିନ ଦଶଟା ବେଳକୁ ଆମକୁ ଖାଇବାକୁ ଯିବାର ଥିଲା । ମୋ ହାତ ସାରା କ୍ଷତ, ଜୋର ଚକାଭଉଁରୀ ଖେଳିଲା ପରେ ମୁଣ୍ଡ ଘୁରାଇଲା ପରି ମୋ ମୁଣ୍ଡ ଘୁରୁଥିଲା ଆଉ ସାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୃଥିବୀ ଆମ ଚାରିପାଖେ ନାଚୁଥିଲା । ପଠାଣ ପେଟି ଅଫିସର ଯେତେପ୍ରକାର ଖରାପ ଗାଳି ହୋଇପାରେ, ସେତେ ପ୍ରକାର ଗାଳି ଦେଉଥିଲା । ଆମେ କିଛି କରିପାରୁନଥିଲୁ ।

ମୁଁ ଦେଖିଲି ହେମଚନ୍ଦ୍ର ଏକ କୋଣରେ ଚୁପଚାପ ହୋଇ ବସି ରହିଛି । ଆଉ ସେ ମୋଟେ ଚୁପଚାପ ବସିବା ଲୋକ ନୁହେଁ ।

ଏକ ପିଙ୍ଗଳ ଦେବତା ।- ଉତ୍ତର ଥିଲା ।

ସେ କାହାକଥା କହୁଥିଲା ? ମୁଁ ଜାଣେ, ସେ ଏକ ପିଙ୍ଗଳ ଦେବତା ବନିଯାଇଛି, କାହାକୁ ନିଜ ବହ୍ନିରେ ଦଗ୍ଧ କରିବ ? ନିଜେ ତ ଜଳିନଯାଉ । ସେମାନେ ଆମକୁ ମାନସିକ ସ୍ତରରେ ଭଙ୍ଗା କାଛ ଭାଙ୍ଗିଲା ପରି ଖଣ୍ଡଖଣ୍ଡ କରି ଭାଙ୍ଗି ଦେବାକୁ ବସିଛନ୍ତି, ସେଇଥିପାଇଁ ସେମାନେ ଏମିତି କାମ ଦେଉଛନ୍ତି । ଆମେ ଆମକୁ ଘୃଣା କରୁ, ନିଜ ଅତୀତକୁ ତିଳ ତିଳ କରି ପେଶି ନିଜ ମନର ନିଆଁରେ ଜଳାଉ । କେବଳ କଳା ଦିଶୁ । ଆମେ ଘଣା ଚାରିପାଖେ ବଳଦ ଭଳି ଚକ୍ରାକାରରେ ବୁଲୁଥିଲୁ ଆଉ ବୁଲୁଥିଲୁ । ସେ ବୁଲିବା ସରୁନଥିଲା । ଘଣାରେ କଟା ନଡିଆ ରଖାଯାଉଥିଲା, ଆମେ ବୁଲିବାରୁ ନଡିଆ ଘୋରିହେଉଥିଲା, କିନ୍ତୁ ଧିରେ ଆଗକୁ ବୁଲିବା କଷ୍ଟ ହୋଇପଡୁଥିଲା । ତେଲ ବାହାର କରିବା କିଛି ସହଜ କାମ ନଥିଲା । ଘଣାରେ ଦଶ କୋଡିଏ ଥର ବୁଲିବାରେ ସବୁଠାରୁ ବଳୁଆ ବଦମାସଙ୍କ ହାଲ ବେହାଲ ହୋଇଯାଉଥିଲା ଆଉ ଆମ କଥା କ'ଣ ? ଆଖି ଆଗକୁ ପୃଥିବୀ ସରିଯାଉଥିଲା । ଅଜି କ'ଣ ପୃଥିବୀରୁ ଆଉ ସତ୍ତା ଲୋପ ପାଇଯିବ ? ଆମ ଭଳିଆ ରାଜନୈତିକ ବନ୍ଦୀମାନେ ଏମିତି କାମରେ ମୋଟେ ଅଭ୍ୟସ୍ତ ନଥଲେ । କେଉଁଠି ଯୋଜନା, ଅନୁଶୀଳନ, ଭାଷଣ, ସଂଗ୍ରାମ ଆଉ କେଉଁଠି ଘଣାର ତେଲ ? କେଉଁଠି କିଛି ସମ୍ବନ୍ଧ ତ କେବେ ଦିଶୁ ନଥିଲା । ଏଠି ସମ୍ବନ୍ଧ ଯୋଡି ହୋଇଯାଉଛି ଆପେ ଆପେ ।

ଉପେନ୍ଦ୍ରନାଥଙ୍କ କଥା ଲେଖିବାକୁ ଇଚ୍ଛା ହେଉଛି । ସେ ଲେଖିଥିଲା- ମୋ ହାତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖଣ୍ଡିଆରୁ ରକ୍ତ ଝରୁଥିଲା । ଆଉ ସେଦିନର ଘଣା ତେଲ ୩୦ ପାଉଣ୍ଡ ହେଲାନାହିଁ । ମୋ ହୃଦୟକୁ ପଠାଣ ପେଟି ଅଫିସରର ଗାଳି ବିନ୍ଧି ଦେଉଥିଲା । ଜେଲର ପାଖକୁ ମୋତେ ଟାଣି ନିଆଗଲା । ସେ ମୋତେ ଯେତେ ହୋଇପାରେ ସେତେ ଗାଳି ଦେଲା । ଡରାଇଲା ଯେ ମୋତେ ବେତମାଡ ହେବ । ପରେ ମୋ ଜାଗାକୁ ମୋତେ ଘୋଷାରି ଅଣାଗଲା । ଦେହରେ ପ୍ରବଳ ଯନ୍ତ୍ରଣା, ପ୍ରତି ଅଙ୍ଗରେ ଦାରୁଣ କଷ୍ଟ ଆଉ ଗାଳିର ଲାଂଛନା ମୋର କଣ୍ଠରୋଧ କରିଦେଉଥିଲା । ଜଣେ ହିନ୍ଦୁ ପେଟି ଅଫିସର ମୋର ଏ ଅବସ୍ଥା ଦେଖି ମୋ ପ୍ରତି ଦୟା ପରବେଶ ହୋଇ ରୋଷେଇଆକୁ କହିଲା- ଏ ବାବୁକୁ ବହୁ ଲାଂଛନା ଦିଆଯାଇଛି । ସେ ତ ରୋଟି ଖାଇ ପାରିବ ନାହିଁ, ତା'କୁ ଟିକେ ଅଧିକ ଭାତ ଦିଅ । ସେତେବେଳେ ମୋତେ ଲାଗିଲା ମୁଁ ବେଶ ଜୋରରେ କାନ୍ଦିବି । କିନ୍ତୁ ମୁଁ ନିଜକୁ ସମ୍ଭାଳି ନେଲି । ମୋତେ କେହି ଜୋରରେ ଗୋଇଠା ବିଧା ମାରିଥିଲେ ହୁଏତ ବେଶି ଭଲ ହୋଇଥାନ୍ତା, ଏ ନରମ କଥା ମୋ ହୃଦୟକୁ କେମିତି ଛିନ୍ନ ବିଛିନ୍ନ କରିଦେଲା ।

ବରୀନ ସେଇମିତି ନିଜର କାହାଣୀ କାଗଜରେ ଲେଖଲେ । କିନ୍ତୁ ମିର୍ଜ୍ଜା ଖାନର ଆଦେଶ ମୁତାବକ ଧାଡି ପୁରା ଲେଖିଲେ ନାହିଁ । ସେ କାହାର ଦାସତ୍ୱ ସ୍ୱୀକାର କରିପାରିବେ ନାହିଁ । ସେ ଜାଣନ୍ତି ସକାଳେ ମିର୍ଜ୍ଜା ଖାନ ବା ଜମାଦାର ତାଙ୍କ ପାଖକୁ ଆସିବ ଆଉ କାଗଜ ମାଗିବ । କିନ୍ତୁ କେବଳ 'ମ' ଲେଖା ହୋଇଥିବା ଅକ୍ଷରକୁ ସେ ସମର୍ପି ଦେବେ । ଅତି ଛୋଟ ଅକ୍ଷରରେ ଲେଖା ହୋଇଥିବା ବାକି ଶବ୍ଦଗୁଡାକୁ ଡେଭିଡ ବେରୀ ପଢିପାରିବ ନାହିଁ। ତା' ମୋଟ ଭ୍ରୂଲତା ତଳୁ ଆଖି ଭିତରକୁ ଆଲୁଅ ଯାଇଛି କି ନାହିଁ ସନ୍ଦେହ । ଲୋକଟା କିଛି ଦେଖିପାରୁନି । ସବୁବେଳେ ଅଣ୍ଡାଳି ଚାଲୁଛି ଆଉ ମୁହଁରୁ ହତାଶାର ଶବ୍ଦ ସବୁ ଗାଳି ହୋଇ ବାହାରୁଛି ।

କି ଜୀବନ ଡେଭିଡ ବେରୀର ଆଉ ତା' ଅନୁଚରମାନଙ୍କର ତାହାହେଲେ ? ସେମାନେ ନିଜ ଆତ୍ମାକୁ ବନ୍ଧା ପକାଇସାରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କ ଆଖି ବୁଜି ହୋଇଆସୁଥିଲା । ଦିନ ସାରା ଖଟଣିର କ୍ଲାନ୍ତି ତାଙ୍କ ଆଖିକୁ ଆପେ ବନ୍ଦ କରିଦେଉଥିଲା । ସେତେବେଳକୁ ସବୁଆଡ ନିଶବ୍ଦ ହୋଇଯାଇଥିଲା । କେଉଁ ସେଲରୁ ଶବ୍ଦ ଆସୁନଥିଲା । ନହେଲେ ବେଳେବେଳେ କିଏ କିଏ ବିଳାପ କରେ ତ କିଏ ଭଜନ ଗାଏ ଆଉ କିଏ ନିଜକୁ ନିଜେ ପ୍ରଳାପ କରି ହସୁଥାଏ । ଏକ ଏକ ଜୀବନର କଥା ପ୍ରତି ସେଲର କାନ୍ଥରେ ଲେଖି ହୋଇଯାଉଥାଏ ।

ସେ ମନେମନେ ନିଜ ସମିତିର କଥା ଭାବିଲେ । ଏକ ଛୋଟ ଘରେ ବନ୍ଧୁମାନେ ଏକାଠି ହୋଇଛନ୍ତି । ଦେହରେ ସଫା ପୋଷାକ, ଆଖିରେ ଅନେକଙ୍କ ଚଷମା । ପୁସ୍ତକମାନ ପଢି ପଢି ସେମାନଙ୍କୁ ସବୁ ବିଷୟ ମ୍ୟାଗ୍ନିଫାଇଙ୍ଗ ଗ୍ଲାସ ତଳେ ରଖିବା ଭଳି ଲାଗୁଛି । ସେମାନେ ପ୍ରତି କଥାର ଲମ୍ବା ତର୍ଜମା କରୁଛନ୍ତି । ବିଶ୍ଳେଷଣରୁ ନିଷ୍କର୍ଷମାନ ବାହାରି ଆସୁଛି । ସବୁ ନଦୀର ସ୍ରୋତ ଏକ ଅନ୍ଧାର ଗହ୍ୱରରେ ହଜିଯାଉଛି । ତା'ପରେ ହୁଏତ ସମୁଦ୍ର ଥାଇପାରେ ବୋଲି ବାହରେ କିଛି ଲୋକ ପ୍ରତିଦିନ ପ୍ରଚାର କରୁଛନ୍ତି । ସେମାନେ ଭାବୁଛନ୍ତି ଯେ ସେମାନେ ଖୋଲା ଆକାଶ ତଳେ ନିଜ ତରୀକୁ ବାହି ସମୁଦ୍ରରେ ପହୁଞ୍ଚିବେ । ସେମାନଙ୍କୁ ଏ ଗହ୍ୱରକୁ ଭାଙ୍ଗି ଦେବାକୁ ପଡ଼ିବ । ପଥରର ବନ୍ଦୀଶାଳକୁ ଭାଙ୍ଗି ଦେବାକୁ ପଡ଼ିବ । ସେଥିପାଇଁ ଶସ୍ତ୍ରର ଆବଶ୍ୟକତା ଅଛି, ବିସ୍ଫୋରକର ଆବଶ୍ୟକତା ଅଛି । ସେମାନେ ବୋମା ତିଆରି ଶିଖୁଛନ୍ତି । କିଛି ରାସାୟନିକ ପଦାର୍ଥ ମିଶାଇ କ୍ରୁଡ ବମ ତିଆରି ହେଉଛି । ଏ ବୋମାରେ ବହୁ ଶକ୍ତି ନାହିଁ, କିନ୍ତୁ ବେଶ ଶବ୍ଦ ଅଛି । ଏକ ବହୁତ ବଡ଼ ବିସ୍ଫୋରଣ । ବିଜୁଳି ଆଲୁଅ, ଭୟଙ୍କର ଶବ୍ଦ । ସମସ୍ତେ ଚମକି ପଡୁଛନ୍ତି । କାନ ତାଳା ହୋଇଯାଉଛି । ଗୁମ୍ଫାର କିଛି ପଥର ଭାଙ୍ଗି ପଡୁଛି । ଏମିତି ଏକ କଳା ପଥର ଭାଙ୍ଗିବେ ବୋଲି କେହି ଆଶା କରୁନଥିଲେ । ଆରେ ସହସ୍ର ସହସ୍ର ବୋମା ଫିଙ୍ଗିଲେ ଏ କଳା ପାହାଡ ଭଙ୍ଗିବ । ତା'ପରେ ଆବାଳ ବୃଦ୍ଧ ବନିତା ହାତ ତିଆରି ବୋମା ଧରି ଦୌଡୁଛନ୍ତି । ସେମାନେ ଜଣକ ପରେ ଜଣେ ବୋମା ପିଙ୍ଗୁଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖଣ୍ଡିଏ ଖଣ୍ଡିଏ ହୋଇ ପଥର ଭାଙ୍ଗି ଯାଉଛି । ଅଧା ପାହାଡ ଭାଙ୍ଗି ଗଲାଣି । ଏ ପାହାଡ ପରେ ନଦୀ ଦେଖାଯିବ ।

ଏପଟେ ସେମାନଙ୍କ ସୁସଜ୍ଜିତ ନୌକା ପ୍ରସ୍ତୁତ ହୋଇ ରହିଛି । ନୌକକୁ ଯେତେ ପ୍ରକାର ସୁନ୍ଦର ଫୁଲ ହୋଇପାରେ ସେତେ ପ୍ରକାର ଫୁଲର ମାଳରେ ସଜାଇ ଦିଆଯାଇଛି । ସବୁଠାରୁ ସୁଗନ୍ଧିତ ପୁଷ୍ପକୁ ଆଗର ଥାଳିରେ ସଜାଇ ଦିଆଯାଇଛି । ସମସ୍ତେ ତିଳକ ପିନ୍ଧିଛନ୍ତି । ନଦୀରେ ପ୍ରବଳ ପ୍ରବାହ । ସେ ନୌକା ନଦୀରେ ବେଗରେ ବୋହିଯିବାରେ ଆକାଶରେ ଦିନ ହୋଇ ରାତି ହେଉଛି । ସୁନ୍ଦର ଜହ୍ନ ଉଇଁ ଆସୁଛି । ଆଉ ବିଳମ୍ବ ନାହିଁ । ବୋମା ପରେ ବୋମା ଫୁଟୁଛି । ଯେଉଁଆଡେ ଟିକିଏ ବି ଖାଲି ଜାଗା ଅଛି ସେଠାରେ ବୋମା ଫୁଟୁଛି । ଏଡେ ବଡ଼ ପାହାଡ ଆଉ ପାହାଡ ହୋଇ ନାହିଁ । କଳା ମୁଗୁନି ପଥର ପାହାଡ ଏବେ କେବଳ ଖଣ୍ଡ ଖଣ୍ଡ କଳା ପଥର, ଭିତରେ ନରମ ସ୍ୟାଣ୍ଡ ଷ୍ଟୋନ । ପାହାଡ ଧସି ଯାଉଛି ଆଉ ରାସ୍ତା ଖୋଲି ଯାଉଛି । ସେମାନଙ୍କ ନଦୀ ଆଉ କେଉଁ କରାଳ ମୁଖରେ ସମାହିତ ହୋଇଯାଉନି । ସେ ତଟିନୀରେ ନୌକା ବାହିନେବେ । ତାଙ୍କ ପରି ଅଛନ୍ତି ଆଉ କିଛି ନାଉରୀ । ସକାଳ ହୋଇଆସୁଛି । ଏକ ନବ ସକାଳ, ମଧୁର ସକାଳ ଆଉ ସମସ୍ତେ ସେ ସକାଳକୁ ସ୍ୱାଗତ କରୁଛନ୍ତି ।

ସେ ନିଜ ଭିତରେ ଏକ ଉଦିତ ରବି ଦେଖିଲେ । ତାଙ୍କ ଆଖି ଧିରେ ବନ୍ଦ ହୋଇ ଆସିଲା ।

ଏଣେ ଡେଭିଡ ବେରୀ ପାଖରେ କାଗଜ ପହଞ୍ଚିଲା ନାହିଁ । ମିର୍ଜ୍ଜାଖାନ ରାତିରେ ଆସି ଦେଖିଲା କାଗଜ ରଖା ଯାଇଛି । କିଛି ଅକ୍ଷର ଲେଖା ହୋଇଛି । ଠିକ ଅଛି ବରୀନ ଟିକିଏ ସମୟ ନେଉ । ଡେଭିଡ ବେରୀ ଏକଥା ଜାଣିଲେ ଖୁସିହେବ । ସେ ତରତରରେ ଡେଭିଡ ବେରୀ ପାଖକୁ ଚାଲିଗଲା ।

ଖ-ଉଲାସ୍କରଦତ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟ ବହୁ କଇଦୀ ମଧ୍ୟ ଲେଖା ଦେବାକଥା । ମିର୍ଜ୍ଜା ଖାନ ସମସ୍ତଙ୍କ ପାଖକୁ ଯାଏ । ସେ ସଂଗ୍ରହ କରିଥିବା କାଗଜ ଡେଭିଡ ବେରୀକୁ ସମର୍ପି ଦିଏ । ସେଦିନ ମିର୍ଜ୍ଜା ଖାନ ଡେଭିଡ ବେରୀ ଆଗରେ ଆସି ଠିଆ ହୋଇଗଲା । ତା' ମୁହଁ କଳା ପଡିଯାଇଥିଲା, ବିରାଟ ପଠାଣର ମୁଣ୍ଡଟା ନଇଁ ଯାଇଥିଲା । ଏ ସମୟରେ ମିର୍ଜ୍ଜା ଖାନ ମୁଣ୍ଡକୁ ଟେକି ହାତରେ ବାଡି ଧରି ସେଲରେ କଇଦୀଙ୍କୁ କଥାରେ, ବାଡିରେ ଉତ୍ତମ ମଧ୍ୟମ ଦେବାକଥା । ପ୍ରତିଟି ୱାର୍ଡର ତା' ଆବାଜରେ କମ୍ପିବା କଥା । କିନ୍ତୁ ବିଷୟ ଗମ୍ଭୀର ଥିଲା ।

ସାର୍ । ଉଲ୍ଲାସକର ପାଗଳ ହୋଇଗଲା । କ'ଣ ନାହିଁ କ'ଣ ବକି ଚାଲୁଛି ।

ଡେଭିଡ ବେରୀ ନିଜ କୁର୍ସିରେ ବସି ରହି ନିଜପାଇଁ ଦିଆଯାଇଥିବା ଚୁକ୍ତିନାମା କଥା ଭାବୁଥିଲା । ନିଯୁକ୍ତିର ଚୁକ୍ତି ହିସାବରେ ପ୍ରତି କଇଦୀମାନଙ୍କ ଠାରୁ ତା'କୁ ଲେଖାଫର୍ଦ୍ଦ ଆଣିବାର କଥା । ବହୁ କଇଦୀ ନିଜର ଲେଖା ଦେଇନାହାନ୍ତି । କିଛି କଇଦୀ ସହଜରେ ଲେଖା ଦେଉନାହାନ୍ତି । ବାହାନା କରୁଛନ୍ତି । ସେମାନଙ୍କୁ ପାଠ ପଢାଇବାକୁ ପଡ଼ିବ । ମିର୍ଜ୍ଜା ଖାନଟା ଭଲ କାମିକା ଲୋକ । କିନ୍ତୁ ବେଳେବେଳେ ପାରୁନି । ଡେଭିଡ ବେରୀକୁ ନିଜେ ଯିବାକୁ ପଡୁଛି । ଜେଲରେ ଶୃଙ୍ଖଳା ନରହିଲେ ଏ ବିଦ୍ରୋହୀଗୁଡା କ'ଣ ନା କ'ଣ କରିବସିବେ । ଡେଭିଡ ବେରୀ ଏକଦମ ସ୍ପ୍ରିଙ୍ଗ ଭଳି ନିଜ ଚେଆରରୁ ଉଚ୍ଛୁଳି ପଡିଲା ଆଉ ମିର୍ଜ୍ଜା ଖାନର ମୁହଁକୁ ନିଜ ହାତରେ ଧରି ଜୋରରେ କହିଲା, – କ'ଣ କହୁଛ ? ମିର୍ଜ୍ଜା ଖାନ ତ ବିରାଟ ଲୋକ । କିନ୍ତୁ ଡେଭିଡ ବେରୀ ତା'ଠାରୁ ବିଶାଳ ବପୁଧାରୀ । ସେ ଡେଭିଡ ବେରୀର ଶକ୍ତି ଜାଣେ ।

ଉଲାସ୍କର ପାଗଳ ହୋଇଗଲା ।- ମିର୍ଜ୍ଜା ଖାନ ପ୍ରାୟ କାକୁତିମିନତି ହୋଇ କହିଲା । ଜଲଦି ଡେଭିଡ ବେରୀ କବଜାରୁ ମୁକ୍ତି ମିଳୁ ।

ଦୁହେଁ କଦମ ପରେ କଦମ ମାର୍ଚ୍ଚ କରି ଉଲାସ୍କରର ସେଲକୁ ଆସିଲେ । ଉଲାସ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଧାରଣ ଶରୀରଧାରୀ ଯୁବକ । ମାଣିକତାଲା ବମିଙ୍ଗ କେଶର ଅନ୍ୟ ଆସାମୀଙ୍କ ଭଳି ସାଧାରଣ ବପୁ । ଏ ଟୋକାଗୁଡା କେମିତି ବୋମା ଫିଙ୍ଗିବା ସାହାସ କରିପାରିଲେ ? ଏଠି ତ ସାମାନ୍ୟ କାମ କରିପାରୁନାହାନ୍ତି । ୧୯୦୯ ମସିହାରେ ପ୍ରଥମ ଦଫାରେ ଆସି ପହଞ୍ଚି ଯାଇଥିଲେ ସ୍ୱାଧିନତା ସଂଗ୍ରାମୀ ଉଲାସ୍କର ଦତ୍ତ, ଇନ୍ଦୁଭୂଷଣ ରୟ, ବାରିନ ଘୋଷ, ଉପେନ୍ଦ୍ରନାଥ ବାନାର୍ଜ୍ଜୀ, ହେମଚନ୍ଦ୍ର ଦାସ, କାଞ୍ଜିଲାଲ ଇତ୍ୟାଦି । ଦେଖିବାକୁ ସମସ୍ତେ ଭଦ୍ରଲୋକ ଆଉ କାହା ମୁହଁରେ ଭୟଙ୍କର ଅପରାଧିର ଛାପ ନଥିଲା । ବୁଦ୍ଧିମାନ ଯୁବକମାନେ । ଛଳନା କରି କାମ ନକରିବାକୁ ବାହାନା କରିପାରନ୍ତି । ଜେଲର ଶୃଙ୍ଖଳା ପାଇଁ ଏମାନଙ୍କୁ ଅତି କଠିନ କାମ ଦେଇ ବଶ କରିବାକୁ ପଡ଼ିବ ।

ତୁମେ ପାଗଳର ଛଳନା କରୁଛ ।- ଡେଭିଡ ବେରୀ ଗର୍ଜ୍ଜନ କଲା । ତା' ସ୍ୱର ଯେମିତି ଆକାଶରୁ ଫାଟି ଘଡଘଡିଟା ମାଟିରେ ପଡିଲା ଭଳି ଲାଗୁଥିଲା ।

ପାଗଳର ଅର୍ଥ ଜାଣିଛ ? ଅଧିକ ବୁଦ୍ଧି, ଅଧିକ ଶକ୍ତି । ଅର୍ନ୍ତଜ୍ଞାନ, ତାତ୍ତ୍ୱିକ ତର୍ଜ୍ଜମା । ନା କ'ଣ କହୁଛ । ଆଉ ଏହାକୁ ତୁମେ ପାଗଳାମୀ କହୁଛ ?- ଉଲାସ୍କର ହସି ଉଠି କହିଲେ ।

ଉଲାସ୍କର ଏକ ଅତି ଉଚ୍ଚ ଶିକ୍ଷିତ ପରିବାରରୁ ଆସିଥିଲେ । ଉଲ୍ଲାସ୍କର ଦତ୍ତଙ୍କ ପିତା ଦ୍ୱିଜ ଦାସ ଦତ୍ତ ବୈଦ୍ୟ ଏକ ଉଚ୍ଚ ପଦାଧିକାରୀ ଅଫିସର ଥିଲେ । ଆଉ ଉଲାସ୍କର ଦତ୍ତ ଯେ ବୋମା ତିଆରିରେ ପାରଙ୍ଗମ ଥିଲେ । ଏହାଙ୍କୁ ଅତି ଦୁର୍ଦ୍ଦାନ୍ତ ବୋଲି ଡେଭିଡ ବେରୀ ମନେକରୁଥିଲା । ଏମିତି ଏକ ଚାଲାକ ଯୁବକ ସବୁପ୍ରକାର ଛଳନା କରିପାରେ ।

କ'ଣ ଏଣୁତେଣୁ ଗପୁଛ ? କ'ଣ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛ ଯେ ତୁମେ ଏକ ପାଗଳ ।- ଡେଭିଡ ବେରୀ ସେଇମିତି ଜୋରରେ କହିଲା ।

ମିର୍ଜ୍ଜା ଖାନ । ଏଇଟାକୁ ସବୁଠାରୁ ବେଶୀ କଠିନ କାମ ଦିଅ । ସମସ୍ତେ ଜାଣନ୍ତୁ ବାହାନା କଲେ କ'ଣ ଦଣ୍ଡ ମିଳେ ।- ଡେଭିଡ ବେରୀ ଜୋରରେ କହିଲା । ଆଉ ମିର୍ଜ୍ଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖାନ କହିଲା ବେଳକୁ ତା' ସ୍ୱର ପଞ୍ଚମରେ ଥିଲା । ମିର୍ଜ୍ଜା ଖାନ ଜାଣେ ଡେଭିଡ ବେରୀ କଥାର ମଣିଷ । ସାମାନ୍ୟ ଏପଟ ସେପଟ ନାହିଁ । ଦୟା ମଧ୍ୟ ନାହିଁ । ଜେଲରଙ୍କ ସୁଚକ୍ଷୁରେ ଆସିଛି ବୋଲି ସେ କଇଦୀରୁ ଜେଲର କର୍ମଚାରୀ । ଏ ସାଧାରଣ ଲୋକଗୁଡାଙ୍କୁ ସେ ଶାଗଭଳି ଦଳିପକାନ୍ତା । କିନ୍ତୁ ବାଡେଇ ମାରିଦେବାକୁ ଡେଭିଡ ବେରୀର ବା ଆଉ ଉପରୁ ଆଦେଶ ଆସିନି । ଉଲାସ୍କରକୁ କଠିନରୁ କଠିନ ସଜା ମିଳିବ ।

ଡେଭିଡ ବେରୀ ଭାବୁଥିଲା ବୁଦ୍ଧିଆ ଲୋକଗୁଡାଙ୍କୁ ଯନ୍ତ୍ରଣା ଆଉ ଅପମାନ ଦେଇ ଛୋଟ କରିଦେବା ଦରକାର । ସେମାନେ ବା ସେମାନଙ୍କ ଦେଖାଦେଖି କେହି ମୁଣ୍ଡ ଟେକି ଉପରକୁ ଚାହିଁପାରିବେନି । ତେଣୁ ଜେଲର ବେରୀ ଉଲାସ୍କର ଦତ୍ତଙ୍କୁ ଅମାନୁଷିକ ଯାତନା ଦେଉଥିଲା । ତାଙ୍କୁ ଘଣା ପେଲିବାକୁ ଦିଆଯାଉଥିଲା । କେବଳ କେଇ ମିନିଟର ଗାଧୋଇବା ଆଉ ଖାଇବା ସମୟ ଛାଡି ଦିନାସାରା ତାଙ୍କୁ ଘଣା ପେଲିବାକୁ ପଡୁଥିଲା । ଦେହରେ ପ୍ରବଳ ଜର ଥିବା ସତ୍ତ୍ୱେ ତାଙ୍କୁ ହାତକଡା ପକାଇ ଖରାରେ ଠିଆ କରାଯାଉଥିଲା । ସେ ଅଚେତ ହୋଇଯାଉଥିଲେ, ପାଗଳ ପରି ପ୍ରଳାପ କରୁଥିଲେ ।

ଉଲାସ୍କର ଭାବୁଥିଲେ କି କଷ୍ଟର ସହ ତାଙ୍କ ଦିନ କଟିଛି । ତାଙ୍କୁ ତ ତେଲ ଘଣାରେ ନଡିଆ ଆଉ ସୋରିଷ ତେଲ ବାହାର କରିବା ପାଇଁ ବଳଦ ଭଳି ଯୋଚି ଦିଆଯାଉଥିଲା । ଏମିତିକି ଏକ ବଳଦ ମଧ୍ୟ ଦିନରେ ୧୬ ପାଉଣ୍ଡ ସୋରିଷ ତେଲ ବାହାର କରିପାରିବନି । ଆଣ୍ଡାମାନର ଜେଲରେ ଗୋଟାଏ ଘଣାରେ ତିନିଜଣ ରାଜନୈତିକ କଇଦୀ ଯୋଚା ଯାଉଥିଲେ ଆଉ ସେମାନେ ସକାଳୁ ସନ୍ଧ୍ୟା ଯାଏ ସେମିତି ଘୁରି ଚାଲୁଥିଲେ । ଯଦି କାମ ପୁରା କରିବାକୁ କେହି ବ୍ୟଗ୍ରତା ଦେଖାଉନଥିଲା, ଜମାଦାରମାନେ କାମ ଆଦାୟ ପାଇଁ ଭିନ୍ନଭିନ୍ନ ଦଣ୍ଡ ବାହାର କରୁଥିଲେ । ସେ କଇଦୀର ହାତ ପାଦ ବାନ୍ଧି ବୁଲୁଥିବା ବାହୁରେ ଯୋଖିଦିଆଯାଉଥିଲା ଆଉ ଅନ୍ୟ କଇଦୀମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଣାକୁ ଜୋରରେ ବୁଲାଇବା ପାଇଁ କୁହାଯାଉଥିଲା । ସେହି କଇଦୀଟି ମାଟିରେ ଘୁଷୁରା ହୋଇ ଟଣା ହେଉଥିଲା । ତା' ଦେହ ଏମିତି ଘଷରାରେ ଖଣ୍ଡିଆ ଖାବରା ହୋଇଯାଉଥିଲା, ମୁଣ୍ଡ ବାରମ୍ବାର ମାଟିରେ ବାଡେଇ ହେଉଥିଲା ଆଉ ଆବୁ ବାହାରି ଯାଉଥିଲା । ଏମିତି ଟଣା ହେବା ତାଙ୍କ ଭାଗ୍ୟରେ ବହୁ ସମୟରେ କଟିଛି ।

କି ଯନ୍ତ୍ରଣା । ସହିହେବନି । ଆଃ । ଆଃ ।- ଉଲାସ୍କର ପାଟିକରି ଉଠିଲେ । ସେଇଟା ଛାତିକୁ ଖଣ୍ଡଖଣ୍ଡ କରି ଭାଙ୍ଗୁଥିବା ନିହାଣର ଶବ୍ଦ ଥିଲା ।

ପାଗଳ,ଏକ ବଦ୍ଧ ପାଗଳ । କିଛି କାରଣ ନାହିଁ, ପାଗଳମାନେ କେବଳ ପାଟି କରନ୍ତି ।- ମିର୍ଜ୍ଜା ଖାନ ଜୋରରେ କହିଲା । ଛୋଟା ଡେଭିଡ ବେରୀ ବୋଲି ତା'କୁ ସମସ୍ତେ ଡାକୁଥିଲେ ଆଉ ସେ ସେଥିରେ ଗର୍ବ ଅନୁଭବ କରୁଥିଲା ।

ତା'ପରେ ତାଙ୍କ ଉପରେ ସବୁ ପ୍ରକାରର ଯାତନା ଆରମ୍ଭ ହୋଇଗଲା । ତାଙ୍କର ଗୋଟିଏ ପରେ ଗୋଟିଏ ହୃଦୟ ବିଦାରକ ରୋଦନରେ ସାରା ବାତାବରଣରେ ଗୁଞ୍ଜରି ଉଠିଲା । ପରେ ଅନ୍ୟ କଇଦୀମାନେ ଦେଖିଲେ ୫ ନମ୍ବର ବ୍ଲକରୁ ଜଣକୁ ଘୋଷାରି ଘୋଷାରି ନିଆଗଲା । ପ୍ରାୟ ଦଶ ଜଣ ଲୋକ ଗୋଟାଏ ଲୋକକୁ ଉଠାଇ ହସପିଟାଲ ନେବାକୁ ବସିଥାନ୍ତି । ତାଙ୍କ ମୁହଁରୁ କାନ୍ଦ ବାହାରି ଆସୁଥାଏ । ସେ କାନ୍ଦୁଥାନ୍ତି, ତଳେ କଚାଡି ହୋଇ ପଡୁଥାନ୍ତି । ଅନ୍ୟ କଇଦୀମାନେ ତାହା ଦୂରରୁ ଦେଖୁଥାନ୍ତି । ଏକ ୱାର୍ଡର ଦୌଡି ଦୌଡି ଆସିଲା ଆଉ କହିଲା ଉଲାସ୍କର ସତକୁ ସତ ପାଗଳ ହୋଇଗଲେ ।

ଡେଭିଡ ବେରୀ ନିଜ କୁର୍ସୀରୁ ଠିଆ ହୋଇପଡିଲା । ଲୋକଟା ଅର୍ଥାତ ଉଲାସ୍କର ତଳେ ପଡୁଥାନ୍ତି ଆଉ ମଝିରେ ମଝିରେ କାନ୍ଦୁଥାନ୍ତି ବା ପ୍ରଳାପ କରୁଥାନ୍ତି । ଡେଭିଡ ବେରୀ ଉତ୍ତେଜିତ ହୋଇ କିଛି କହୁଥାଏ ଆଉ ଅନ୍ୟମାନେ ଶୁଣୁଥାନ୍ତି ।

ତୁମେ କେବଳ ବୃଥା ପ୍ରଳାପ କରୁଛ । ଜାଣି ପଛକୁ ଫେରିଯାଉଛ ।- ଡେଭିଡ ବେରୀକୁ ଦେଖି ଉଲାସ୍କର ଜୋରରେ କହିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡେଭିଡ ବେରୀ ଏ ବାବୁଙ୍କୁ ଦେଖି ମନେମନେ ହସିଲା । ପ୍ରକୃତରେ ଚାଲାକ ଲୋକଟା । ଭଲ ଅଭିନୟ କରି ଜାଣେ । ସେ ଟିକେ ଘଷିମାଜିକରି କଥା କହିଲା ।

ଦେଖ ତୁମେ କେଉଁ ଅବସ୍ଥାରେ ଅଛ ? ଅନ୍ୟ କେଉଁଠିକୁ ଯିବାକୁ ଚାହୁଁଥିଲ, କିନ୍ତୁ ନିଜ କୃତକର୍ମ ପାଇଁ ଏଠାକୁ ଆସିଲ ? ମନ ଆଉ ହୃଦୟର କଥା ଶୁଣି ଶୁଣି ତୁମେ କେବଳ ମିଛ ଘଟଣାମାନ କଳ୍ପନା କରିଚାଲିଛ । ସେଲୁଲାର ଜେଲରେ ଦିନ ଆଉ ରାତିର ଛାଇ ଗଣିପାରିବ । ଆଉ ମନକୁ ମନ ଭାବୁଛ ଭୟଙ୍କର ବିସ୍ଫୋରଣର ସବୁଆଡେ ହେଉଛି । ସତରେ ଯେମିତି ଦେଖୁଛ ବାରୁଦର ଝଲକ ଆଉ ପାଉଛ ତା'ର ଗନ୍ଧ । ବେକାରରେ ପଛକୁ ଫେରିଯାଉଛ ଉଲାସ୍କର । ଶୃଙ୍ଖଳିତ କଇଦୀ ଭଳି ନିଜ କାମକୁ ଫେରିଯାଅ ।- ଏକ ନିର୍ଦ୍ଦୟ ଦେବତା ଭଳି କଠିନ ଥିଲା ଡେଭିଡ ବେରୀର ଶବ୍ଦମାନ ।

ନିଷ୍ଠୁର ବେରୀ ତଥାପି ଭାବୁଥିଲା ଉଲାସ୍କର ପ୍ରକୃତରେ ପାଗଳ ହୋଇନି । ଏତେ ଯେ ଯନ୍ତ୍ରଣା ପରେ ଯେ ମାନସିକ ବିକୃତି ଆସିସାରିଛି ତାହା ବେରୀ ମାନୁନଥିଲା । ଚାରିଦିନ ପରେ ବେରୀ ସବରକରଙ୍କ ସହ ସାକ୍ଷାତ ହେଲା ଆଉ ସେ ସାକ୍ଷାତ ବିଷୟରେ ସବରକର ଲେଖିଥିଲେ ।- ସେ ଯେମିତି ମୋତେ ଦେଖିଛି ପାଟି କରି କହିଲା- ତୁମେ କେତେବେଳେ ପାଗଳ ହେବାକୁ ଯାଉଛ ? ତା'ପରେ ସେ ଉଲାସ୍କର କଥା କହିବାକୁ ଲାଗିଲା । ମୁଁ ସେତେବେଳେ ବେରୀକୁ ଚେତାବନୀ ଦେଲି- ତୁମର ଅକଥନୀୟ ଯନ୍ତ୍ରଣା ସେମାନଙ୍କୁ ପାଗଳ କରିଦେଉଛି ବା ଆତ୍ମହତ୍ୟା କରିବାକୁ ବାଧ୍ୟ କରୁଛି । ତୁମେ ତାଙ୍କୁ ଆଠଦିନପାଇଁ ଝୁଲାଇ କରି ରଖିଦେଲ. . . .. ସେ ପାଗଳ ହୋଇଗଲେ ।

ବେରୀ କହିଲା,– ଉଲାସ୍କର ପ୍ରକୃତରେ ପାଗଳ ନୁହେଁ, କେବଳ ପ୍ରଳାପ କରୁଛି କାମରୁ ମୁକ୍ତି ପାଇବା ପାଇଁ ।

ସେଲରେ ଉଲାସ୍କରଙ୍କ ଆର୍ତ୍ତନାଦ ଶୁଣାଯାଉଥାଏ । ଅନ୍ୟ ରାଜନୈତିକ କଇଦୀମାନେ ସେ ଶବ୍ଦ ଶୁଣି ଥରିଯାଉଥାନ୍ତି, କିଛି ବିଚଳିତ ହୋଇଯାଉଥାନ୍ତି । ଜମାଦାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବା ଢ୍ଵାର୍ଡରମାନେ କିଛି କରିପାରୁନଥାନ୍ତି । ଖବର ଡେଭିଡ ବେରୀ ପାଖକୁ ଚାଲି ଯାଉଥାଏ । ବେରୀ କେତେବେଳେ ବିଚଳିତ ହୋଇ ଚାଲୁଥାଏ ତ କେତେବେଳେ ଶାନ୍ତ ହୋଇ ନିଜ ଚେଆରରେ ବସୁଥାଏ । ତା' ଆଗରେ ଚୁକ୍ତିନାମା ପଡିରହିଥାଏ । ସେ ଲେଖାକୁ ପଢୁଥାଏ । ତା'କୁ କିଛି ଶୃଙ୍ଖଳା ତ ଆଣିବାକୁ ପଡ଼ିବ । ଲେଖା ମଧ୍ୟ ଦେବାକୁ ପଡ଼ିବ । ସେ ଉଲାସ୍କରଙ୍କ ସେଲ ଆଗରେ ଠିଆ ହୋଇଗଲା ।

ଆତତାୟୀ ଭଳି ମୋତେ ହତ୍ୟାକରିବ ଡେଭିଡ ବେରୀ । ଏବେ ମୋତେ ଛୁରୀଭୂଷି ହତ୍ୟାକର । ବୋମା ବିସ୍ଫୋରଣର ମୃତ୍ୟୁ ଦେଇଦିଅ । ଦୟାକରି ମୃତ୍ୟୁ ଦିଅ ।- ଉଲାସ୍କର କାକୁତିମିନିତି ହେଲେ ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧାଈ ମା

ଅଭୟ କୁଣ୍ଡ



ସମସ୍ତ ପ୍ରାଣୀମାନଙ୍କର ପ୍ରଥମ ପରିଚିତ ବ୍ୟକ୍ତି କିଏ ? ସରଳ ଉତ୍ତର 'ମା' । ମା'ର ସ୍ଥାନ ସବୁଠାରୁ ଉଚ୍ଚରେ । ମଣିଷ ସମାଜରେ ମା'ର ନିକଟତ୍ତମ ସ୍ଥାନ ନିଅନ୍ତି ମାଉସୀ ମା, ସାନ ମା, ବଡ ମାଆ, ପିଉସୀ ମା, ଗୁରୁ ମାଆ, ଧାଇ ମା ଓ ଅନ୍ୟ ଚତୁର୍ଷ୍ପଦ ପ୍ରାଣୀ ଗୋ ମାତା । ନିଜ ସନ୍ତାନର ସୁଖ ସମୃଦ୍ଧି ତଥା ଆପଦ ବିପଦ ବେଳେ ମାଆ ନିଜ ଜୀବନକୁ ବାଜି ଲଗାଇବାର ଅନେକ ଦୃଷ୍ଟାନ୍ତ ଆମ ପୁରାଣ ଶାସ୍ତ୍ର, ଇତିହାସ ଓ ସାହିତ୍ୟ ପୃଷ୍ଠା ମଣ୍ଡନ କରିଅଛି । ମଦର୍ ଟେରେସା ଫ୍ଲୋରେନ୍ସ ନାଇଟଙ୍ଗେଲଙ୍କ କଥା କିଏ ବା ନ ଜାଣେ ? କିନ୍ତୁ ଏପରି ଜଣେ ମାଆ ଆମ ଭାରତରେ ଜନ୍ମିଥିଲେ ଯାହାଙ୍କ ବଳିଦାନ ସ୍ୱାର୍ଥ ତ୍ୟାଗ ନିକଟରେ ଏଯାବତ୍ କେହି ବି ପହଞ୍ଚି ପାରିବେ ନାହିଁ । ବିଶ୍ୱର ବିରଳ ଠୁ ବିରଳତମ ମାଆ ଆଉ କେହି ନୁହନ୍ତି ସେ ଥିଲେ ଧାଈ ପାନ୍ନା । ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧର କଥା । ଭାରତରେ ଅସଂଖ୍ୟ ଦେଶୀୟ ରାଜ୍ୟ ଗଠନ ହୋଇ ସାନ ବଡ ରାଜା ଜମିଦାରମାନେ ଶାସନ କରୁଥିଲେ । ପ୍ରଜାମାନଙ୍କ ସୁଖ ଦୁଃଖ ବୁଝିବା ପରିବର୍ତ୍ତେ ସର୍ବଦା କଳହ ଯୁଦ୍ଧ ରକ୍ତପାତ ହିଂସା ଅହଙ୍କାରରେ ମତ୍ତ ରହୁଥିଲେ । ସୁରା ସାକି ସୁନା ତାଙ୍କର ପ୍ରିୟରୁ ପ୍ରୀୟତ୍ତର ଥିଲା । ସେଥିପାଇଁ ହତ୍ୟା ଲୁଣ୍ଠନ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ସେଥିରୁ ପିତାମାତା ଭାଇ କେହି ବି ଅକାଳରେ ବଳି ପଡୁଥିଲେ । ବିଶ୍ୱସ୍ତ ଅମାତ୍ୟ ସେନାପତି ନିଜ ରାଜାଙ୍କୁ ଏପରିକି ସମ୍ପୂର୍ଣ୍ଣ ରାଜବଂଶକୁ ଲୋପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଥିଲେ ରାଜ୍ୟ ତଥା ଧନ ଲୋଭରେ ।

ସେ ସମୟରେ ଉଦୟପୁର ଚିତୋରରେ ରାଣା ଉପାଧିଧାରୀ ରାଜାମାନେ ଶାସନ କରୁଥିଲେ । ସେମାନଙ୍କ ମଧ୍ୟରେ ରାଣା ବିକ୍ରମାଦିତ୍ୟ ଥିଲେ ଜଣେ । ସେ ଜଣେ ଦୁର୍ବଳ ଶ୍ରେଣୀର ରାଜା ଥିଲେ । ନାମକୁ ମାତ୍ର ଶାସନ କରୁଥିଲେ । ତାଙ୍କରି ବଂଶର ଜଣେ ଅବୈଧ ଯୁବକ ବନବୀର ରାଜ୍ୟ ସିଂହାସନ ପାଇଁ ହିଂସା କାଣ୍ଡ ଘଟାଇଥିଲା । ରାଜ୍ୟରେ ଅରାଜକତା ସୃଷ୍ଟି କରୁଥିଲା ବନବୀର । ରାଜା ସବୁ ଜାଣି ମଧ୍ୟ ତାକୁ ଆୟତ୍ତ କରି ପାରୁ ନ ଥିଲେ ।

ରାଣା ବିକ୍ରମାଦିତ୍ୟଙ୍କ ପାଟରାଣୀ ରାଣା ବଂଶର ଏକମାତ୍ର ଉତ୍ତରାଧିକାରୀ ଶିଶୁ ଉଦୟସିଂହଙ୍କୁ ଛାଡ଼ି ସ୍ୱର୍ଗାରୋହଣ କଲେ । ମୃତ୍ୟୁ ପୂର୍ବରୁ ନିଜ ଶିଶୁ ପୁତ୍ରଙ୍କୁ ବିଶ୍ୱସ୍ତା ଧାଇ ପାନ୍ନା ହାତରେ ସମର୍ପଣ କରିଥିଲେ । ଧାଇ ପାନ୍ନା ମଧ୍ୟ ଶପଥ କରିଥିଲେ ଯେ ରାଜକୁମାରଙ୍କ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଦେବେ । ସେତେବେଳକୁ ପାନ୍ନାଙ୍କର ମଧ୍ୟ ରାଜପୁତ୍ର ଉଦୟସିଂହଙ୍କ ବୟସର ଏକ ପୁତ୍ର ଥିଲା । ଦୁଇ ଶିଶୁଙ୍କର ଲାଳନ ପାଳନ ଦାୟିତ୍ୱ ସହ ରାଣା ବିକ୍ରମାଦିତ୍ୟଙ୍କର ସେବା କାର୍ଯ୍ୟରେ ପାନ୍ନା ନିୟୋଜିତ ଥିଲେ । ରାତିରେ ଶିଶୁ ଉଦୟସିଂହ ଓ ନିଜ ଶିଶୁ ପୁତ୍ର ଦୁଇ ଜଣଙ୍କୁ ନିଜ କୋଠରୀରେ ଶୁଆଇ ଦେଉଥିଲେ ଧାଇ ମା ପାନ୍ନା । ସେଦିନ ଥିଲା ସେହି କାଳରାତ୍ରି । ନିଶୀଥର ଦ୍ୱିତୀୟ ପ୍ରହର । ଦୁଇ ପୁଅଙ୍କୁ ଖୁଆଇ ପିଆଇ ଶୁଆଇ ଦେଇଥିଲେ ଧାଇ ପାନ୍ନା । ହଠାତ୍ ଅଦୂରର ଅନ୍ତପୁର ଭିତରୁ ନାରୀ କେତେ ଜଣ ଚିତ୍କାର କରି ଉଠିଲେ । ଜଣେ ଦାସୀ ଧାଇଁ ଆସି ଜଣାଇଲା ବନବୀର ହାତରେ ନିହତ ହୋଇଛନ୍ତି ମହାରାଣା ବିକ୍ରମାଦିତ୍ୟ ।

ପାନ୍ନା ଭଲ ଭାବରେ ବୁଝିଗଲେ ଘାତକ ପରବର୍ତ୍ତୀ ପଦକ୍ଷେପ କଣ ନେବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଂହାସନ ପାଇଁ ରାଣାଙ୍କୁ ହତ୍ୟା କଲା ତେଣୁ ରାଜପୁତ୍ରଙ୍କୁ ମାରି ନିଷ୍କଣ୍ଟକ ରାଜ୍ୟ ଭୋଗ କରିବ ବନବୀର । ଆଜି ରାତି ହେବ ଉଦୟସିଂହଙ୍କର ଶେଷ ରାତି । କାଳ ବିଳମ୍ବ ନ କରି ରାଜପୋଷାକ ଖୋଲି ଦେଲେ ଓ ନିଜ ପୁଅ ପୋଷାକ ପିନ୍ଧାଇ ଏକ ପଛିଆରେ ତାଙ୍କୁ ଶୁଆଇ ଦେଇ କିଛି ଆବର୍ଜନା ତା ଉପରେ ବିଛାଇ ଦେଲେ । ନିଜ ପୁଅକୁ ରାଜପୋଷାକ ପିନ୍ଧାଇ ପଲଙ୍କରେ ଶୁଆଇ ଦେଇ ପଥର ପ୍ରତିମା ପରି ଛିଡ଼ା ହୋଇ ଅପେକ୍ଷା କଲେ ମାଆ ପାନ୍ନା । କାଳେ ରାଜପୁତ୍ର ଉଠି ପଡିବେ ଭାବି ଜଣେ ବିଶ୍ୱସ୍ତ ଦାସୀ ହାତରେ ପାଛିଆରେ ଶୋଇଥିବା ରାଜପୁତ୍ରକୁ ଏକ ଗୋପନ ପଥରେ ବାହାରକୁ ପଠାଇ ଦେଲେ ଓ ସେହି ଅନ୍ଧକାରରେ ଅପେକ୍ଷା କରିବାକୁ କହିଲେ । ରାଜପୁତ୍ରଙ୍କୁ ନେଇ ଦାସୀ ପଳାୟନ କଲା । କିଛି ସମୟ ପରେ ହଠାତ୍ ବନବୀର କୋଶ ମୁକ୍ତ ଅସି ଧରି ସେଠାରେ ପହଞ୍ଚି ଦ୍ରୁପ୍ତ କଣ୍ଠରେ ପଚାରିଲା, "ପାନ୍ନା, କେଉଁଠି ଅଛି ରାଜପୁତ୍ର ଉଦୟସିଂହ ?" ଭୟଙ୍କର ନର ରାକ୍ଷସଙ୍କୁ ପାନ୍ନା କିଛି କହି ପାରିଲେ ନାହିଁ । ଆଙ୍ଗୁଳି ଦେଖାଇ ପଲଙ୍କ ଉପରେ ଶୋଇଛନ୍ତି ବୋଲି ଇଙ୍ଗିତ କଲେ । କାଳ ବିଳମ୍ବ ନକରି ବନବୀର ନିଦ୍ରିତ ଶିଶୁ ପୁତ୍ରଙ୍କୁ ଜନ୍ମଦାତ୍ରୀ ମାଆ ଆଗରେ ହତ୍ୟା କଲା ଓ ବିଦ୍ରୁପ ହସ ହସି ପ୍ରତ୍ୟାବର୍ତ୍ତନ କଲା । ନିଜ ପୁତ୍ରକୁ ହରାଇ ମାଆ ପାନ୍ନା ଅଚେତ୍ ହୋଇଗଲେ କିଛି ସମୟ ପାଇଁ । ଜଣେ ସହଚରୀ ପାଣି ସିଞ୍ଚି ତାଙ୍କୁ ସଚେତ କଲାରୁ ତତକ୍ଷଣାତ୍ ନିଜ ପୁତ୍ରର ରକ୍ତରଞ୍ଜିତ ଶବକୁ ଶେଷଥର ଚୁମ୍ବନ ଦେଇ ଶବଦାହ କରିଦେଲେ । ସକାଳ ହେବା ଆଗରୁ ଝଡ଼ ବେଗରେ ପ୍ରାସାଦରୁ ବାହାରିଗଲେ ମାଆ ପାନ୍ନା । ପୂର୍ବରୁ ଯେଉଁ ଦାସୀ ହାତରେ ଉଦୟସିଂହଙ୍କୁ ପଠାଇ ଦେଇଥିଲେ ତା ପାଖରେ ପହଞ୍ଚିଲେ । ଦୁହେଁ ଛଦ୍ମ ବେଶରେ ଅନେକ ବଣଜଙ୍ଗଲ ଅତିକ୍ରମ କରି ଆରାବଳି ପର୍ବତ ଉପତ୍ୟାକାର ଜଙ୍ଗଲ ରାଜା ଆଶା ଶାହଙ୍କ ଶରଣାପନ୍ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ । ରାଜା ଆଶା ଶାହ ରାଜପୁତ୍ର ଉଦୟସିଂଙ୍କୁ ଗ୍ରହଣ କଲେ । ଅକଥନୀୟ ବେଦନାକୁ ଚାପି ରଖି ଧାଇ ପାନ୍ନା ବିଦାୟ ନେଲେ । ଯେଉଁ ଚିତୋର ଦୁର୍ଗର ସେ ରାଜପୁତ୍ରର ଜୀବନ ରକ୍ଷା ପାଇଁ ନିଜ ପୁଅକୁ ମୃତ୍ୟୁର କୋଳରେ ଶୁଆଇ ଦେଇଥିଲେ ଆଉ ସେଠାକୁ ଫେରିଯିବାର ଧୈର୍ଯ୍ୟ ତାଙ୍କର ନଥିଲା । ନିଜର ପ୍ରତିଜ୍ଞା ପୂରଣ କରି ଧାଇ ପାନ୍ନା ମାନବିରୁ ଦେବୀ ପାଲଟି ଗଲେ ସବୁ ଦିନ ପାଇଁ ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡିଆଭଙ୍ଗା ତାଳଚେର

ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଦ୍ୟାର ମନ୍ଦିର

ଅମରନାଥ ବାରିକ



ବିଦ୍ୟାଳୟ ତ ନୁହେଁ, ତାହା ହେଉଛି ଦେବାଳୟ । କାହିଁକି ନା ଯେଉଁଠି କୁନିକୁନି ପିଲାମାନଙ୍କର ନିଛନ୍ଦ କୋଳାହଳ, ପରସ୍ପର ମଧ୍ୟରେ ସୁନ୍ଦର ବନ୍ଧୁତା, ଯେଉଁ ବନ୍ଧୁତ୍ୱରେ ସ୍ୱାର୍ଥ ନାହିଁ, ସରଳ ନିରୀହ ମୁହଁରେ ସରସ ହସ ଆଉ କଅଁଳ ମୁଖରେ ହେଉଥାନ୍ତି ଦରୋଟି କଣ୍ଠରେ କଥାବାର୍ତ୍ତା । ପ୍ରକୃତରେ ଯଦି କେଉଁଠି ଈଶ୍ୱର ଥାଆନ୍ତି ତାହେଲେ ଏହି କୋମଳମତି ଶିଶୁ ମାନଙ୍କ ଠାରେ ହିଁ ପ୍ରକଟ ହୋଇଥାନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅଥବା ମା ସରସ୍ୱତୀ, ବାବା ଗଣପତି । ନା ଥାଏ ତାଙ୍କ ପାଖରେ ଟଙ୍କା ପଇସାର ସ୍ୱପ୍ନ ନା ଥାଏ ତାଙ୍କ ପାଖରେ କୋଠାବାଟିର ସ୍ୱପ୍ନ । କେବଳ ଗୋଟାଏ ଜରି କାଗଜରେ ମୋଡ଼ାହୋଇ ରହିଥିବା ଚୁଚୁମା ପାଖରେ ଥାଏ ତାଙ୍କର ମନ । ମିଛ ତ ତାଙ୍କ ପାଖରେ ଟିକେ ହେଲେ ନଥାଏ । କାହିଁକି ନା ତାଙ୍କ ପାଖରେ ଥାଏ ଗୋଟାଏ ମାତ୍ର ଭୟ। ମିଛ କହିଲେ କାଳେ ପାଠ ହୁଏ ନାହିଁ । ଯଦି କେବେ କେହି ମିଛ କହିଦିଏ ତାହେଲେ ତାକୁ ଅନ୍ୟମାନେ ଡରେଇ ଥାଆନ୍ତି “ତୋ ବିଦ୍ୟାରାଣ ମିଛ କୁହନା ।” ଆଉ ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ ହେବା ଆଗରୁ ପ୍ରାର୍ଥନାରେ ଏହି କଥା ବୋଲା ଯାଇଥାଏ -

"ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ ଏତିକି ଶିଖାଅ ସାଇଁ ହେ

ମୋର ଧନ ଜନ ଲୋଡା ନାହିଁ ହେ ।"

କିଏ ବା ଭୁଲିପାରିବ ସେହି ପିଲାଦିନର ସ୍ମୃତି ସବୁକୁ ଓ ଝାଟିମାଟିର ଚାଳ ଛପର ତଳେ ପଢ଼ା ଯାଉଥିବା ସେହି ଅଭୁଲା ପାଠ, ବେତ ପାହାର । ପୁଣି ଗୁରୁଜୀଙ୍କର ସେହି ହିତ ବାଣୀ । ହଁ ଆଜି ବି ମନେ ପଡ଼େ ସେହି ପୁରୁଣା କଥା । ଗୋଟିଏ କଲମରେ ବର୍ଷ ବର୍ଷ ଧରି ପାଠ ପଢ଼ିବା । ଯଦି ସେହି କଲମଟିଏ ହଜିଗଲା ତାହେଲେ ମା'ଙ୍କ ଠାରୁ ଗାଳି ଶୁଣିବା । ଖାତା ସରିଗଲେ ବାପାଙ୍କ ପାଖରେ କାଗଜ ପାଇଁ ଅଳି କରିବା । ଖାଇବା ଛୁଟିରେ ସାଙ୍ଗମାନଙ୍କ ସହିତ ଏକାଠି ବସି ଖାଇବା । ସରସ୍ୱତୀ ପୂଜା ଗଣେଷ ପୂଜା ଆସିଲେ ମାସକ ଆଗରୁ ପାଞ୍ଚ ପାଞ୍ଚ ଟଙ୍କା ଚାନ୍ଦା ଆଦାୟ କରିବା । ତା ସହିତ ମନେପଡେ ବର୍ଣ୍ଣବୋଧ ପାଠ ।

ଚକ ଅଖ କଳ ନଳ, ଆଇ ଉଇ ।

"ହରିଣ ନ ଦିଏ ଧରା, ଦୌଡ଼ନା ବଡ଼ ଖରା।

ପଣସ ରସ ବଡ଼ ସରସ, ଛପର ଘର ବଡ ଜବର ।

ପିତାମାତାଠାରୁ ବଡ଼ ଦେବତା କେ

ସରଗ ରାଇଜେ ନାହିଁ

ତାଙ୍କରି ଆଶିଷେ ସାହା ଏକା ସିନା

ବିପଦୁ ତରିବା ପାଇଁ ।"

ଧୋବ ଫରଫର ଢିଲା ପଞ୍ଜାବୀ, ନୀଳ ଉଜାଲା ରଙ୍ଗଦିଆ ଧୋତି । କଳା ରଙ୍ଗର ଫ୍ରେମ୍ ହୋଇଥିବା ଗୋଲେଇ କାଚ ଚଷମା । ପରାଗନ୍ ଭଳି ଚମଡ଼ାର ପୁରୁଣା ଚପଲ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକେଟରେ ମରାଯାଇଥିବା କଲମ । ନିଶରୁ ହଲେ ରଖି ଆସନ୍ତି ପଢ଼ାଇବା ପାଇଁ ଆମ ଗୁରୁଜୀ । ସମସ୍ତ ଛାତ୍ରଛାତ୍ରୀ ନିଶବ୍ଦ ହୋଇ ଯାଆନ୍ତି ସେତେବେଳେ । କେବଳ ଚାଳ ଉପରୁ ଶୁଭୁଥାଏ ସେହି ଘରଚଟିଆଙ୍କ କିଚିରି ମିଚିରି ଶବ୍ଦ । ପାଠ ଶେଷରେ ଗୁରୁଜୀ ପିଲାମାନଙ୍କୁ ଗପ ଶୁଣାନ୍ତି:

"ଦିନେ ଟୁଆଁ ଟୁଇଁକୁ ଡ଼ାକି କହିଲା ଆରେ ଗୋଟେ କଥା ଜାଣିଛ ! ଭାଲୁ ଆମ ଘରକୁ ନିମନ୍ତ୍ରଣ ପତ୍ର ନେଇ ଆସିଥିଲେ ଆଜି । ସେ ବହୁତ କରି କହି ଯାଇଛନ୍ତି ଯେ ଆମକୁ ଯିବା ପାଇଁ କାଲି ସନ୍ଧ୍ୟାରେ ହାତୀ ରାଜାଙ୍କ ବାହାଘରକୁ । ହାକିମ ହାତୀ ରାଜା ଦୂରରୁ ଥାଇ କହିଛନ୍ତି ଯେ ତାଙ୍କ ବାହାଘରରେ ଆମକୁ ବରଯାତ୍ରୀ ହୋଇ ଯିବା ପାଇଁ । ତାଙ୍କ ବାହାଘରରେ ତେଲିଙ୍ଗି ବାଇଦ ତୂରୀ, ଭେରି, ମହୁରୀ, ଶଙ୍ଖ ବାଜିବ । ଠେକୁଆ ମାନେ ଦଳବଳ ହୋଇ ନାଚିବେ । ଗଧମାନେ ଲିଚୁ ଲାଇଟି ଗଛଫୁଲ ଆଦି ଧରି ଚାଲିବେ । ବାଘ ଭାଇନା ବାଣୁଆ ହୋଇ ଜଙ୍ଗଲରେ ବାଣ ଫୁଟାଇବେ । ବାକି ଆଉ ଯେତେ ଜୀବଜନ୍ତୁ ସବୁ ରହିଲେ ଜଙ୍ଗଲରେ ସେମାନେ ମିଶି ହାତୀ ରାଜାଙ୍କ ରଥ ଟାଣିବେ । ଯେତେବେଳେ ହାତୀରାଜା ରୋଷଣୀ କରି ଘରୁ ବାହାରି ଯିବେ ସେତେବେଳେ ବେଙ୍ଗୁଲି ମାନେ ହୁଳହୁଳି ପାକାଇବେ ଓ ବେଙ୍ଗ ମାନେ ତାଳି ମାରିବେ । ବାକି ରହିଗଲେ ବିଲୁଆ ନନା ସେ ବେଦମନ୍ତ୍ର ପଢ଼ି ଫୁଲମାଳ ପିନ୍ଧାଇ ହାତୀ ରାଜାଙ୍କର ବାହାଘର କରିବେ । ଓଟମାନେ ମିଠାଇ କ୍ଷୀରି ଆମ୍ବିଳ ପୁରି ଇତ୍ୟାଦି ବାଣ୍ଟିବେ ବସି । ନେଉଳ ଶ୍ୱାନ ଆଉ ଯେତେ ପଶୁ ପକ୍ଷୀ କୀଟ ପତଙ୍ଗ ରହିଲେ ସେମାନେ ସବୁ ମନ ଖୁସିରେ ବସି ଭୋଜିଭାତ ଖାଇବେ ହସିହସି । ହରିଣ ମାନେ ସେହି ଭୋଜିଭାତ ରାନ୍ଧିବେ ସୁସ୍ୱାଦୁ କରି । ଖାଇବା ପରସିବା କାମ ସବୁ ସିଂହମାନେ କରିବେ । ଶେଷରେ ଘୋଡ଼ା ଗାଡ଼ିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଣି ଆଦରର ସହ ଘରେ ଛାଡ଼ିଦେଇ ଯିବେ । ସେଠାରେ ବହୁତ ଆନନ୍ଦ ଲାଗିବ । ତେଣୁ ଆମେ କାଲି ସନ୍ଧ୍ୟାରେ ନିଶ୍ଚୟ ଯିବା ବୋଲି ଟୁଇଁ ଟୁଆଁକୁ କହିଲା କାନରେ ।"

ଏମିତି ପ୍ରକାରର ଗପ ଗୀତ ପାଠ ସମ୍ଭାରକୁ ନେଇ ରସମୟ ହେଉଥିଲା ପାଠପଢ଼ା । ଯାହା ଆଜିର ଶିଶୁମାନଙ୍କ ପାଇଁ ଏକ ଉଦାହରଣ । କେବଳ କାନ୍ଥରେ ଝୁଲୁଥିବା ଫଟଭଳି ସେହି ସମୟ ପାଲଟି ଯାଇଛି ଅଲୋଡ଼ା ଅଭୁଲା ଅତୀତ ହୋଇ ଆଜି । କଥା ଛଳରେ ଏହି କ୍ଷୁଦ୍ର ଶିଶୁ ଗଳ୍ପଟି ଥିଲା । ଯାହା ଆଗରୁ ଏହି ଗଳ୍ପ ସମ୍ବନ୍ଧୀୟ ଏକ କବିତା ରଚନା କରିବାରେ ସକ୍ଷମ ହୋଇଥିଲି ମା' ସରସ୍ୱତୀଙ୍କ କୃପାରୁ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Email - amarnath.barick@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟର ଖେଳ

ବାସନ୍ତୀ ଦେଇ



ସମୟ ବଡ଼ ବଳବାନ । ସମୟ ଓ ସ୍ରୋତ କାହାକୁ ବି ଅପେକ୍ଷା କରେନି । ସମୟର ଚକ୍ର ଘୁରୁଥାଏ ଅବିରତ । କେତେବେଳେ କାହାକୁ କେଉଁ ପରିସ୍ଥିତିରେ ପକାଏ ତାହାର କଳନା କରିବା କଷ୍ଟସାଧ୍ୟ । କେତେବେଳେ ଖୁସିର ପାହାଡ ଉପରେ ବସାଏ ତ କେତେବେଳେ ଦୁଃଖର ସାଗରରେ ଭସାଏ । କାଳଚକ୍ର ଗତିକୁ ରୋଧିବାକୁ କାହାର ବା ସାଧ୍ୟ ଅଛି । ସେହିଭଳି ସମୟର ଖେଳରେ ଗାଁର ଟିକି ଝିଅ ରାଣୀର ସ୍ୱପ୍ନ କିପରି ବାସ୍ତବ ରୂପ ନେଇଛି ସେ ସମ୍ପର୍କରେ ଗୋଟିଏ ଛୋଟିଆ କାହାଣୀ ।

ମଲ୍ଲୀପୁର ଗାଁର ଟିକି ଝିଅ ରାଣୀ । ବାଲ୍ୟକାଳ ତା'ର ବହୁତ ଅଭାବ ଅନାଟନରେ କଟିଛି । ବହୁତ ଦୁଃଖ କଷ୍ଟ କରିଛି ଜୀବନରେ ସେ । ହେଲେ ସେ ସବୁ ଘାତ ପ୍ରତିଘାତକୁ ଡେଇଁ ଭଲ ପାଠ ପଢ଼େ । ବିଦ୍ୟାଳୟରେ ଗୁରୁଜୀ  ଓ ସାଙ୍ଗସାଥୀମାନେ ତାକୁ ବହୁତ ଭଲ ପାଉଥିଲେ । ଦୁନିଆର ଭଲମନ୍ଦ କିଛି ବୁଝେନା ରାଣୀ । ତା ଆଖିରେ କିନ୍ତୁ ଥାଏ ସ୍ୱପ୍ନ ଅସୁମାରି । ସେ ତା'ର ଭାବନା ରାଜ୍ୟରେ ସର୍ବଦା ଉଡ଼ି ବୁଲୁଥାଏ । ସେ କେବେ ନିଜକୁ ଛୋଟ ଭାବେ ନାହିଁ କି ଘରର ଅଭାବ ଅସୁବିଧା କଥା ଭାବେ ନାହିଁ । ତା'ର କେବଳ ଧ୍ୟାନ ଥାଏ ପାଠପଢ଼ାରେ । ସେ ତା'ର ଶିକ୍ଷକମାନଙ୍କୁ ଯଥେଷ୍ଟ ସମ୍ମାନ ଦିଏ । ସାର୍ ମାନଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜେ ଜଣେ ଶିକ୍ଷୟିତ୍ରୀ ହେବାକୁ ସେ ମନରେ ଚିନ୍ତା କରେ । ସାର୍ ଙ୍କ କଥା ବାପାମାଆଙ୍କ କଥା ଅକ୍ଷରେ ଅକ୍ଷରେ ମାନିଥାଏ । ତା'ର ସ୍ୱପ୍ନ ଥାଏ କି ସେ ବହୁତ ପାଠ ପଢି ଶିକ୍ଷକତା କରିବ । ଆଉ ସମୟ ମଧ୍ୟ ତା'ର ସାଥ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲା । ଘରେ ମଧ୍ୟ ବାପା ମାଆଙ୍କୁ କାମରେ ସହଯୋଗ କରେ । ସେ କଠିନ ପରିଶ୍ରମ କରି ପାଠ ପଢେ । ଯେଉଁଦିନ ରାଣୀ ପାଠପଢି ଶିକ୍ଷକ ପଦବୀରେ ଚାକିରି ଅର୍ଡର ପାଇଲା ତା'ର ଖୁସି କହିଲେ ନସରେ । ସତେ ଯେମିତି ସରଗର ଚାନ୍ଦ ତାକୁ ମିଳିଯାଇଛି । ରାଣୀର ବାପାମାଆଙ୍କ ସହିତ ଘରେ ସମସ୍ତେ ବହୁତ ଖୁସି ଥିଲେ । ପିଲାଦିନୁ ସ୍ୱପ୍ନ ଦେଖୁଥିବା ରାଣୀର ସ୍ୱପ୍ନ ଆଜି ବାସ୍ତବ ରୂପ ନେଇଛି । ତା'ର ପରିବାରର ସବୁ ଦୁଃଖ ଘୁଞ୍ଚିଯାଇଛି । ସମୟର ଖେଳରେ ରାଣୀ ବାଜି ମାରିଛି । ତା'ର ନିଷ୍ଠା, କଠିନ ପରିଶ୍ରମ ଓ ବାପାମାଆ ଓ ସାର୍ ଙ୍କ ଆଶୀର୍ବାଦ ଯୋଗୁଁ ସେ ତା'ର ସ୍ୱପ୍ନକୁ ସାକାର କରିପାରିଛି ।

ସମୟର ଖେଳ ରାଣୀକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଦେଇଥିବାରୁ ରାଣୀ ଈଶ୍ୱରଙ୍କ କୃପାକୁ ଜୀବନରେ ଅନୁଭବ କରେ ଓ ପ୍ରଭୁଙ୍କୁ ଅଶେଷ କୃତଜ୍ଞତା ଜଣାଏ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଙ୍ଗଲରେ ନଗର

ସୁଧାଂଶୁ ଶେଖର ଦ୍ୱିବେଦୀ



ଥରେ ପାର୍ବତୀ ଓ ମହାଦେବ କୈଳାସ ପର୍ବତରେ ବସି ବାର୍ତ୍ତାଳାପରେ ମଗ୍ନ ଥାଆନ୍ତି ହଠାତ୍ ନାରଦ ମୁନି ଉପସ୍ଥିତ ହେଲେ । କଥାରେ କଥାରେ ନାରଦ ମହାଦେବଙ୍କୁ କହିଲେ-ପ୍ରଭୁ ! ବହୁଦିନ ବିତି ଗଲାଣି ଆପଣ ଭୂଲୋକ ଯାଇନାହାନ୍ତି । ଚାଲନ୍ତୁ ସେଠାକାର ଖବର ବିଷୟରେ ଅବଗତ ହୋଇଆସିବା ।

ମହାଦେବ କହିଲେ, "ନାରଦ ! ତୁମେ ଠିକ୍ ସମୟରେ ମନେ ପକାଇଛ । ମୁଁ ବି ଏହି ବିଷୟରେ କିଛିଦିନ ହେବ ମନେ ପକାଉଥିଲି । ମୁଁ ବିଲକୁଲ ପ୍ରସ୍ତୁତ ଅଛି । ଚାଲ-ଏଇ ମୁହୂର୍ତ୍ତରେ ଭୂଲୋକ ଯାତ୍ରା କରିବା ।"

ମା' ପାର୍ବତୀ ନିଜ ସ୍ଥିତିକୁ ସମ୍ଭାଳି ନପାରି କହିଲେ, "ପ୍ରଭୁ ! ମୋତେ ବି ଆପଣଙ୍କ ସହିତ ଭୂଲୋକ ଭ୍ରମଣ ନିମନ୍ତେ ନେଇ ଚାଲନ୍ତୁ ।"

ମହାଦେବ ଆଶ୍ଚର୍ଯ୍ୟ ମୁଦ୍ରାରେ ରହି କହିଲେ, "ନା ନା, ତାହା ହେଇ ପାରିବ ନାହିଁ । ତୁମେ ମୋ ସାଥିରେ ଗଲେ କୌଣସି ନା କୌଣସି ଅଘଟଣ ଘଟେଇବ ।"

ମହାଦେବଙ୍କ ଅନିଚ୍ଛାକୃତ ବାକ୍ୟକୁ ନାରଦ ସହି ନପାରି ଅଗତ୍ୟା କହିଲେ, "ପ୍ରଭୁ ! ଏଥିରେ ଅସୁବିଧା କଣ ହେବ ! ମା' ଯେତେବେଳେ ଅନୁରୋଧ କରୁଛନ୍ତି ସାଙ୍ଗରେ ନେଇଯିବା ଉଚିତ୍ ହେବ ।"

ମହାଦେବ ନାରଦଙ୍କ ବାଣୀରେ କିଛିକ୍ଷଣ ଗମ୍ଭୀର ମୁଦ୍ରାରେ ରହି କହିଲେ, "ହଉ, ତୁମେ ଯଦି କହୁଛ ତୁମ ମା'ଙ୍କୁ ସାଙ୍ଗରେ ନେଇଯିବି । କିନ୍ତୁ ଭୂଲୋକରେ ପହଞ୍ଚିବା ପରେ ଯଦି କୌଣସି ଅସୁବିଧା ସୃଷ୍ଟି ହୁଏ ତାହେଲେ ମୋତେ ଦୋଷାରୋପ କରିବ ନାହିଁ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାପରେ ମହାଦେବ, ମା' ପାର୍ବତୀ ଏବଂ ଦେବର୍ଷି ନାରଦ ଭୂଲୋକ ଭ୍ରମଣରେ ପହଞ୍ଚିଗଲେ । ତିନିହେଁ ଗୋଟେ ନଗର ରାସ୍ତାରେ ଯାଉଥାନ୍ତି ପାର୍ବତୀ ଦେଖିଲେ କେତେକ ସ୍ତ୍ରୀଲୋକ ନଦୀ ଘାଟରେ ବିସି ପୂଜା ତର୍ପଣ ଆଦି କରୁଛନ୍ତି । ତୁରନ୍ତ ସେ ଭଗବାନ ମହାଦେବଙ୍କୁ କହିଲେ, "ପ୍ରଭୁ ! କିଛିକ୍ଷଣ ଏହିଠାରେ ଅପେକ୍ଷା କରନ୍ତୁ । ମୁଁ ବି ପୂଜା ବିଧିବଦ୍ଧ ଭାବେ କରିନିଏ ।"

ମହାଦେବ ବିଚଳିତ ଅବସ୍ଥାରେ କହିଲେ, "ଦେବୀ ! ତୁମେ ଏଠାରେ ପୂଜାବିଧି କରୁ କରୁ ଅଯଥା ସମୟ ନଷ୍ଟ କରିବ ।"

ନାରଦ କହିଲେ, "ପ୍ରଭୁ ! ଆପଣ ଏମିତି ବିବ୍ରତ ହୁଅନ୍ତୁ ନାହିଁ । ବିଧିବଦ୍ଧ ପୂଜା କରିବା ପାଇଁ ମା'ଙ୍କୁ ଏଠାରେ ଛାଡି ଯାଆନ୍ତୁ । ଆମେ ଆଗେ ଆଗେ ଯାଉଛୁ । ମା' ଆମ ପଛରେ ଆସି ଯୋଗ ହେଇଯିବେ ।"

ମହାଦେବ ପୁଣିଥରେ ଗମ୍ଭୀର ହୋଇ କହିଲେ, "ହଉ ଯାହା ତୁମର ଇଚ୍ଛା ।"

ପାର୍ବତୀ ସ୍ତ୍ରୀ ମାନଙ୍କ ନିକଟକୁ ଚାଲିଗଲେ । ମହାଦେବ ଓ ନାରଦ ଆଗକୁ ବଢିଲେ । ମା' ପାର୍ବତୀ ସ୍ତ୍ରୀମାନଙ୍କ ନିକଟରେ ପହଞ୍ଚି ପଚାରିଲେ, "ତୁମେମାନେ କଣପାଇଁ ଏଭଳି ପୂଜା କରୁଛ ?"

ସେମାନେ କହିଲେ, "ଆମେ ଆମ ସଧବା ଜୀବନ ଅକ୍ଷୁର୍ଣ୍ଣ ରଖିବାକୁ ଏହି ପୂଜା କରୁଛୁ । ମା' ମଧ୍ୟ ସେଠାରେ ସ୍ତ୍ରୀମାନଙ୍କ ପୂଜାବିଧି ଦେଖିବାକୁ ଲାଗିଲେ । ପୂଜା ସମାପନ ପରେ ସମସ୍ତେ ନିଜ ନିଜ ଘର ଅଭିମୂଖେ ଚାଲିଲେ । ଇତ୍ୟବସରରେ ମା' ପାର୍ବତୀ ମନେ ମନେ ଭାବିଲେ, "ମୋତେ ବି ଭଗବାନ ଶିବଙ୍କ ଅକ୍ଷୁର୍ଣ୍ଣ ଆୟୁଷ ପାଇଁ ଦୃଢ଼ ପୂଜାବିଧି କରିବାକୁ ହେବ ।" ଭାବନା ମଧ୍ୟରେ ରହି ତୁରନ୍ତ ସେ ବାଲିରେ ଭଗବାନ ମହାଦେବଙ୍କର ଏକ ପ୍ରତିମା ନିର୍ମାଣ କରି ପୂଜା କରିବାକୁ ଲାଗିଲେ । ବାଲିରେ ପୂଜା ସାମଗ୍ରୀ, ପ୍ରସାଦ ଆଦି ତିଆରି କରି ଭୋଗ ଲଗାଇଲେ । ପୂଜା ସମାପନ ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଦେବ ଓ ନାରଦଙ୍କ ନିକଟରେ ପହଞ୍ଚିଗଲେ । ମହାଦେବ ପାର୍ବତୀଙ୍କୁ ଦେଖି ପଚାରିଲେ, "ତୁମେ ପୂଜା କରି ଆସିଲ ?"

"ହଁ ପ୍ରଭୁ !" ମା' ନମ୍ର ଭାବେ ଉତ୍ତର ଦେଲେ ।

ପ୍ରସାଦରେ କଣ ସବୁ ଭୋଗ ଲଗାଇଲ ?

ଖିରି ଭୋଗ ଲଗାଇଲି । ମା' ସତ ନକହି ଛଳନା କଲେ ।

ନଦୀଘାଟରେ ଖିରି କୋଉଠୁ ପାଇଲ ?

ନଦୀଘାଟକୁ ଆସିଥିବା ସ୍ତ୍ରୀଲୋକମାନେ ମୋତେ ତାଙ୍କ ଭାଗରୁ କିଛି ଖିରି ଦେଇଥିଲେ ।

ଆଚ୍ଛା ! ତୁମେ ଏକା ଏକା ଖିରି ଭୋଗ ଖାଇଦେଲ ? ଆମେ ଦୁହେଁ ଏଠି ଚାଲି ଚାଲି ନୟାନ୍ତ ହେଲୁଣି ଅଥଚ ଆମପାଇଁ ଆଣିଲା ନାହିଁ ! ଚାଲ, ଆଉଥରେ ସେ ପୂଜାସ୍ଥଳକୁ ଯିବା । ପୁଣିଥରେ ବିଧିବଦ୍ଧ ପୂଜା କରି ଆମକୁ ଖିରି ଭୋଗ ଖୁଆଇବ ।

ମା' ଛଳନା କରୁଥିବା ହେତୁ ଶଂସୟରେ ପଡିଗଲେ । ହେଲେ ଭଗବାନ ମହାଦେବ କୋଉ ମାନିବା ଦେବ ! ଆଉ କିଛି ଉପାୟ ନ ପାଇ ମା' ସହସା ଏକ ମାୟା ନଗରୀ ଉକ୍ତ ନଦୀ କୂଳରେ ନିର୍ମାଣ କରିଦେଲେ । ପୁଣି ମହାଦେବ ଓ ନାରଦଙ୍କ ସହିତ ଉକ୍ତ ନଗରୀରେ ପହଞ୍ଚିଗଲେ । ନଦୀ କୂଳରେ ବଡ଼ ବଡ଼ ଉଦ୍ୟାନ, ବିଶାଳ ଭବନ ଆଦି ଦେଖି ନାରଦ ଓ ମହାଦେବ ଆଶ୍ଚର୍ଯ୍ୟଚକିତ ହେଉଥାନ୍ତି । ପାର୍ବତୀ ନାରଦ ଓ ମହାଦେବଙ୍କୁ ଭବନ ମଧ୍ୟକୁ ନେଇ ଖିରି ଖାଇବାକୁ ଦେଲେ । ମହାଦେବ ଖିରି ଖାଇସାରି କହିଲେ, "ବାଃ ଖିରି ଖାଇବାରେ ମହା ଆନନ୍ଦ ମିଳିଲା । ଆଜି ରାତିରେ ଆମେ ଏହି ଭବନରେ ରହିଯିବା । ଆସନ୍ତା କାଲି ପ୍ରାତଃ କାଳରେ ସ୍ଥାନ ତ୍ୟାଗ କରି ଅନ୍ୟତ୍ର ଭ୍ରମଣକୁ ବାହାରିବା ।"

ମହାଦେବଙ୍କ ବାର୍ତ୍ତା ଶୁଣି ମା' ଭୟଭୀତ ହୋଇ ଭାବିଲେ, "କାଳେ ମୋ ଛଳନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭୁ ଜାଣିଯିବେ ତା' ପୂର୍ବରୁ ଏ ସ୍ଥାନରୁ ପ୍ରସ୍ଥାନ କରିବା ଉଚିତ୍ ହେବ ।" ପରେ ପରେ ମା' ସେଠାରେ ରହିବାକୁ ମନା କରିଦେଲେ । ତିନିହେଁଙ୍କ ସମ୍ମତିକ୍ରମେ ପୁନଃ ଆଗକୁ ବଢିଲେ । ଅନେକ ଦୂର ଯିବାପରେ ମହାଦେବଙ୍କର ମନେ ପଡ଼ିଲା ଗଳାର ରୁଦ୍ରାକ୍ଷ ମାଳ ଖିରି ଖାଇବା ସମୟରେ ଉକ୍ତ ଭବନରେ ଛାଡି ଆସିଛନ୍ତି । ସହସା ସେ ରାସ୍ତା ମଧ୍ୟରେ ଅଟକି କହିଲେ, "ମୋ ରୁଦ୍ରାକ୍ଷ ମାଳ ଭବନରେ ଛାଡି ଆସିଛି । ତୁମେ ଦୁହେଁ ଏଇଠାରେ ଅପେକ୍ଷା କର, ମୁଁ ଏଇ ସଙ୍ଗେ ସଙ୍ଗେ ଯାଇ ନେଇ ଆସୁଛି ।"

ମା' କହିଲେ, "ପ୍ରଭୁ ! ଆପଣ କାହିଁକି କଷ୍ଟ କରିବେ ମୁଁ ଯାଇ ନେଇ ଆସୁଛି ।"

"ନା ନା ତୁମେ ଯିବା ସମ୍ଭବ ନୁହେଁ । ଆମେ ବହୁଦୂର ଅତିକ୍ରମ କରି ସାରିଛୁ । ହୁଏତ ଉକ୍ତ ସ୍ଥାନର ଠିକଣା ଭୁଲିଯିବ । ମାଳ ଆଣିବାପାଇଁ ମୁଁ ସ୍ୱୟଂ ଯିବି ।"

ମା' ପାର୍ବତୀ ଭଗବାନ ମହାଦେବଙ୍କୁ ବହୁତ ବୁଝେଇ ଅଟକାଇବାକୁ ପ୍ରୟାସ କଲେ । କିନ୍ତୁ ସେ ତାଙ୍କ କଥା ଆଦୌ ସ୍ୱୀକାର କଲେ ନାହିଁ । ଦୁହିଙ୍କ ଯୁକ୍ତି ତର୍କ ମଧ୍ୟରେ ନାରଦ କହିଲେ, "ଭଗବାନ ! ଆପଣ ଦୁହେଁ ଏଇଠି ଅପେକ୍ଷା କରନ୍ତୁ । ମୁଁ ଯାଉଛି ଆପଣଙ୍କ ରୁଦ୍ରାକ୍ଷ ମାଳ ନେଇ ଆସିବି । ଏହା କହିବା ସହିତ ସ୍ୱୟଂ ସେ ମାଳ ଆଣିବା ଲାଗି ନଗର ଅଭିମୂଖେ ଚାଲିଲେ ।

ମହର୍ଷି ନାରଦ କିଛି କ୍ଷଣ ମଧ୍ୟରେ ଉକ୍ତ ନଗର ଥିବା ସ୍ଥାନରେ ପହଞ୍ଚି ବଡ଼ ବିଷମ ସମସ୍ୟାରେ ପଡିଲେ । ଯେଉଁଠାରେ କିଛି ସମୟ ପୂର୍ବରୁ ନଗରଟି ବଡ଼ବଡ଼ ଉଦ୍ୟାନ ବିଶାଳ ପ୍ରାସାଦ ରୂପେ ବିଦ୍ୟମାନ ଥିଲା ଏବେ ତାହା ଘୋର ଜଙ୍ଗଲରେ ପରିପୂର୍ଣ୍ଣ । ହଠାତ୍ ସେ ଗୋଟେ ବୃକ୍ଷରେ ଝୁଲୁଥିବା ମହାଦେବଙ୍କ ରୁଦ୍ରାକ୍ଷ ମାଳ ଦେଖି ବାହାର କଲେ ଏବଂ ମହାଦେବ ଓ ପାର୍ବତୀଙ୍କ ନିକଟକୁ ଫେରି ଆସିଲେ । ପାଖରେ ପହଞ୍ଚୁ ପହଞ୍ଚୁ ଶ୍ୱାସରୁଦ୍ଧ ହୋଇ ପଡ଼ିଥାନ୍ତି ।

ତାଙ୍କର ଏଭଳି ଅବସ୍ଥା ଦେଖି ଭଗବାନ ମହାଦେବ ପଚାରିଲେ, "କଣ ହେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାରଦ ! ତୁମେ ଏମିତି ଶ୍ୱାସରୁଦ୍ଧ ହୋଇପଡିଛ କାହିଁକି ?”

ପ୍ରଭୁ ! କଣ କହିବି ଯେଉଁଠାରେ କିଛି ମୁହୂର୍ତ୍ତ ପୂର୍ବରୁ ଏତେବଡ଼ ପ୍ରାସାଦ, ନଗର, ଉପବନ ଶୋଭା ପାଉଥିଲା ସେଠାରେ ଏବେ ଅଗନାଗ୍ନି ଜଙ୍ଗଲରେ ପରିପୂର୍ଣ୍ଣ । ଯାହାହେଉ କୌଣସି ପ୍ରକାରେ ଆପଣଙ୍କ ରୁଦ୍ରାକ୍ଷ ମାଳ ମିଳିଗଲା ।

ଭଗବାନ ମହାଦେବ ସ୍ମିତ ହସ ମଧ୍ୟରେ ମା' ପାର୍ବତୀଙ୍କୁ କଣେଇ କଣେଇ ଚାହିଁ କହିଲେ, “ସେସବୁ ପାର୍ବତୀଙ୍କ ମାୟାର ନଗରୀ ଥିଲା । ସତରେ ମୋତେ ଖିରି ଖୋଇବା ପାଇଁ ତାଙ୍କୁ କେତେ ପ୍ରକାର ଛଳନା ସୃଷ୍ଟି କରିବାକୁ ପଡିଲା ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪


ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯୌତୁକ ଜୁଇରେ ଝିଅ

ଅଙ୍କିତ ସାହୁ



ସକାଳୁ ସକାଳୁ ପୁଅ ପାଖକୁ ଫୋନ୍ ଆସିଲା ପୁଅ ଫୋନ ଉଠେଇବା ପରେ ସେପଟୁ କିଛି ଶୁଭିଲା କିଏ ବୋଧେ କିଛି କହୁଥିଲା । ହଠାତ୍ ମୋ ପୁଅ ଫୋନ ଧରି ଦୌଡ଼ି ମୋ ପାଖକୁ ଆସିଲା । ମୁଁ ସେତେବେଳେ ଆମ ଗାଆଁ ପାଖ ଜମିରେ ସକାଳୁ ସକାଳୁ ଧାନ କାଟିବା ପାଇଁ ଯାଇଥାଏ ପୁଅ ଦୌଡ଼ି ଆସିବାରୁ ଧଇଁ ସଇଁ ହେଉଥାଏ ।

ମୁଁ = କିରେ କଣ ହେଲା ତୁ ଏମିତି ଦୌଡ଼ି କଣ ପାଇଁ ଆସୁଛୁ ତତେ ମନା କରିଥିଲି ନା ଏମିତି ଦୌଡା ଦୌଡ଼ି କରିବୁନି ହେଲେ ମୋ କଥା କାଇଁ ଶୁଣିବୁ !

ପୁଅ=ବାପା ଦେଇ ଶାଶୁ ଘର ଲୋକେ ଫୋନ କରିଛନ୍ତି ସେଥିପାଇଁ ।

ମୁଁ=କଣ ଏତେ ସକାଳୁ ଫୋନ୍ କରିଛନ୍ତି କଣ ପାଇଁ ତୋ ଦେଇ କିଛି କରିଛି କି ?

ପୁଅ=ନାହିଁ ବାପା ସେମିତି କିଛି ନାହିଁ ହେଲେ ବଡ କଥା ଅଛି ।

ମୁଁ=ସେମିତି କିଛି ନାହିଁ ବଡ କଥା ଅଛି କିରେ ତୁ କଣ କହୁଛୁ ବୁଝେଇ କହୁନୁ ?

ପୁଅ=ବାପା ଦେଇ ଦିଅର ଫୋନ କରିଥିଲେ କହିଲେ କି ଦେଇ ଆଉ ନାହିଁ ସେ କାଲି ରାତିରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛି ।

ଏହି କଥା ପଦକ ଶୁଣି ମୋତେ ଲାଗିଲା ଯେମିତି ମୋ ପାଦତଳୁ ମାଟି ଖସି ଗଲା । ଏମିତି ଲାଗିଲା ଯେମିତି ମୋ ଛାତି ଭିତରୁ ମୋ ହୃଦୟଟା କେହି କାଢି ନେଲା । ଆଖିରୁ ଲୁହ ଧାର ବୋହି ଆସିଲା ।

କଣ କହିଲୁ ମୋ ଝିଅ ଆତ୍ମହତ୍ୟା କରିଛି ? ମୋ ଝିଅ ଆଉ ଏ ଦୁନିଆରେ ନାହିଁ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁ ମିଛ କହୁଛୁ ମୋ ଝିଅ ମୋ ଝିଅ ସେମିତି କରିବ ନାହିଁ । କହି କାନ୍ଦି ପକାଇଲି । ହେଲେ ପୁରୁଷ ପୁଅ ସେଥିପାଇଁ ନିଜ ଦୁଃଖକୁ ଚାପି ପୁଅକୁ ପଚାରିଲି ମୋତେ ବିଶ୍ୱାସ ହେଉ ନଥାଏ କି ମାତ୍ର ଛଅ ମାସ ପୂର୍ବରୁ ମୋ ଝିଅ ବାହାଘର ହେଇଥିଲା ହେଲେ ଏବେ ମୋ ଝିଅ ଆଉ ନାହିଁ ।

ମୁଁ=ତୋ ବୋଉ ଏ ବିଷୟରେ କିଛି ଜାଣିଛି ନା ନାହିଁ ଏ ବିଷୟରେ ?

ପୁଅ କହିଲା ନା ଜାଣିନି ।

ପୁଅ=ମୁଁ ଆସିଲା ବେଳେ ବୋଉ ନଈ କୁ ଯାଇଥିଲା ଗୋଧେଇବା ପାଇଁ ଏବେ ଆସି ସାରିବଣି ।

ତା କଥା ଶୁଣି ମୁଁ କିଛି ନ କହି ଘରକୁ ତା ସାଥିରେ ଚାଲିଲି । ଘରେ ଆସି ଦେଖିଲି ତ ଶ୍ରୀମତୀ ଗାଧେଇ ସାରି ଘରକୁ ଆସି ଠାକୁର ପୂଜା କରୁଥାଏ । ମୁଁ କିଛି ନକହି ଘର ବାହାରେ ପଡ଼ିଥିବା ଚୌକି ଉପରେ ବସି ପଡ଼ିଲି । ପୂଜା ସାରି ଶ୍ରୀମତୀ ବାହାରକୁ ଆସି ଯେତେବେଳେ ଦେଖିଲେ ଆମେ ବାପା ପୁଅ ଦୁହେଁ ବସିଛୁ । ପୁଅକୁ ଦେଖି ଘର କୁଆଡେ ଯାଇଥିଲା ପଚାରିଲା ପୁଅ ମୋ ପାଖକୁ ଯିବା କଥା କହିଲା ଶ୍ରୀମତୀ ମୋତେ ଦେଖି,

ଶ୍ରୀମତୀ=ହେଇଟି ତମେ ପରା କଣ ଧାନ କାଟିବା ପାଇଁ ଯାଇଥିଲ ଆଉ କହୁଥିଲ କି ଆଜି ଦିନ ଏଗାରଟା ପୂର୍ବରୁ ସେ ବିଲ ଧାନ ଅଧା କାଟି ଦବ ଆଉ ଏଠି କଣ ଏ ସମୟରେ ଆସିଲଣି । କଣ ହେଲା କି ?

ମୁଁ କିଛି ନ କହି ଚୁପ୍ ଚାପ୍ ହେଇ ବସିଥାଏ ତା ପରେ ଶ୍ରୀମତୀ କହିବାକୁ ଲାଗିଲେ, "ଜାଣିଛ କାଲି ରାତିରେ ନା ମୁଁ ଆମ ଝିଅକୁ ସପନରେ ଦେଖିଥିଲି । ମୋ ଝିଅ ମୋତେ କହୁଥିଲା କି ବୋଉ ମୁଁ ଏଥର ଘରକୁ ଗଲେ ତୋ ହାତ ତିଆରି ଆମ୍ବୁଲ ଶୁଖୁଆ ରାଇ ତରକାରୀ ଖାଇବି ଆଉ ମୋ ପାଇଁ ପୋଡ଼ ପିଠା କରି ଦବୁ । ମୁଁ ସବୁ ଏକା ଖାଇବି ଭାଇ କି ତୋ ସାନ ପୁଅକୁ ଜମା ଦେବିନି । ହେଇଟି ମୋତେ କାଇଁ ତା କଥା ଭାରି ମନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡୁଛି । ତମେ ଧାନ କାଟି ସାର ଆମେ ଯାଇ ତାକୁ ଦେଖି ଆସିବା । ଛୁଆଟା ମୋର ସେଇ କୁଁଆର ପୁନେଇକୁ ଆସିଥିଲା ତା ପରେ ଆଉ ଆସିନି । ଆମେ ଯାଇ ତାକୁ ଦେଖି ଆସିବା । ନ ହେଲେ ତାକୁ ସାଥିରେ ନେଇ ଆସିବା କିଛି ଦିନ ରହି ଯିବ । ସମୁଦୀ ଆଉ ସମୁଦୁଣିଙ୍କ ସାଥିରେ କଥା ହେଇ ଯିବା ।

ମୁଁ କିଛି ନ କହି ସେମିତି ଚୁପ୍ ହେଇ ବସି ତାକୁ ଅନେଇ ଥାଏ । କେମିତି କହିବି କି ସେ ମା'କୁ ଯିଏ ଯେଉଁ ଝିଅ କଥା କହୁଛି କି ସେ ଆସିଲେ ତାକୁ ପୋଡ଼ ପିଠା କରି ଖୁଆଇ ଦବ ସେ ତ ଆଉ ନାହିଁ କେମିତି କହିବି କି ମୋ ଝିଅ ଆଉ ଆସିବ ନାହିଁ ଏ ଘରକୁ କେମିତି କହିବି ।

ମୋତେ ଚୁପ୍ ଦେଖି ଶ୍ରୀମତୀ ଆସି ପଚାରିଲା, କଣ ହେଇଛି ତମକୁ କଣ କିଛି କହୁନ ଚୁପ୍ ହେଇ କଣ ବସିଛ । ପାଖରେ ମୋର ପୁଅ ବସିଥାଏ । ତାକୁ ପଚାରିଲା କି କଣ ହେଇଛି ସେ ବି କିଛି ନକହି ଚୁପ୍ ହେଇ ବସିଥାଏ ଟିକେ ଜୋର୍ ପାଟି କରି ପଚାରିବାରୁ ପୁଅ କହିଲା,

ପୁଅ=ବୋଉ ସେ ଦେଇ କହି ଚୁପ୍ ହେଇ ଗଲା ।

ଶ୍ରୀମତୀ=କଣ ହେଇଛି ମୋ ଝିଅର ଆରେ ତୁ କହୁନୁ କଣ ପାଇଁ କଣ ହେଇଛି ?

ପୁଅ=ସେ ଦେଇ ଆଉ ଏ ଦୁନିଆରେ ନାହିଁ କାଲି ରାତିରେ ନିଜ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛି ।

ଏହା ଶୁଣି ମୋ ଝିଅ କହି ରଡ଼ି କରି କାନ୍ଦିବା ଆରମ୍ଭ କରିଦେଲା । ତା କାନ୍ଦ ଶୁଣି ଘର ପାଖ ଲୋକ ଧାଇଁ ଆସିଲେ । କଣ ହେଲା ବୋଲି ପଚାରିବାରୁ ମୋ ସାନ ପୁଅ ସବୁ କଥା କହିଲା । ସାଙ୍ଗେ ସାଙ୍ଗେ ମୋ ଘର ଆଗରେ ଗାଆଁ ଲୋକମାନେ ରୁଣ୍ଡ ହେଇଗଲେ । ଗାଆଁରେ ଥିବା ଭାଉଜ, ପୁତୁରା ବୋହୂମାନେ ଆସି ମୋ ସ୍ତ୍ରୀକୁ ଧରି ଥାଆନ୍ତି । ମୋ ସ୍ତ୍ରୀ ମୋତେ ଧରି କାନ୍ଦିଥାଏ । ମୁଁ ସେମିତି ଚୁପ୍ ହେଇ ବସି ଆଖିରୁ ଲୁହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଡାଉ ଥାଏ । ଏମିତି କାନ୍ଦ ବୋବାଳି ହେଇ ମୋ ଘର ଫାଟୁଥାଏ । ସାଙ୍ଗେ ସାଙ୍ଗେ ମୋ ବଡ ପୁଅକୁ ଆମ ଗାଁ ପିଲା ଫୋନ କରି ଖବର ଦେଲେ । ବଡ଼ ପୁଅ ମୋ ସାଥିରେ କଥା ହେବା ପାଇଁ କହିଲା । ହେଲେ ମୋର ପରିସ୍ଥିତି ଏମିତି ଥିଲା ଯେ ଆମ ଗାଁ ବଡ ଭାଇ ଆଉ ସାନ ଭାଇମାନେ ବଡ ପୁଅ ସାଥିରେ କଥା ହେଲେ । ବଡ ପୁଅ ହାଇଦ୍ରାବାଦ୍ ରେ ରହି କାମ କରେ । ଆର ଦିନ ସକାଳେ ପହଞ୍ଚିବା କଥା କହି ଫୋନ୍ ରଖିଲା ।

ଗାଆଁରେ ଜଣେ ପୁତୁରା ହେବ ତାର ବୋଲୋର ଗାଡ଼ି ଅଛି । ସେ ସାଙ୍ଗେ ସାଙ୍ଗେ ଆସି କହିଲା କି ଦାଦା ମୁଁ ଗାଡ଼ି ବାହାର କରୁଛି । ଚାଲ ଆମେ ଯିବା । ଗାଆଁରେ କିଛି ଲୋକ ଆଉ ମୋ ସ୍ତ୍ରୀ ପୁଅ ମୁଁ ସାଥିରେ ଆମ ଗାଆଁର ବଡ଼ ଭାଉଜ ଆଉ ପୁତୁରା ବୋହୂ ଆମେ ମିଶି ମୋ ଝିଅ ଘରକୁ ବାହାରିଲୁ । ମୋ ସ୍ତ୍ରୀ ଖାଲି କାନ୍ଦୁଥାଏ ବୋଲି ତାକୁ ଆମ ବଡ଼ ଭାଉଜ ଆଉ ପୁତୁରା ବୋହୂ ଧରିଥାନ୍ତି ।

ମୋ ଗାଁରୁ ମୋ ଝିଅ ଶାଶୁ ଘର ପ୍ରାୟ ଦୁଇ ଘଣ୍ଟାର ବାଟ ଏଇ ଦୁଇ ଘଣ୍ଟାର ବାଟ ମୋତେ ଦୁଇ ଯୁଗ ଭଳି ଲାଗୁଥାଏ । ଆଜି ମୋର ସେହି ଦିନ କଥା ମନେ ପଡ଼ି ଯାଉଛି ଯେଉଁ ଦିନ ମୋ ଘରକୁ ମୋ ଝିଅ ଆସିଥିଲା ।

(ବାହାଘରର ଦେଢ଼ ବର୍ଷ ପରେ ମୋ ବଡ ପୁଅର ଜନ୍ମ ହେଲା ମୋର ପ୍ରଥମ ପୁତ୍ର ସନ୍ତାନ ହେବାରୁ ସମସ୍ତେ ପ୍ରାୟ ଖୁସିଥିଲେ । ମୁଁ ଖୁସିଥିଲି ହେଲେ ଏତେ ନୁହଁ କାଇଁ ନା ମୁଁ ପ୍ରଥମେ କନ୍ୟା ସନ୍ତାନ ପାଇଁ ଇଚ୍ଛା ରଖିଥିଲି ହେଲେ ଜଗନ୍ନାଥ ମୋତେ ପୁଅଟେ ଦେଲେ ହେଲେ ଯାହା ହଉ ଭଲ ହେଲା ବଡ ପୁଅ ଜନ୍ମ ହେବାର ମାତ୍ର ଗୋଟେ ଦୁଇ ବର୍ଷ ପରେ ମୋ ଝିଅ ମୋ ମା ଠାକୁରାଣୀ ମୋ ଘରକୁ ମୋ ଝିଅ ରୂପରେ ଆସିଲେ । ମୋର ମନେ ଅଛି ମୋ ଝିଅ ଯେତେବେଳେ ତା ମାଆ ଗର୍ଭରେ ପ୍ରଥମେ ରହିଲା ସେହି ବର୍ଷ ମୋର ଚାଷ ବହୁତ୍ ଭଲ ହେଇଥିଲା । ଆଗରୁ ଚାଷ ହୁଏ ହେଲେ ଏତେ ଭଲ ନୁହଁ । ହେଲେ ସେହି ବର୍ଷ ଠାରୁ କେବେ ଚାଷ ଖରାପ ହେଇନି ସବୁ ବର୍ଷ ଭଲ ଚାଷ ହୁଏ । ମୋ ଝିଅକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ମୁଁ ପ୍ରଥମେ ଦେଖିଲି ଡାକ୍ତରଖାନାର ସେହି ପଲଙ୍କ ଉପରେ ଶୋଇଥିଲା କେଡେ ଟିକି ଛୁଆଟେ ହେଇଥିଲା । ତା ବୋଉ ଆଉ ତାକୁ ନେଇ ଯେତେବେଳେ ଘରକୁ ଆସିଲୁ ଗୃହ ପ୍ରବେଶ ପରେ ମୋତେ ଲାଗିଲା ଯେମିତି ସ୍ୱୟଂ ମା ଠାକୁରାଣୀ ମୋ ଘରକୁ ଆସିଛନ୍ତି । ତାର ଏକୋଇଶିଆ ଦିନ ଯେତେବେଳେ ତାର ନାମ କରଣ ହେଲା ତ ମୁଁ ତା ନା ମା ଦୁର୍ଗା ଆଉ ମା ଲକ୍ଷ୍ମୀଙ୍କ ନାଁରେ ରଖିଲି । ଭଲ ନା ଟା ଦୁର୍ଗା ମା ନାଁ ରେ ଆଉ ଡାକ ନାଁ ଲକ୍ଷ୍ମୀ ମା ନାଁ ରେ ।

ମୋ ଝିଅ ଆସିବାର ଦୁଇ ବର୍ଷ ପରେ ମୋ ସାନ ପୁଅର ଜନ୍ମ ମୋ ଜୀବନର ସବୁ ଖୁସି ପାଇ ଯାଇଥିଲି ଆମେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ଯେମିତି ବହୁତ୍ ଭାଗ୍ୟବାନ ହେଇ ଯାଇଥିଲୁ । ମୋ ଝିଅ ଆସିବା ଦିନଠାରୁ ମୋ ଘରେ କେବେ କୌଣସି ପ୍ରକାର ଜିନିଷର ଅଭାବ ରହିଲା ନାହିଁ । ଘରେ ତିନି ପିଲାମାନଙ୍କ ହସ ଖୁସି ରଗିବା ରଷା ଦେଖି ଆମେ ସ୍ୱାମୀ ସ୍ତ୍ରୀ ଖୁସି ହୋଇ ଯାଇଥିଲୁ । ଧୀରେ ଧୀରେ ମୋ ଝିଅ ବଢ଼ିବାକୁ ଲାଗିଲା ଭଲ ପଢୁଥିଲା ନିଜ ଶ୍ରେଣୀରେ ସବୁ ବେଳେ ଭଲ ସ୍ଥାନରେ ରହୁଥିଲା ଏମିତି ପଢ଼ି ସେ ନିଜର +୩ ସରିଲା । ଦିନେ ଶୁଣିବାକୁ ପାଇଲି ଯେ ମୋ ଝିଅ କୁଆଡେ କେଉଁ ପୁଅ ସହ ବୁଲୁଥିଲା ଝିଅକୁ ଡାକି ସ୍ନେହରେ ପଚାରି ବୁଝିଲି ତ ସେ କହିଲା କି ସେ ଜଣେ ପୁଅକୁ ଭଲ ପାଉଛି ଆଉ ତାକୁ ବିବାହ କରିବା ପାଇଁ ଚାହୁଁଛି । ମୁଁ ଝିଅକୁ କିଛି ନକହି ଚୁପ୍ ହେଇ ରହିଗଲି ।)

ଏହା ଭିତରେ ଆମେମାନେ ଆସି ମୋ ଝିଅର ଶାଶୁଘରେ ପହଞ୍ଚିଗଲୁ । ଘର ଭିତରେ ଯାଇ ଦେଖିଲୁ ଯେ ମୋ ଝିଅ ଗୋଟେ ସଅପ ଉପରେ ଚିର ନିଦ୍ରାରେ ଶୋଇଛି । ହେଲେ ସେ ଘରେ କେହି ନାହାନ୍ତି ଖାଲି ଯାହା ସେ ଘର ପାଖ ପଡିଶା ଘର ଲୋକେ ଆଉ ଆମ ପାଖକୁ ଫୋନ କରିଥିବା ମୋ ଝିଅର ଦାଦା ଶଶୁର ପୁଅ ଆଉ ତା ଦାଦା ଶଶୁର ଘର କିଛି ଲୋକ । ମୋ ଝିଅର ନିଜ ଶାଶୁ, ଶଶୁର, ଜ୍ୱାଇଁ ଆଉ ଦିଅର ଘରେ ନ ଥାଆନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ କୁଆଡେ ଲୁଚି ପଳେଇ ଯାଇଥାନ୍ତି ।

ମୋ ସ୍ତ୍ରୀ, ପୁଅ, ବଡ଼ଭାଉଜ ଆଉ ପୁତୁରା ବୋହୂ ମୋ ଝିଅକୁ ଧରି କାନ୍ଦୁଥାଆନ୍ତି । ଆଖ ପାଖ ଲୋକମାନଙ୍କ ସହ ଆଲୋଚନା ପରେ ଜାଣିଲୁ ଯେ କାଲି ସନ୍ଧ୍ୟାରେ ସବୁ କୁଆଡେ ଭଲ ଥିଲା ହେଲେ ରାତିରେ କଣ ହେଲା କେହି ଜାଣି ନାହାନ୍ତି । ସକାଳେ ମୋ ଝିଅର ଯେତେ ବେଳେ ତାଙ୍କ ଘରଲୋକକୁ ଡାକିବା ପାଇଁ ଆସିଛି ସେତେବେଳେ ଦେଖିଛି ଯେ ଘର କବାଟ ଖୋଲା ଅଛି । ସେ ଘରକୁ ପଶି ଆସି ଦେଖିଛି ତ ମୋ ଝିଅ ବେକରେ ଦଉଡି ଲଗାଇ ଝୁଲୁଛି । ତା ପରେ ସେମାନେ ଆମକୁ ଖବର ଦେଲେ ।

କିଛି ସମୟ ପରେ ପୁଲିସ ଆଉ କିଛି ସମାଚାର କର୍ମୀମାନେ ଆସିଲେ ମୋ ଝିଅ ପାଖରେ ସବୁ ଜିନିଷକୁ ଦେଖି  ରିପୋର୍ଟ ଲେଖିବା ପରେ ଆଉ ମୋର, ମୋ ସ୍ତ୍ରୀ ପୁଅ ଆଉ ଅନ୍ୟ ମାନଙ୍କର କଥା ଶୁଣି ତଦନ୍ତ କରିବାର ଆଶ୍ୱାସନା ଦେଇ ମୋ ଝିଅର ମୃତୁ ଶରୀରକୁ ନେଇ ଶବ ବ୍ୟବଚ୍ଛେଦ କରିବା ପାଇଁ ନେଇ ଗଲେ । ସାଥିରେ ମୋ ଝିଅର ଶାଶୁ ଘରକୁ ପୁଲିସ ବାବୁ ମାନେ ବନ୍ଦ୍ କରି ଦେଲେ ।

ଆମେ ମାନେ ବି ତାଙ୍କ ପଛରେ ଡାକ୍ତରଖାନାକୁ ଗଲୁ ସେଠି ଶବ ବ୍ୟବଚ୍ଛେଦ ଗୃହ ପାଖରେ ଯାଇ ବସିଲୁ । ମୋ ଆଖି ଆଗରେ ପୁଣି ଥରେ ସେହି ଦୃଶ୍ୟ ସବୁ ଦେଖା ଗଲା (ମୋ ଝିଅ ଭଲ ପାଇବା ଆଉ ବିବାହ କଥା କହିଲା ପରେ ମୁଁ ତା ଖୁସି ପାଇଁ ସେ ଭଲ ପାଉଥିବା ପୁଅ ସାଥିରେ ତାର ବିଭାଘର କରି ଦେଲି । ମୋତେ ମୋ ଝିଅ ଉପରେ ବିଶ୍ୱାସ ଥିଲା ଆଉ ମୋତେ ଲାଗିଲା କି ମୋ ଝିଅ ଯଦି ପସନ୍ଦ କରିଛି ସେ ପିଲା ଭଲ ହେଇଥିବ । ମୁଁ ସେ ପିଲା ବିଷୟରେ ଅଧିକ କିଛି ଖବର ଲଗାଇ କେବଳ ଝିଅ ଉପରେ ଥିବା ବିଶ୍ୱାସରେ ତା ବାହାଘରଟା କରି ଦେଲି । ପ୍ରଥମେ ପ୍ରଥମେ ସବୁ ଠିକ୍ ଥିଲା ହେଲେ ଧୀରେ ଧୀରେ ସେ ପୁଅ ଆଉ ତାର ପରିବାର ମୋ ଝିଅକୁ ଯୌତୁକ ନିର୍ଯାତନା ଦେବା ଆରମ୍ଭ କଲେ ମୋ ଝିଅ ମୋତେ ଆସି କହିବାରୁ ସେ ଯାହା ସବୁ କହିଲେ ମୁଁ ମୋ ଝିଅର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଲ ପାଇଁ ସେ ସବୁ ଦେଲି । ହେଲେ ଧୀରେ ଧୀରେ ସେ ଯୌତୁକ ରୁପି ରାକ୍ଷସ ମୋ ଝିଅକୁ ଖାଇବା ଆରମ୍ଭ କରି ଦେଲା।)

ଏହା ଭିତରେ ମୋ ଝିଅର ଶବ ବ୍ୟବଚ୍ଛେଦ ହେଇ ବାହାରକୁ ଆସିଲା । ତାକୁ ନେଇ ଆମେ ଆମ ଗାଆଁକୁ ଫେରିଲୁ । ଗାଆଁକୁ ଆସିଲା ପରେ ମୋ ଝିଅର ଅନ୍ତିମ କ୍ରିୟା ପାଇଁ ଜିନିଷ ପତ୍ର ଯୋଗାଡ ହେଲା ଆଉ କିଛି ସମୟ ପରେ ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ ଧ୍ୱନିରେ ମୋ ଘର ପାଖରୁ ନେଇ ଗାଆଁ ମଶାଣି ଯାଏ ଗଲୁ । ସେଠି ମୋ ଝିଅକୁ ସଙ୍ଗାଡି ଉପରେ ଶୁଆଇ ଦେଇ ତା ମୁହଁରେ ମୋ ସାନ ପୁଅ ନିଆଁ ଦେଲା । କିଛି ସମୟ ପରେ ମୋ ଝିଅର ଶରୀର ଅଗ୍ନିର ଆହୁତି ସାଥିରେ ମିଶିବାକୁ ଲାଗିଲା ।

ମୁଁ ସେଇଠି ପାଖରେ ବସି ମୋ ଝିଅକୁ ମୁଁ ଦେଖୁଥାଏ । ଆଜି ମୋ ଝିଅର ମୁହଁ ମୋତେ ଦେଖା ଯାଉଥାଏ କି ଶେଷଥର ପାଇଁ ସେ ଯେତେ ବେଳେ ଘରକୁ ଆସିଥିଲା ତା ଆଖିରେ ସେ ଖୁସି ନଥିଲା କେଉଁଠି ନ କେଉଁଠି ଟିକେ ଡର ଥିଲା । ମୁଁ କାଇଁ ମୋ ଝିଅର ସେହି ଡରକୁ ବୁଝି ପାରିଲି ନାହିଁ । ମୋ ଝିଅ ମୋ ଅବସ୍ଥା ଦେଖି କିଛି କହି ପାରିଲା ନାହିଁ । କେମିତି କହିବ ସେ ତା ବାପା ତ ଖୁସି ପାଇଁ ସେ ପସନ୍ଦ କରିଥିବା ପୁଅ ସାଥିରେ ତା ବାହାଘର କରାଇ ଦେଲେ ଯାହା ସେମାନେ ମାଗିଲେ ତା ବାପା ତାକୁ ଦେଲେ ଆଉ କଣ ସେ କହି ଥାଆନ୍ତା । ଏହି କଥା ଭାବି ସେ ଚୁପ୍ ହେଇ ରହିଯାଇଥିବ । ମୁଁ କାଇଁ ବୁଝି ପାରିଲି ନାହିଁ ଯେତେ ବେଳେ ମୋ ଝିଅ ତା ବୋଉକୁ କହିଲା କି ତ ଶାଶୁଘର ଲୋକେ ତାକୁ ଆହୁରି ଯୌତୁକ ଆଣିବା ପାଇଁ କହୁଛନ୍ତି । ଏତେ ସବୁ କିଛି ଦେଲା ପରେ ବି ସେମାନେ ଆହୁରି ଆଣିବା ପାଇଁ କହୁଛନ୍ତି ଯଦି ସେତେବେଳେ ବୁଝି ଯାଇଥାନ୍ତି ତ ମୋ ଝିଅ ଆଜି ମୋ ପାଖରେ ଥାଆନ୍ତା । କଣ ପାଇଁ ମୁଁ ବୁଝି ପାରିଲି ନାହିଁ କି ଯେଉଁ ପିଲା କିଛି କାମ ଧନ୍ଦା କରୁନାହିଁ ସେ କଣ ମୋ ଝିଅକୁ ବାହା ହୋଇ ଖୁସିରେ ରଖିବ । ଯଦି ସେତେବେଳେ ସେ ସବୁ ବୁଝି ଯାଇଥାନ୍ତି ତ ମୋ ଝିଅ ଆଜି ମୋ ପାଖରେ ଥାଆନ୍ତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ମୁଁ ତାକୁ ସେତେ ବେଳେ ମନା କରି ଦେଇଥାନ୍ତି ତ ମୋ ଝିଅକୁ ଆଜି ମୁଁ ଏମିତି ଦେଖି ନ ଥାଆନ୍ତି । କଣ ପାଇଁ ମୁଁ ମନା କରି ପାରିଲି ନାହିଁ କଣ ପାଇଁ ?

କାହିଁକି ନା ମୁଁ ଝିଅର ବାପା । ଯେଉଁ ଝିଅ ପାଇଁ ଏତେ ଠାକୁରାଣୀଙ୍କ ପାଖରେ ପ୍ରାର୍ଥନା କରିଥିଲି । ସେହି ଝିଅର ଖୁସି ପାଇଁ ମୁଁ ମନା କରି ପାରିଲି ନାହିଁ । କେମିତି ମନା କରି ଥାଆନ୍ତି ଯୋଉ ଝିଅର ଆଖିରୁ ଲୁହ ଝରିଲେ ମୋ ଆଖିରୁ ଲୁହ ଝରୁ ପଡୁଥିଲା କେମିତି ତାକୁ ମନା କରିଥାନ୍ତି ? ଯଦି ମନା କରି ଦେଇଥାଆନ୍ତି ତ ଭଲ ହେଇଥାନ୍ତା । ମୋର କଣ ଦୋଷ, କଣ ଦୋଷ ଝିଅର ବାପା ହେବ । ଦୋଷ କି ଝିଅକୁ ଭଲ ପାଇବା ଦୋଷ, ନିଜ ଝିଅ କଥା ମାନିବା ତା ଉପରେ ବିଶ୍ୱାସ କରିବା ଦୋଷ କଣ ମୋର ଦୋଷ ?

ଝିଅର ଯୌତୁକ ନିର୍ଯ୍ୟାତନା ଆଉ ଝିଅ ଚାଲି ଯିବାର ଅଭିଯୋଗରେ ଥାନାରେ ରିପୋର୍ଟ ସିନା ଦେଇଦେଲି ହେଲେ କଣ ମୋ ଝିଅ ଆଉ ଫେରିବ କି ? କଣ ମୋ ଝିଅକୁ ମୁଁ ଫେରି ପାଇବି କି ? ଯୌତୁକ ରୁପି ରାକ୍ଷସ ମୋ ଝିଅକୁ ଖାଇ ଦେଲା । ମୋ ଭଳି ଅନେକ ବାପା ମା ନିଜ ଝିଅକୁ ଏହି ଯୌତୁକ ପାଇଁ ହରାଇଛନ୍ତି ।

କଥାରେ ଅଛି ନାରୀ ନାରୀ ମାନଙ୍କ ଶତ୍ରୁ ଯୌତୁକ ନିର୍ଯାତନା ପାଇଁ ସବୁଠୁ ଅଧିକ ନାରୀ ମାନେ ଦୋଷୀ ମୁଁ କାଇଁ ବୁଝି ପାରିଲି ନାହିଁ । ମୋ ଝିଅ ଯେତେବେଳେ ତା ବୋଉକୁ କହୁଥିଲା କି ତା ଶାଶୁ ତାକୁ ଆହୁରି ଯୌତୁକ ଆଣିବା ପାଇଁ କହୁଛି ।

ମୋ ଝିଅ ଭଳି ଅନେକ ଝିଅ ଏହି ଯୌତୁକ ନିର୍ଯାତନାରେ ପ୍ରାଣ ହାରୁଛନ୍ତି । ଯଦି ଏହି ଯୌତୁକ ପ୍ରଥା ନ ରୁହନ୍ତା ତ କେତେ ଭଲ ହୁଅନ୍ତା । ଟିକେ ଥରେ ଭାବନ୍ତୁ ।

ମୁଁ ଜଣେ ଝିଅ ର ବାପା।

ନବମ ଶ୍ରେଣୀ ଛାତ୍ର, ଗ୍ଲୋବାଲ୍ ଇଣ୍ଡିଆନ ମଡେଲ ସ୍କୁଲ, ବିଦ୍ୟାଧରପୁର, କଟକ

ଠିକଣା: -ରାଜେନ୍ଦ୍ର ନାଗର, କଟକ ।


ମୋ:-୮୨୪୯୭୮୪୫୯୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭିନ୍ନ ଏକ ପ୍ରେମ କାହାଣୀ

ବିନୟ ମହାପାତ୍ର



କେହି ଜଣେ କହିଲା ରାସ୍ତା ସରି ଆସିଲାଣି, ପ୍ରସ୍ଥାନ ପାଇଁ ଏବେ ପ୍ରସ୍ତୁତି ଆରମ୍ଭ କରିଦିଅ । ହଁ ସତ କଥା, ପଥ ସରେ, ଅଲଗା ଅଲଗା ସମୟରେ ଷ୍ଟେସନ ଆସିଯାଏ, ଯାତ୍ରୀର ଯାତ୍ରା ବି ସରିଯାଏ । ପ୍ରସ୍ଥାନ ପାଇଁ ବିଶେଷ କିଛି ପ୍ରସ୍ତୁତିର ଆବଶ୍ୟକତା ହୁଏନି, ସାଥିରେ କିଛି ଲଗେଜ ବି ନଥାଏ, ଏକା ଏକା ଓହ୍ଲାଇ ପଡିବାକୁ ହୁଏ ନିର୍ଦ୍ଦିଷ୍ଟ ଷ୍ଟେସନରେ । ସାଥିରେ ଆଉ କେହି ନାହିଁ ନା ସାଙ୍ଗ ନା ସଙ୍ଗିନୀ ।

କେଉଁଠି ଗୋଟାଏ ଆର୍ଟିକ୍ଲରେ ପଢିଥିଲି, କେହି ଜଣେ ମହାପୁରୁଷ କହିଥିଲେ ତୁମର ପ୍ରକୃତ 'ଲାଇଫ ପାର୍ଟନର' କିଏ, ସେ ବିଷୟରେ । ତାଙ୍କ କହିବା ଅନୁସାରେ ମାଆ, ବାପା, ଭାଇ, ଭଉଣୀ ପତ୍ନୀ ସନ୍ତାନ କେହି ତୁମର ଜୀବନ ସଙ୍ଗିନୀ ନୁହେଁ, ଏପରିକି ପତ୍ନୀ ବି ନୁହେଁ । ତୁମର ନିଜ ଶରୀର ହିଁ କେବଳ ତୁମର ଜୀବନ ସଙ୍ଗିନୀ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ତୁମର ସାଥିରେ ରହେ । ସତ କଥା ତ, ଶରୀର ଛାଡିଲା ପରେ ଆଉ କିଏ ସାଙ୍ଗରେ ଥିବ ? କିନ୍ତୁ ମନରେ ଗୋଟିଏ ପ୍ରଶ୍ନ ଆସେ, ମୁଁ କଣ କେବଳ ଆତ୍ମା ? ଶରୀରରେ ପ୍ରବେଶ ଓ ପ୍ରସ୍ଥାନ ପର୍ଯ୍ୟନ୍ତ ସାଥିରେ ରହେ ? ତେବେ ପ୍ରାଣ କଣ ? ପ୍ରେମ କଣ ? ଏ ସବୁ କଣ କେବଳ ମାୟା ? ଏ ସବୁ ଯଦି ମାୟା, ତେବେ ଏଇ ମାୟା ହିଁ ଉତ୍ତମ, ମାୟା ମଣିଷକୁ ବଞ୍ଚିବା ଶିଖାଏ ଏବଂ ଏଇ ମାୟା ସହିତ ମଣିଷ ବଞ୍ଚେ ଓ ମରେ । କେବଳ ଶରୀର ଜୀବନ ସଙ୍ଗିନୀ ନୁହେଁ, ପ୍ରାଣ ଅଛି ତ ପ୍ରେମ ଅଛି, ବନ୍ଧନ ଅଛି ଏବଂ ଆମର ପ୍ରାଣ ଆମର ମାଆ, ବାପା, ଭାଇ, ଭଉଣୀ, ପତ୍ନୀ, ସନ୍ତାନ ସମସ୍ତଙ୍କ ଭିତରେ ବାଣ୍ଟିହୋଇ ଯାଇଛି ।

ଏଇ ଦି ଘଣ୍ଟା ଆଗରୁ ତ ସକାଳ ହୋଇଛି, ସୂର୍ଯ୍ୟ ଏବେ ଯାଏ ଭଲ ଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦି'ପାଦ ଆଗକୁ ବଢ଼ିନି, ହେଲେ ସିଏ, ସିଏ ମାନେ ମୋର ପ୍ରାଣପ୍ରିୟା ପତ୍ନୀ ସୁନୀତି ଦେବୀ, ହା ହା ଆପଣ ଭାବୁ ଥିବେ, ମୁଁ ପ୍ରାଣପ୍ରିୟା ଏଇଥି ପାଇଁ କହୁଛି, କାରଣ ତାଙ୍କୁ ମୁଁ ମୋର ନିଜ ପ୍ରାଣ ଠାରୁ ଅଧିକ ଭଲପାଏ । ଆରେ ନା' ନା' ସେମିତି ଜମାରୁ ନୁହେଁ, ଯେତେ ଭାବୁଛନ୍ତି ମୁଁ ସେତେ ଭଲ ପାଏନା ତାଙ୍କୁ । ପ୍ରାଣପ୍ରିୟା ଏଇଥି ପାଇଁ କହେ, କାରଣ ସେ ମୋର ଅଧା ପ୍ରାଣ ଆଉ ତାଙ୍କର ଅଧା ପ୍ରାଣ ଏକାଠି ସଂଯୁକ୍ତ ହୋଇ ଆମର ଗୋଟିଏ ପ୍ରାଣ ହୋଇ ଯାଇଛି । ଆମ ଦୁଇ ଜଣଙ୍କ ପ୍ରାଣ ଏକାଠି ମିଶି ଯେଉଁ ଗୋଟିଏ ପ୍ରାଣ ହୋଇଛି, ସେଇ ଗୋଟାକ ପ୍ରାଣ ଆମ ଦି'ଜଣଙ୍କ ପାଖରେ ଅଧା ଅଧା ହୋଇ ରହିଛି । ଯେମିତି ଅଧା ଗ୍ଲାସ ଖିର ଅଧା ଗ୍ଲାସ ପାଣି ଏକାଠି ମିଶାଇ ପୁଣି ଦୁଇଟି ଗ୍ଲାସରେ ଅଧା ଅଧା କରି ରଖିଦେଲେ କେଉଁଟା ପାଣି କେଉଁଟା ଖିର ଜାଣି ହୁଏନି, ଠିକ୍ ସେମିତି । ଆମେ ଦିଜଣ ପରସ୍ପରକୁ ସମାନ ସମାନ ପ୍ରେମ କରୁ, ତେଣୁ ସେ ମୋର ପ୍ରାଣପ୍ରିୟା । ସେଇଥି ପାଇଁ ତାଙ୍କୁ ପ୍ରାଣପ୍ରିୟା କହେ ।

ଏବେ ଠାକୁର ଘରେ ଘଣ୍ଟି ବାଜିବାର ଶବ୍ଦ ଶୁଭୁଛି, ଗୁଣୁ ଗୁଣୁ କରି କିଛି ମନ୍ତ୍ର ସ୍ୱର ବି ଶୁଭୁଛି । ଠିକ୍ ଭାବେ ବୁଝି ହେଉନି ତଥାପି.. ବୋଧ ହୁଏ ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବିତୁର୍ଂବରେଣ୍ୟଂ... ମାନେ ଗାୟତ୍ରୀ ମନ୍ତ୍ର ହୋଇ ପାରେ । ମିଠା ମିଠା ଧୂପ କାଠିର ମହକ ଭାସି ଆସୁଛି ପବନରେ । ମୁଁ ତ ପୂଜା ପାଠ କରେନି, ତେଣୁ ସେ ମୋ ଭାଗର ପୂଜାଟା ବି ସେ କରି ଦିଅନ୍ତି ଆଉ ସେଇଥି ପାଇଁ ବୋଧ ହୁଏ ତାଙ୍କୁ ଏତେ ସମୟ ଲାଗିଯାଏ । ଏତେ ସମୟ, ମାନେ ୨୦ ରୁ ୨୫ ମିନିଟ୍ । ଯଦି କେବେ ପଚାରେ ଏତେ ପୂଜା ପାଠ କରି କଣ ମାଗୁଛ ଠାକୁରଙ୍କୁ ? ସେ କିଛି କହନ୍ତିନି, ଖାଲି ଟିକିଏ ହସି ଦିଅନ୍ତି ! ସେଇ ହସ ଯେମିତି କହେ, ତୁମେ ତ ସବୁ ଜାଣିଛ, ପୁଣି ପଚାରୁଛ କଣ ?

ହଁ ସତ କଥା, ମୁଁ ଜାଣେ ସେ ବରଦାନରେ କଣ ଚାହାଁନ୍ତି । ପ୍ରଥମେ ତ ଘର ପରିବାରର ସମସ୍ତଙ୍କର କୁଶଳ ମଙ୍ଗଳ, ମାନେ 'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରାମୟଃ' ତାପରେ ମୋ ପାଇଁ ଟିକିଏ ସ୍ପେସାଲ ବର ମାଗନ୍ତି, ମୋ ଦେହ ଭଲ ରହୁ, ମୁଁ ନିରୋଗ ରହେ, ଶତାୟୁ ହୁଏ ଏବଂ ସର୍ବଦା ସୁସ୍ଥ ସବଳ ରହେ । ସର୍ବ ଶେଷରେ ନିଜ ପାଇଁ ଏକ ବିଶେଷ ବରଦାନ ମାଗନ୍ତି । ନିଜ ପାଇଁ ମୃତ୍ୟୁର ବରଦାନ, ହେ ପ୍ରଭୁ ମୋତେ ଅହ୍ୟ ସୁଲକ୍ଷଣୀ କର, ହାତରେ ଚୁଡି, ମଥାରେ ସିନ୍ଦୁର ସହିତ ମୋତେ ବାହୁଡାଇ ନିଅ !

ଏଇ ଏବେ, ଘଣ୍ଟି ଶବ୍ଦ ବନ୍ଦ ହୋଇଗଲା, ଭିତରୁ ସୁନୀତି ଦେବୀଙ୍କର ପାଟି ଶୁଭିଲା । ପୁଅ ବୋହୁଙ୍କ କବାଟ ଠକ୍ ଠକ୍ କରି ସେମାନଙ୍କୁ ଉଠେଇଲେ, କହିଲେ, "ଆରେ ଉଠରେ, ସକାଳ ହୋଇ ଗଲାଣି, ସାତଟା ବାଜିଲାଣି, ଅଫିସ୍ ନାହିଁ କି ଆଜି ? ଚା ତିଆରି କରି ଦେଇଛି । ଉଠିକି ପିଇନିଅ, ଥଣ୍ଡା ହେଲେ ଆଉ ଥରେ ଗରମ କରିବାକୁ ପଡିବ, ବାରମ୍ବାର ଗରମ କଲେ ଚାହା ଭଲ ଲାଗିବନି ।

ସକାଳେ ସେ ନିଜେ ଗାଧୋଇ ଠାକୁର ପୂଜା କରିବା ଆଗରୁ ମୋତେ କପେ ଚାହା ଦେଇ ସାରିଛନ୍ତି । ଏବେ ପାଣି ଗଡୁଟାଏ ନେଇ ଏପଟେ ଆସିବେ । ଏଇ ବାରଣ୍ଡା ତଳକୁ ଲାଗି ବୃନ୍ଦାବତୀଙ୍କ ଚଉରାଟା । ସେଠି ତୁଳସୀରେ ପାଣି ଦେବେ । ଧୂପ କାଠି ଟିଏ ଜାଳିବେ, ମୁଣ୍ଡିଆ ମାରି ଗୁଣୁ ଗୁଣୁ ହୋଇ କଣ ମାଗିବେ । କିଏ ଜଣେ ପଣ୍ଡିତେ କହିଥିଲେ ତୁଳସୀ ପାଖରେ ସକାଳେ ଧୂପ ଆଉ ସଂଜରେ ଦୀପ ଜାଳିବ । ସେବେଠୁ ସେ ସେମିତି କରୁଛନ୍ତି, ସକାଳେ ଧୂପ କାଠି ଆଉ ସଂଜରେ ଘିଅ ସଳିତାରେ ଦୀପଟିଏ ଜାଳନ୍ତି । ସଂଜ ସକାଳରେ ସେଇ ଏକା କଥା ଜଣାନ୍ତି ବୃନ୍ଦାବତୀଙ୍କୁ, ଆଉ ମାଗନ୍ତି ସେଇ ଗୋଟିଏ ବରଦାନ । ଆପଣଙ୍କୁ ତ କହିଥିଲି ସେ ବରଦାନ କଥା ।

ବୃନ୍ଦାବତୀଙ୍କ କାମ ସାରି ବାରଣ୍ଡା ଉପରକୁ ଚଢୁ ଚଢୁ ଘରଣୀ କହିଲେ, ତୁମେ ଏବେ ଗାଧୋଇବ ନା ଜଳଖିଆ ଆଣି ଦେବି, ଖାଇକି ପରେ ଗାଧୋଇବ । କହିଲି ଆରେ ଆଜି ଦେହଟା ଟିକେ ଭଲ ଲାଗୁନି ତ, ତୁମେ ଏବେ ଖାଲି ଚାହା କପଟିଏ ଦିଅ, ଟିକେ ପରେ ଦାନ୍ତ ଘଷିଲେ ଜଳଖିଆ କରିବି । ବାରଟା ପରେ ଗାଧୋଇବି । ଏବେ ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଉ ଅଫିସ ଯିବାର ଚିନ୍ତା ଅଛି ଯେ । ଦେହ କଥା ଶୁଣି ସେ ଟିକେ ଗମ୍ଭୀର ହୋଇ ଗଲେ । ଗଡୁଟାକୁ ସେଇଠି ତଳେ ଥୋଇ ଦେଇ, ଲୁଗା କାନିରେ ହାତ ପୋଛୁ ପୋଛୁ ପାଖରେ ଆସି ହାଜର, କପାଳରେ ହାତ ମାରି କହିଲେ ତାତି ତ ନାହିଁ, କଣ ଲାଗୁଛି ତୁମକୁ ? କହିଲି ଆରେ ଜର ଫର ନାହିଁ ମ, ଅଣ୍ଟାଟା ଟିକେ ଖାଲି ଦରଜ ଦରଜ ଲାଗୁଚି । ହଠାତ୍ ଘରଣୀଙ୍କ ମୁହଁର ଭାବ ବଦଳି ଗଲା । ବଡ ବଡ ଆଖି କରି କହିଲେ, ରିଟାୟର୍ଡ ପରେ ନା ତୁମ ରୁଟିନ ବଦଳି ଯାଇଛି ପୁରା ପୁରି । ଦିନଟା ସାରା ସେଇଠି ବସି କଣ ସବୁ ପଢୁଛ ନହେଲେ ଲ୍ୟାପଟପ୍ ପାଖରେ ବସି କଣ ଲେଖା ଲେଖି କରୁଛ । କେତେ ଥର କହିଲିଣି ଟିକେ ସକାଳ ସଂଜରେ ମର୍ଣ୍ଣିଂ ୱାକରେ ଯାଅ, ନହେଲେ ସକାଳେ ଟିଭିରେ ରାମଦେବ ବାବାଙ୍କ ପ୍ରୋଗ୍ରାମ ଦେଖି ଦେଖି ଟିକେ ଯୋଗ କି ପ୍ରାଣାୟମ କର । ହେଲେ ତୁମେ କଣ ଶୁଣିବ କାହା କଥା । ବୁଢା ହୋଇ ଗଲଣି ଆଉ କଣ ତୁମର, ସେ ବୟସ ଅଛି, ଏମିତି ଏତେ ସବୁ କରିବାକୁ । ତୁମେ ପୁରା ପୁରି ଅଳସୁଆ ହୋଇ ସାରିଲଣି । କାଲି ସକାଳେ ମୁଁ ଉଠିଲା ବେଳେ ତୁମକୁ ଉଠାଇ ଦେବି । ତୁମକୁ ଯଦି ଡର ଲାଗୁଛି, ମୁଁ ଯିବି ତୁମ ସାଙ୍ଗରେ ମର୍ଣ୍ଣିଂ ୱାକରେ ।

ମୁଁ ମନେ ମନେ ଟିକେ ହସିଲି, ଭାବିଲି ଏଇଟା ବୋଧେ କୋଡିଏ କି ପଚିଶତମ ଧମକି ତାଙ୍କର । ଆଗରୁ କେତେ ଥର ଏମିତି କହି ସାରିଲେଣି । ସକାଳେ ଯେତେ ବେଳେ ଉଠିବେ ଆଉ ଦେଖିବେ ମୁଁ ନିଶ୍ଚିନ୍ତରେ ଶୋଇଛି ତାଙ୍କର ଦୟା ଆସିଯିବ ମୋ ଉପରେ । ଭାବିବେ, ଆହା କେଡେ ଗାଢ଼ ନିଦରେ ଶାନ୍ତିରେ ଶୋଇଛନ୍ତି । ଚାକିରୀ ଥିବା ସମୟରେ କି ପିଲାଏ ଚାକିରୀ କରିବା ଆଗରୁ ଏମିତି କେବେ ଶାନ୍ତିର ଶୋଇବା ଦେଖିନି । ଏ ବୟସରେ ଟିକେ ଶାନ୍ତିରେ ଶୋଇଛନ୍ତି ତ ଶୁଅନ୍ତୁ, ଯେତେ ବେଳେ ନିଦ ଭାଙ୍ଗିବ ଆପେ ଉଠି ଯିବେ । ମୋତେ ଉଠାଇବାକୁ ତାଙ୍କର ହାତ ଯାଏନି ।

ପିଲାମାନେ ଉଠି ସାରିଲେଣି, ରୋଷେଇ ଘରେ ଡେକଚି, କଢେଇ, ପିଠାଖଡ଼ିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ନିଜ କାମରେ ଲାଗି ଗଲେଣି, ବୋହୂ ରେଷେଇ ଘର ଚାର୍ଜ ପୁରା ସମ୍ଭାଳି ନେଲାଣି । ଘରଣୀଙ୍କର ଏବେ ନାତୁଣୀ ଉଠିବା ପର୍ଯ୍ୟନ୍ତ ରେଷ୍ଟ । ନାତୁଣୀ, ମାନେ ଆମ ଗୁଡୁ, ସେ ଉଠି ଗଲେ ସୁନୀତା ଦେବୀ ପୁଣି ବିଜି ହୋଇଯିବେ ତା ସାଙ୍ଗରେ । ଛୁଆଟିଏ ଥିଲେ ଘରେ କେତେ ଗହଳ ଚହଳ ଲାଗି ରହି ଥାଏ । ଏଇ ଆସନ୍ତା ପନ୍ଦର ତାରିଖକୁ ନଅ ପୁରି ଦଶ ମାସ ଚାଲିବ ତାକୁ । ଦାନ୍ତ ଉଠିନି ଏଯାଏ, ଠିଆ ଠିଆ ହେଉଛି, ଆଣ୍ଠେଇ ଆଣ୍ଠେଇ ଗୁରୁଣ୍ଡୁଚି ଏବେ । ତା ପଛେ ପଛେ କେହି ଜଣେ ସାରା ଦିନ ବିଜି । ସେ ଶୋଇ ପଡିଲେ ଘରଟା ଶୁନ ଶାନ ନିଛାଟିଆ ଲାଗୁଛି, ମନ ହୁଏ, ସେ ନଶୁଅନ୍ତା କି ହେଲେ, ଖାଲି ଏମିତି ଖେଳୁଥାନ୍ତା ପାଟି କରୁଥାନ୍ତା, ପୁଣି ନିଦରୁ ଉଠିଗଲେ, ମନେ ହୁଏ, ଓହଃ, କେତେ ଦୁଷ୍ଟ ହେଉଛି, ଟିକେ ଶୋଇ ପଡନ୍ତା ହେଲେ । ବଡ ବିଚିତ୍ର ପରିସ୍ଥିତି ।

ଘରଣୀ କପେ ଚା, ଦି'ଖଣ୍ଡ ବିସ୍କୁଟ ଆଉ ଟାବ୍ଲେଟ ଟିଏ ନେଇ ଆସିଲେ, କହିଲେ "ବିସ୍କୁଟ ଦିଖଣ୍ଡ ଖାଇ ଏ ଟାବ୍ଲେଟ ଟା ଖାଇ ଦିଅ, ଅଣ୍ଟା ଦରଜ କମି ଯିବ । ମୁଁ ପଚାରିଲି କେଉଁ ଟାବ୍ଲେଟ ଏଇଟା, ସେ କହିଲେ, ମୋ ଅଣ୍ଟା ଦରଜ ବେଳେ ଯେଉଁ ଟାବ୍ଲେଟ ଆଣି ଥିଲ ସେଥିରୁ ବଳି ଥିଲା । ଭଲ ଔଷଧଟା ମୋର ଏକଦମ୍ ଠିକ୍ ହୋଇ ଗଲା । ତୁମେ ବି ଖାଇ ନିଅ, ଆରାମ ଲାଗିବ । ଟାବ୍ଲେଟ ଟା ହାତକୁ ନେଉ ନେଉ ପଚାରିଲି, କଣ କରିବ ଏବେ, ଗୁଡୁ ତ ଉଠି ନଥିବ ଏଯାଏ, ତୁମେ ଗାଧୋଇ ସାରିକି ପୂଜା ପାଠ ତ କରି ସାରିଲଣି, କିଛି ଖାଇଲଣି ନା ନାହିଁ ? ଗାଧୋଇ ବେଶି ସମୟ ଖାଲି ପେଟ ରହିଲେ ପେଟ ଗରମ ହୋଇଯିବ, ତୁମର ପୁଣି ଗ୍ୟାସ ପ୍ରୋବ୍ଲେମ ଅଛି । ଯାଅ କିଛି ଖାଇ ନିଅ । ସେ କହିଲେ ନେଇକି ଆସିଚି ପରା । ପଟେ ବାସୀ ରୁଟି ଆଉ ଚା । ବୋହୂ ଜଳଖିଆ ତିଆରି କରୁଛି, ତୁମେ ଦାନ୍ତ ଘଷିଲା ସାରିଲା ପରେ ଏକାଠି ଖାଇ ନେବା ।

କହିଲି ଟିକିଏ ବସ ଏଇଠି । ତା'ପରେ ଆମେ ଚାହା ପିଇବାକୁ ଲାଗିଲୁ, ମୁଁ ତାଙ୍କ ମୁହଁକୁ ଚାହିଁ ରହିଥାଏ ତାଙ୍କର ସେଇ ଲାବଣ୍ୟ ମୂର୍ତ୍ତିକୁ ନିରଖି ଦେଖୁଥାଏ, ଆଉ ଭାବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥାଏ ସେଇ ଅତୀତକୁ । ଦେଖୁ ଦେଖୁ ସମୟ କେତେ ଜଲଦି ଚାଲି ଗଲା, ଜାଣି ହେଲାନି । ଆଜି ବି ମନେ ପଡେ, ନାଲି ଶାଢୀରେ ଢଙ୍କା ସେଇ କୋଡିଏ ବର୍ଷର ଝିଅଟି । ଫୁଲରେ ସଜା କାରରୁ ବଡ ସନ୍ତର୍ପଣରେ ଲାଜେଇ ଲାଜେଇ, ଡରି ଡରି ମଥାକୁ ନୋଇଁ ମୋରି ଆଗେ ଆଗେ ପାଦ ବଢାଇ ଚାଲି ଆସିଥିଲା ଆମ ଘରର ଏରୁଣ୍ଡି ବନ୍ଧ ପାଖକୁ । ସେଇଠି ବାଟ ଅଟକେଇ ଠିଆ ହୋଇ ଥିଲା ମୋ ସାନ ଭଉଣୀ, ନଣନ୍ଦ ପୁଟୁଳି ପାଇଁ ଅଳି କରି ଥିଲା । ନଣନ୍ଦ ପୁଟୁଳି ନଦେଲେ ବାଟ ଛାଡିବିନି । ମାଆ ପଛରେ ଥାଇ ପାଟି କଲା, କହିଲା ହଇରେ ନୂଆ ବୋହୁଟାକୁ ଭିତରକୁ ଆସିବାକୁ ଦେ ଆଗ, ଘରକୁ ଆସିଲେ ସିନା ତୋତେ ଦେବ ତୋ ପୁଟୁଳି ।

ଦୁଆର ବନ୍ଧ ଉପରେ ଲୁଗା ଖଣ୍ଡେ ଆମ ମୁଣ୍ଡ ଉପରେ ଟେକି ଧରିଥିଲେ ଗୋଟେ ପଟେ ବଡ ଭେଣେଇ ଆଉ ଆର ପଟଟା ଆଉ କିଏ ଜଣେ ଭାଇ ହେବେ, ନାଆଁ ମନେ ପଡୁନି । ସେଇ ଦିନ ସେ ଗୃହପ୍ରବେଶ କଲେ । ଏଇ ଘରକୁ ଆସି ସେ ଏଇ ଘରର ହୋଇ ଗଲେ। ସଭିଙ୍କୁ ଆପଣାର କରି ନେଲେ । ନା' କେବେ କିଛି ଅଭିଯୋଗ ନା' କିଛି ବିଶେଷ ମାଗୁଣି । ସବୁ ବେଳେ ସବୁଥିରେ ସନ୍ତୁଷ୍ଟ, ସେ ଅଳ୍ପ ହେଉ ବା ବେଶି, ଯେବେ କିଛି ବି ନମିଳେ ସେତେ ବେଳେ ବି । ଅଜଣା ଝିଅଟିଏ ଏମିତି ଦିନେ ମୋ ଘରର ସମସ୍ତ ଦାୟିତ୍ୱ, ସମସ୍ତ ବୋଝ ନିଜ ମୁଣ୍ଡରେ ଉଠେଇ ନେଲା । ଆଜି ତା ବିନା ସବୁ ଅଚଳ । ଏବେ ପୁଅ ବାହା ଦେଇ ଘରକୁ ବୋହୁ ଆସିଲା ପରେ ବି ତାଙ୍କ ଚିନ୍ତା ସରୁନି । କେହି କିଛି କରିବାକୁ କହୁ କି ନକହୁ ପଛେ ସେ ସବୁ ଥିରେ ନିଜକୁ ବ୍ୟସ୍ତ କରି ନେଉଛନ୍ତି । ବୋହୂ କେତେ ଥର କହିଲେଣି, ବୋଉ ଆପଣ ଟିକେ ରେଷ୍ଟ କରନ୍ତୁ । ଗୁଡୁକୁ ଧରି ଗୋଟିଏ ଜାଗାରେ ବସନ୍ତୁ । ବୟସ ହୋଇ ଗଲାଣି, ଏ ବୟସରେ ଏତେ କାମ କରି ଥକି ଯାଉଛନ୍ତି । କେବେ ଦେହ ଖରାପ ହୋଇ ଗଲେ କିଏ କଷ୍ଟ ପାଇବ ? ହେଲେ ସେ କଣ କାହା କଥା ଶୁଣିବେ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଚାହା ପିଉ ପିଉ ମୋ ମୁହଁକୁ ଦେଖି ପଚାରିଲେ କଣ ଦେଖୁଚ ? କଣ ଭାବୁଛ ଏମିତି ମୋ ଆଡକୁ ଅନେଇ ? କହିଲି, ଆରେ ନାଇ ନାଇ କିଛି ନାହିଁ । କିଏ କହିଲା ମୁଁ ତୁମକୁ ଦେଖୁ ଥିଲି ବୋଲି । ତୁମେ ତ ବୁଢି ହୋଇ ଗଲଣି, ଦେଖିବା ଭଳି ତୁମ ପାଖରେ ଆଉ କଣ ଅଛି ଯେ ତୁମକୁ ଦେଖିବି ?

ସେ ଟିକେ ହସି କହିଲେ "ଆଚ୍ଛା ଆଜି ମୁଁ ବୁଢି ଲାଗୁଚି ତୁମକୁ । ହଉ ବୁଢି ତ ହେଇ ଗଲିଣି, ଆଉ କାହିଁକି ଦେଖିବ ମୋତେ !"

ସାଙ୍ଗେ ସାଙ୍ଗେ କଥା ବଳେଇ ମୁଁ କହିଲି ଆରେ ନାଇଁମ ତୁମେ କାହିଁକି ବୁଢି ହେବ, ତୁମକୁ ଦେଖିଲେ କିଏ କହି ପାରିବ ତୁମର ନାତି ନାତୁଣୀ ହୋଇ ସାରିଲେଣି ବୋଲି । ଆଜି ବି ସେମିତି ଦିଶୁଛ ଯେମିତି ନୂଆ ବୋହୁ ହେଇ ଆସିଲା ବେଳେ ଦିଶୁଥିଲ ।

"ହଁ ଥାଉ ଥାଉ ତୁମର ସେ ଚାଟୁ କଥା", କହି ସେ ମୁହଁ ବୁଲେଇ ବସିଲେ । ମୁଁ କଥା ବୁଲେଇ ପଚାରିଲି, ଆରେ ତୁମେ ଠାକୁରଙ୍କୁ ନିତି ପୂଜା କରୁଛ, ବୃନ୍ଦାବତୀଙ୍କ ପାଖେ ସବୁ ଦିନ ସଳିତା ଜାଳୁଛ କଣ ମାଗୁଛ ଠାକୁରଙ୍କୁ ?

: ସେ କହିଲେ "ତୁମେ କଣ ଜାଣିନ ? ଠାକୁରଙ୍କୁ ଯାହା ମାଗନ୍ତି, ସେକଥା କାହାକୁ କୁହା ଯାଏନା, ସେଇଟା ଗୋପନ ରଖା ଯାଏ ।

ମୁଁ ତାଙ୍କ ମୁହଁକୁ ଚାହିଁଲି, ମନେ ମନେ ଭାବିଲି, ହଁ ମୁଁ ଜାଣେ, ସବୁ ଜାଣେ । ଦୁନିଆର ସବୁ ନାରୀଙ୍କ ପରି ତୁମେ ବି ପ୍ରତିଟି ସକାଳେ ଦିଅଁଙ୍କ ଆଗେ ମଥା ନୋଇଁ, ଅବା ପ୍ରତି ସଂଞ୍ଜରେ ବୃନ୍ଦାବତୀଙ୍କ ପାଖେ ସଞ୍ଜ ସଳିତା ଜାଳି ଦେଇ ନିଇତି ମୋ ପାଇଁ ଦୀର୍ଘଜୀବନ ମାଗ, ଆଉ ବିନତୀ କର ହେ ପ୍ରଭୁ ମୋତେ ଅହ୍ୟ ସୁଲକ୍ଷଣୀ କର, ଶଙ୍ଖା ସିନ୍ଦୁର ସାଙ୍ଗରେ ମୋତେ ବାହୁଡାଇ ନିଅ । କିନ୍ତୁ ତୁମେ ଜାଣନା, ମୋ ପ୍ରାଣ କେତେ ନିର୍ଲଜ, ମୁଁ ଯେତେ ବେଳେ ତୁମ କଥା ଭାବେ, କେତେ ସ୍ୱାର୍ଥପର ହୋଇ ଯାଏ । ଭଗବାନଙ୍କୁ କୁହେ, ହେ ପ୍ରଭୁ ମୋ ପ୍ରାଣପ୍ରିୟାର ପ୍ରାର୍ଥନା ସ୍ୱୀକାର କର । ମୁଁ ବି ତୁମ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଆ କାମନା କରେ, ହେ ପ୍ରଭୁ, ମୋ ଅର୍ଦ୍ଧାଙ୍ଗୀନିର ପ୍ରାର୍ଥନା ସ୍ୱୀକାର କରି ନିଅ, ମୋ ପୂର୍ବରୁ ତାକୁ ନେଇ ଯାଅ ! ହେଲେ କେମିତି କହି ଦେବି, ତୁମ ବିନା ଜୀବନଟା ମୋ ପାଇଁ କେମିତି, କେତେ ଦୁର୍ବିସହ ହୋଇ ଯିବ ।

ଚନ୍ଦନ ଗଛ ତାର ସୁଗନ୍ଧ ପାଇଁ ଆଦର ପାଏ, କେତେ ଇଜ୍ଜତ ପାଏ, ତାର ଜୀବନ ସାର୍ଥକ ହୋଇ ଯାଏ । ଯଦି ଚନ୍ଦନ ଗଛରୁ ତା ବାସ ଚାଲି ଯାଏ ତାର ଆଉ କଣ ବା ମୂଲ୍ୟ ରହି ଯାଏ ? ନିର୍ଜୀବ କାଠ ଗଡୁଟାଏ ହୋଇ ଯାଏ ସିନା । କେବଳ ଦହନର ଅପେକ୍ଷାରେ ରହେ, ଚୁଲିରେ ନହେଲେ ମଶାଣୀରେ ଜୁଇର ଚିତା ଜଳାଇବାର କାମରେ ଆସେ । ତୁମେ ଯେ ମୋର ସେଇ ସୁଗନ୍ଧ, କେମିତି ବୁଝେଇ ଦେବି ତୁମକୁ । ତୁମେ ହୁଏତ ଜାଣନା ମୋ ପାଇଁ ତୁମେ କ'ଣ, ତୁମେ କେବଳ ମୋର ଅର୍ଦ୍ଧାଙ୍ଗିନୀ, ଅଧା ଶରୀର ନୁହେଁ ତୁମେ ତ ମୋର ଅଧା ପ୍ରାଣ । ମୁଁ କେବଳ ସୁପ୍ତ ଇଲେକ୍ଟ୍ରିକ ବଲ୍ବଟିଏ, ତୁମେ ମୋ ପାଇଁ ବିଜୁଳି, ତୁମେ କୁହ, ବିନା ବିଜୁଳିରେ ମୁଁ କେମିତି ଜଳି ପାରିବି ?

ଜୀବନର ଏଇ ସଂଜ ବେଳେ ଆମେ ପରସ୍ପର, ପରସ୍ପରର ଆଶା ବାଡି, ଏକ ବିନା ଅନ୍ୟର ଜୀଇଁବା କେତେ ଯେ କଠିନ ସତେ । କିନ୍ତୁ ଯେତେ ବେଳେ ଭାବେ, ମୋ ବିନା ତୁମେ କେମିତି ଜୀଇଁବି ! କେତେ ଭଲ ପାଉଛ ମୋତେ । ମୋ ଜୀବନ ସହିତ ଲତାଟିଏ ପରି ଗୁଡେଇ ତୁଡେଇ ହୋଇ ରହିଛ । ଏତେ ସରଳତା, ଏତେ ସହନଶୀଳତା ନେଇ, ତୁମେ କେମିତି ବଞ୍ଚି ପାରିବ । ଲତା ବିନା ଗଛ ତ ଜୀଇଁ ଯିବ, ହେଲେ ଗଛ ବିନା ଲତାର ଜୀବନ କେତେ ଯେ କଠିନ ହୋଇ ପଡିବ ! ଏକଥା ଭାବିଲେ, ମୁଁ ନିଜକୁ ବଡ ଅସହାୟ ମନେ କରେ । ସେଥି ପାଇଁ ଡରି ଯାଏ, ନିଇତି ବଦଳୁଥିବା ଏଇ ମଣିଷମାନଙ୍କ ଗହଳରେ ମୋ ପରେ ତୁମ ସହିତ ପୁଅ, ବୋହୁ, ଝିଅ, ଜୋଇଁ, ନାତି, ନାତୁଣୀଙ୍କର ବ୍ୟବହାର କେମିତି ହେବ କିଏ କହି ପାରିବ ? ଯଦି କିଏ କେବେ ଟାଣ କରି କଥା ପଦେ କହିଦିଏ, କେମିତି ସହି ପାରିବ ତୁମେ ? କାହା ଛାତିରେ ମୁହଁ ଗୁଞ୍ଜି ଦି ଟୋପା ଲୁହ ଢାଳି ଦେବ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବା କାହାକୁ ଦୁଃଖ ଶୁଣାଇ ମନ ବୋଝ ହାଲୁକା କରିବ ? ମୋ ବିନା ତୁମକୁ ମୁଁ କଳ୍ପନା କରି ପାରୁନି । ମୁଁ ତୁମକୁ ଜାଣେ, ତୁମର ସହନଶୀଳତା ତୁମର ଧୈର୍ଯ୍ୟ ମୁଁ ଦେଖିଛି । ତୁମ ଭିତରର ସେଇ ଛୋଟ ଝିଅଟିକୁ ବି ଦେଖିଛି । ଅନ୍ୟର ଦୁଃଖରେ ଯାହା ଆଖିରୁ ଲୁହ ବୋହି ଯାଏ, ଟିକିଏ ଟାଣ କଥାରେ ଯିଏ କୋହ ସମ୍ଭାଳି ପାରେନା ! ମୋ ପରେ କେମିତି ସମ୍ଭାଳିବ ଭାବିପାରୁନଥିଲି ତୁମେ ତୁମ ନିଜକୁ ! କିଏ ତୁମକୁ କୋଳେଇ ନେଇ ବୁଝେଇ ଦେବ ଏଇ ଜଟିଳ ଦୁନିଆର ନିଷ୍ଠୁର ପରିବେଶ କଥା ।

ସେଇଥି ପାଇଁ ଚାହେଁନା ତୁମକୁ ଏକୁଟିଆ କରି, ତୁମ ଆଗେ ଆଗେ ଚାଲି ଯିବା ପାଇଁ ! ମୋର କେବଳ ଏତିକି ଇଚ୍ଛା ମୁଁ ଆଖି ବୁଜିବା ଆଗରୁ ତୁମକୁ ମୋ ଆଖି ଆଗରେ ଖୁସି ଖୁସି ସଂଙ୍ଖା ସିନ୍ଦୁର ଦେଇ ନୂଆ ବୋହୁ ଟିଏ ପରି ନାଲି ପାଟ ପିନ୍ଧାଇ ବାଜା ରୋଷଣୀ ଜାଳି ଆର ପୁରକୁ ବିଦା କରିବାକୁ । ତୁମକୁ ଯେମିତି ସଜେଇ ବାଜା ବଜେଇ ନୂଆ ବୋହୁ କରି ଏ ଘରକୁ ଆଣି ଥିଲି ଠିକ୍ ସେମିତି ତୁମକୁ ଏଇ ଘରୁ ବାଜା ବଜାଇ ଖଇ କଉଡି ବିଛାଡି ବିଦା କରିବି ।

ଏଇ ଭାବନା ଭିତରେ ମୋ ଆଖିରୁ ଧାର ଧାର ହୋଇ ଲୁହ ବୋହି ଆସୁଥିଲା, ମୁଁ କୋହ ସମ୍ଭାଳି ପାରୁ ନଥିଲି । ଘରଣୀ ଚଉକି ଛାଡି ମୋ ପାଖକୁ ଧାଇଁ ଆସିଲେ, ମୋତେ ତାଙ୍କ ଛାତିରେ ଜାବୁଡି ଧରି ପଚାରିଲେ କଣ ହେଲା । ମୋର କଣ୍ଠ ରୁଦ୍ଧି ହୋଇ ଯାଉ ଥିଲା, କିଛି ବି କହି ପାରିବା ଅବସ୍ଥାରେ ମୁଁ ନଥିଲି । କଣ ବା କହି ପାରିଥାନ୍ତି । କେମିତି କହି ପାରିଥାନ୍ତି ମୁଁ କଣ ଭାବୁଥିଲି ବୋଲି ! ତାଙ୍କ ହାତକୁ ମୋ ହାତରେ ଜାବୁଡି ଧରି ବାସ୍ପାକୁଳ କଣ୍ଠରେ ଖାଲି ଏତିକି କହିଲି, କଥା ଦିଅ, ତୁମେ ମୋତେ ଛାଡି କେବେ ବି କୁଆଡେ ଯିବନି ! ସେତେ ବେଳକୁ, ପୁଅ ଘର ଭିତରୁ ଡାକ ପକାଇଲା, ବୋଉ ଗୁଡୁ ଉଠିଲାଣି, ତୋ ପାଖକୁ ଯିବାକୁ ହେଉଛି ।

(ଗଳ୍ପଟି ମୋ କବିତା 'କେମିତି ଏ ପ୍ରେମ'ର ଛାୟାରେ ଲିଖିତ "ଏକ ବିଚିତ୍ର ପ୍ରେମ କାହାଣୀ")

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା

ଡଃ ନାରାୟଣ ଚନ୍ଦ୍ର ସେନାପତି



ଚହଲା ମନର ତତଲା ଭାବନା ଆନ୍ଦୋଳିତ କରୁଥିଲା ଆଦିତ୍ୟକୁ । ଅତୀତର ସ୍ମୃତି ଫରୁଆ ଖୋଲି ରଶ୍ମିର ପ୍ରେମକୁ ପଖାଳୁ ଥିଲା ନିରାଶାର ଅଶ୍ରୁରେ । କି ମଧୁମୟ ଥିଲା ସେ ଆଶା, କି ସୁନ୍ଦର ଆକୃତି ଥିଲା ଦୁହିଁଙ୍କ ପ୍ରେମ ନୀଳୟ ! ଉଦାସୀ ମନଟା କାହିଁକି ଆଉଟୁ ପାଉଟୁ ହେଉଥାଏ । ରାଜଧାନୀର ଆଇଜି ପାର୍କର ଏକ ଝଙ୍କାଳିଆ ଗଛ ମୂଳରେ ଥିଲା ସିମେଣ୍ଟ ଆସନ ଉପରେ ବସି ଦୀର୍ଘ୍ ଶ୍ୱାସଟିଏ ଛାଡ଼ିଲା । ହଠାତ୍ ଏକ ଲାଇଟ୍ ୟେଲୋ ରଙ୍ଗର ଜେନୋଭା କାରରୁ ଓହ୍ଲାଇଲେ ଏକ ଦମ୍ପତ୍ତି । ହାତ ଧରା ଧରି ହୋଇ ଉଚ୍ଛୁଳା ହସରେ ପବନକୁ ବାରେଇ ଦେଇ ପଶୁଥାନ୍ତି ପାର୍କ ଭିତରକୁ । ସ୍ତ୍ରୀ ଲୋକଟି ଏତେ ସୁନ୍ଦର ଯେ ସ୍ୱର୍ଗର ରମ୍ଭା କି ମେନକା ଫିକା ପଡ଼ିଯିବେ ତାଙ୍କ ରୁପ ପାଖରେ । ଜିନ୍ସ ସାଙ୍ଗକୁ ବ୍ଲାକ ଟି ସାର୍ଟ, ଚକମାକିଆ ଗ୍ଲାସ୍ ସହ ଗୋରା ତକ ତକ ଚେହେରାରେ ସୁନେଲି ଓଠରେ ରୂପସୀ ସୌଦାମିନୀ ହସ । ଫର୍ ଫର୍ କମ୍ କମ୍ କେଶ ସାଙ୍ଗକୁ ସୁନ୍ଦର ଚାହାଣି ଓ ମଖମଲି ଚାଲି । ବିସ୍ମୟ ହୋଇଗଲେ ଆଦିତ୍ୟ । ନିଜ ଆଖିରୁ ଗ୍ଲାସ୍ ଉତ୍ତାରି ଭାବିଲେ, ଆରେ... ଏ ମୋ ରଶ୍ମି ନୁହଁ ତ ? ସେଇ ଆଖି ସେଇ ଓଠ ସେଇ ହସ ସେଇ ଚାଲି, ହଁ ଏ ରଶ୍ମି, ତା ଛଡା ଆଉ କିଏ ହେବ ? ତା ଆଗ ଦେଇ ଦୁହେଁ ଚାଲି ଗଲା ବେଳେ ଆଦିତ୍ୟ ଉପରେ ତାଙ୍କର ନଜର ପଡ଼ିଛି । ଥରେ ନୁହଁ ଦୁଇ ଥର ନୁହଁ ବରଂ ଚାରି ପାଞ୍ଚଥର ସେ ଫେରି ଚାହିଁଛନ୍ତି ଆଦିତ୍ୟକୁ । ଆଦିତ୍ୟ ମନରେ ଆଶା ଗଜରିଲା । ସତ୍ୟର ପତ୍ରଟା କିଛି ପବନ ନେଇ ସତେ ଯେମିତି ଆଦିତ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁହଁକୁ ଆଉଁସି ଦେଲା । ହଠାତ୍ ଏକ ଫୋନ୍ କଲ ପରେ ତାଙ୍କ ସ୍ୱାମୀ ତୁରନ୍ତ ଚାଲିଗଲେ ବାହାରକୁ, ଏକା ସେହି ଗୋଲାପ ଫୁଲ ବଗିଚା ପାଖରେ ବସିଥାନ୍ତି ସେଇ ସୁନ୍ଦରୀ ମହିଳା ଜଣକ । ଆଦିତ୍ୟ ମନରେ ଫୁଲାଏ ସାହସ ବାନ୍ଧି ଚାଲିଲା ତାଙ୍କ ପାଖକୁ ଏବଂ କହିଲା ରଶ୍ମି.... କେମିତି ଅଛ ?

ମହିଳା ଜଣଙ୍କ ଚାହିଁ ମୁହଁ ଫେରେଇ ନେବା ପରେ ପୁଣି ତାଙ୍କ କାନରେ ବାଜିଲା ରଶ୍ମି... ସତରେ ତୁମେ ମୋତେ ଚିହ୍ନି ପାରୁନ, ନାଁ ଅଚିହ୍ନାର ଅଭିନୟ କରୁଛ ?

କଣ କରିବ ସେ, ଏପଟେ ତାର ଯୁଗ ଯୁଗର ପ୍ରେମ ସନ୍ତକ, ସେପଟେ ନିଜ ବିବାହିତ ପତି, କେମିତି - କଣ - କିପରି... ଏଇ ପ୍ରଶ୍ନ ଗୁଡ଼ାକ ତା ମସ୍ତିଷ୍କକୁ କଲ ବଲ୍ କରୁଥାନ୍ତି । ଶେଷରେ ଶୃଗାଳଟିଏ ଅନ୍ୟ ଶୃଗାଳର ରଡ଼ି ଶୁଣି ନ ଭୁକିଲେ ତା ଛାତି ଫାଟିଯିବ ଭୟ କଲାଭଳି କହିଲା, ହଁ ମୁଁ ରଶ୍ମି... ଭଲ ଅଛି । ହେଲେ ତୁମେ.... ?

ଶେଷରେ ତୁମେ ମୋତେ ପର କରିଦେଲ ରଶ୍ମି? କେମିତି ଲିଭେଇ ପାରିଲ ମନରୁ ???

ଆଖିରେ ଆଖିଏ ଲୁହ, ଛାତିରୁ ଛାତି ଏ କୋହ ମିଶା କଣ୍ଠରେ ରଶ୍ମି କହୁଥାଏ, କଣ କରିବି ? ତୁମକୁ ବହୁତ୍ ଖୋଜିଛି, ବହୁତ୍ ମନେ ପକାଇଛି, ହେଲେ ତୁମକୁ ପାଇଲି ନାହିଁ । ଶେଷରେ ପରିସ୍ଥିତିର ଚାପରେ... ମୁଁ ମହେଶ୍‌ଙ୍କ ହାତ ଧରିବାକୁ ବାଧ୍ୟ ହେଲି । ପ୍ଲିଜ୍ ମୁଁ ଏବେ ବିବାହିତା, ମୁଁ ମଧ୍ୟ ଗୋଟିଏ ସନ୍ତାନର ମାଆ, ଝିଅ ମୋର କଲେଜ ହଷ୍ଟେଲରେ ରହି ପଢୁଛି, ଏବେ ଆସିବେ ସେ, ମୋତେ ସେ ତାଙ୍କ ଜୀବନଠୁ ଅଧିକ ଭଲ ପାଆନ୍ତି । ସେ ଯଦି ଆମ କଥା ଶୁଣିବେ, ଜାଣିବେ ମୋ ଲାଇଫଟା ନଷ୍ଟ ହୋଇଯିବ । ତୁମେ କେମିତି ଅଛ ଆଦିତ୍ୟ ? ମୋତେ ଦୟାକରି ଏକୁଟିଆ ଛାଡ଼ିଦିଅ ପ୍ଲିଜ୍ । ମୁଁ ତୁମକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଷ୍ଟ ଦେବାକୁ ଚାହୁଁନି, ମୋ ଭୁଲ ପାଇଁ ମୋତେ କ୍ଷମା କରି ଦେବ ନା ?

ଆଖିର ଲୁହକୁ ସାଥୀ କରି ଭୋ ଭୋ କାନ୍ଦି ଏକ ନିଃଶ୍ୱାସରେ ନିଜ ଘର କୋଠରୀକୁ ଚାଲି ଆସିଲା ଆଦିତ୍ୟ । ବିଛଣା ଉପରେ ମୁହଁ ମାଡ଼ି ଶୋଇ ମନେ ପକାଇଲା ତା ବିଗିତା ଜନ୍ମ ଜନ୍ମର ଅତୀତ ।

କାହାଣୀ ପରି ଲାଗୁଛି । ସପନ ପୁରୀ ରାଇଜର ଅଲିଅଳି ରାଜକୁମାରୀ ଥିଲା ପ୍ରୀତିଛନ୍ଦା । ଗୋଟିଏ ଚାଉଳରେ ଗଢ଼ା । ଦେଖିଲେ ଆଖି ଖୋସି ହୋଇଯିବ । ଯେମିତି ରୂପ ସେଇମିତି ଗୁଣ । ସତେ ଯେମିତି ବିଧାତା ସ୍ୱତନ୍ତ୍ର କରି ଗଢ଼ିଛି ତାଙ୍କୁ କେବଳ ସୁନ୍ଦରତାର  ଛାଞ୍ଚରେ । ସେ ଥିଲା ପାହାଡ ପୁର ରାଇଜର ଯୁବରାଜ । ରୂପ ଯେମିତି ତେଜ ସେମିତି ଜ୍ୟୋତି ବି ସେମିତି । ବଳ ବିକ୍ରମ ସଂସ୍କାରରେ ସେ ଥିଲେ ସବୁଠୁ ନିଆରା । ସେଥିପାଇଁ ବୋଧେ ବାପା ମାଆ ନାଁ ରଖିଥିଲେ ପ୍ରେମ କୁମାର । ହଠାତ୍ ଏକ ପ୍ରମୋଦ ଉଦ୍ୟାନରେ ଦେଖା ହୋଇଥିଲା ଦୁହିଁଙ୍କର । ସତେ ଯେମିତି ପରସ୍ପରର ଆଖି ଯୋଡିଏ ଖୋଜୁଥିଲା କରିବାକୁ ସ୍ୱାଗତ । ହେଲେ କେହି କାହା ସହ ପରିଚିତ ନ ହେଲେ ବି ହୃଦୟ ଲେନ୍ସରେ ଫଟୋ ବନାଇ ନେଇ ଯାଇ ଅପେକ୍ଷା କରିଥିଲେ ଭେଟ ଘାଟ ପାଇଁ ।

ଦିନେ ଜଙ୍ଗଲକୁ ପାରିଧି କରିବାକୁ ଆସିଥାନ୍ତି ପ୍ରେମ କୁମାର ଏକ ନିଡାଘ ବେଳାରେ । ଭୀଷଣ ଶୋଷ ହେବାରୁ ତୃଷା ନିବାରଣ ପାଇଁ ଘୋଡାରୁ ଓହ୍ଲାଇ ପହଞ୍ଚିଲେ ଏକ ନିର୍ଝରଣୀ କୂଳରେ ଯାହାର ଅପର ପାର୍ଶ୍ୱରେ ସଖୀ ମେଳରେ ସ୍ନାନ କରୁଥାନ୍ତି ପ୍ରୀତିଛନ୍ଦା ଆନନ୍ଦ ଉଲ୍ଲାସରେ । ସଖିମାନେ ରାଜକୁମାରଙ୍କୁ ନେଇ ରାଜକୁମାରୀଙ୍କୁ ଚିଡ଼ାଉଥନ୍ତି, ମଜା ଖୁସି କରୁଥାନ୍ତି । ସେଇ ଭିତରେ ପ୍ରୀତିଛନ୍ଦାର ଲାଜ ଆଉ ପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁମାରଙ୍କ ମୁରୁକି ହସ ସେ ମୁହୂର୍ତ୍ତକୁ ସୁଗନ୍ଧରେ ଭରି ଦେଇଥାଏ । ଦୁଇ ପ୍ରେମୀ ଯୁଗଳଙ୍କ ଆବେଗର ଝଲକରେ ପ୍ରକୃତି ବି ଲାଜେଇ ଯାଉଥାଏ । ହଠାତ୍ ପ୍ରିତୀଛନ୍ଦାଙ୍କର ଗୋଡ ଖସିଯିବାରୁ ସେ ପାଣିରେ ବୁଡିଗଲେ । ବଞ୍ଚାଅ ବଞ୍ଚାଅ ସଖୀ ମାନଙ୍କର ଧ୍ୱନିରେ ମୁହୂର୍ତ୍ତେ ସମ୍ଭାଳି ନ ପାରି ଯୁବରାଜ ପାଣିକୁ ଡେଇଁ ଉଦ୍ଧାର କଲେ ପ୍ରୀତିଛନ୍ଦାଙ୍କୁ । ପେଟକୁ ଚାପି ପାଣି ବାହାର କରି କାନ୍ଧରେ ବସାଇ ନେଇ ପହଞ୍ଚିଲେ ସପନ ପୁରୀ ରାଜ ଉଆସରେ । ହେଲେ ଦୁଇ ରାଜ୍ୟର ରାଜାଙ୍କ ଶତ୍ରୁତା ପାଇଁ ତାଙ୍କୁ କୃତଜ୍ଞତା ବି ମିଳି ନଥିଲା । ସେଇ ଦିନଠାରୁ ଚାଲିଲା ପ୍ରତ୍ୟହ ରାଜକୁମାରୀ ଯୁବରାଜଙ୍କ ପ୍ରେମ କାହାଣୀ । ଦୁହେଁ ଏମିତି ନିବିଡ ହୋଇଗଲେ ଯେ ଦିନେ ନ ଦେଖିଲେ ପାଗଳ ପରି ହେଉଥିଲେ । ଦୁହିଁଙ୍କ ପ୍ରେମର ନିନାଦରେ ପ୍ରକୃତି ବି ପ୍ରକୃତିସ୍ଥ ହୋଇଯାଉଥିଲା । ହେଲେ ଦୁହିଁଙ୍କ ପରିବାର ଏ ମିଳାମିଶାକୁ ବିରୋଧ କଲେ । ଏ ସଂପର୍କ କାଟିବାକୁ ଖାଲି ବାରଣ ନୁହଁ ବରଂ ବିରୋଧ ବି କଲେ । ଉଭୟଙ୍କ ପିତା ମିଳାମିଶା କଲେ ଅପରକୁ ମାରି ଦେବାର ଧମକ ମଧ୍ୟ ଦେଲେ ।

ଜହ୍ନ ତା ନିରିମାଖି କଇଁକୁ କଣ ଭୁଲି ପାରେ ?

ପ୍ରଭାକର ତା ପ୍ରାଣପ୍ରିୟା ପଙ୍କଜିନୀଙ୍କୁ କଣ ଭୁଲିପାରେ ?

ସେଇମିତି ପ୍ରୀତି ଛନ୍ଦା ଓ ପ୍ରେମକୁମାର ପରସ୍ପରର ସଂପର୍କ ଓ ନିବିଡ଼ତାକୁ କେମିତି ବା ଏଡେଇ ପାରିଥାନ୍ତେ ।

ସେଦିନ ନିଦାଘ ସନ୍ଧ୍ୟାରେ ପ୍ରେମକୁମାରଙ୍କ ଛାତିରେ ମଥା ଲୋଟି ପ୍ରୀତି ନନ୍ଦା ଦରୋଟି ଭାଷାରେ କହିଥିଲା, ଏ... ଆମ ସ୍ୱପ୍ନ କଣ ସାକାର ହେବନି ? ଏ ବିବାଦ ଭିତରେ କେମିତି ଆମେ ବିବାହ ବନ୍ଧନରେ ଛନ୍ଦି ହେବା ଯେ ? ସତରେ ତୁମକୁ ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଲେ ମୁଁ ମୋ ଜୀବନ ହାରି ଦେବି ।

ଏ ପାଗଳି ଏମିତି ସବୁ କୁହନ୍ତି, ଏ ପୃଥିବୀରେ କୌଣସି ଶକ୍ତି ନାହିଁ ଆମ ଏ ସଂପର୍କକୁ ଛିଣ୍ଡାଇବା ପାଇଁ, ରାଜକୁମାରୀଙ୍କ ମୁଣ୍ଡ ଆଉଁସି ପ୍ରେମ କୁମାର ଏ ପ୍ରେମ ବୋଳା କଥା କେଇପଦ କହିଥିଲେ ।

ଉଭୟ ରାଜାଙ୍କ ବିରୋଧ ଓ ଯନ୍ତ୍ରଣା ସହି ନପାରି ଦୁହେଁ ଏକ ରାତ୍ରୀରେ ଚାଲିଗଲେ ବହୁ ଦୂରକୁ । ରାଜକୁମାର ଓ ରାଜକୁମାରୀ ପରିଚୟ ବଦଳାଇ ସାଧାରଣ ମଣିଷ ଭାବେ ଆଦିତ୍ୟ ଆଉ ରଶ୍ମି ନାମରେ ପରିଚୟ ସୃଷ୍ଟି କରି ନୂଆ ଦୁନିଆଁରେ ପାଦ ଥାପିଲେ ଦୁହେଁ । ବିବାହ ବି ସରିଗଲା, ସ୍ୱାମୀ ସ୍ତ୍ରୀର ଅଭିନବ ସଜ୍ଞାରେ କାଳାତିପାତ କଲେ ହସ ଖୁସିକୁ ଜାବୁଡ଼ି ଧରି ।

କଥାରେ ଅଛି ପରା ପ୍ରଖର ଜଳସ୍ରୋତ ଓ ଦୃଢ଼ ପ୍ରତିଜ୍ଞା ବ୍ୟକ୍ତି ନିଜ ଗତି ପଥରୁ କେବେ ବିଚ୍ୟୁତ ହୁଅନ୍ତି ନାହିଁ ।

ଜଙ୍ଗଲ ପାଖ ଏକ ଗାଁରେ ରହିବା ପାଇଁ ଦୁହେଁ ପ୍ରେମ ହାତର ସ୍ୱର୍ଶରେ ବନାଇଲେ ଏକ ସ୍ୱର୍ଗ ସମ ବାସ ଘର । ଆଦିତ୍ୟ ଶ୍ରମିକ ସାଜି କଲେ କାମ, ଘରେ ରୋଷେଇ କରି ଆଦର୍ଶ ଗୃହିଣୀ ସାଜିଲେ ରଶ୍ମି । ଦୁହିଁଙ୍କ ଏ ଅନାବିଳ ପ୍ରୀତି, ପ୍ରେମର କୁହାଟ, ପ୍ରୀତିର ନିନାଦରେ ଗଗନ ପବନ ବୃକ୍ଷଲତା ବି ସ୍ତବ୍ଧ ଚକିତ ହେଉଥାଏ ।

କଥାରେ ଅଛି ବିପଦ ଯେତେବେଳେ ଆସେ ଭାଇ ବନ୍ଧୁ କୁଟୁମ୍ବଙ୍କୁ ସାଥିରେ ନେଇ ଆସେ । ସୁଖର ସମୟ ସବୁବେଳେ ରହେ ନାହିଁ । ଦିନକର କଥା । ଆଦିତ୍ୟ ନିତିଦିନ ପରି ସେଦିନ ଚାଲିଯାଇଥିଲେ ନିଜ କର୍ମ ସଂସ୍ଥାନକୁ । ଗଲା ବେଳେ କହିଥିଲେ,ଏ ରଶ୍ମି ମୁଁ ଆଜି ସଅଳ ଫେରିବି । ତୁମେ ରେଡ୍ଡୀ ହୋଇଥିବ, ସନ୍ଧ୍ୟାରେ ଗାଆଁ ମୁଣ୍ଡରେ ଏକ ଯାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛି ବୁଲିବାକୁ ଯିବା । ଚାରିକାନ୍ଥରେ ବନ୍ଦୀ ହେଲା ପରି ରହି ରଶ୍ମି ବି ଚାହୁଁଥିଲା ଟିକେ ବୁଲି ଆସିବାକୁ । ଖୁବ୍ ଶୀଘ୍ର ସବୁ କାମ ସାରିଦେଲା । ଆଦିତ୍ୟଙ୍କୁ ସବୁଠୁ ଭଲ ଲାଗୁଥିବା ଶାଢ଼ୀଟିଏ ପିନ୍ଧି ଉତ୍କଣ୍ଠାରେ ଚାହିଁ ରହିଥାଏ ରଶ୍ମି ଆସିବା ବାଟକୁ ।

ମଣିଷର ସବୁ ଆଶା କଣ ପୁରଣ ହୁଏ ? ବେଳେବେଳେ ସବୁ ସାଇତା ସ୍ୱପ୍ନର ମାଠିଆ ଢୋ କରି ଭାଙ୍ଗି ଯାଏ, ହାତରେ ଧରେଇ ଦେଇ ଭଙ୍ଗା ଖପରା ।

ଠିକ୍ ସେୟା ହିଁ ହେଲା । ରାଜକୁମାରଙ୍କ ପରିବାର ଲୋକ ଠିକଣା ପାଇ ପହଞ୍ଚିଲେ ସେଇ କୁଟୀରରେ ଯେଉଁ କୁଟୀରରେ ଏକାକୀ ଅପେକ୍ଷାରେ ଥିଲା ରଶ୍ମି ତା ମନର ମଣିଷକୁ । ବିଧିର ବିଧାନ, ଭାଗ୍ୟର ବିଡମ୍ବନା । ସଙ୍ଗେ ସଙ୍ଗେ ନିର୍ମମ ମଣିଷ ଗୁଡ଼ାକ ଖିନ ଭିନ୍ କରି ମାରି ଦେଇଥିଲେ ସେ ନିରୀହ ଆତ୍ମାଟିକୁ ।

ପବନ ଥରୁଥିଲା, ଆକାଶ ଡରୁଥିଲା, ପୃଥିବୀ ଧକେଇ କାନ୍ଦୁଥିଲା । କିଏ କହିବ ଆଦିତ୍ୟକୁ ଏ କଥା ? କିଏ ବୋଧ କରିବ ତାକୁ ?

କେତେ ଖୁସିରେ ସାଗର ଜଳ ଫୁଲିଲା ପରି ଆଦିତ୍ୟ ଅଧାବାଟରୁ ଚହଲ ପକାଉଥାଏ, ରଶ୍ମି ..ରଶ୍ମି ..ଆରେ ରେଡ୍ଡି ତ ? ଶୂନ ଶାନ ଶ୍ମଶାନରୁ କି ଶବ୍ଦ ବାହାରିବ ଯେ ? ଯଦି ଶବ କଥା କହି ପାରନ୍ତା ତେବେ ଶିବଙ୍କୁ କିଏ ବା ଡାକନ୍ତା ? ଆସି ଯାହା ଦେଖିଲା ତା ଆଖି ବିଶ୍ୱାସ କରି ପାରିଲା ନାହିଁ । ତା ସ୍ୱପ୍ନ ଭାଙ୍ଗିଗଲା, ତା ଆଶାର ପାହାଡ ଖସି ପଡିଲା, ତା ପୁନେଇଁ ଜହ୍ନରେ ତୋଳା କଳ୍ପନା ଘର ଆଜି ଅମାବାସ୍ୟାର ଅନ୍ଧକାରରେ ଘୋଡ଼େଇ ହୋଇଗଲା । କି ବିକଟାଳ ଚିତ୍କାର... କି ଯନ୍ତ୍ରଣା ଜର୍ଜରିତ ଆତୁର କ୍ରନ୍ଦନ । ମସ୍ତିଷ୍କର ଭାରସାମ୍ୟ ହରାଇ ପାଗଳ ପରି ଘୁରି ଖୋଜିଲା ସେ । ଶେଷରେ ନିଷ୍ପତ୍ତି ନେଲା କାହିଁକି କାହାପାଇଁ କେମିତି ସେ ବଞ୍ଚିବ । ପାହାଡ ଶୀର୍ଷକୁ ଚଢ଼ି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଶ୍ମି... ମୁଁ ଯାଉଛି ତୁମ ପାଖକୁ କହି ଡେଇଁ ପଡିଲା । ଶେଷରେ ସେ ଦୁର୍ଲ୍ଲଭ ପ୍ରାଣଟା ଚାଲିଗଲା ସେଇଠି କୁ ଯେଉଁଠିକୁ ଗଲେ କେହି କେବେ ଫେରନ୍ତି ନି ।

ସେଦିନ ଇହଧାମ ତ୍ୟାଗ କରି ଯେବେ ଆଦିତ୍ୟ ଆତ୍ମା ହୋଇ ସରଗପୁରେ ପହଞ୍ଚିଲା ରଶ୍ମିର ଆତ୍ମା ତାକୁ ଦେଖି ଆଲିଙ୍ଗନ କଲା ଏବଂ ଭୋ ଭୋ କାନ୍ଦିବାକୁ ଲାଗିଲା । ଅଭିମାନରେ କହିବାକୁ ଲାଗିଲା, ଏ ଆଦିତ୍ୟ ତୁମେ ମୋତେ କଥା ଦିଅ, ମୋତେ ଛାଡ଼ି ଆଦୌ ଯିବ ନାହିଁ ନା ? ରଶ୍ମିର ଆଖିରୁ ଲୁହ ପୋଛି କୋହ ଭରା କଣ୍ଠରେ କହିଲା, ନାଁ ରଶ୍ମି ଆଉ ତୁମକୁ ଛାଡି କୁଆଡେ ଯିବିନି । ଆମେ ଯେଉଁଠି ରହିବା ସାଥୀ ହୋଇ ରହିବା । ସେଇ ଆତ୍ମା ଦୁହିଁଙ୍କ ସ୍ନେହ ଶ୍ରଦ୍ଧା ପ୍ରେମ ପ୍ରଣୟ ଦେଖି ସଭିଏଁ ବିସ୍ମିତ ହୋଇଗଲେ ଓ ଆଦର ଯତ୍ନ କରିବାକୁ ଲାଗିଲେ ।

ଏଇମିତି ସୁଖର ଦିନ ବିତିଯାଉ ଥିବା ବେଳେ ହଠାତ୍ ରଶ୍ମିର ଆଉ ଦେଖା ମିଳିଲା ନାହିଁ । ପାଗଳ ପରି ଆଦିତ୍ୟ ସବୁ ଆଡ଼େ ଖୋଜିବାକୁ ପାଇଲା । ଏଇମିତି ଆଦିତ୍ୟର ଆତ୍ମା ଖୋଜି ବୁଲୁ ବୁଲୁ ଆଇ ଜି ପାର୍କ ଭିତରେ ବୁଲୁଥିଲା । ହଠାତ୍ ଗୋଲାପ ଉଦ୍ୟାନ ଦେଇ ଆସୁ ଆସୁ ଏକ ଅଲଗା ଉଦ୍ଦୀପନା ସେ ପାଇଲା । ଦେଖିଲା ଗୋଲାପ ଫୁଲଟିଏ ତା ଆଡକୁ ଚାହିଁ ଢଳୁଛି । ପାଖକୁ ଗଲା ଆଦିତ୍ୟ, ତା ଭିତରୁ ରଶ୍ମିର ସ୍ୱର ବାସ୍ନା ଆଉ ଭାବ ପାଇଲା । ରଶ୍ମି ତୁମେ କେମିତି ମୋତେ ଛାଡି ଆସିଲ ଯେ ? ରଶ୍ମି କହିଲା ମୁଁ ବହୁତ କହିଛି ନା ଯଦି ମୋତେ କିଛି ରୂପ ଦେଉଛ ଆଦିତ୍ୟ ସହ ଦିଅ, ମୋ କଥା କଣ ଶୁଣିଲେ, କହିଲେ ତୁମେ ଆଗ ଆସିଛ, ଆଗ ରୂପ ପାଇବ ।

ଏ ଆଦିତ୍ୟ, ତୁମେ ଭ୍ରମରଟିଏ ହୋଇ ଯାଅନା, ମୋ ଉପରେ ବସିବ, ମୋ ସହ ଖେଳିବ, ମୋତେ ଗେହ୍ଲା କରିବ, ମୋ ଠାରୁ ମଧୁ ଶୋଷିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୀର୍ଘଶ୍ୱାସ ପକାଇ ଆଦିତ୍ୟ କହିଲା, ନାଁ ରଶ୍ମି ମୁଁ ଭ୍ରମର ହେଲେ ମୋତେ ଯଦି ମାରି କିଏ ତୁମକୁ ମୋ ଠାରୁ ଛଡେଇ ଦିଏ, ମୁଁ ତୁମ ବିନା ବଞ୍ଚି ପାରିବିନି । ମୁଁ ମରିଯିବି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି, କଣ୍ଟାଟିଏ ହୋଇ ତୁମ ପାଖରେ ରହିବି, ତୁମର ଯତ୍ନ ନେବି, ତୁମର ସୁରକ୍ଷା କରିବି । ଏହା ପରେ ସତକୁ ସତ ସେ କଣ୍ଟା ହୋଇ ଗୋଲାପ ପାଖରେ ଆନନ୍ଦରେ ରହିଲା । ଦିନକର କଥା ଦଳେ ଦୁଷ୍ଟ ପିଲା ଆସି ଗଛରୁ ଫୁଲ ତୋଳୁଥିଲେ, ଯେତେ ଚେଷ୍ଟା କରିଛି ଲୁଚିବାକୁ ହେଲେ ସେମାନେ ସେ ଗୋଲାପକୁ ଛିଣ୍ଡାଇ ନେଲେ ଓ ଦଳି ମକଚି ଫିଙ୍ଗି ଦେଲେ । କଣ୍ଟା କେତେ କାନ୍ଦୁଛି, ତା ଆଗରେ ମକଚି ଦେଇଥିବା ଫୁଲ ପାଇଁ କେତେ ଠାକୁରଙ୍କୁ ନ ଡାକିଛି । ହେଲେ ପାରିଲା ନାହିଁ ତା ସୁରକ୍ଷା ଦେଇ । ଠିକ୍ ସେହି ଦିନ ରାତିରେ ପ୍ରବଳ ଲଗାଣ ବର୍ଷା ଯୋଗୁଁ ଗଛଲତା ବେହାଲ ହୋଇଗଲେ । କିଛି ଦିନ ପରେ ସେ ଗଛ ଉପାଡି ଫିଙ୍ଗିଦିଆଗଲା । ସରିଗଲା ରଶ୍ମି ଆଦିତ୍ୟଙ୍କ ଜୀବନ ସାଥି ଖେଳ । ମାଟିରେ ମିଶିଗଲା ତାଙ୍କ ସ୍ୱପ୍ନ ।

ଦିନ ପରେ ଦିନ ବିତିଗଲା, ରଶ୍ମି ଜନ୍ମ ନେଲା ବ୍ରହ୍ମପୁର ସହରରେ ଏକ ଶୈକ୍ଷିକ ପରିବାରରେ ସ୍ୱାତୀ ନାମକୁ ଧରି । ଆଉ ଆଦିତ୍ୟ ଜନ୍ମ ନେଲା କେନ୍ଦୁଝରରେ ଏକ ଆଧ୍ୟାତ୍ମିକ ପରିବାରରେ ସ୍ୱାଗତ ନାମକୁ ନେଇ । ଚନ୍ଦ୍ରକଳା ପରି ବଢ଼ି ଚାଲିଲେ ଦୁହେଁ, ହେଲେ ପରସ୍ପର ଖୋଜୁଥାନ୍ତି ପ୍ରତିକ୍ଷଣ ଦୁହିଁଙ୍କୁ ପାଇବା ପାଇଁ । ସ୍ୱାତୀ ସ୍କୁଲରେ କଲେଜରେ ୟୁନିଭରସିଟିରେ ସବୁଠି ଖୋଜୁଥାଏ ଆଦିତ୍ୟକୁ ତା ହୃଦୟକୁ ସ୍ୱାଗତ କରିବା ପାଇଁ । ସ୍ୱାଗତ ବି ଏଣେ ତେଣେ ସବୁଠି ଖୋଜିଛି ସନ୍ଧାନ ନେଇଛି କେଉଁଠି ଅଛି ତା ରଶ୍ମି ତା କୋମଳ ପରଶ ପାଇବା ପାଇଁ ।

ସମୟ ଗଡିଚାଲେ କାହାକୁ ଅପେକ୍ଷା ନ କରି, ପିତା ମାତା ବି କର୍ତ୍ତବ୍ୟର ଦ୍ୱାହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇ ବୁଝନ୍ତି ନି ପୁଅ ଝିଅଙ୍କ ପରିସ୍ଥିତି ମାନସିକ ଅବସ୍ଥା । ସ୍ୱାଗତ ଯେତେ ମନା କରିଛି ଯେତେ କାକୁତି ମିନତି ହୋଇଛି ପିତା ମାତା ରାଣ ନିୟମ ପକାଇ ବିବାହ ବନ୍ଧନର ଛନ୍ଦି ଦେଇଛନ୍ତି ଏକ ସୁଶୀଳା ଯୁବତୀ ସହ ।

ହଠାତ୍ ଫୋନ୍ କଲ ପାଇ ବ୍ୟସ୍ତ ହୋଇଗଲା ସ୍ୱାଗତ । ଫୋନ୍ ରିସିଭ କଲା । କିଏର ଉତ୍ତରରେ ଶୁଣି ନିଜକୁ ସମ୍ଭାଳି ପାରିଲା ନାହିଁ । ମୁଁ ପରା ତୁମ ରଶ୍ମି । ମୁଁ ସିନା ପିତା ମାତାଙ୍କ ବାଧ୍ୟରେ ବିବାହ କରିଗଲି ହେଲେ ତୁମେ ତ ଅପେକ୍ଷା କରି ପାରିଥାନ୍ତ ?

ବହୁତ୍ ବୁଝାଇଛି ରଶ୍ମି, ପିତା ମାତାଙ୍କୁ ଏ କାହାଣୀ ବହୁତ ଶୁଣାଇଛି ? ହେଲେ ସଭିଏଁ ହସି ମୋତେ ପାଗଳାମି କରୁଛି ବୋଲି କହିଛନ୍ତି ।

ହେଲେ ତୁମେ......ଏତେ ଶୀଘ୍ର ଭୁଲିଗଲ ?

ନା ଆଦିତ୍ୟ କେମିତି ତୁମେ କହି ପାରୁଛ ତୁମ ରଶ୍ମି ଭୁଲିଯିବ ବୋଲି । ବହୁତ୍ କାକୁତି ମିନତି ହୋଇଛି, ବହୁତ୍ ଖୋଜିଛି, ଖୋଜା ବି କରାଇଛି । ହେଲେ ଝିଅ ପିଲା, ସମୟ ଆଉ ପିତା ମାତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ପାଖରେ ମୁଁ ହାର ମାନିଛି । ହେଲେ ଶେଷରେ ଛନ୍ଦି ହେଲି ଖ୍ୟାତି ସଂପନ୍ନ ସୁଶୀଳ ଶାନ୍ତ ଉଚ୍ଚ ଶିକ୍ଷିତ ଯୁବକ ମହେଶଙ୍କ ସାଙ୍ଗରେ ।

ତୁମେ କେବେ ଆସ ବ୍ରହ୍ମପୁର ଆଦିତ୍ୟ । ମୋ ନାମ ସ୍ୱାତୀ ବୋଲି କହିବ । ଏଇ ନଂବରରେ କଲ କରିବ । ନିଶ୍ଚୟ ଆସିବ ନା ।

ହେଲେ ମୋ ନମ୍ବର୍ କେଉଁଠୁ ପାଇଲ ଯେ, ଆଦିତ୍ୟ କହିଲା ।

ତୁମେ ପାର୍କରେ କାହାକୁ ତୁମ ନମ୍ବର୍ ଡାକୁଥିଲା ବେଳେ ପରା ମୁଁ ନୋଟ କରି ସେଭ୍ କରିଦେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଁ ସ୍ୱାତୀ ମୋ ନାଆଁ ଆଉ ଆଦିତ୍ୟ ନାହିଁ, ସ୍ୱାଗତ ହୋଇଯାଇଛି । ସ୍ୱାତୀ ଓରଫ ରଶ୍ମି ସତ କହିବ, ତୁମେ କଣ ମୋତେ ସେତିକି ଭଲ ପାଉଛ ?

ପ୍ରଥମ ପ୍ରେମକୁ କିଏ କଣ ଭୁଲି ପାରେ ? ରଶ୍ମି କେମିତି ଆଦିତ୍ୟକୁ ଭୁଲିଯିବ ଯେ ? ସେଦିନ ଆଦିତ୍ୟ ଟ୍ରେନରେ ଚାଲିଲା ବ୍ରହ୍ମପୁର, ଷ୍ଟେସନରୁ ଓହ୍ଲାଇ ଦେଖିଲା ସେଇ ଆଖି ସେଇ ମୁହଁ ସେଇ ହସ, ତାକୁ ସ୍ୱାଗତ କରିବାକୁ ପରା ଆସିଛି । ଦୁହେଁ ଦୁହିଁଙ୍କୁ ସେଇ ଜନ ସମାଗମରେ ବି ବାଛ ବିଚାର ନ କରି ଆଲିଙ୍ଗନ କଲେ । ସେଦିନ ନୀରବୀ ଯାଇଥିବା ପ୍ରକୃତି ବି ନାଚି ଉଠିଲା ଦୁହିଁଙ୍କ ମିଳନରେ । ସ୍ୱାତୀ ସ୍ୱାଗତର ହାତ ଧରି ଟାଣି ଟାଣି ନେଲା ନିଜ ନୂଆ କାର ଭିତରକୁ । କାରରେ ବସି ସ୍ୱାତୀ ଡ୍ରାଇଭିଂ କଲା ବେଳେ ସ୍ୱାଗତ ଆଡ଼କୁ ଚାହିଁ କହିଲା ମନେ ଅଛି ମୋ କଥା....

କୋଉ କଥା ସ୍ୱାଗତ ପାଟିରୁ ନ ବାହାରଣୁ

ସ୍ୱାତୀ କହିଲା ସେଇ ଆଇ ଜି ପାର୍କରେ ମ....

ତୁମେ କହିଥିଲ

ସ୍ୱାଗତ ସ୍ୱାତୀର ଗାଲରେ ଗୋଟିଏ ଶକ୍ତ ଚୁମ୍ବନ ଦେଇ କହିଲା

ଓଃ ମନେ ପଡିଲା

ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା ।

ସ୍ୱାତୀ କହିଲା ଏ ତୁମେ ଏବେ ବି ସେମିତି ଦୁଷ୍ଟ ଅଛ ?

ସ୍ୱାଗତ କହିଲା, "ମୋ ସ୍ୱାତୀ ପାଖରେ ଦୁଷ୍ଟ ହେବି ନି ଆଉ କୋଉଠି ହେବି ଯେ ?"

ଦୁହିଁଙ୍କ ହସରେ ବାୟୁମଣ୍ଡଳ ବି ଫିଁ କରି ହସିଦେଲା ।

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଟୋବାଲା

ସତ୍ୟନାରାୟଣ ସାହୁ



ଖାସିଆ ପଡା ଗାଁଟିରେ ପ୍ରତି ବର୍ଷ ଦୋଳ ମେଲଣ ଉପଲକ୍ଷେ ଗାଆଁଣ ମେଳା ଲାଗେ । ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥାଏ । ଛେଳିଆ ଗାଁରୁ ତାହା ୧୫-୨୦ କିମି ଦୂର । ଚେମୀ ଘର ଛେଳିଆ ପଡା ଗାଁରେ ।

ଚେମୀ ବାଆ ଯାଇଥାଏ ଦାଦନ ଖଟିବାକୁ ।

ଘରେ ଥାନ୍ତି, ଚେମୀ, ଚେମୂ, ଚେମୀ ଅପା, ଚେମୀ ମାଆ ଚେମି ନାନୀ ଇତ୍ୟାଦି ।

ମେଳା ପାଇଁ ଅଟୋ ରିକ୍ସା ଗୁଡିକରେ ବୋଝ ଲଦିବା ପରି ଲୋକବାକମାନଙ୍କ ଭିଡ ଲାଗି ରହିଛି ।

ସେ ଦିନ ରାତିରେ ଆଠଟା ବେଳକୁ ଚିମି ଘର ଗାଁଆଣ ଦେଖିବା ନିମନ୍ତେ ବାହାରି ଗଲେ । ଅଟୋ ଷ୍ଟାଣ୍ଡରେ ଅନେକ ଗୁଡ଼ିଏ ଅଟୋବାଲା ଥିଲେ ବି ବହୁତ ଯାତ୍ରୀ ବୋଝ ପରି ଭିଡ ଲାଗି ରହିଥିଲେ ।

ଯେଉଁ ଅଟୋ ବାଲାମାନେ ଖୁବ୍ ଭଲ ଲୋକ ସେ ମାନେ ଡାକିଲେ କିନ୍ତୁ ଚିମୀ ମନା କଲା କହିଲା, ଚେମୁଟା ଛୋଟ ପିଲା । ସେମାନେ ବ୍ୟସ୍ତ ବିବ୍ରତ ହୋଇ ପଳାଇଗଲା ପରେ ବି ଚେମୁ ବାବୁଟା ଛୋଟ ପିଲା ହୋଇଥିବାରୁ ଓ ଅଟୋ ରିକ୍ସା ଗୁଡିକରେ ଅଧିକ ଭିଡରେ ଯାଇ ପାରିଲେ ନାହିଁ ।

ଶେଷରେ ଅନ୍ୟ ଜଣେ ଅଟୋ ବାଲା ଆସିଲା । ତାର ଅଟୋଟି ଥିଲା ଏକ ଦମ୍ ଫାଙ୍କା ।

ସେ ଅଟୋ ବାଲାଟି ଦେଖିବାକୁ ଖୁବ୍ ଦୁଷ୍ଟ ପରି । ସାଧା ସିଧା ଅଟୋ ବାଲା ମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଳାଇ ଯିବା ପରେ ବା ଆଉ ଉପାୟ ନାହିଁ କିପରି ଯିବେ ?

ସେମାନେ ସେଥିରେ ଯିବାକୁ ବାଧ୍ୟ ହେଲେ । ଚେମୁ, ଚେମି, ଚେମୀମା, ଚେମି ଅପା, ଚେମି ନାନୀ ଇତ୍ୟାଦି ୪/୫ ଜଣ ଅଟୋରେ ବସିଲେ । ଲୋକଙ୍କ ଭିଡ ଲାଗି ରହି ଥିଲା ।

ଅଟୋ ବାଲା ଅଟୋ ଚଳାଇଲା । ଚମା ପାଟି କଲା, ଅଟୋ ଚାଲିଲା ।

ଚେମି ମାଆ ଓ ଚେମି ଅତ୍ୟନ୍ତ ଗପୁଡ଼ି ସ୍ୱଭାବର । ସେମାନେ ଅଟୋବାଲା ସହିତ ଗପି ଗପି ଚାଲି ଥିଲେ । ଘର କେଉଁଠି, କେଉଁ ଠାରେ, କେଉଁଠାକୁ, କାହିଁକି ଯାଉଛ, ଧୀରେ ଧୀରେ ବିଶ୍ୱାସ ଜନ୍ମାଇ ସବୁ କଥା କହି ଦେଲେ ।

ଶେଷରେ ପଇସା କଥା ପଡିବା ପରେ ସେ ଅଟୋ ବାଲା କହିଲା ଚାରି ଜଣଙ୍କୁ ଚାରି ଶହ ଟଙ୍କାରୁ କମ୍ ରେ ନେବ ନାହିଁ । ପଇସା କାଢ କହି ଅଟୋ ବାଲା ଅଟୋ ରଖି ଦେଲା । ଚେମିମା ୨୦୦ ଟଙ୍କା ଦେଲା, ସିଏ ନେଲା ନାହିଁ, ପରେ ୩୦୦ଟଙ୍କା ଦେଲେ ବି ନେଲା ନାହିଁ, ଅଧା ବାଟରେ ଓହ୍ଲାଇ ଦେଇ ପଳାଇ ଗଲା ।

ସେମାନେ ଅଟୋରୁ ଓହ୍ଲାଇ ନିଜ ଗାଁ ଆଡକୁ ଚାଲିଥିଲେ, ଭାଗ୍ୟ ଭଲ ହୋଇଥାନ୍ତା କି, କେଜାଣି, ଏ କାହାଣୀ ଲେଖିବା ପାଇଁ ପଡ଼ି ନଥାନ୍ତା ।

ହେଲେ ଗାଆଁଣ ଦେଖିବା ନିଶାଟି ଏପରି ଘାରିଥିଲା ଯେ ସେମାନେ ଗାଁଅଣ ଆଡକୁ ଆଗେଇ ଚାଲିଲେ । ଚେମୀ, ଚେମୁ, ଚେମୀ ମାଆ, ଚେମିଅପା, ଚେମି ନାନୀ ଇତ୍ୟାଦି ହାତ ଧରା ଧରି ହୋଇ ବିକଟ ଅନ୍ଧାରରେ ଘନ ଜଙ୍ଗଲ ମଧ୍ୟରେ ଥିବା ରାସ୍ତା ଦେଇ ଚାଲିଥାନ୍ତି । ବୋଧେ ୫/୬କିମି ଯାଇ ଓହ୍ଲାଇ ଦେଇଥିବ । କେତେ ବାଟ ହେଲା । କେତେଟା ବାଜିଲା ଅନ୍ଧାରରେ ଜାଣିବେ କେମିତି ? ଏ ମଧ୍ୟରେ ସେଇ ବାଟ ଦେଇ କେତୋଟି ଜଣାଶୁଣା ଅଟୋ ବାଲା ଗଲେ ବି କେହି ହେଲେ ସେମାନଙ୍କୁ ନେଇ ପାରିଲେନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗେଇ ଚାଲିଥାନ୍ତି । ୨/୪ କିମି ଅତିକ୍ରମ କରିବା ପରେ ସେ ଅଟୋ ବାଲାଟି ୪/୬ଜଣ ଗୁଣ୍ଡାମାନଙ୍କର ସହିତ ସେଇ ବାଟରେ ଆସି ଚେମି ଅପା ଚିମି ମାଆ ଆଦିଙ୍କ ପାଖରେ ଯାହା କିଛି ଟଙ୍କା ପଇସା, ସୁନା ରୂପା, ଥିଲା ସବୁ ଲୁଟି ନେଲେ । ଚାବି ଛଡ଼ାଇ ନେଇ ତାଙ୍କ ଘରେ କଳା କନା ବୁଲଇ ଦେଲେ । ଗୋଟାଏ ଟଙ୍କା କି ଚିରା ବୁରା ଖଣ୍ଡିଏ ସୁଦ୍ଧା ରଖିଲେ ନାହିଁ । ଗୁଣ୍ଡାମାନଙ୍କର ସହିତ ସମସ୍ତଙ୍କୁ ବଣ ଭିତରକୁ ଟେକି ନେଇ ରେପ୍ କଲେ । ଖୁବ୍ ମାଡ ମାରିଲେ । ଦେହ ହାତ ଫୁଲାଇ ଦେଇ ପଳାଇ ଗଲେ । ସେଇଠାରେ ସାରା ରାତି ପଡ଼ି ରହି ସମସ୍ତେ କାନ୍ଦୁଥାନ୍ତି ।

କରୁଣ କ୍ରନ୍ଦନର ସ୍ୱର ଘନ ବନଭୂମିର ବୃକ୍ଷମାନଙ୍କରେ ପ୍ରତିଧ୍ୱନିତ ହୋଇ ଫେରି ଆସୁଥାଏ । ସତେ କି ବୃକ୍ଷମାନେ ବି ଖୁବ୍ ମର୍ମାହତ ହୋଇ କାନ୍ଦୁଥିଲେ । ସକାଳ ହେବା ପରେ ସେଇ ବାଟ ଦେଇ ଯାଉଥିବା ଏକ ଅଟୋ ବାଲା ତାଙ୍କ ଅବସ୍ଥା ଦେଖି ନିଜ ଅଟୋରେ ବସାଇ ଡାକ୍ତର ଖାନାରେ ନେଇ ଦେଖାଇବା ପରେ ହିଁ, ଜୀବନ ଘେନି ଘରକୁ ଆସି ପାରିଲେ ସିନା ହେଲେ ଜୀବନର ସବୁ ସମ୍ପଦକୁ ହରାଇ ସାରିଥିଲେ ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୋକ

ଚିତ୍ତରଞ୍ଜନ ମହାପାତ୍ର



ସେଦିନ ହଠାତ୍ ଭୋର ୫ଟାରେ ରାୟବାବୁଙ୍କର ନିଦ ଭାଙ୍ଗିଗଲା । ମନହେଲା ବାଡି ପଛପାଖ ବଗିଚାକୁ ଯାଇ ଫୁଲଗଛରେ ପାଣି ଦେବାପାଇଁ । ଖୁବ୍ ସୁନ୍ଦର ଫୁଲ ବଗିଚାଟିଏ । କେବଳ ଛୁଟିଦିନରେ ଲାଗି ଲାଗି ନିଜ ହାତରେ ସେ ବଗିଚାଟିକୁ ଗଢ଼ିଛନ୍ତି । ଗଲା କିଛିଦିନ ହେବ କାମବ୍ୟସ୍ତରେ ବଗିଚାଆଡ଼େ ଦୃଷ୍ଟିପଡିନି ରାୟବାବୁଙ୍କର । ହାତରେ ପାଣି ପାଇପ ଧରି ବାବୁ ଡାକ ଛାଡ଼ିଲେ ରାମୁକୁ । ଘରର ଚାକର ରାମୁ, ରାୟବାବୁଙ୍କର ଅତି ବିଶ୍ୱସ୍ତ । ଘରର ସବୁକାମ ସେ ମନଦେଇ କରେ । ଘରପାଇଁ ସଉଦା ଆଣିବା, ବାବୁଙ୍କ ମନଜାଣି ରୋଷେଇ କରିବା, ବଗିଚାରେ ପାଣିଦେବା ଠାରୁ ସବୁକିଛି । ଯଦି କେବେ ଘରେ ବାବୁ କି ମା' କାହାର ଦେହ ଖରାପ ହେଲା, ତେବେ ନିଜ ଖାଇବା ପିଇବା ଭୁଲି ସେବାରେ ଲାଗିପଡେ ରାମୁ । ବାବୁ ହୁଅନ୍ତୁ କି ମା' ଉଭୟ ନିଜ ପୁଅଠାରୁ ଅଧିକ ସ୍ନେହ ଦିଅନ୍ତି ରାମୁକୁ । ଘରେ କୌଣସି ପର୍ବ ହେଲେ ଆଗ ଜାମା କିଣାଯାଏ ରାମୁପାଇଁ । ମାସ ଶେଷରେ ଦରମା ନେଲାବେଳେ ରାୟ ବାବୁ ଧର୍ମପତ୍ନୀଙ୍କୁ ଲୁଚାଇ କିଛି ଅଧିକ ଟଙ୍କା ଗୁଞ୍ଜି ଦିଅନ୍ତି ରାମୁ ହାତରେ । ସେପଟେ ମହାଶୟା ରାୟ ବି କିଛି କମ କରନ୍ତିନି ରାମୁ ପାଇଁ । ପ୍ରତିଦିନ ରାମୁକୁ ଆଗ ଖୁଆଇଲା ପରେ ଯାଇ ନିଜେ ଖାଆନ୍ତି । ନ ମାଗିଲେବି ସମୟେ ସମୟେ ରାମୁ ହାତରେ କିଛି ଟଙ୍କା ଗୁଞ୍ଜି ଦେଇ କୁହନ୍ତି ତୋ ଝିଅ ପାଇଁ କିଛି କିନିନେବୁ । ରଘୁନାଥପୁର ଗ୍ରାମରେ ରାମୁର ଘର । ପରିବାର ବୋଲି ସ୍ତ୍ରୀ, ଝିଅ ଆଉ ବୁଢ଼ା ବାପାଟିଏ । କିନ୍ତୁ ମହାଶୟ ଓ ମହାଶୟା ରାୟଙ୍କ ସ୍ନେହରେ ସେ ଏତେ ବାନ୍ଧି ହୋଇ ଯାଉଛି ଯେ ନିହାତି ଆବଶ୍ୟକ ନପଡିଲେ ସେ ଗାଁକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଏ ନାହିଁ । ମାସକୁ ମାସ ଟଙ୍କା ପଠେଇ ଦେଇଥାଏ । ବରଂ ସେମାନଙ୍କ ଇଚ୍ଛା ହେଲେ ରାମୁ ପାଖକୁ ଆସି ଦୁଇ ଚାରି ଦିନ ବୁଲି ଯାଆନ୍ତି । ହେଲେ ଆଜି ଏତେ ଜୋରରେ ଡାକ ଛାଡ଼ିଲେବି ରାମୁର ଦେଖା ନାହିଁ । ବାବୁ ଘର ଭିତରକୁ ଯାଇ ଦେଖନ୍ତିତ ଘରେ ରାମୁ ନାହିଁ । ବାଡି ପଛପାଖ କବାଟ ଖୋଲା । କିଛି ଅସୁବିଧା ହୋଇନି ତ ? ପିଲାଟା ଏତେ ସକାଳୁ ଉଠି ଗଲା କୁଆଡେ ? କେବେ ନ ଜଣାଇ ତ ସେ ଘରୁ ପଦାକୁ ବାହାରେ ନାହିଁ । ମନରେ ଅନେକ ଅଶୁଭ ଚିନ୍ତା ଘାରୁଥିଲା ରାୟବାବୁଙ୍କର । ତଥାପି ସମ୍ପୂର୍ଣ ଘଟଣା ଜାଣିବାପାଇଁ ବଗିଚାରେ ପଡ଼ିଥିବା ଚୌକି ଉପରେ ବସି ରାୟବାବୁ ପେପର ପଢ଼ିବାରେ ଲାଗିଲେ । କିନ୍ତୁ ବାରମ୍ବାର ଘଣ୍ଟାକୁ ଚାହିଁ ସମୟ ଦେଖୁଥାନ୍ତି । ପ୍ରାୟ ଏକ ଘଣ୍ଟାପରେ ବାଡି ପଛପାଖ କବାଟ ଦେଇ ଚୁପି ଚୁପି ଆସିବା ବେଳେ ହଠାତ୍ ରାୟବାବୁଙ୍କୁ ଦେଖି ଚମକି ପଡ଼ିଲା ରାମୁ । ବାବୁକିଛି ପଚାରିବା ପୂର୍ବରୁ ଆଖି ଛଳ ଛଳ କରି କହିଲା, ନିକଟସ୍ଥ ବସ୍ତିକୁ ଯାଇଥିଲି । 'ଆରେ ଏତେ ସକାଳୁ ତୋର ବସ୍ତିରେ କି କାମ ?" ଗମ୍ଭୀର ସ୍ୱରରେ ବାବୁ ପଚାରିଲେ । ମୁହଁ ତଳକୁ ପୋତି ଏକା ନିଃଶ୍ୱାସରେ ରାମୁ କହିଗଲା । "ବାବୁ ଏବେ ୧୫ଦିନ ତଳେ ବଜାରରୁ ଫେରିବା ବାଟରେ ମୁଁ ଦୁଇ ଭାଇଭଉଣୀଙ୍କୁ ବୁଲି ବୁଲି ଖାଇବା ମାଗୁଥିବାର ଦେଖିଲି । ପଚାରି ବୁଝିଲି ସେମାନେ ମା' ବାପା ଛେଉଣ୍ଡ । ଭାରି ଦୁଃଖ ଲାଗିଲା । ତେଣୁ ଆପଣଙ୍କୁ ନ ଜଣାଇ ପ୍ରତିଦିନ ସକାଳୁ ଓ ସନ୍ଧ୍ୟାରେ ମୁଁ ସେମାନଙ୍କ ପାଖକୁ ଚାଲିଯାଏ । ଆମ ଘରର ଦିନର ଓ ରାତିର ବଳକା ଖାଇବା ନେଇ ତାଙ୍କ ପାଖରେ ପହଞ୍ଚାଏ । ପାଖରୁ ସେଇ ଖାଇବା ଟିକକ ପାଇବା ପରେ ସେମାନଙ୍କ ମୁହଁରେ ମୁଁ ହସ ଦେଖିଛି ବାବୁ । ଗରିବ ପରିବାରରେ ମୋ ଜନ୍ମ । ତେଣୁ ମୁଁ ସେମାନଙ୍କ ପେଟର ଭୋକ ବୁଝିପାରିଛି । ଯଦି ଏମିତି କରି ମୁଁ କିଛି ଭୁଲ କରିଛି ବୋଲି ଆପଣଙ୍କୁ ଲାଗୁଛି ତେବେ ମୋତେ ଯାହା ଦଣ୍ଡ ଦେବେ ମୁଁ ମଥାପାତି ସହିନେବି । "ରାମୁର କଥା ଶୁଣି ଗମ୍ଭୀର ହୋଇଗଲେ ରାୟବାବୁ । ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାୟ ୨୮ବର୍ଷ ଅତିକ୍ରାନ୍ତ ସେ କରିଛନ୍ତି । ନିଜ ଦୁଇ ପୁଅଙ୍କୁ ଉଚ୍ଚଶିକ୍ଷିତ କରି ବିଦେଶରେ ଅବସ୍ଥାପିତ କରିପାରିଛନ୍ତି । ସୁନ୍ଦର ଉଚ୍ଚ ଅଟ୍ଟାଳିକାରେ ରହିବା, ରାଜକୀୟ ଚଲଣିରେ ଚଳିବା ପରେବି କେବେ ସେ ନିଜ ଭିତରେ ଏତିକି ଖୁସି ଅନୁଭବ କରିପାରି ନାହାନ୍ତି, ଯାହା ଆଜି ସେ ରାମୁର ଆଖିରେ ଦେଖିପାରୁଛନ୍ତି । ଗରିବ ହେଲେ କ'ଣ ହେବ ରାମୁର ମନ କେତେ ବଡ ବଡ ଲୋକଙ୍କ ଠାରୁ ବି ମହାନ୍ । ଏ କଥା ଭାବି ବାବୁଙ୍କ ମନ କୁଣ୍ଢେମୋଟ ହୋଇଗଲା । ହଠାତ୍ ନିଜ ଚୌକିରୁ ଉଠି କାରର ଚାବି ଆଣି ବାବୁ ରାମୁକୁ ଡାକିଲେ ନିଜ ସହିତ ପାଖ ବସ୍ତିକୁ ଯାଇ ସେ ବାପା ମା' ଛେଉଣ୍ଡ ପିଲା ଦୁଇଟିକୁ ଭେଟିବାକୁ । ପାଖରେ ପହଞ୍ଚିବା ପରେ ଆନନ୍ଦରେ ରାୟବାବୁ କୋଳେଇ ନେଲେ ପିଲା ଦୁଇଟିଙ୍କୁ । ରାମୁକୁ ପାଖକୁ ଡାକି କହିଲେ" ଆଜିଠାରୁ ଏ ପିଲାଦୁଇଟି ମୋ ପାଖରେ ରହିବେ । ଏମାନଙ୍କର ରହିବା, ଖାଇବା, ପାଠ ପଢିବା ସବୁ ଖର୍ଚ୍ଚ ଏବେ ମୋର । ରାମୁର ଆଖିରୁ ଦୁଇଟୋପା ଅଶ୍ରୁ ଝରି ପଡ଼ିଲା । ପିଲା ଦୁଇଟିଙ୍କୁ ସାଙ୍ଗରେ ଧରି ରାୟ ବାବୁ ଓ ରାମୁ ବାହାରିଲେ ରାୟ ବାବୁଙ୍କ ବଙ୍ଗଳାକୁ । ଘଣ୍ଟାରେ ୯ଟା ବାଜି ଗଲାଣି । ଘରେ ପହଂଚି ସଅଳ ଗାଧୁଆ ସାରି ରାୟ ବାବୁ ଅଫିସକୁ ବାହାରିଗଲେ ଖୁବ୍ ତରତରରେ । ବିଚାର ମହାଶୟା ରାୟଙ୍କୁ ଏସବୁ ଅଜଣା ଥାଏ । ବାବୁଙ୍କ ପଛରେ ସେ ଚିଲେଇ ଡାକ ଛାଡୁଥା'ନ୍ତି ଖାଇ ଦେଇ ଯିବାପାଇଁ । ଆଉ ମନରେ ଭାବୁଥାନ୍ତି ଭୋକ ସମ୍ଭାଳି ରହି ପାରୁନଥିବା ଏ ମଣିଷ ଟାକୁ ଆଜି ସତରେ କ'ଣ "ଭୋକ" ନାହିଁ ? କିନ୍ତୁ ରାୟ ବାବୁ ମନ ଆନନ୍ଦରେ କାର ଚଳାଇ ଛୁଟି ଯାଉଥାନ୍ତି ଅଫିସ ଆଭିମୁଖେ । ଆଜି ଯେମିତି ସକାଳୁ କିଛି ନ ଖାଇବି ତାଙ୍କ ପେଟ ପୁରି ଯାଇଛି । ନା ଅଛି 'ଭୋକ' ନା ଲାଗୁଛି ଶୋଷ । ଆଖିରେ କେବଳ ନାଚି ଯାଉଛି ସେଇ ଦୁଇ କଅଁଳ ଶିଶୁଙ୍କର ମୁହଁ ।

ଗୋପିନାଥପୁର, ବଡ଼ମ୍ବା କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲ କାହାର

ସନ୍ତୋଷିନୀ ଦାଶ



ଏ ଆକାଶ ସତରେ ତୁମେ ଏମିତି ବଦଳି ଯିବ ବୋଲି ମୁଁ କେବେ ବି ଆଶା କରି ନଥିଲି । ମୋ ଗର୍ଭରେ ପରା ବଢୁଛି ଆମ ସନ୍ତାନ । ତୁମେ ଧୋକାବାଜ ସାଜି କୋମିତି ଫାଙ୍କି ଦେଉଛ ଏ ସବୁ । ତୁମେ ସେଦିନ କହିଥିଲ ନା ଆମର ଏ ସମ୍ପର୍କ ଦିନକର ମାସକର ନୁହେଁ ବରଂ ଯୁଗ ଯୁଗର । ହେଲେ ହଠାତ୍ ବର୍ଷାର ନିଦ ଭାଙ୍ଗିଗଲା । ବ୍ୟସ୍ତ ହୋଇ ପଡ଼ିଲା ବର୍ଷା । ତାହେଲେ ସେ ସ୍ୱପ୍ନ ଦେଖୁଥିଲା । ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି କହିଲା, ଏ ସ୍ୱପ୍ନ କେବେ ବି ସତ ନ ହେଉ ପ୍ରଭୁ ।

ଆକାଶ ଓ ବର୍ଷା ଦୁହେଁ ଏକ କଲେଜରେ ପାଠ ପଢୁଥିଲେ । ଗରିବ ଘରର ପୁଅ ହେଲେ ବି ଆକାଶ ଥିଲା ମେଧାବୀ ଛାତ୍ର । ସୁନ୍ଦର ସ୍ୱାସ୍ଥ୍ୟ । ଆକର୍ଷଣୀୟ ଚେହେରା । କେତେବେଳେ ଯେ ବର୍ଷା ତା ଆଡ଼କୁ ଢଳି ପଡ଼ିଥିଲା, ସେ ନିଜେ ବି ଜାଣେନା । କଥାବାର୍ତ୍ତା ପାଠ ଆଲୋଚନା ଭିତରେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ । ଗରିବ ଘରର ପୁଅ ହୋଇଥିବାରୁ ଇଞ୍ଜିନିୟରିଂ ପଢ଼ିବାର ସ୍ୱପ୍ନ ଦେଖି ପାରି ନ ଥିଲା ଆକାଶ । ଧନୀ ଘରର ଝିଅ ବର୍ଷା ତାକୁ ସାହାଯ୍ୟ କରିଥିଲା । ଉଭୟେ ଇଞ୍ଜିନିୟରିଂ ପାସ କରିବା ପରେ ବାଙ୍ଗାଲୋରରେ ଚାକିରି ପାଇଥିଲେ । ଦୁଇଜଣ ଗୋଟିଏ ଘରେ ରହି ଚାକିରି କ୍ଷେତ୍ରକୁ ଯାଉଥିଲେ । ସ୍ୱାମୀ ସ୍ତ୍ରୀ ପରି ଚଳୁଥିଲେ । ଅବସର ସମୟରେ ବୁଲାବୁଲି କରି ଜୀବନକୁ ଉପଭୋଗ କରୁଥିଲେ । ବର୍ଷା ର ମା ଅନେକ ଥର ବିବାହ ପ୍ରସ୍ତାବ ଆଣି ବାହା ହୋଇ ଯିବାକୁ କହୁଥିଲେ । ବର୍ଷା କିନ୍ତୁ ରୋକ ଠୋକ ମନା କରି ଦେଉଥିଲା । ନିଜ କଥା ନିଜେ ବୁଝିବ ବୋଲି କହିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ଭିତରେ ପାଞ୍ଚ ବର୍ଷ ବିତି ଯାଇଛି । ଦୁହେଁ ଏକ ମନ୍ଦିରକୁ ଯାଇ ବାହା ହୋଇଯିବେ ଓ ତାପରେ ଘରକୁ ଖବର ଦେବେ ବୋଲି ନିଷ୍ପତ୍ତି ନେଇଥିଲେ । ହଠାତ୍ ଆକାଶ ଘରୁ ଫୋନ ଆସିଲା । ତା ମାଆଙ୍କ ଦେହ ଖୁବ୍ ଅସୁସ୍ଥ । ସେ ତାକୁ ଦେଖିବା ପାଇଁ ଚାହୁଁଛନ୍ତି । ଆକାଶ ମାଆଙ୍କୁ ଦେଖିବା ପାଇଁ ଗାଁ କୁ ଚାଲିଗଲା । ଦୁଇ ମାସ ହୋଇଗଲା । ଆକାଶ ଆସୁ ନାହିଁ କି କିଛି ଖବର ଦେଉ ନାହିଁ । ବର୍ଷା ଫୋନ କଲେ ଉଠ ଉ ନାହିଁ । ଗଭୀର ଭାବନାରେ ପଡ଼ିଗଲା ବର୍ଷା । ଆକାଶର ମାଉସୀ ଝିଅ ଭଉଣୀ ରୁବି ତାଙ୍କ ସାଙ୍ଗରେ ପଢୁଥିଲା । ତା ପାଖକୁ ଫୋନ କଲା ବର୍ଷା । ଯାହା ଶୁଣିଲା ବିଶ୍ୱାସ କରି ପାରିଲା ନାହିଁ । ଆକାଶ କେବେ ବି ଏମିତି କରି ପାରିବ ନାହିଁ । ସେ ତାକୁ ଧୋକା ଦେବ ନାହିଁ । କିନ୍ତୁ ଅପ୍ରିୟ ସତ୍ୟକୁ ହିଁ ଗ୍ରହଣ କରିବାକୁ ପଡ଼ିବ । ପିତାମାତା ଠିକ କରିଥିବା ଝିଅକୁ ବିବାହ କରି ଆକାଶ ଗାଁ ରେ ରହୁଛି । ସେ ଆଉ ବାଙ୍ଗାଲୋର ଫେରିବାର ସମ୍ଭାବନା ନାହିଁ । ତା ହେଲେ କଣ କରିବ ବର୍ଷା। ତା ଦେଖିଥିବା ସ୍ୱପ୍ନ ତ ସତ ହୋଇଗଲା । ସତରେ ସେ ଏବେ ଆକାଶର ସନ୍ତାନ ର ମା ହେବାକୁ ଯାଉଛି । କ'ଣ କରିବ ସେ । ଗର୍ଭପାତ କରିଦେଇ ଆଉ କାହାକୁ କ'ଣ ସେ ବାହା ହୋଇ ପାରିବ ? ଏତେ ଦିନର ଭଲ ପାଇବା,ଏତେ ଦିନର ସମ୍ପର୍କ ସବୁ ତା ହେଲେ କ'ଣ ମିଛ ? ବର୍ଷା ର ମୁଣ୍ଡ ଗୋଲମାଳ ହୋଇ ଯାଉଥିଲା । ସେ ତ ନିର୍ମଳ ହୃଦୟରେ ଆକାଶକୁ ଭଲ ପାଉଥିଲା । ତେବେ ଆକାଶ ତାକୁ ପ୍ରତାରଣା କଲା କାହିଁକି ? ଭୁଲ କାହାର ?

ଆକାଶର ? ବର୍ଷାର ? ନା ଉଦ୍ଭଟ ଆଧୁନିକତାର ?

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲ କାହାର ?

ରୁଦ୍ରକାନ୍ତ ରାଉତରାୟ



ଜୀବନର ଅପରାହ୍ଣରେ ଅବତୀର୍ଣ୍ଣ ପ୍ରଧାନ ମାଷ୍ଟ୍ରେ, ଯାତନା ତୁଳୀରେ ସେ ଅନେକ ଜୀବନ୍ତ ପ୍ରତିମୂର୍ତ୍ତି ତିଆରୀ କରିଛନ୍ତି । ଶକ୍ତ ଯାତନାର ନିର୍ମମ କଠୋରତା ପାଖରେ କେବେ ହାର ମାନି ନାହାନ୍ତି । ବର୍ଷା ହେଉ କିମ୍ବା 'ଗୁଣର ମଳୟ ପବନ, ବୈଶାଖର ପ୍ରଚଣ୍ଡ ରୁଦ୍ରତାପ ହେଉ ଅବା ଜରତି ଶୀତର ଜାଡ଼, ମାଷ୍ଟ୍ରେଙ୍କ ହାତରେ ସେ କେ.ସି.ପାଲର ଅଧାଚିରା ବଡ଼ ବେଣ୍ଟଲଗା ଛତା ଖଣ୍ଡିକ ଥାଏ । ଓଡ଼ିଶୀ କୁଞ୍ଚପଟ୍ଟା ଧୋତି ଓ ହାଫ୍ ସାର୍ଟ ସାଙ୍ଗକୁ ପାନବଟୁଆ ମାଷ୍ଟ୍ରେଙ୍କର ଘରୁ ବାହାରକୁ ବାହାରିବାର ସରଞ୍ଜାମ ଆଉଘରେ ରହିଲେ ନାଲି ଅଧା ଚଉତା ଖରଦା ନାଲି ଗାମୁଛା ବାସ୍ । ପ୍ରତି ରବିବାର ପରି ସେଦିନ ମାଷ୍ଟ୍ରେ ଅମୃତ ବଜାର ବସ୍‌ଷ୍ଟାଣ୍ଡରେ ଓହ୍ଲେଇ କାହିଁକି କେଜାଣି ଲଥିକରି ତଳେବସି ପଡ଼ିଲେ । ପ୍ରଧାନ ମାଷ୍ଟ୍ରେଙ୍କୁ ଦେଖି ବଜାର ରେ ଥିବା ଲୋକେ ତାଙ୍କୁ ଉଠେଇ ପାଣିପିଇବାକୁ ଦେଇ ନେଇ ଘରେ ଛାଡିଲେ । ଆଜି ହଠାତ୍ ଏ ଖବର ।?!

ସ୍ମୃତିର ଫରୁଆରେ ସାଇତା ଅତୀତର ମୁଠାଏ ସପନ, ଜୀବନକୁ ବଞ୍ଚିବାରେ ଯେତିକି ସାହାଯ୍ୟ କରେ, ଜୀବନର ଯନ୍ତ୍ରଣା ବର୍ଦ୍ଧକ ହିସାବରେ ସେତିକି, ଇତିହାସର ଫର୍ଦ୍ଦ ଓଲଟାଇ ଜୀବନ ଭୂଗୋଳକୁ ତର୍ଜମା କରୁଥିବା ମଣିଷମାନେ ଜଣେ ଜଣେ ଗବେଷକ ହୋଇପାରନ୍ତି ସତ, ହେଲେ ଆପଣା ଭୂଗୋଳକୁ ତର୍ଜମା କରୁଥିବା ଗବେଷକ ଖୁବ୍ କମ୍ ଦେଖାଯାନ୍ତି । ମାତ୍ର ପ୍ରଧାନ ମାଷ୍ଟ୍ରେ ସେଥିରୁ ଜଣେ । ବିବାହର ସାମାନ୍ୟ କିଛିଦିନପରେ ସହଧର୍ମିଣୀ ତାଙ୍କ ହାତ ଛାଡି ଆରପାରିକୁ ଚାଲିଗଲେ । ମାଷ୍ଟ୍ରେ ଛାତ୍ରଛାତ୍ରୀ ମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ନେହ ବତ୍ସଳ କରନ୍ତି । ହେଲେ ପାଠରୁ ବିଚ୍ୟୁତି ହେଲେ ବେତରେ ପିଟି ଲାଲ୍ କରିଦେଉଥିଲେ ସେ । କ୍ଲାସ୍ରୁମ୍‌ରେ ବସି ବଟୁଆରୁ ପାନ ଖଣ୍ଡେ କାଢ଼ି କଳରେ ଜାକି ତାଙ୍କର ପ୍ରିୟଶିକ୍ଷ୍ୟ "ସାରଦା" ଯାହାକୁ ମାଷ୍ଟ୍ରେ ଅତିସ୍ନେହରେ ସରସ୍ୱତୀ ବୋଲି ସମ୍ବୋଧନ କରୁଥିଲେ, ତାକୁ ଅତିସ୍ନେହରେ ଗଣିତର କଠିନ ସୂତ୍ରକୁ ବୁଝାଇ ଦଉଥିଲେ । ବାପା ମା' ଛେଉଣ୍ଡ ସାରଦାକୁ ମାଷ୍ଟ୍ରେ ନିଜ ଝିଅପରି ଗଢ଼ି ତୋଳିବାରେ କେବେ ହେଳା କରିନାହାନ୍ତି । ତାର ପାଠପଢ଼ା, ଭଲମନ୍ଦ ସବୁ ମାଷ୍ଟ୍ରେ ବୁଝନ୍ତି । ସାରଦା ମାଷ୍ଟ୍ରେଙ୍କୁ ନିଜ ବାପାଙ୍କ ଭଳି ସମ୍ମାନ କରୁଥିଲେ । ସାରଦା ପାଠପଢ଼ି ବଡ଼ହେଲେ ଓ.ଏ.ଏସ୍ ପାଇ ଭୁବନେଶ୍ୱରରେ ଡ଼େପୁଟି କଲେକ୍ଟର ଭାବେ ଯୋଗଦେଲେ । ମାଷ୍ଟ୍ରେ ମଧ୍ୟ ଜଣେ ଓ.ଏ.ଏସ୍. ସହିତ ତାଙ୍କ ବିବାହ କରିଦେଲେ । ସମୟ କ୍ରମେ ସାରଦାଙ୍କ ବଦଳି ସମ୍ବଲପୁର ହୋଇଗଲା । ମ୍ୟାଡ଼ାମଙ୍କର ବଞ୍ଚିବା ଶୈଳି ସଂପୂର୍ଣ୍ଣ ବଦଳି ଯାଇଥାଏ । ଗୋଟିଏ ପୁଅ ଓ ଗୋଟିଏ ଝିଅରେ ତାଙ୍କର ସଂସାର, ଆଉ ଆଗଭଳି ମାଷ୍ଟ୍ରେଙ୍କୁ ଦେଖା କରିବାକୁ ଆସିପାରୁନଥିଲେ । ହେଲେ ମାଷ୍ଟ୍ରେ ପ୍ରତିରବିବାର ଛୁଟି ଦିନରେ ଝିଅ କ୍ୱାଟରରେ ଥିବ ଭାବି ଯାଆନ୍ତି । ହେଲେ ଦେଖାନପାଇ ଫେରିଆସନ୍ତି । ଶୁଣିବାକୁ ପାଇଲି ଶେଷଥର ମାଷ୍ଟ୍ରେ ଯାଇ ଗେଟ୍ ସମ୍ମାନାର ସିକ୍ୟୁରିଟିକୁ "ସାରଦା"ଙ୍କୁ ଡାକିବାକୁ କହିବାରୁ ସିକ୍ୟୁରିଟି ତାଙ୍କୁ ସ୍ପଷ୍ଟ ମନା କରିଦେଇ କହିଲା ମ୍ୟାଡ଼ାମ କହିଛନ୍ତି କେବଳ ଅଫିସ୍ ଷ୍ଟାପଙ୍କ ବ୍ୟତିତ ଆଉ କେହି ଦେଖାକରି ପାରିବେ ନାହିଁ । ସେ ପରିଚୟ ଦେଲେ ସୁଦ୍ଧା ତାଙ୍କର ବେଶଭୂଷା ଦେଖି ସିକ୍ୟୁରିଟ୍ ତାଙ୍କୁ ଗେଟ୍ ଭିତରକୁ ଛାଡିନଥିଲା । ଶେଷରେ ଚିଠିଟିଏ ଲେଖି ସିକ୍ୟୁରିଟି କୁ ଦେଇ ମାଷ୍ଟ୍ରେ ମନ ଦୁଃଖରେ ଫେରି ଆସିଥିଲେ । ଜୀବନର ବାସ୍ତବତାକୁ ଦେଖି ମାଷ୍ଟ୍ରଙ୍କ ଆଖି ଜକେଇ ଦମ୍ଭ ମଣିଷଟା ଭାଙ୍ଗିନାହିଁ ବୋଲି ଦେଖେଇ ହେଉଥାନ୍ତି । ମାତ୍ର ତାଙ୍କ ଛଳ ଛଳ ଆଖି ଦେଖି କେହିବି ଜଣେ ନିଶ୍ଚୟ ବୁଝିଯିବ ଏଲୁହ ଯନ୍ତ୍ରଣାର ଜୁଡୁବୁଡୁ କେତେକ ଲବଣାକ୍ତ ଜଳ ବିନ୍ଦୁର ସମାହାର ବୋଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିକ୍ୟୁରିଟି ପାଖରୁ ଚିଠି ପାଇ ଦୌଡିଯାଇଥିଲେ ସାରଦା ଗାଁକୁ ଆଉ ଗାଁରେ ଯାଇ ପହଁଞ୍ଚି ଦେଖନ୍ତି ପ୍ରଧାନ ମାଷ୍ଟ୍ରେଙ୍କୁ ଘେରି ରହିଥାନ୍ତି ଗାଁ ଓ ଗାଁ ବାହାରର ଅନେକ ପୁରାତନ ଛାତ୍ରଛାତ୍ରୀ ଏବଂ ଗାଁ ଲୋକେ । ହରିବୋଲ ପଡୁଥାଏ । ସାରଦା ଦୌଡିଯାଇ ଧଳା ଧୋତିଟାକୁ ମାଷ୍ଟ୍ରେଙ୍କ ମୁହଁରୁ କାଢି ମାଷ୍ଟ୍ରେଙ୍କ ନିସ୍ତେଜ ଶରୀରକୁ ଜାବୁଡ଼ି ଧରି କାନ୍ଦିଉଠନ୍ତି । ସାର୍, ସାର୍ କେହି ଯେତେ ଚିତ୍କାର କଲେ ବି ସରସ୍ୱତୀ ବୋଲି ଡ଼ାକିବାକୁ ମାଷ୍ଟ୍ରଙ୍କ ଜିଭରେ ସେ ଶକ୍ତି ଆଉନଥାଏ । ଶବ ମଶାଣିକୁ ଗଲା । ମାଷ୍ଟ୍ରେଙ୍କ କୁଡ଼ିଆ ଦୁଆରେ ବସି ସେ ଚିଠିକୁ କାଢ଼ି ସାରଦା ଦେଖିଲେ ମାରେ ସରସ୍ୱତୀ ତୋ ଓ.ଏ.ଏସ୍ କୋଚିଂ ପାଇଁ ପ୍ରଭାକର ଦାସଙ୍କ ଠାରୁ ୨ଲକ୍ଷ ଟଙ୍କା କରଜ କରିଥିଲି । ଲକ୍ଷେ ଟଙ୍କା ସୁଝିଦେଇଅଛି । ଆଉ ଦେଇପାରୁନାହିଁ । ତୁ ତ ଜାଣିଛୁ ମୋର ଜମି ବୋଲି ମାତ୍ର ୨ଡ଼ିସିମିଲ ଯେଉଁ ଥିରେ ଏ ଘର ଖଣ୍ଡକ ଅଛି । କରଜକୁ ମୁଣ୍ଡରେ ବୋହି ମରିବାକୁ ମୁଁ ଚାହେଁନାହିଁ । ଯଦି ତୁ ବାକି ଟଙ୍କାତକ ସୁଝିଦିଅନ୍ତୁ ଭଲ ହୁଅନ୍ତା । ଦେଖ ମା' ମୋ ଦେହ ଆଉଭଲ ରହୁନି, ୪/୫ଥର ଆସି ତତେ ଦେଖା ନପାଇ ଫେରିଯାଇଛି । ଆଜି ମଧ୍ୟ ଫେରିଯାଉଛି ହେଲେ ଏଚିଠି ଖଣ୍ଡିକ ପାଇବା ପରେ ତୁ ମୋତେ ଋଣ ମୁକ୍ତ କରିବୁ ବୋଲି ଆଶା କରି ଫେରିଯାଉଛି ।" କାରଣ ମୁଁ ଋଣଗ୍ରସ୍ତ ହୋଇ ମରିବାକୁ ଚାହେଁନା । ଚିଠି ପଢ଼ି ସାରିବା ପରେ ସେ ଚିଠିରେ ସାରଦା ଦେବୀଙ୍କ ଲବଣାକ୍ତ ଲୁହ ସବୁ ବୁନ୍ଦା ବୁନ୍ଦା ହୋଇ ଚିଠିଟିକୁ ଓଦା କରିସାରିଥଲା । ଘର ଭିତରକୁ ଯାଇ ଅଳନ୍ଦୁଭରା ମାଷ୍ଟ୍ରେଙ୍କ 'ଟୋକୁ ଆଣି ଛାତିରେ ଜାବୁଡ଼ିଧରି ସାରଦା ଦେବୀ ଖୁବ୍ କାନ୍ଦିଲେ ଆଉ କହିଲେ ସାର୍ "ନାଇଁ ନାଇଁ ଆପଣ ମୋ ବାପା-ଝିଅ ହିସାବରେ ଆପଣଙ୍କୁ ଋଣ ମୁକ୍ତ କରିବା ମୋର କର୍ତ୍ତବ୍ୟ, ହେଲେ ଆପଣଙ୍କ ହାତ ତିଆରୀ ଏ ଓ.ଏ.ଏସ୍ ଝିଅ ଆପଣଙ୍କ ତ୍ୟାଗ, ଆଗରେ ଅତି ଛୋଟ ହୋଇଗଲା । ସମୟର କରାଳରୂପ ଯେ ମଣିଷର ଭାବନାକୁ କେଉଁ ସ୍ରେତରେ ନେଇଯିବା କିଏ ଜାଣିଛି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନର ସରଳ ଅଙ୍କକଷାରେ ସାମାନ୍ୟ ବିଚ୍ୟୁତ ଘଟିଲେ ସଂପର୍କର ମୂଲ୍ୟବୋଧ ବୁଝାପଡେନି । ଆଉ ଯେବେ ତାର ତର୍ଜମା ହୁଏ, ସେତେବେଳେ ସେ ଗଣିତର ସୂତ୍ର ବଦଳିଯାଇ ଏକ ନୂତନ ସୂତ୍ରର ଉଦ୍ଭାବନ ହୋଇଯାଇଥାଏ ।

ଏଠି ଭୁଲ୍ କାହାର ମାଷ୍ଟ୍ରେଙ୍କ ଶେଷ ବେଳର ଏକମାତ୍ର ସାହାରା ଓ.ଏ.ଏସ. କର୍ତ୍ତବ୍ୟରତା ସାରଦାଙ୍କର ନା ମାଷ୍ଟ୍ରେଙ୍କର ନା ଏ ସମୟର ଯାହାର ବିଡମ୍ବନାରେ ଓ ବୁଝାମଣାରେ ତୃପ୍ତିଲାଭ କରିନଥିବା ମଣିଷଟା ଖାଲି ଅପେକ୍ଷା କରି କରି ଚାଲିଗଲେ । ???

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦାମ୍ପତ୍ୟ

ବସନ୍ତ କୁମାର ପାଣୀ



ମାର୍ଚ୍ଚ ମାସର ଅନ୍ତିମ ରବିବାରର ମନୋରମ ପ୍ରଭାତ । ଦିବାକରଙ୍କର ସୁନେଲି କିରଣରେ ଝଲସି ଉଠୁଛି ଚତୁର୍ଦ୍ଦିଗ । ସତେ ଅବା ପ୍ରକୃତିରାଣୀ ସୁବର୍ଣ୍ଣ ଅଳଙ୍କାରରେ ବିମଣ୍ଡିତା । ବସନ୍ତ ଋତୁର ମନ୍ଦ ମଳୟ ସମୀରଣ ପରିବେଶକୁ କରିଦେଇଛି ଆହୁରି ମନୋରମ । ସୋଫା ଉପରେ କାନ୍ଥକୁ ଆଉଜି ବସିଛନ୍ତି ପ୍ରଶାନ୍ତ । ସାମ୍ନାରେ ଟିପୟ ଉପରେ ଚା' କପ୍ ସହିତ ଖବରକାଗଜ । ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଇଛା ସତେ ଯେପରି ତାଙ୍କଠାରୁ ଦୂରେଇ ଯାଇଛି ଅନେକ ଦୂରକୁ । ଅର୍ଦ୍ଧମୁଦ୍ରିତ ନୟନରେ ଉପରକୁ ଅନାଇ ଚିନ୍ତାମଗ୍ନ ସେ । ମନରେ ଉଙ୍କିମାରୁଛି ଅନେକ ପ୍ରଶ୍ନ । ସମାଧାନର ରାସ୍ତା ଖୋଜୁ ଖୋଜୁ ପ୍ରଶ୍ନ ପରେ ପ୍ରଶ୍ନ ଆହୁରି ଆନ୍ଦୋଳିତ କରୁଛି ତାଙ୍କୁ । ମନରେ ଭାବିଥିଲେ କଣ ଆଉ ବାସ୍ତବରେ ଦେଖୁଛନ୍ତି କଣ ? ସତରେ କଣ ତାଙ୍କ ବିଶ୍ୱାସରେ ବିଷ ଭରିଦିଆଯାଇଛି ? ମଧ୍ୟରେ ଦେଖିଥିବା ସୁନେଲି ସ୍ୱପ୍ନ କଣ ମିଛ, ପ୍ରତାରଣା ? 'ପ୍ରଜ୍ଞା', ଯାହାକୁ ଏତେ ଭଲ ପାଉଥିଲେ ସେ, ଯିଏ ତାଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖାଇଥିଲା, ଯାହାପାଇଁ ସେ ଅନ୍ୟମାନଙ୍କର କଥାକୁ ଭ୍ରୂକ୍ଷେପ ନକରି ନିଜର କରିନେଇଥିଲେ ଆଉ ଯିଏ ତାଙ୍କପାଇଁ ନିଜର ବାପାମାଆ, ଘର ପରିବାରଠାରୁ ଦୂରେଇ ଯାଇଥିଲା, ସେହି ପ୍ରଜ୍ଞା ଆଜି ଏତେ ବଦଳିଗଲା ତାଙ୍କପାଇଁ । ନା ଅଛି ମନରେ ସରସତା, ନା ଅଛି ସେ ଗୋଲାପୀ ଓଠରେ ହସ । ନା ତା'ର ମନ ଅଛି ପାଖରେ ବସି ଦୁଇପଦ କଥା ହେବାପାଇଁ, ନା ତା'ର ଭଲମନ୍ଦ ଟିକିଏ ପଚାରି ବୁଝିବାପାଇଁ । ସତେ ଯେପରି ସବୁକଛି ଓଲଟି ଯାଇଛି ତାଙ୍କର ଦାମ୍ପତ୍ୟ ଜୀବନରେ । ବୈବାହିକ ଜୀବନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର ଘୋଟିଆସିଛି କଳା ବାଦଲର ଛାଇ । ଜଣାପଡୁଛି ଅଦିନ ଝଡରେ ଧ୍ୱଂସ ହୋଇଯିବ ତାଙ୍କ ଜୀବନର ସବୁକିଛି ।

ହଠାତ ଝଡ ପରି ଭିତରକୁ ପଶିଆସିଲେ ପ୍ରଜ୍ଞା । ମନରେ ଘୃଣା ଓ ବିରକ୍ତିର ଭାବ । ହାତରେ ଗୋଟିଏ ଫାଇଲ ଓ କଲମ । ରାଗ ତମତମ ଅବସ୍ଥାରେ କହିଲେ ପ୍ରଶାନ୍ତଙ୍କୁ -

- ନିଅ, ଏଥିରେ ଦସ୍ତଖତ କରିଦିଅ ।

- ଏ କି ଫାଇଲ । ଏଥିରେ କଣ ଲେଖାଯାଇଛି ?

- ଆମ ଛାଡପତ୍ରର ଦଲିଲ । ବିଳମ୍ବ ନକରି ଦସ୍ତଖତ କରିଦିଅ ।

- ଛାଡପତ୍ର ! ଏ କ'ଣ କହୁଛ ପ୍ରଜ୍ଞା ?

- ହଁ ଛାଡପତ୍ର । ମୁଁ ଓକିଲଙ୍କ ସହିତ କଥାବାର୍ତ୍ତା କରିଦେଇଛି । କାଲି କୋର୍ଟରେ ଦେବାକୁ ହେବ ।

- କିନ୍ତୁ ପ୍ରଜ୍ଞା ...

- ମୁଁ ବେଶୀ କିଛି ଶୁଣିବାକୁ ଚାହେଁନା । ତୁମେ ଦସ୍ତଖତ କର ।

- କିନ୍ତୁ କାହିଁକି ? କାହିଁକି ତୁମର ଏପରି ପଦକ୍ଷେପ ।

- ଆଉ କ'ଣ ତୁମ ପାଖରେ ରହି ମୋ ଜୀବନକୁ ନଷ୍ଟ କରିଦେବି । ତୁମର ତ ଆଉ କିଛି ନାହିଁ । ଦାଣ୍ଡର ଭିକାରୀଠାରୁ ହୀନ ।

- କିଛିଦିନ ଅପେକ୍ଷା କର ପ୍ରଜ୍ଞା । ସବୁକିଛି ଠିକ୍ ହୋଇଯିବ ।

- ଠିକ୍ ହୋଇଯିବ । କ'ଣ ଠିକ୍ ହୋଇଯିବ । କଣ ତୁମର କମ୍ପାନୀ ତୁମ ପାଖକୁ ଫେରିଆସିବ, କଣ ତୁମର ଘର, ଗାଡି ସବୁ ଫେରିଆସିବ ?

- ପ୍ରଜ୍ଞା...

- ଆଉ କେତେଦିନ ସ୍ତ୍ରୀ ରୋଜଗାରରେ ଚଳୁଥିବ ? ତୁମକୁ ଟିକିଏ ଲାଜ ଲାଗୁନାହିଁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁନିଆ ଦାଣ୍ଡରେ ତୁମେ ମୁଣ୍ଡ ଟେକି ଚାଲିପାରୁଛ କିପରି ?

- ପ୍ରଜ୍ଞା । ମୁଁ ଚେଷ୍ଟା କରୁଛି । କେଉଁଠି ଚାକିରିଟିଏ ମିଳିଗଲେ ...

- ଚାକିରି ! ତୁମକୁ ଚାକିରି ଦେବ କିଏ ? ଏତେବଡ କମ୍ପାନୀର ମାଲିକ, ଆଜି ଚାକିରି କରିବ ? ଏହା ମୁଁ ଛଅ ମାସ ହେବ ଦେଖିଆସୁଛି ।

- ପ୍ରଜ୍ଞା । ତୁମେ ଜାଣିଛ, ଆମ କମ୍ପାନୀ ଋଣ ପରିଶୋଧ କରିନପାରି ନିଲାମ ହୋଇଗଲା । ଅଧିକ ଟଙ୍କା ଦରକାର ପଡିବାରୁ ଘର ଓ ଗାଡି ବିକ୍ରି କରିବାକୁ ପଡିଲା ।

- ହଁ, ଜାଣିଛି । ଆଉ ମୁଁ ସେହି ସମୟରେ କହିଥିଲି ମନ ଦୁଃଖ କରନା । ମୋର ତ ଚାକିରି ଅଛି । ତିରିଶି ଚାଳିଶି ହଜାର ଟଙ୍କାରେ ଚଳିବାକୁ ଚେଷ୍ଟା କରିବା ।ସେଥିପାଇଁ ଆମେ ଆସି ଏଇ ଭଡାଘରେ ରହିଲେ ।

- ତେବେ ଆଜି ...

- ତା'ମାନେ କଣ ଜୀବନଯାକ ମୁଁ ତୁମକୁ ପୋଷିବି ? ବାରଆଡୁ ବାର କଥା ଶୁଣୁଥିବି ?

- ନା ପ୍ରଜ୍ଞା । ଅପେକ୍ଷା କର ।

- ଅପେକ୍ଷାର ପ୍ରଶ୍ନ ଆସିଲା କେଉଁଠୁ । ଆଜି ଏହାର ସ୍ଥାୟୀ ସମାଧାନ ପାଇଁ ମୁଁ ତୁମ ପାଖକୁ ଆସିଛି ।ମୁଁ ଚିରଦିନ ପାଇଁ ସ୍ୱାଧୀନ ହୋଇଯିବାକୁ ଚାହେଁ ।

- ପ୍ରଜ୍ଞା । ବିବାହ ବେଦୀରେ ସାତଘେରା ନେବା ସମୟରେ ଆମେ ପରସ୍ପରକୁ ସାତଟି ବଚନ ଦେଇଥିଲେ । ପ୍ରଥମରେ ପରସ୍ପର ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହେବା । ତାହା କଣ ଏତେ ଶୀଘ୍ର ଭୁଲିଗଲ । ମାତ୍ର ଛଅ ମାସ ଭିତରେ ତୁମେ ଏତେ ବଦଳିଗଲ ।

- ତୁମର ପ୍ରବଚନ ଶୁଣିବାକୁ ମୋ ପାଖରେ ସମୟ ନାହିଁ ବା ମୋର ଆଗ୍ରହ ମଧ୍ୟ ନାହିଁ । ମୁଁ କେବଳ ତୁମର ଦସ୍ତଖତ ଚାହେଁ । ଏ ନର୍କପୁରୀରୁ ମୁକ୍ତି ଚାହେଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

- ପ୍ରଜ୍ଞା ।

- ନିଅ, ଦସ୍ତଖତ କରିଦିଅ ।

- ଠିକ୍ ଅଛି । ତୁମେ ଯଦି ସ୍ଥିର କରିସାରିଛ ମୋଠାରୁ ଦୂରେଇ ଯାଇ ଶାନ୍ତିରେ ରହିପାରିବ, ମୋର ଆପତ୍ତି ନାହିଁ । ଦିଅ ମୁଁ ଦସ୍ତଖତ କରିଦେଉଛି ।

ପ୍ରଶାନ୍ତ ଦୀର୍ଘଶ୍ୱାସ ନେଇ ଦଲିଲରେ ଦସ୍ତଖତ କରିଦେଲେ । ନୀରବରେ ବିତିଗଲା କେତୋଟି ମୁହୂର୍ତ୍ତ । ବେଳେବେଳେ ଉଭୟ ପରସ୍ପରକୁ ତୀର୍ଯ୍ୟକ ଦୃଷ୍ଟିରେ ଦେଖୁଥାନ୍ତି ତ ଅନ୍ୟ କେତେବେଳେ ଉଭୟଙ୍କର ମୁହଁ ତଳକୁ । କିଛି ସମୟ ପରେ ନୀରବତା ଭଙ୍ଗ କରି ପ୍ରଶାନ୍ତ କହିଲେ -

- ବାସ୍ । ମନ ବୁଝିଗଲା ଏଥର । ଏବେ ପାଇଗଲ ସ୍ୱାଧୀନତା, ମିଳିଗଲା ଶାନ୍ତି । ଆଉ କାହିଁକି ଅପେକ୍ଷା । ଯାଅ, ବାହାରିଯାଅ । ତୁମର ମୁହଁ ଦେଖିବାକୁ ଚାହେଁନା ମୁଁ ।

- ବାହାରିଯିବି ! କୁଆଡେ ? ମୋ ଘର ଛାଡି, ମୋ ସ୍ୱାମୀଙ୍କୁ ଛାଡି ...

- ତୁମ ଘର, ତୁମ ସ୍ୱାମୀ । କେଉଁଟା ତୁମ ଘର, କିଏ ତୁମର ସ୍ୱାମୀ ? ଏଇ କିଛି ମୁହୂର୍ତ୍ତ ପୂର୍ବରୁ ତୁମେ ସେସବୁକୁ ପାଦରେ ଦଳି ମକଚି ଶେଷ କରିଦେଇଛ ।

- କ'ଣ ଏଇ ସାମାନ୍ୟ କାଗଜରେ ଗୋଟିଏ ଦସ୍ତଖତରେ...

- ମାନେ ...

- ମୁଁ ମୋ ଘର, ମୋ ସ୍ୱାମୀ, ମୋର ସୁନ୍ଦର ଦାମ୍ପତ୍ୟ ଜୀବନକୁ ଏବେ ବି ସେତିକି ଭଲପାଏ ଯେତିକି ଛଅ ମାସ ପୂର୍ବରୁ ଦେଖିଥିଲ ।

- କଣ କହିବାକୁ ଚାହଁ ତୁମେ ?

- କଣ ଭାବିଛ ? ତୁମକୁ କେବଳ ଅଭିନୟ ଜଣା । ମୋତେ ବି ବହୁତ ସୁନ୍ଦର ଅଭିନୟ ଆସେ ।

- ପ୍ରଜ୍ଞା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

- ହଁ, ତୁମେ ମୋର ଯେଉଁ ପରୀକ୍ଷା ନେଉଥିଲ, ସେ ବିଷୟରେ ବହୁ ଆଗରୁ ଜାଣିସାରିଛି ମୁଁ । ଯେଉଁଦିନ ତୁମେ ତୁମ ସାଙ୍ଗ ଗୌତମଙ୍କୁ କହୁଥିଲ ମୁଁ କିଛି ବି ବଦଳିନି ବୋଲି, ସବୁ ପୂର୍ବପରି ଚାଲିଛି । ଆଉ ଯେଉଁଦିନ ଆମ କମ୍ପାନୀର ମ୍ୟାନେଜର ଶ୍ରୀକାନ୍ତକୁ ମୋତେ କିଛି ନ ଜଣାଇବାକୁ କହିଥିଲ, ସେହିଦିନଠାରୁ ସନ୍ଦେହ ଆସିଥିଲା ମୋ ମନରେ । ମୋତେ ଚାକିରି ଖୋଜିବାକୁ କହି ତୁମେ ଆମ କମ୍ପାନୀକୁ ଯାଉଥିଲ ତା ମଧ୍ୟ ଜାଣିଛି ମୁଁ । ଏହା ବି ଜାଣିଛି, ଆମ ଘର ବିକ୍ରି ହୋଇନାହିଁ । ସେଠାରେ ତୁମ ସାଙ୍ଗ ଶ୍ରୀତମ ରହିଛନ୍ତି ଓ ଆମ ଗାଡି ମଧ୍ୟ ତାଙ୍କରି ପାଖରେ ଅଛି । ମିଛ କହି ତୁମେ ମୋତେ ପରୀକ୍ଷା କରୁଥିଲନା । ତୁମକୁ ନିସ୍ୱ ଅବସ୍ଥାରେ ଦେଖି ମୋର ବ୍ୟବହାର କିପରି ଜାଣିବାକୁ ଚାହୁଁଥିଲନା । ସେଥିପାଇଁ ଏଇ କେତେ ମାସ ହେବ ମୁଁ ମଧ୍ୟ ଅଭିନୟ କରୁଥିଲି । ତୁମ ସହିତ କଥାବାର୍ତ୍ତା ବନ୍ଦ କରିଦେଇ ରୁକ୍ଷ ବ୍ୟବହାର ଦେଖାଉଥିଲି । କିନ୍ତୁ ଗତକାଲି ରାତିରେ ତୁମେ ଗୌତମଙ୍କୁ ଯେଉଁ ଫୋନ୍ କରିଥିଲ, ତାହା ଶୁଣି ମୁଁ ଭାବିଲି ନା, ଆଉ ନୁହେଁ । ଯଥାଶୀଘ୍ର ଏହାର ସମାଧାନ ନହେଲେ ମୁଁ ସବୁକିଛି ହରାଇ ବସିବି । ତେଣୁ ଆଜିର ଏ ଅଭିନୟ କେବଳ ସମାଧାନ ପାଇଁ । ତୁମେ ଆଜି ପରୀକ୍ଷାରେ ହାରି ଯାଇଛ ପ୍ରଶାନ୍ତ । ହଁ, କଣ କହୁଥିଲ ବିବାହ ବେଦୀର ସାତ ବଚନ କଥା । ଆଉ ଗୋଟିଏ ବଚନ କ'ଣ ତୁମର ମନେ ନାହିଁ । ତୁମେ ପରା କହିଥିଲ ଆମେ ପରସ୍ପରକୁ ମିଛ କହି କୌଣସି ଜିନିଷ ଲୁଚାଇବା ନାହିଁ । ତେବେ ତୁମେ କିପରି ଏତେ ବଡ ମିଛ କହିପାରିଲ ? ତୁମେ କିପରି ଭାବିପାରିଲ ମୁଁ ବଦଳିଯିବ ବୋଲି । ଯାହାକୁ ସାତଜନ୍ମର ସାଥି ବୋଲି ନିଜର କରିନେଇ ଏକ ଆନନ୍ଦମୟ ଦାମ୍ପତ୍ୟ ଜୀବନର ସ୍ୱପ୍ନ ଦେଖିଛି, ତାଙ୍କୁ ଏଇ ସାମାନ୍ୟ ପରିସ୍ଥିତି ପାଇଁ ଭୁଲିଯିବି ମୁଁ ।

- ପ୍ରଜ୍ଞା ...

- ଆଉ ଜାଣିଛ, ତୁମେ ଯେଉଁ କାଗଜରେ ଦସ୍ତଖତ କଲ ସେଥିରେ କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେଖାଯାଇଛି ?

- କ'ଣ ?

- ସେଥିରେ ସେହି ସାତ ବଚନ ହିଁ ଲେଖାଯାଇଛି, ଯାହାକୁ ଆମେ ଦୁହେଁ ମାନିବାକୁ ବାଧ୍ୟ ବୋଲି ଉଭୟ ଦସ୍ତଖତ କରିବା ।

- ମୁଁ ସ୍ୱପ୍ନ ଦେଖୁନାହିଁ ତ ...

- ପ୍ରଶାନ୍ତ ! ତୁମେ କେବଳ ମୋର ଆଉ ମୋର ହୋଇ ରହିବ ଜନ୍ମ ଜନ୍ମ ପାଇଁ । ଏଇ ସାତ ବଚନକୁ ମାନି ଚଳିଲେ ଆମର ସୁଖି ପରିବାରଟିଏ ହେବ ଆଉ ଆନନ୍ଦ ପ୍ରେମମୟ ହେବ ଆମର ଦାମ୍ପତ୍ୟ ଜୀବନ ।

ଉଭୟ ପରସ୍ପରକୁ ଆଲିଙ୍ଗନ କରି ଗାଇ ଉଠିଲେ -

ପ୍ରଶାନ୍ତ - ଆସୁ ପଛେ ଜୀବନେ ଯେତେ ବାଧା
ରହିଥିବି ତୁମରି ପାଶେ ସଦା

ପ୍ରଜ୍ଞା - କରୁ ପଛେ ଦୁନିଆ ଯେତେ ନିନ୍ଦା
ତୁମେ ମୋର ଶ୍ୟାମ ମୁଁ ତୁମ ରାଧା ।

ଭେରୁଣିଆ


ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷ ରାସ୍ତା

ରଶ୍ମିତା ନାୟକ



ଦ୍ୱିପ୍ରହର ସମୟ...

ବସନ୍ତର ଡାଳେଡାଳେ ଚୂତଡାଳେ ବସନ୍ତଦୂତ ମାନଙ୍କର କୁହୁ... କୁହୁ ବିତାନରେ ସତେ ଯେମିତି ତାଣ୍ଡବ କରୁଛନ୍ତି । ଚୂତ ବୃକ୍ଷର ଡାଳ ଗୁଡାକ ବେଶ ନୁଆଁଣିଆ । ଯେ କେହି ଛୋଟ ପିଲାଟିଏ ମଧ୍ୟ ଡାଳରେ ଡେଇଁ ବସିପାରିବ । ଚାରି ଆଡେ ଜନଶୂନ୍ୟ । ଡୁହାଇ ଡୁହାଇ ବୁକୁଫଟା କୋହ ଅସ୍ପଷ୍ଟ ଲୁହଭରା ଆଖି ଭାରାକ୍ରାନ୍ତ ମନନେଇ ଚିନୁ ଚଢି ଗଲାଡାଳ ଉପରକୁ । ଆଉ ଉପର ଡାଳ ଡାଳରେ ଦେହର କଳଙ୍କ ଢାଙ୍କୁଥିବା ଓଢଣୀକୁ ପକାଇ ଫାସ ଟିଏ ଭଲ କରି ଭିଡି ଦେଲା । ଓଢଣୀର ଆଉ ଏକମୁଣ୍ଡକୁ ବେକରେ ଗଲେଇ ଦେଇ ଘରଆଡେ ଚାହିଁ ବାପା କିଛି ଭୁଲ କହିନାହାନ୍ତି । ତାଙ୍କ ଜାଗାରେ ଯେକେହି ଥିଲେ ଠିକ୍ ଏଇ କଥା କହିଥାନ୍ତେ ।

ତୁ ଦୁଇମାସ ଅନ୍ତଃସ୍ୱତ୍ତା ହେଲାପରେ ଲାଜରେ କାହାକୁ ମୁହଁ ଦେଖେଇବି ।

ମୁଁ ସେଇ ଦୁର୍ଘଟଣାରେ ମଲିନି କାହିଁକି । ମୋତେ ବିଷ ଟିକେ ଦେ ମା..

ବାପାଙ୍କର ସେ ଦୁଇ ପଦକଥା ଚିନୁର ଅସ୍ତିତ୍ୱ ଦୋହଲାଇ ଦେଲା ।

ସେ ଦିନର ସେ ଘଟଣା ଗୁଡିକ ଚିନୁର ଆଖିଆଗରେ ଝଲସି ଉଠିଲା ।

ଦୁଗ୍ଧହଳଦୀ ମିଶା ରଙ୍ଗର ଅବୟବ ସାଙ୍ଗକୁ ପ୍ରାୟ ସାଢେ ପାଞ୍ଚଫୁଟ ଉଚ୍ଚତା, ସୁନ୍ଦର ସୁଗୋଲ ଅର୍ଦ୍ଧ ବିକଶିତ ନଳିନୀ ପରି ମୁଖମଣ୍ଡଳ । ପୋଟଳ ଚିରା ଆଖିଦୁଇଟି ମଧ୍ୟ ଭାଗରେ ଉନ୍ନତ ତୀକ୍ଷ୍ଣ ନାକ ବେଶ୍ ମାନୁଛି । ଖୁଣିବାକୁ କୌଣସି ଶତ୍ରୁର ଜିଭ ଲେଉଟିବନି । ଅସଜଡ଼ା ଘନକୃଷ୍ଣ କେଶରାଶି କ୍ରୀଡାରତ ଫଣୀ ସମ ନିତମ୍ବ ଛୁଁଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇ ମାସକ ତଳେ କୋଡିଏ ବର୍ଷରେ ପଦାର୍ପଣ କରିଛି ଚିନ୍ମୟୀ ।

ସତରେ ଚିନ୍ମୟୀର ମୁନି ମତିହରା ରୂପଲାବଣ୍ୟ  ଅବର୍ଣ୍ଣନୀୟ ।

ଅଟୋ ଡ୍ରାଇଭର ନରେନ୍ଦ୍ର ମଲ୍ଲଙ୍କର ଏକମାତ୍ର କନ୍ୟା ।

ପାଠ ପଢା ଭିତରେ କମ୍ପୁଟର ଶିକ୍ଷା ପୂର୍ଣ୍ଣ କରିଥିଲା । ବି ଏ ପାସ୍ କଲାପରେ ଏଇ ତିନି ମାସ ହେଲା ପାଖ ପ୍ରେସ୍ ରେ ଆସିଷ୍ଟାଣ୍ଟ ଭାବରେ କାମ କରୁଛି । ପ୍ରଥମ ଦିନଠାରୁ ପ୍ରେସ୍ ମାଲିକଙ୍କ ଲୋଲୁପ ଦୃଷ୍ଟି ତା ଉପରେ ।

ସେଦିନ ଚିନୁ ଅଫିସ୍ ଆସିବା ବାଟରେ ବାପାଙ୍କ ଫୋନରୁ ଫୋନ ଆସିଲା । କେହି ଜଣେ ସେପଟରୁ କହିଲେ  ମଲ୍ଲ ବାବୁଙ୍କର ଗାଡି ଆକ୍ସିଡେଣ୍ଟ ହୋଇଛି । ଆମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛୁ ଡାକ୍ତରଙ୍କ କହିବା ଅନୁଯାୟୀ ଲକ୍ଷେ ଟଙ୍କା ଦରକାର ଟଙ୍କା ଧରି ଆପଣ ଶୀଘ୍ର ଆସନ୍ତୁ । ଏତକ ଶୁଣିବା ବେଳକୁ ଚିନୁ ଆଖିରୁ ଧାରାଶ୍ରାବଣ  ବହି ଚାଲିଛି । କଣ କରିବଖାଲି ହାତରେ ହସ୍ପିଟାଲ ଯିବ କେମିତି ।

ସେ ହସ୍ପିଟାଲ ନଯାଇ ଚିନ୍ତିତମନ ଚଞ୍ଚଳପାଦରେ ଚିନୁ ପ୍ରେସ୍ ମାଲିକ ଶୁଭ୍ରାଂଶୁଙ୍କ ଅଫିସ୍ ରେ ପହଂଚି ଗଲା । ବଡ଼ଆଶା ନେଇ ନିଜ ଟେବୁଲ ପାଖକୁ ନଯାଇ ଆଗ ବସ୍ ଙ୍କୁ ଦେଖାକରିବାକୁ ତାଙ୍କ ଚାମ୍ବର କବାଟ ଠକ୍ ଠକ୍ କଲା ।

ଭିତରୁ 'କମ୍ ଇନ' ଶୁଣାଗଲାରୁ ଚିନୁ ଭିତରକୁ ଗଲା ।

ବସ୍ ଚିନୁକୁ ଚାହିଁବା ଭିତରେ ନମସ୍କାର ଟିଏ ପକାଇଲା ଚିନୁ ।

ବସ୍ କହିଲେ ହଁ କୁହ..

ଚିନୁ ଅନୁନୟ ବିନୟ ହୋଇ କହିଲା..

ସାର ମୋ ବାପାଙ୍କର ଆସିଡେଣ୍ଟ ହୋଇଛି । ସେ ବର୍ତ୍ତମାନ ଆଇ ସି ୟୁ ରେ ଭର୍ତ୍ତି ହୋଇଛନ୍ତି ।

ତାଙ୍କର ଏକମାତ୍ର ସମ୍ବଳ ମୁଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାପାଙ୍କ ଚିକିତ୍ସା ପାଇଁ ଆପଣ ଦୟାକରି ମୋତେ ଲକ୍ଷେ ଟଙ୍କା ଦିଅନ୍ତୁ ମୋ ଦରମାରୁ ପ୍ରତିମାସରେ କିଛି କିଛି ଶୁଝିଦେବି ।

ଏହିପରି ଏକ ସୁବର୍ଣ୍ଣ ସୁଯୋଗକୁ ଶୁଭ୍ରାଂଶୁ ଅପେକ୍ଷା କରିରହିଥିଲେ ।

ସେ କହିଲେ ତୁମେ ଯଦି ମୋ ପ୍ରସ୍ତାବରେ ରାଜିହେବ ମୁଁ ତୁମ ବାପାଙ୍କର ଚିକିତ୍ସା ଦାୟିତ୍ୱ ସମ୍ପୂର୍ଣ୍ଣ ତୁଲାଇବି । ତୁମର ଚାରିହଜାର ଟଙ୍କା ଦରମାରେ ଘର ସମ୍ଭାଳି ପାରିବନି ପିଲାଲୋକ କେତେଦିନ କାମ କଲେ ମୋଟଙ୍କା ଶୁଝିବ ।

ଚିନୁ ଆଗ ପଛ ନଭାବି କହିଲା ବଡ଼ ଦୟା ହେବ ଆଜ୍ଞା । କୁହନ୍ତୁ ମୁଁ ଆପଣଙ୍କ ସବୁ ପ୍ରସ୍ତାବରେ ରାଜି । ବସ୍ ପାଖକୁ ଉଠିଆସି ଚିନୁ କାନ୍ଧରେ ହାତ ପକାଇ କହିଲେ ମୋର ତୁମେ ଦରକାର । ଚମକି ପଡିଲା ଚିନୁ ।

ପାଦତଳୁ ଚଟାଣ ଭାଙ୍ଗି ପଡୁଛି ଯେମିତି ।

ଅଭାବନୀୟ ଘଟଣା କାନରେ ବାରମ୍ବାର ଗୁଞ୍ଜରିତ ହେଉଛି ।

ଚିନ୍ତା କର ଚିନୁ ତୁମ ବାପା ମରିଯିବେ, ତୁମେ ଅନାଥ ହୋଇଯିବ ।

ଭାବନାରେ ବହୁଡ଼ିଗଲା ଚିନ୍ମୟୀ ।

ମୋର ଜୀବନଦାତା, ଯିଏ ଶ୍ୱେଦରୂପୀ ଶୋଣିତ ନିଗାଡ଼ି ମୋ ଶରୀରରେ ମାଉଁସ ନେସିଛି ତାଙ୍କୁ ବଞ୍ଚାଇବା ପାଇଁ ମୁଁ ମୋର ଦେହଦାନ କରିବି ।

ମୋ ବାପ ଜୀବନ ପାଇଁ ମୁଁ ପାପକୁ ଡ଼ରିବିନି ।

ଦଶବର୍ଷ ତଳେ କ୍ୟାନ୍‌ସର ପୀଡିତା ମାକୁ ହରେଇଛି ଏବେ ବାପାଙ୍କୁ ହରେଇବାର ଭୟ । ନାଁ ମୋତେ ଯେକୌଣସି ବିନିମୟରେ ବାପାଙ୍କୁ ବଞ୍ଚାଇବାକୁ ହେବ ।

ତାପରେ ଚାମ୍ବରକୁ ଲାଗି ଆଉ ଏକ ନିଭୃତ କୋଠରୀରେ ଜୀବନର ସର୍ବସ୍ୱ ଅଜାଡି ଦେଇଥିଲା ଶୁଭ୍ରାଂଶୁଙ୍କୁ । କିଛି ସମୟ ପରେ ବିଦୀର୍ଣ୍ଣ ଶରୀର ବିଷର୍ଣ୍ଣ ମନରେ ଲକ୍ଷେ ଟଙ୍କା ଭ୍ୟାନିଟରେ ରଖି ହସ୍ପିଟାଲରେ ପହଁଚିଲା । ପ୍ରାୟ ଦୁଇ ମାସ ପରେ ଡାହାଣ ହାତ ହରାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁସ୍ଥ ହୋଇ ଘରକୁ ଫେରିଲେ ବାପା । ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ସେହି ଦିନଠାରୁ ଚିନୁ ଅଫିସ୍ ଯାଇନି । ବାପାଙ୍କ ସେବାରେ ଲାଗିଛି । ଏ ଭିତରେ ଚିନୁ ଗର୍ଭରେ ଭ୍ରୃଣଟିଏ ସ୍ଥାନ ପାଇଛି । ଅନ୍ତସ୍ୱତ୍ତା ହେବାର ଲକ୍ଷଣରୁ ବାପା ଜାଣିପାରି ଚିନୁ ଠାରୁ ପଚାରି ବୁଝି ଆନ୍ତରଦାହରେ ଜଳୁଛନ୍ତି । ଆଗପରି ଖାଉନାହାନ୍ତି ଏକାଏକା ବସି କାନ୍ଦୁଛନ୍ତି । ବାପାଙ୍କର ଏପରି ଅବସ୍ଥା ଦେଖି ଚିନୁ ତାଙ୍କଠାରୁ ସବୁଦିନ ପାଇଁ ଦୁରେଇ ଯିବାର ସିଦ୍ଧାନ୍ତ ନେଲା ।ତେଣିକି ତାଙ୍କ ଭାଗ୍ୟ ନେଇ ସେ ଭଲରେ ରୁହନ୍ତୁ । ବାପାଙ୍କୁ ଖାଇବାକୁ ଦେଇ ବିଶ୍ରାମ ପାଇଁ ବିଛଣା କରିଦେଇ ସେ ଚାଲିଗଲା ଜୀବନର ଶେଷରାସ୍ତା ବାଡ଼ି ପଛକୁ ଥିବା ଆମ୍ବଗଛ ପାଖକୁ । ଛାଇ ଲେଉଟାଣି ବେଳକୁ ପୋଲିସ ସହିତ ଗାଁ ଗୋଟାଯାକର ଲୋକ ଚିନୁର ଶବ ଚାରିପଟେ ।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱପ୍ନ କଣ ସତ ହେବ ?

ରିତାରାଣୀ ଦାଶ



ବିଂଶ ଶତାବ୍ଦୀରେ ସୁସଭ୍ୟ ମାନବ ଆଧୁନିକତାର ଶୀର୍ଷରେ ପହଁଚିଲେ ବି ସବୁଠାରୁ ଅଧିକ ହତ୍ୟା ହେଉଥିବା ଜିନିଷ ହେଉଛି ସ୍ୱପ୍ନ । ଯାହାପାଇଁ ଆବଶ୍ୟକ ନା ମରଣାସ୍ତ୍ର ନା ପରମାଣୁ ବୋମା ।

ଲକ୍ଷ ଲକ୍ଷ, କୋଟି କୋଟି ଜନତାଙ୍କର ସ୍ୱପ୍ନ ସାକାର ନ ହୋଇ ଅଧାରେ ରହି ଯାଉଛି । ଫଳସ୍ୱରୂପ କିଏ ମାନସିକ ଭାରସାମ୍ୟ ହରାଇ ଜୀବନ ଦେଉଛି ତ ଆଉ କିଏ ଡିପ୍ରେସନରେ ରହି ରୋଗାକ୍ରାନ୍ତ ।

ମଣିଷ ଜୀବନର ସ୍ୱପ୍ନ ଅଧା କାହାଣୀ ହୋଇ ରହିଯିବାର ମୁଖ୍ୟ କାରଣ । "ମଣିଷର କଥା" । କିଛି ଲୋକ ଅଛନ୍ତି ତୁଚ୍ଛ, ହତୋତ୍ସାହ କରିଥାନ୍ତି । ମାତ୍ର ଲୋକଙ୍କର ଏଇ ନକରାତ୍ମକ ଚିନ୍ତାଧାରାର ଶିକାର ନ ହେଲେ ଅନ୍ତରର, ମନର ସ୍ୱପ୍ନଟା ଦିନେ ଅବଶ୍ୟ ସତ ହେବ । ଲୋକଙ୍କର ତାଚ୍ଛଲ୍ୟପୂର୍ଣ୍ଣ ବାର୍ତ୍ତାଳାପ, ବାଧା, ଅପମାନ ଇତ୍ୟାଦିକୁ ଗୋଟିଏ ପାର୍ଶ୍ୱରେ ରଖିଦେଇ "ତୁ ପାରିବୁନି"ର ଭୃକ୍ଷେପ ନ କରି କର୍ମ ପଥରେ ଅଗ୍ରସର ହେଲେ ସଫଳତା ନିଶ୍ଚୟ ମିଳିବ ।

ପ୍ରଥମ କଥା ହେଲା - ଲୋକେ କାହିଁକି କହୁଛନ୍ତି ଓ ତାଙ୍କ କଥା ଆମକୁ ବାଧୁଛି କାହିଁକି ? ଆଉ ଉତ୍ତରରେ "ମୁଁ କହିବି" ଲୋକଙ୍କ କଥାକୁ, ଭାବନାକୁ ଆମେ ଗୁରୁତ୍ୱ ଦେଉଛୁ ବୋଲି । ଆମେ ତାଙ୍କର ପ୍ରଶଂସା, ସହଯୋଗ ଆଶା କରୁଛୁ ବୋଲି ।

ସ୍ୱପ୍ନ ଆମର । ତାକୁ ସତ ବା ସାକାର କରିବାର ଦାୟିତ୍ୱ ଆମର । ଯେତେ ବେଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେ କୌଣସି ଭଲ କାମ କରିବାକୁ ପଦକ୍ଷେପ ନେଉ ଅଶି ପ୍ରତିଶତ ଲୋକ ଆମ ଆଗରେ ଛିଡା ହୋଇ କଟୁ ମନ୍ତବ୍ୟ ଦେବେ । କେବେ ବି ଚାହିଁବେନି ଆମେ କିଛି ନୂଆ କରୁ । ତେଣୁ କାହାରି ପ୍ରୋତ୍ସାହନକୁ ମୁଣ୍ଡରୁ ବାହାର କରି ଆଗେଇଲେ ଯାଇ ଲକ୍ଷ୍ୟ ସ୍ଥଳରେ ପହଂଚିବା ।

ଚଢେଇମାନେ ଯେତେବେଳେ କଳରବ କରୁଛନ୍ତି, ଗୀତ ଗାଉଛନ୍ତି, କାହାରି ବାହାବା ଭାବନ୍ତି କି ? ତାଙ୍କର ଆତ୍ମ ତୃପ୍ତି ପାଇଁ ଗାଆନ୍ତି । ତେଣୁ ଆମେ ବି ଆମ ଜୀବନରେ କାହାଠୁ ପ୍ରଶଂସା ପାଇବାର ଅଭ୍ୟାସ ନିଜ ଉପରକୁ ହେବାକୁ ସୁଯୋଗ ନ ଦେବା ଉଚିତ ।

ଏଇ ପରିପ୍ରେକ୍ଷୀରେ __`ଦୁଇ ଜଣ ଛୋଟ ପିଲା ଥିଲେ । ନିଃସମ୍ବଳ ଆଉ କେହି ନଥିଲେ ଏ ଦୁନିଆଁରେ ତାଙ୍କର । ଦଶରୁ କି ବାର ବର୍ଷର ପିଲା । ପେଟ ପୋଷିବା ପାଇଁ ମାଟିଦୀପ ବିକ୍ରି କରନ୍ତି । ରାସ୍ତା କଡରେ ବସିଲେ, ସଫେଇ କର୍ମଚାରୀ ଉଠାଇ ଦିଅନ୍ତି । କାହା ଦୋକାନ ଆଗରେ ବସିଲେ ଦୋକାନୀ ବିରକ୍ତ ହୋଇ ତଡିଦିଏ । ମନ୍ଦିରରେ ବସିଲେ, ମନ୍ଦିରରେ ଯିଏ ଦୋକାନୀ ସିଏ ବି ସେୟା କରେ । ଦୁଇ ତିନି ଥର ଧକ୍କା ଖାଇ ପ୍ରଥମ ପିଲାଟି ଫେରି ଆସେ ଆଉଯାଏନା । ହେଲେ ଦ୍ୱିତୀୟ ପିଲା ଏଠାରୁ ସେଠାକୁ ଯାଇ ଦୀପ ବିକ୍ରି କରି ହାତରେ କିଛି ପଇସା ଧରି ଆଶ୍ରୟ ସ୍ଥଳକୁ ଫେରେ । ପ୍ରଥମ ପିଲା ପଚାରିଲା, ତୁମେ ବିକ୍ରି କଲ ଆଉ ଏପଟ ସେପଟ ହୋଇ । ସେଇଠୁ ଦ୍ୱିତୀୟ ପିଲା କହିଲା, ପେଟ ପୋଷିବା, ନିଜର ଖର୍ଚ୍ଚ ପାଇଁ ପଇସା ବହୁତ ଆବଶ୍ୟକ । ସେଥିପାଇଁ ମୁଁ ପ୍ରସ୍ତୁତ । ତେଣୁ ତା ଚେଷ୍ଟାରୁ କେବେ ବି ଓହରେଇବିନି । ଠିକ ସେହିପରି ଆମ ଜୀବନର ସ୍ୱପ୍ନ ଯଦି ମଜବୁତ ହୁଏ ଆମେ ନିଶ୍ଚିତ ତାକୁ ସତ କରି ପାରିବା । ତେଣୁ ସ୍ୱପ୍ନ ଦେଖିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ସ୍ୱପ୍ନକୁ ସାକାର କରିବାର ମାନସିକତା କାହାରି ବାଧା, ବିଘ୍ନ, ତାଚ୍ଛଲ୍ୟ ଦ୍ୱାରା କେବେ ବି ବାଧା ପ୍ରାପ୍ତ ହୋଇ ସ୍ୱପ୍ନ ଅସତ୍ୟ  ହେବନି । ଆଉ ଆଖିରେ ସୁନେଲି ସ୍ୱପ୍ନ ରଖି ବଡ ହେବାର ସଫଳତା କେବେ ବି ଭାଙ୍ଗି ଯିବନି । ଯେତେବେଳେ ଯାଏ ଲକ୍ଷସ୍ଥଳରେ ପହଂଚିନୁ, ବିଶ୍ରାମ ଠୁ ଦୂରେଇ ରହିବା ଆମର କର୍ତ୍ତବ୍ୟ । କେବଳ ଚାଲିବ ଆଗକୁ ଆଗକୁ ବହୁତ ଆଗକୁ । ସମସ୍ୟା ଆସିବ ତ ନିଶ୍ଚୟ, ଭୁଲ ବି ହେବ, ତାକୁ ସୁଧାରି ଲକ୍ଷ୍ୟସ୍ଥଳରେ, ପହଂଚିବାକୁ ହେବ ନିଜର ସ୍ୱପ୍ନକୁ ସାକାର ବା ସତ କରିବାକୁ । ତେବେ ଆମ ଗନ୍ତବ୍ୟ ସ୍ଥଳର ଦ୍ୱାରା ଆମ ପାଇଁ ଖୋଲିଯିବ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଫେରି ଆସନ୍ତନି ପ୍ରଜ୍ଞା

ଶ୍ରୀକାନ୍ତ



ସେଦିନ ଥାଏ ସରସ୍ୱତୀ ପୂଜାର ଠିକ୍ ପରଦିନ କଲେଜ କ୍ୟାଣ୍ଟିନ ପାଖ ପୋଷ୍ଟ ଅଫିସ ସାମନା ଆମ୍ବଗଛ କହୁ କହୁ କହିଦେଲି ମନର କଥା ଯାହା ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା-- ଆପ ସିରିୟସ ହୋ ?

ମୁଁ କହିଲି -- କୁଁୟ କୁଛ ଫିକର ହୋ ରହା ହେ କ୍ୟା ?

ସେ ମୁଣ୍ଡ ହଲେଇ ନିରବ ରହି ମାଟିମୁଖା ହୋଇ କହୁଥାଏ-- ଠିକ୍ ହେ ମେ ବାବା ଔର ମାମା କୋ ମନାଲୁଙ୍ଗି ।

ୱୋ ଜରୁର ମେରୀ ବାତ୍ ମାନେଙ୍ଗେ । ମାମା କୀ ତୋ ପତା ନେହିଁ ପର୍ ବାବା ଜରୁର ମାନ ଜାଏଙ୍ଗେ । ଲେକିନ୍ ଆପକୋ ହମାରା ଫ୍ୟୁଚର କେଲିଏ କୁଛ କରନା ପଡେଗା, ଆପକୋ କୁଛ୍ ବନନା ପଡେଗା । ମେ ମେରୀ ତରଫ ସେ କୋଶିଶ୍ ଜରୁର୍ କରୁଙ୍ଗୀ ପର ଆପ ଆପକେ ତରଫ ସେ ହମ ଦୋନୋ କେଲିଏ କୁଛ୍ କରେଙ୍ଗେ ।

କରୁଙ୍ଗା ପ୍ରଜ୍ଞା । ଐସେ ଥୋଡି ତୁମକୋ ମେ ଲେ ଜାଉଁଙ୍ଗା ? କୁଛ୍ କରୁଙ୍ଗା, କୁଛ୍ ବନୁଙ୍ଗା, ଫିର ହମାରା ଶାଦୀ । ଠିକ୍ ହେ ଇସ୍ ଆଶା କୋ ଲେକର ମରତେ ଦମ୍ ତକ୍ ମେ ଆପକେ ସାଥ୍ ହୁଁ । ଆପ କିତନି ଭି ଦୂର ରହୋ, ଯାହାଁ ଭି ଯାଓ ଲେକିନ୍ ମେରେ ସାଥ୍ କଣ୍ଟାକ୍ଟ ଜରୁର ରଖନା ।

ହର ହପ୍ତା ଏକ ଚିଠି ଭେଜନା ମେ ଭି ଭେଜୁଙ୍ଗି । ବିଚ ବିଚ ମେ ଜବ୍ ତୁହ୍ମାରା ମନ ହୋ ମୁଝେ ଫୋନ କରନା । ଅଗର ଆପକେ ଘର ମେ ଟେଲିଫୋନ ନା ହୋ ତୋ ଭଦ୍ରକ ଆକେ ଜରୁର ଫୋନ କରନା କୁଁୟ କି ମେ ଆପକା ରାହ ଦିଖତା ରହୁଁଗୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିଥିଲା ମୋ ପ୍ରଜ୍ଞା ସହିତ କିଛି ମୂହୁର୍ତ୍ତର ମନର ଆବେଗ । ଆଉ ପିଜି ପରୀକ୍ଷା ପରେ ଯେବେ ତା ଠାରୁ ଘରକୁ ବିଦାୟ ନେଲି ସେଦିନ ସେ ଖୁବ୍ କାନ୍ଦିଥିଲା । ଆଉ ତା ଆଖି ଲୁହରେ ମୋ ଆଖି ବି ଓଦା ହୋଇଥିଲା । ତଥାପି ମୁଁ ତାକୁ କହିଥିଲି– ଦେଖୋ ପ୍ରଜ୍ଞା ତୁମ ତୋ ଏକ ସାଲ ତକ୍ ୟାହାଁ ହୋ । ତୁହ୍ମାରା ଲାଷ୍ଟ ଇଅର Exam ତକ୍ ମେ ହର ଶନିବାର କୋ ତୁହ୍ମେ ମୁଲାକାତ କରନେ ଜରୁର ଆଉଙ୍ଗା ।

ବାସ ତାର ପିଜିର ଶେଷ ବର୍ଷ ଏମିତି ଶନିବାରକୁ ଆମେ ପରସ୍ପରକୁ ଚାହିଁଥାଉ । ସେହି ଦେବଦାରୁ ଗଛମୂଳ ଆଉ ଆମ୍ବଗଛର ମୂଳ ଆମ ପ୍ରେମର ସାକ୍ଷୀ ଥାଏ । ତାର ଫାଇନାଲ ପରୀକ୍ଷା ତିନିମାସ ଥାଏ ତାକୁ ମୁଁ କହିଲି ଦେଖ ପ୍ରଜ୍ଞା ଏବେ ଆଉ ମୁଁ ତୁମକୁ ଦେଖା କରିବାକୁ ଆସିବି ନାହିଁ । ସେ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲା । ଯେମିତି ପଚାରୁଥିଲା କ୍ୟୁଁ କିସିଲିଏ ? କ୍ୟା ମେରୀ ତରଫ ସେ କୋଇ ଭୁଲ ହୋଗୟି କ୍ୟା ? ମୁଁ କହିଲି ଆରେ ଏମିତି ଆଶ୍ଚର୍ଯ୍ୟ ହୋଇ ଚାହିଁଛ କଣ । ତୁମର ଆଗକୁ ପରୀକ୍ଷା ଅଛି । ମୁଁ ଆସିଲେ ତୁମେ ଅନ୍ୟମନସ୍କ ହେବ ଆଉ ତୁମ Exam ଉପରେ ପ୍ରଭାବ ପଡିବ । ଏଣୁ Exam ପର୍ଯ୍ୟନ୍ତ ମୁଁ ଆସିବି ନାହିଁ । ତୁମ ଶେଷ ପରୀକ୍ଷା ଦିନ ନିଶ୍ଚୟ ଆସିବି । ଏତିକି କହି ତା ପାଖରୁ ବିଦାୟ ନେଇଥିଲି । ଶେଷ ପରୀକ୍ଷା ଦିନ ସକାଳରୁ ସଞ୍ଜ ଯାଇ ରାତି ହୋଇଗଲା ମୁଁ କିନ୍ତୁ ଘରକୁ ଫେରି ନଥିଲି । ସେଦିନ ରାତିରେ ମୁଁ କନିକା ହଷ୍ଟେଲରେ ପ୍ରଜ୍ଞା କ୍ଲାସମେଟ୍ ଜୁନିଅର ପିଲା ପାଖରେ ରାତିରେ ଶୋଇ ଯାଇଥିଲି । ତା ପରଦିନ ତା ସହିତ ତାକୁ ନେଇ ଷ୍ଟେସନ ଯାଇଥିଲି । ସେଇଟା ଥିଲା ତାର ମୋର ଶେଷ ଦେଖା । ଭଦ୍ରକ ଷ୍ଟେସନରେ ଟ୍ରେନ୍ ର ସିଗନାଲ ବାଜିବା ମାତ୍ରେ ସେ ମୋତେ ଖୁବ୍ ଜୋରରେ ଭିଡିଧରି ଆଖି ତରାଟି ମୋ ତମାମ ଶରୀରକୁ ଆଉ ଆଖିକୁ ପଢି ଚାଲିଥିଲା । ଟ୍ରେନ ଷ୍ଟେସନରେ ଲାଗିବା ମାତ୍ରେ ସେ ମୋ ପାଦ ଛୁଇଁ ଟ୍ରେନକୁ ଚଢି ଥିଲା । ମୁଁ ତା ବ୍ୟାଗ୍ ଆଉ ଟିଣ ଟ୍ରଙ୍କର ଆସବାବ ପତ୍ର ସବୁ ତା ଟ୍ରେନକୁ ଚଢେଇ ଦେଇଥିଲି । ସେ ଟ୍ରେନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗେଟ୍ ପାଖରେ ଠିଆ ହୋଇ ମୋତେ ହାତ ହଲେଇ ଅଭିବାଦନ କରି ମୋ ଠାରୁ ଦୂରେଇ ଯିବାର ଅଜସ୍ର କୋହକୁ ସାଥେ ଧରି ଆଗେଇ ଚାଲିଥିଲା ମୋ ଆଖିରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ । ଆଉ ମୁଁ ଭିତରେ ଭିତରେ ଯେତିକି ଭାଙ୍ଗୁଥାଏ ତାକୁ ଦେଇଥିବା କଥାକୁ ସେତେ ବେଶି ଚିନ୍ତାକରି ଘରମୁଖା ହେଉଥାଏ । ତା ପରେ ଆଉ ମୋ ପ୍ରଜ୍ଞା ସହିତ କେବେ ଭେଟ ହୋଇନି । କେବଳ ମୋବାଇଲର ଫେସବୁକ ଆଉ ହ୍ୱାଟ୍ସ ଆପ ଆମ ସମ୍ପର୍କର ଏକ ସେତୁବନ୍ଧ ହୋଇଯାଇଥିଲା । କରୋନା ସମୟରେ ସାନଭାଇର ପାଠପଢା ପାଇଁ ତାକୁ ହାଇଦ୍ରାବାଦ ଛାଡିବା ପାଇଁ ଯାଇଥିବା ବେଳେ ସେଠି ସେ ଦୁଇଦିନ ରହିଥିଲା । କରୋନାର କଟକଣା ପାଇଁ ପୁଣି ଅଧିକ ଦୁଇଦିନ ରହିବାକୁ ବାଧ୍ୟ ହୋଇଥିଲା । କିନ୍ତୁ ତା ପରେ ଆଉ ମୁଁ କିଛି ଜାଣିନି ।

ତା ଯିବାର ୧୫ ଦିନ ପରେ ତାର ଜଣେ ପୁଅ ସାଙ୍ଗ ଫେସବୁକରେ ତା ଫଟୋ ଅପଲୋଡ କରି ତାକୁ ଶ୍ରଦ୍ଧାଞ୍ଜଳି ଦେବାର ଦେଖିବାକୁ ପାଇଲି । ତାର ଯେତକ ଶୁଭେଚ୍ଛୁ ଥିଲେ ସେମାନେ ତା ସହିତ ବାଣ୍ଟିଥିବା ମୂହୁର୍ତ୍ତର ଅନୁଭବ ସବୁକୁ ଫେସବୁକରୁ ପଢୁପଢୁ ମୁଁ ହତବାକ୍ ହୋଇ ଯାଇଥିଲି । ରାତି ୧୨.୪୫ ହୋଇ ଯାଇଥାଏ । ମୋ ବୋଉ ଉଠି ପାଟି କଲା ତୁ ଏପର୍ଯ୍ୟନ୍ତ ଶୋଇନୁ ? ରାତିରେ ବାହାରେ ବସି ତୁ ଆହୁରି ମୋବାଇଲ ଦେଖୁଛୁ ? ଯା ଶୋଇବୁ ଯା । ମୁଁ ଆଉ ସମ୍ଭାଳି ନପାରି ବୋଉକୁ କହିଦେଲି– ବୋଉ ! ! ପ୍ରଜ୍ଞା ଚାଲିଗଲା । ବୋଉ ଆଶ୍ଚର୍ଯ୍ୟ ହୋଇ ପଚାରୁଥାଏ – ପ୍ରଜ୍ଞା କିଏ ? ତାଙ୍କ ଘର କେଉଁଠି ? ସେ ଝିଅ ନା ପୁଅ ? ତାର କଣ ହୋଇଥିଲା ? ସେ କେବେ ମଲା ? ତାକୁ କଣ କରୋନା ହୋଇଥିଲା କି ? ମୁଁ କହିଲି ନା ବୋଉ ସେ ଖଡଗପୁରର ଝିଅଟିଏ ମୋ ତଳ ବ୍ୟାଚରେ ପିଜି କରୁଥିଲା ଭଦ୍ରକ କଲେଜରେ । ଏବେ ଏବେ ତା ଫଟୋ ଦେଖିଲି ଫେସବୁକରେ । ଏପଟେ ବୋଉର ତାଗିଦ୍ ସେପଟେ ଅବିଶ୍ୱାସ ଓ ସନ୍ଦିହାନ ସହିତ ଅନେକ ପ୍ରଶ୍ନକୁ ନେଇ ମୁଁ ବୋଉ ଡରରେ ସିନା ବିଛଣାକୁ ଚାଲି ଆସିଲି ହେଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାରାରାତି ମୋ ଆଖିରେ ନିଦ ନଥିଲା । ଥିଲା ଖାଲି ତା ସହିତ ବାଣ୍ଟିଥିବା ସେ ମିଠା ଦିନର ମୂହୁର୍ତ୍ତ ସବୁ ଯାହା ଅନ୍ଧାର ଘର ଭିତରେ ମୋ ତକିଆକୁ ଭେଦାଉଥିଲା ।

ଏଇ ଥିଲା ମୋ ପ୍ରଜ୍ଞା ସହିତ ମୋ ଭାବନାର କଥା । ଏବେବି ସେ ମୋ ଆଖିରେ ସଜ୍ଜଳ । ଲାଗୁଛି ତା ଅବର୍ତ୍ତମାନରେ ବି ସେ ମୋ ପାଖରେ ଯେମିତି ଅଛି ଆଉ କହୁଛି -- ଆପକା ଶାଦୀ ହୁଆ କି ନେହିଁ ?????????????

ସତ କୁହ ତୁମେ ସତ କୁହ
କେଉଁ ଅଭିମାନେ ପର କରିଗଲ
ଆଖିଏ ସପନ ଭରି
କେମିତି ଗଲ ହେ
ସାଥେ ନେଲ ନାହିଁ
ଛାଡିଗଲ ଏକାକରି....।

ଫଗୁଣ ସଞ୍ଜର ଫଗୁ ଲିଭିଗଲା
ଆଶା ଡଙ୍ଗା ଗଲା ବୁଡ଼ି
ରିକ୍ତ ବସନ୍ତର ଅବୁଝା ଅଳିକ
ଜୀବନକୁ ଦେଲ ଫେଡ଼ି
ଏମିତି ମନୋଇ ଝିଅଟେ ତୁମେ ତ
ଭୁଲିଗଲ ଏକା ଛାଡ଼ି......।

ହେ ପ୍ରଜ୍ଞା ! ତୁମେ କେମିତି ଏତେ ସ୍ୱାର୍ଥପର ହୋଇପାରିଲ କୁହତ.......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାକୁମ୍ଭ

ପଦ୍ମାଳୟା ପାଢ଼ୀ



ପରୋପକାରୀ ମହାପୁରୁଷ ବୋଲାଉଥିବା ବଟୁ ବାବୁ ମହାକୁମ୍ଭ ମେଳାରେ ଯାଇ ବୁଡ଼ ପକାଇ ନିଜକୁ ଅନ୍ୟ ମାନଙ୍କ ଠାରୁ ପାଦେ ଆଗରେ ଭାବି ଭାବି ସପ୍ତାହେ ପରେ ଆସି ଘରର ଚାବି ଖୋଲିଲା ବେଳକୁ ପଡୋଶୀଙ୍କର ତିଆରି ହେଉଥିବା ଦ୍ୱିତୀୟ ମହଲା ଘରେ ଛାତ ପଡ଼ି ସାରିଥିବା ଦେଖି ତତକ୍ଷଣାତ ଶ୍ରୀମତୀଙ୍କ ହାତ ଧରି ଭିତରକୁ ଟାଣି ନେଲେ ।

—ଦେଖିଲଣି ?

—ହଁ ଦେଖିବାକୁ ତ ବାକି ଅଛି ଶୁଣି ସାରିଲିଣି ।

—ଶୁଣିଲ ? କଣ ଶୁଣିଲ ?

—ତାଙ୍କ ଝିଅର ପୁଣି ବାହାଘର ଠିକ ହେଇଗଲା ? ଆଉରି ସେ ମଧ୍ୟସ୍ଥିକୁ ଧରି ଚା ପିଅ ଯାଇକି । ମୋ ସାମ୍ନାରୁ ହଟିଯାଅ କହୁଛି । ଝିଅ ବିଷୟରେ ଏମିତି ବର୍ଣ୍ଣନା କରିଛ ଯେ ପୁଣି ଏକା ଥରକେ ପୁଅ ଘର ରାଜି । ତୁମ ପ୍ରଶଂସାରେ ଝିଅ ଘର ବି ଶତମୁଖ । ଆଜି ଏଇ ଖବର ଦେବାକୁ ପଛ ସାହିର ମିସେସ ମହାନ୍ତି ବାହାରେ ଆମକୁ ଅପେକ୍ଷା କରିଥିଲେ ।

—ଆଲୋ ପାଗେଳୀ ! ସେ ପୁଅର କେତେ ଝିଅଙ୍କ ସଙ୍ଗେ ଚକ୍କର ଅଛି ଜାଣୁ ? ପିଆ ପିଇ ମଧ୍ୟ କରୁଛି । ମଧ୍ୟସ୍ଥି ଜଣକୁ ଚା ପିଆଇ ଦାମ ଦୋକାନରେ ପେଡ଼ା ଖୁଆଇ ଗୋଲ ମଟୋଲ କରି ଦେଇଥିଲି ଖାସ ତାଙ୍କ ଝିଅର ଯୋଗ ସେଇଠି ଫିଟୁ ବୋଲି । ହେଲେ ଗୋଟେ କଥା ବୁଝି ହେଲାନି ସେ ଏତେ ପଇସା ଆଣିଲା କୋଉଠୁ ? ଏଣେ ଝିଅ ବାହାଘର ତେଣେ ବି ମହଲାରେ ଛାତ ପଡ଼ି ସାରିଲାଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

—ଛାତ ବି ପକେଇ ଦେଲେ? ବସି ରହିଥାଅ ତୁମେ । ଉପରେ ଆଉ ବଖରାଏ କରିଦେଲେ ଆମେ ତିନି ମହଲା ବୋଲି କହି ନଥାନ୍ତେ ?

ହଠାତ ବଟୁ ବାବୁଙ୍କ ପତ୍ନୀଙ୍କ ନିକଟକୁ ଫୋନ ଆସିଲା ଆଉ ଫୋନରେ ସବୁ କଥା ଶୁଣିବା ସଙ୍ଗେ ସଙ୍ଗେ ତାଙ୍କ ମୁଖ ମଣ୍ଡଳର ଜ୍ୟୋତି ମଧ୍ୟ ସେଇ ତୁଳନାରେ ବଢ଼ି ବଢ଼ି ଯାଉଥିଲା ।

—ହଇ ହୋ ଜାଣିଲ ନା କଣ ହେଇଛି ।

—କଣ ହେଲା କହିଲେ ସିନା ଜାଣିବି ।

— ବାହାଘର ଠିକ ହେବା କଥା ଆଠ ଦିନ ତଳର । କିଏ ଜଣେ ପୁଣି ୟା ଭିତରେ ବେନାମୀ ଫୋନ କରି ତାଙ୍କ ଜୋଇଁ ବିଷୟରେ ସବୁ ସତ ସତ କହି ଦେଇଛି ତେଣୁ ସେମାନେ ବାହାଘର ଭାଙ୍ଗି ଦେଲେ ।

ସାରା ଜୀବନ ଅନ୍ୟର ଅମଙ୍ଗଳ ପାଞ୍ଚି ପାଞ୍ଚି କ୍ଷତି ଘଟାଉ ଥିବା ବଟୁ ବାବୁ ଦୀର୍ଘ ଅଥଚ ଶୀତଳ ନିଶ୍ୱାସଟିଏ ନେଇଥିଲେ । କୁମ୍ଭ ମେଳାରେ ଥରଟିଏ ବୁଡ ମାରିବା ପରେ ପ୍ରବହମାନ ଗଙ୍ଗାଙ୍କ ଜଳ ଧାରାରେ ସେ ନିଜର କୃତ କର୍ମର ପ୍ରତିଫଳନ ଦେଖି ଚମକି ଉଠିଥିଲେ ଏବଂ କୂଳକୁ ଆସି ଫେରିବା ପାଇଁ ଟ୍ରେନ ଧରିବା ପୂର୍ବରୁ ପତ୍ନୀଙ୍କ ଅଗୋଚରରେ ଜଣେ ବୁଲା ବିକାଳିର ଫୋନରେ ପଡୋଶୀଙ୍କୁ ଫୋନ କରି ପୁଅଟିର ଦୁର୍ଗୁଣ ସମ୍ପର୍କରେ ସବୁ କହି ଦେଇ ଫୋନଟି କାଟି ଦେବା ସଙ୍ଗେ ସଙ୍ଗେ ପଡୋଶୀଙ୍କ ସେଇ ନମ୍ବରଟିକୁ ବୁଲା ବିକଳିର ଫୋନରେ ବ୍ଲକ ଏବଂ ଡିଲିଟ କରି ସାରିଥିଲେ । ଏଣେ ଫୋନରେ ଝିଅଟିର ବାହାଘର ଭାଙ୍ଗିଯିବା ଶୁଣି ବଟୁ ବାବୁଙ୍କର ପତ୍ନୀଙ୍କ ମନଟା ଏତେ ଶାନ୍ତି ଲାଗୁଥିଲା ଯେ ସେ ଜାଣି ପାରୁ ନଥିଲେ ଏହା କୁମ୍ଭ ସ୍ନାନର ଫଳ ନା ପଡୋଶୀଙ୍କ ଝିଅ ଉପରୁ ବିପଦ କଟି ଯିବାରୁ ମାନସିକ ଶାନ୍ତି । ଆଉ କେତେ ବର୍ଷ ପୂର୍ବରୁ ଯଦି ସିଏ ବୁଡ଼ ପକାଇବାକୁ ଯାଇଥାନ୍ତେ ଭଲ ହେଇ ନଥାନ୍ତା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିୟର୍ସ୍

ଶକ୍ତି ସୁମନ ଦାଶ



ଚାଲ ଚିଅର୍ସ କରିବା ସେଇ ଶାନ୍ତ ନିସଙ୍ଗତାରେ....

କଫିର ବାସ୍ନାରେ ଭରି ଯାଇଥିବା ସେଇ ମନଟି ଚଞ୍ଚଳିତ ହୋଇ ଉଠୁଥିବ କେଉଁ ଏକ ନିଝୁମ୍ ସୁରର ତାଳେ ତାଳେ ଭିଜିବାକୁ....

ଚାଲ ଚିଅର୍ସ କରିବା ସେଇ ନିଝୁମ୍ ସୁରରେ....

ଝୁମୁଥିବ ତୁମେ, ଆଉ ତୁମକୁ ଝୁମିବାର ଦେଖି ମୁଁ ଆହ୍ଲାଦିତ ହେଉଥିବି....

ଚାଲ ଚିଅର୍ସ କରିବା ସେଇ ଆହ୍ଲାଦିତର ନିଶାରେ...

ତୁମେ ଚପଳତାରୁ ବାହାରି ପ୍ରାପ୍ତ ବୟସର ପାହାଚରେ ପାଦ ଥାପି ଉନ୍ମାଦିତ ହେଉଥାଅ ଆଉ ମୁଁ ତୁମକୁ ସେଇ ପାଖରେ ପଡ଼ିଥିବା ପରିବେଶର ଘାସ ଗାଲିଚା ଉପରେ ବସି ଚାହିଁ ରହୁଥାଏ....

ଚାଲ ଚିଅର୍ସ କରିବା....

ସବୁଜ ବନାନୀ ଯେପରି ଚାହିଁ ରହୁଥାଏ ବର୍ଷା ଜଳର ପ୍ରତିଟି ବିନ୍ଦୁକୁ, ମୁଁ ସେହି ପରି ଚାହିଁ ରହୁଥାଏ ତୁମ ସଫେଦ୍ ପୋଷାକ ତଳେ ଥିବା କୋମଳ ହୃଦୟକୁ

ଆରେ !

ଏତେ ଭାବୁଛ କଣ ?

କଫି ଥଣ୍ଡା ହୋଇ ବାସ୍ନା ଉଭେଇ ଗଲାଣି ଯେ !

ଆଉ ସେ କଫିର କୌଣସି ମଜା ରହିବନି...

ଟିକେ ରୁହ ମୁଁ ଆଉ ଥରେ ବନେଇ ଆଣୁଛି....

ମାର୍ଫତ୍ : ସୋମନାଥ ଦାସ, ଗ୍ରାମ: ଭାରିଓଦା, ପୋ: ବାଲିକୁଦା, ୭୫୪୧୦୮, ଜଗତସିଂହପୁର



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାମୁଁଘର ଗାଆଁ ମୋର

ଶିବନାରାୟଣ ଦାସ



ବୈତରଣୀ କୂଳେ ଧାନକ୍ଷେତ ଛୁଇଁ ମୋ ଟିକି ଗାଁ'ଟି ହସେ,
ଚାନ୍ଦବାଲି ନଈ ପାରିହେଲେ ପୁଣି ମାମୁଁ ଘର ଗାଆଁ ଦିଶେ ।
ନଈ ଏ ପାଖରେ ଛୋଟ ଗାଆଁ ମୋର ନାମ ତା' ଗୋପାଳପୁର,
ନଈ ପର ପାରି ରାଜକନିକାରେ ମାମୁଁ ମାଇଁଙ୍କର ଘର ।
ନଈ ଘାଟ ଡେଇଁ ପଡିଆ ଟପିଲେ ତାଳ ନଡ଼ିଆର ବଣେ,
ମାମୁଁ ଘର ମୋର ବାରି ହୋଇ ପଡେ ଗାଆଁ'ର ଏକଣା କୋଣେ ।
ନଡ଼ା ଛପର ଓ ମାଟି କାନଥେ ଠିଆ ଧାଡି ଧାଡି ଘର କେତେ,
ତାଳଗଛ ତଳେ ମାମୁଁ ଘର ମୋର ଭାରି ଭଲ ଲାଗେ ମୋତେ ।
ବାଡ଼ି ଓ ଅଗଣା ଗୋବରରେ ଲିପି ମୁରୁଜ କାଟନ୍ତି ମାଇଁ,
ଲିପା ମାଟି କାନଥେ ଧାନକେଣ୍ଡା ଝୋଟି ମୋ ମନକୁ ଯାଏ ଛୁଇଁ ।
ଗାଆଁକୁ ଯେବେ ମୁଁ ଯାଏ,
ଛବିଟିଏ ପରି ମାମୁଁ ଘର ମୋର ଜକ-ଜକ ଦିଶୁଥାଏ ।

ଘର ଚାରିପଟେ ଆଗ ପଛ ହୋଇ ଠିଆ ତାଳଗଛ କେତେ,
ମଝିରେ ମଝିରେ ଆକାଶ ଛୁଆଁଇ ନଡ଼ିଆ ବାହୁଙ୍ଗା ଯେତେ ।
ତଳମୁହାଁ ହୋଇ ଝୁଲୁଥାଏ ପୁଣି ବାଇଆ ଚଢେଇ ବସା,
ପତର ଫାଙ୍କରୁ ଶୁଭିଯାଉଥାଏ କିଚିରି-ମିଚିରି ଭାଷା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଆ ବାହୁଥିଲେ ବସା ଦୋହଲଇ ବାଇଆର ନାହିଁ ଡର,
ମାମୁଁଘର ମାଟି-ପିଣ୍ଡାରୁ ଦିଶଇ ଶୋଭା ଅତି ମନୋହର ।
ମନେପଡେ ମୋର ମାମୁଁ ଘର ଗଛ ମିଠା ପଇଡ଼ର ପାଣି,
ସରାଗରେ ଅତି ପରଶି ଦିଅନ୍ତି ସିନିହରେ ମାଇଁ ଆଣି ।
ଦିଅନ୍ତି ଆହୁରି ଯତନେ ଛଡ଼ାଇ ଖାଇବାକୁ ତାଳ-ସଜ,
ଶୋଷ ମେଣ୍ଟିଯାଏ, ପେଟ ପୁରିଯାଏ, ତାଜା ହୁଏ ଦେହ-ମନ ।
ପାଚିଲା ତାଳରେ ପୁଣି
ଫୁଲୁରି, କାକରା, ତାଳ-ପିଠା ମାଇଁ ବନାନ୍ତି ମୋ ମନ ଜାଣି ।

ମାମୁଁ ଘର ଆଗ ଦାଣ୍ଡ-ବାଲି ଦେଇ ଚାଲିଯାଉଥିଲା ବେଳେ,
ସରୁ ଗ୍ରାମପଥ ଏକ ପାଖେ ଦିଶେ ସିଜୁ, କିଆବଣ କେତେ ।
ଅଂକାବଂକା ବାଟ ଗାଆଁ ଶେଷ ମୁଣ୍ଡେ ମିଶଇ ଯେଉଁଠି ଯାଇ,
ଲଙ୍କା-ଆମ୍ବ ଝଂକା, କଣ୍ଟା-ବରକୋଳି, ଭୂଇଁକୁ ଛୁଅଁଇ ତହିଁ ।
ପାଖରେ ପଡିଆ, ଧାନ-ବିଲ ଦିଶେ ହିଡ଼େ ଚାଲି ଚାଲି ଗଲେ,
ପୋଇ, ବୋଇତାଲୁ ମାମୁଁଘର ପାଳ-ଜମିରେ ଲହଡି ଖେଳେ ।
ଛାଡ଼ି ଛାଡ଼ି ହୋଇ ମୁଗ, ହରଡ଼ର ପଟାଳି କିଆରୀ କେତେ,
କାନଶିରି, ସୁନୁସୁନିଆର ବୁଦା ଅଯତନେ ଉଠି ଲୋଟ ।
ଶାଗଭଜା ପୁଣି କଖାରୁ ଡଙ୍କରେ ବେସର କରନ୍ତି ମାଇଁ,
ବୋଇତାଲୁ ଫୁଲ-ପିଠଉ ଭଜାର ତୁଳନା ତାଙ୍କର ନାହିଁ ।
ଖରା ଗରମର ଦିନେ,
ଚଲଣା ଓ ଫୁଟି-କାକୁଡ଼ିର ପଣା ମାମୁଙ୍କ ହାତରୁ ଜମେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘର ପଛ ବାଡ଼ି ଅଗଣାରେ ତାଙ୍କ ପାଚିଲା ଧାନର ଖଳା,
ସକାଳ ପହରୁ ମାଇଁ ମାନେ ବସି ଧାନ ଉସେଇଁବା ବେଳ ।
କୁକୁଡ଼ାର ପଲ ଶାବକଙ୍କୁ ଧରି ଆହାର ଖୋଜନ୍ତି ଯେବେ,
ସୁକୁମାର ଗଞ୍ଜା ଧାନ-ଖଳା ଉଚ୍ଚ ମଥାନରୁ ଥାଇ ଡାକେ ।
ଯୋଡି ବଳଦଙ୍କୁ ମାମୁଁ ଦେଉଥାନ୍ତି ତୁଷ ଓ ତୋରାଣି ଖୋଇ,
'କାଳିଆ', 'କଷରା', ଅମୂଲ୍ୟ ପସରା ସାହା ଚାଷ କାମ ପାଇଁ ।
ପାଖ ଗୁହାଳରୁ ହମ୍ବା ରଡି ଦେଇ ଡାକ ଛାଡେ 'ନେତ' ଗାଇ,
ତା' ଟିକି ବାଛୁରୀ ଡିଆଁ ହୁମ୍ପା ମାରି ଅଗଣାରେ ଖେଳେ ଥାଇ ।
ବାଛୁରୀକୁ ଧରି ଆକଟ କରଇ ମାମୁଁ ପୁଅ ଭାଇ ମୋର,
ଦୁଧ ଦୋହିଁବାକୁ ମାମୁଁ ବାହାରନ୍ତି ହୋଇ ନିତି ତରବର ।
ଆଉଟା ଦୁଧର ମଜା
ତା' ସାଥିରେ ପୁଣି ମାଇଁଙ୍କ ହାତରୁ ମାଟି ପଲମର ପିଠା ।

ବାଡ଼ି-ବଗିଚାର ଗୋହିରି ମୁଣ୍ଡରେ ବୁଢା ଆମ୍ବଗଛ ପାଖେ,
ଆମ ମାମୁଁଘର ଛୋଟ ଗାଡ଼ିଆଟି ବାଡ଼ି ଦୁଆରରୁ ଦିଶେ ।
ଗାଡ଼ିଆର ପାଣି ଝିଲିମିଲି କରେ ଆମ୍ବଗଛ ଛାଇ ତଳେ,
ବୋରଝାଂଜି ଦଳ, କଇଁ ଓ ପଦୁଅଁ ଭରା ଗାଡ଼ିଆରେ ଖେଳେ ।
ସକାଳର ଖରା ଆମ୍ବ ଡାଳ ଫାଂକେ ଗାଡ଼ିଆରେ ଯେବେ ପଡେ,
ଦଣ୍ଡିକିରି ମାଛ, କେରାଣ୍ଡି, ଗଡ଼ିଶ ପାଣିରେ ଖେଳନ୍ତି କେତେ ।
ସେତେବେଳେ ମୁହିଁ ବନିଶୀ ଗୋଟାଇ ଗାଡ଼ିଆରେ ଦିଏ ଖେପି,
ଥୋପ ଗିଳେ ମାଛ, ଝଂକାରେ ସାଉଁଟି ଠୁଳ ମୁଁ କରଇ ବସି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖରାବେଳେ କେବେ ପୋହଳା ଚପାଇ, ବାଙ୍କିଆ ବୁଲାଇ ପୁଣି,
ଜାତି ଜାତି ଚୁନା ମାଛ ମୁଁ ଆଣଇ ଗାଡ଼ିଆ ପାଣିରୁ ଛାଣି ।
ପିତାଗମ ଶାଗ ଭଜା
ଆଇ ମୋ ରାନ୍ଧନ୍ତି ମାଛର ଆମ୍ବିଳ ଖାଇବାକୁ ଭାରି ମଜା ।

ପିଲାବେଳ କଥା ମନେପଡେ ଯେବେ ମାମୁଁ ଘର ଯାଉଥିଲି,
ସ୍ନେହ-ଭିଜା ଲୁହେ ଗୀତର ପସରା ଆଇ ଦେଉଥିଲା ମେଲି -
"କୃଷ୍ଣ, ବଳରାମ ଦୁଇ ଭାଇ ଆରେ କେଣେ ଯାଇଥିଲ ମୋର,
ଏତେଦିନକରେ ମନେ କି ପଡିଲା ଆଇକୁ କରିଲ ପର ।
ଆସ ବେଣୁପାଣି ଭୁଞ୍ଜରେ ଲବଣି ନୟନ ପିତୁଳା ଦୁଇ,
କୋଳରେ ବସାଇ ଧନଙ୍କୁ ମୋହରି ଦୁଧଭାତ ଦେଜ୍ଞି ଖୋଇ ।
ଦୁଧ-ବଢ଼ା କୋରି ଖୁଆଇ ଦେଜ୍ଞି ମୁଁ ଥାକୁଲୁ ଥୁକୁଲୁ ସର,
ବାବୁଲି, ଚୁଁଚୁଲି - ମୋ ଜୀବ-ଜୀବନ ଦୁଃଖିନୀ-ରଂକୁଣି ଧନ" ।
କୋଳପଶା ହୋଇ ଆମେ ଦୁଇ ଭାଇ ଚାହୁଁଥିଲେ ଆଇ ମୁହଁ,
କିଛି ନ ବୁଝିବି ଅଜାଣତେ ଆମ ଝରିପଡୁଥିଲା ଲୁହ ।
ବୋଉକୁ ତାଗିଦେ ଆଇ
ନାତିଙ୍କ ଖାଇବା ବୁଝୁନାହୁଁ କିଲୋ ଶୁଖିଲା ଦିଶନ୍ତି କାହିଁ ?

ମନେପଡେ ଆଜି କେତେ କଥା ମୋ'ର ସମୟ ଯାଇଛି ଗଡ଼ି,
କାଳ-ଅକାଳରେ ମାମୁଁମାନେ ସବୁ ଦୁନିଆ ଗଲେଣି ଛାଡ଼ି ।
ବୟସର ଚାପେ ମାଇଁ ମାନଙ୍କର କମର ଗଲାଣି ନଇଁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାନକୁ ଶୁଭେନା, ଆଖିକୁ ଦିଶେନା, ଚିନ୍‌ହି ତ ପାରନ୍ତି ନାହିଁ ।

ଅଜା, ଆଈ ଦୁହେଁ ସରଗେ ଗଲେଣି କେତେ କାଳ ହେବ ସତେ,

ସ୍ନେହ ଭରା ତା'ଙ୍କ ପାକୁଆ ପାଟିର କଥା ମନେପଡେ ଯେତେ ।

ଦୂରରେ ଥିଲେବି ଆଜି,

ମାମୁଁ ଘର କଥା ମନେ ପଡି ମୋ'ର ଆଖି ଲୁହେ ଯାଏ ଭିଜି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରତିଶୃତି

ରଶ୍ମିତା ସାହୁ



କଥା ଦେଇଥିଲ ତୁମେ ଆସିବ ବୋଲି,

ଚାହିଁ ରହିଥିଲି ମୁଁ ଦୁଆର ଖୋଲି ।।

ଘରେ ଥାଇ ସୁଦ୍ଧା ଚକ୍ଷୁ ଥିଲା ଦ୍ୱାରା ଦେଶରେ,

କାନଡ଼େରି ରହିଥିଲି ତୁମ ସ୍ୱର ସନ୍ଧାନରେ ।।

ମଧ୍ୟାହ୍ନ ଯାଇ ସଞ୍ଜ ଆସିଗଲା,

ତୁମେ ଆସିବାର ଖବର ନ ମିଳିଲା ।।

ସମୟ ଯେତେ ଗଡି ଗଡିଯାଏ,

ମନ ମୋର ସେତେ ବିଚଳିତ ହୁଏ ।।

ମନକୁ ବୁଝାଇ ମୁଁ ଯେ ନିଜେ ଅବୁଝା ହୋଇ,

ଘଣ୍ଟାକୁ ଚାହୁଁଥିଲି ବ୍ୟତିବ୍ୟସ୍ତ ହୋଇ ।।

ମନକୁ ସ୍ୱାନ୍ତନା ଦେବାକୁ ଯାଇ,

ଭାବୁଥାଏ ମୁଁ, ହେଇ ଆରକ୍ଷଣି ପହଞ୍ଚିବେ ସେଇ ।।

ସମୟ ଚାଲିଗଲା କିନ୍ତୁ ତୁମେ ନ ଆସିଲ,

ଆଶାକୁ ମୋର ନିରାଶାରେ ପରିଣତ କଲ ।।

କେବେ ତୁମେ ଆସିଯାଅ ବିସ୍ମୟ କରି,

ପୁଣି କେବେ ନ ଆସ ପ୍ରତାରଣା କରି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳା ମେଘ - ବର୍ଷାର ଭ୍ରମ ସୃଷ୍ଟି କରେ ଯେପରି,

ତୁମେ ଆଉ ତୁମ୍ଭ ପ୍ରତିଶ୍ରୁତି ଠିକ୍ ସେହିପରି ।।

ଥରେ ଭାବ - ନିଜକୁ ମୋ ସ୍ଥାନରେ ରଖି,

କେମିତି ଥିବ ମୋ ମନର ସ୍ଥିତି ।।

ଏତେ ସବୁ ପରେ ବି ମୁଁ ନ ରାଗି

କବିତା ଲେଖୁଛି ତୁମ କଥା ଭାବି ।।

ଛତ୍ରପୁର (ଗଞ୍ଜାମ)

Email - rasmi.k.sahu777@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବୋଉ

ବିନୟ କୁମାର ମିଶ୍ର



ଜାଣି ମୁଁ ପାରେନା ବୋଉ ଉଠିବାଟା
ସକାଳ ଗଲା କି ହୋଇ,
ନା ସକାଳ ହେବାରୁ ବୋଉ ଉଠିଗଲା
ଜଣା କେବେ ପଡେ ନାହିଁ,
ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ପାଠ ପଢା ନାହିଁ ହିସାବପତ୍ରରେ
ବୋଉ ଅର୍ଥଶାସ୍ତ୍ରୀଟିଏ,
ତା ଛିଣ୍ଡା ପଣତ କାନିରେ ରହିଛି
ସତେ କୁନି ବ୍ୟାଙ୍କ୍ ଟିଏ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ଖାଇବାକୁ ବସି ଦୁଇଟି ରୁଟି ମୁଁ
ମାଗିଦେଲେ ଦିଏ ଚାରି,
ବୋଉଟା ସତରେ ଭାରି ମିଛେଇଟେ
ହସୁଥାଏ କିରି କିରି

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ଭାତ ବାଢି ଦେଇ ସବୁବେଳେ କୁହେ
ଦେଇଛି ଅଳପ ଭାତ,
ପଛରେ ମାଗିବୁ ହସି ଦେଇ କହେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥାଳିରୁ ନ ସରେ ସେତ,
ବୋଉ ପରି କିଏ ହେବ,

କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ମୋ ଦେହଟା ଯେତେ ମୋଟା ଦିଶିଲେ ବି
କହେ ମୁଁ  ଶୁଖି ଗଲିଣି,
ମୋ ଛୁଆଟାର ଦେହ ଲାଗୁନାହିଁ
ପଶିଲା କେଉଁ ଡଙ୍କୁଣି,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ପଚାରେନି କହ କ'ଣ ଖାଇବୁ
ମନ ଜାଣି ଦେଇଥାଏ,
ତା ହାତ ଅମୃତ ପରଶରେ ସବୁ
ପ୍ରିୟ ଖାଦ୍ୟ ହୋଇଯାଏ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ପଢ଼ି ନାହିଁ ସିନା ନର୍ସ ଡାକତରି
ପାଠ କେଉଁଠାରେ ଯାଇ
ଶରୀର ମନର ସବୁ ଅଉଷଧି
ସବୁ କଥା ଜାଣି ଥାଇ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ବୋଉ ଶବ୍ଦ ବ୍ୟାଖ୍ୟା କରିହେବ ନାହିଁ
ଯେତେ ଶବ୍ଦ କଲେ ଭର୍ତ୍ତି,
ଅନାବିଳ ପ୍ରେମ ଅସୀମ ତ୍ୟାଗରେ
ସେ ଅନନ୍ତ ସେବା ମୂର୍ତ୍ତି,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

Listen to Odia Podcast Original at https://youtube.com/@drjyotiprasad

ଜୀବନର ବୋଉ ପ୍ରଥମ ସୃଷ୍ଟି
ସ୍ୱର୍ଶ ତୃଷ୍ଣା ଉଚ୍ଚାରଣ,
ପ୍ରଥମ ପ୍ରେମର ଅଭୁଲା ମୂର୍ତ୍ତି ସେ
ଜୀବନର ବ୍ୟାକରଣ

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ବୋଉ କଥା ଯେବେ ମନେ ପଡ଼ିଯାଏ
ଅଫୁରନ୍ତ ଶାନ୍ତି ଆସେ,
ଆନନ୍ଦ ଲହଡି ଶିହରିତ କରେ
ମୁଁହ ଗୋଟା ତାର ଦିଶେ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ବ୍ୟଥିତ ମନକୁ ଅନ୍ୟମନସ୍କ
କରିବାକୁ  ଯେବେ ହୁଏ,
ବୋଉ ଉଚ୍ଚାରଣ ତା ପାଇଁ ଯଥେଷ୍ଟ
ଆଶ୍ୱସ୍ତି କେତେ ସେ ନୁହେଁ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ବୋଉ କୋଳ ଥିଲା ପିଲାବେଳେ କେତେ
ଶାନ୍ତି ନିରାପଦ ସ୍ଥାନ,
ବୋଉ ପାଖେ ଥିଲେ ଡର ଭୟ କାହିଁ
ଛାଡ଼ି ଯାଉଥିଲା ସ୍ଥାନ

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ॥

ଯାହାର ବକ୍ଷରୁ ଅମୃତ ପିଇ
ଏ ଶରୀର ଚଳତକ୍ଷମ,
ଏ ଆଖି ଯାହାକୁ ପ୍ରଥମେ ଦେଖିଲା
ଖନେଇ କହେ ଯା ନାମ,

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ଅବୁଝା ହୋଇଲେ ରଷିଲେ ରାଗିଲେ
ଅଭିମାନ କେବେ କଲେ,
କୋଳେଇ କାଖେଇ ଧୂଳି ଝାଡି ଦେଇ ସୁନା
କହି ଚୁମା ଦେଲେ,

ବାପ ଧନ କହି ଅଗଣାକୁ ନେଇ
ଜହ୍ନ ମାମୁଁ କୁ ଦେଖାଇ,
ବାଘମାମୁଁ କଥା କହି କହି ଯିଏ
ଖୁଆଇ ଦିଏ ବଳେଇ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ0
ବୋଉ ସିନା ଏକା ହେବ ।।

ବାର ଓଷା ତେର ବ୍ରତ ଉପାସରେ
ଠାକୁର ପାଖେ ମନାସି,
ନିଉଛାଳି ହୋଇ ଲୁହ ଧାର ଢ଼ାଳି
ଦିନ ରାତି ଥାଏ ବସି,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ଆମ ସୁଖ, ଶାନ୍ତି ସମୃଦ୍ଧି କାମନା
ଦୁଃଖ କଷ୍ଟ ବିପଦରେ,
ପ୍ରଥମରେ ଯେଉଁ ଶବ୍ଦ ଗୋଟି
ଆମ ପାଟିରୁ ଆସେ ବାହାରେ,

ବୋଉ ପରି କିଏ ହେବ
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।

ନ କହିଲେ କିଛି ସବୁ ବୁଝି ଯାଏ
ସତେ କି ସେ ସର୍ବ ଜାଣ,
ଅତର ନାଏ ନା ତା ଦେହର ବାସ୍ନା
ବାରି ହୋଇ ପଡ଼େ ପୁଣ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ବାପାଙ୍କ ଠାରୁ ସେ ହଜାରେ ଗୁଣରେ
ବଡ ହୋଇଥାଏ ସିନା,
ମାନ୍ୟତା ପୂଜାର ଜୀବନ୍ତ ଦେବୀଟେ
ନାହିଁ ତାହାର ତୁଳନା,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ସହି ଥାଏ  ଗର୍ଭ ପ୍ରସବ ବେଦନା
ଲାଳନପାଳନ କରେ,
ସବୁ  ଋଣ ସିନା ଶୁଝି ପାରି ହୁଏ
ମାତୃ ଋଣଟି ନ ସରେ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ବୋଉଠାରୁ ଛୋଟ ଶବ୍ଦ କିଛି ନାହିଁ
ବଡ ଶବ୍ଦ ମଧ୍ୟ ନାହିଁ,
ମରିବା ପାଇଁକି ବହୁ ପଥ ଅଛି
ଜନ୍ମ ବୋଉ ବିନା କାହିଁ ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

ମମି ମାମା ମମ୍ ମାଆ ଠାରୁ ବଳି
ବୋଉ ଶବ୍ଦ ଭାରି ଭଲ,
ବୋଉ ବିନା ପ୍ରାଣ ଅଧୁରା ସର୍ବଦା
ଲାଗେ ଭାରି କଲବଲ,

ବୋଉ ପରି କିଏ ହେବ,
କୋଟିଏ ଜନ୍ମର ତପସ୍ୟାର ଫଳ
ବୋଉ ସିନା ଏକା ହେବ ।।

କବିକେଶରୀ କର୍ମକାଣ୍ଡରତ୍ନ ପଣ୍ଡିତ ବିନୟ କୁମାର
ମିଶ୍ର, ମଲ୍ଲିପୁର ଗଡ ନିଆଳ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଉଠ ଜାଗି ଉଠ

ପ୍ରଶାନ୍ତ କୁମାର ନାଥ



ଉଠ ଜାଗି ଉଠ ସନାତନୀ ହିନ୍ଦୁ
ଆସିଛି ଦୁଃର୍ଦ୍ଦିନ ବେଳ
ଏହି ସମୟରେ ନ ଉଠିବୁ ଯେବେ
ଇସଲାମୀ ହେବେ କାଳ ।

ବେଦ ପୁରାଣକୁ ପବିତ୍ର ମାନିକି
କରୁଛୁ ଯାହାର ପୂଜା
ବିଧର୍ମୀ ଯବନ ଅପବିତ୍ର କରି
ଉଡାଉଛୁା ତା'ର ମଜା ।

ଦାରୁବ୍ରହ୍ମ ବୋଲି ପୂଜା କରୁ ଆମେ
ଶ୍ରୀଜଗନ୍ନାଥ ମୂର୍ତ୍ତିକୁ
ପାଦେ ଦଳି ଦେଇ ଜାଳି ଦେଇ ଅଛି
ଆମ ବଡ଼ ଠାକୁରକୁ ।

ଧର୍ମ ନିରପେକ୍ଷ ବୋଲି ମୋ ଭାରତ
ସହୁଛି ଅନେକ କଷ୍ଟ
ମୋ ଜାତି ଧର୍ମକୁ ବାର ବାର ଆସି
କରୁଅଛି ନଷ୍ଟ ଭ୍ରଷ୍ଟ ।

ସହିଲୁଣି ଆମେ ଅନେକ ଯାନ୍ତନା
ଆଉ ତ ସହିବୁ ନାହିଁ
ହିନ୍ଦୁ ନାରୀଙ୍କର ଇଜ୍ଜତ ଲୁଟୁଛି
ଦେହ ହାତ ତାଙ୍କ ଛୁଇଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୀରୁ କାପୁରୁଷ ନୁହେଁ ହିନ୍ଦୁ ଜାତି
ସୁଭାଷ ଆଜାଦ ମାଟି
ବାର ବାର ଯେବେ ତ୍ରିବାର ଛୁଇଁବ
ତୋ ଶିରକୁ ଦେବ କାଟି ।

ଶାନ୍ତ ଶିଷ୍ଟ ପଣେ ବସୁଧା ପରିକା
ସହୁଛୁ ମଥାକୁ ପାତି
ଧର୍ମ ଭାବନାକୁ ଆଘାତ କରିଲେ
ହିନ୍ଦୁ ଜାତି ଯିବ ତାତି ।

ହୁଏ ନିର୍ଯାତିତ କେତେ ହିନ୍ଦୁ ଲୋକ
ସେ ବାଂଲା ଦେଶରେ ରହି
ଶୁଭୁ ଅଛି ଖାଲି ଆକୁଳ ଚିତ୍କାର
ଲୁହ ଲହୁ ଯାଏ ବୋହି ।

ଉଠ ଉଠ ଏବେ ସନାତନୀ ହିନ୍ଦୁ
ଉଚ୍ଛର ହେଉଛି ବେଳ
ସାରା ଭାରତରେ ଶ୍ରୀରାମ ନାରାରେ
ସର୍ବ ସ୍ଥାନେ ହୁଅ ମେଳ ।

ତଡ଼ି ଦିଅ ଦେଶୁ ବାଂଲାଦେଶୀଙ୍କୁ
କରନ୍ତିନି ଆଉ ନାଟ
ପେଡି ପୁଟୁଳିକୁ କାଖରେ ଜାକିକି
ଦେଖ ତୁମ ନିଜ ବାଟ ।

ପିଣ୍ଡାରେ ବସିକି ଦଖଲ କରିବ
ଅଳ୍ପ ଦିନେ ଆମ ଘର
ବେଳ ଥାଉ ଥାଉ ସବକ ଶିଖାଅ
ଦେଶରୁ କର ବାହାର ।

ନେଡି ଗୁଡ଼ ଯେବେ କହୁଣୀକୁ ଯିବ
ଆଉ ତ କିଛି ନଥିବ
ଗୋରା ବେପାରୀଙ୍କ ପରିକା ଆମକୁ
ଶାସନ ସେ କରୁଥିବ ।

ବେପାର ଛଳରେ ଆସୁଛି ଏଠାକୁ
ଅନେକ ତ ବାଂଲା ଦେଶୀ
ସମୟକୁ ଉଣ୍ଡି ମୋ ଛାତି ଉପରେ
ଆମକୁ ଦେବ ସେ ଫାଶୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋଡା ନାହିଁ ତାଙ୍କ ପରିଚୟ ପତ୍ର
    ଲୋଡା ନାହିଁ ତାଙ୍କ ଜାତି
ଉଠ ଉଠ ମୋର ସନାତନୀ ହିନ୍ଦୁ
    ହୃଦୟରେ ଭରି ତାତି ।

ଦେଶରୁ ହଟାଅ ଦେଶକୁ ବଞ୍ଚାଅ
    ନ ହେଉ ଅତୀତ ପରି
ସରକାର ଆମ ନିରବ ନ ରହି
    ପରଖନ୍ତୁ ଭଲ କରି ।

ଚରମ ସୀମାରେ ଛୁଇଁଲାଣି ହିଂସା
    ଆମକୁ ନରମଭାବୁ
ମାତିଲେ ଏ ହିନ୍ଦୁ ପର୍ଶୁରାମ ପରି
    ହାତରେ ଫାର୍ସାକୁ ନେବୁ ।

ଦେଖିବ ସେ ଦିନ ହିଂସା କରିବାର
    ପରିଣାମ କ'ଣ ହୁଏ
ନିଜ ବିନାଶର ନିଜେ ହିଁ କାରଣ
    ସବୁବେଳେ ହୋଇଥାଏ। ।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା
ଦୂରଭାଷ -୮୭୫୮୨୫୨୪୨୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ ମହାକାଳ ଫଳ

ଶାନ୍ତନୁ କୁମାର ରାଉତ



ପ୍ରେମ ଚିହ୍ନନାହିଁ ଜାତି କି ଅଜାତି
ଦୁଃଖ ମାନେ ନାହିଁ ବାଡ଼
କୋହଲା ପାଗରେ ଦୋହଲା ଜଡରେ
ପକ୍ଷୀ ଖୋଜୁଥାଏ ନୀଡ........।

ମନର ଦୂରତା ଅମାପ ରାଇଜ
ଆଖିର ଦୂରତା ଜହ୍ନ
ମନ ଖୋଜେ ବସି ଲାଜୁକୀ ତରୁଣୀ
ବାସ୍ତବ ହାତରେ ସ୍ୱପ୍ନ...........।।

ପ୍ରେମ କାହାଲାଗି ମିଠା ପୁର୍ଣିମାର
ଜହ୍ନ ଆଲୋକରେ ଭରା
ସେଇ ପ୍ରେମ ପୁଣି ଅମାବାସ୍ୟା ନିଡେ
ଅନ୍ଧାରରେ ମିଞ୍ଜି ତାରା.........।।।

ଉଚ୍ଚ ନୀଚ ଆଉ ଧନୀ ଗରିବର
ହିସାବେ ଛିଡୁନି କଳି
ପରାସ୍ତ ସୈନିକ ବିଫଳ ପ୍ରେମିକ
ମିଛରେ ପଡୁଛି ବଳି...........।।।।

ପ୍ରେମ କରିବାକୁ ସାହସ ଯେ ନାହିଁ
ଯୁଦ୍ଧ କରିବାକୁ ବଳ
ଭଲ ପାଇବାରେ ପ୍ରେମ ଆଉନାହିଁ
ପ୍ରେମ ମହାକାଳ ଫଳ............।।।।।

ପାଟରଙ୍ଗା, ନୂଆସାହି, ଯାଜପୁର
ମୋ - ୯୮୬୧୭୫୬୧୯୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମ ଏକ ମିଠା ସ୍ୱପ୍ନ

ଗୋଲୋକବିହାରୀ ବେହେରା



ଭାବ ବିନିମୟ ପ୍ରେମ ଆଭୂଷଣ
ଏଇ ଜୀବନ ମିଠା ଗୀତ,
ଭାବ ପ୍ରବଣତା ପ୍ରେମର ଆବେଗ
ଜୀବନରେ ନିରାଟ ସତ୍ୟ ।

ପ୍ରେମର କୌଣସି ଭାଷା ନାହିଁ ବନ୍ଧୁ
ପ୍ରେମର ଭାଷା ଯେ ମଉନ,
ସବୁ ଶବ୍ଦ ଯହିଁ ଅର୍ଥହୀନ ହୁଏ
ପ୍ରେମର ମଞ୍ଜି ଅଙ୍କୁରଣ ।

ପ୍ରେମ ତ ସହଜ ନୁହେଁ ଆହେ ମିତ
ପ୍ରେମ ଯେ ଭାବର ସାଗର,
ଏଥିରେ ଯେ ବୁଡେ ଜାଣେ ଅନୁଭବେ
ଭାବନା ଓ ସମ୍ବେଦନର ।

ମନର ତରଳ ସାଇତା ସପନ
ଆଖି ବୁଝେ ଆଖିର ଭାଷା,
ପ୍ରେମର ପ୍ରଥମ ସିଡି ଆକର୍ଷଣ
ରୂପ ରଙ୍ଗ ଗୁଣର ନିଶା ।

ବିନା ଉଦ୍ଦେଶ୍ୟରେ ବିନା କାରଣରେ
ଭଲ ପାଇବା ଏ ପୀରତି,
ପବିତ୍ର ଶାଶ୍ୱତ ଚିରନ୍ତନ ସତ୍ୟ
ମିଠା ମିଠା ଜୀବନ ଗତି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉଦୟ

ବସୁଦେବ ସାହୁ



ପୂରୁବ ଆକାଶେ ସୁରୁଜ ଉଇଁଲା ,
ଲଳିତ କିରଣେ ଭୂମି ରଙ୍ଗିଲା ।
ସ୍ରୋତସ୍ୱିନୀ ନଦୀ ଲହରେ ଗାଉଛି,
କଳକାକଳି ହୋଇ ପକ୍ଷୀ ଉଡୁଛି ।

ଦେଖିଲି ଏ ଅଧରେ ଅମୃତ ଗାନ,
ବିଶ୍ୱାସେ ଜୀବନ ହେଉ ଅପରୂପ ମନ ।
ଶୋଭା ହେଉ ଏ ଦୁନିଆ ମହାମୟୀ,
ମଳମଳ ହୃଦୟ ଅମିଆ ସପନମୟୀ ।

ସ୍ୱଭାବ ଦିଏ ଆମକୁ ଭାଗ୍ୟର ରେଖା,
ଅନ୍ୟାୟ ଶୋଷଣ ହେଉ ବିସର୍ଜନ ଦେଖା ।
ବିଳମ୍ବ ନହେଁ ଏବେ ନୂଆ ସପନ,
ଶକତି ମିଳୁ ଏ ଭୂଷଣ ଜୀବନ ।

ତୋଟାମାଲେ ଯେ ଜନମ ନେଲେ,
ରକ୍ତିମ ସୁଖ ନୂଆ ସଜାଇଥିଲେ ।
ଅମୃତ ଏ ସଂସାର ତୋଟେ ଆମେ,
ସୁନ୍ଦର ହେଉ ଏ ଦୁନିଆ ସମସ୍ତଙ୍କ ଜୀବନେ

କଣ୍ଡରେଇ, ଏମ.ରାମପୁର
କଳାହାଣ୍ଡି ଓଡ଼ିଶା ୭୬୬୧୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇତିହାସ

ଆଶୁତୋଷ ମେହେର



କବିତା ସିଏ ଯେ ସତ୍ୟର ସନ୍ଧାନୀ ସମୟ ତାହାରି ସାକ୍ଷୀ,
ହୃଦୟର କଥା ମନର ଭାବନା ନାନା ରଙ୍ଗ ଥାଏ ମାଖି ।
ଇତିହାସ କହେ ଘଟଣାର ଧାରା ପୃଷ୍ଠାରେ ପୃଷ୍ଠାରେ ଲେଖା,
କିଏ ସେ ନାୟକ ଖଳନାୟକ ବା' ମନ ହୃଦୟରେ ଦେଖା ।।

କବିତା ଛଳରେ କବି କଲମରେ ଲେଖା ହୁଏ ଇତିହାସ,
ଯୁଗଯୁଗ ଧରି ଜଗତ ଭୋଗିଛି ଏଇମିତି ଅବକାଶ ।
ପଦରେ ପଦରେ ଅତୀତ କାହାଣୀ ଭଣିତା ଯେ ମୁଖବନ୍ଧ ,
କବିତାର ସୁଖ ହୃଦୟେ ଭରଇ ଆନନ୍ଦ ପରମାନନ୍ଦ ।।

ଶବଦ ଶବଦେ ସତ୍ୟ ର କାହାଣୀ ଖୋଜି କରେ ଉଜାଗର,
ପ୍ରେମ ହେଉ ଅବା ପ୍ରତାରଣା କଥା ଦୁଃଖଭରା ସରସର।
କିଏ ଯୁଦ୍ଧେ ହାରେ ଜୀବନ କାହାର ରକତ ଜୀବନ ଗାଥା,
କବିତା ଗୋଟାଏ ସବୁ ସେ କାହାଣୀ ବଖାଣେ ଚରିତ ବ୍ୟଥା।

କବିତା ସିଏ ତ' ବନ୍ଧନ ବାନ୍ଧଇ ଏକ ଯୁଗ ସହ ଆର,
ମଣିଷ ସମାଜେ ଇତିହାସ ଗାଇ ରହିଥାଏ ନିରନ୍ତର ।।

୫୪, ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାମ ଥିବା ଯାଏ ମୋର ମୋର

ଅଲେଖ ମେହେର



କାମ ଥିବା ଯାଏ ମୋର ମୋର
କୀର ରଖିଥିଲି ପ୍ରୀତିର ସରାଗେ
ଉର ଦେଶେ ଦେଇ ସ୍ଥାନ,
ପର୍ଣ୍ଣର ଉଦ୍ଗମେ ବାସ ଛୁଟୁଥିଲା
ଡାକ ଶୁଣୁଥିଲା କାନ ।
ଚାରା ଦ୍ରୁମ ହେଲେ ପ୍ରୟୋଜନ ନାହିଁ
ଯେସନେ ମୂଳରେ ନୀର,
ସ୍ୱାର୍ଥୀର ବାସନା ସ୍ୱାର୍ଥ ପ୍ରାପ୍ତି ଯାଏ
ବଚନ ଅମୃତ ଧିର ।
ପ୍ରଶାନ୍ତ ଅମ୍ବରେ ପକ୍ଷ ମେଲି ଉଡେ
ବିଲୋକିଲେ ଲାଗେ ପ୍ରୀତ,
ଅମିୟ ବଚନ ବଲଗି ଡାକିଲେ
କରଇ ପାଖ ତ୍ୟକତ ।
ଝୁରେ ବସ୍ର ଦେଶ ଅଫେରା ଦିବସ
ଅନ୍ୱେଷି ଇକ୍ଷଣ ଭାଳେ,
ମୁକ୍ତ ଗଗନରେ ଉଡିବୁଲୁ ମୋଦେ
ସୁଖେ ବସୁ ତରୁ ଡାଳେ ।
ରାତ୍ରିର ଅନ୍ଧାରେ ଘସ୍ର ଅନ୍ୱେଷଣ
ମରୁଭୂମିରେ ବରଷା ,
ବାଞ୍ଛା ଅବାଞ୍ଛିତ ଜନେ ଜାଣିଗଲେ
ହେବ ସିନା ଲୋକ ହସା ।
ପାଇଲେ ବି ଧୋକା ଶୁଭ ମନାସିବା
ଯେଣୁ ଛାଡେ ନାହିଁ ମନ,
କିପାଇଁ ମଣିବି ଆପଣାକୁ ପର
ଅର୍ପିଲେ ବି ଖେଦ ଘନ ।
ଭାବର ବଜାରେ ଅଭାବ କୃପଣ
ସ୍ୱାର୍ଥାନ୍ଧ ପକାଏ ଜାଲ,
ତାଳ ବଣ ପଥେ ଅତିକ୍ରମ ବେଳେ
ଶିରରେ ପଡଇ ତାଳ ।
ସମୟ ଫେରିବ ସୁଦିନ ଆସିବ
ଅଟେ ମିଛ ପ୍ରବୋଧନା,
ବହିଗଲା ପାଣି ଧନୁଛଡା ତୀର
ମୁଖର କଥା ଫେରେନା ।

ଅଲେଖ ମେହେର (ଯାଯାବର )

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ କ୍ୟାମେରା

ଅନିତା ପ୍ରଧାନ

ଲିଭିଗଲା ଗୋଟିଏ ଜୀବନ ଦୀପ
ସ୍ୱପ୍ନ ବାସ୍ତବତାର ସନ୍ଧି ତଳେ,
ଧୂଳି ଝଡ଼ ପରି ବୋହି ଗଲା
ଗୋଟେ ବାପାର ଯତ୍ନର ସମ୍ପଦ....
ଗର୍ଭ ଧାରିଣୀର ଆଖିରୁ ନିଗିଡ଼ି ଗଲା
ଦଶ ମାସର ଆବିଳତା,
ପ୍ରମାଣ ଶୂନ୍ୟ ସେ ନିର୍ଜୀବ କ୍ୟାମେରା
କିନ୍ତୁ ମନ କ୍ୟାମେରାକୁ ତୁ କେମିତି ଲୁଚେଇବୁ.. ?

ଯିବା ଯାତ୍ରୀ ଯେ ବାହୁଡ଼ି ଗଲା
ଧାରେ ଲୁହ, ମେଞ୍ଚାଏ କୋହ
ରକ୍ତ ଭିଜା କିଛି ସ୍ୱପ୍ନକୁ କୁଢ଼େଇ....
କିନ୍ତୁ ଜୀବନର ଶେଷ ପର୍ଯ୍ୟନ୍ତ ତୋ କାନ ପାଖରେ
ସେଇ ଆକୁଳ ଚିତ୍କାରକୁ ସହ୍ୟ କେମିତି କରିବୁ.. ? ?
କର୍ଣ୍ଣ ପଟକୁ ଚିରି, ଛାତି ଭିତର ଭେଦି
ସେଇ ଅସହାୟ କଣ୍ଠ ସ୍ୱରକୁ,
କେତେ ଦିନ ତୁ ଆବଦ୍ଧ କରି ପାରିବୁ ନିଜ ଭିତରେ.. ? ?

Listen to Odia Podcast Original at https://youtube.com/@drjyotiprasad

ଅର୍ଥ ସମ୍ମାନ ପ୍ରତିପତ୍ତି ପ୍ରତିଷ୍ଠା

ଲୋଭରେ ଅନ୍ଧ ହେଇଛୁ ପରା.. ! !

ସକ୍ଷମ ବଳରେ ନିଶ୍ଚୟ ସଭିଙ୍କୁ ଠକିଯିବୁ,

ଭାରି ବାହାସ୍ଫଟ ନା... ? ?

ଅନ୍ଧ ହେଇପାରେ ଏ ଭାରତୀୟ ଆଇନ...

ହେଇପାରେ ମୂକ ଗଣତନ୍ତ୍ର ଶାସନ...

ହେଇପାରନ୍ତି ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱାର୍ଥନ୍ୱେଷୀ...

ଉପରକୁ ଟିକେ ଚାହାଁ,

ଜଣେ ବସିଛି ନ୍ୟାୟଦାତା ସାଜି,

ଧନୀ ଦରିଦ୍ରର ଭେଦ ନାହିଁ ଯାହା ନ୍ୟାୟ ପୃଷ୍ଠାରେ....

ତା ନ୍ୟାୟ ବିଚାରରୁ କେମିତି ମୁକୁଳିବୁ... ? ?

ଭେଳା ଭେଳା ଲହୁ ଲହଡ଼ି ଭିତରେ

ସେଇ ଅଶ୍ରୁସିକ୍ତ ବେଦନାକ୍ତ ମୁହଁକୁ ଚାହିଁ

ଥରୁଟିଏ ଦୟା ଆସିଲାନି ତୋର... ? ?

ନିର୍ଜୀବ ଦେହଟା ଭିତରେ ଏମିତି କୋଉ ଆକର୍ଷଣ ଆକର୍ଷିତ କଲା ତୋତେ... ?

ମାନବିକତାକୁ ଜଳାଞ୍ଜଳି ଦେଇ

ସାମାନ୍ୟ ମଣିଷ ପଣିଆ ହଜେଇ....

କ୍ଷଣକରେ ଖିନ୍ ଭିନ୍ କରିଦେଲୁ,

ଗୋଟେ ମାଆର ମମତା ବୋଲା ପଣତ କାନି

ବାପାର ଆଶା ଆସରା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଇର ସମ୍ମାନ... ଗୋଟେ ଭଉଣୀର ଅଭିମାନ

ଆଉ ଗୋଟେ ନାରୀର ସ୍ୱାଭିମାନ... ! !

ଛିଃ ଛିଃ ଛିଃ... ରେ କଳିଯୁଗ ଲମ୍ପଟ ପୁରୁଷ.. ! !

ତୁ ବଳିଗଲୁ ସେ ଦ୍ୱାପର ଦୁଃଶାସନ ଠାରୁ...

ତ୍ରେତୟା ରାବଣ ଠାରୁ...

ଦେବରାଜ ଇନ୍ଦ୍ରଙ୍କ ଠାରୁ...

ଥରେ ଭାବି ଦେଖ ତ,

ନାରୀ ଆଖିର ନିଆଁରେ କେମିତି ଜଳିଥିଲେ ସେମାନେ

ଡ଼ହ ଡ଼ହ ହେଇ.. !

କଣ ଭାବୁଛୁ... ? ପ୍ରମାଣ ମିଟେଇ ଦେଇ ବର୍ତ୍ତିଯିବୁ.. ?

କଳିଯୁଗର ସୁରକ୍ଷା ଚାଦର ତଳେ

ଅର୍ଥ ପ୍ରତିପତ୍ତିର ଘଣ୍ଟ ତଳେ.... ବଞ୍ଚିଯାଆ,

ବେଶି ଦିନ ନୁହେଁ ଏଇ ଲୁଚକାଳି ତୋର....

ମନ କ୍ୟାମେରାରେ ତୋର

ନିସ୍ତବ୍ଧ ରାତିରେ, ନିଶ୍ଚୟ ଫୁଟି ଉଠୁଥିବ

ଜ୍ୱଳନ୍ତ ଯାଜ୍ଞସେନୀ ଓଠର ସେ ଦର ଫୁଟା ହସ....

ସେଇ କୁହାଟ, ଆରକ୍ତ କ୍ରନ୍ଦନ

କର୍ଣ୍ଣଭେଦି କ୍ଷତାକ୍ତ କରି ଦେଉଥିବ ତୋତେ ବାରମ୍ବାର...

ରେ କଳିଯୁଗ ନାରୀ ଦେହଲୋଭୀ ଲମ୍ପଟ.. !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଶି ବିଳମ୍ବ ନାହିଁ ଆଉ ପାପୀ ସଂହାରର,

ବାଜିଲାଣି ରଣ ହୁଙ୍କାର....

ଶୁଭିଲାଣି ଉତ୍କଟ ଗର୍ଜନ, କାଳ ଭୈରବର....

ନାହିଁ ବିଳମ୍ବ ଆଉ

ପୁଣି ଏକ ମହା ସଂଗ୍ରାମର....

ମହାଭାରତର....

ବୌଦ୍ଧ, ବନ୍ଧାପଥର


ମୋବାଇଲ ନମ୍ବର - ୭୭୫୦୦୯୨୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ କେମିତିକା ଜୀବନ ?

ଦୀପକ ରଂଜନ ଜେନା



ଦୁଇ ହାତରେ ମୁଁ ମୁଠେଇ ଧରିଛି

ଦୁଇଟି ଜୀବନ

ଗୋଟିଏ ଧୂ ଧୂ ଗ୍ରୀଷ୍ମକାଳ,

ଉତ୍ତପ୍ତ ମଧ୍ୟାହ୍ନ

ଅନ୍ୟଟି ପୁଷ୍ପଭରା କୃଷ୍ଣଚୂଡ଼ା,

ଦକ୍ଷିଣାପବନ

ଏ କେମିତିକା ଜୀବନ ?

ଜଳୁଥାଏ ମହୀ ଏଠି,

ଜଳୁଥାଏ ମନ

ଅନନ୍ତ ସମୁଦ୍ର ଗର୍ଭେ,

ଦୀପଟିଏ ପରି

ଦିଶେନାହିଁ କାହାମୁହଁ,

ବୃକ୍ଷଲତା ପ୍ରିୟପରିଜନ

ପ୍ରତୀକ୍ଷାରେ ସରୁଥାଏ,

ଦିନପରେ ଦିନ

ଏ କେମିତିକା ଜୀବନ ?

ଗୋଟେ ପାଦ ମାଟି ପରେ,

ଅନ୍ୟଟି ଉର୍ଦ୍ଧ୍ୱରେ

ମନ ଦୋଳି ଖେଳୁଥାଏ,

ଶୂନ୍ୟର ଦୋଳାରେ

ଏ ମାଟିରେ ବର୍ଷାଆସେ,

ତାପରେ ନିଦାଘ

ବହୁଥାଏ ମଳୟପବନ,

ଅଥଚ ପୁରା ପ୍ରାଣଶୂନ୍ୟ

ଏ କେମିତିକା ଜୀବନ ?

ଗୋଟେ ଆଖି ଲୁହେ ଭିଜେ,

ଅନ୍ୟଟିରେ ହସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତିରେ ବିତିଯାଏ,

ଦିନ, ମାସ, ବର୍ଷ

ମାଗିଥିଲି ଫୁଲର ମହକ ପରି,

ପ୍ରାଣମୟ ଜୀବନ

କିନ୍ତୁ ଏ କଣ, ଦେଲ ମୋତେ,

ପତ୍ରଝଡା ଏକ ଗ୍ରୀଷ୍ମଦିନ

ଏ କେମିତିକା ଜୀବନ ?

ରାଜନୀତି ବିଜ୍ଞାନ ଅଧ୍ୟାପକ,

ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,

ପଣ୍ଡୁଆ, ଢେଙ୍କାନାଳ

ମୋ:୯୯୩୮୩୩୫୫୯୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାଲିଯାତ୍ରା

ଅନାମ ଚରଣ ସାହୁ



ଉତ୍କଳ ରାଇଜ ଯହିଁ ଜଗନ୍ନାଥ
ଶଙ୍ଖକ୍ଷେତ୍ରେ ବିରାଜିତ
ସେ ଦେଶ ସଂସ୍କୃତି ଗଗନ ଜଗତି
ସିଂହାସନେ ଅବସ୍ଥିତ ।

କଟକ ନଗର ମହାନଦୀ କୂଳ
ବାରବାଟୀ ଦୁର୍ଗ ପାଶେ
ସାଧବ ପୁଅର ସ୍ମୃତି ଉଦ୍‌ଜିବିତ
କାର୍ତ୍ତିକର ପୌର୍ଣ୍ଣମାସେ ।

ବିପଣି ମାଳାରେ ବିଜନ ମୁଖର
ନାନା ସ୍ଥାନ ନାନା ଦ୍ରବ୍ୟ
ନୂତନ ଉତ୍କଳ ନବ କଳେବର
କେଡ଼େ ନବ୍ୟ କେଡ଼େ ଭବ୍ୟ ।

ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ଦୂର ଦୂରାନ୍ତରୁ ଜନ
ଗହଳି ଚହଳି ଦିବ୍ୟ ମନୋହରୀ
ମୋହିଥାଏ ଜନମନ ।

ସେକାଳେ ସାଧବ ବୋଇତ ମେଲାଇ
ସାତସିନ୍ଧୁ ପାର ହୋଇ
ବୋର୍ଣ୍ଣିଓ, ସୁମାତ୍ରା ଜାଭା ସିଂହଳକୁ
ଯାଉଥିଲେ ଦ୍ରବ୍ୟ ନେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବସାୟ ସାରି ବୋଇତରେ ଭରି

କେତେ ଧନ ଦଉଲତ

କଳିଙ୍ଗ ସାଗରେ କଳିଙ୍ଗ ବକ୍ଷରେ

ହେଉଥିଲେ ଉପଗତ ।

ଦୁର୍ବାର ସାହସୀ ଏହି ରାଜ୍ୟ ବାସୀ

ହାରିବା ଜାତକେ ନାହିଁ

ଯେ ଘରର ପୁଅ ପ୍ରଭୁ ଜଗନ୍ନାଥ

ହାରିକି ପାରିବ ସେହି ।

କର୍ପୂର ଉଡିଛି କନା ପଡିଅଛି

ବିଶ୍ୱରେ ରହିଛି ଟେକ

ବୀର ଜାତି ଆମେ ଦେଖାଇବା କାମେ

ଉଡାଇ ଜାତି ବୈରଖ ।

ବିଭୁତିପୁର, କାକଟପୁର, ପୁରୀ




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେମିତି ଜାଣିବି କିଏ ମୋ ନିଜର

ଅନନ୍ତ କୁମାର



ସବୁ ତ ଏଠି ମୋହ ମାୟା ସଂସାର
ସ୍ୱାର୍ଥ ଥିଲେ ସବୁ ଏଠି ନିଜର
ସ୍ୱାର୍ଥ ସରିଗଲେ ହୁଅନ୍ତି ତ ପର
କେମିତି ଜାଣିବି କିଏ ନିଜର ।

ସାଙ୍ଗସାଥୀ, ସହୋଦର ସଭିଙ୍କୁ ନିଜର କଲି
ନିଜକୁ ସର୍ବସ୍ୱ ଭୁଲି ଯାଇ ।
ବିପଦ ଆପଦରେ ରଡ଼ି ଛାଡିଲି ଯେବେ
କେହି ହେଲେ ଦେଖା ଦେଲେ ନାହିଁ ।

ଭାଇ, ଭଉଣୀ, ଭାରିଜା ସବୁ ନିଜର କରନ୍ତି
ଆବଶ୍ୟକ ପୂରଣ ପାଇଁ ।
ଶୋଷ ମେଣ୍ଟିଗଲେ ସ୍ୱାର୍ଥ ତାଙ୍କ ପୁରିଗଲେ
ପଛକୁ ଚାହାନ୍ତିନି କେହି ।

ମିଛ, ମାୟା, ସଂସାରେ ସବୁ ମାୟା ମରିଚିକା
ସର୍ବେ ଏଠି ମୋହରେ ଭରା
ଆପଣା ପର ଚିହ୍ନୁ ଚିହ୍ନୁ ବେଳ ଚାଲିଯାଏ
ରହିଯାଏ ପୁଣି  ଅଧୁରା ।

ବୁଢିଆଣୀ ଜାଲ ସଦୃଶ ଭରା ସଂସାର
କେମିତି କିପରି ଖୋଜିବି  ନିଜର
ଆଜି ଯିଏ ନିଜର କାଲି ତ ହୁଏ ପର
କେମିତି ଜାଣିବି କିଏ ମୋ ନିଜର ।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଙ୍ଗଠନ
ଭଦ୍ରକ, ମୋବାଇଲ -୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରତିଛବି

ଶ୍ରୀତମ ରଣା



ଲୋଡ଼ା ଅଟେ ପର୍ବତ ଶିଖର ଗିରି
ଲକ୍ଷ୍ୟକୁ ଚାଲେ ମୁଁ ସ୍ଥିର କରି ।
ଜିତିବା ହାରିବା ଧରାରେ ଚାଲେ
ମୁଁ ବା ବର୍ତ୍ତିବି କେମିତି ଭଲେ ।
ଯେତେ ଆସୁଛି ଜୀବନେ ମୋଡ଼
ଭାଙ୍ଗେ ସେହି ତ ଲୁହାର ବାଡ଼ ।
ବିଚ୍ଛୁରିତ ହୁଏ ହୃଦୟଟି ମୋହର
ପ୍ରିୟଜନ ହରାଇବା କେତେ କଷ୍ଟକର ।
ହରାଇଛି ମୁହିଁ ମୋର ସ୍ୱାଭିମାନ
ମୋ ବାପା ଅଟନ୍ତି କେତେ ମହାନ ।
ଜୀବନେ ଦେଇଛନ୍ତି କେତେଯେ ଶିକ୍ଷା
ସେ ଅଟନ୍ତି ମୋହର ଜୀବନ ଦୀକ୍ଷା ।
ଭାଙ୍ଗିଗଲେ ସେ ସଜାଡ଼ି ଦିଅନ୍ତି
ସଂସାର ବାଟରେ ଚାଲିବା ଶିଖାନ୍ତି ।
ଖାଲି ରହିଅଛି ଏକା ତାଙ୍କରି ସ୍ମୃତି
ସେ ମୋ ସପନେ ନିତି ଦିନ ଆସନ୍ତି ।
କୁହନ୍ତି ଭାଙ୍ଗୁଛୁ କାହିଁ ଆରେ ପାଗଳି
ନାହିଁକି ମୁଁ ତୋହରି ପାଖରେ ବୋଲି ।

ଡରୁଛୁ କାହିଁକି କହ ତୁହି ତ ଏତେ
ପ୍ରତିବିମ୍ବେ ରହିଛି ମୁଁ ତୋହରି ସାଥେ ।
ଦେଇଅଛି ମୁହିଁ ତତେ ସୁସଂସ୍କାର
ଉଜ୍ଜ୍ୱଳିତ କରତୁ ନାମ ମୋହର ।
ପ୍ରତିଛବି ତାଙ୍କରି ଭାଶିତ ଆସେ
ଲାଗନ୍ତି ଅଛନ୍ତି ସେ ମୋହରି ପାସେ ।
କରିଛନ୍ତି ମତେ ସେ ଉଚ୍ଚଶିକ୍ଷିତ
ତାଙ୍କରି ସ୍ୱପ୍ନ ପୂରଣ ପାଇଁ ତ ।
କରୁଅଛି ମୁହିଁ ଏବେଠୁ ପଣ
ସାକାର କରିବି ତାଙ୍କ ସ୍ୱପ୍ନ ପୁଣ ।
ଜୀବନେ ଶିଖାନ୍ତି ଚାଲିବାକୁ ଏକା
ଜୀବନ ଅଟଇ ଏକ ଅଗ୍ନି ଶିଖା

ଅନୁଗୁଳ ଆଠମଲ୍ଲିକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବନ୍ଦ କୋଠରୀରେ ମୁଁ

ତାରା ପ୍ରସାଦ ଜେନା



ମୁଁ ସିନା ରହିଛି ବନ୍ଦ କୋଠରୀରେ
ଚିନ୍ତା ମୋର ନୁହେଁ ବନ୍ଦ
ଜଳ ସ୍ଥଳ ନଭ ବିସ୍ତାରିତ ଚିନ୍ତା
ସ୍ୱପ୍ନ ମୋର ବାର ଛନ୍ଦ
.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୦ !

ସୁଖ ଛୁଉଁ ଛୁଉଁ ଦୁଃଖ ଆବୋରୁଛି
ଯନ୍ତ୍ରଣାରେ ଚଳହୀନ
ଭାଗ୍ୟ ବିଡ଼ମ୍ବନା ପଥ ରୋକୁଅଛି
ସ୍ୱାର୍ଥ ବୁଝାମଣା ମନ,
ମନପବନର ଘୋଡ଼ାରେ ଉଡୁଛି
ପବନକୁ କରି ଫାନ୍ଦ
.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୧ !

ଦ୍ୱିଧା ବିଧା ମାରି ନିଃଶ୍ୱାସଟା ଦୀର୍ଘ
ଆଖି କାନ ମୁଣ୍ଡ ଛୁଏଁ
ପଥ ହୁଡ଼ି କିବା ଠିକଣାକୁ ଭୁଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ପର କରି ଧାଏଁ,

ହାରିବାର ଭୟ ବିଗାଡୁଛି ମୋତେ

ହଜିଗଲା ପୂର୍ଣ୍ଣ ଚାନ୍ଦ

.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୨ !

କିଛି ବୁଝିବାର ଅବସୋସ ନେଇ

ଜୀଇବାକୁ ଭୁଲେ ଥଳ

ଶୂନ୍ୟ ଚାନ୍ଦ ଦେଖି ଆଖି ତରାଟୁଛି

ପାଉନାହିଁ ଦେହେ ବଳ,

କଙ୍କାଳର ଭୂତ ନିପଟୁଛି ଅବା

କଣ୍ଠ ରୋଧେ ସତ କାନ୍ଦ

.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼,

ପିନ୍-୭୫୨୦୨୬, ଓଡ଼ିଶା

ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ ବି ଗୀତର ସୁରିଲା ରାଗିଣୀ

ସୁଜିତ କୁମାର ମିଶ୍ର



ସୋରିଷ ଫୁଲର କ୍ଷେତ ହେଉ
ଅବା ସଂଜବତୀର ଧ୍ୱନି
ନାରୀ ବି ଗୀତର ସୁରିଲା ରାଗିଣୀ ।

ଯେଉଁଠି ହୃଦତନ୍ତ୍ରୀ ଖଣ୍ଡଖଣ୍ଡ
ବିମର୍ଷ ବେଦନାର ପାହାଡରେ
ନାରୀ ନିମଜ୍ଜିତ ଆଶାର କିରଣ
ଦୀପ ଦହନର ଦରଦୀ ଆଲୋକରେ ।

ନାରୀ ଓ ଲୁହ
ପାଖ ପଡୋଶୀ
ଜଗତକୁ ଆଲୋକ ପ୍ରକାଶି,
ନିରନ୍ତର ଯୋଦ୍ଧାର ନୀରବ ରଙ୍ଗ ସେ
ବାରମାସୀ ମନ ପ୍ରାଣେ ମାଖି ମାଖି,
ସ୍ୱାଭିମାନର ଆଲୋକବର୍ତ୍ତିକା ନାରୀ
ନା ପଦଲେହନର କ୍ରୀତଦାସ
ନା କୀଟ କ୍ରୀଡ଼ନକର
ଅସରନ୍ତି ପ୍ରଶଂସା ପିପ୍ସାସୀ,

ସେଇଥିପାଇଁ ତ ନାରୀର ପ୍ରେମ ପଣତ
ଅଘୋଷିତ ବସନ୍ତ ମଳୟର
ଭାବ ପୀରତି ।

ସଶକ୍ତ ଲୁହାର ଦେହ ପରି
ନାରୀ ଗଢୁଥାଏ ନିଜକୁ ଭାଙ୍ଗି,
ଭିନ୍ନ ଭିନ୍ନ ରୂପରେ
ବଶୀଭୂତ ବୈଭବରେ,
ନିଜକୁ ମନ ପଞ୍ଜୁରୀରେ କଏଦ କରି
ପର ପାଇଁ ପ୍ରେମରାଗରେ
ସାତରଙ୍ଗୀ,
ଏ ଦୁଃଖର ନଈପଠାରେ
ସେ କିନ୍ତୁ ଅଣଦେଖା ସୁଅର ସହଭାଗୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ଦେହର ସେ ତର୍ପଣ

ତୁମ ଖୁସିର ସେ ଫଗୁଣ

ତୁମ ଆଶାର ସେ ଆମ୍ବ ବଉଳ,

ତୁମ ସ୍ୱପ୍ନର ସେ ମଧୁକାଳ ।

ଘର ଅଗଣାରେ ପହିଲି ଆଶାଢର

ବର୍ଷା ହିଁ ତ ନାରୀ

ଘରର ସୁଖ ସବାରୀ,

ଜହ୍ନରାତିର ମନ ନେଇ

ବିଞ୍ଚୁଥାଏ ସପନ ଆଲୋକ

ଚାଲି ଚାଲି ଏକାକୀ ଏକାନ୍ତରେ ଦୂରପଥ,

କେଜାଣି କାହିଁକି ସବୁଠି ମହୋତ୍ସବ ବେଳେ

ସେ ନିଜ ଭିତରେ ମୋହଟିଏ

ସଳିତା ପରି ।

ବେଶ୍ ଉଡାଣ ଖୋର ସେ

ଶ୍ରଦ୍ଧାର ଡେଣାରେ,

କିଏ ସେ ପ୍ରେମିକ ଚିତ୍ରଶିଳ୍ପୀ

ତା ମନରେ ଯୋଡିବ ଅନୁରାଗର

ବଂଶୀସ୍ୱନରେ ।

ଆସ ଆସ ନାରୀ

ତୁମେ ନିରବଧି ଗୀତ ଗାଅ

ମୁଁ ମୁଗ୍ଧ ଶ୍ରୋତାର ଅଶାନ୍ତ ସାଗର,

ସମର୍ପିତ ଆଳାପ ସୁଅ ।

ଜନାର୍ଦ୍ଦନପୁର ଶାସନ

କେନ୍ଦୁଝର

୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନସ୍ୱିନୀ ସେ ଚିତ୍ରଲେଖା

ଆର୍ଯ୍ୟ ଦାସ



ତୁମେ ଏମିତିକା ବହିର ପୃଷ୍ଠା

ଯେତେ ଆଡେଇଲେ ମନ ବୁଝେନା ,,

ତୁମେ ଏମିତିକା ଅବୁଝା ପ୍ରେମ

ଯେତେ ଦେଖିଲେ ବି ମନ ମାନେନା ।

ତୁମେ ଏମିତିକା ଛବିରାଣୀ......

ତୁମକୁ ଦେଖିଲେ କିଛି କିଛି ହୁଏ ,,

ତୁମ ପ୍ରେମେ ଥରେ ହଜିଗଲେ ସୋନୁ

ଆକାଶ ଯେମିତି ମାଟି ଛୁଏଁ ।।

ଜହ୍ନ ରାଇଜର ପରୀଠୁ ସୁନ୍ଦର

ସତେକି ଅପ୍ସରୀ ତୁମେ ଚିତ୍ରଲେଖା ,,

ନାୟିକା ହେବେ ଯେ ନବବଧୂ ମୋର

ପ୍ରେମ ଦରିଆରେ ହଜୁଥିବା ଏକା ।।

ତୁମ ପାଦ ସଙ୍ଗେ ପାଦ ମୁଁ ମିଶାଇ

ବାଟ ଚାଲୁଥିବି ମୁଁ ଚିତ୍ରଲେଖା ,,

ସାତ ଜନମର ବନ୍ଧନରେ ବାନ୍ଧି

କରିଥିବି ଚିତ୍ରଲେଖା ନାୟିକା ।।

ଠିକଣା : ସପ୍ତଶଯ୍ୟା, ଢେଙ୍କାନାଳ

ମୋ: ୮୧୪୪୫୬୨୮୯୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦିବ୍ୟ ଚେତନା

ସରୋଜିନୀ ମିଶ୍ର



ମନ କାଗଜରେ
ରକତ କାଳିରେ
ଲେଖି ପ୍ରଭୁ, କରେ ନିବେଦନ
ଆଶାର କଳିକା ମୋ
ହେଉ ପ୍ରସ୍ଫୁଟିତ
ହୃଦପଦ୍ମ ଛନ୍ଦି ହେଉ
ତୁମ ପାଦପଦ୍ମେ ।

ଦିବ୍ୟ ଚେତନାର ବାରିତାଳି
ମନ ମରୁଭୂମି ମୋର
କରିଦେବ ଆଦ୍ର
ଦିବ୍ୟରୂପ ପ୍ରତିଭାତ ହେବ
ନୟନ ଯୁଗଳେ
ସୁଗନ୍ଧର ସୌରଭ ଖେଳିଯିବ
ଶରୀର ପ୍ରାଙ୍ଗଣେ
ନାମାମୃତେ ଶୀତଳ ହେବ
ଏ ଦଗ୍ଧ ପରାଣ

ନାମ ସଂକୀର୍ତ୍ତନର
ଦିବ୍ୟ ପିୟୁଷଧାରା
ଶରୀରରେ ବହିଯିବ
ଶୋଣିତର ରୂପେ ।

ଭକ୍ତି ରୂପୀ
ଭାବ ବୀଜଟିଏ
ବୁଣିଦେବ
ହୃଦୟରେ ମୋର
ସତ୍ କର୍ମର ନୀରତାଳି
ଭାବ ଦ୍ରୁମଟିଏ
କରିବାକୁ କରିବି ପ୍ରଚେଷ୍ଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନିସନ୍ଧିତ୍ସୁ  ମନସଦା

କରୁଥିବ

ସତ୍ୟର ସନ୍ଧାନ ।

ହୃଦ ପଞ୍ଜୁରୀରେ ରଖି

ତୁମରି ମୁରତି

ନୟନ ନୀରରେ ଧୋଇ

ତୁମ ପାଦପଦ୍ମ

କରୁଥିବି ସଦା ତୁମ ଧ୍ୟାନ

ପାଇବାକୁ ଚରଣରେ ସ୍ଥାନ

ପାଇବାକୁ ଚରଣରେ ସ୍ଥାନ ।

ଆଲୋକ ନଗର, ଆମ୍ବପୁଆ

ବ୍ରହ୍ମପୁର, ଗଂଜାମ, ଓଡ଼ିଶା

ଭ୍ରାମ୍ୟ ଭାଷ- ୯୯୩୮୪୬୫୨୦୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମର ସେଇ ରୂପରେ

ସନାତନ ମହାକୁଡ଼



ମୂଳ ରଚନା ବଙ୍ଗଳା- ଆଗନ୍ତୁକ

ଓଡ଼ିଆ ଭାଷାନ୍ତର- ସନାତନ ମହାକୁଡ଼

ତୁମର ସେଇ ରୂପରେ
ମୁଁ ଯେ ମରୁଛି ଦିବାରାତ୍ର
ତେବେ କାହିଁକି ବୁଝନା
ମୋ ମନର ଧାରାପାତ ।

ତୁମର ସେଇ ଚାହାଣିରେ
ଦେଖେ ଖାଲି ମୋର ମୁଖ
ତେବେ ଅବ୍ୟକ୍ତ ମନର ଭାଷା
ସମ୍ମୁଖେ ଆସିଲେ ହୋଇଯାଏ ମୂକ ।

ଗ୍ରାମ/ପୋ.ଅ- ବେରୁଆଁବାରୀ ୭୫୨୦୮୨
ଜିଲ୍ଲା- ନୟାଗଡ଼, ଓଡ଼ିଶା।
ଦୂରଭାଷ: ୯୩୩୯୬୨୦୧୬୮
ଇମେଲ: sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା

ଆଶିଷ କୁମାର ସାହୁ



କେତେ ଦେଶ ବୁଲି, କେତେ ଲୋକ ଦେଖି
ଦେଖିଲିନି ତୋ ପରି,
କେତେ ଗୁଣ ଗାଉ, କେତେ ସୁଖ ଦେଉ
କିଏ ନୁହେଁ ତୋର ସରି ।।୧।।

ମମତାର ଢେଉ ଜୀବନରେ ରହୁ
ଚିରଦିନ ଆହେ ପ୍ରଭୁ,
ଆଙ୍ଗୁଳି ଯାହାର ଧରିକି ଚାଲିଲି
ଓଠ ତାର ହସୁ ଥାଉ ।।୨।।

କେତେ ଦିନ ଗଲା କେତେ ରାତି ହେଲା
ହେଲା ନି ତୋ ପ୍ରେମରେ କମି,
କି ସୁଖ ରହିବ, କି ସ୍ନେହ ପାଇବି
ତୁ ନ ଥିଲେ ମୁଁ ଆଉ ।।୩।।

ଦୁଃଖ କଷ୍ଟ ଛାଇ ପଡିବା ଆଗରୁ
ଆଗରେ ତୁ ଠିଆ ହେଉ,
ଋଣ ତୋ କେମିତି ସୁଝିବି ମୁଁ କହ
କିଭଳି ପାଇବି ଆଉ ।।୪।।

ଦଶ ମାସ ଦଶ ଦିନ ଗର୍ଭେ ଧରି
ଶରୀର ଗଢ଼ିଲୁ ତୁହି,
ଜୀବନ ତୁ ଦେଲୁ ବାଟ ବତେଇଲୁ
ପ୍ରଥମ ଗୁରୁ ତୁ ହୋଇ ।।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଣତକାନି ତୋ କବଚ ମୋ ପାଇଁ
ସ୍ନେହ ତୋର ଯେ ଔଷଧ,
ସପନ ମୋ ସତ ହୁଏ ଖାଲି ଆଜି
ତୋର ସେ ସଂଘର୍ଷ ପାଇଁ ।।୬।।

କଣ ବା ଲେଖିବି,ଯେତେ ଲେଖିଲେ ବି
ତା ଠାରୁ ଅଧିକା ହେଉ,
ଶବ୍ଦ ମିଳେନାହିଁ ଲେଖିବାର ପାଇଁ
ଲେଖା ମୋର ଅଧା ରହୁ ।।୭।।

ଯେତେ ବର୍ଣ୍ଣିବି ମା, ଯେତେ କହିବି ମୁଁ
ସବୁତ ଆଜି ତୋ ପାଇଁ,
ଯେତେ ଦୁଃଖ ମୋର ହସି ନେଇଗଲୁ
ସୁଖକୁ ଅଜାଡି ଦେଇ ।।୮।।

ଜିଲ୍ଲା -କଳାହାଣ୍ଡି, ଭବାନୀପାଟଣା
ଆଳାପ : ୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାୟାର ଯେମିତି ଛାୟା

ନିରଞ୍ଜନ ସାହୁ



ତୁମରି ପ୍ରେମରେ ବାନ୍ଧି ଦେଲନି ଯେ
ମୋତେ କରିଦେଲ ବାୟା
କଦାପି ତୁମକୁ ଭୁଲି ପାରୁନି ମୁଁ
ଆବୋରିଛି ତୁମ କାୟା ।

ଶୟନେ ସପନେ ଅବା ଜାଗରଣେ
ତୁମ ପ୍ରତିଛବି ଦିଶେ
ତୁମ ପାଇଁ ମୁହିଁ ବହୁଦୂରେ ଧାଇଁ
ତୁମ ସହ ଟିକେ ମିଶେ
ତୁମଠୁଁ ଦୂରେଇ ରହିପାରେ ନାହିଁ
ତୁମେ ମୋ ଦେହର ଛାୟା ।

ସତରେ ଏମିତି କାହିଁକି କରୁଛ
କହିବ କି ମୋତେ ଖୋଲି
ଜୀବନଟା ଲାଗେ ରଙ୍ଗୀନ ରଙ୍ଗୀନ
ସତେ ସପ୍ତରଙ୍ଗୀ ହୋଲି
କେବେ ସ୍ୱପ୍ନ ମୋର ପୂରଣ ହୋଇବ
ତୁମେ ସାଜିବ ମୋ ଜାୟା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୋଲକାତା ଡାଏରୀର କିୟଦଂଶ

ନୀଳମଣି ଚାନ୍ଦ



ଶୀତ ଫେରୁଥିଲା ନା
ବସନ୍ତ ଆସୁଥିଲା ବୋଲି
ବଉଳମାନେ ସଜବାଜ ହେଉଥିଲେ,
କୋଲାହଳରୁ ଖୁବ୍ ଦୂରକୁ ଆସିବାବେଳେ
ମୋର ମନେ ହେଉଥିଲା
ଏ ପରିବେଶ
ଖୁବ୍, ଶାନ୍ତ ଓ ସୁନ୍ଦର
ଠିକ୍ ପ୍ରିୟତମା ପରି ।

ମଥା ଉପରକୁ ଟେକିବା ବେଳେ
ମୋତେ ଆକର୍ଷିତ କରୁଥିଲା
କିସମ କିସମ ଫୁଲ
ଆମ୍ବ ଗଛ ମୂଳ ଓ ଚଉତରା
ଯେଉଁଠି ଶାକ୍ୟମୁନୀ ପରି
ଧ୍ୟାନମଗ୍ନ ହେଲି
ରବୀନ୍ଦ୍ରନାଥଙ୍କ ପରି
ଲେଖିଲି କିଛି କବିତା ଲେଖିଲି

ସେ ସବୁ ମୋ ସାଙ୍ଗରେ ଥିଲା
କୋଲକାତାକୁ ଫେରିବା ଯାଏ ।

ସେ ଛୁଟିଦିନର ମଜାସବୁକୁ
ମିଶେଇ ଫେଣ୍ଟିବା ବେଳେ
ମୋତେ ଉତ୍‌ଫୁଲିତ କରିଥିଲା
ରଞ୍ଜିତର ବଗିଚାରେ
ଆମ ଛୋଟ ପିକନିକ୍ ।

୨୭, ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ କବିଟିଏ ହୁଅନ୍ତି କି !

ଶିଲ୍ପାଲିପି ବେହେରା

କବିଟିଏ ମୁଁ ହୁଅନ୍ତି କି
କବିତା ଲେଖନ୍ତି
ଶବ୍ଦରେ ଶବ୍ଦରେ ଉତାରି ଦିଅନ୍ତି
ମାନ ଅଭିମାନ, ଦୁଃଖ ଆଉ ଦୈନ୍ୟ
ଖୁସିରେ ଅଧୀର ହୋଇ ଲେଖନ୍ତି କବିତା
ଶବ୍ଦରେ ମାଖିଦିଅନ୍ତି ମୁଁ ଯେ ମାଦକତା ।

କବିତା ମୋ ଭିଜେଇ ଥାନ୍ତା
ବୈଶାଖରେ,
ଜଳେଇଥାନ୍ତା ଶିଶିର ରେ,
ଥରେଇଥାନ୍ତା  ନିଦାଘ ରେ,
ମୁଁ ପାଲଟି ଯାଇ ଥାନ୍ତି
ମୁକୁଟ ବିହୀନ ସମ୍ରାଟ ।

ମୁଁ ପର୍ବତରେ ପଦ୍ମ ଫୁଟେଇ ପାରନ୍ତି
ବୁଢ଼ୀ ଅସୁରୁଣୀ କାହାଣୀ ପେଡି ଖୋଲନ୍ତି
ଶବ୍ଦରେ ମୋତି ମାଣିକ୍ୟ ଗୁନ୍ଥାନ୍ତି
ସେ ମାଳାକୁ ମୋ ପାଠକମାନଙ୍କୁ
ଭେଟି ଦିଅନ୍ତି ।

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର
ଫୋନ୍ : ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅତୀତ

ପ୍ରଶାନ୍ତ ବ୍ରହ୍ମା



ସତେ ହଜି ଯାଇଅଛି ସେ ଅନେକ
ଖୋଜିଲେ ମିଳିଲା ନାହିଁ
ମନେ ପଡିଗଲେ ସେଦିନର କଥା
ଆକାଶକୁ ରହେ ଚାହିଁ ।

ସତେ ଆସନ୍ତା ଫେରି ସେଦିନ ସବୁ
ଯାଆନ୍ତି ସେଥିରେ ଭିଜି
ସମୟ ବାହୁରେ ବଦଳି ଯାଇଛି
ଅନେକ ଗୁଡ଼ାଏ ହଜି ।

ଆଜିବି ଖୋଜୁଛି ଅତିତକୁ ଝୁରି
ମନରେ ଭରି କଳ୍ପନା
ଅତିତକୁ ଖୋଜି ଝୁଣ୍ଟେ ସିନା ପରା
ତଥାପି ରହେ ଭାବନା ।

ସତରେ ଫେରିବ କି କଣ ସେ ଦିନ
କାହିଁ ମନେ ଲାଗେ ନାହିଁ
ଯଦି ହୁଅନ୍ତା ଏପରି ସେ ସମୟ
କିଛି ବଦଳିବ ନାହିଁ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତଥାପି ଗାଆଁଟା ବାସୁଛି

ଶିଶିର କୁମାର ପଣ୍ଡା



ଆମ ଗାଆଁ ଆଉ ଗାଆଁ ପରି ନାହିଁ
କୋଠା ହୋଇଲାଣି ଗୋଟାକୁ ଗୋଟା
ଆଗପରି କେହି ବିଲକୁ ଯାଉନି
ହାତରେ ଧରିକି ପିତଳ ନୋଟା ।
ପଡ଼ିଆ ଗଡ଼ିଆ ଗନ୍ଧଉ ନାହିଁକି
ଅସନା ହଉନି କୋଉଠି ଆଉ
ମାଗଣା ଚାଉଳ ପାଉଛି ବୋଲିକି
ମୁଢ଼ି ବିକୁନାହିଁ ବଳିଆ ସାହୁ ।
ବିଲବାଡ଼ି ସବୁ ଘାସରେ ପୁରିଛି
ଚରିବାକୁ ନାହିଁ ବଳଦ ଗାଈ
ଫକୀର ଭାଇଟା ଦିନବେଳେ ଶୋଇ
ଘଡ଼ିଘଡ଼ି ଖାଲି ମାରୁଛି ହାଇ ।
ପାଇପ୍ ରେ ପାଣି ଗାଆଁକୁ ଆସୁଛି
କଳ ଖୋଲିଦେଲେ ପଡୁଛି ଝରି
ଶୁଣୁଛି ସୁକୁଟା ଦାଦୀଟା କୁଆଡ଼େ
ତିନିମାସ ହେଲା ଗଲାଣି ମରି ।

ଗାଆଁରୁ ଏମୁଣ୍ଡ ସେମୁଣ୍ଡ ଗଣିଲେ
ଆଠଟା ହୋଇବ ମାରୁତି ଗାଡ଼ି
ଗାଆଁଟୋକା ଏବେ କଥା କଥାକରେ
ଘରୁ ଆଣୁଛନ୍ତି ପିସ୍ତଲ କାଢ଼ି ।
ତଥାପି ଗାଆଁଟା ଗାଆଁ ପରି ଲାଗେ
ଉଠୁପଛେ ସେଠି ଗଞ୍ଜେଇ ଧୂଆଁ
ଅଛି ସେ ମାଟିରେ ମମତା ମହକ
ପବନ ଅଟେ ତା' ହୃଦୟ ଛୁଆଁ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୌଦାଗର

ସରୋଜ କୁମାର ସାହୁ



ସିନ୍ଦୁର ଲାଗିନି ମଥାରେ ତୁମର
ଆଜିବି କନିଆଁ ରହିଛ ତୁମେ
ଏତେ ମାନସିକ ହୃଦୟେ ପାଳୁଛ
କିଏ ରହିଛି ଗୋ ତୁମରି ପ୍ରେମେ ।

କାହାପାଇଁ ନିତି ସଞ୍ଜ ସକାଳେ
ଚଉରା ମୂଳରେ ଜାଳୁଛ ବତୀ
କଜ୍ଜଳ ନାଉଛ ତାରି ନାମରେ
ଉଜାଗର ରଖି ଗହଳ ରାତି ।

ଅଳସ ଆଖିର ନିଦୁଆ ସକାଳ
ତାହାରି ପରଶ ନୀରବେ ଚାହେଁ
କିଏସେହି ପ୍ରିୟ ତୁମ ସୌଦାଗର
ଖୋଲି କହିଦିଅ ତୁମରି ମୁହେଁ ।

ସପନ ସଜାଇ ରଖିଛ ଲୁଚାଇ
ଲାଜେ କହିବାକୁ କୋଳରେ ବସି
ଭରିଦେଲେ ଥରେ ମଥାରେ ସିନ୍ଦୁର
ହୋଇବ ଜୀବନେ ଚିର ପ୍ରେୟସୀ ।

ଆଠଗଡ କଟକ
୯୩୪୮୫୭୫୨୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜାଗର

ଅରୁଣ କୁମାର ଦାସ



ଆଶା ଭରସାରେ ଆସିଛି ଧାଇଁ
ଜାଳିବି ଜାଗର ବତୀ
ଦୂର ଦେବାଳୟ ଆଜି ସଜେଇ ହୋଇଛି
ଭକତ  କରେ ବିନତୀ  ।
ମନ  ମନ୍ଦିର  ମୋ ଶୂନ୍ୟ  ରହିଅଛି
ପ୍ରାଣର  ଠାକୁର ପାଇଁ
ଭକତି ପ୍ରଦୀପ ଜାଳୁଅଛି ବସି
ରକ୍ଷା କର ହେ ସାଇଁ  ।
ମାୟା ବନ୍ଧନରେ ଘାଣ୍ଟି ହୋଇ ସଦା
ଆତ୍ମା ମୋର କଳୁଷିତ
ଏକ ରାତ୍ର ଉଜାଗର କଲେ
ଜୀବନ ହେବ ଆଲୋକିତ ।
ପାପ ଦୃଶ୍ୟ ଆଜି ବାନ୍ଧି ଦେଇଛି
ନୟନ ଯୁଗଳ ମୋର
ହାତ ଦୁଇଟା କୁକର୍ମରେ ବନ୍ଧା
କି ପୂଜିବି ତବ ପୟର ।
ସାରା ଜୀବନ ମୋ ଅନ୍ଧାର ଭରିଛି
ପାଇବାକୁ ତବ ଜ୍ୟୋତି
ଜାଗରରେ ଆଜି ଉଜାଗର ହେଲେ
ସତେ କି ମିଳିବ ମୁକତି  ।
କାଳର ରାତିରେ କାଳିମା ବଢୁଛି
ସଂସାର ହୁଏ ଉଛନ୍ନ
ଏକ ବତୀ ଆଜି ହଟାଇ ପାରିବ
ଶଙ୍କାରେ ମନ ଆଛନ୍ନ   ।
ଆଶା ଆଶଙ୍କାରେ ପାଦ ବଢ଼ାଇଛି
ଦେଖିବାକୁ ମହା ଦୀପ
ପୂର୍ଣ୍ଣ କର ପ୍ରଭୁ ମୋର ମନୋବାଞ୍ଛା
ମନୁ ଦୂର ହେଉ ସଂତାପ  ।


ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା,
ଯାଜପୁର ୯୯୩୮୭୩୩୦୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛର ଦୁଃଖ

ଅଙ୍କିତ ସାହୁ



ବନ ମହୋତ୍ସବ ବୃକ୍ଷ ରୋପଣ
ମାଆ ପାଇଁ ଗୋଟେ ଗଛ
ବୃକ୍ଷ ହିଁ ଦେବତା ବୃକ୍ଷ ହିଁ ଜୀବନ
ସ୍ଲୋଗାନଟି ଭାରି ଶ୍ୱାସଛ
[[[୧]]]

ଦଳ ବଳ ଧରି ଗଛ ଲଗାଉଛ
ଆସିଲେ ବର୍ଷାର ଋତୁ
ଗଛଟିଏ ପୋତି ଫୁଟି ଉଠିବାକୁ
ମନ ଭାରି କୁତୁକୁତୁ
[[[୨]]]

ଗଛ ପୋତିଦେଇ ପାଣି ଟିକେ ଢାଳି
ନେତାଏ ଯାଆନ୍ତି ଚାଲି
ମରିଛୁ କି ଆମେ ବଞ୍ଚିଛୁ ଦେଖିବା
ସମସ୍ତେ ଯାଆନ୍ତି ଭୁଲି
[[[୩]]]

ଆମ ଚାରିପଟେ ନଥାଏ ଗୋରାଡା
କିମ୍ବା କଣ୍ଟାର ବାଡ
ଗୋରୁ ଗାଇ ଛେଳି ନିଦଉନ୍ଦରେ ଆସି
ଛୋବାନ୍ତି ଆମର ନାଡ
[[[୪]]]

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ବରଷ ତ ଗଛ ଲଗାଉଛ

ଜଙ୍ଗଲ କେଉଁଠି କହ

ଟାଙ୍ଗରା ଭୂଇଁ ତ୍ ସବୁଆଡେ ପଦା

ଖରା କାଟେ ଡହ ଡହ

[[[୫]]]

ଏ ବରଷ ଗଛ ଆଗାମୀକୁ ନାଇଁ

ଜମା ନେଉନହି ଯତ୍ନ

ତୁଚ୍ଛାତରେ ଫି ବରଷ କରୁଛ

ବୃକ୍ଷ ରୋପଣର ନାଟ

[[[୬]]]

ଏ ଜୀବଜଗତ ବଞ୍ଚିବାକୁ ହେଲେ

ଲଗାଅ, ବଞ୍ଚାଅ ଗଛ

ନେଡି ଗୁଡ଼ କହୁଣୀକୁ ବୋହିଲାନି

ଝୁରି ହେବ ଆଗ ପଛ

[[[୭]]]

ଶ୍ରେଣୀ ନବମ, ଗ୍ଲୋବାଲ୍ ଇଣ୍ଡିଆନ ମଡେଲ ସ୍କୁଲ,

ବିଦ୍ୟାଧରପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଜ୍ଞାନ ଦେଇଛି ନୂଆ ଜୀବନ

ହିମାଂଶୁ ବିଶ୍ୱାଳ



ନାହିଁ ସ୍ନେହ ପ୍ରେମ ନାହିଁ ସେ ମାନ
ନାହିଁ ଧର୍ମ ଜ୍ଞାନ କି ଭଗବାନ;
ସଜାଇ ରଖୁଛି ନିଜର କର୍ମ,
ଜୀବନ ଜୀଇଁବା ନୂଆ କୌଶଳରେ
ହଜାଇ ଦେଇଛି ନୈତିକ ଜ୍ଞାନ
ବିଜ୍ଞାନ ଦେଇଛି ନୂଆ ଜୀବନ ! !

ଦୁରରୁ ଥାଇକି ଦି ପଦ କଥା
ପାଖେ ନାହିଁ କେହି ନେବାକୁ ବ୍ୟଥା
କେବେଠୁ ଜୀଇଁଛି ନୁଆଇଁ ମଥା;
ପୁତ୍ର ସ୍ନେହେ ଆସୁ ନାହିଁ ମରଣ
କେମନ୍ତେ ସାଇତି ରଖିଛି ମନ
ପୁଅ ପାଖେ ନାହିଁ ଅମୁଲ୍ୟ ଧନ
ବିଜ୍ଞାନ ଦେଇଛି ନୂଆ ଜୀବନ ! !

କଳ କୌଶଳରେ ଚେହେରା ଦେଖା
ଲୁହ ପୋଛିବାକୁ ନାହାଁନ୍ତି ସଖା
ବିଜ୍ଞାନ ବଳରେ ପାଏ ଔଷଧ
ଭୁଲି ସେ ଯାଇଛି ପାଖ ବଇଦ
ବିଜ୍ଞାନ ବଳରେ ଜିଏଁ ଜୀବନ
ହଜି ଯାଇଛି ସେ ଆପଣାପଣ
ବିଜ୍ଞାନ ଦେଇଛି ନୂଆ ଜୀବନ।

ଚାଇବସା, ଝାରଖଣ୍ଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ବିଜ୍ଞାନ

ଅନସୂୟା ଦେବତା



ବିଜ୍ଞାନ
ନୁହେଁ ମୁଁ କୁହୁକ
ଲାଗେ କିନ୍ତୁ କୁହୁକ ଠାରୁ ଅଧିକ
କୌତୁହଳ ଆଉ ବେଶ୍ ଆକର୍ଷଣୀୟ
ମଜା ଲାଗେ ଦେଖିବାକୁ ନୂଆଁ ନୂଆଁ ଖେଳ
ନୂଆଁ ରୂପ ଆଉ ନୂଆଁ କଳା କଉଶଳ ।।

ବିଜ୍ଞାନ
ଅଭାବ ପଡ଼ିଲେ ଦିଏ ଜ୍ଞାନ
କରିବାକୁ ସମସ୍ୟାର ସମାଧାନ
ନୂଆଁ ଚିନ୍ତା ଆଉ ଚେତନାର ହୁଏ ଜନ୍ମ
ଖୋଜା ହୁଏ ସାଧାରଣରେ ଅସାଧାରଣର ଜ୍ଞାନ
ଆରମ୍ଭ ହୁଏ ସଂଗ୍ରାମ ସନ୍ଧାନର ଅନ୍ୱେଷଣର ।।
ବିଜ୍ଞାନ
ମୁଁ କେତେ ମହାନ
ମୋତେ ମଣିଷ କରେ ଆବିଷ୍କାର
ନିରନ୍ତର ମଗ୍ନ ରହି ବର୍ଷ ମାସ ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲିଯାଏ ସତ୍ତା, ଭୁଲେ ନିଜେ ନିଜର ଅସ୍ତିତ୍ୱ

କରିବାକୁ ନୂଆଁ ଉଦ୍ଭାବନ, କରିବାକୁ ତାହାକୁ ପ୍ରମାଣ।।

ବିଜ୍ଞାନ

ମଣିଷର ଚିରସାଥୀ ମୁହିଁ

ପ୍ରତିକ୍ଷଣେ ଆଜି ପାଏ ମୁଁ ଆଦର

ମୋ ବିନା ବଞ୍ଚିବା ସିନା ହୁଏ ଅସମ୍ଭବ

କରିଛି କିମିଆଁ ବିନା ମୋର ଲାଗେ ସବୁ ଶୂନ୍ୟ

ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ ।।

ବିଜ୍ଞାନ

ସବୁଠାରେ ମୁଁ ବିରାଜମାନ

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଠାରୁ ଗମନା ଗମନ

ଭୂମିଯାନ, ଜଳଯାନରୁ ମହାକାଶ ଯାନ

ଅଣୁ ଠାରୁ ପରମାଣୁ ଜଡରୁ ଚେତନ

ସବୁଠି ମୋହର ଖେଳ କରୁଛି ମହାନ ।।

ବିଜ୍ଞାନ

କର ଯୋଡ଼ି କରୁଛି ଜଣାଣ

ତୁମ ପାଇଁ ହୋଇଅଛି ସବୁ ପ୍ରଦୂଷଣ

ହାହାକାରେ ଚାଲିଯାଏ କେତେ ଜୀବ ପ୍ରାଣ

ସୃଷ୍ଟିକାରୀ ହୋଇ ପୁଣି ବହେ ମୁହିଁ ଧ୍ୱଂସାତ୍ମକ ଗୁଣ

ବ୍ୟବହାରେ ମୋର ସଦା ରହ ସାବଧାନ ।।

ବିଜ୍ଞାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନୁଛି ଚିର ଅମୂଲ୍ୟ ମୋର ଅବଦାନ

ହେଲେ ବଳିଯାଏ ଏବେ ମୋର ଗୁଣ ଠାରୁ ଖୁଣ

ବିଗିଡି ଗଲାଣି ଜୀବ ଜଗତର ସନ୍ତୁଳନ

ମାତ୍ରାଧିକ ତାପ ସହ କରୁଅଛି ବିଷ ଉଦ୍ଗାରଣ

ସେ ବିଷରେ ଜୀବ ଜାତିର ଘଟୁଛି ପତନ ।।

ବିଜ୍ଞାନ

ଦେଉଛି ବାରତା ତୁମେ ହୁଅ ସଚେତନ

ବେଲ ଥାଉ ଥାଉ ହୋଇଯାଅ ସାବଧାନ

ଜାଣୁ ଜାଣୁ ଶୁଣୁ ଶୁଣୁ ନ ହୁଅ ଅଜ୍ଞାନ

ପ୍ରତି ଉଦ୍ଭାବନ ରେ ନିହିତ ଉଦ୍ଦେଶ୍ୟ ମହାନ୍

ସେହି ଅନୁରୂପେ କାର୍ଯ୍ୟ କର ହେ ସୁଜନ।।

ବିଜ୍ଞାନ ଶିକ୍ଷୟିତ୍ରୀ

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଟୋପ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ଦେବେନ୍ଦ୍ର ନାୟକ



ଜନନୀ ଗର୍ଭରୁ ଯେବେ ଜାତ ହେଲି
ଯାହା ଶୁଣିଲା ମୋ କର୍ଣ୍ଣ
ତାହା ପରା ଅଟେ ମୋର ମାତୃଭାଷା
ତା ବିନା ଜୀବନ ଶୂନ୍ୟ ।

ମାଆର ମମତା ପରି ଲାଗେ ମିଠା
ଯେତେ ବଡ଼ ହେଉଥାଏ
ସେହି ମାତୃଭାଷା ପାଇଁ ଆଜି ମୁଁ ଯେ
ନିଜକୁ ଧନ୍ୟ ବୋଲାଏ ।

ନିଜ ମାତୃଭାଷା ଦେଇ ଥାଏ ଶିକ୍ଷା
ବଞ୍ଚିବା ବଢ଼ିବା ଜ୍ଞାନ
ମାତୃଭାଷା ବିନା ସବୁ ତ ଅନ୍ଧାର
ଧିକ ଦୁର୍ଲ୍ଲଭ ଜୀବନ ।

ଶ୍ରେଷ୍ଠ ଜୀବ ହୋଇ ମୋ ଭାଷାକୁ ଯଦି
କରିଲି ମୁଁ ହୀନିମାନ
କେମିତି କହିବି ମୋ ଭାଷା ମହାନ
ମାତୃଭାଷା ମୋ ଜୀବନ ।

ଆଉ ଯେତେ ଭାଷା ଲେଖିବି ପଢିବି
ଆଗ ମୋର ମାତୃଭାଷା
ସେହି ଭାଷା ମୋତେ ନେଉଛି ଆଗକୁ
ଦେଖାଉଛି କେତେ ଦିଶା ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ଝୁମୁରୀ ସାହୁ



ମୋ ଭାଷା ଓଡ଼ିଆ ସବୁଠୁଁ ବଢ଼ିଆ
ଲାଗଇ ଶ୍ରୁତି ମଧୁର ,
ମୋ ଭାଷା ସମ୍ପତ୍ତି ପୋଥି ଓ ପୁରାଣ
ସରଗ ଠାରୁ ସୁନ୍ଦର ।।

ମାଆ ମୁଖ ବାଣୀ ମାତୃଭାଷା ଗୁଣୀ
ମାତୃଭାଷା କହି ଥାଏ,
ଶୁଣିବା ପଢ଼ିବା କହିବା ଲେଖିବା
ମନେ କୋଟି ଶାନ୍ତି ଦିଏ ।।

ମାତୃଭାଷା ଶିରୀ ବର୍ଣ୍ଣବୋଧ ଧରି
ଆଦ୍ୟ ଅକ୍ଷର ଶିଖିଲି,
ବର୍ଣ୍ଣ ରୁ ଶବଦ  ଶବଦରୁ ବାକ୍ୟ
ମାତ୍ର ଫଳା ପଢିଗଲି ।।

ଭାବ ବୋଧ ପାଠ ହୃଦୟେ ସମ୍ବୋଧ
ଶକତି ଆଣଇ ମନେ,
ରଙ୍ଗମଞ୍ଚ ଧରା ସଂଳାପ ଭାବନା
ଗୁଞ୍ଜରିତ ହୁଏ କାନେ ।।

ଗୀତା ଭାଗବତ ରାମାୟଣ ଗୀତ
ଲେଖିଛନ୍ତି କବି କୁଳ,
କାବ୍ୟ ରୁ କବିତା, ଯାତ୍ରା ଏକାଙ୍କିକା
ପବିତ୍ର ସେ ଗଙ୍ଗାଜଳ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭକ୍ତ କବି, ବ୍ୟାସ କବି, କାନ୍ତକବି
ସନ୍ଥକବି କବିବର,
ପଲ୍ଲୀ, ପ୍ରକୃତି କବି, ଉପେନ୍ଦ୍ର ଭଞ୍ଜ
ଉତ୍କଳ ମଣି ଅମର ।।

ଓଡିଆ ଭାଷାର ସାହିତ୍ୟର ସ୍ରଷ୍ଟା
ଅମୂଲ୍ୟ ତାଙ୍କ କୀରତି,
ପଢିଲେ ବଢ଼ିବା ସମାଜେ ଜିଣିବା
ମହାନ୍ ଭାଷା ସଂସ୍କୃତି ।।

ଶାସ୍ତ୍ରୀୟ ମାନ୍ୟତା ପାଇଛି ମୋଭାଷା
ଗରବେ ନାଚଇ ମନ,
ଓଡ଼ିଶାର ମାନ ଓଡ଼ିଆ ଜୀବନ
ଷଷ୍ଠେ ଅବସ୍ଥିତ ସ୍ଥାନ ।।

ବିଶ୍ୱ ମାତୃଭାଷା ଦିବସ ଉତ୍ସବ
ଫେବୃଆରୀ ଏକୋଇଶି
ପାଳିବା ସରବେ ଆନନ୍ଦିତ ମନେ
ଗରବରେ ମିଳିମିଶି ।।

ସରକାରୀ ଉଚ୍ଚ ବିଦ୍ୟାଳୟ ମଦନପୁର, ଜଟଣୀ,
ଖୋର୍ଦ୍ଧା



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ବୀଣା ସାହୁ



ଜନମିଲା ଦିନୁ ପ୍ରଥମେ ଶୁଣିଲି
ମଧୁବୋଳା ଯେଉଁ ଭାଷା
ଓଠ ମୋ ଛୁଇଁଲା ତା ସ୍ୱର୍ଶ ପାଇଲା
ମା'ର ଭାଷା ମାତୃଭାଷା ।

ତା ଭଲ ପାଇବା ପ୍ରୀତି ନିବିଡତା
ପ୍ରତି ଓଡ଼ିଆଙ୍କ ପ୍ରାଣେ
ସଂସ୍କାର ସଂସ୍କୃତି ପରମ୍ପରା ନିତି
ଭରେ ମହାନତା ଗୁଣେ ।

ଇଂରାଜୀ ଭାଷାକୁ ସଭିଏଁ ଚାହାଁନ୍ତି
ନିଜ ମାତୃଭାଷାକୁ ଭୁଲି
ମାତା ସନ୍ତାନର ମଧୁର ସମ୍ପର୍କ ଧିରେ
ଧିରେ ଯାଉଛି ବଦଳି ।

ମୋ ଭାଷା ଓଡ଼ିଆ ସବୁଠୁ ବଢ଼ିଆ
ଝରଇ ଅମୃତ ଝର
ତାରି କୋଳେ ଖେଳିଛେ ବୁଲିଛେ
କେବେ କରିବାନି ପର ।

ଥିଲେ ଥାଉଁ ପଛେ ଦେଶ ବିଦେଶରେ
ଛାଡିବାନି ନିଜ ଭାଷା
ଗାଇ ଦେଲେ ଗୀତ କହିଦେଲେ ଭାଷା
ମେଣ୍ଟିଯାଏ ପ୍ରାଣ ତୃଷ୍ଣା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁ ଚେଷ୍ଟା ପରେ ମିଳିଛି ଆମକୁ
ଶାସ୍ତ୍ରୀୟ ଭାଷାର ମାନ୍ୟତା
ନିଜ ମା ପାଇଁ ଆଜି ମୁଁ ଗର୍ବିତ
ମାତୃଭାଷା ଆମ ଓଡ଼ିଆ ।

ମାତୃଭାଷାକୁ ସମ୍ମାନ ଦେଇ ସର୍ବେ
କରିବା ଗୌରବମୟ
ଆନ୍ତର୍ଜାତିକ ମାତୃଭାଷା ଦିବସରେ
ମା'କୁ କରିବା ପ୍ରସାର ପ୍ରଚାର ।

ମୋ ଭାଷା ମହକରେ ବାସ୍ନାୟିତ
ଏ ଜୀବନ ପ୍ରତିକ୍ଷଣ
ଅନ୍ୟ ଭାଷାଠାରୁ ମୋ ଭାଷା ଉନ୍ନତ
ଶିକ୍ଷା ଦିକ୍ଷାର ମଧୁର ଆଚ୍ଛନ୍ନ ।
ଯୁଗେ ଯୁଗେ ଏହା ପ୍ରମାଣ ।
ଇତିହାସେ ଏହା ପ୍ରମାଣ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

କବିତା ଦାଶ



କେମିତି ଚାଲିବ ଜାତି ନନ୍ଦିଘୋଷ
ସଭିଏଁ ସ୍ୱାର୍ଥରେ ବନ୍ଧା
ମାତୃଭାଷା ଏଠି ଗୁମୁରି କାନ୍ଦୁଛି
ପାଦେ ତା ଶିକୁଳି ଛନ୍ଦା ।

ମଞ୍ଚୁଆଳ ଯେତେ ସାଜିଛନ୍ତି ସବୁ
ଭାଷାର ଉନ୍ନତି ପାଇଁ
ନିଜର ପ୍ରତିଷ୍ଠା ସମ୍ମାନ ବଢାନ୍ତି
ବାହା ବା ନେବା ପାଇଁ ।

ଭାଷଣ ବାଜିରେ ବଡ଼ ବଡ଼ କଥା
କାମରେ ଭିତର ଫମ୍ପା
ତୋଷାମଦିଆର ରାଜୁତି ଚାଲିଛି
ଭାଷାର ଉଡଇ ହଂସା ।

ଟଙ୍କା ପଇସାରେ ତଉଲା ହୁଅଇ
ଉପାଧି ଓ ମାନପତ୍ର
ସ୍ୱର୍ଣ୍ଣ ପଦକ ବା ଡକ୍ଟରେଟ୍ ଡିଗ୍ରୀ
ବଦଳ ଉଦଳ କାର୍ଯ୍ୟ ।

ଲେଖା ପଢ଼ିବା ବା ଭାଷାକୁ ଚିହ୍ନିବା
ସମୟ ପାଖରେ କାହିଁ
ମାତୃଭାଷା ଶୁଦ୍ଧେ ଲେଖି ନ ହୁଅଇ
ମାନପତ୍ର ଗଦା ଥୋଇ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପାଞ୍ଚ ଆଙ୍ଗୁଠିତ ସମାନ ନୁହଁଇ
ସଭିଏଁ ନୁହଁନ୍ତି ଏକା
କିଛି ଭାଷାପ୍ରେମୀ ଅଛନ୍ତି ବୋଲିତ
ଅଛି ଆମ ମାତୃଭାଷା ।

ଜାଗରେ ଓଡ଼ିଆ ନ ହୋଇ ଗୋଡିଆ
ଛାଡ଼ ଅହଂକାର ଗର୍ବ
ସାହିତ୍ୟ ର ସଚ୍ଚା ସେବକ ସାଜିଣ
ବଢାଅ ଭାଷା ଗୌରବ।


ନିରାକାରପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ସଂଯୁକ୍ତା ସାହୁ



ଯା ହୃଦୟରେ ମାଟି, ମାଆ, ଭାଷା
ପ୍ରତି ମମତା ଜାଗେ ନାହିଁ
ସେ ନୁହେଁ ଗଣା ସଂସ୍କାରୀ ଜନରେ
ଏ କଥା କି ଜଣା ନାହିଁ ? (୧)

ନିହିତ ରହିଛି ଚିନ୍ତାଶକ୍ତି, ଅଭିବ୍ୟକ୍ତି
ଦେଇଛି ମୋତେ ସୁନ୍ଦର ପରିଚୟ
ଓଡ଼ିଆ ଭାଷା ମୋ ପାଇଁ ଜୀବନ ଅଟେ
ମୋ ଭାବନାର ଉପଲବ୍ଧ ବିଷୟ (୨)

ହେ ମୋର ଜନନୀ ମୋ ମାତୃଭାଷା
ମୋ ଜୀବନର ସ୍ୱାଭିମାନ
ଲେଖୁଛି ମୋ ସ୍ୱକୀୟ ଭାବନାରେ
ଚାଲୁଅଛି ମୋ ଲେଖନୀ ମୁନ (୩)

କୁହୁକ ଭରା ଭାଷାର ଶବ୍ଦ ମଞ୍ଜୁଳ
ମୋ ଓଡ଼ିଆ ଭାଷା ଅତି ସୁନ୍ଦର
ମୋ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ରତା
ଜୀବନେ ଭରି ଖୁସିର ଫୁଆର (୪)

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ଆଜି ବିଶ୍ୱ ଭାଷାର ଦିବସ
ଆସ ସଭିଏଁ ଭାଇ ଭଉଣୀ ସବୁ ମିଶି
ରଖିବା ତାହାର ଯଶ ପୌରୁଷ (୫)

ଥିବ ଯେତେଦିନ ଏ ସୁନ୍ଦର ମହୀରେ
ଭାଷାକୁ ସମ୍ମାନ ନିଶ୍ଚୟ ଦେବା
ସିଏ ତ ଆମର ଅତି ଆପଣାର ଅଟେ
ତା ବିନା କି ସମ୍ଭବ ବଞ୍ଚିବା ? (୬)

କୋଳାହଳ ହୋଇଉଠିଛି ଏଇ ପରିବାର
ଭାଷା ସାହିତ୍ୟର ସ୍ୱଦିବସରେ
ସବୁ ଲେଖକ ଲେଖିକା ଗୁନ୍ଥିଚାଲିଛନ୍ତି
ନିଜ ନିଜ ଭାଷା ଶୈଳୀରେ (୭)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରି ସରି ଯାଉଥିବ ଏ ଜୀବନ ଦିନେ
ମୋ ଭାଷାକୁ ପୂଜା କରୁଥିବି
ଲେଖି ଚାଲିଥିବି ନ ପଡ଼ିବି ଯେ ଥକି (୮)
ତାହାର ସମ୍ମାନ ରଖିଚାଲିଥିବି ।

ନାଆଁରେ ତୋହର ପଟାଟିଏ ଅଛି ଲୋ
ତୋହର ପରିଚୟ ଗଢିଉଠିଛି
ପ୍ରେମ ପ୍ରତ୍ୟୟରେ ମୋ ଭାଷା ମହାନ୍
ତୋ ସ୍ନିଗ୍ଧ ଦେହକୁ ଛୁଇଁ ଯାଉଛି (୯)

ରହି ରହି ଭାସି ଆସେ ସେଇ ଲେଖକଙ୍କର
ରୀତି ଯୁଗର ଯେତେ ଭାଷା ମାନ
କେତେ ସୁନ୍ଦର ତାଙ୍କ ଭାଷା ବିନ୍ୟାସ
ବଢେଇଥିଲେ ଭାଷା ସ୍ୱାଭିମାନ (୧୦)

ସତେ କିଏ ଭରି ଦେଇଛି ଆଞ୍ଜୁଳା ଆଞ୍ଜୁଳା
ଭଲ ପାଇବାର ସେଇ ମହାନତା
ଯେତେ ସବୁ ସମାହିତ ଅସମାହିତ ଶବ୍ଦମାନ
ତୋ ଦେହରେ ଲେଖା ଏକାଗ୍ରତା(୧୧)

ତାକୁ ଅବହେଳା କରିବା ନାହିଁ କେବେ
ରହିଛି ସେଇଠି ଅମୃତ ଭରି
ଆମ ମାତୃଭାଷା ଭାରି ବଢିଆ ଅଟଇ
ଆମ ଜନ୍ମଦାତ୍ରୀ ମାଆ ପରି (୧୨)

ବିନୟ ବଚନ ସଂସ୍କୃତି ସଂସ୍କାର ଯେତେ
ଶିଖାଇଛି ଆମ ଏଇ ଭାଷା
କୋଟି ପ୍ରାଚୁର୍ଯ୍ୟରେ ଭରା ବିଭୂଷିତ
ସବୁ ଭାଷା ଭିତରେ ସରସା (୧୩)

ଦେଇଛି ସବୁ ଅଜାଡି ଆମ ଭାଷା
ଜୀବନକୁ ସରସ ସୁନ୍ଦର କରିଛି
ସିଏ ଯେ ଆମ ମାଆ ପରି ମାଆଟିଏ
ତାକୁ ବା କିଏ ମାପି ପାରିଛି ? (୧୪)

ରୁଚି ଥିଲା ଓଡ଼ିଆ ଭାଷା ସାହିତ୍ୟ ପାଇଁ
କବି କୁନ୍ତଳା କୁମାରୀ ସାବତଙ୍କର
ସିଏ ବୃତ୍ତିରେ ଡାକ୍ତର ହୋଇ ବି ଥିଲେ
ଭାଷାପ୍ରୀତି ପରାକାଷ୍ଠା ଲେଖନୀ(୧୫)

ରମଣୀ ରତନ ମୋ ଓଡ଼ିଆ ଭାଷା ସେ
ପିନ୍ଧିଛି ନା ନା ଶବ୍ଦର ଅଳଙ୍କାର
ମୋ ମାତୃଭାଷା କେତେ ଯେ ମହାନ୍
ଅତି ସୁନ୍ଦର ଭାଷା ଲାଲିତ୍ୟର (୧୬)

ଶିହରଣ ଭରିଥାଏ ମୋ ମାତୃଭାଷା
ମନକୁ ଯେ ମୁଗ୍ଧ କରିଦିଏ
ତା ଶବ୍ଦର ଝଙ୍କାର ଭାରି ସୁନ୍ଦର ଭରା
ପ୍ରତି ହୃଦୟକୁ ଜିଣିଥାଏ (୧୭)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହି ନେଇଯାଅ ଏ ଜୀବନଟା ସାରା
ଆମ ମାତୃଭାଷାର ଉନ୍ନତି ପାଇଁ
ସିଏ ଯେ ଆମର ଅତି ନିଜର ଅଟଇ
ତାକୁ ଛାଡି ବଞ୍ଚିପାରିବା କେହି ?(୧୮)
କୃପଣ ନ କର ଲେଖନୀ ପାଇଁ କି
ଆହେ ମୋର ସାଥି ସହୋଦର
ଆମ ଭାଷାକୁ ସର୍ବଦା ଉଚ୍ଚରେ ରଖ
ତାଙ୍କ ପାଦେ କର ନମସ୍କାର (୧୯)
ତୁହି ମୋର ସ୍ୱର୍ଗ ତୁହି ମୋର ପୁଜ୍ୟା
ମୋ ମାତୃଭାଷା ମୋ ନିଜର
ତାକୁ ଅତି ଯତ୍ନରେ ହୃଦରେ ସାଇତିବା
ସିଏ ଜନନୀ ଆମ ସମସ୍ତଙ୍କର (୨୦)
ନିରିମଳ ଆମ ମାତୃଭାଷା ମଞ୍ଜୁଳ
ଅତି ସୁନ୍ଦର ଶୁଭେ ତାହାର ତାନ
ପାଟି ଖୋଲିଲେ ତା ସ୍ୱର ଲୟରେ
ହୃଦୟ ହୋଇଉଠେ ମଗ୍ନ ।(୨୧)

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ଭାସ୍କର ରାଉତ



ଜାତିର ଉନ୍ନତି ଯଦି ଚାହୁଁଛନ୍ତି
ଉଚ୍ଚ କର ନିଜ ମାତୃଭାଷା
ସଂସ୍କୃତି ତୁମର ରହିବ ଅମର
ନହୋଇବ କେବେ ଲୋକହସା ।।

ମାତୃ ମୁଖୁ ବାଣୀ ନିତି ଶୁଣି ଶୁଣି
କହିବା ଶିଖିଲୁ ତୁହି ଭାଷା
ମା'ରୁ ଆରମ୍ଭ ପ୍ରକାଶିଲୁ ଭାବ
କହିଲୁ ପଦେ ପଦେ ସହସା ।

ଖଣ୍ଡ ଖଣ୍ଡ କହି ନେଲୁ ମନ ମୋହି
ପୁରା କରିଲୁ ତାହାଙ୍କ ଆଶା।।

ଶୁଦ୍ଧ ଭାଷା କହି ଲେଖା ପଢ଼ା ତହିଁ
ଆରମ୍ଭ କରିଲୁ ତୁ ସହସା,
ଶୁଦ୍ଧ ଲେଖା ପଢ଼ା ନକଲେ ଅଲୋଡ଼ା
ହୋଇଯିବ ନିଶ୍ଚେ ମାତୃଭାଷା ।

ଯେତେ ଶୁଦ୍ଧ ହେବ ଆଦର ବଢ଼ିବ
ତା ପ୍ରତି ସୃଷ୍ଟି ହେବ ଭରସା ।।

ସଂସ୍କୃତିକୁ ତୋର କରିବୁ ପ୍ରସାର
ମାଧ୍ୟମ ହେବ ତୋହରି ଭାଷା,
ଦେଶ ବିଦେଶରେ ପ୍ରତ୍ୟେକ କ୍ଷେତ୍ରରେ
ଦେଖାଇବ ସେହି ନୂଆ ଦିଶା ।

ଜାତି ଭାଷା ମାନ ହୋଇବ ମହାନ
ତୋ ଠାରୁ ଏହା କରୁଛି  ଆଶା ।।

ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
୯୭୭୬୪୮୭୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ସୁଦ୍ରୁମା ପଣ୍ଡା



ମାଆର ମୁହଁରୁ ଶୁଣି ଶୁଣି ଯେଉଁ
ଭାଷାକୁ ରଖିଲୁ ମନେ,
ମାତୃଭାଷା ବୋଲି କହିବାକୁ ଆଜି
କୁଣ୍ଠିତ ହେଉ କେସନେ ।।

ଶିକ୍ଷିତ ବୋଲି ତୁ ଦେଖେଇ ହେବାକୁ
ଇଂରାଜି ବଡ଼ିମା ଗାଉ,
ନିଜ ଦେଶ ପ୍ରତି ମମତା ନରଖି
ବିଦେଶରେ ସୁଖ ପାଉ ।।

ନିଜ ଭିଟାମାଟି ଦେଖିବାକୁ ତୋର
ପାଖରେ ସମୟ ନାହିଁ,
ଯେତେ ଖୋଜିଲେ ବି ଆତ୍ମିୟତା ଭାବ
ପର ଠି ପାଇବୁ କାହିଁ ??

ନିଜ ଜମିର ସେ ବଗଡ଼ା ଭାତ ବି
ମହାପ୍ରସାଦ ଠୁ ବଳି,
ପରଦେଶୀ ହୋଇ ନିଜ ସ୍ୱାଭିମାନ
ପକାଉଛୁ ସିନା ବଳି ।।

ନିଜ ଦେଶ ନିଜ ମାତୃଭାଷା ପ୍ରତି
ଯା ହୃଦେ ମମତା ନାହିଁ,
ଯେତେ ଜ୍ଞାନ ଥାଉ ନରଙ୍କ ଭିତରେ
ନରାଧମ ପରା ସେହି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଦେଶ ନିଜ ଭାଷା ଉନ୍ନତିରେ
ଥାଏ ଯାର ସହଯୋଗ,
ଦେଶର ସୁପୁତ୍ର ସୁକନ୍ୟା ସେମାନେ
ବୋଲାଇବାକୁ ହିଁ ଯୋଗ୍ୟ ।।

ଯେତେ ଦେଶ ଯାଅ ଯେତେ ଭାଷା ଶିଖ
ସେଥିରେ ନାହିଁ ବାରଣ,
କିନ୍ତୁ ନିଜ ଦେଶ ନିଜ ମାତୃଭାଷା
ଭୁଲ ନାହିଁ ସୁଧି ଜନ ।।

ବିଶ୍ୱ ମାତୃଭାଷା ଦିବସରେ ଆସ
ସଭିଏଁ ସପଥ ନେବା,
ନିଜ ମାତୃଭାଷା ଉନ୍ନତି ଦିଗରେ
ମନ ପ୍ରାଣ ଢାଳି ଦେବା ।।

ଭଟଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ଏଲିଜା ଜେନା



ଓଡିଆ ମାଟିର ଶ୍ୟାମଳ ସାରାଂଶ
ପ୍ରାଚିନ ମୋ' ମାତୃଭାଷା
ସାତ ସିନ୍ଧୁ ତେର ନଈ ସେ ପାରିରେ
ଦେଖାଇଛି ନବ ଦିଶା ।

ଦିବ୍ୟ କାରିଗରୀ ଗୌରବର ଶିରୀ
ଉତ୍କୃଷ୍ଟ କଳାର ଦେଶ
ମମତାମୟୀ ସେ ମହନୀୟ ଗୁଣ
ଅପରୂପ ତା'ର ବେଶ ।

ସାରଳା ଦାସଠୁଁ ପାରଳାର ରାଜା
ଫକୀର ଓ ଗଙ୍ଗାଧର
ମାଟିର ସୌରଭ ବିଚ୍ଛୁରିତ କରି
ହେଲେ ଜାତି କର୍ଣ୍ଣଧାର ।

ଆହାଃ କି ମଧୁର ମୋ ଭାଷାର ସ୍ୱର
କଥାରେ କଦମ୍ବ ଫୁଟେ
ବୋଲି ବାଣୀ ଅବା ପ୍ରବଚନ ଶୁଣି
ଭାଷାର ଭାବନା ଜୁଟେ ।

ଉତ୍କଳର ଭାଷା ସାହିତ୍ୟ ସଂସ୍କୃତି
ଅଟେ ସର୍ବ ପୁରାତନ
ଦର୍ଶନିଲେ ଜନ ହେବ ଜାଗରଣ
ଲଭିବ ସେ ମହା ଜ୍ଞାନ ।

ମାଆ ଓଠେ ଡାକ ଓଡ଼ିଆର ଟେକ
ରଖିବା ସଂକଳ୍ପ କରି
ଆସୁ ରେ ଆକଟ ଅଥବା ସଙ୍କଟ
ଯିବା ନାହିଁ କେବେ ଡରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ରମେଶ ଟାକ୍ରୀ



ପ୍ରିୟ ମାତୃଭାଷା ଓଡିଆ ମୋହର
ଜନନୀ ଠାରୁ ଶିଖିଛି
ଭାଷା ଜ୍ଞାନ ପ୍ରତି ବଢ଼ାଇଣ ପ୍ରୀତି
ଅନେକ କିଛି ପାଇଛି।୧।

ସରସ ସୁନ୍ଦର ମାତୃଭାଷା ମୋର
ଶୁଣିବାକୁ ଲାଗେ ଭଲ
ଲେଖିଛି ପଢ଼ିଛି ମୋ ଭାଷା ଶିଖିଛି
ବଢ଼ାଇଛି ମନୋବଳ।୨।

ମନେ କେତେ ଆଶା ବିଶ୍ୱାସ ଭରସା
ଯୋଗାଇ ଦେଇଛି ମୋତେ
ପାଇଛି ସମ୍ମାନ ପରଶଂସା ମାନ
ସୁଖରେ ମୋ ଦିନ ବିତେ।୩।

ମାତୃଭାଷା ଶିଖି ଆଗ୍ରହତା ଦେଖି
ହିନ୍ଦି ଇଂରାଜୀ ଶିଖିଲି
ଭାଷାର ଆଦର କରି ନିରନ୍ତର
ଦେଶ, ବିଦେଶ ବୁଲିଲି।୪।

ଭାଷାର ପ୍ରଗତି ଜାତିର ଉନ୍ନତି
ମାତୃଭାଷା ଯା'ର ନାମ
ଭାଷାର ସୁରକ୍ଷା ହେଉ ଆମ ଶିକ୍ଷା
ମାତୃ ତୁଲ୍ୟ କରି ପ୍ରେମ।୫।

ଭିନ୍ନ ଭିନ୍ନ ଭାଷା ଶିଖିବା ପଢ଼ିବା
କାହାରିକୁ ମନା ନାହିଁ
ମାଆ ମାତୃଭାଷା ସବୁଠାରୁ ଶ୍ରେଷ୍ଠ
ଭୁଲିଯିବା ନାହିଁ କେହି।୬।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା



ମୋ ଭାଷା ଓଡିଆ ସବୁଠୁ ବଢିଆ
ନିଜର ନିଜର ଲାଗେ
ଅନ୍ୟ ସବୁ ଭାଷା ଯେତେ ଭଲ ହେଉ
ମୋ ଭାଷା ସମାନ ନୁହେଁ...(୧)
ଓଡିଶା ପ୍ରଦେଶ ଓଡିଆ ମୋ ଭାଷା
ସେଥିପାଇଁ ମୁଁ ଗର୍ବିତ
ଯାହାପାଇଁ ମୋ ମନର ଭାବକୁ
କରିପାରୁଅଛି ବ୍ୟକ୍ତ...(୨)
ଶିଶୁଟି ଓଠରୁ ସ୍ୱତଃ ବାହାରେ
ନିଜ ନିଜ ମାତୃଭାଷା
ବୁଝାଇ କହିଲେ କଅଁଳ ମନରେ
ଶୁଣିବାକୁ ରଖେ ଆଶା...(୩)
ଜାତିର ଉର୍ଣ୍ଣତ୍ତି ହୋଇଥାଏ ସିନା
ଭାଷାର ଉର୍ଣ୍ଣତ୍ତି ହେଲେ
ଏ କଥାକୁ ଦୃଢଭାବରେ କବି
ଗଙ୍ଗାଧର କହିଥିଲେ...(୪)
କେତେକ ଶିକ୍ଷିତ ଯୁବକ ଭାବନ୍ତି
ଓଡିଆର ନାହିଁ ମୂଲ
ତେଣୁ ଯାତ୍ରା ବେଳେ ଇଂରାଜୀ ପେପର
ପଢି ହେଉଥାନ୍ତି ଭୋଳ...(୫)
ଜ୍ଞାନାର୍ଜନ ପାଇଁ ଅନ୍ୟ ଭାଷା ବହି
ପଢିବା ନୁହଁଇ ମନ୍ଦ
ତଥାପି ସ୍ମରଣ ରଖିବି ସର୍ବଦା
ମାତୃଭାଷାର ହେଉ ଜୟ...(୬)
ଶାସ୍ତ୍ରିୟ ମାନ୍ୟତା ପାଇଛି ଓଡିଶା
କେଉଁଠାରୁ ନାହିଁ ସାନ
ନୃତ୍ୟ,ଗୀତ,କଳା,ସଂସ୍କୃତି କ୍ଷେତ୍ରରେ
ସବୁଠାରୁ ଉଚ୍ଚ ସ୍ଥାନ..(୭)
ଓଡିଆ ଜାତିର ପ୍ରସିଦ୍ଧ ଦେବତା
ଆମ ପ୍ରଭୁ ଜଗନ୍ନାଥ
ଓଡିଆ ଭାଷାର ସଦା ହେଉ ଜୟ
ସଭିଙ୍କୁ ମୋ ଅନୁରୋଧ

ଛତ୍ରପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ନୂତନ କୁମାର ବେହେରା



( ରାଗ – ବିଭାସ କେଦାର )

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ତେବେ ନିଜ ମାତୃଭାଷା ।"
ପ୍ରିୟ ସେ ସ୍ୱଭାବ କବି ଗଙ୍ଗାଧର,
ସୃଜନୀ ତାଙ୍କର ହୋଇଛି ଅମର
ଭାଷା ସାହିତ୍ୟର ଅସ୍ମିତା ଏ ବାଣୀ,
ହୃଦେ ଅନୁଭବ କରେ ଜ୍ଞାନୀ ଗୁଣୀ
ସବୁରି ନମସ୍ୟ ସେ ସ୍ୱଭାବ କବି,
ସ୍ମରଣେ ପ୍ରକଟି ଉଠେ ତାଙ୍କ ଛବି
ମାତୃଭାଷା କଥା ବସେ ଯିଏ ଭାବି,
ଜ୍ଞାନାକାଶେ ତାର ଉଇଁ ଆସେ ରବି
ମାଆ ମାତୃଭାଷା ଜୀବନର ସ୍ରୋତ,
ଆଦର୍ଶ ପଥରେ ନିଅଇ ସତତ
ମାଆ ହୃଦୟର ସକଳ ମମତା,
ଭାଷା ରୂପେ ସ୍ଫୁରି ଦିଅଇ ବାରତା

ତା' ଭାଷାରୁ ହୃଦେ ଆସେ ଦିବ୍ୟ ଭାବ
ପ୍ରକାଶେ ବିକାଶେ ଘୁଞ୍ଚଇ ଅଭାବ
ଭାବରୁ ଝରଇ ସଦା ଅବିରତ
ପ୍ରୟୋଗେ ସନ୍ତାନ ହୁଅଇ ମହତ
ମାତୃଭାଷା ବିନା ହୁଏନା ପ୍ରଗତି,
ସଂକଟରେ ପଡ଼ି ରହିଥାଏ ଜାତି
ଏକତାର ଭାବ ଆସେନା ହୃଦୟେ,
ମନେ ପ୍ରାଣେ ରହେ ସର୍ବଦା ସଶଂୟେ
ସଂପର୍କର ସେତୁ ପଡ଼ଇ ଭୁଶୁଡ଼ି,
ପୁନଃ ନିର୍ମାଣେ ହୁଏନା ସଜାଡ଼ି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନର ଗତି ଜାତିର ଉନ୍ନତି,

ମାତୃଭାଷା ବଳେ ହୁଏ ଫଳବତୀ

ମନର ଆକାଂକ୍ଷା ଉଚ୍ଚ ଅଭିଳାଷ,

ସଫଳ କରାଇ ଆଣି ଦିଏ ଯଶ

ମାତୃଭାଷା ଭୁଲି ଅନ୍ୟ ଭାଷା ପ୍ରୀତି,

କଲେ ନିଜ ଜାତି ସହେ ବହୁ କ୍ଷତି

ଭାଷା ବିନା ଭାବ ହୁଏନା ପ୍ରକାଶି,

ଜୀବନେ ରହେନା ମହତ କି ଖୁସି

ପ୍ରତି ଭାଷା ପ୍ରତି କରିବା ସମ୍ମାନ,

ଭାଷା ମାଧ୍ୟମରେ ଆସେ ଆହ୍ୱାନ

ମାଆ ଓ ମାଉସୀ ଯେ ଦୁଇ ଭଉଣୀ,

ଉଭୟେ ନମସ୍ୟା କଲ୍ୟାଣକାରିଣୀ

ମାଆକୁ ପାସୋରି ମାଉସୀକୁ ମାନ୍ୟ,

ଦେଲେ କି କେହି ହୋଇଥାଏ ଧନ୍ୟ ?

ସ୍ୱତନ୍ତ୍ର ବିଚାର କରେ ଯେ ସନ୍ତାନ,

ମାତୃ ଚରଣରେ ପାଇଥାଏ ସ୍ଥାନ

ରଖିଥାଏ ସଦା ବିଶ୍ୱାସ ଭରସା,

ଉଚ୍ଚ କରିବାକୁ ନିଜ ମାତୃଭାଷା ।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ନଳିନୀ ପ୍ରଭା ମିଶ୍ର



ମା, ମାଟି, ମାତୃଭାଷା ଆମ
ପାଇଁ ମମତାର ମହାସ୍ରୋତ
ଚିରସ୍ରୋତା ଏହି ମହାନ୍ ଭାବନା
ହୃଦରୁ ହୁଏ ନିଃସୃତ ।
ମା କୋଳ ଆମ ସରଗ ସମାନ
ମାଟି ମା ଚୀରନମସ୍ୟା
ଭୂମିଷ୍ଠ ଦିନରୁ ବଢ଼ିଛି ତା ଦେହେ
ପୂରାଇଛି ଯେତେ ଆଶା ।
ଓଠରୁ ନିଃସୃତ ମା ମା ଡାକ
ମାତୃଭାଷା ସେହି ମୋର
ବିଦ୍ୟା ଆରମ୍ଭରୁ ଅ ଠାରୁ କ୍ଷ
ପରିଚୟ ପ୍ରଥମର ।
ମାତୃଭାଷା ମୋର ଅତି ଆପଣାର
ଓଡିଶା ମୋ ଜନ୍ମ ମାଟି
ଓଡ଼ିଆ ସଂସ୍କୃତି କଳାର ଉତ୍କର୍ଷ
ଅପୂର୍ବ ତା ପରିପାଟୀ ।

ମୋର ମାତୃଭାଷା ବିଶ୍ୱ ଦରବାରେ
ଶାସ୍ତ୍ରୀୟ ମାନ୍ୟତା ପାଇ
ଭାଷା ଜନନୀର ମୁଖ ସମୁଜ୍ଜ୍ୱଳ
ପରିଚୟ ତା'ର ଦେଇ ।
ଅତି ପ୍ରାଚୀନ ମୋ ଭାଷା ଇତିହାସ
କରୁଛି ତା 'ଜୟଗାନ
ମାତୃଭାଷା ପ୍ରେମୀ ସାହିତ୍ୟ ସାଧକ
ହୋଇ ଅଛନ୍ତି ମହାନ୍
ମାତୃଭାଷା ରଖେ ଜାତିର
ମହତ୍ତ୍ୱ ଜାତୀୟତା ଭାବ ହେତୁ
ମାତୃଭାଷା ରଖେ ପରସ୍ପର ମଧ୍ୟେ
ସମ୍ପର୍କର ହୋଇ ସେତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଷା ବଞ୍ଚିଥିଲେ ଆମେ ବଞ୍ଚିଥିବା
ଭାଷା ହିଁ ଆମ ଜୀବନ
ନିଜ ମାତୃଭାଷା କରିବା ସୁରକ୍ଷା
ପ୍ରତି ଦେବା ସଦା ଧ୍ୟାନ ।
ଓଡ଼ିଆ ଲେଖିବା ଓଡ଼ିଆ କହିବା
କରିବା ସଦା ଶପଥ
ଦିବସ ପାଳନ ତାତ୍ପର୍ଯ୍ୟ ମହତ୍ତ୍ୱ
ହେଉ ଆମରି ସିଦ୍ଧାନ୍ତ ।

ମୁକୁନ୍ଦପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ସନ୍ତୋଷ କୁମାର ସାହୁ



ମୋ ମାତୃଭାଷା ମୋ ପାଇଁ ଜୀବନ
ସରଗ ସୁଖର ସ୍ରୋତ
ଶିଶୁବେଳୁ ମୁହିଁ କଳ୍ପନା କରିଛି
ଧରି ମୋ ମାଆର ହାତ .....
ପ୍ରଥମ ସ୍ୱରରୁ ମାଆର ମୁଖରୁ
ପାଇଛି ଅନେକ ଆଶା
ଭାବ ବିନିମୟ କରିଛି ଅନେକ
ତାହା ହିଁ ମୋ ମାତୃଭାଷା ...
ଗୁରୁଣ୍ଡି ଗୁରୁଣ୍ଡି ଚାଲିବା ପରଠୁ
ମାଆଙ୍କର ହାତ ଧରି
ହସ କାନ୍ଦ ଆଉ ସୁଖ ଦୁଃଖ ମୋର
ପାରିଛି ପ୍ରକାଶ କରି ....
ଜନନୀ ସହିତ ଭାଷାର ସମ୍ପର୍କ
ରହିଅଛି ନିବିଡ଼ତା
ମାତୃଭାଷା ମୋର ଅଟଇ ଜୀବନ
ତା ବିନା ନାହିଁ ମୋ ସତ୍ତା ....

ଭାବ ବିନିମୟ କରିବା ପାଇଁକା
ମାତୃଭାଷା ପ୍ରିୟ ମୋର
ଗୋଟିଏ ବୃନ୍ତରେ ଦୁଇଟି କୁସୁମ
ସୁଗନ୍ଧିତ ମନୋହର ....
ମାତୃଭାଷା ମୋର ଜନନୀ ଜୀବନ
ସ୍ୱର୍ଗଠାରୁ ଗରୀୟସୀ
ଭାବ ଆବେଗ ମୋ ରୂପାୟିତ ହୁଏ
ମାତୃଭାଷା ସହ ମିଶି ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ଚିତ୍ରାରାଣୀ ପାତ୍ର



ମାଆର ଭାଷାଟି ଏତେ ମଧୁର ଯେ
ବର୍ଣ୍ଣିବାକୁ ନାହିଁ ଭାଷା,
ଜଗତଟା ସାରା ପାଳୁଛି ଦିବସ
ନାମ ବିଶ୍ୱ-ମାତୃଭାଷା ।।(୧)।।

ଶିଶୁର କଅଁଳ ଓଠରେ ଯେ ଦିନୁ
ପ୍ରଥମ ଭାଷାଟି ଫୁଟେ,
ମାଆ-ମାଆ ଡାକି କଥାକୁ ଆରମ୍ଭେ
ମନ ପ୍ରାଣ ସବୁ ଲୁଟେ ।।(୨)।

ନିଜଭାଷା ନିଜ ଜାତିର ଗୌରବ
ଜାତିର ସଂସ୍କୃତି ଅଟେ,
ଆମଭାଷା ଯେଣୁ ଓଡିଶା ରାଜ୍ୟର
ତେଣୁ ଓଡ଼ିଆକୁ ରଟେ ।।(୩)।।

ମାତୃଭାଷା ଆମ ପାଇଁ ଯେ ସୁନ୍ଦର
ଲାଗେବଡ ଅନୁପମ,
ମନେ ଆସେ ଗର୍ବ କହିଲେ ଓଡ଼ିଆ
ଆମେ ସବୁ ତା' ସନ୍ତାନ ।।(୪)।।

ନିଜ ଦେଶେ ଥାଅ ଅବା ବିଦେଶରେ
ମାତୃଭାଷା କରି ଉଚ୍ଚ,
କହିବା ଓଡ଼ିଆ ଭାଇଚାରା ବାଣ୍ଟି
ଯଶ ବଢ଼ାଇବା ଆସ ।।(୫)।।

ଆମରି ପିଲାଙ୍କୁ ଶିଖାଇ ଓଡ଼ିଆ
କହିବା ଓଡ଼ିଆ ଆମେ,
ପଢି ପଢ଼ାଇବା ଲେଖି ଲେଖାଇବା
ଅଭ୍ୟସ୍ତ ରହିବେ କାମେ ।।(୬)।।

..।। ଜୟ ଆମର ମାତୃଭାଷା ଓଡ଼ିଆ।।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ରବିନାରାୟଣ ମିଶ୍ର



ସେ କାହୁଁ ଜାଣିବ ଭାଷାର ମମତା
ଭାଷା ପ୍ରୀତି ଯାର ନାହିଁ,
ଭାଷାର ପୀୟୂଷ ପାନ କଲେ ସିନା
ଅବିନାଶୀ ଦେହ ବହି ।୧।

ଯେଉଁ ଭାଷା ମୁହିଁ ମାଆଠୁଁ ଶିଖିଛି
ତାହା ପରି କିଏ ହେବ,
ମାତୃଭାଷା ବିନା କା ଆଗେ କହିବା
ନିଜ ମନର ଯେ ଭାବ ।୨।

ନିଜ ମାତୃଭାଷା ନିଜ ପରିଚୟ
ଏ କଥା ଭୁଲିବା ନାହିଁ,
ଭାଷା ବିକାଶରେ ଜାତିର ବିକାଶ
ଶିକ୍ଷଣୀୟ କଥା ଏହି ।୩।

ମାତୃଭାଷା ଅଟେ ଏକତାର ସେତୁ
ସଂସ୍କୃତି ପରିଚାୟକ,
ତାହାର ସୁରକ୍ଷା ଆମର କର୍ତ୍ତବ୍ୟ
ସଭିଏଁ ତାର ରକ୍ଷକ ।୪।

ଆଜି ଏ ଦିବସେ ଆହୂତି ଦେବାକୁ
ସଭିଙ୍କୁ ମୋ ନିବେଦନ,
ନିଜ ମନଭାବ ପ୍ରକଟିତ କରି
ରଖିବା ଭାଷାର ମାନ ।୫।

ମାତୃଭୂମି ମାତୃ- ଭାଷାକୁ ସଭିଏଁ
କରି ଅତି ଆପଣାର,
ମମତା ରଜ୍ଜୁରେ ବାନ୍ଧି ରଖିବାକୁ
ସଭିଙ୍କୁ ମିନତୀ ମୋର ।୬।


ଡି ଏ ଭି ପବ୍ଲିକ ସ୍କୁଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ରଶ୍ମିତା ପାତ୍ର



ଜନମୀ ଜନନୀ ଜଠରୁ ଯେ କ୍ଷଣେ
ରାବ ଦେଲି କୁଆଁ କୁଆଁ
ମାଆର ପରଶେ ମୁଖେ ଭରି ଭାଷା
ଦେଖିଲି ସାରା ଦୁନିଆ ।।

ପରିଚୟ ମୋର ହେଲା ସେଇଦିନୁ
ମାଆ ମୋ' ପ୍ରଥମ ଗୁରୁ
ମୋ' ମାତୃଭାଷା ମୋ' ପାଇଁ ମହାନ
ସରଗେ ଦେବତା ଥିରୁ ।।

ଏ ମର୍ତ୍ତ୍ୟ ଭୁବନେ ପଲ୍ଲବେ କୁସୁମ
ଭରା ଭାଷା କାନନରେ
କାନେ କାନେ ବାଜେ ସରହଦେ ବୀଣା
ବିଦ୍ୟା ଝଙ୍କାର ସୁରେ ।।

ମୋ' ଭାଷା ଓଡ଼ିଆ ଆହା କି' ମଧୁର
ଛବିଳ ବହି ସୁନ୍ଦର
ଗପ ଗୀତ ଛଳେ ମିଳଇ ପ୍ରେରଣା
ଅମାପ ଶିକ୍ଷା ଭଣ୍ଡାର ।।

ଏଇ ମାତୃଭାଷା ଦିଏ ନବ ଦିସା
ଅଗ୍ରଜେ ନିଦାନ ହୋଇ
କେତେ ଜ୍ଞାନୀ ଗୁଣି ଭାଷାକାରଙ୍କର
ସାଧନାର ଲୟ ସେଇ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବ ଜ୍ୟୋତି ନବ ଉଜ୍ଜ୍ୱଳ ପ୍ରକାଶ
ପିଣ୍ଡରୁ ବ୍ରହ୍ମାଣ୍ଡ ଯାଏଁ
ଅୟୁତ ଆଶାର ଭାଷା ସମ୍ମୋହନେ
ସରାଗେ ଅନ୍ତରେ ଛୁଏଁ ।।

କୋଟିଏ ସୁରରେ ହେଉ ନିନାଦିତ
ଅସୀମ ତେଜର ବାଣୀ
ଆମ ମାତୃଭାଷା ସର୍ବ ମଧ୍ୟେ ପୂଜ୍ୟ
ଅନନ୍ୟ ଶ୍ରେଷ୍ଠତା ବୁଣି ।।

ହୀରା ଲୀଳା ସମ ମାତୃଭାଷା ଆମ
ଧରାରେ ଅଛି ଯା' ରତ୍ନ
ବିଶ୍ୱ ଦରବାରେ ବଢାଇ ତା'ମାନ
ସଭିଁଏ କର ହେ ଯତ୍ନ ।।

ସର୍ବେ ଉତ୍କଳର ସାହିତ୍ୟ ପୃଷ୍ଠାରେ
ରଚି ଯେତେ କବିଗଣ
ଧନ୍ୟ ହେ ଉତ୍କଳ କଳିଙ୍ଗର ମୂଳ
ଭାଷା ଆଶା ସମର୍ପଣ ।।

ବେନିକର ଯୋଡି ଅନ୍ତର ଭରେ
ଓଡିଆ ସଂସ୍କୃତି ଆମ
ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣ ତଳେ
ନମଃ ମାତୃଭାଷା ନମଃ ।।

ବାରିପଦା, ମୟୂରଭଞ୍ଜ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ଦମୟନ୍ତୀ ରଥ



ଏଇ ଓଡିଶା ........କୋଳେ ଜନମି ଓଡିଆ ମୁହିଁ
ଯାର ଭାଷାରୁ .........ମମତାର ମଧୁ ଝରୁଥାଇ
କହିବା ଓଡିଆ....ପଢିବା
ଓଡିଆ.......ଲେଖିବା ଓଡିଆ ଯହିଁ.....
ଏଇ ଓଡିଶା.............(୦)

ମାତୃଭାଷା ମୋର ଅଟଇ ମଧୁର.....କହିବାକୁ ଲାଗେ ମିଠା
ପ୍ରବନ୍ଧ ଓ ଗଳ୍ପ ଭ୍ରମଣ କାହାଣୀ......ଏକାଙ୍କିକା ଓ କବିତା
ଯାର ପବନେ.....ଭାସି ଆସେ ....ଦେଶ ପ୍ରେମ ପରା
ଯାର ସଂସ୍କୃତି......ଭରେ ଜାତୀୟତା ଭାବଧାରା
ଓଡିଆ ମୁହିଁରେ ଗରବ କରେରେ.....ଭାଷାକୁ ମୋହର ନେଇ
ଏଇ ଓଡିଶା............(୧)

ମାତୃଭାଷା ଆମ ପ୍ରସାର ପାଇଁକି.......ହେବା ଏକ ପ୍ରାଣ ମନ
ଦେଇ ସ୍ନେହ ପ୍ରୀତି ଓଡିଆ ଯେତେରେ......ଭୁଲି ମାନ ଅଭିମାନ
ଆମେ ଗଢିବା.............ଏକ ନୂତନ ଓଡିଶା ରାଜ୍ୟ
ଆମେ ଭୁଲିବା............ସେଇ ବିଦେଶୀ ଶାସନ କାର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦେଶୀ ଭାଷାକୁ ଜଳାଞ୍ଜଳି ଦେବା.......ସ୍ୱାଭିମାନ ଆମ ଏହି....

ଏଇ ଓଡିଶା..............(୨)

ବ୍ୟାସ କବି ଥିଲେ ଫକୀରମୋହନ.....ଭାଷାକୁ ଗୁରୁତ୍ୱ ଦେଇ

ଉତ୍କଳଗୌରବ ମଧୁବାବୁ ଆମ..........ଜାତିର ଏକତା ପାଇଁ

ଯାର ଉଦ୍ୟମେ........ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହୋଇ

ଆମ ଓଡିଶା......... ଅନ୍ୟ ରାଜ୍ୟଠୁ ବିଚ୍ଛିନ୍ନ ହୋଇ

ଆମେରେ ଗଢିବା ନିଜକୁ ଆମେରେ......ଭାଷାକୁ ମର୍ଯ୍ୟାଦା ଦେଇ

ଏଇ  ଓଡିଶା............(୩)

ସ୍ୱଦେଶପ୍ରୀତି କୁ ଜାଗ୍ରତ କରିବା.......ସବୁ ଓଡିଆ ଙ୍କ ପ୍ରାଣେ

ମାତୃଭାଷାଟେକ ରଖିବାକୁ ସର୍ବେ.....ଜୀଇଥିବା ଯେତେ ଦିନେ

ଏଇ ଜାତିର.............ଆମେ ରଖିଯିବା ସନମାନ

ଏ ମାଟି ମାଆ ………କେବେ ହେବ ନାହିଁ ହୀନିମାନ

ଏ ଓଡିଆ ପ୍ରାଣ ସଦା ଝୁରୁଥିବ.....

ମୋ ଓଡିଶା ପରିକେ ନାହିଁ......(୪)

ଏଇ ଓଡିଶା.................

(ପ୍ରଧାନ ଶିକ୍ଷୟିତ୍ରୀ /କବୟିତ୍ରୀ)

ନରସିଂହପୁର, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

କଳ୍ପନା ବିନ୍ଧାଣୀ



ମାତୃଭାଷା ମୋର ମା'ର ସମାନ
ମୋର ପରିଚୟ ପତ୍ର
ତା'ର ଯଶକୀର୍ତ୍ତି ଗୌରବ ସମ୍ମାନ
ରଖିବି ଟେକ ସର୍ବତ୍ର ।

ମଧୁବୋଳା ସତେନିଜ ମାତୃଭାଷା
ଝରେ ଯେବେ ମୋ ଓଠରେ
ହୃଦୟର ସବୁ ଅବ୍ୟକ୍ତ ଭାବନା
ଧୋଇ ଦିଏ ଭାଷା ଧାରେ ।

ମୋଭାଷା ଅଟଇ ମୋର ସ୍ୱାଭିମାନ
ସେ ନୁହଁ କେବେ ନଗଣ୍ୟ
ମୋଭାଷାର ଧ୍ୱଜା ଉଡୁଛି ବିଶ୍ୱରେ
ମାତୃଭାଷା ମୋ ମହାନ ।

ଓଡ଼ିଆ ବୋଲି ମୁଁ ମନେ ଗର୍ବ ଭରେ
ମୋ ଭାଷା କେଡେ ମଧୁର
ମାତୃଭାଷାର ମୋ ଗୀତା, ଭାଗବତ
ରାମାୟଣ ଶାସ୍ତ୍ର ଭଣ୍ଡାର ।

ଉତ୍କଳ ଗୌରବ, ବ୍ୟାସକବି ପୁଣି
ଗୋପବନ୍ଧୁ, ରାଧାନାଥ
ବହୁଗୁଣି, ଜ୍ଞାନୀ ମହାରଥୀ ପାଇଁ
ଫିଟିଛି ଭାଷାର ପଥ ।

ବହୁଭାଷା ପ୍ରୀତି ଅଟେ ଭଲଗୁଣ
ରଖି ଭାଷା ମୌଳିକତା
ନିଜ ମାତୃଭାଷା ରଖ ଶ୍ରେଷ୍ଠ ସ୍ଥାନେ
ଉଡାଅ ବିଜୟ ବାର୍ତ୍ତା ।

ସଭିଙ୍କ ହୃଦୟେ ଭରିଉଠୁ ସଦା
ମାତୃଭାଷାର ସମ୍ମାନ
ଭାଷା ଅଟେ ଆମ ପ୍ରାଣର ସମ୍ପତ୍ତି
କରୁଥିବା ଜୟ ଗାନ ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ସୁନିତା ମହାନ୍ତି



ଯାହାର କୋଳରେ ଜନମ ନେଲି ମୁଁ
ଶୁଣିଲି ତା ଅମୃତ ଭାଷା
କେତେ ମିଠା ଭାଷା ମଧୁ ଠୁଁ ମଧୁର
ସେହି ପରା ମୋ ମାତୃଭାଷା ।

ଶିଖାଇଲା କେତେ ଅବନା ଅକ୍ଷର
କାବ୍ୟ କବିତାର ରସ
ତା ମୁହଁରୁ ଶିଖି କେତେ ମୁଁ ଗାଇଲି
ମୋ ଭାଷାରେ ଭରା ପିୟୁଷ ।

ପଢ଼ାଇଲା ମୋତେ ମଧୁ ବର୍ଣ୍ଣବୋଧ
ଶିଖିଲି ତା ମୁଖୁ ଭାଷା
କେତେ ଯେ ସରସ କେତେ ଯେ ମଧୁର
ସେହି ଅଟେ ମୋ ମାତୃଭାଷା ।

ସେହି ଭାଷା ମୋର ଅଟେ ପରିଚୟ
ମୋ ଜାତିର କର୍ଣ୍ଣଧାର
ଭାବରେ ଦେଇଛି କେତେ ଅତ୍ମୀୟତା
କିଏ ଦେବ ପଟାନ୍ତର ।

ଉତ୍କଳ ମାଟିରେ ଜନମିଛି ବୋଲି
ଓଡ଼ିଆଣୀ ବୋଲାଇଛି
ମାତୃଭାଷା ପ୍ରୀତି ଲେଖନୀ ମୁନରେ
କାବ୍ୟ କବିତାରେ ଫୁଟଉଛି ।

ମାତୃ ଭୂମି ମାତୃ ଭାଷା ପାଇଁ ମୋର
ଜୀବନେ କରିଛି ପଣ
ତା କୋଳରେ ଯେବେ ନିଜକୁ ଭୁଲିବି
ରଖିବି ଭାଷାର ମାନ ।


ଆଳି... କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ନିବେଦିତା ପଣ୍ଡା



ଆମର ଅସ୍ତିତ୍ୱ ଆଉ ପରିଚୟ
ସମ୍ପର୍କ ମାତୃଭାଷାର,
ଜାତି କର୍ଣ୍ଣଧାର ଆମ ପାଇଁ ପୁଣି
ଏକତା ଆମ ଜାତିର ।

ଭାବର ଭାଷା ଏ ଓଡ଼ିଆର ଗର୍ବ
ସ୍ୱାଭିମାନର ପ୍ରତୀକ,
ଶୃଙ୍ଖଳିତ ଭାବେ ଏକତ୍ରିତ ହୋଇ
ରଖିବା ତାହାର ଟେକ ।

ଉତ୍କଳର ମାଟି ମଥାର ଚନ୍ଦନ
ମଥାପରେ ଯାର ସ୍ଥାନ,
ସ୍ୱତନ୍ତ୍ର ଉତ୍କଳ ଗଉରବ ଆମ
ଆମେ ଉତ୍କଳ ସନ୍ତାନ ।

ସବୁଠୁ ମଧୁର ଆମ ମାତୃଭାଷା
ଶିଖାଇଛି ଯିଏ ଜ୍ଞାନ,
ତାକୁ ନଜାଣିଲେ ତାକୁ ନ ପଢିଲେ
ମଣିଷ ରହେ ଅଜ୍ଞାନ ।

ଓଡ଼ିଆ ଭାଷାର ମଧୁ ବର୍ଣ୍ଣବୋଧ
ଓଡ଼ିଆ ପ୍ରାଣ ସ୍ପନ୍ଦନ,
ସାହିତ୍ୟ ଯାତ୍ରାର ଅଗ୍ରରାମ୍ଭ କରି
ଦେଇଛି ଦିଗ୍ ଦର୍ଶନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ' ମାଆର ଭାଷା ସବୁଠୁ ଉନ୍ନତ
ଗଢ଼ିଛି ଶବ୍ଦ ଭଣ୍ଡାର,
ଅବଦାନ କେତେ ସମାଜର ପାଇଁ
ନାହିଁ ତାର ପଟାନ୍ତର ।

ଉତ୍କଳୀୟ ଆମେ ମହାନ ଆମର
ସଂସ୍କୃତି ଓ ପରମ୍ପରା,
ଜନ୍ମଭୂମି ପାଇଁ ବଳିଦାନ ଦେଇ
କୀର୍ତ୍ତି ରଖେ ଅପାଶୋରା ।

ଓଡ଼ିଆ ଆମର ମାତୃଭାଷା ଅଟେ
ରଖିବା ତାହାର ମାନ,
ମାତୃଭାଷା ପ୍ରୀତି ଜଗାଇବା ମନେ
ତାହା ଶ୍ରେଷ୍ଠ ଅବଦାନ ।

ଜଗତ କଲ୍ୟାଣ ସାମାଜିକ ବାର୍ତ୍ତା
ସାହିତ୍ୟର ଅନ୍ୱେଷଣ,
ସୁସ୍ଥ ସମାଜ,ସୁମାନସିକତା
ଭାଷା ସାହିତ୍ୟର ଦାନ ।

ଦିବ୍ୟ ଚେତନାର ବଳେ ସୃଷ୍ଟି କରି
କାଳଜୟୀ କୃତି ମାନ,
ଶିକ୍ଷା ଓ ସଂସ୍କାରେ, ପୁଣି ଅନ୍ତଃସ୍ୱରେ
କରିବା ତ ପ୍ରସ୍ଫୁଟନ ।

ଭାଷା ସାହିତ୍ୟକୁ ଉନ୍ନତ କରିବା
ବିଶ୍ୱ ଦରବାର ପାଇଁ,
ରହିଛି, ରହିବ ସବୁଦିନ ପାଇଁ
ଅନ୍ତରେ ପୂଜିତ ହୋଇ ।


ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ବିଦ୍ୟୁତପ୍ରଭା ମିଶ୍ର



ଓଡ଼ିଆ ଭାଷାଟି ମୋର ଜୀବନ
କେତେ ସୁମଧୁର ତାହାର ସ୍ୱନ
ପ୍ରତିଟି ଶବ୍ଦରେ ଭରିରହିଅଛି
ଆହାକି ସୁନ୍ଦର ମମତ୍ୱପଣ ॥

ଓଡ଼ିଆ ଭାଷାଟି ମୋ ଅର୍ଘ୍ୟଥାଳି
ନିତି ପୂଜୁଥିବି ଲେଖନୀ ଚାଳି
ଜାତି ଜାତି ଲେଖା ନୈବେଦ୍ୟ ବାଢ଼ିବି
ହାତ ଆଖି ଥିବା ଯାଏ ମୋ ଚଳି ॥

ଭାଷା ଜନନୀର ପୂଜା କରିବା
ତାଠାରୁ ମମତା କେତେପାଇବା
ମାଟିର ମହକ ମିଳେ ତାହାଠାରୁ
ଦୂରେ କାହିଁ ଗଲେ ତାକୁ ଝୁରିବା ॥

ମୋ ମାଆର ଭାଷା ଓଡ଼ିଆ ଭାଷା
ଜନ୍ମରୁ ଶୁଣି ମୁଁ ହୋଇଛି ଘୋଷା
କେତେ ମିଠା ଅଟେ ଆମ ମାତୃଭାଷା
ଉନ୍ନତି କରିବା ବଢ଼ାଇ ଆଶା ॥

ଭାଷାଟି ଆମର ଯାଉଛି ହଜି
ପାଶ୍ଚାତ ଭାଷାର ଆଦର ଆଜି
ନିଜ ମାତୃଭାଷା ଭୁଲନାହିଁ କେବେ
ରହିଥାଅ ସଦା ତହିଁରେ ମଜ୍ଜି ॥

ତା'ପରି ଭାଷାକୁ ପାଇବ କାହିଁ
କବିତା ଓ ଗଳ୍ପ ମନ ମୋହଇ
କେତେ ଛନ୍ଦ ରାଗେ ରଚିଛନ୍ତି କବି
ପଢ଼ିଲେ ଜାଣିବ ତାହାକୁ ନେଇ ॥

ଉପେନ୍ଦ୍ର ଭଞ୍ଜଙ୍କ କବିତାବଳୀ
ଗଙ୍ଗାଧରଙ୍କର ରଚନା ଶୈଳୀ
ଗର୍ବ ଓ ଗୌରବ ଅଟନ୍ତି ସେମାନେ
ପଢ଼ିଲେ ଜ୍ଞାନକୁ ନହୁଏ କଳି ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧୁ ବାବୁ ଗୋପବନ୍ଧୁ ମହାନ
ତାଙ୍କର ସହ ଫକୀର ମୋହନ
ରଚିଯାଇଛନ୍ତି ଗଳ୍ପ ଉପନ୍ୟାସ
ସମାଜକୁ କେତେ ଦେଇ ଶିକ୍ଷଣ ।।

ଯେତେ ଭାଷା ଶିଖ ଯୁଆଡେ ଯାଅ
ନିଜ ମାତୃଭାଷା ଭୁଲିନଯାଅ
ଅଣ ଦେଖା କେବେ କର ନାହିଁ ତାକୁ
ସମ୍ମାନ ସର୍ବଦା ତାହାକୁ ଦିଅ ।।

ଆସ ମନୁ ଶବ୍ଦ ପୁଷ୍ପକୁ ଆଣି
ଗୁନ୍ଥିବା ତାହାକୁ ହୋଇ ବିନ୍ଧାଣୀ
ଭାଷା ଜନନୀଙ୍କ ପଦେ ଅର୍ଘ୍ୟ ଦେବା
ବାଗ୍‌ଦେବୀଙ୍କର ଆଶିଷ ବୁଣି ।।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

କୁଳମଣି ବାରିକ



ସା'ହିତ ସାଧନ, କରେ ପ୍ରତି ଦିନ,
ସିଏ ଅଟେ ମାତୃଭାଷା,
ଜନନୀ ତୁଣ୍ଡରୁ, ଯେ ଉଦ୍ ଗୀରଣ,
ହୋଇଥାଏ ଏହି ଭାଷା ।।
ସପତ ସହସ୍ର,ଭାଷାଙ୍କ ମଧ୍ୟରୁ,
ଅତି ହିଁ ମଧୁର ଲାଗେ,
କହିବା ସହଜ, ଲେଖିବା ସରଳ,
କହିବାକୁ ମନ ଜାଗେ ।।
ଆଉଛି ଯାଉଛି, ଖାଉଛି, ଶୋଉଛି,
ବସୁଛି ଉଠୁଛି କହେ,
ମାଆ ମାଆ ବୋଲି, ହୁରି ପକାଉଛି,
ବୋଲୁଛି ମଧୁରେ ବହେ ।।
ବାପା, ବାପା, ବୋଲି, କୁହାଟ ଛାଡଇ,
ମାଗି ନେବି ବୋଲି ଟଙ୍କା,
ଓଡିଆ ଭାଷାକୁ, ଆଦରତା ଭରେ,
କହିଲେ ନ ଲାଗେ ଶଙ୍କା ।।
ଓଡ଼ିଆକୁ ତେଜି, ଓଡିଶାର ବାସୀ,
କହନ୍ତି ଇଂରାଜୀ ବୋଲି,
ଇଂରାଜୀ ପଢୁଆ, ବାବୁ ସାହେବାଣୀ,
ଓଡିଆକୁ ଯାଏ ଭୁଲି ।।
ଓଡ଼ିଆ ହୋଇବି, ଓଡ଼ିଆକୁ କିଆଁ,
କରୁଅଛ ହତା-ଦର,
ହତା-ଦର ବଳେ, ଚଳି-ଯିବ ହେଲେ,
ରସାତଳେ ନିରନ୍ତର ।।
ମାତୃଭାଷା ମାତୃ-ଭୂମିକୁ ଭୁଲିଲେ,
ଦେଶ ହେବ ଯେ' ହୀନସ୍ଥା,
କୁଳମଣି ବାଣୀ, ହେଜ ହେ ବିଜ୍ଞାନୀ,
ବୋଲୁଅଛି ଯେଉଁ କଥା ।।
ଜନନୀ ଜନମ, ଭୂମିକୁ ଆମ୍ଭର,
ଅତି ଆପଣାର ଭାଳ,
ସ୍ନେହ, ଶରଧାରେ, ଓଡ଼ିଆ ଭାଷାକୁ,
ମନ ଧ୍ୟାନ ଦେଇ ପାଳ ।।

ଶିଶୁଆ, ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ପ୍ରତାପ କିଶୋର ରାଉତ



ଜନନୀ ଜଠରୁ ଜନମ ଲଭିଲି
ଅସହାୟେ କୁଆଁ କୁଆଁ ରାବ ଦେଲି
ଆହା କହି ସ୍ନେହେ ତୋଳି ନେଲା କୋଳେ
ତା ବାହୁ ବନ୍ଧନେ ଧରି ସ୍ନେହ ଭୋଳେ ।୧।

ତା ଛାତି ଅମୃତ ରସ ପିଆଇଲା
ଆକାଶର ଚାନ୍ଦ ମୋତେ ଦେଖାଇଲା
ସୁଧା ଝରା ତାର କୋମଳ ବଚନ
ଉଲ୍ଲସିତ କଲା ମୋର ତନୁ ମନ ।୨।

ମାଆ କୋଳେ ଥାଇ ଶୁଣିଲି ଯେ ଭାଷା
ସେହି ଅଟେ ମୋର ପ୍ରିୟ ମାତୃଭାଷା
ମୋ ମନ ଭାବନା ସେ ମାତୃଭାଷାରେ
ସାନନ୍ଦେ ପ୍ରକାଶ କଲି ଜଗତରେ ।୩।

ମୋ ମାଆ ଅଟଇ ମୋ ପ୍ରଥମ ଗୁରୁ
ପିଅର ଅଟନ୍ତି ମୋ ଦ୍ୱିତୀୟ ଗୁରୁ
ଗୁରୁକୁଳେ ଯେବେ ବିଦ୍ୟା ଅରମ୍ଭିଲି
ତୃତୀୟ ଗୁରୁଙ୍କୁ ଜୀବନେ ଲଭିଲି ।୪।

ମୋର ମାତୃଭାଷା ମୋର ପରିଚୟ
ତା ପାଇଁ ଜିଣିଛି ମୁଁ କୋଟି ହୃଦୟ
ତା ପୋଥି ପୁରାଣେ ଜୀବନ ଦର୍ଶନ
ସର୍ବତ୍ର ହୁଅଇ ମୋର ଦୃଶ୍ୟମାନ ।୫।

ଉତ୍କଳ ଜନନୀ ପୁଣ୍ୟ ଜନ୍ମଭୂମି
ମଣେ ଭାଗ୍ୟବାନ ତାକୋଳେ ଜନମି
କଳା ସାହିତ୍ୟ ଓ ସୃଜନୀର ଶାଳା
ରତ୍ନ ଗର୍ଭା ସେହି ସୁଜଳା ସୁଫଳା ।୬।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟ ଅଟଇ ମୋର ମାତୃଭାଷା
ବିଶ୍ୱକୁ ଦେଇଛି ନୂଆ ଏକ ଦିଶା
ଶିଶୁ କଣ୍ଠେ ତୋଳେ ମଧୁର ରାଗିଣୀ
କାବ୍ୟ ଜଗତର ଅଟେ ମଥାମଣି ।୭।

ଶାସ୍ତ୍ରୀୟ ସ୍ୱୀକୃତି ଲଭିଛି ମୋ ଭାଷା
ପ୍ରତି ଓଡ଼ିଆର ହୃଦେ ବୁଣେ ଆଶା
ଆଦ୍ୟ ଠାରୁ ଆଧୁନିକ ଯୁଗ ଯାଏ
ସର୍ବତ୍ର ତା ଜ୍ୟୋତି ବିଭାସିତ ହୁଏ ।୮।

ସବୁଠାରୁ ଶ୍ରେଷ୍ଠ ମାତୃଭାଷା ମୋର
ତା କୀରତି ଧ୍ୱଜା ଉଡେ ଦେଶାନ୍ତର
ସେ ଅଟଇ ମୋର ପ୍ରାଣର ସ୍ପନ୍ଦନ
ତାବିନା ଅଧୁରା ମୋହର ଜୀବନ ।୯।

ଗାଈଗୋଠ ଠାରୁ ଦେବାଳୟ ଯାଏ
ତାର ସୁଲଳିତ ପଦ ଶୁଣାଯାଏ
ସେ ଅଟଇ ମୋର ପୁଣ୍ୟ ଗଉରବ
ସର୍ବତ୍ର ପ୍ରତୀତ ତାହାର ସୌରଭ ।୧୦।

ଜୀବ ଥିବାଯାଏ ଏଇ ମାଟି ପରେ
ମୋର ମାତୃଭାଷା ଶୋହୁ ମୋ ଗଳାରେ
ତାର ସେବା କରି ଧନ୍ୟ ମୁଁ ହୋଇବି
ସେ ମୋର ଜନନୀ ତାକୁ ନଭୁଲିବି ।୧୧।

ଶେଷ ଭାଷା ହେଉ ମୋର ମାତୃଭାଷା
ଶେଷ ଯାତ୍ରା ଯାଏ ସେ ମୋର ଭରସା
ତା ଅମୃତ ବାଣୀ ମୋ କର୍ଣ୍ଣ ଗହ୍ୱରେ
ତୋଳୁ ଥାଉ ସ୍ୱର ଅମୃତ ଝଙ୍କାରେ ।୧୨।

ତେନ୍ତୁଲିପଦୀ, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ସିନ୍ଧୁ ନନ୍ଦିନୀ



ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ
ଓଡ଼ିଆ ସଂସ୍କୃତି ଆମ
କହେ ଓଡ଼ିଆ ଲେଖେ ମୁଁ ଓଡ଼ିଆ
ଓଡ଼ିଆ ଅମୃତ ସମ

ଭୁଲିବାନି କେବେ ଓଡ଼ିଆ ଭାଷାକୁ
ସେଥିପ୍ରତି ଦୃଷ୍ଟି ଦେବା
ମାତୃଭାଷା ର ଅବମାନନା କଲେ
ଅଜ୍ଞାନୀରେ ଗଣା ହେବା

ମଧୁଠୁ ମଧୁର ମାତୃଭାଷା ମୋର
ଓଡ଼ିଆ ଆମର ଗର୍ବ
ମଥାନତ କରି ମହତ ରଖିବା
ଜାତି ସଂସ୍କୃତି ଗୌରବ

ବିଶ୍ୱରେ ବିଖ୍ୟାତ ଜଗନ୍ନାଥ ଆମ
ଆମ ଓଡିଆଙ୍କ ପ୍ରାଣ
ଭାଷାର ପ୍ରଚାର ପ୍ରସାର ପାଇଁକି
ସଭିଏଁ କରିବା ପଣ

ମାତୃଭାଷା ଆମ ଅମୃତ ସମାନ
ତୁଳନା ଯାହାର ନାହିଁ
ସର୍ବୋଚ୍ଚ ରଖିବା ମା ମାତୃଭାଷା
ଉଚ୍ଚରେ ରହିବା ପାଇଁ

ବିଶ୍ୱ ମାତୃଭାଷା ଦିବସରେ ଆଜି
ପ୍ରତିଜ୍ଞା କରିବା ସର୍ବେ
ମାତୃଭାଷାର ସଦା ଟେକ ରଖିବା
ଓଡ଼ିଆ କହିବା ଗର୍ବେ

ମାତୃଭାଷାକୁ ଶ୍ରଦ୍ଧା ସମ୍ମାନ ଦେବା
ବଢ଼ିବ ଆତ୍ମ ସମ୍ମାନ
ହୃଦୟରେ ଭରୁ ମାତୃଭାଷା ପ୍ରୀତି
କରିବା କୋଟି ନମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ବାସନ୍ତୀ ଲତା ଜେନା



ମାଆ ମୁଖ ଭାଷା ମୋର ମାତୃଭାଷା
ସେତ ସବୁଠୁ ସୁନ୍ଦର
ନିଜର ଭାଷାକୁ ସନମାନ ଦେଲେ
ଜଗତେ ହେବ ମଧୁର ।୧।

ଓଡିଶା ପ୍ରଦେଶେ ଜନମ ମୋହର
ଓଡ଼ିଆର ପରିଚୟ
ଓଡ଼ିଆ କହିବି ଓଡ଼ିଆ ଲେଖିବି
ଓଡ଼ିଆ ପଠନ ପ୍ରୀୟ ।୨।

ଆମ ମାତୃଭାଷା ସର୍ବ ଗୁଣେ ଶ୍ରେଷ୍ଠ
ସେତ କେବେ ନୁହେଁ ନ୍ୟୁନ
ମାତାର ଆଦର ମାତୃଭାଷା ଦେଲେ
ଜଗତେ ହେବ ମହାନ ।୩।

ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା
ଆମ ପରିଚୟ ହେବ
ସର୍ବେ ମିଶି ଆମେ ସଂକଳ୍ପ କରିଲେ
ଭାଷା ବିକଶିତ ହେବ ।୪।

ସବୁ ଭାଷା ଆମେ ଅଧ୍ୟୟନ କରି
ଓଡ଼ିଆକୁ ନ ଭୁଲିବା
ମାତୃଭାଷା ଆମ ପରିଚୟ ଦିଏ
ଶୁଦ୍ଧ ଓଡ଼ିଆ କହିବା ।୫।

ମନର ଭାବକୁ ପ୍ରକାଶ କରିବା
ମାତୃଭାଷା ମଧ୍ୟମରେ
ନିଜ ସନ୍ତାନକୁ ପାଠ ପଢ଼ାଇବା
ଓଡ଼ିଆ ବିଦ୍ୟାଳୟରେ ।୬।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେତ ଓଡ଼ିଆ ଭାଷା ତ ବଢ଼ିଆ
ଏହି ଆମ ପରିଚୟ
ଓଡ଼ିଆ ଭାଷାର ମାନ ବଢ଼ାଇବା
ସେ ହୋଇବ ଲୋକ ପ୍ରୀୟ ।୭।

ମାତୃଭାଷା ଆମ ସରକାରୀ ଭାଷା
ଶାସ୍ତ୍ରୀୟ ମାନ୍ୟ ପାଇଛି
ମଧୁ ଓ ଫକୀର  ରାଧାନାଥ ରାୟ
ତାକୁ ସମ୍ମାନ ଦେଇଛି  ।୮।

କାବ୍ୟ କବିତା ସୃଜନ କରିବା
ଭାଷାର ବିକାଶ ପାଇଁ
ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା
ନୂତନତା ଭରି ଦେଇ  ।୯।

ମାତୃଭାଷା ଆମ ଜୀବନର ସୁଧା
ତାକୁ ଭୁଲି ଯିବା ନାହିଁ
ସଂସ୍କାର ସଂସ୍କୃତି ନୀତି ଓ ଆଦର୍ଶ
ଜୀବନ ଜିଇଁବା ପାଇଁ   ।୧୦।

ଗାନ୍ଧୀନଗର, ପୋଷ୍ଟ/ଜିଲ୍ଲା : ନବରଙ୍ଗପୁର, ମୋ
ନଂ : ୮୭୫୮୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ସସ୍ମିତା ପଣ୍ଡା



ମାଆ ଭାଷା ଆମ ଗରବ ଗୌରବ
ନାମ ଅଟେ ମାତୃ ଭାଷା
ଆମେ ଓଡ଼ିଆ ଆମ ଭାଷା ବଢିଆ
ରଖିବାନି ମନେ ଇର୍ଷା ।।

ମିଠା ତାର ସ୍ୱାଦ ନାହିଁ କିଛି ଭେଦ
ଶିଖାଏ ସଂସ୍କୃତି କଥା
ଆମ ମାତୃଭାଷା ଆମ ସ୍ୱାଭିମାନ
ଉଚ୍ଚା କରେ ଆମ ମଥା।।

ହୃଦୟରୁ ତାକୁ ସମ୍ମାନ ଅର୍ପିବା
କରିବାନି ତାକୁ ଦୁଃଖି
ଭାଷା ସାହିତ୍ୟ ର ଉନ୍ନତି କରିବା
ଜାତିର ମର୍ଯ୍ୟାଦା ରଖି ।।

କୋଟି ଓଡିଆଙ୍କ ପ୍ରାଣର ଠାକୁର
ଆମ ପ୍ରଭୁ ଜଗନ୍ନାଥ
ଓଡ଼ିଆ ଜାତିର ସଂସ୍କାର ସଂସ୍କୃତି
ଆମ ଗୀତା ଭାଗବତ ।।

ଭାରି ଦୁଃଖ ଲାଗେ କଥା କହୁ କହୁ
କହେ ଯେବେ ବଙ୍ଗଳାରେ
ଓଡ଼ିଆ ମଝିରେ ବଙ୍ଗଳା ପୁରାଇ
ଲୋକହସାଟି ହୁଏରେ ।।

ମୋର ମାତୃଭାଷା ମୋର ପରିଚୟ
ଓଡ଼ିଆ ଭାଷା ମହାନ
ଓଡ଼ିଆ ବୋଲି ମୁଁ ଗରବେ କହିବି
କରି ଭାଷାର ସମ୍ମାନ ।।


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

କଳ୍ପନା ରାୟ



ମାଆଠୁ ଶୁଣିଲି ଜନମିଲା ପରେ
ତାର ସ୍ନେହବୋଳା ଭାଷା
ବାପା କୋଳାଇ ବୁଝାଇ ଦିଅନ୍ତିରେ
କଠୋର ହେଲେବି ସୁନ୍ଦର ସେ କଥା

ଓଡ଼ିଶାରେ ଘର ମାଆ ବି ଓଡିଆ
ପଢେ ଭାଗବତ ପୁରାଣ ପୋଥି
ତାଠୁ ଶିଖିଲି ଗୁରୁ କରି ତାକୁ ଓଡ଼ିଆ
ସ୍ୱର ତାର ଥିଲା ମାଆ ସରସ୍ୱତୀ

ଭାଷା ଜାଣି ନ ଥିଲେ ଭାବ ପ୍ରକଟର
ନ ଥାନ୍ତା ମୋ ଉପାୟ
ଭାବ ବୁଝିବାକୁ ଆବଶ୍ୟକ ଭାଷାର
ମୋ ଭାଷା ଅଟେ ମୋ ଜୀବନ

ଯେଉଁ ଦିନ ଡାକ୍ତର କହିଥିଲେ ମୋତେ
କଥା ପାରିବିନି କହି
ସେଦିନ ମାଟିନଥିଲା ମୋ ପାଦତଳେ
ଭାଷାରେ ଆମେ ଚାଲୁଥାଇ

ଭାଷା ମୁ ଶିଖିଲି ମାଆବାପାଠାରୁ
ତାକୁ ଚିକ୍କଣ କଲି ଗୁରୁଠାରେ
ଧୀରେ ଧୀରେ ଧୈର୍ଯ୍ୟଶାଳୀ ନିଜକୁ
କରି ବଢିଉଠିଲି ମୁଁ ସଂସାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଆ ଇତିହାସ ବଡ଼ ଚମତ୍କାର

ଚମତ୍କାର ତା ଗୀତଗୋବିନ୍ଦ

ଭାଗବତ ତାର ଅଟେ ଶ୍ରୁତି ମଧୁର

ଭାଷା ନଥିଲେ ନଥାନ୍ତା ସତେକି ଜୀବନ

ଭାଷା ମୋ ଜନନୀ ଭଗ୍ନି ଆଉ ସଖା

ଭାଷା ମୋ ଜୀବନ ଧନ

ମାତୃଭୂମି ମାତୃଭାଷାରେ ମମତା

ମାତୃଭାଷା ଅଟେ ହୃଦଚନ୍ଦନ

ଲଇଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

ପୁଷ୍ପଲତା ମିଶ୍ର



ମୋର ମାତୃଭାଷା  ମୋ ଅର୍ଘ୍ୟର ଥାଳି
ମୋ ମନର ପରିଭାଷା,
ମନରେ ଭାବନା କରେ ମୁ ସାଧନା
ହୃଦୟରେ ଫୁଟେ ଭାଷା ।।
ମାଆର ଭାଷା ତ ମୋର ମାତୃଭାଷା
କର ତାର ଜୟ ଗାନ,
ସାହିତ୍ୟ ଭାଷାକୁ କର ଅଳଙ୍କୃତ
କର ତାହାକୁ ସ୍ମରଣ ।।
ପୁସ୍ତକ ପଠନ କର ଆହରଣ
ଭାଷାର ହେବା ଉନ୍ନତି ,
ସାହିତ୍ୟରେ ମନ କରିଲେ ତ ଧ୍ୟାନ
ସମାଜ ଯିବ ବଦଳି ।।
ସାହିତ୍ୟ ଅଟଇ ଏଭଳି ଦର୍ପଣ
ପ୍ରତିଛବି ଦେଖା ଯାଏ,
ଶୀତଳ କିରଣ ମିଳଇ ଆନନ୍ଦ
ଯେବେ ହୃଦେ ଆସିଯାଏ ।।

ମନ ବିଚଳିତ କରେ ପ୍ରଫୁଲ୍ଲିତ
କଲମ ହୁଅଇ ବ୍ୟସ୍ତ,
ଯାହା ହେଉ ପଛେ ଖୋଜଇ କାଗଜ
ଲେଖେ ମୁଁ କବିତା ଗଳ୍ପ ।।
ସାହିତ୍ୟ ମୋ ପ୍ରାଣ ସାହିତ୍ୟ ଜୀବନ
ଛାଡ଼ି ମୁଁ ନ ପାରେ ରହି,
ଆସୁ ଯେତେ ବାଧା ଆସୁ ଅସୁବିଧା
ରହିଛି ସାହିତ୍ୟ ପାଇଁ ।।
ସାହିତ୍ୟରେ ହସେ ସାହିତ୍ୟରେ ଭାଷେ
ଲେଖଇ ମୋର ଲେଖନୀ,
ସମାଜରୁ ଆଣେ ଚିତ୍ର ଓ ଚିତ୍ରଣ
ଲେଖେ ମୋହରି ଜୀବନୀ ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ଡଃ ତାନଶ୍ରୀ ପାଣିଗ୍ରାହୀ



ମାଆର ମୁଖରୁ ଶୁଣିଲି ପ୍ରଥମେ
ମଧୁବୋଳା ଯେଉଁ ଭାଷା
ସବୁଠୁ ମଧୁର ଅମୃତ ନିର୍ଝର
ତାହା ହିଁ ମୋ ମାତୃଭାଷା...

ଓଡ଼ିଆ ଭାଷାର ମଧୁ ବର୍ଣ୍ଣବୋଧ
ପ୍ରଥମେ କଲି ପଠନ
ଓଡ଼ିଆଣୀ ବୋଲି ଗରବେ କରିବି
ମୋ ମାଟିର ଜୟଗାନ...

ଉତ୍କୃଷ୍ଟ କଳାର ରାଇଜ ଉତ୍କଳ
ଆମ ପ୍ରଭୁ ଜଗନ୍ନାଥ
ସାରା ବିଶ୍ୱରେ ଶ୍ରେଷ୍ଠ ଗ୍ରନ୍ଥ
ଗୀତା ଆଉ ଭାଗବତ...

ଓଡ଼ିଆ ଭାଷା ମୋ ଜାତି ପରିଚୟ
ପାଇଛି ଶାସ୍ତ୍ରୀୟ ମାନ୍ୟ
ଆମ ମାତୃଭାଷା ଆମ ସାହିତ୍ୟ
ମୋ ଜୀବନ ପ୍ରାଣ ସ୍ପନ୍ଦନ...

ଆମରି ସଂସ୍କାର ଆମ ସଂସ୍କୃତି
ସବୁଠୁ ଅଟେ ମହାନ
ଆମ ମାତୃଭାଷା ଗର୍ବ ଓ ଗୌରବ
ଆମ ଜାତି ସ୍ୱାଭିମାନ ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା

କାହ୍ନୁ ଚରଣ ପାଣିଗ୍ରାହୀ



ଭାଷା ମୋ ଓଡ଼ିଆ ଓଡିଶା ମାଟିର
ଶିଳା ଶାଳଗ୍ରାମେ ଲେଖା
ଓଡ଼ିଆ ଜାତିର ଐତିହ୍ୟ ସଂସ୍କୃତି
କୁହେ ପରମ୍ପରା ଗାଥା

ଧନ୍ୟ ମୋ ଓଡିଶା ମୁଖେ ମିଠା ଭାଷା
ଅଛି ତା'ର ସ୍ୱତନ୍ତ୍ରତା
ଭାଗବତ, ଗୀତା, ରାମାୟଣ ପାଠେ
ଜାଗେ ହୃଦୟେ ପବିତ୍ରତା

ଭାଷା ସୁମଧୁର ଲିପି ତା'ର ଅଦ୍ୱିତୀୟ
ବିଭବ ସମ୍ଭାର ପ୍ରଶସ୍ତି ପ୍ରାଚୁର୍ଯ୍ୟ
ଭାଷା ବାଣୀଭଣ୍ଡାରକୁ ସମୃଦ୍ଧି ଦିଗରେ
ବୀରପୁତ୍ରଙ୍କ ଅବଦାନ ଲାଗେ ଆଶ୍ଚର୍ଯ୍ୟ

ମୋ ଭାଷା ମୋ ଜାତିର ଅସ୍ମିତା
ଓଡ଼ିଆ ଅଟେ ଆମ ଜୀବନ
ସେନେହ ଶରଧା ପ୍ରୀତିରେ ଆସକ୍ତା
ଓଡିଶା ପ୍ରଦେଶ ଗଠନ

ସ୍ୱତନ୍ତ୍ର ହୋଇଲା ଓଡ଼ିଆ ପ୍ରଦେଶ
ପୁଲକିତ ଓଡିଆଙ୍କ ପ୍ରାଣ
କଙ୍କାଳ ଦେହରେ ସଞ୍ଚରିଲା ପ୍ରାଣ
ଅମ୍ଳାନ ଆମ ଜାତିପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଭାଷା ଆମ ଓଡିଆ ଚଳଣି
ସାରା ବିଶ୍ୱରେ ପରିଚିତ
ପବିତ୍ର ଅଟେ ମାଟିର ଐତିହ୍ୟ
ଭାଷା ଜନନୀ ବିକଶିତ

ରାଧାନାଥ ଫକୀରମୋହନ ଗଙ୍ଗାଧର
ଉପେନ୍ଦ୍ରଭଞ୍ଜ ଗୋପବନ୍ଧୁ ମଧୁବାବୁ
ସଭିଙ୍କ କାବ୍ୟସାର ସ୍ୱାଭିମାନ ଜାତିର
ଭାଷା ସାହିତ୍ୟର ଭଣ୍ଡାର ସବୁ

ଓଡ଼ିଆ ଭାଷାକୁ ଆଦର କରିବା
ରଖିବା ତାହାର ମାନ
ଓଡ଼ିଆ ପଢିବା ଓଡିଆ ଲେଖିବା
ଜାଗି ଉଠୁ ଜାତି ପ୍ରାଣ

ଭାଷାଟି ବଞ୍ଚିଲେ ଜାତି ବି ବଞ୍ଚିବ
ସାହିତ୍ୟ ବଞ୍ଚିବ ଜାଣ
ଭାଷା ବ୍ୟାକରଣରେ ଶୁଦ୍ଧତା ଆସିଲେ
ମାତୃଭାଷା ହେବ ମହୀୟାନ

ମା ମାଟି ଭାଷା ସାହିତ୍ୟ ଓ ସଂସ୍କୃତି
ଆମ ସଭିଙ୍କ ପରିଚୟ
କରିଲେ ଆଦର ବଢିଲେ ବ୍ୟବହାର
ଓଡ଼ିଆ ଜାତିର ହେବ ଜୟ

ମାତୃଭାଷା ଦିବସରେ ନେବା ସଂକଳ୍ପ
ଭାଷାକୁ ଭୂଲିବା ନାହିଁ
ଜାତୀୟ ଜୀବନ ସମୃଦ୍ଧ କରିବା
ଓଡିଶା ଆମ ପ୍ରିୟ ଭୂଇଁ।

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ସଂତୋଷିନୀ ଦାଶ



କାଗଜ କଲମେ ପାଳନ କରିଣ
ବିଶ୍ୱ ମାତୃଭାଷା ଦିବସ
ନିଜ ଛୁଆ ଛାଡୁ ଇଂରାଜୀ ସ୍କୁଲରେ
ମନକୁ କରିଣ ହରଷ

ଫୁଲ ମାଳ ପିନ୍ଧି ସଭାରେ ଭାଷଣ
ଦେଉ ମାତୃଭାଷା ଦିବସ
ଇଂରାଜୀ ଅକ୍ଷରେ ଓଡ଼ିଆକୁ ଲେଖି
ମତାମତ କରୁ ପ୍ରକାଶ

ଭାଷା ପ୍ରୀତି ଆମ ରହିଅଛି ନୁହେଁ
ଉଛୁଳି ପଡୁଛି ଜାଣ
ସେଥିପାଇଁ ଆମେ ଇଂରାଜୀ ଭାଷାରେ
କରୁଅଛୁ ନିମନ୍ତ୍ରଣ

କହିଲା ବେଳକୁ କହୁ ଆମେ ଯାହା
କଲା ବେଳେ କରୁ ଅନ୍ୟଥା
ଏମିତି କରିଲେ ଆମ ମାତୃଭାଷା
ହେବ କିରେ ବିଶ୍ୱ ବନ୍ଦିତା ?

କଥା ଓ କାର୍ଯ୍ୟରେ ସମନ୍ୱୟ ରଖି
ଏହାକୁ କଲେ ପାଳନ
ଅନ୍ତରର ସ୍ନେହ ଶ୍ରଦ୍ଧା ଅର୍ପଣରେ
ତାତ୍ପର୍ଯ୍ୟ ହେବ ଅକ୍ଷୁର୍ଣ୍ଣ

ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭାଷା

ପ୍ରଫୁଲ୍ଲ କୁମାର ହୋତା



ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ
ଓଡ଼ିଶା ମୋ'ର ଭୂଇଁ
ଏମନ୍ତ ଭାଷା ଏପରି ମିଠା
ତାର ତୁଳନା ନାହିଁ ।
ମଧୁସୂଦନ ଓ ସେନାପତି
କ୍ରାନ୍ତିକାରୀ ତାଙ୍କ ସୃଷ୍ଟି
ଗରିବ ବନ୍ଧୁ ସେ ଗୋପବନ୍ଧୁ
ଚଳାଇଲେ ଭାଷା ଗୋଟି ।
ଆମରି ଭାଷା ଗୋଟିଏ ନଦୀ
ଶାଖା ଉପନଦୀ ଅଛି
ଦାନ କରିଛି ବୋହି ଆଣିଛି
କୀର୍ତ୍ତି ରଖିଛି ସାଇତି ।
ଭାବ ଗ୍ରହଣ ଭାଷା ଗ୍ରହଣ
ଏ ନୈମିତ୍ତିକ କାର୍ଯ୍ୟ
ହେଲେ ପ୍ରାଚୀନ ଜୀବନ୍ତ ପୁଣି
ଶବ୍ଦ ସ୍ଖଳନ ଧାର୍ଯ୍ୟ ।

ଅନ୍ୟ ଭାଷାକୁ ଏ ଭାଷା ଯାଉ
ଆପତ୍ତି ଆମ ନାହିଁ
ଭାଷା ବିସ୍ତୃତି ବ୍ୟାପକ ଲୋଡ଼ା
ଭାଷା ଜ୍ଞାନ ଥାଉ ରହି ।
ଭାଷା ମୁକୁଟ ଓ ଭବିଷ୍ୟତ
ଭାଷା ବଞ୍ଚିବା ହେଉ
ସ୍ୱାଭିମାନ ତ ରହିବ ଭାଇ
ସବୁ ମନଟିଏ କହୁ ।
ଶାସ୍ତ୍ରୀୟ ମାନ୍ୟ ଆମେ ପାଇଛେ
ପରିଚୟ ତ ସ୍ୱତନ୍ତ୍ର
ଶୁଦ୍ଧ ଲିଖନ ଶୁଦ୍ଧ ପଠନ
ପୂଜା ପାଉ ସର୍ବତ୍ର ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ମାତୃଭାଷା ମୋ ଜୀବନ

ବଟକୃଷ୍ଣ ପଣ୍ଡା



ମାତୃଭାଷା ଆମ ମହାନ ସମ୍ପଦ
ଭାଷା ନେଇ ଗର୍ବ କର
ଭଷା ଭରିଦିଏ ସ୍ୱାଭିମାନ ମନେ
ଶରୀର ଅନ୍ତରାତ୍ମାରେ ।

ଭାଷା ଅଛି ବୋଲି ଜାତିଟି ରହିଛି
ଏ ପରା ଓଡିଆ ଜାତି
ଭାଷାର ଉନ୍ନତି ଯେବେ ହୋଇବରେ
ହେବ ଜାତିର ଉନ୍ନତି ।

ଭାଷା ନେଇ ଜାତି ପରିଚୟ ମିଳେ
ଏକତା ରହେ ଜାତିରେ
ମାଆ ପରି ତାର ମର୍ଯ୍ୟାଦା ରଖିବା
ଦେଇ ମାତା ସ୍ୱୀକୃତିରେ ।

ହୃଦୟ ଆବେଗ ପ୍ରକାଶ ହୁଅଇ
ନିଜ ମାତୃଭାଷା ଦ୍ୱାରା
ଭାବର ଆଦାନ ପ୍ରଦାନ ବି ହୁଏ
କଥା ହୋଇଯାଏ ତୋରା ।

ଅନେକ ଶିକ୍ଷିତ ଇଂରାଜୀ ଭାଷାକୁ
କରନ୍ତି ବେଶି ଆଦର
ନିଜର ଗୃହରେ ନିଜ ମାତୃଭାଷା
କରନ୍ତି ନାହିଁ ପ୍ରଚଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବାହ ବ୍ରତର ନିମନ୍ତ୍ରଣ ପତ୍ରେ
ଓଡିଆ ଭାଷା ବଦଳେ
ଇଂରାଜୀ ଭାଷାରେ ଛପା ହୋଇ ଆସେ
ଏ ଆମ ଭଷା ପ୍ରୀତିରେ ।

ଭାଷା ଅବମାନା ହୋଇବ ଯେବେରେ
ସହିବନି ଦେହ ମୋର
ଗଲେ ଯିବ ପଛେ ଜୀବନ ମୋହର
ଲୋଟାଇ ଦେବି ମୋ ଶିର ।

ଯେଉଁ ଜାତି ଭାଷା ପାଣି ଓ ପବନେ
ଗଢିଛେ ଆମ ଜୀବନ
ତାର ନାମ ନେଲେ ଉଚ୍ଚାରଣ କଲେ
ମର୍ଯ୍ୟଦା ହେବନି କ୍ଷୁଣ୍ଣ ।

ମାତୃଭାଷା ପ୍ରତି ହୀନମନ୍ୟତାକୁ
କର ଆରେ ପରିହାର
ଇଂରାଜୀ ପୁସ୍ତକ ପଢ ପଛେ ତୁମେ
ଭାଷାପ୍ରାଣ ମନ କର ।

ଓଡିଆ ଭାଇକୁ ଯେଉଁଠି ବି ଦେଖ
ଓଡିଆରେ କଥା ହୁଅ
କୁଣ୍ଠାବୋଧ ତିଳେ ନକର ଓଡିଆ
ଭାଷାର ଶତ୍ରୁ ନହୁଅ ।

ଓଡିଆ ସଭାରେ ଇଂରାଜୀ ଭାଷଣ
ନିର୍ଲଜ୍ଜ ପରି ନମାର
ମାତୃଭାଷାଟିର ଭାଷଣ ପ୍ରଦାନ
ଭାଷା ଲାଗିବ ମଧୁର ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ମୋ ମନର କବିତା

ଡଃ ପ୍ରିୟଦର୍ଶିନୀ ମିଶ୍ର



ଭାବନାର ଝର କଳ୍ପ କଳ୍ପନାର
*ନବରସେ* ଭିଜା ବନିତା
ପ୍ରେମର ସାଗର ପ୍ରୀତିର ନିର୍ଝର
ତୁମେ ମୋ ମନର କବିତା ।(୧)

ଦିବ୍ୟ ଭାବନାର ଶୁଭ କାମନାର
*ଭକ୍ତି* ଭାବରେ ପୂରିତା
ସ୍ଥିତପ୍ରଜ୍ଞ ମନ ଶାଶ୍ୱତ ସନ୍ଧାନ
ଜ୍ଞାନରେ ତୁମେ ଚିର ସ୍ରୋତା ।(୨)

ତୁମେ ସେନେହର ଚିରସ୍ରୋତା ସ୍ରୋତ
ପ୍ରଗାଢ଼ *ବାତ୍ସଲ୍ୟ* ପୂରିତା
କେବେ ମୋହ ବୋଲି କେବେ କୋହ ଢାଳି
ବୁଝି ଯାଅ ମୋ ମନ ବ୍ୟଥା ।(୩)

ଅପରୂପ ଶୋଭା ଅନୁପମ ବିଭା
ଇନ୍ଦ୍ରଧନୁ ପ୍ରାୟେ ଶୋଭିତା
ଅବର୍ଣ୍ଣନୀୟା ଗୋ ଅତୁଳନୀୟା ଗୋ
ଷୋଳ *ଶୃଙ୍ଗାର*ରେ ଶୋଭିତା ।(୪)

ଶବ୍ଦ ମାଧୂର୍ଯ୍ୟର ତୁମେ ତ ଆଧାର
ଅର୍ଥ ଅଳଙ୍କାର ଭୂଷିତା
କେବେ ଛବି ଟିଏ *ରୌଦ୍ର* ଭାବର
ତୁମେ ପଶାନ୍ତିର ବାରତା (୫)

ପ୍ରକୃତି ଗୋ ତୁମେ ସଂସ୍କୃତି ଗୋ ତୁମେ
ଅତୀତର ସୁବର୍ଣ୍ଣ ଗାଥା
*ବୀର* ଦର୍ପେ ତୁମେ ଶିଶୁ ହର୍ଷେ ତୁମେ
ତୁମେ ମୋ ମନର କବିତା ।(୬)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

*କରୁଣ* ଭାବର କ୍ରନ୍ଦନ ହୃଦର
ସ୍ମିତ *ହାସ୍ୟରସେ* ସଂଶ୍ଳିଷ୍ଟା
ଯେତେ *ଜୁଗୁପ୍ସାର* ଭାବ ଦୂର କର
ତୁମେ ତ ମୋହରି ବନ୍ଦିତା ।(୭)

ଅନୁରାଗ ତୁମେ ଅନୁଭବ ତୁମେ
ଭାବପ୍ରବଣର ସରିତା
ହୃଦ ଗହିରୀର ପ୍ରଗାଢ଼ ଭାବର
ମନର ମସୀର ଜନ୍ମିତା ।(୮)

ଅଥୟ ମନର ଅବ୍ୟକ୍ତ କୋହର
*ଭୟାନକ* ଭାବେ ରଞ୍ଜିତା
କେବେ ପୁଣି ତୁମେ କୁହ ହିତବାଣୀ
ସଦା ଥାଅ ଗୋ ଆନନ୍ଦିତା ।(୯)

ତୁମେ ମୋ ମନର ଆଶା ଅଭିସାର
ତୁମେ ନାୟିକା ପରିଚିତା
ଦରଦର ସାଥୀ ଦରଦୀ ବାନ୍ଧବୀ
ତୁମେ ଛବି ଭାବେ ଅଙ୍କିତା ।(୧୦)

ମୋହରି ଆକାଂକ୍ଷା ମୋହରି ଆରାଧ୍ୟା
ଭାବନାରୁ ସ୍ୱୟଂ-ସମ୍ଭୂତା
ଶବଦରେ ଭାସି ଭାବନା ପରଷି
ରଖି ଦେଇ ଯାଅ ଅସ୍ମିତା ।(୧୧)

ଶ୍ରଦ୍ଧା-ପ୍ରେମ-ପ୍ରୀତି ତମେ ଦିବ୍ୟା ରୂପୀ
ହୃଦ ମନ୍ଦିରେ ବିରାଜିତା
ସତ୍ୟ ତୁମ ଭାବ ଶିବର ପ୍ରଭାବ
ଅବର୍ଣ୍ଣନୀୟା ସୁନ୍ଦରତା ।(୧୨)

ଜିଜ୍ଞାସାର ଛବି ଆଙ୍କି ଦିଏ କବି
ତୂଳୀ-ତଳ୍ପର ଭାବ ଛିଟା
ତୁମେ ଚିର ସାଥୀ ଜୀବନର ଭିତ୍ତି
ତୁମେ ମୋ ମନର କବିତା ।(୧୨)

ମଣ୍ଡଳ (ବଲାଙ୍ଗୀର)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଜ୍ଞାନ ଦେଇଛି ନୂଆ ଜୀବନ

ଡଃ ନାରାୟଣ ଚନ୍ଦ୍ର ସେନାପତି



ସେ ଅଛି ବୋଲି ପରା
ମଣିଷ ଆଦିମରୁ ସାଜିଛି ଅତ୍ୟାଧୁନିକ
ଆବୋରିଛି ସବୁ ଐଶ୍ୱର୍ଯ୍ୟ ହାତ ମୁଠାରେ
ସ୍ୱପ୍ନକୁ ସତ୍ୟ ଅସମ୍ଭବକୁ ସମ୍ଭବ କରି
ଆଶାର ବୈତରଣୀକୁ ସୁନା କଳସ ପରି
ଢ଼ାଳି ଦେଇଛି ମଥା ଉପରେ ।

:

ତା ପାଇଁ ଆମେ ଛୁଇଁ ପାରୁଛୁ ଅନନ୍ତ ଗଗନ
ବଡ କୌଶଳରେ
ଦେଖି ପାରୁଛୁ ପାତାଳର ଅଭେଦ୍ୟ ସୁଡ଼ଙ୍ଗ
ଆଖି ପଲକରେ
ବିନା ପରିବହନରେ ଉନ୍ନତ ଯୋଗାଯୋଗ
ଦେଶ ବିଦେଶର ଖବର
କର୍ମମୟ ଜୀବନର ସବୁ କ୍ଲାନ୍ତି ଦୂର କରୁଛି ସେ
କେତେ ସହଜରେ ।

ମୂର୍ଖ ବି ସାଜୁଛି ବୈଜ୍ଞାନିକ
ତା ଇସାରାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗରିବ ଶବ୍ଦକୁ ଛାଡପତ୍ର ଦେଇ
ଧନୀ ଶବ୍ଦକୁ ପ୍ରେମ ଶିଖାଇଛି
ବଡ ମଉଜରେ
ଆମ ମୌଳିକ ଆବଶ୍ୟକତାକୁ ଏମିତି ଯୌଗିକ କରୁଛି ଯେ
ବିଦେଶୀର ଆଖି ଖୋସି ହୋଇ ଯାଉଛି
ତା ଝଲକରେ ।

ତା ପାଇଁ ଆଜି ଆମେ ସଂପୂର୍ଣ୍ଣ ସଶକ୍ତ
ଶତ୍ରୁ ଆମ ପାଦ ଛୁଉଁଛି ପ୍ରାଣ ବିକଳରେ
ରୋଗ କହୁଛି ରକ୍ଷାକର
ଚିନ୍ତା କହୁଛି ମୋତେ ଧର
ଜୟ ଯବାନ ଜୟ କିଶାନ ଜୟ ବିଜ୍ଞାନ ଧ୍ୱନି ଯେବେ ପ୍ରକୃତି ଶୁଣିଛି
ଦିନ ମଜୁରିଆ ବି କୃଷି ଶିଳ୍ପକୁ ନେଇ
ନାଚୁଛି ବଡ ଉଲ୍ଲାସରେ ।

ଜମ୍ପରା, କେନ୍ଦୁଝର




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହଳଦୀବସନ୍ତ ବସନ୍ତେ ଉଭା

ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ



ବସନ୍ତ ଆସିଛି ଧରା ଯେ ହସୁଛି
ହଳଦୀ ବସନ୍ତ ଉଭା
ମହମହ ବାସୁଛି ଆମ୍ବ ବଉଳ
ଦେଉଛି ପ୍ରେମର ବାର୍ତ୍ତା ।।

ଖୁସିରେ ଖୁସିରେ ମଳୟ ବହୁଛି
ଋତୁ କର ଲେଉଟାଇ
ନାଲି ଟୁକୁ ହସ ପସରା ମେଲାଇ
ହଳଦୀ ମୁହିଁ ନାଚୁଛି ।।

ଶୀତର ପ୍ରକୋପ ହେଲାଣି ନିଷ୍ପ୍ରଭ
ବସନ୍ତ ମେଲି ପସରା
କୁମ୍ଭାଟୁଆ ମନ୍ତ୍ର ଫୁଲେଫୁଲେ ଗାଏ
ହୃଦୟରେ ପ୍ରୀତି ଝରା ।।

ଶୁଭବେଳା ଖୋଜୁଛି କୋଇଲି ବସି
ମଙ୍ଗଳ ଗୀତିକା ଗାଇ
ହଳଦୀ ବସନ୍ତ ଖୁସିରେ ଚାହୁଁଛି
ବସନ୍ତ ନିଏ ବନ୍ଦାଇ ।।

ହଳଦୀ ମୁହିଁର ହଳଦୀ ରଙ୍ଗ ଟି
ଭାରି ଅଟେ ଲୋଭନୀୟା
ଓଠଟି ତାହାର ନାଲିଆ ରଙ୍ଗର
ପ୍ରୀତିରେ ସେ ମତୁଆଲା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲ ପାଲିଙ୍କିରେ ଫଗୁଣ ଆସିଛି
ଭାଙ୍ଗେ ଧରା ଅଭିମାନ
ରଙ୍ଗବେରଙ୍ଗର ଫୁଲ ଯହିଁ ଫୁଟେ
ହସି ଉଠଇ କାନନ ।।

କବି ପାଲଟି ଯାଏ ଦାର୍ଶନିକ ଏଠି
ପାଇ ତା' ମିଠା ସ୍ପନ୍ଦନ
ପ୍ରଣୟର ଇସ୍ତାହାର ଲେଖିଦିଏ
ଯେବେ ଆସିଛି ଫଗୁଣ ।।

ବସନ୍ତରେ ହଳଦୀ ବସନ୍ତ ଉଭା
ଭରେ ମନରେ ପୁଲକ
ଜୀବନର ସାତ ରଙ୍ଗ ସାତ ସ୍ୱପ୍ନ
ମନ ଉଚ୍ଛନ୍ନ ସଭିଙ୍କ ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର ବରଗଡ଼
(ଦୋଳସାହି, ଭଦ୍ରକ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘୋଡ଼ା ମଦୁଆ

ବେଣୁଧର ସୂତାର



ଗେରସ୍ତ........

ଆମ ଗାଁ ଉପରସାହି ତନ୍ତୀଘର
ଲାଗିଥିଲେ ଦିନେ କଳି
ଗେରସ୍ତ ରାଗରେ ଭାରିଯାକୁକହେ
ଆଲୋହେ ଧୁଷୁଣ୍ଡି କାଳି
ମୋ ବୋତଲଟା ଦେଲୁ ଢାଳି
କାଲି କି,ସ ମୁହିଁ ପିଇ କରି ଯିବି
କାଲି ଆମ ଗାଈ ପାଳି ।।

ଭାରିଯା.......

ଯେତେ ମନାକଲେ
ଟାଙ୍କେ ପିଇଦେଇ
ଘରକୁ ଫେରୁଛୁ ରାତି
ଘୋଡା ମଦୁଆତୁ ମାଇପ ପାଖରେ
ଦେଖାଉଛୁ କରାମତି
ନାହିଁ ତୋର ଭଲ ଗତି
କୋଉ ଶୁଣିବାପ ପିଠିରେ ପଡ଼ିବ
ମୋ ମୁଣ୍ଡକୁ ଉଠିଲେ ତାତି ।।

ଗେରସ୍ତ........

ଆଲୋ ହେ ଉଦଣ୍ଡି ରଣଚଣ୍ଡି ରାଣ୍ଡି
ଆଜି ମୋ ଘରୁ ତୁ ପଳା
ମୋ,ଅ ପଇସାରେ ମଦ ମୁଁ ପିଉଛି
ଦୋଉନି ତୋ ବାପ ଶଳା
ତୋ ଭାଇଟାତ ରଇଜଳା
କାହିଁ ଗୋଟେ ଟୋକି
ଉଠାଇ ଆଣିକି
ଲଗାଇଛି ରାସ ଲୀଳା
ଏବେ ଥାନାରେ ନେଇଛି କୀଳା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରିଯା.......

ଗରଗର ହୋଇ ଭାରିଯା କହଇ
ରହରେ ଯୋଗନୀଖିଆ
ଆଜି ଛଡାଇବି ମଦୁଆ ତୋହର
ଶୁଣ୍ଠି ନାଲିପାଣି ପିଆ
ମୁଁ,ତ ମହନା ବେହେରା ଝିଆ
ବେହଡା ଦାନ୍ତତୋ ସବୁଝାଡିଦେବି
ରହରେ କାଳିଆ ଭୂଆ ।।

ଗେରସ୍ତ.......

ନିଶା ଛାଡିଗଲା ହୋଅସ ଆସିଲା
ସବୁ ସେ ପାରିଲା ଜାଣି
କଅଁଳ ଡାକରେ ଭାରିଯାକୁ ଡାକେ
ହାରାମଣି ହାରାମଣି
ଆଉ ଛୁଇଁବିନି ନିଶାପାଣି
ନିଶାପାଣି ସିନା ସଂସାର ଉଜାଡେ
ଏ,ତ ମହତ ଲୋକଙ୍କ ବାଣୀ
ଆଉ ଛୁଇଁବିନି ନିଶାପାଣି ।।

ଭାରିଯା........

ଝାଡୁ ଧରି ହାତେ ପିଟିଲା ନିର୍ଘାତେ
ଗେରସ୍ତ ପଡ଼ିଲା ତଳେ
ଝାଡୁମୁଠା ମାଡ଼େ ଓଠଟା ତାହାର
ହୋଇଗଲା ଦୁଇ ଫାଳେ
ଭାରିଯା ରାଗରେ ଜଳେ
ତମତମ ହୋଇ ପାଣି ଗରେ ଆଣି
ଗେରସ୍ତ ଉପରେ ଢାଳେ ।।

ଭାରିଯା.......

ଉଜୁଡା ସଂସାର ହସିଲା ତାଙ୍କର
ଦୁଃଖ ରହିଲାନି ଆଉ
ହାରାମଣି କହେ ଶୁଣ ମାଇପିଏ
ଝାଡୁ ମୁଠା ଥାଉଁ ଥାଉଁ
ତୁମେ ସହୁଛ ମଦୁଆ ଦାଉ
ନକରି ଅପେକ୍ଷା ଦିଅ ମହାଶିକ୍ଷା
ତୁମ ସଂସାରର ଦୁଃଖ ଯାଉ ।।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଜ୍ଞାନ ଦିବସ ଅନୁଚିନ୍ତା

ଅର୍ଜୁନୀ ଚରଣ ବେହେରା



ପ୍ରମାଣ ସିଦ୍ଧ ତତ୍ତ୍ୱ ଆଧାରରେ
ଅରଜିତ ଯେଉଁ ଜ୍ଞାନ ।
ସରଳ ଭାଷାରେ ତାହାକୁ ଟି ଆମ୍ଭେ
କହି ଥାଉଁ ହିଁ ବିଜ୍ଞାନ ॥

ଜିଜ୍ଞାସା ହିଁ ଅଟେ ବିଜ୍ଞାନ ଜନକ
ବୀକ୍ଷଣ ଟି ମହାମନ୍ତ୍ର ।
ବୀକ୍ଷଣ ଓ ପରୀକ୍ଷଣ କ୍ଷଣେ କ୍ଷଣେ
ସତ୍ୟ ହୁଅଇ ପ୍ରକଟ ॥

ଏ ସାରା ସଂସାରେ ରହିଛନ୍ତି ପୁରି
କେତେ ଜୀବ ଜନ୍ତୁ ପ୍ରାଣୀ ।
ମଣିଷକୁ ଏକା ଇଶ୍ୱର କଲ୍ୟାଣ
ଭଲ ମନ୍ଦ ପାରେ ଜାଣି ॥

ସେହି ଜ୍ଞାନ ବଳେ ମହାନ ବିଜ୍ଞାନୀ
ନିଉଟନ ଆଇନଷ୍ଟେନି ।
ମାନବ କଲ୍ୟାଣେ ବିଜ୍ଞାନ ତତ୍ତ୍ୱକୁ
ସମ୍ମୁଖେ ଥୋଇଲେ ଆଣି ॥

ସି ଭି ରମଣ, ଜଗଦୀଶ ବୋଷ ପୁଣି
ଏଡୱାର୍ଡ ଜେନର ।
ବିଜ୍ଞାନ ଜ୍ଞାନକୁ ଖଟାଇଲେ ଆଣି
ଯେସନେ ନର କିଙ୍କର ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଜ୍ଞାନ ଅଟଇ ଉତ୍ତମ ସେବକ ଆୟତ୍ତେ
ଟି ତାହା ଥିଲେ ।
ଆୟତ୍ତୁ ବାହାର ହୋଇଲେ ବିଜ୍ଞାନ ସୃଷ୍ଟି
ନାଶେ ଅବହେଳେ ॥

ଦେଖୁଛ ତ ଭାଇ ବିଜ୍ଞାନୀ ମଣିଷ ଅଜ୍ଞାନୀ
ପରାୟେ ହୋଇ ।
ସୃଷ୍ଟିରେ ଆଜି ତାଣ୍ଡବ ରଚିଛି ବେଶି
କିଛି କହୁନାହିଁ ॥

ବିଜ୍ଞାନ ଦିବସେ ସର୍ବେ ଚିନ୍ତ ଭାଇ
ବିଜ୍ଞାନର ହେଉ ଜୟ ।
ବିଜ୍ଞାନ ଲାଗୁ ମାନବ କଲ୍ୟାଣେ
ଏଡ଼ାଇ ଅଜ୍ଞାନ ଭୟ ॥

ନର ଦେହେ ଥିବ ଯାବତ ହୃଦୟ
ବିଜ୍ଞାନ ନ ହେବ ଲୟ ।
ବିଶେଷ ଜ୍ଞାନରେ ବିଜ୍ଞାନୀ ସାଧିଲେ
ବିଜ୍ଞାନ ସିଦ୍ଧାନ୍ତ ଚୟ ॥


ମୋ : ୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୃଦୁ ଆବେଗ

ନିବେଦିତା



ତୁମେ.....

ସ୍ୱପ୍ନଠୁ ସୁନ୍ଦର ବାସ୍ତବ ମୁଖର
ଫେନିଳ ଢେଉର ଗୀତି,
ନୀରବ ମନର ଅପାସୋରା ସୁର
ନିଦର ନରମ ରାତି ।

ତୁମେ.....

ଅଧରେ ମଧୁର ,ଭାବେ ଗନ୍ତାଘର
ପ୍ରେମେ ପ୍ରଣୟର ବାସ୍ନା,
ମୁଁ ମୁଗ୍ଧ ଅଭିପ୍ସାର ଇପ୍ସିତ ଆକାଂକ୍ଷା
ପ୍ରାପ୍ତିରେ ବି ଭରାତୃଷ୍ଣା ।

ତୁମେ.....

ଉଦୟରାଗର କିଞ୍ଚିତ କୁଙ୍କୁମେ
ରାଧାବଲ୍ଲଭର ରୂପ,
ନେତ୍ରଧାରେ ମୋର ସଜ୍ଜଳ ଚରିତ୍ର
ଅଲିଭା ଶିଖାର ଦୀପ ।

ତୁମେ......

ସୃଜନୀ ଶକ୍ତିର ଅସାଧାରଣ ପଂକ୍ତି
ସୀମାହୀନ ଶବ୍ଦରାଗ,
ତୂଳୀର ଶିଖରେ ବର୍ଣ୍ଣିତ ବିଭବେ
ମୃଦୁ ମୃଦୁ ଭାବାବେଗ.........ହଁ
ମୃଦୁ ମୃଦୁ ଭାବାବେଗ ।।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମେ ଆଜି ଯେଉଁଠି ସେଇଠି

ସତ୍ୟନାରାୟଣ ସିଂହ



ଆଗେଇଛେ ବୋଲି କହୁଅଛ ଭାଇ
ଯେଉଁଠି ତ ଆମେ ସେଇଠି
ବିଦ୍ୟାଳୟେ ଆଜି କୁଟନିତୀ ପଶେ
ସବୁ ଆଡେ ଖୋଲେ ମଦଭାଟି
ଚାଉଳ ଡାଲିତ ଗାଁ ବାଲାଙ୍କର
ନିତି ସଞ୍ଜ ବେଳେ ଚାଲେ ଭୋଜି
ଦାଦା ବଟିରେତ ନାଲିପାଣି ହୁଏ
କୁକୁଡା ଆଣନ୍ତି ଖୋଜି ଖୋଜି
ନାରୀର ଉନ୍ନତି ଦେଶର ପ୍ରଗତୀ
କୁମାରିତ୍ୱ ଆଜି ହଜିଯାଏ
ସୁନା ଦୋକାନରେ କ୍ଲବ ହୋଟେଲରେ
ଏଯୁଗରେ ନାରୀ ସଜାହୁଏ
ଓଢଣା ଉଡିଲା ଚୁଟିକୁ ଛାଡିଲା
ଅଧା ମିଟରରେ ଡ୍ରେସ ହୁଏ
କହିଲେ ଝିଅଲୋ ଛୋଟିଆ ପିନ୍ଧିଛୁ
ଟେଲର ବାଲାର ଦୋଷ ଦିଏ

ପର୍ବ ପର୍ବାଣିରେ ପିଠା ହୁଏ ନାହିଁ
ବିରିଆନି ସାଙ୍ଗେ ମାଂସ ଝୋଳ
ମାଣବସାରେ ତ ପୁରାଣ ଭୁଲିଣ
ଘରେ ଖେଳୁଥାନ୍ତି ଜୁଆ ଖେଳ
ଶୀତ ଖରା ବର୍ଷା ସହି ଆମପାଇଁ
କଲ ବଲ ହୁଏ ଚାଷି ଭାଇ
ଭୋଟ୍ ଏଠାରେ ନୋଟ୍ ରେ ମିଳେ
ନେତାତ ଶୋଇକି ମାରେହାଇ
ରାତିରେ କରନ୍ତି ଦୁର୍ନିତି ଅନିତୀ
ସୁର୍ଯ୍ୟ ଉଦୟରେ ପୁରାସଫା
ଯାକୁ କରିଦେବୁ ତାକୁ କରିଦେବୁ
ପାଞ୍ଚ ବର୍ଷ ପରେ ମିଳେ ଦେଖା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାକିରିତ ନାହିଁ ଏ ଯୁଗରେ ପୁଣି
ଶିକ୍ଷିତ ବେକାରି ବାରବୁଲା
ବ୍ୟବସାୟ ହୁଏ ପ୍ରତିଯୋଗିତାରେ
ସରକାର କଲା ଭାଟ ପାଲା
ଦରଦାମ୍ ସବୁ ଆକାଶ ଛୁଆଁ ତ
ଖଟି ଖଟି ପେଟ ପୁରେ ନାହିଁ
ପିଲାଛୁଆ ଆଜି ଆକୁଳ ବିକଳ
ଓଳିଏ ଖାଇଲେ ଆଉ ନାହିଁ
ବନ୍ଧୁର ବନ୍ଧୁତ୍ୱ ସେନେହ ମନ୍ତର
ଆମକୁତ ଆଜି ମିଶାଇଛି
ମିଳନ ଉତ୍ସବ ସାହିତ୍ୟ ଆସର
ଭାଷାପ୍ରିତୀ ହୃଦେ ଜଡାଇଛି
କହିବାନି ଆମେ ପୁଅ ମୋ ଏମିତି ଝିଅ ମୋ
ସେମିତି
ସ୍ୱାମୀ ତ ମୋହର କୋଟିପତି
ଗାଡି ଘୋଡାଅଛି ବ୍ୟାଙ୍କ ବାଲାନ୍ସ
ଚାକର ବାକର ଖଟୁଛନ୍ତି

କବିତାର ମୂଲ୍ୟ ରହିବନି କିଛି
ମନରେ ଗରବ ଭରିକଲେ
ମୁଁ ବଡ କବି ସବୁଆଡେ ଡକା
ନିଜକୁତ ନିଜେ ଟେକିଦେଲେ
ଅନ୍ୟ ବିପକ୍ଷରେ ବଣ୍ଡନା କରିଲେ
ଇଜ୍‌ତ ରହେନି ଥରେ ଗଲେ
ଦୋଷ ଥିଲେ କ୍ଷମା ଦେବେ ମହାଶୟ
ଭୁଲ୍ କେବେ ମୋତେ ବୁଝିବନି
ନିରବରେ ବସି ଲେଖାକୁ ପଢିବ
ଭୁଲିବନି ଯମା ଭୁଲିବନି
ଏ ଶୁଭ ମୁହୁର୍ତେ ଶପଥ କରିବା
ଅନ୍ୟାୟ ଅନିତୀ ଦୁରେଇବା
ମହିଷା ଅସୁର କଂସା ସୁର ମାରି
ରିତିନୀତି ସବୁ ବଦଳିବା
ଜାତି ଧର୍ମ ବଣ୍ଟ ଗରିବ ଓ ଧନୀ
ଭେଦ ଭାବ କିଛି ମାନିବାନି
ଯେତେ ଝଡ ଝଞ୍ଜା ଆସୁଏ ଜୀବନେ
କେବେ ହେଲେ ଭାଇ ହାରିବାନି


ପିପିଲି ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ ମୋର ତାରିଣୀ

ବିଦ୍ୟାଧର ମହାନ୍ତ



ରାଗ।। ବଙ୍ଗଳା ଶ୍ରୀ।।

ମାଆ ମୋ ତାରିଣୀ ସଙ୍କଟ ମୋଚନି
ଅଟେଇ ଅରଣ୍ୟ ରାଣୀ
ପାଖେ ବୈତରଣୀ ସ୍ୱଚ୍ଛ ନିର୍ଝରଣୀ
ଭକ୍ତ ଦୁଃଖ ପାରେ ଜାଣି ।୧।

ଘଟଗାଁ ବାସିନୀ ମନ୍ଦାର ମାଳିନୀ
ଧୂପ ଦୀପ ଜାଳି ଭକ୍ତ,
ମାଆଙ୍କ ନିକଟେ ସ୍ମରନ୍ତି ମୂହୁର୍ତ୍ତେ
ଭକ୍ତି ଭାବେ ଅନୁରକ୍ତ ।୨।

ମୋ ମାଆ ତାରିଣୀ ଅଭୟ ଦାୟିନୀ
ସର୍ବ ଦୁଃଖ ପାପ ହରା,
ବିପଦ ସମୟେ ରହିଲେ ମୁଁ ଭୟେ
ହେଉଗୋ ଅଭୟ କରା ।୩।

ମୋ ମାଆ ତାରିଣୀ ଅଭୟ ଦାୟିନୀ
ଘଟଗାଁ ମନ୍ଦିରେ ଥାଇ,
ସମସ୍ତଙ୍କ ଦୁଃଖ ବିନାଶ କରୁଗୋ
ପଦେ କମଳ ଫୁଟାଇ ।୪।

ତୁହି ମା ଜନନୀ ବିପଦ ନାଶିନି
ଧୂପ ଦୀପେ ତୃପ୍ତ ହୋଇ,
ପ୍ରତି ମୁହୂର୍ତ୍ତରେ ସାହା ହେଉ ନରେ
ଟିକିଏ କାତର ନୋହି ।୫।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ତୁହି ମା ଜନନୀ   ନଡିଆ ରାଣିଗୋ
ସଦା ଆମ ଦୁଃଖ ଶୁଣି,
ଘରେକି ବାହାରେ  ରହି ନିର୍ବିଚାରେ
ନ ରହୁ ଗୋ ତୁହି ତୁନି ।୬।

ମାଆ ମୋ ତାରିଣୀ ସଙ୍କଟ ତାରିଣୀ
ବିଶ୍ୱଜନେ କରୁ ଦୟା,
ତୁହି କୃପା କଲେ ଦୁଃଖଯାଏ ଭଲେ
ପବିତ୍ର ହୁଅଇ କାୟା ।୭।

ପ୍ରତି ସ୍ଥଳେ ରହି   ଉଦ୍ଧରୁ ଗୋ ମହୀ
ସଭିଙ୍କୁ ସନ୍ତାନ ମଣି,
ପେଟ ଚିହ୍ନି ଦେଉ ଖାଦ୍ୟ ଓ ପାନୀୟ
ତୁହି ତ ଓଡ଼ିଆ ମଣି ।୮।

ଓଡ଼ିଆ ଜାତିର   ଗର୍ବ ଓ ଗୌରବ
ସବୁ ଥିରୁ କରୁ ତ୍ରାଣ,
ଉତ୍କଳ କମଳା   ଉତ୍କଳ ବିମଳା
ରଖୁ ସଭିଙ୍କର ମାନ ।୯।

ତୁହି କୃପା କଲେ  ରହିବୁ ଗୋ ଭଲେ
ସକଳ ଜଗତ ଜନ,
ନ ପାରିବ ଛୁଇଁ   ଦୁଷ୍ଟା କାଳ ମୁହିଁ
ପାଶେ ଆସି ଘନ ଘନ ।୧୦।

ବିପଦ ସମ୍ପଦ   କରୁଗୋ ସମାନ
ଆସି ପାରେ ନାହିଁ ଦୁଃଖ,
ସର୍ବ କଷ୍ଟ ହରୁ   କାହାକୁ ନ ଡରୁ
ସର୍ବେ ଦେଉ ସଦାସୁଖ ।୧୧।

ତମ୍ବାହରା, ହରି ଚନ୍ଦନ ପୁର,
କେନ୍ଦୁଝର ଓଡ଼ିଶା
ମୋ ନ ୭୮୪୮୦୦୦୦୩୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେ ଦେବୀ

ପ୍ରେମଲତା ଦେବୀ



ମାଆ ତୁମେ ଜଗତର ହେ ଦେବୀ
ତୁମର ମହିମା କିପରି  ବା କହିବି
 ସତୀ ତୁମେ ପତି ପାଇଁ ଯଜ୍ଞେ ଗଲ ଜଳି
ସନ୍ତାନ ସୁରକ୍ଷା ପାଇଁ ସାଜିଥିଲ କାଳୀ
ସନ୍ଥ ଜନ ଙ୍କୁ ରକ୍ଷା କରିବା ନିମନ୍ତେ
ଅସୁର ସଂହର କର ପାରୁ ପରିଜନ୍ତେ
ତପସ୍ୟାରେ ତୁମର ମହିମା ଅତି ଭରି
ଭୋକ ଓପାସ ରେ ସାଜିଥିଲ ଶାକମ୍ବରି
ତୁମକୁ ଡ଼ାକଇ ଯିଏ ଅଭାବ ନ ଥାଏ
ଅନ୍ଧ ହୋଇଥିଲେ ସିଏ ନୟନ କୁ ପାଏ
ଛୋଟା ଚଳିଯାଇପରେ ସହସ୍ର ଯୋଜନ
ଧନବାନ ହୋଇଥାଏ ପରା ଟି ନିର୍ଦ୍ଧନ ।
ଯେତେ କରି କହିଲେ ବି ହୋଇବ ସେ ଊଣା
ସମୁଦ୍ର ଠାରୁ ଗଭୀର ତୁମରି କରୁଣା
ମାଆ ବୋଲି ଖାଲି ଡାକି ମୁ ପାରିବି
ସବୁବେଳେ ମାଆ ତୋର ଆଶ୍ରୟ କୁ ନେବି
ସତୀ ପାର୍ବତୀ ତୁମେ ଶିବଙ୍କ ଘରଣୀ
ଆମେ ସବୁ ତୋହର କରୁଣାର ରୁଣୀ ।

ଆନ୍ଧ୍ରପ୍ରଦେଶ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେ ଦେବୀ

ସୁଭଦ୍ରା ମହାପାତ୍ର



ନାରୀ ନାରାୟଣୀ ସ୍ୱରୁପେ ହେ ଦେବୀ
ଯୁଗେ ଯୁଗେ ତୁ ବନ୍ଦିତା
କନ୍ୟା ଭଗ୍ନୀ ଜାୟା ନାନାଦି ରୂପରେ
ଜନନୀ ତୁମେ ଗୋ ମାତା ।

ନାରୀ ରୁପେ ଜନ୍ମ ହୋଇ ଗୋ ଜନନୀ
ସ୍ତନ୍ୟରୁ ଅମୃତ ଦେଇ
ପାଳିଲ ସନ୍ତାନ ସ୍ନେହମମତାରେ
କେତେ କେତେ ଦୁଃଖ ସହି....

କନ୍ୟା ଭଗ୍ନୀ ରୁପେ ସ୍ନେହ ଶ୍ରଦ୍ଧା ଦେଇ
ଜୀବନ ସାର୍ଥକ କଲ
ଅର୍ଦ୍ଧାଙ୍ଗିନୀ ରୁପେ ଜୀବନ ପଥରେ
ହାତ ଧରି ଚାଲୁଥିଲ.

ପ୍ରୀତି ନିର୍ଝରିଣୀ ହେ ଦେବୀ ତୁମେ
ଦେଖାଅ ସଭିଙ୍କୁ ରାହା
ତୁମ ପ୍ରୀତି ସ୍ପର୍ଶ ହରିନିଏ କ୍ଲେଶ
ସୁଖେ ଦୁଃଖେ ହୁଅ ସାହା...

ପୁରୁଷ କାନ୍ଧରେ କାନ୍ଧ ମିଳାଇଣ
ସର୍ବ କାର୍ଯ୍ୟରେ ଆଗୁଆ
ମହାଲକ୍ଷ୍ମୀ ତୁମେ ମହା ମହିଷୀ ଗୋ
ପୁଜଇ ସାରା ଦୁନିଆ....

ବଡ଼ମ୍ବା... କଟକ..

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବସର ବେଳ...

ସୁରେନ୍ଦ୍ର ନାଥ ଖଣ୍ଡୁଆଳ



ବିଦାୟ ଦୁଃଖଦ ବେଳ
ବିଧିର ବିଧାନ ଖେଳ ,
ହେ ଗୁରୁମା ଘେନ ଆମ୍ଭର ପ୍ରଣାମ
ହେଲା ଅବସର ବେଳ....।।୧।

ସମୟର ସାଥେ ସାଥେ ,
ବିତରି କର୍ତ୍ତବ୍ୟ ପଥେ ,
ଆମ ବିଦ୍ୟାଳୟ ନିତି ଝୁରୁଥିବ
ସ୍ମୃତି ଧରି କାଳ କାଳ...
ହେଲା ଅବସର ବେଳ....।।୨।

ତୁମ ସେନେହ ପରଶ ,
କୁନି ଶିଶୁ ମୁଖେ ହସ ,
ଆଉ ପାଇବେନି ତୁମ ଦରଶନ
ଛିଡିବ ମମତା ଡୋର..
ହେଲା ଅବସର ବେଳ.....।।୩।

"କବିତା "ନାମେ ହିଁ ପୂଜ୍ୟ
ସତ୍ୟ ପଥେ ତୁମ ଧୈର୍ଯ୍ୟ,
ମାନବୀୟ ଗୁଣେ ବିତରି ସଭିଏଁ
କରିଥିଲ ଆପଣାର....
ହେଲା ଅବସର ବେଳ....।।୪।

ଶୁଣିବନି ଆଉ କାନ ,
ଶିଶୁ ଅଭିଯୋଗ ମାନ ,
ମଧ୍ୟାହ୍ନ ଭୋଜନ ସମୟେ ରହିଣ
ନ ବୁଝିବ କୋଳାହଳ.....
ହେଲା ଅବସର ବେଳ.....।।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତି ହେବ ଅପାସୋରା

ନ ଭୁଲିବୁ କେବେ ପରା ,

ଝୁରୁଛୁ ଝୁରିବୁ ନିତି ଖୋଜୁଥିବୁ

ତୁମ୍ଭ ବାଣୀ ସୁକୋମଳ

ହେଲା ଅବସର ବେଳ ...।୬।

ବିଭୁଙ୍କ ପାଦେ ଶରଣ ,

ନିରାମୟ ସ୍ୱାସ୍ଥ୍ୟ କାମ୍ୟ ,

ଜୀବନର ପଥ ହେଉ କୁସୁମିତ

ବିତିଯାଉ ସୁଖେ କାଳ..

ହେଲା ଅବସର ବେଳ....।।୭।

ଶିକ୍ଷକ, ନୂଆଗାଁ ବ୍ଲକ, ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୃଦୟରୁ ପଦେ...

ବାଲାଜୀ ସେଠୀ



ସାହିତ୍ୟାନୁରାଗୀ ପାଠକଟିଏ ମୁଁ
ନୁହେଁ ତ ଗାଳ୍ପିକ-କବି
ଅନାବନା ଭାବ ହୃଦୟରୁ ଝରେ
ଲେଖେ ଅଙ୍କାବଙ୍କା ଛବି ।
ଯାହା ମୁଁ ଦେଖଇ ତାହା ତ ଲେଖଇ
ପ୍ରକୃତିର ରୂପ -ଗୁଣ
ଦେଶ,ରାଇଜରେ ମୋ ଚାରିପାଖରେ
ଘଟଣା ବା ଅଘଟଣ ।
ହୃଦୟେ ସାଇତି ମାତୃଭୂମି ପ୍ରିତୀ
ମାତୃଭାଷା ଗଳାମାଳ
ମୋ ଜାତି ସଂସ୍କୃତି ସଂସ୍କାର ଗାରିମା
ବଞ୍ଚିରହୁ କାଳକାଳ ।
ହୃଦୟ କନ୍ଦରେ ଅଛି ଯେତେ ଖେଦ
ଅନ୍ତରଙ୍ଗେ ମିଳେ ଶାନ୍ତି
କବି ମନ ତଳ ଅକୁହା ଭାବନା
କଲମ ଦିଅଇ କାନ୍ତି ।
ଭାଷା ସାହିତ୍ୟର ମହା ସିନ୍ଧୁ ତୀରେ
ମୁଁ ଅତି କ୍ଷୁଦ୍ର କଣିକା
ସେ ସିନ୍ଧୁ ସଲିଳେ "ହୃଦୟରୁ ପଦେ"
ମିଶି ହେଉ ଦ୍ରବଣିକା ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତ୍ରିଅକ୍ଷର ପ୍ରିୟ ବାବା ତ୍ରିଲୋଚନ

ଆଲୋକ କୁମାର ସାହୁ



ତିନୋଟି ନୟନ ଥିବାରୁ ବାବା ହିଁ ତୁମେ ଅଟ ତ୍ରିଲୋଚନ
ସୃଷ୍ଟିରକ୍ଷା ପାଇଁ ଶ୍ରଦ୍ଧା ସହକାରେ ଗରଳ କରିଲ ପାନ ।।
ହାତେ ଧରିଥିବା ତ୍ରୀଶୁଳ ତୁମର
ଅଟେ ତିନୋଟି ଅକ୍ଷର
ବେକରେ ଧାରଣ କରିଛ ମହେଶ
ବାସୁକୀ ତିନି ଅକ୍ଷର ।।
ବାମ କରେ ଧର ଡମ୍ବରୁ ତୁମର
ତିନି ଅକ୍ଷର ବିଶିଷ୍ଟ
ଡମ୍ବରୁ ଶବଦ ତା ଧରିମ ତାଧରିମ
ଶବ୍ଦ ମଧ୍ୟରେ ଶ୍ରେଷ୍ଠ ।।
କୈଳାସରେ ବାସ କରୁଛ ମହେଶ
ଏହାବି ତିନି ଅକ୍ଷର
ମଶାଣି ଭ୍ରମଣ କରୁଛ ମହେଶ
ଶେଷ ଠିକଣା ଜୀବର ।।
ଅର୍ଦ୍ଧାଙ୍ଗୀନି ତୁମ ଅଟନ୍ତି ପାର୍ବତୀ
ସେ ନାମ ତିନି ଅକ୍ଷର
ଦେହରେ ବିଭୂତି କରୁଛ ଲେପନ
ଭସ୍ମ ମଧ୍ୟେ ଏହା ସାର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଣ୍ଡବ ନୃତ୍ୟରେ ବିଭୋର ହେଉଛ
ଏହା ବି ତିନି ଅକ୍ଷର
ନୃତ୍ୟରେ ମହେଶ ହୁଅ ନିମଗନ
ଭୁଲି ଯାଉଛ ସଂସାର ।।
ଦୁଦୁରା ଗୟସ ଆଦି ସର୍ବ ଫୁଲ
ଅଟନ୍ତି ତିନି ଅକ୍ଷର
ତ୍ରିଶାଖା ବିଶିଷ୍ଟ ବେଲ ପତରଟି
ପ୍ରିୟ ଅଟଇ ତୁମର ।।

ଶିକ୍ଷକ, ବନ୍ଧୁଗାଁ ବ୍ଲକ, କୋରାପୁଟ
ଯୋଗାଯୋଗ:-୭୯୭୮୧୧୦୦୭୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେତେ ଲୀଳା ଲଗାଇଛ କଳାଠାକୁର

ଗଗନ ବିହାରୀ ଷଡ଼ଙ୍ଗୀ



ମୟୂର ଚୁଳିଆ ମୋହନ,
ବସିଅଛ ହୋଇ ମଉନ ।୧
ଦୁନିଆଁ ରୀତିରେ ହସୁଛ,
ଭକ୍ତ ଜନ ମନ ମୋହୁଛ ।୨
କେତେ ଯେ ଲୀଳା ଲଗାଇଛ,
ଦର୍ଶନେ ପାପୀଙ୍କୁ ତାରୁଛ ।୩
ଆହେ ମୋର କଳା ଠାକୁର,
ପୂଜା ପାଅ ସାରା ବିଶ୍ୱର ।୪
ଅବ୍ୟକ୍ତ ଅଚିନ୍ତ୍ୟ ଅନନ୍ତ,
ଦୀନ ଜନ ବନ୍ଧୁ ସାମନ୍ତ ।୫
ଲୀଳାରେ ପାଗଳ ଜଗତ,
ଫେଡୁଛ ସକଳ ଦୁରୀତ ।୬
କୋଟିପତି ଶେଠ ଗର୍ବରେ,
ଲକ୍ଷେ ଟଙ୍କା ଭୋଗ ଲାଗିରେ ।୭
ଭାବନ୍ତେ ସେସବୁ ଜାଣିଲ,
ପାନରେ ଗର୍ବକୁ ଭାଙ୍ଗିଲ ।୮

ଚୁଡଙ୍ଗ ସାହିର ମାଣିକ,
ଖେଚୁଡ଼ି ରେ ତବ ସଉକ ।୯
ଶୁଚି ଅଶୁଚି ନ ବାରିଲ,
ବାଳକ ରୂପରେ ଭୁଞ୍ଜିଲ ।୧୦
ସ୍ୱର୍ଣ୍ଣ ଥାଳି ଅନ୍ନ ତେଜିଲ,
କର୍ମା ହାଣ୍ଡି ଅନ୍ନ ଭକ୍ଷିଲ ।୧୧
ଦାସିଆ ବାଉରୀ ଶ୍ରୀଫଳ,
ହସ୍ତ ପ୍ରସାରି ହର୍ଷେ ନେଲ ।୧୨
ସାଲବେଗ ଡାକ ଶୁଣିଲ,
ନ ଚଳି ଅଚଳ ରହିଲ ।୧୩
ବଳରାମ ବାଲି ରଥରେ,
ବିଜେ କଲ ହର୍ଷ ଅନ୍ତରେ ।୧୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଘୁ ଦାସ ପାନ ଭକ୍ଷିଲ,
ଚାଦର ବନ୍ଧକ ରଖିଲ ।୧୫
ବନ୍ଧୁର ଦୁଃଖକୁ ସୁଣିଲ,
ସ୍ୱର୍ଣ୍ଣ ଥାଳି ଅନ୍ନ ବାଣ୍ଟିଲ ।୧୬
ଗଜପତି ଆଦ୍ୟ ସେବକ,
କରିଛନ୍ତି ନତ ମସ୍ତକ ।୧୭
ବାହୁ ବଳେ ରଥେ ନ ବସି,
ଉଠ ମଣିମା ଡାକେ ଖୁସି ।୧୮
ଦମ୍ଭ ଗର୍ବ ଯେ ଅହଙ୍କାର,
ତବ ପାଶେ ସବୁ ବେକାର ।୧୯
ଅସତ୍ୟ ଅଧର୍ମ ଅନୀତି,
ତେଜିଲେ ମିଳେ ମୋକ୍ଷ ଗତି ।୨୦
ଦୟା ପ୍ରୀତି ବନ୍ଧୁ ସ୍ୱଭାବ,
ଥିବା ଜନରେ ତୁମ ଭାବ ।୨୧
ମଧୁର ବିନୟ ବଚନେ,
ଦୁଃଖ ହରି ନିଅ ତତ୍କ୍ଷଣେ ।୨୨
ଭଜନ କୀର୍ତ୍ତନ ଅର୍ଚ୍ଚନେ,
ପାଶେ ରୁହ ଶୁଭ ଚିନ୍ତନେ ।୨୩
ହିଂସା ଦ୍ୱେଷ ଛନ୍ଦ ଭୁଲିବା,
ଜଗତେ କିରତି ଅର୍ଜିବା ।୨୪

ବ୍ଲକ କଲୋନୀ, ଆଠଗଡ, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଃସଙ୍ଗତା

ବିବାସିନୀ ପଟ୍ଟନାୟକ



ଜନ୍ମବେଳେ ପିତାମାତା

ପ୍ରିୟ ପରିଜନ,

ପରେପରେ ସାଙ୍ଗସାଥୀ

ବନ୍ଧୁ ସଖାଗଣ ।

ଜୀବନଟା କଟିଯାଏ

ସୁଖ ଆଉ ଦୁଃଖେ,

ଏମିତି ଘଟଇ ପୁଣି

ସମୟାନୁବର୍ତ୍ତେ ।

ଅନ୍ୟର ଦୁଃଖରେ ତୁମ

ସହଯୋଗ ହାତ,

ବଢାଇବା ପରେ ଭୂଲେ

ତୁମର ବ୍ୟକ୍ତିତ୍ୱ ।

ତିଳତିଳ କରି ଜଳି

ନିଜକୁ ଯେ ଭୂଲି

ଆପଣା ଜନଙ୍କ ପାଇଁ

ସୁଖ କାମ୍ୟକରି ।

ଠିକବାଟେ ଚାଲିଶେଷ

ଦୋଷୀରେ ସେ ଗଣା,

ସତ କଥା ଲୁଚିଯାଏ

ଦେଖାଇହୁଏନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପମାନ, ଦୂର୍ବ୍ୟବହାର
ଲଜ୍ଜା ଆଦି ଯେତେ
ମୂଣ୍ଡପାତି ସହିବାକୁ
ପଡେ ସ୍ଥିତି ମଧ୍ୟେ ।
ସୀମା ଟପିଗଲେ ସବୁ
ସହିବା କ୍ଷମତା,
ବାରମ୍ବାର ସାମ୍ ନା କରି
ଆସେ ନୀରବତା ।
କଥା କଟାକଟି ସଦା
ଭୂଲ୍ ବାଛିବାଛି
ଖାପଖୁଆଇ ଚଳି ବି ନ
ବୁଝେ କେ ଯଦି
ତ୍ୟାଗ, ପ୍ରେମ, ସ୍ନେହ, ସେବା,
ସାହାଯ୍ୟର ହାତ
ପାଏଯଦି ଶେଷେ ପୁଣି ସେ
କୁଠାରଘାତ ।

ତେଣୁ ଏକାନ୍ତକୁ ବାଧ୍ୟେ ନିଏ
ଏ ଆପଣେଇ,
ଥରେ ହୃଦ ଭାଙ୍ଗିଗଲେ
କିବା ତରଳଇ ?
ଥରେ କି ଦିଥର ନୂହେଁ,
ବାରମ୍ବାର ଯଦି,
ନୀରବଦର୍ଶକ ସର୍ବେ
ରହିବେଟି ସାଜି ।
ବାରମ୍ବାର ପ୍ରତାରଣା
ଠୋକର୍ କି ଧୋକା
ଜୀବନ ବଦଳିଯାଏ
ହୋଇ ନିଃସଙ୍ଗତା ।
ସେଇ ନିଃସଙ୍ଗତା
ଯେବେ ଆସିଯାଏ ଥରେ
ପଥର ସାଜେ ମଣିଷ
ଅଭିଜ୍ଞତା ବଳେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ସହ ଆତ୍ମୀୟତା,

ସମ୍ମାନ, ଆଦର,

ସଂପର୍କ ଘନିଷ୍ଠ ହୁଏ

ପରମାତ୍ମାଙ୍କର ।

ଆତ୍ମା ପରମାତ୍ମା ଯେବେ

ଏକାନ୍ତ ବିଜନେ

ସାକ୍ଷାତେ ଅନନ୍ତଶକ୍ତି

ଧଇର୍ଯ୍ୟ ତକ୍ଷଣେ ।

ନିଃସଙ୍ଗତା ସୂଚାଏ ଯେ କେ

ନୁହେଁ କାହାର

ସ୍ୱାର୍ଥ, ଛଳନା ସଂପର୍କ

ସବୁ ଦିଦିନର ।

ଭୟ, ଲଜ୍ଜା, ଅପମାନ

ଅବା ଅଣଦେଖା,

ଦେଣ ନେଣ ଭାବ

ଅବା କୂଟ କୂଟୀଳତା ।

ନଥାଏ ଯେଣୁଟି ଶ୍ରେଷ୍ଠ

ଅଟେ ନିଃସଙ୍ଗତା

ହାରି ହାରି ଜିତି ଶେଷେ

ମିଳେ ସଫଳତା


କାଳୁପଡା ଘାଟ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋକା କିଏ, ଅତୀତ ନା ବର୍ତ୍ତମାନ

ଡା ମହେନ୍ଦ୍ର ପ୍ରସାଦ ଦାସ (ଦୂର୍ବାଦଳ)



ପିଲାବେଳେ ପାଠ ପାଇଁ ଦରକାର
କପଡା ଝୁଲାଟେ ସିଲଟ ଖଣ୍ଡେ
ନିଜେ ବୋହିକିରି କାନ୍ଧରେ ବସ୍ତାନି
ଚାଲି ଚାଲି ଯାଉ କାଦୁଅ ଦାଣ୍ଡେ ।।

ସମୟ ଆଗୁ ପାଠ ଶାଳାରେ ପହଞ୍ଚି
ବିଦ୍ୟାଳୟ ହତା ଶ୍ରେଣୀର କକ୍ଷ
ସଫା କରୁଥିଲୁ ଯେ ଯାହା ପାଳିରେ
ଅମାନିଆ ନୋହୁଥିଲୁ ପ୍ରମୁଖ ।।

ଅପେକ୍ଷା ନଥିଲା ଗାଡି ମୋଟରକୁ
କିଏ ବା ଆମକୁ ନବ ଆଣିବ
ଗ୍ରୀଷ୍ମ ବର୍ଷା ଶରତ ହେମନ୍ତ ଶିଶିର
ବସନ୍ତେ ବଦଳୁ ନଥିଲା ଭାବ ।।

ସ୍ନେହ ମମତାରେ ପୁଅ ଝିଅ ମିଶିପାଠ
ପଢୁଥିଲେ ଏକା ଶ୍ରେଣୀରେ
ଅଲକ୍ଷରେ ଗୁରୁ ଧ୍ୟାନ ରଖୁଥିଲେ ସବୁ
ବିଦ୍ୟାର୍ଥୀଙ୍କ ଭଲ ମନ୍ଦରେ ।।

ଅଙ୍ଗି ପଟା ଆମ ଏତେବି ନଥିଲା ଯେତେ
ଏବେ ସବୁ ଲୋଡା ହେଉଚି
ସବୁ ଅଛି ସିନା ଆପଣା ପଣଟା କେଜାଣି
କେଉଁଠି ଲୁଚି ଯାଇଚି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାତ ଛଡା ଆମ ପିଲାକାଳେ କେବେ
ଅଲଗା ଖାଇବା କୋଚିତ ମିଳେ
ଭଳି ଭଳି ଖାଦ୍ୟ ଖାଇ ଏବେ ପିଲା
ବହୁବିଧ ରୋଗ ଭୋଗନ୍ତି ହେଳେ ।।

ସନ୍ଧ୍ୟାବତୀ ଲାଗି ପ୍ରଥମ ପ୍ରହରେ
ସହଳ ରାତିର ଖାଦ୍ୟକୁ ସାରି
ରାତି ଦିଘଡିରେ ଶୟନ କକ୍ଷରେ
ଆନନ୍ଦରେ ନିଦ୍ରା ଥିଲା ସବୁରୀ ।।

ଚାଷି କୃଷି କରି ଅଶନ ଫଳାଇ ଯଚେଇ
ହେଉଛି ହାଟରୁ ହାଟ
ମାହାଲିଆ ଖାଇ ନାପିତ ଦୋକାନେ
ଅବାଗିଆ ଚୂଟି କଟାରେ ହଟ ।।

ଅସନା ସାମଗ୍ରୀ ବଜାରରୁ କିଣି
ସଜେଇ ହୁଅନ୍ତି କ୍ଷଣକୁ କ୍ଷଣ
ଅତିତ ସମୟେ ଏମିତି ନଥିଲା
ତେଲ ହଳଦିରେ ମୁହଁ ଚିକ୍କଣ ।।

ସୋରିଷ କି ଅବା ଭୂଇଁ ଚଣା ତେଲ
ଖାଦ୍ୟ ପାଇଁ ଥିଲା ଅତି ଆଦର
ଏବେ ରିଫାଇନ ଭଳି ଭଳି ସିନା
ଅମ୍ଳ ପିତ ରୋଗେ ପିଡିତ ନର ।।

ସେକାଳରେ ଏତେ ଗାଡି ମୋଟରରେ
ଯିବା ଆସିବା ତ ହେଉନଥିଲା
ଏବେ ଦୁଇ ପାଦ ଚାଲି ଅସହଜ
ଚାଲି ଦେଲେ ପେଲି ହୁଅନ୍ତି ଭଲା ।।

ବୋକା କିଏ ଅତୀତ ନାଁ ବର୍ତ୍ତମାନ
ମନକୁ ଟିକିଏ ପଚାରି ନେବା
ଆବଶ୍ୟକ ଠାରୁ ଅଧିକ ଆବୋରି
କାହିଁକି ଅଯଥା ଭାରି ହୋଇବା ।।

ପରସିଙ୍ଗା/ଭଦ୍ରକ
ବୈପାରୀଗୁଡା/କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ସ୍ୱପ୍ନ କେବଳ ସଜଡ଼ା

ବିଷ୍ଣୁ ପ୍ରସାଦ ମିଶ୍ର



ସ୍ୱପ୍ନର ଆଶା ମୋ ମରୁ ମରୀଚିକା
ସାଗର ବୁକୁରେ ବାଲିସ୍ତୁପ ଦେହେ
ଊର୍ମି ଢ଼େଉର କୋଳେ,
ସୁଖର ଶେଜ ମୋ ସଜା ହୋଇଲାଣି
ଛ"ଖଣ୍ଡି କାଠର ପ୍ରଜାପତି ଯୋଗ
ପଲଙ୍କ ପରେ.

ଜୀବନ ଜୀବିକା ଜଉଘର ସାଜେ
ଜଞ୍ଜାଳ ଜାଲର ଖେଳ ଖାଲି ଏଠି
ଦେଇଯାଏ ପ୍ରତାରଣା,
ଭାବନାର ଭାଷା ଅଭିମାନ ସାଜି
ଝଡ଼ ରଚିଥାଏ ମରୁଭୂମି ରୂପୀ
ହୋଇ ମନେ ଆନମନା.

ସ୍ନିଗ୍ଧ ଶୀତଳ ମରୁତ ସାଜଇ
ସ୍ପନ୍ଦନ ଦେହେ ସ୍ମୃତିର ପୂଲକେ
ଗ୍ରୀଷ୍ମ ପ୍ରବାହ ଝଡ଼,
ରଜନୀଗନ୍ଧାର ବାସର ଶେଜରେ
ପହିଲି ସୁରୁଜ ମୁରୁଜେ କାଟେ କି
ଜୀବନ ରେଖାର ବାଡ଼.

ଇଚ୍ଛା ବଞ୍ଚିତ କାର୍ଯ୍ୟେ ଇଙ୍ଗିତ
କର୍ମ ଲାଳସାରେ ମର୍ମ ହଜିଛି
କରମର ସାଥେ ଜୀବନେ ଖେଳି,
ଖେଳ ନାୟକ କି ପୃଷ୍ଠା ଗଣିଛି
ଜୀବନରେ କେବେ କେତେ ଦିନ ଧରି
କେଉଁଠି ଅବା ମୁଁ ଖେଳିବି ବୋଲି.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁନିଆଁରେ ସତ ଦୁଇଟି ନିଆଁକୁ
ଯିବା ଆସିବାରେ କେଉଁଠି ଲାଗଇ
କେ ଦେଖିନାହିଁ,
ମାନ, ଅଭିମାନ, କପଟ, ଛଳନା,
ମିଛେ ଖାଲି ମୋହ, ମାୟା, ଲୋଭେ
ମୋର ମୋର ବୋଲଇ.

କିଏ କହିପାରେ ଆସିବା ସମୟ
ଦୁଃଖ ବିତିଲାଣି ସୁଖ ପାଇବାକୁ
ହୁଅ ଚଞ୍ଚଳ,
ଚାହୁଁ ଚାହୁଁ ଆସି ପହଞ୍ଚିବ କାଳ
କର୍ମ ପଥେ ତୋର ଜୀବନ ଯୁଦ୍ଧରେ
ସୁଖର ସପନ ଦେଖିବା ସାର.

ପଦ୍ମ ପତରେ ପାଣି ଫୋଟକା ଏ
କିଛିକ୍ଷଣ ପାଇଁ ଏପଟ ସେପଟ
ଟଳମଳ ହୋଇ ଖାଲିତା ଖେଳ,
ଜଳୁଥାଏ ସିନା ଜୀବନ ସଳିତା
ସରିସରି ଯାଏ ସମୟ ଦୀପ ରେ
ଘିଅ ସରିବାକୁ ଅଳପ ବେଳ.

ନିୟତି ନେପଥ୍ୟୁ ବାହୁଡା ରୋଷଣୀ
ଅଜଣା ଶବଦେ ବାଜା ଶୁଭିଲାଣି
ଜୀବନର ପଥେ ପ୍ରତି ପଦଧାରେ ଅନ୍ଧାର ଘୋଟେ,
ଝୁରିବାଟା ଖାଲି ଝରା ଅତୀତ ର
ସାଇତା ସପନ କେବଳ ମାତର
ସ୍ପନ୍ଦିତ ଖାଲି ଯା ସ୍ମୃତିର ତଟେ.

ରଥଶର୍ମା କଲୋନୀ, କୋରାପୁଟ
୯୧୨୪୦୪୯୧୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ବିନା କେହି ନାହିଁ

ବ୍ରଜେଶ୍ୱରୀ ସିଂ



ଦୁଃଖି ମଣିଷର ଦୁଃଖ ଶୁଣିବାକୁ
ଅଛ ଏକା ପ୍ରଭୁ ତୁମେ
ତୁମ ବିନା ଆଉ ଅଛି କେ ସାହାରା
ଏତେ ବଡ଼ ଧରାଧାମେ ।
କେଉଁ ଜନମରେ କି ପାପ କରିଛି
ଦେଉ ଅଛୁ କଷ୍ଟ ଏତେ
ସବୁ ଦୁଃଖକୁ ମୁଁ ସୁଖ ମଣୁଅଛି
ପାଇବାକୁ ପ୍ରଭୁ ତୋତେ ।
ଚକା ଆଖିରେ ତୁ ସବୁ ଦେଖିକରି
ଭକ୍ତକୁ କରୁ ନିଜର
ଏହି ଜନମରେ ଭାଗ୍ୟ ମୋର ଛୋଟ
ମୋ ପାଇଁ ହେଉ ପଥର ।

କଳା ସାଆନ୍ତ ହେ କାଳିଆ ଠାକୁର
ବାରେ ମୋତେ ଦୟାକର
ମଣିଷ ଜନମୁ ଉଦ୍ଧାର କରିଣ
ସ୍ଥାନ ଦିଅ ଶ୍ରୀ ପୟର ।
ତୋର କରୁଣାରୁ ଊଣା କରିବୁନି
ଆହେ ମୋ କଳା ଠାକୁର
ଯେତେ ଦିନଥିବି ଏ ମହୀ ମଣ୍ଡଳେ
ଭଜୁଥିବି ନାମ ତୋର ।

ସଂପାଦିକା - ବଉଳଫୁଲ
ମୋ : ୯୪୩୮୪୭୧୪୧୧



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଁ ବରଗଛ

ଜୟଦେବ ମାଝୀ



ଥୁଣ୍ଟା ବରଗଛର ଅସହ୍ୟ ନିଆଁ,
ପାହାଡ ତଳରେ ଆମରି ଗାଁଆ ॥୧॥

ଚାରି ଦିଗ ଶୁଭେ ବିହଙ୍ଗ କୂଜନେ,
ଗାଁ ବରଗଛ ଭାବେ ନିରାଶା ମନେ ॥୨॥

ଦିନ ପରେ ଦିନ ହେଉଛି ଦୁର୍ବଳ,
ତୁମ ଅତୀତକୁ କରିଛି କୋମଳ ॥୩॥

ସଭିଁଙ୍କୁ ଦିଅଇ ବିଶୁଦ୍ଧ ଅମ୍ଳଜାନ,
ତଥାପି ତମେ ପିଶାଚ ଠୁଁ ହୀନ ॥୪॥

ଗ୍ରୀଷ୍ମ ପ୍ରବାହେ ଯୋଗାଏ ଛାଇ,
ଅବଶେଷ ଦୂରକରେ ବାଟୋଇ ॥୫॥

ଶୀତଳ ଜୀବ ଗାଁ ବରଗଛ ମୁହିଁ,
ମୋ ଶାଖାକୁ ନାଶ କରୁଛ କାହିଁ ? ॥୬॥

ଅଶାନ୍ତ ଜହ୍ନରାତିର ବିଜୁଳିବତି,
ବୁଢ଼ା ବରଗଛ କରୁଛି ବିନତି ॥୭॥

ସୁନେଲି ସକାଳର ନବ ଉନ୍ମେଷ,
ମୋର ଜୀବନକୁ ନ କରି ଶେଷ ॥୮॥

ମାନବ ଜାତିର ମଙ୍ଗଳ ପାଇଁ,
ଜଙ୍ଗଲ ସମ୍ପଦ କ୍ଷୟ କରନି ॥୯॥

ଜୀବ ଜଗତର ସ୍ଥିତି ଭୟଙ୍କର,
ପରିବେଶ ସୁରକ୍ଷା ସଭିଁଏ କର ॥୧୦॥

କଲେଜ ଛକ୍, କଟକ ୭୫୩୦୦୩
ଦୂରଭାଷା - ୮୧୧୪୩୧୭୬୬୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସ ଆସ ସଖି

ସିଦ୍ଧେଶ୍ୱର ତ୍ରିପାଠୀ



ଫୁଲ ମହକରେ ମହକୁଛି ବନ
ଏଇ ଫଗୁଣକୁ ପାଇ
ଆସ ଆସ ସଖି ମୋ ବାହୁ ବନ୍ଧନେ
ପୀରତିରେ ଗୀତ ଗାଇ ।

ଭିଜି ଭିଜାଇବ ଅଦିନ ମେଘରେ
ପାଦରେ  ମିଶାଇ ପାଦ
ନିମିଶରେ ସବୁ ମିଟି ଯାଇଥିବ
ଆମ ଛୋଟ ମତଭେଦ ।

ଅକଳ ସକଳ ସୁଖ ମଣୁଥିବି
ତୁମ ଦେହକୁ ମୁଁ ଛୁଇଁ
ଆସ ଆସ ସଖି ମୋ ବାହୁ ବନ୍ଧନେ
ପୀରତିର ଗୀତ ଗାଇ ।

ନିଦାଘ ସରିଛି ଶ୍ରାବଣ ଝରିଛି
ବିତିଛି ଶରତ ଶୀତ
ମଧୁ ମଳୟର ପରଶ ସାଥିରେ
ଆସିଛି ଏଇ ବସନ୍ତ ।

ଏଇ ଦୁଇ ଆଖିରେ ପଲକ ପଡେନି
ତୁମରି ବାଟକୁ ଚାହିଁ
ଆସ ଆସ ସଖି ମୋ ବାହୁ ବନ୍ଧନେ
ପୀରତିର ଗୀତ ଗାଇ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାସୁଭାଇ

ସରସ୍ୱତୀ ପଣ୍ଡା



ସବୁ ସମର୍ପି ଦେଇଛି ବୋଲି ତ
ଏ ଅବ୍ୟକ୍ତ, ଅସୀମିତ ଯନ୍ତ୍ରଣା
ଏ ଅନ୍ତର୍ଦହନ
ଲୁହରେ ନିଆଁ ଖସୁଛି ।

ତମେ ତ ଜାଣିଛ
କେତେ ଅଗଣନ ସମୟଧରି ମୁଁ ରୋଗଗ୍ରସ୍ତ.
ତମେ ପାଖରେ ଥିଲେ
ସଞ୍ଜଲାଗେ ମିଠା, ଜହ୍ନଲାଗେ ମିଠା
ଲୁହଲାଗେ ମିଠା, ରାତିଲାଗେ ମିଠା
ତମ ଦେହମଖା ପବନରେ
ସାରାଟା ପରିବେଶ ଲାଗେ ମିଠା
ଖାଲି ମିଠା ହିଁ ମିଠା ।

ଆଉ ତମେ ନ ଥିଲେ...
ଗୋଟେ ବିରାଟ ଶୂନ୍ୟତା ମୋ ପିଛାକରେ
ତା'ର ଖାଁ ଖାଁ ଶବ୍ଦରେ
କାନ ତାଲା ହୁଏ
ମୁଁ ନିଜ ଭିତରେ ନିଜେ
ଜାକିଜୁକି ହୋଇ ବସିପଡ଼େ
ତାରି ଭିତରେ ଜାକିହୋଇଯାଏ ସବୁ ସ୍ୱପ୍ନ
ଛାଡ଼ିଯାଏ ସବୁ ରଙ୍ଗ
ଡେଣା କଟା ପ୍ରଜାପତିଟିଏ ପରି
ମୁଁ ମାଟିରେ ପଡ଼ିରହେ ଯାହା........।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମୟ ବଡ଼ ବଳବାନ

ସତ୍ୟନାରାୟଣ ସାହୁ



ସମୟ ବଡ ବଳବାନ
ସବୁଠୁଁ ଦୁର୍ମୂଲ୍ୟ ସେ ଜାଣ ।
ସକଳ ଧନ ବା ରତନ
ସହିତ ନୁହେଁ ତା ତୁଳନ ।
ସମୟର ବିନିମୟରେ
ସକଳ ବ୍ୟୟ ହୋଇପାରେ ।
ସମୟ ମୂଲ୍ୟ ସଦା ଶୂନ୍ୟ
ସହଜେ ତାହା କଦାଚନ ।
ସଭିଙ୍କୁ ମିଳି ସେ ନ ଥାଏ
ସମୟାନୁବର୍ତ୍ତି ଯେ ହୁଏ ।
ସେହି ହିଁ ତାହା ପାଇଥାଏ
ସୁଖ ଶାନ୍ତିରେ ଦିନ ଯାପେ ।
ସ୍ୱଭାବର ପରି ବର୍ତ୍ତନ
ସ୍ରବାଇ ଚାଲେ ବର୍ତ୍ତମାନ ।
ସତତ ଗତି କରୁ ଅଛି
ସକଳ ଆବୋରି ରହିଛି ।

ଶୂନ୍ୟରୁ ଆରମ୍ଭ ଶୂନ୍ୟରେ
ସର୍ବଦା ପ୍ରଖର ଗତିରେ ।
ସଭିଙ୍କୁ କବଳିତ କରେ
ସପନ ରାଜି ତହୁଁ କ୍ଷରେ ।
ସରି ସରି ଚାଲେ ସେ ନିତି
ସରିତ ଯେସନେକ ଗତି ।
ସବେଗ କେବେ ଅବା ମନ୍ଦ
ସେପରି ସମୟ ସ୍ୱଚ୍ଛନ୍ଦ ।
ସତ୍ୱର କେବେ ଅବା ଧୀର
ସତତ ତାର ସ୍ରୋତ ଧାର ।
ସ୍ଥାନ ଗତି ପରି ବର୍ତ୍ତନ
ସହିତ ବିଚିତ୍ର ନର୍ତ୍ତନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍ଗତେ ଘେନି ଅକଳନ
ସ୍ୱପ୍ନମୟୀ ଭାବ ଭିଆଣ ।
ସଦା ସେ ନିତ୍ୟ ଗତିଶୀଳ
ସଂହାରେ ସେ ହିଁ ମହାକାଳ ।
ସଂସାରେ ସବୁଠୁଁ ଚଞ୍ଚଳ
ସମୟ ଅଟଇ ଅମୂଲ୍ୟ ।
ସଞ୍ଚୟ କରିଲେ ଟି ତାହା
ସମୃଦ୍ଧି, ସିଦ୍ଧି ଲାଭ ରାହା ।
ସର୍ବ ସିଦ୍ଧିର ମୂଳାଧାର
ସମୟ ବୋଲି କି ବିଚାର ।
ସମୟ ଅନୁବର୍ତ୍ତି ହେବା
ସମ୍ୟକ ସେବା ଯୋଗାଇବା ।
ସମୃଦ୍ଧି ସିଦ୍ଧି ଆହରିବା
ସମୟ ଗତିକୁ ରୋଧିବା ।
ସମ୍ଭବ ନୁହେଁ କେବେ ହେଲେ
ସ୍ରୋତ କେ ରୋଧିପାରେ ହେଲେ ।
ସମୟ ବଡ ବଳବାନ
ସକଳ ଭାବର ଭିଆଣ ।

ସକଳ ଅଭାବ ବିନାଶ
ସାହାଯ୍ୟ କରେ ଥିଲେ ପାଶ ।
ସର୍ବ ଭୁତଙ୍କ ସେ ନିୟନ୍ତା
ସାଧ୍ୟ କେ ରୋଧିବ ତା ରାସ୍ତା ।
ସମୟ କରିଲେ ଆୟତ୍ତ
ସ୍ୱପନ ଫଳ ଦିଏ ନିତ୍ୟ ।
ସ୍ଥାବର ଜଙ୍ଗମ ସକଳେ
ସମ୍ଭବି ସମୟର କୋଳେ ।
ସ୍ତୋକ ଲୀଳା ସେ ଦେଖାଅନ୍ତି
ସଭିଙ୍କୁ ସ୍ତମ୍ଭିତ କରନ୍ତି ।
ସ୍ୱର୍ଦ୍ଧା ଉନ୍ମତ୍ତ ମତ୍ତ ଗର୍ବେ
ସକଳେ ବିଲୟ ଲଭିବେ ।
ସପନ ପରାଏ ସକଳ
ସମ୍ଭବେ ଭବେ ଚିର କାଳ ।
ସମୟ ବଡ ବଳବାନ
ସହସା ସବୁ କରେ ଲୀନ ।
ସୁକ୍ଷ୍ମ କି ଅବା ସ୍ଥୂଳ ଭାଳ
ସକଳ ସମୟର ଜାଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ବଦା ଆବୋରି ରହିଛି
ସକଳ କାଳ ଦିଏ ପୋଛି ।
ସମ୍ଭବ ଅସମ୍ଭବ ଯେତେ
ସକଳ କାଳର ଆୟତ୍ତେ ।
ସମୟ ହିଁ ଦ୍ରଷ୍ଟା ପ୍ରକାର
ସ୍ରଷ୍ଟାର କଳ୍ପନା ସାକାର ।
ସବେଗେ ଚାଲି ଥାଏ କରି
ସମୟ ଥିଲେ ସବୁ ଧରି ।
ସକଳ କାଳର କବଳ
ସବୁଠି ସେହି ହିଁ କେବଳ ।
ସମୟ ବିନା ନାହିଁ କିଛି
ସ୍ଥାନ, ଶୂନ୍ୟତା ଦିଏ ପୋଛି ।

ମୟୂରଭଞ୍ଜ



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯଦି କେବେ ଦେଖା ହୁଏ

ସଚ୍ଚିଦାନନ୍ଦ ସାହୁ



ବହୁତ ଦିନ ବିତି ଯାଇଛି
କେବେ କାହାର ଦେଖା ହୋଇନାହିଁ
ମୁହୂର୍ତ୍ତ ମୁହୂର୍ତ୍ତ ବହୁତ ମୁହୂର୍ତ୍ତ
ଏକାକି କଟିଯାଇଛି
କେବେ କଥା ହୋଇନି
ସୋମିକା ସହ
ବାହାନା ବି ତ ନାହିଁ
ସେଇଥି ପାଇଁ ତ
ମନ ତଳର ବ୍ୟଥା ସବୁକୁ
କୋହର ସ୍ୟାହିରେ ଲେଖୁଛି
ମୋ ପ୍ରେମର ଗାଥା ।।।
ଜାଣିଥିଲି ମୋ ପ୍ରେମ କାହାଣୀ
ଅଧା ଥିଲା ଆଉ
ଅଧା ହୋଇ ରହିଯିବ ଦିନେ
ସବୁ ଜାଣି ଶୁଣି
ଆଖିରେ ଜାଗା ଦେଇଥିଲି ତୁମକୁ
ଭୁଲ୍ ତୁମର ବା କଣ !!!

ଭୁଲ୍ ତ ମୁଁ କରିଛି
ତୁମ ଅଜାଣତରେ
ତୁମକୁ ଭଲ ପାଇ ବସିଛି ସୋମିକା,
କଣ କରିବି
ଏକ ଅଭିଶକ୍ତ ପ୍ରେମ କାହାଣୀର
ନାୟକ ମୁଁ ଯେ
ଭାବନାଶିକ୍ତ ପ୍ରେମର ,,
ଗୋଟେ କଥା ରଖିବ ମୋର !!!
କେବେ ଆଉ କହିବନି ମୋତେ
କେବେ ଆଉ ପଚାରିବନି ମୋତେ
ମୁଁ ତୁମକୁ କାହିଁକି
ଭଲ ପାଉଛି ବୋଲି

Listen to Odia Podcast Original at https://youtube.com/@drjyotiprasad

ତଥାପି ମୁଁ ଖୁସି ଯେ ,,
ସାରା ଜୀବନ ପାଇଁ
ନ ହେଲା ନାହିଁ
କିଛି ଦିନ ପାଇଁ
ତୁମକୁ ମୁଁ ମୋର ଭାବି ପାରିଛି
ଜାଣିନି ,,
ଜାଣିନି ଆଉ କେବେ
ଦେଖା ହେବ କି ନା ସୋମିକା
ଯଦି କେବେ ଦେଖା ହୁଏ
ଅଚିହ୍ନା ରାସ୍ତାର
ଅଜଣା ପଥିକ ଭାବି
ବାଟ ଭାଙ୍ଗି ଚାଲି ଯିବନି
ଅନ୍ତତ ପଚାରି ବୁଝିବ
ମୁଁ କେମିତି ଅଛି ??
ପୁଣି ପଚାରି ବୁଝିବ
ଅତୀତର ସାଇତା ସ୍ମୃତି ସବୁ
ମନେ ଅଛି ନା ପାସୋରି ସାରିଛି ??
ପ୍ରତି ଉତ୍ତରରେ .....

ପୁଣି ଯଦି କେବେ ଦେଖା ହୁଏ
କହିବି ସେ କଥା
କିନ୍ତୁ କହିବିନି
ମୁଁ ତୁମକୁ କାହିଁକି ଭଲ ପାଏ ??
ବାଧ୍ୟ କରିବନି ଜାଣିବାକୁ କି ,,
ବାଧ୍ୟ କରିବନି
ଆର ଜନମର ସାଥୀ ହେବାକୁ
କାହିଁକି ନାଁ
ସାତଫେରା ନେଇ
ସାତ ଜନମ ପାଇଁ
ସାଥୀ ହେବାକୁ
କଥା ଦେଇଛି ମୁଁ ମୋ ସାଥିକୁ ,,
ତଥାପି କହୁଛି ସୋମିକା
ହୃଦୟରେ ତୁମେ ଥିଲ ଅଛ ରହିବ
ମୋ ପାଖରେ ନ ହେଲା ନାହିଁ
ମୋ ମନରେ ତ ରହିବ
ମୋ ସ୍ମୃତିରେ ତ ରହିବ
ତଥାପି କହିବିନି
ମୁଁ ତୁମକୁ କାହିଁକି ଭଲ ପାଏ ??

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ପ୍ରଭୁ କୃପାସିନ୍ଧୁ

ନଳିନୀ ଦାଶ



ଶ୍ରୀକ୍ଷେତ୍ରରେ ପ୍ରଭୁ ପୂଜା ପାଉଅଛ
ରତ୍ନ ସିଂହାସନେ ବସି
ଜଗତ ଜନଙ୍କ ଦୁଃଖ ଦେଖୁଅଛ
ପାଉଛ କି ଅବା ଖୁସି ।
ଜଗତ ଠାକୁର ବୋଲି ତୁମ ନାମେ
ବିଶ୍ୱରେ ଉଡୁଛି ନେତ
ଗରିବର ଦୁଃଖ ବୁଝିକି ପାରୁନ
ମାଗୁଛି ପତାଇ ହାତ ।
ଆରତେ ଡାକନ୍ତି ଭକତ ବିପଦେ
ତୁମେ ଦୁଃଖୀଜନ ବନ୍ଧୁ
ସାହା ହେଉଥାଅ ହେ କଳାଠାକୁର
ଦୟାକର କୃପାସିନ୍ଧୁ ।
କୋଟି ଓଡିଆଙ୍କ ଆରାଧ୍ୟ ଦେବତା
କୋଟି ହୃଦୟର ପ୍ରାଣ
ସବୁରି ଘଟରେ ତୁମେ ରହିଅଛ
ଆହେ ପ୍ରଭୁ ଆର୍ତ୍ତତ୍ରାଣ ।
ଷାଠିଏ ପଉଟି ଭୋଗ ଖାଉଅଛ
ଦେଉଳରେ ଆନନ୍ଦରେ
ଅନ୍ଧ ଭିକାରୀଟି କାନି ପତାଉଛି
ନିତି ତୁମର ଦୁଆରେ ।
ଜଗତର ପିତା ଜଗନ୍ନାଥ ତୁମେ
ପାଉଅଛ କେଉଁ ସୁଖ
ଦୁନିଆ ହାଟରେ ଦେଖିକି ପାରୁନ
ତୁମେ ଭକତଙ୍କ ଦୁଃଖ ।
ସଞ୍ଜ ସକାଳରେ ଭକତି ଚିତ୍ତରେ
ଡାକେ ଢ଼ାଳି ଆଖି ଲୁହ
କାନେ ନଶୁଣୁଛ ଭକତଙ୍କ ଡାକ
କାହିଁକି ନିର୍ଦ୍ଦୟ ହୁଅ ।
ଧନୀକୁ ଦେଉଛ ଧନର ଗଣ୍ଠିଲି
ନାହିଁ ମନେ ଭକ୍ତି ଭାବ
କରମ ପଥରେ ନିଅ ହେ ଠାକୁରେ
ତୁମକୁ ସେ ଡ଼ାକୁଥିବ ।

ଭିକାରିପଡା, ଶରଣକୁଳ, ନୟାଗଡ, ୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏମିତି ଜୀବନ

ମଧୁସ୍ମିତା ସାହୁ



ପଞ୍ଚତତ୍ତ୍ୱର ଗଢା ହୋଇଛି ଶରୀର
ପଞ୍ଚତତ୍ତ୍ୱରେ ବିଲୀନ
କ୍ଷଣଭଙ୍ଗୁର ସଂସାର ଅଢେଇ ଦିନ
ମିଛ ଲୋଭ ମୋହ ମନ।।
ମାଟିର ମଣିଷ ମାଟିରେ ମିଶିବା
ହାଇଁ ପାଇଁ ଛଞ୍ଚେ ଧନ
ଜନ୍ମ ମୃତ୍ୟୁର କାଳ ସ୍ୱଳ୍ପରୂପ ମଧ୍ୟେ
ହୋଇଯିବା ପ୍ରିୟ ଜନ।।
ଗର୍ବ ଅହଙ୍କାର କୂଟ କଳ୍ପନା କୁ
ପଛରେ ପକାଇ ଦେବା
ଭାଇଚାରା ଅଟୁଟ ଭାବ ବନ୍ଧନ
ବିଶ୍ୱାସ ମୂଳରେ ଗଢ଼ିବା।।
ତୁଚ୍ଛା ପ୍ରହସନ ଦେଖାଣିଆ ରୂପ
ତିଳ ତିଳକରି ଜାଳେ
ଛଳନା ପ୍ରତାରଣା ନିର୍ଯ୍ୟାତନା ରେ
ଦୁଃଖ ସହିବାକୁ ମିଳେ।।

ଚାରିକାନ୍ଧ ନୁହେଁ ମଣିଷ ଜୀବନ
ଲୋକସମ୍ପର୍କ ତୋଳିବା
ଭଲମନ୍ଦ ବାଣୀ ମରଣରେ ଜାଣି
ଶତ ସହସ୍ର ବାନ୍ଧିବା।।
ନିମିଷେ ମରଣ ଅକାଳ ବିଚ୍ଛିନ୍ନ
କେଉଁ ବେଳେ ଲିଭିଯିବ
ଜୀବନ ସଳିତା ସରି ସରିଆସୁ
ଏକା କାଳେ ମୌଳିଯିବ ।।
ହୃଦୟ ସ୍ପନ୍ଦନ କ୍ଷଣିକରେ ଛିନ୍ନ
ଆଖି ପଲକର ଦୂର
ପ୍ରତ୍ୟେକ କ୍ଷଣକୁ ସାଉଁଟି ନେବାରେ
ହୋଇ ପାରିବାର ବୀର।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନବ ସେବାରେ ନିୟୋଜିତ ହୋଇ
ତୋଷି ଦେବା  ସବୁ ମନ
ପ୍ରାଣୀଙ୍କ  ଦୁଃଖକୁ ହରଣ କରିବା
କହି ମଧୁର ବଚନ।।
ରଖିବା ବିଶାଳ ହୃଦୟ ସ୍ୱରୂପ
ପ୍ରଭୂଙ୍କ ବାଣୀ ସହିତ
ମରଣ ହୋଇ ଅମର ରହିଥିବା
ଜଗତର କରି ହିତ।।
ବିଭୂଙ୍କ ଚରଣେ ବନ୍ଦନା ଜଣାଇ
ସମର୍ପି ପ୍ରଣତି ଢାଳି
ପ୍ରଭୂଙ୍କ ଇଚ୍ଛା ରେ ସବୁ ସୃଷ୍ଟି ଦୃଷ୍ଟି
ତାଳି ତାଳି ବନମାଳୀ।।
ଏମିତି ଜୀବନ ଲୋଡା ନାହିଁ ପ୍ରଭୁ
ତୁମ ଠାରୁ ରହି ଦୂରେ
ନିଶ୍ୱାସ ରୁଦ୍ଧରେ   ନିତ୍ୟ ଏହି ଯୁଦ୍ଧେ
ଚାହେଁ ତୁମ ସାନ୍ନିଧ୍ୟ ରେ।।

ବ୍ରହ୍ମା ନଗର, ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋବାଇଲ ଫୋନ ୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଲୋଡ଼ା ମଣିଷ

ଆଶାରାଣୀ ଜେନା

ସକଳ କର୍ମକୁ ପାଦରେ ଏଡାଇ
ଆମ ପାଇଁ କେତେ କରିଲେ ତ୍ୟାଗ,
ଅନବରତ ଶ୍ରମ ଦିବା ମାସ କରି
ଆମ ଉଦରକୁ ଭରିଲେ ଆଗ,,

ଜୀବନ ନଦୀରେ ନାଉରୀ ଟେ ସାଜି
ଶରଧା, ଯତନେ କରିଲେ ପାରି,
ଈଶ୍ୱର ସଦୃଶ ମାଆ ବାପା ଆଜି
ନିଜ ଛୁଆ ଆଗେ ଯାଆନ୍ତି ହାରି,,

ଧରିତ୍ରୀ ତୁଲ୍ୟ କେତେ ଅଳି ଅଝଟ
ସହିଛନ୍ତି ତା'ର ନାହିଁ କଳନା,
ଦଇବ ର ଏ ତ କିପରି ବିଧାନ
ନିଜ ସନ୍ତାନ ଠୁ ପାଏ କୁଢେ ଲାଞ୍ଛନା,,

ମୁଣ୍ଡ ଫଟା ଖରା ରୁ ବଞ୍ଚାଇବା ପାଇଁ
ଆଦରେ ଦେଉଥିଲେ ଛତା ମୁଣ୍ଡାଇ,
ନିଜ ଗୃହରୁ ଆଜି ନିଜେ ସେ ବାସନ୍ଦ
ମୁଣ୍ଡ ଗୁଞ୍ଜିବାକୁ ତାଙ୍କୁ ଆଶ୍ରୟ ନାହିଁ,,

ନିଜ ପେଟ ମାରି ଯାଚୁଥିଲା ଯିଏ
ସରାଗେ କଂସାଏ ଭାତ,
ଆଜି ସେଇ ପେଟ ଆହାର ବିକଳେ
ଜିଇଁ ଥାଉ ଥାଉ ମୃତ,,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତି ଭକ୍ତି ଚୋର ଲକ୍ଷଣ ପରି
ବାହାରେ ଦର୍ଶାନ୍ତି ଯୋଗ୍ୟ ପୁଅ ପ୍ରେମ,
ସେ ପୁଅ ପ୍ରେମ ଯଦି ସତ ହୁଅନ୍ତା ନା
କାହିଁ ଖୋଲନ୍ତା ହାଟେ ବୃଦ୍ଧାଶ୍ରମ,,

ଶିଶୁ ସମୟେ ଧନ, ମାଆ କହି
ପାଉଥିଲେ ସର୍ବେ ଭଲ,
ସେ ଶିଶୁ ହିଁ ଦିନେ ବୟସ ଅପରାହ୍ନେ
କଷ୍ଟେ ହୁଏ କଲବଲ,,

ସମୟ ସିଢ଼ି ରେ ସଭିଙ୍କ ହୃଦୟେ
ମାନବିକତା ଜଳି ହେଲା ପାଉଁଶ,
ଯୁବପିଢି ଙ୍କୁ ଆଜି ମୋର ଗୋଟିଏ ପ୍ରଶ୍ନ
କ'ଣ ବୃଦ୍ଧାବସ୍ଥା ମାଆ ବାପା ଅଲୋଡ଼ା
ମଣିଷ ???

ଦିଗପହଣ୍ଡି (ଗଞ୍ଜାମ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କହ କାଳିଆ କାହିଁକି ?

ଉଷାଶ୍ରୀ ଜେନା

ଆଖିରେ ପରା ତୋର ପଲକ ପଡେନି,
କିନ୍ତୁ ଦୁଃଖର ଦୁଃଖ ତତେ ଦିସେନି କେମିତି .. ?

ତୁ କୁଆଡ଼େ ମହାବାହୁ ,
କିନ୍ତୁ ଦୁଃଖୀଟିଏ ପଡିଗଲେ ତୁ ଉଠାଉନା କାହିଁକି ... ?

ବଡ଼ ଦେଉଳ, ବଡ଼ ଦାଣ୍ଡ ,
ବଡ଼ ଠାକୁର  !
ହେଲେ ବି ତୋ ଦୁଆରେ ଦୁଃଖୀ ହାତ ପତାଏ କାହିଁକି ... ?

ତୁ ତ କୋଠାଭୋଗ ଖିଆ ଛପନ ଭୋଗ ଖାଉ,
କିନ୍ତୁ ,
ଆନନ୍ଦ ବଜାରରେ ଅଭଡ଼ା ମୂଲଚାଲ କାହିଁକି .. ?

ତୋ ରଙ୍ଗ କଳା ବୋଲି ତୁ କଳାସାଆନ୍ତ ,
ହେଲେ ତୋ ଦେଶରେ କଳା ରଙ୍ଗକୁ ଏତେ ଘୃଣା କାହିଁକି  ?

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଳାଶ ପରିତା ସୁନ୍ଦରୀ

ଲୋପାମୁଦ୍ରା ମହାପାତ୍ର

ଅନ୍ତରରେ କୋହ ଜମାଟ ବାନ୍ଧିଲେ
ଆଖି ଦେଇ ଲୁହ ନିଗିଡ଼ି ଯାଏ,
ମାନ ଅଭିମାନ ଆକ୍ରୋଶ ମୂଳେଇ
ଜୀବନ ଯାକ ସେ ବଞ୍ଚୁ ହିଁ ଥାଏ !

ହୃଦୟ ଯନ୍ତ୍ରଣା ନିଃଶ୍ୱାସରେ ମାରି
ଆଶାର ବଳିତା ସଜାଡୁ ଥାଏ,
ଅନ୍ଧାର ଘୋଟିଲେ ଦୀପର ସଳିତା
ଉଜାଗରେ ରାତି ଜାଳୁ ସେ ଥାଏ ।

ଖୁସିର ଯମୁନା ନଦୀ ତୀରେ ବସି
କାଗଜ ଡଙ୍ଗାରେ ସ୍ୱପ୍ନ ସେ ବାହେ,
ପ୍ରେମର ବୃତ୍ତାନ୍ତ ଅନ୍ତରଙ୍ଗ ଦୃଶ୍ୟେ
ମନକୁ ବୁଝାଇ ବଞ୍ଚି ସେ ଯାଏ ।

ନିଜ ସ୍ୱାଭିମାନ ଅହଂ ଯେ ଅସୀମ
ସଭିଙ୍କୁ କାହାଣୀ ଶୁଣାଇ ଭୁଲାଇ ଦିଏ,
ସଫଳ ଗୃହିଣୀ ଅଛି ସୁଲକ୍ଷଣୀ
ଦାଣ୍ଡେ ଦାଣ୍ଡେ ସେ ପୂଜା ଯେ ପାଏ ।

ପଳାଶ ପରିତା ସୁନ୍ଦରୀ ଯୌବନ
ଅକାରଣେ ଯେବେ ମୌଳି ଯାଏ,
ପ୍ରକୃତି ଗଳାରେ ରଙ୍ଗ ଲାଲିମାର
ମଧୁର ଚୁମ୍ବନ ଆଙ୍କି ସେ ଥାଏ ।

ସୃଷ୍ଟିର ଅଦ୍ଭୁତ ଶୋଭାର ସମ୍ଭାର
ଅତୁଳନୀୟ ରୂପ ପଳାଶର,
ନାରୀର ଜୀବନ ନିରୀମାଖି ମନ
ସଦା ଢଳ ଢଳ ଦେଖ ରୂପ ଅନୁପମ.. ! ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷ ଅନୁରୋଧ

ଜୟନ୍ତ ଦାସ ପ୍ରଫୁଲ୍ଲ



ତୁ ଆଉ ମୋତେ ଖୋଜିବୁନି ତୋ ସହରରେ ଭିଡରେ,
ମୁଁ ବି ନଥିବି ତୋ ଅପେକ୍ଷାର ଗଳିର ପ୍ରତିଟି ମୋଡରେ।।
ତୁ ଆଉ ଦେଖିବୁନି ମୋ ପାଇଁ ମିଛ ସପନ,
ମୁଁ ବି ତ୍ୟାଗୀ ଦେବି ତୁମ ଲାଗି ସାଇତି ଥିବା ମୋ ବାକି ଜୀବନ।।
ତୁ ଆଉ ଶୁଣିବୁନି ମୋ ଦରଦ ଭରା କବିତା,
ମୁଁ ବି ସାଜି ଯାଇଥିବି ତୋ ପାଇଁ ଘୃଣାର ସଳିତା।।

ତୁ ଆଉ ମୋତେ ପାଇବୁନି କେବେ ତୋ କୋଳରେ,
ମୁଁ ବି ନଥିବି ଆଉ ଚନ୍ଦନ ସାଜି ତୋ ତିଳରେ।।
ତୁ ଆଉ ବାରିବୁନି ମୋ ଦେହର ସେ ଅତର ବାସ୍ନା,
ମୁଁ ବି ହେଇଯିବି ସେ ଆତୁର ମୃଗର ତୃଷ୍ଣା।।
ତୁ ଆଉ ଡାକିବୁନି ମୋ ନାମ ଧରି ତୋ ତୁଣ୍ଡରେ,
ମୁଁ ବି ଭୁଲିଯିବି ତୋତେ ସାଇତି ଥିଲି ବୁଲି ମୋ ପିଣ୍ଡରେ।।
ତୁ ଆଉ ଝୁରିବୁନି ମୋ ପ୍ରେମକୁ ତୋ ପାଖେ,
ମୁଁ ବି ଛାଡିଦେବି ତୋତେ ତୋର ନୂଆଁ ସୁଖେ।।

ତୁ ଆଉ ନିନ୍ଦିବୁନି ମୋ ପ୍ରେମକୁ ଆକ୍ଷେପ କରି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ବି ବାହାରି ଯିବି ଦୂରକୁ ତୋ ଛଳନା କୁ ସାଥେ ଧରି।।

ତୁ ଆଉ ପଢ଼ିବୁନି ମୋ ଅଧା ଲେଖା ସେ ଡାଏରୀ ,

ମୁଁ ବି ସାଜି ଯାଇଥିବି ତୋ ଛଳନାର ମୂକ ସାଏରୀ।।

ତୁ ଆଉ ଲୁଚେଇବୁନି ମୁଁ ଦେଇଥିବା ପ୍ରତିଟି ଉପହାର,

ମୁଁ ବି ଜାଳିଦେବି ତୋତେ ରଖିଥିବା ଏ ହୃଦୟର ଦରବାର ।।

ତୁ ଆଉ ଭିଜିବୁନି କେବେ ମୋ ପ୍ରୀତି ଫଗୁଣେ,

ମୁଁ ବି ସହିଯିବି ତୋ ସ୍ମୃତିର ଝଡକୁ ଶ୍ରାବଣେ।।

ତୁ ଆଉ କହିବୁନି ମୁଁ ବେଇମାନ ବୁଲି କାହା ପାଖରେ,

ମୁଁ ବି ତୋ ବଦନାମ୍ ମୁକୁଟ ପିନ୍ଧି ବୁଲୁଥିବି ତୋ ସ୍ମୃତିରେ।।

ହଁ,,, ତୁ ଆଉ ମୋତେ ଖୋଜିବୁନି ତୋ ସହରର ଭିଡରେ,

ମୁଁ ବି ନଥିବି ତୋ ଅପେକ୍ଷାର ଗଳିର ପ୍ରତିଟି ମୋଡରେ।।

ଥାଲସଡା, ବାହାନଗା, ବାଲେଶ୍ୱର

ମୋ-୮୪୫୫୮୭୭୨୭୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପିତାମାତାଠାରୁ ନାହିଁ କେହି ବଡ଼

ରୋଜାଲିନ୍ ରାଉତରାୟ

ଆହେ ପିତାମାତା  ତୁମେ ହିଁ ଦେବତା
ଆଉ କେହି ଦେବତା ନାହିଁ ॥

ତୁମରି ଆଦେଶ ଗଢ଼ାଏ ଜୀବନ
ଯାହା ଥିଲ ତୁମ୍ଭେ ଚାହିଁ  । ।

ଛୋଟରୁ ଯେ ବଡ଼  କରିଲ ହେ ତୁମ୍ଭେ
ଏହା ଥିଲା ତୁମ୍ଭ କାମ । ।

ତୁମରି ଆଦେଶ  ପାଳନ କରୁଛି
ରଖିବି ତୁମର ମାନ । ।

କହିଥିଲ ତୁମେ ମିଥ୍ୟା ନ କହିବି
ସତ୍ୟକୁ କରି ଆଦର ॥

ତୁମ ଆଦର୍ଶ ନୀତି ମୁଁ ପାଳୁଛି
ଭାବି ସୌଭାଗ୍ୟ ମୋର।।

କ୍ରୋଧ ହିଂସା ଠାରୁ  ଦୂରରେ ରହିବି
ଘୃଣା ଯେ ନ କରିବି ।।

କହିଥିଲ ଯାହା ତାହା ମୁଁ କରୁଛି
ଆଜୀବନ କରୁଥିବି ।।

ଦୁଃଖୀ ରୋଗୀ ସେବା କରିବା ପାଇଁ କି
କହିଣ ଥିଲ ବୁଝାଇ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ କଥା ଯେବେ ଅନ୍ୟଥା ନ ହୁଏ
ପାଳନ କରୁଛି ମୁହିଁ ।।

ତୁମ ଆର୍ଶୀବାଦ ମଣିଷ  ହୋଇବି
ଗୁରୁଜନଙ୍କୁ  ମାନୁଥିବି।।

ପିତାମାତା ଠାରୁ ନାହିଁ କେହି ବଡ଼
ସଂସାର ତାଙ୍କୁ ହିଁ ପୂଜୁଥିବି ।।

ଗୋପାଳପୁର କଟକ
+୩ ଦ୍ୱିତୀୟ ବର୍ଷ ଓଡିଆ ବିଭାଗ
ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ,
ରାଜାବଗିଚା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପହିଲି ପ୍ରୀତି

ଇଂ ସୂର୍ଯ୍ୟକାନ୍ତ ବଳ

ପହିଲି ପ୍ରୀତିର ଦୃଷ୍ଟ ଫଗୁଣ ତୁମେ
ଉଚ୍ଛୁଳା ନଦୀର ଜହ୍ନ !
ପ୍ରେୟସି ରୂପସୀ ସ୍ୱପ୍ନ ରାଜହଂସି
ଚୋରି କର ମୋର ମନ !
କୁମଦ କାମିନୀ ମୋ ମନ ମାନିନୀ
ଊଁଆସ ରାତିର ତାରା !
ସବୁ ରମ୍ଭା ମୋତେ ପଳାଶ ଲାଗନ୍ତି
ଦିଅ ଯେବେ ପ୍ରୀତି ଇଶାରା !
ହୃଦୟର ପାନ୍ଥଶାଳାର କମ୍ପନ
ଶୁଣିଛୁ କେବେ ନୀରବେ ?
କେତେ ଯେ ବାଟୋଇ ଆସିକି ଗଲେଣି
ତଥାପି ତୋ ଧ୍ୱନି ଶୁଭେ.... !


ତିହିଡି ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯେବେ ତୋ କଥା ମନେ ପଡ଼େ

ରତିକାନ୍ତ ମଲିକ



ତୁମ ରୂପ ବର୍ଣ୍ଣନା ପାଇଁ
ମୋ ପାଖେ ଶବ୍ଦ ନାହିଁ
ତୁମ ମୂର୍ଚ୍ଛନା ଆଖି ଦେଖି
ମୋ ଭାବନା ଯାଏ ଲୁଚି !

ତୁମ ହସ ଜହ୍ନ ଠୁ ସୁନ୍ଦର
ତୁମ ଲାଜ ମୋତିର କାକର
ତୁମ କାନର ଝୁମୁକା ଦେଖି
ମନ ମୋ ହୁଏ ଆକର୍ଷିତ !

ସରଗର ଅପସରି ଟେ ପରି
ତୁମେ ଲାଗ କାଇଁ ସୁନ୍ଦରୀ
ତୁମକୁ ଦେଖି ନାଲି ସାଢ଼ିରେ
ମନ ମୋ ସ୍ଥିରତା ଖୋଜୁଛି !

ତୁମ ଚୁଡ଼ିର ରୁଣୁ ଝୁଣୁ ଶବ୍ଦ
ମୋତେ ହାତ ଠାରି ଡାକୁଛି
ତୁମ ପାଦ ପାଉଁଜିର ଶବ୍ଦ
କେବେଠୁ ମୋତେ ନିଜର କରିଛି !

ହେଇ ପାରେ ତୁମ ଅଜାଣତେ
ମୋ ମନ ତୁମର ହେଇ ସାରିଛି
ତୁମ ପରି ପ୍ରିୟା ଟିଏ ପାଇଁ
ମୁଁ ବି ତୁମ ପ୍ରେମରେ ଯାଇଛି ପଡ଼ି !


ଜିଲ୍ଲା :- ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଝୁରି ମରେ

ପୁଷ୍ପାଞ୍ଜଳୀ ପଣ୍ଡା



ନାରୀ ,
ଈଶ୍ୱରଙ୍କ ସୃଷ୍ଟିରେ
ସୁନ୍ଦର ସୃଷ୍ଟି ବୋଲି
ଯିଏ କହିଛି
ଠିକ୍ କହିଛି କି ନା
ଏଯାଏ ଅବୁଝା ।
ସବୁ ନାରୀ ସୁନ୍ଦର ନୁହଁନ୍ତି
କି ସବୁ ପୁରୁଷ
ସୁପୁରୁଷ ନୁହନ୍ତି ।।

ସଂସାର ସମୁଦ୍ର ପରାଏ
କୂଳ ଲଙ୍ଘି
ମଥା ପିଟେ ବେଳାଭୂମିରେ ,
ମଣିଷ ସୁଖ ଲୋଡ଼ି
ଧାଉଁ ଥାଏ ଧରିବାକୁ
ଆକାଶର ଜହ୍ନ
ଦେଖୁଥାଏ ଅସମାପ୍ତ ସ୍ୱପ୍ନ ।।
ତମ ସହ ଦୌଡ଼ି ଦୌଡ଼ି
ଛୁଇଁ ପାରିଲିନି
ଅନ୍ତିମ ରେଖାକୁ
ତୁମେ ଆଗେଇଗଲ, ଆହୁରି ଆଗକୁ ।
ମୋ ପାଖରେ ସାମର୍ଥ୍ୟ ବା କାହିଁ !
ସୁଖ କିଣିବା ପାଇଁ ।।

ଅନ୍ତିମ ପ୍ରହର ବେଳେ
ବୟସର ସାୟାହ୍ନରେ
ତୁମକୁ ଦେଖିବା ଇଚ୍ଛା
ହେବନି ପୂରଣ ,
ଜାଣିବି
ଅକାରଣେ ମନ କଷ୍ଟ କରେ
ଖାଲି ଯାହା ମନ ଝୁରି ମରେ ।।

କେନ୍ଦ୍ରାପଡ଼ା
୯୮୬୧୪୫୭୫୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଦଳିଗଲାଣି

ବିଶ୍ୱଜିତ୍ ଜେନା



ସ୍ୱପ୍ନର ନଦୀରେ ଭାସୁଥିଲି ଦିନେ
ତୁମ ମିଠା ପ୍ରେମ ନେଇ
ଆଷାଢ଼ ବନ୍ୟାରେ ଭାସିଗଲା ପ୍ରେମ
ବଳି ପଡ଼ିଗଲି ମୁହିଁ ।

ବନ୍ୟା ବିପନ୍ନର କିଏ ବା ସାହାରା
ଯେବେ ତୁମେ ସରକାର
ମୋ ଭଳି ପ୍ରେମୀ ତ ବୁଡ଼ିମରିଯିବେ
କିଏ କରିବ ରକ୍ଷା ଆମର ?

ତମକୁ ଟିକିଏ ପ୍ରେମ ମାଗିଥିଲି
ପ୍ରତାରଣା କରିଗଲ
ବିଶ୍ୱାସରେ ବିଷ ଭରିଦେଇ ମୋତେ
ନୀଳକଣ୍ଠ କରିଦେଲ।

ସଭିଏଁ କହନ୍ତି ହୃଦୟହିନା ସେ
ପ୍ରେମ କି ତୋର ବୁଝିବ
ଅଧା ବାଟେ ହାତ ଛାଡ଼ି ତୋର
ଆଉ କାହା ଘରଣୀ ହେବ ।

ଶେଷ କଥା ମୋର କହୁଛି ଲୋ ପ୍ରିୟା
କାନ୍ଦେ ଏ ହୃଦୟ ମନ
କାହିଁକି ଦୂରରେ ଅଛ ପ୍ରିୟତମା
ଫେରିଆସ ମୋ ଜୀବନ ଧନ ।

ତମ ଅପେକ୍ଷାରେ ଦସ୍ୟୁରତ୍ନାକର
ବାଲ୍ମିକୀ ସାଜିଗଲାଣି
ଥରେ ଆସି ଦେଖ ତମ ପାଗଳକୁ
କେତେ ବଦଳିଗଲାଣି ।

ବରୀ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ କୁହ କେଶବ ହେ

ସୁହଂସ ଭୋଇ



ସତ କୁହ କେଶବ ହେ ଅଟ ତୁମେ କାହାର
ଅଭିମାନୀ ରାଧାର ନା ପ୍ରେମମୟୀ ମୀରାର
ରାଧା କହେ ମୋର ମୋର ମୀରା କହେ ତୁମର
ସତ କୁହ କେଶବ ହେ ଅଟ ତୁମେ କାହାର

ଜନମ ଦେଇଛି ଜଣେ ଚିରି ତାର ଉଦର
ଆଉ ଜଣେ ସ୍ନେହ ପ୍ରୀତି ମମତାର ସାଗର
କହିବ କି ମାଧବହେ ପୁଅ ତୁମେ କାହାର
ଦୁଃଖିନୀ ଦେବକୀ ଅବା ଯଶୋମତୀ ମାଆର

ଭକତିର ନୀରେ ସିଏ ଧୋଇ ଦିଏ  ପୟର
ଶାଗଭଜା ଦେଇ ପୁଣି କିଏ କରେ ଆଦର
ଖୋଲି କୁହ ମୁକୁନ୍ଦହେ ତୁମେ ପ୍ରଭୁ କାହାର
ଅକୃର କି ବିଦୂର ଯେ କିଏ ବେଶି ନିଜର

ବନ୍ଧୁପଣେ ସୁଦାମାକୁ ଯାଚି ଦେଲ ବିଭବ
ପାଞ୍ଚାଳୀକୁ ବସ୍ତ୍ର ଦେଲ ନ ରଖିଲ ଅଭାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହ ହେ ମଧୁସୂଦନ ଏବେ ତୁମେ.କାହାର
ପ୍ରିୟତମା ସଖୀର କି ପ୍ରିୟତମ ସଖାର

ଚକମକ ବେଶ ଏଇ ମିଛ ମାୟା ସଂସାର
ବହୁଛି ପ୍ରଖର ଏଠି ଛଳନାର ସମୀର
ଶୁଦ୍ଧ ଚିତ୍ତେ ଚିନ୍ତେ ଯିଏ ଗୋଟାପଣେ ତାହାର
ହସି କହନ୍ତି ଏତିକି ଭକତଙ୍କୁ ଶ୍ରୀଧର

ପହଣ୍ଡି, ବିଜେପୁର, ବରଗଡ
୯୪୩୭୫୨୨୪୫୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବ୍ୟଙ୍ଗକବି

ଆକୁଳାନନ୍ଦ ପୃଷ୍ଟି



ହସି ହସାଇବା ହରଷ ବୁଣିବା
 ଯାହାର କାମ
ସେଇ ମାନେ ଆମ ବ୍ୟଙ୍ଗ କବି
ଶବ୍ଦ ଭେଦି ବାଣ ତାଙ୍କ କଲମ ।
ଅସି ଠୁ ବଳୁଆ ମସି ତାଙ୍କର
ନରମ କଥା
ବିରସ ମନରେ ହରଷ ଭରନ୍ତି
ଗରମ କରନ୍ତି ଅସାଧୁ ମଥା ।
ବ୍ୟଙ୍ଗ କବିମାନେ ସାହିତ୍ୟ ଚାଷି
ପଡିଆ ଭୂଇଁରେ ନଡ଼ିଆ ଫଳାନ୍ତି
କଲମ ଚଷି ।

କାଳିଆ ନ ଥିଲେ କିଷାନ ନୁହେଁ
ବାରମାସ ତାଙ୍କ କ୍ଷେତରେ ଫସଲ ଅମଳ ହୁଏ
ଅଧିକ ଅମଳ ଅମାର ଖାଲି
ମା ବୀଣାପାଣି ହେବାରୁ ବରଦା
ଲକ୍ଷ୍ମୀ ଛାଡ଼ିଗଲେ ଦୂରକୁ ଚାଲି ।
ବିଦ୍ୟା ଧନେ ଯିଏ ଅଟନ୍ତି ଧନୀ
ଯେତେ ଦାନ କଲେ ସେତେ ବଢୁଥାଏ
ନ ଥାଉ ସମ୍ପତି ଘର କି ଜମି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜା ପୂଜା ପାଏ ନିଜ ରାଜ୍ୟରେ

କବି ପୂଜା ପାଏ ସାରା ସଂସାରେ

ସାହିତ୍ୟ ରସ

ବ୍ୟଙ୍ଗ ଯୁକ୍ତ ହେଲେ ଭାରି ସରସ ।

ବ୍ୟଙ୍ଗ ସାହିତ୍ୟରେ କି ରସ ଅଛି

ପାନ କଲା ଲୋକ ସିନା ଜାଣିଛି ।

କୋଟି ସଲାମ ଭାଇ କୋଟି ସଲାମ

ଅଟକି ନ ଯାଉ କବି କଲମ

ହୃଦୟ ଦରଜ ଉପଶମ ପାଇଁ

ସବୁଠୁ ପ୍ରଭାବୀ ବ୍ୟଙ୍ଗ ମଲମ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମହାଲପଡ଼ା କଖଡି କଟକ


ମୋ ୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷା ଶିକ୍ଷା ଅମୂଲ୍ୟ

ଅଜିତ କୁମାର ରାଉତ



ମୋ ଓଡିଆ ଭାଇ ବନ୍ଧୁ କୁଟୁମ୍ବ
ଚିନ୍ତା କର ଥରେ ?
ଜୀବନର ମହତ୍ତ୍ୱ,
କାହାକୁ କହିବା ?
ମାତୃଭାଷା ଶିକ୍ଷା ନାହିଁ ଯାର ହୃଦ ଅନ୍ତର୍ଗତେ,
କହିବା କିବା ତାକୁ ଜୀବନ ?
ଅଟେ କି ମନୁଷ୍ୟ ଜୀବନ ?
ହେ ଓଡ଼ିଆ ଜନ,
ଶିକ୍ଷା ଦିଅ ହେ ସନ୍ତାନେ,
ଜନନୀ ଭାଷାର ଶିକ୍ଷା ରତନ,
ତେବେହିଁ ସନ୍ତାନ ହୋଇବେ ଉନ୍ନତ,
ଆତ୍ମନିର୍ଭରଶୀଳ,
କର୍ମକ୍ଷେତ୍ରରେ ଆଣିବ ସେ ସମ୍ମାନ
କୀର୍ତ୍ତି, ଗୌରବ, ବୈଭବ,
ନିଜ ମାତୃଭାଷାରେ ଶିକ୍ଷା ଅର୍ଜନ କରି !
ବୁଝ ନିଜ ଦାଇତ୍ୱ,ହେ ଓଡ଼ିଆ
ମାତୃଭାଷାର ମହତ୍ତ୍ୱକୁ
ସମ୍ବିଧାନରେ ଲିଖିତ
ହେଉ ବା ଯେଉଁ ସରକାର ଦେଶର ଶାସନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାତୃଭାଷା ଶିକ୍ଷା ଦେବାର ଦାଇତ୍ୱ ଅଟେ ତାହାର !
କିନ୍ତୁ, ହେ ଭାଇ
ଆମ୍ଭଙ୍କୁ ଏକତ୍ରିତ ହେବାକୁ ପଡିବ,
ମାତୃଭାଷାରେ ସନ୍ତାନଙ୍କୁ ପଢାଇବାକୁ ପଡିବ,
ବହିର ମୁଦ୍ରଣ ବ୍ୟବସ୍ଥା କରାଇବାକୁ ପଡିବ,
ଆନ୍ଦୋଳନ ଦରକାର ହେଲେ, କରିବାକୁ ହେବ,
ତେବେହିଁ ରକ୍ଷା କରି ପାରିବା ଆମ୍ଭରି ମାତୃଭାଷା ଓଡିଆ,
ଅଟେ ଓଡ଼ିଆ ଭୂଇଁ ଏ ସିଂହଭୂମି ଆମ୍ଭର !

ତିରସ୍କାର ନ କର ଭାଇ ହେ ଅମୂଲ୍ୟ ସମ୍ପଦ,
ମାତୃଭାଷାରେ ହୁଅ ଭୂଷିତ,
ପ୍ରେମ ପ୍ରୀତି ଶ୍ରଦ୍ଧା ଦେଇ
ପଢ଼ ମାତୃଭାଷା ନିଜର
ସାର୍ଥକ କର ଜୀବନ,
ହୋଇ ଆତ୍ମନିର୍ଭର
କୀର୍ତ୍ତି ଅର୍ଜନ ନିଶ୍ଚୟ କରିବ,
ରାମରାଜ୍ୟର ସପନ ଅବଶ୍ୟ ପୂରଣ ହେବ !

ଗାଁ କଳାବାଡିଆ
ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖ ଝାଡ଼ଖଣ୍ଡ ରାଜ୍ୟ !!

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଦ୍ୟାଳୟର ଶେଷ ଘଣ୍ଟି

ଅଭୟ କୁଣ୍ଡ



ଅପରାହ୍ନ ଚାରିଟା
ଶବ୍ଦଟିଏ ସୂଚେଇଦେଲା
କାନ ଶୁଣୁ ଶୁଣୁ ଓଦା ହେଲା ଆଖିପତା ।
ଓଠ ତା'ର ଉପସ୍ଥିତ ଜଣେଇ ଦେଲା
ତାହା ଥିଲା ବିଦାୟର ଅଶ୍ରୁ ।
ଅଶାନ୍ତ ମନର ପ୍ରତିକ୍ରିୟା
ଗୋଟିଏ ସୁବର୍ଣ୍ଣ ଯୁଗର ଅବସାନ
ଗତିଶୀଳ ରଙ୍ଗୀନ ସ୍ୱପ୍ନର
ଯବନିକା ପଡ଼ିବାର ଶବ୍ଦ
ମୋ ବିଦ୍ୟାଳୟର ଘଣ୍ଟି ଶବ୍ଦ
ମୁଁ ଓ ମୋ ସହପାଠୀଙ୍କ ପାଇଁ ।

କିଛି ନୂଆ ଥିଲା ସେଦିନର ଶବ୍ଦ
ବେଦନା ଭରା ସଙ୍ଗୀତର ସ୍ୱର
ସ୍ମୃତି ଆମ ହଜିଲା ଦିନର
ସାଙ୍ଗ ସାଥି ହସ ଖେଳ
ଥଟା ମଜା ଗୁରୁଙ୍କ ଛାଟ ଆକଟ
ଆଦେଶ ଉପଦେଶ ସବୁକିଛି ।

ସମୟ ସୁଅରେ ଆମେ ଭାସମାନ
କାଗଜଡଙ୍ଗା
ତା ସୁଅରେ ଭାସିଯାଏ ସୁଖ ଦୁଃଖ
ଶୈଶବ କିଶୋର ।
ଆଣିଥିଲା ପ୍ରାଥମିକରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ଫେରାଇନେବ ମଧ୍ୟାମିକରୁ .......

ଶେଷ ଘଣ୍ଟି ବଦଳାଇଦେଲା ଗତିପଥକୁ ।

ହେ ବିଦ୍ୟାମନ୍ଦିର

ତୁମେ ମତେ ଶିଖାଇଛ ' ଅ '

ଏବେ ଆଉଥରେ ଡାକ ' ଆ '

ମତେ ଶିଖେଇଛ ଧରିବାକୁ କଲମ

ତତେ ମୁଁ କରୁଛି ଶହେ ସଲାମ

କେମିତି ବା ଭୁଲିବି ତୁମକୁ

ତୁମର ସେହି ଶେଷ ଘଣ୍ଟିର ମୂର୍ଚ୍ଛନାକୁ

ମୋ ହୃଦୟ ମନ୍ଦିରରେ ସାଇତି

ଚାଲିଯିବି ଅନେକ ଆଗକୁ ।

ସହକାରୀ ଶିକ୍ଷକ

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଢ଼ିଆଭଙ୍ଗା ତାଳଚେର

ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୀତଟିଏ ହୋଇ

କିରନ୍ ସ୍ୱାଇଁ



ଝିଲମିଲ ପୋଖରୀର
ଜଳ ଆଇନାରେ
ଫଗୁଣର ରଙ୍ଗ ଭରି
ଗୀତଟିଏ ହୋଇ
ଆସିଲ ସେଦିନ
ମୋ ମନକୁ ମହକାଇ ।

ଆମ୍ବ ବଉଳର
ଆକାର ଭିତରେ
କଞ୍ଚା ଶାଗୁଆ ଓଢ଼ଣୀ
ମେଳାଇ ସବୁ
ସ୍ୱପ୍ନ ସତେ ସତ
ହେଲା କଳ୍ପନାର
ସ୍ୱର ବାନ୍ଧି ।

କୋକିଳର କୁହୁତାନ
ପବନରେ ଭାସି ଭାସି
ଗଛର ଛାଇରେ
ହଳଦୀ ପହରେ
ସୁମେଖଳା ଆଙ୍କି
ଛୁଇଁ ଯାଏ
ମନ ଗହନର
ମଧୁର ମୂର୍ଚ୍ଛନା ସାଥେ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲକ୍ଷ୍ମୀ ପ୍ରତିମା

ଅମୃତନାରାୟଣ ଶତପଥୀ



ପ୍ରତ୍ୟେକ ନାରୀ ଅଟନ୍ତି ଜଣେ ଜଣେ ଯେ ଲକ୍ଷ୍ମୀ ପ୍ରତିମା,
ସ୍ନେହ ପ୍ରେମ ଦୟା କ୍ଷମା ସଦ୍ ଗୁଣରେ ହୋଇଗଲେ ପରିପୂର୍ଣ୍ଣା।।(୧)
ବିଦ୍ୟା ବୁଦ୍ଧି ଜ୍ଞାନ ସିଦ୍ଧହସ୍ତା ହୋଇ କେଉଁଥିରେ ନ ରଖି ଊଣା,
ସଂସାରରେ ରୂପ ସୌନ୍ଦର୍ଯ୍ୟ ପ୍ରତୀକ ତା ସହ ସ୍ୱୟଂ ସମ୍ପୂର୍ଣ୍ଣା।।(୨)
ସେବା ତିତିକ୍ଷା ଓ ପରୋପକାରର ବ୍ରତୀ ହୋଇ ବହୁଗୁଣା,
ରନ୍ଧନ ଭୋଜନ ପରଷିବା ପାଇଁ ପୁଣି ମାତା ଅନ୍ନପୂର୍ଣ୍ଣା।।(୩)
ପାପୀର ସଂହାର କରିବା ପାଇଁକି ଦୁର୍ଗତିନାଶିନି ଖଡ୍ଗହସ୍ତା,
ଅବା ଦରକାର ହେଲେ ହୋଇ ଯେ ପାରନ୍ତି ପୁଣି ଦେବୀ ଛିନ୍ନମସ୍ତା।।(୪)
ଅନେକ ଗୁଣରେ ନିଜକୁ ପୁଣି କଲେ ନାରୀ ପରିପୂର୍ଣ୍ଣା,
ଦୋଷ ତ୍ୟାଗୀ ପୁଣି ମହାନତା ଜାଗି ହୁଅଇ ଲକ୍ଷ୍ମୀ ପ୍ରତିମା।।(୫)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୁଃଖପରେ ଆସେ ସୁଖ

ବିଶ୍ୱରଞ୍ଜନ ମହାନ୍ତି



ଦୃଶ୍ୟମାନ ହେଲେ ମୋ ବାତାୟନରୁ
ଛିଟ ପ୍ରଜାପତି ଦ୍ୱୟ
ନବରବି ସମ ସୁବାସିତ ପୁଷ୍ପେ
ସ୍ୱାଦିଷ୍ଟ ମଧୁକୁ ଲୟ ।

ଉଡିବାର ଅଛି କିବା ପ୍ରୟୋଜନ
ଶଯ୍ୟା ଅଛି ଫୁଲ ବେଷ୍ଟ
ଅଛିକି ତା ଡର ବେଙ୍ଗ ଏଣ୍ଡୁଅଙ୍କୁ
ସ୍ୱଳ୍ପ ଜୀବନର ଅନ୍ତ ?

ଅଛି କି ଗର୍ବ ସୁନ୍ଦର ରୂପର
ଡେଣାକୁ ମେଲାଇ ରଖୁ
ଡର ଅଛି କେତେ ଖରା ବରଷାକୁ
ପାଗକୁ ନିରେଖି ଦେଖୁ ।

ତୋ ଜୀବନ ଚକ୍ର ଏଡ଼ିକି ବିଚିତ୍ର
କେବେ ପୋକ କେବେ ଖୋଷା
କୋମଳ ସଜନା ପତ୍ର କରି ଗ୍ରାସ
ସୁନ୍ଦର ରୂପର ଆଶା ।

ଦିନ ପରେ ରାତି ଖରା ପରେ ବର୍ଷା
କୁତ୍ସିତ ସୁନ୍ଦର ରୂପ
ସମୟ ପ୍ରଭାବେ ନିୟତି ହାତରେ
ଭିକ୍ଷୁ ପାଲଟିବ ନୃପ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ କିବା ନିର୍ବିକାର ତୁହି
ଉଡୁଛୁ ହଲାଇ ଡେଣା
କର୍ମ କରିଯାଉ ଫଳେ ନାହିଁ ଆଶା
ମନ ନ କରିଣ ଊଣା ।

ସଂସାରର ଯେତେ ଦୁଃଖକୁ ଭୁଲିକି
ମଜ୍ଜିଛୁ ଫୁଲର ବାସେ
ମାନବ ମାନଙ୍କୁ ଏତିକି ଶିଖାଅ
ଦୁଃଖ ପରେ ସୁଖ ଆସେ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୟସର ଅନ୍ତରାଳେ ଯବନିକା

ଶିବରାମ ନାୟକ



ବର୍ତ୍ତମାନ ମଞ୍ଚ ଶୂନ୍ୟ,ଅଭିନୟ ବି ଶେଷ !
ଚାରିଆଡେ ଅନ୍ଧକାର ମୟ ସବୁ
ସେପଟେ ହୁଇସିଲ ଶବ୍ଦ ଶୁଭିଲାଣି
ବୋଧେ ବୟସର ଅନ୍ତରାଳ ର ସଂକେତ ଦେଉଛି ସେ !
ଏପଟେ ମଞ୍ଚକୁ ଢାଙ୍କିବା ପାଇଁ ଦୁଇ ଫାଳ ସ୍କ୍ରିନ୍ ଆସିଲାଣି
ନୀୟତି ଇସାରା କଲାଣି ଆଉ ଏକ ମଞ୍ଚକୁ ?

ଆସନ୍ନ ଅନ୍ତକୁ ସାମ୍ନାରେ ଦେଖି;
ଭୟାତୁର ମନଟା ଯେମିତି ସ୍ତବ୍ଧ ହୋଇଯାଇଛି,
ଆଉ ଦୁଇଟି ଦୃଶ୍ୟ ଯୋଡ଼ା ହୋଇ ନ ଥାନ୍ତା ?
ହୁଏତ ଆଉ ଦୁଇ ଘଡି ମଞ୍ଚରେ ଅଭିନୟ ଥାଆନ୍ତା ?
ଲୋଭ.... ଖାଲି ଲୋଭ.....ଆଉ ଟିକେ ଆଉ ଟିକେ କହି,
ମଣିଷ ଜୀବନ ତ କାଠ ଦି ସନ୍ଧିକୁ ଗଲାଯାଏ ରହିବ
କିନ୍ତୁ କାଳ ର ହାତରୁ ରକ୍ଷା ନାହିଁ କିଏ ବି !

ସେ ପଟରୁ କାନ୍ଦିବାର ସ୍ୱର ଅନେକଙ୍କର'
ଫୁଲ ମାଲ,ଫଗୁ,କୋକେଇ ପାଳବିଣ୍ଡାରେ ନିଆଁ,
ଖଇ କଉଡ଼ି ଧଳା ଲୁଗା,ନୂଆ ହାଣ୍ଡିରେ କ'ଣ ମେଞ୍ଚେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ପ୍ରସ୍ତୁତ ଚାରି ଲୋକ ସହ କାନ୍ଧ ଦେବାପାଇଁ,

ସମସ୍ତ ପିନ୍ଧା ଅଳଙ୍କାର କଢ଼ା ସରିଲାଣି,

ଶୁଭିଲାଣି ଶେଷ ଯାତ୍ରାର ସେ କେଇଗୋଟି ଶବ୍ଦ,

ଯାହା ଯୁଗେ ଯୁଗେ ନିରାଟ ସତ୍ୟ:

"ରାମ ନାମ ସତ୍ୟ ହେ,ହରି ନାମ ସତ୍ୟ ହେ !"

ମଶାଣୀରୁ ଧୂଆଁ ଦିଶିଲାଣି ଚିତାରେ ବୋଧେ,

ଅଗ୍ନି ସଂଯୋଗ ହୋଇ ସାରିଛି,

ତୁଳି ତଳ୍ପ ଶଯ୍ୟା ଆଉ ନାହିଁ ସବୁ ଶେଷ !

କିଛି ଅଙ୍ଗାର,କିଛି ପାଉଁଶ ଆଉ କିଛି

ଅଧାଜଳା ଅସ୍ଥିର ଅବଶିଷ୍ଟାଂଶ,

ଓଃ ! ସେ ଅସ୍ଥି ବୋଧେ ସାଇତା ହେବ !

ତ୍ରିବେଣୀରେ ବିସର୍ଜନ ପାଇଁ ନିର୍ବାଣ ଆଶାରେ,

ତାପରେ ନାହିଁ ଆଉ ଚିହ୍ନବର୍ଣ୍ଣ ନାହିଁ କାନ୍ଦ ଆଉ,

ମନେ ପଡେ କେତେବେଳେ କେମିତି କଥା ପଡିଲେ,

ସଞ୍ଚିତ ଅର୍ଥର ଭାଗ ବଣ୍ଟା ସରିଛି !

ସମସ୍ତେ ବ୍ୟସ୍ତ ନୂଆ ଉତ୍ସାହରେ ନିଜ ନିଜ କାମରେ

"ତା ପରେ ଆଉ କ'ଣ ମଞ୍ଚ ଅନ୍ଧକାର କାହାଣୀ ଶେଷ !"

ଏଇ ତ ଜୀବନ.. ! ସବୁ ଆଶା, ଲୋଭ, ମୋହ, ମାୟାକୁ ନେଇ ॥

ବାଇଶିପଲ, ଗଞ୍ଜାମ, ୭୬୧୧୪୪, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଜୁବାବୁ ଓ ଓଡ଼ିଶା

ଅକ୍ଷୟ କୁମାର ରାଉତ



୧୯୧୬ ମସିହା ମାର୍ଚ୍ଚ ମାସର ପାଞ୍ଚ ତାରିଖର ଶୁଭବେଳାରେ ଜନ୍ମ ନେଇଥିଲେ ଓଡ଼ିଆ ମାଟିର କୃତି ସନ୍ତାନ ବିଜୟାନନ୍ଦ ପଟ୍ଟନାୟକ । କଟକ ସହରର ତୁଳସୀପୁରରେ ଥିବା ଆନନ୍ଦ ଭବନ ଆନନ୍ଦରେ ମୁଖରିତ ହୋଇ ଉଠିଲା । ଏହି କୁଆଁ କୁଆଁ ରାବରେ ପତ୍ରଝଡ଼ା ପ୍ରକୃତିରାଣୀ ନବପଲ୍ଲବିତ ହେଲା । ଆକାଶଟା ଭାରାକ୍ରାନ୍ତ ପରି ମନେହେଲା । ଜନମାନସରେ ଭରିଗଲା ନୂଆ ଆଲୋକ, ନୂଆ ଭାବନା ଓ ନୂଆ ପୁଲକ । କିଏ ଜାଣେ ଏପରି ପରିବର୍ତ୍ତନର ରହସ୍ୟ କ'ଣ ? 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ଏହି କୁଆଁ କୁଆଁ ରାବ ସ୍ୱଷ୍ଟ ବାରି ଦେଉଥିଲା ଭବିଷ୍ୟତରେ ବଡ଼ମଣିଷ ହେବ ବୋଲି......

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା, ବୀର ପ୍ରସବିନୀ ଚିର ମହିମାନ୍ୱିତ ଏ ଧରା କୋଳରେ ସେ ଶଶୀକଳା ପରି ବଢ଼ିବାକୁ ଲାଗିଲେ । ତାଙ୍କର ବାଲ୍ୟ ଜୀବନ ଠାରୁ ଅନ୍ତିମ ଜୀବନ ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ କେବଳ ଦୁଃସାହସ ଓ ନିର୍ଭିକତା ଦେଖିବାକୁ ମିଳେ । ସେ ଥିଲେ ଅତ୍ୟନ୍ତ ବଳିଷ୍ଠ, ମେଧାବୀ ଉପସ୍ଥିତ ତଥା ବିଚକ୍ଷଣ ବୁଦ୍ଧି ସଂପନ୍ନ ଓ ସାହସିକ । ସେ ଯେ ଦିନେ ସମଗ୍ର ବିଶ୍ୱରେ ଏକ ଯୁଗାନ୍ତକାରୀ ଆଲୋଡ଼ନ ସୃଷ୍ଟି କରିବେ ତାହା ତାଙ୍କ ଛାତ୍ର ଜୀବନରୁ ଜଣାପଡ଼ିଥିଲା । ସେ ଥିଲେ ଅନିସନ୍ଧିତ୍ସୁ । ସତର୍କ ଏବଂ ସତ୍ବୁଦ୍ଧି ସଂପନ୍ନ । କୌଣସି ବିଷୟକୁ ସେ ଖୁବ୍ ଶୀଘ୍ର କାମ ମାଧ୍ୟମରେ ପ୍ରମାଣ କରି ଦେଖାଇ ଦେଉଥିଲେ । ତାଙ୍କ ଜୀବନ ଆକାଶରେ ପୂର୍ଣ୍ଣିମା ବି ବେଳେବେଳେ ଅମାବାସ୍ୟାର ରୂପ ନେଇଥିଲା । ଅନେକ ଘାତ ପ୍ରତିଘାତର ଶିକାର ହୋଇଥିଲେ ମଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୃଢ଼ ମନୋବଳ ପାଇଁ ସେ କେବେ ହତୋତ୍ସାହିତ ହୋଇନଥିଲେ । ଆମ ଓଡ଼ିଶାରେ ସେ ଥିଲେ ଏକ ତେଜସ୍କ୍ରିୟ ଦୀପ୍ତିମାନ ଉଜ୍ଜ୍ୱଳ ତାରକା ।

ସେ ରେଭନ୍‌ସା କଲେଜିଏଟ୍ ବିଦ୍ୟାଳୟରୁ ଫେରୁଥାନ୍ତି । ଆଗରେ ବାରବାଟୀ ଗଡ଼ । ଯେଉଁଠି ଦିନେ ଓଡ଼ିଆ ପୁଅର ବୀରବାଦ୍ୟ ବାଜି ଉଠୁଥିଲା, ସେଠି ଆଜି ବିଦେଶୀଙ୍କ ରାଜତ୍ୱ । ବିଦେଶୀ ଫଉଜଙ୍କର ଏପରି ରାଜୁତି ସେ ତିଳେ ମାତ୍ର ସହ୍ୟ କରିପାରିଲେ ନାହିଁ । ଦେଶପ୍ରେମରେ ଉଦ୍ବୁଦ୍ଧ ପ୍ରାଣ ତାଙ୍କର ଚହଲି ଗଲା । ତାଙ୍କ ଦେହର ବୀରରକ୍ତ ଟକମକ ହୋଇ ଉଠିଲା । ସେ ତାଙ୍କ ଉପରକୁ ଟେକାଟିଏ ଫିଙ୍ଗିଲେ । ଯାହାଫଳରେ ଗୋରା ସୈନିକମାନେ ତାଙ୍କୁ ଥାନାକୁ ନେଇଗଲେ । ବିଚାର ପରେ ଦଶ ପ୍ରହାର କରାଗଲା । ହସି ହସି ଏ ଦଣ୍ଡକୁ ଗ୍ରହଣ କଲେ । କାରଣ ତାଙ୍କ ବାପାଙ୍କର କେତୋଟି କଥା ମନରେ ତାଙ୍କର ପ୍ରତିଧ୍ୱନିତ ହେଉଥିଲା- 'ତୁ ପରା ଓଡ଼ିଆ ପୁଅ, ବୀର ରକ୍ତ ତୋ ଦେହରେ ପ୍ରବାହିତ, ସାମାନ୍ୟ ଆଘାତରେ ଡରିଯିବା ଉଚିତ୍ ନୁହେଁ ।' କଳିଙ୍ଗ ସନ୍ତାନ, ପ୍ରତିଭା ମାନ ବୀର ବିଜୁବାବୁଙ୍କ ଚିନ୍ତା ଓ ଚେତନାରେ ବୀରତ୍ୱ ବସା ବାନ୍ଧିଥିଲା ।

୧୯୨୭ ମସିହାର କଥା । ୧୧ ବର୍ଷର ସେ, ପଢୁଥାନ୍ତି ହାଇସ୍କୁଲରେ । ସେ ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଜୋର୍ ଚାଲିଥାଏ । ମହାତ୍ମାଗାନ୍ଧୀ ଓଡ଼ିଶା ଆସିଲେ । ସ୍ୱରାଜ୍ୟ ଆଶ୍ରମରେ ସଭା ହେବ । ସମଗ୍ର ଓଡ଼ିଶାବାସୀ ଧାଇଁଲେ ବାପୁଜୀଙ୍କୁ ଦେଖିବାପାଇଁ । ବିଜୁବାବୁ ବାପୁଜୀଙ୍କୁ ପାଖରୁ ଦେଖିବେ । ତାଙ୍କର ମହତବାଣୀ ଶୁଣିବେ ବୋଲି ଛୁଟି ଯାଇଥିଲେ । ସେ ଆଗେଇଯାଇ ଭିଡ଼ ଭିତରେ ପଶିଲେ । ପୋଲିସ୍ ଫଉଜ୍ ପଥ ଓଗାଳିଲେ । ସେ ତ ଡରିବାର ପିଲା ନୁହନ୍ତି । ସେ ତାଙ୍କ କଥା ନମାନି ଆଗକୁ ମାଡ଼ି ଚାଲିଲେ, କିନ୍ତୁ ପଛରୁ ଏସ୍.ପି. ସାହେବଙ୍କ ଲାଠିମାଡ଼ରେ ତାଙ୍କ ମୁଣ୍ଡରୁ ରକ୍ତ ଝରୁଥାଏ । ଏହି ମାଡ଼ର ପ୍ରତିଶୋଧ ନିଆଁ ତାଙ୍କ ହୃଦୟର ପ୍ରତି କୋଣ ଅନୁକୋଣରେ ଜଳି ଉଠିଲା । ସୁଯୋଗ ଆସିଲା, କଡ଼ା ଗଣ୍ଡାକରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଶୋଧ ନେଲେ । ଏମିତି ମାଡ଼ ଦେଲେ ଯେ ଏସ୍.ପି.ଙ୍କ ଗୋଡ଼ ଭାଙ୍ଗିଗଲା ଓ କଟକରେ ଚିକିତ୍ସିତ ନହୋଇପାରି ତାଙ୍କ ଦେଶ ଇଂଲଣ୍ଡକୁ ପଳାଇଗଲେ । ଏହିପରି ଅନେକ ଦୁଃସାହସିକ କାର୍ଯ୍ୟ ତାଙ୍କ ଜୀବନରେ ଦେଖାଇ ଯାଇଥିଲେ । ୧୯୩୨ ମସିହା ମଇ ମାସ ୧ ତାରିଖରେ ସାଇକେଲ ଯୋଗେ କଟକରୁ ପେଶୱାର ଯାତ୍ରା, ପାଖରେ କିଛି ଅସ୍ତ୍ର ନଥାଇ ବାଘ ହବୁଡ଼ରୁ ମୁକ୍ତି, ସାମାନ୍ୟ ଛତାଟିଏ ପାଇଁ ଝଡ଼ ତୋଫାନରେ ଦୁଇକୂଳ ଖାଇ ଭୟଙ୍କର ଗର୍ଜନ କରୁଥିବା କାଠଯୋଡ଼ି ପାରି ହେବା ଇତ୍ୟାଦି ।

ପିତା ଲକ୍ଷ୍ମୀନାରାୟଣ ଓ ମାତା ଅଶା ଦେବୀଙ୍କର ଅନେକ ସ୍ୱପ୍ନ ଥିଲା । ସେ ପିତା ମାତାଙ୍କର ସବୁ ସ୍ୱପ୍ନ ବାସ୍ତବରେ ରୂପାୟନ କରିଥିଲେ । ମା’ ଆଶା ଦେବୀଙ୍କର ଆଶା ଥିଲା ପୁଅ ମୋର ଆକାଶରେ ଉଡ଼ିବ । ସାହସୀ ଯୁବକ ନହେଲେ କିଏ ବା ନୀଳ ଆକାଶରେ ଉଡ଼ିବାକୁ ଇଚ୍ଛା କରିବ । ବିମାନ ଚାଳନା କ୍ଷେତ୍ରରେ ବହୁ ବିପଦର ସମ୍ମୁଖୀନ ହୋଇ ମଧ୍ୟ ସେ ଭାଙ୍ଗି ପଡ଼ିନଥିଲେ । ତାଙ୍କ ଜାହାଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଥିଲେ ମଧ୍ୟ ନିଜ ଜାତିର ମହତ୍ୱକୁ ତଳେ ନପକାଇ ବଜାୟ ରଖିଥିଲେ । ସବୁ ବିପଦରୁ ନିଜକୁ ରକ୍ଷାକରି ପୃଥିବୀର ଜଣେ ଦକ୍ଷ ବିମାନ ଚାଳକ ରୂପେ ସୁନାମ ଅର୍ଜନ କରିଛନ୍ତି । ଦିନେ ଆମ ସ୍ୱାଧୀନତା ସଂଗ୍ରାମ ମହାନରଥୀ ଜୟପ୍ରକାଶ ନାରାୟଣ ବିଜୁବାବୁଙ୍କୁ ସାକ୍ଷାତ କରି କହିଲେ- ‘ବ୍ରିଟିଶ୍ ସରକାର ମୋତେ ଯେକୌଣସି ସମୟରେ ବନ୍ଦୀ କରିପାରେ । ଆପଣ ମୋତେ ବିମାନରେ ନେଇ ଯେକୌଣସି ଅଜଣା ସ୍ଥାନରେ ଛାଡ଼ିପାରିବେ ?’ ବିଜୁବାବୁ ହସି ହସି କହିଲେ- ‘ମାତୃଭୂମି ସେବାପାଇଁ ମୁଁ ଚାକିରି ଛାଡ଼ି ଦେଇପାରେ, ମୁଁ ମାତୃଭୂମି ପାଇଁ ଏତିକି କାମ କ’ଣ କରିପାରିବି ନାହିଁ ?’

୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଭାରତବର୍ଷର ଚାରିଆଡ଼ୁ ଶୁଭିଲା ‘ହେ ଇଂରେଜ ସରକାର, ଭାରତ ଛାଡ଼’ । ଏ ଥିଲା ମାତୃଭୂମିର ଡାକ । ଏ ଡାକ ଓଡ଼ିଆ ପୁଅ ବିଜୁବାବୁଙ୍କୁ ବିଚଳିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦେଲା । ସଂଗ୍ରାମୀ ରକ୍ତ ପ୍ରଭାବିତ ଦେହ ତାଙ୍କର ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ପ୍ରସ୍ତୁତ ହୋଇଗଲା । ତାଙ୍କ ମନରେ ଏକ ପ୍ରଶ୍ନବାଚୀ, ଦେଶ ଯଦି ପରାଧିନ ଚାକିରୀ କରି ଲାଭ କ'ଣ ? ଇଂରେଜ ମାନଙ୍କ କବଳରୁ ସଂଗ୍ରାମୀ ମାନଙ୍କୁ ରକ୍ଷା କରିବା ପାଇଁ ବିମାନରେ ନେଇ ନିରାପଦ ସ୍ଥାନରେ ଛାଡ଼ିଦେଇ ଆସୁଥିଲେ । ତାଙ୍କ ବିମାନରେ ଛଦ୍ମବେଶରେ ଜୟପ୍ରକାଶ, ମହାନ ସଂଗ୍ରାମୀ ଅରୁଣ ଆସଫ୍ ଅଲ୍ଲୀ, ଅଶୋକ ମେହେଟ୍ଟା, ରାମ ମନୋହର ଲୋହିଆ, ଅଚ୍ୟୁତ ପଟବର୍ଦ୍ଧନ ଇତ୍ୟାଦି ଯାଇ ନିରାପଦ ସ୍ଥାନରେ ଆଶ୍ରୟ ନେଇଥିଲେ । କିନ୍ତୁ ହିଂସ୍ର ବ୍ରିଟିଶ୍ ସରକାର ବିଜୁଙ୍କୁ ସନ୍ଦେହ କରି ୧୯୪୩ ମସିହା ଜାନୁଆରୀ ୧୩ ତାରିଖରେ ଗିରଫ୍ କଲେ । ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ ହେଲା । ଲାଠି ପ୍ରହାରରେ ଦେହ ସାରା ରକ୍ତାକ୍ତ ହୋଇଗଲା । ମୁଣ୍ଡ ଫାଟିଗଲା । ତଥାପି ତାଙ୍କ ଆଖିରେ ଲୁହ ନଥାଏ । ହସି ହସି ମାତୃଭୂମି ପାଇଁ ଏ ଦଣ୍ଡ ସହିଗଲେ । ସେଦିନ ତାଙ୍କ ଉପରେ ପୋଲିସର ଏ ଅତ୍ୟାଚାର ଯେଉଁମାନେ ଦେଖିଛନ୍ତି, ଜଣେ ଓଡ଼ିଆ ପୁଅର ସାହସ ଓ ଧୈର୍ଯ୍ୟ ଦେଖି ଚକିତ ହୋଇଛନ୍ତି । ପ୍ରଥମେ ତାଙ୍କୁ ଲାଲକିଲ୍ଲା ଜେଲରେ ରଖାଗଲା । ପରେ ଦିଲ୍ଲୀ ଜେଲରେ ଓ ଶେଷରେ ୧୯୪୫ ମସିହାରେ କଟକ ଜେଲରୁ ଖଲାସ୍ ହେଲେ । ଜେଲରୁ ଖଲାସ ହୋଇ ବିଜୁବାବୁ କଟକ ଆନନ୍ଦ ଭବନରେ ଅବସ୍ଥାନ କଲେ । ଘରେ ନଜରବନ୍ଦୀରେ ଥାଆନ୍ତି । ସ୍ୱଦେଶ ପ୍ରେମୀ ଯୁବକ ବିଜୁ କିନ୍ତୁ ଘରେ ସ୍ଥିର ହୋଇ ବସି ପାରିଲେ ନାହିଁ । ଦରିଦ୍ର ଓଡ଼ିଶାର କଥା ଭାବିବାକୁ ଲାଗିଲେ । ଯେଉଁ ଜାତି ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ସେ ଆଜି ହୋଇଛି କ'ଣ ? ତା ଅଣ୍ଟାରେ ଆଜି ପଇସା ନାହିଁ । ପେଟରେ ଦାନା ନାହିଁ । ଓଡ଼ିଆ ମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସେ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାକୁ ସ୍ଥିର କଲେ । ସେ 'ବି ପଟ୍ଟନାୟକ ଏଣ୍ଡ କମ୍ପାନୀ' ନାମରେ ଗୋଟିଏ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ କଲେ । ପ୍ରଥମେ ଚୌଦ୍ୱାରରେ ଲୁଗାକଳ, କଳିଙ୍ଗ ଆଇରନ୍ ଏଣ୍ଡ ଷ୍ଟିଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଣ୍ଡଷ୍ଟ୍ରିଜ୍, କଳିଙ୍ଗ ପାଇପ୍ କାରଖାନା, କଳିଙ୍ଗ ରେଫ୍ରିଜେସନ ଓ କଳିଙ୍ଗର ଏୟାର ଲାଇନ୍ ମଧ୍ୟ ପ୍ରତିଷ୍ଠା କଲେ । ସେ ଯାହା କରିଛନ୍ତି କଳିଙ୍ଗ ନାମରେ ନାମିତ କରିଛନ୍ତି । ନିଜର ମାତୃଭୂମି କଳିଙ୍ଗ ପ୍ରତି କେତେ ଗଭୀର ମମତା ଏଥିରୁ ବେଶ୍ ଜଣାପଡ଼େ ।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେଲା । ସେହି ବର୍ଷ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ଖୁବ୍ ଜୋରରେ ଚାଲିଥାଏ । ସୁଦର୍ଶନ ଯୁବକ କଳିଙ୍ଗର ସନ୍ତାନ ଓଡ଼ିଆ ପୁଅ ବିଜୁବାବୁ ଇଣ୍ଡୋନେସିଆର ସ୍ୱାଧୀନତା ଆଣି ଦେବି ବୋଲି ମନରେ ସାହସ ବାନ୍ଧିଲେ । ପଣ୍ଡିତ ଜବାହାରଲାଲ ନେହେରୁ ଏପରି ଦୃଢ଼ ପ୍ରତିଶ୍ରୁତି ଶୁଣି ଆଶ୍ଚର୍ଯ୍ୟ ହେଲେ । ପଣ୍ଡିତଜୀ ଭାବିଲେ 'ବିଜୁ ମୃତ୍ୟୁ ଗହ୍ୱରରେ ପଶି ସତରେ କ'ଣ ସେ ବିଜୟର ଟୀକା ପିନ୍ଧି ପାରିବେ' । ସୁଦକ୍ଷ ବିମାନଚାଳକ ବିଜୁବାବୁ ବିମାନଟିକୁ କୌଶଳ କ୍ରମେ ବାଟାଭିଆ ଉପରେ ଉଡ଼ାଇ ନିରାପଦରେ ଯାଇ ଯୋଗିଆକର୍ତ୍ତାରେ ପହଞ୍ଚିଲେ । ଇଣ୍ଡୋନେସିଆର ସ୍ୱାଧୀନତା ଆଣିଦେଲେ । ଇଣ୍ଡୋନେସିଆର ସ୍ୱାଧୀନତା ପାଇଁ ଓଡ଼ିଆ ପୁଅର ଯେଉଁ ତ୍ୟାଗ ସେଠାକାର ଲୋକମାନେ ଏପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି । ସେଠାକାର ସୁକର୍ଣ୍ଣ ସରକାର ତାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହିତ ପ୍ରାୟ ପାଞ୍ଚଶହ କୋଟି ଟଙ୍କାର ସଂପତ୍ତି ପ୍ରଦାନ କରିଥିଲେ । ଏତିକି ପ୍ରଦାନରେ ସେଠାକାର ସରକାର ଓ ଜନସାଧାରଣ ସନ୍ତୁଷ୍ଟ ହେଲେ ନାହିଁ । ଆମ ଦେଶର 'ଭାରତରତ୍ନ' ପରି ସେ ଦେଶର ସର୍ବଶ୍ରେଷ୍ଠ ଉପାଧି 'ଭୂମିପୁତ୍ର'ରେ ଭୂଷିତ କଲେ । ସେଠାରେ ପାଇଥିବା ସମସ୍ତ ସମ୍ପତ୍ତିକୁ ବିଜୁବାବୁ ସେ ଦେଶର ଜନସାଧାରଣଙ୍କୁ କଲ୍ୟାଣ ପାଇଁ ଫେରାଇ ଦେଲେ ।

୧୯୪୬ ମସିହା ଠାରୁ ବିଜୁବାବୁଙ୍କ ରାଜନୀତି ରଥର ଚକ ଗଡ଼ି ଚାଲିଲା ରାଜନୀତିର ଅମଡ଼ାବାଟରେ । ରାଜନୀତି ଯୁଦ୍ଧରେ ସେ ଜଣେ ସଫଳ ଯୋଦ୍ଧା ଥିଲେ । ପ୍ରଥମ ଜୀବନରେ ସେ ସିନା ଜଣେ ସୈନିକ, କିନ୍ତୁ ରାଜନୀତିରେ ସେ ଜଣେ ସୁଦକ୍ଷ ସେନାପତି ଥିଲେ । ଜୀବନ ସଂଗ୍ରାମରେ ସେ ଅନେକଥର ଜିତିଛନ୍ତି ଓ ହାରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାରିବାରେ ଦୁଃଖ ନଥିଲା ତାଙ୍କର । ଜୟ ପରାଜୟ ତାଙ୍କ ପାଖରେ ସବୁ ସମାନ । ୧୯୪୬ ମସିହାରେ ବ୍ୟବସ୍ଥାପକ ସଭାର ସଭ୍ୟ, ୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ବିଧାୟକ, ୧୯୬୧ ମସିହାରେ ଓଡ଼ିଶା କଂଗ୍ରେସ ଦଳର ସଭାପତି ହୋଇଥିଲେ । ସେହି ବର୍ଷ ମଧ୍ୟ ନିର୍ବାଚନରେ ବିଧାନ ସଭାକୁ ଆସିଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା, ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ୧୯୭୭ରେ କେନ୍ଦ୍ରରେ ଗଠିତ ଜନତା ଦଳରେ ତାଙ୍କର ଭୂମିକା ସର୍ବାଧିକ । ଜନତା ଦଳ ଜିତିଲା, ମୋରାଜୀ ଦେଶାଇ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ ଇସ୍ପାତ ଓ ଖଣି ବିଭାଗର ଦାୟିତ୍ୱ ସଫଳତାର ସହ ତୁଲାଇଲେ । ୧୯୯୦ରେ ତାଙ୍କ ନେତୃତ୍ୱରେ ଓଡ଼ିଶାର ମନ୍ତ୍ରୀମଣ୍ଡଳ ଗଠିତ ହେଲା । ସେ ହେଲେ ଓଡ଼ିଶାର ସର୍ବମୟ କର୍ତ୍ତା ବା ଓଡ଼ିଶାର ମୁଖ୍ୟମନ୍ତ୍ରୀ । ସେ ପାଞ୍ଚବର୍ଷ କାଳ ଯୁବକଙ୍କ ପରି କଠିନ ପରିଶ୍ରମ କରି ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେଲେ । ୧୯୯୫ ନିର୍ବାଚନରେ ସେ ଭୁବନେଶ୍ୱରରୁ ନିର୍ବାଚିତ ହୋଇ ବିଧାନସଭାର ବିରୋଧୀଦଳର ନେତା ହେଲେ । ୧୯୯୬ରେ କଟକ ଓ ଆସ୍କା ଆସନରୁ ପୁଣି ଥରେ ଲୋକସଭାକୁ ନିର୍ବାଚିତ ହୋଇ ଓଡ଼ିଶାର ଦାବୀ ସେଠାରେ ଉପସ୍ଥାପନା କଲେ ।

ଏକାଅଶୀ ବର୍ଷରେ ସେ ବୃଦ୍ଧ ହୋଇ ମଧ୍ୟ ଯୁବକଙ୍କ ପରି କାମ କରୁଥିଲେ । ଦିଲ୍ଲୀରେ ଅବସ୍ଥାନ ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ପ୍ରଥମେ ସେ ରାମ ମନୋହର ଲୋହିଆ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଅବସ୍ଥାର ପରିବର୍ତ୍ତନ ପାଇଁ ଉନ୍ନତ ଚିକିତ୍ସା ପାଇଁ ଏସ୍କର୍ଟ ହସ୍ପିଟାଲକୁ ନିଆଗଲା । କିନ୍ତୁ ସବୁ ଚେଷ୍ଟା ବିଫଳ । ୧୧୯୭ ମସିହା ଅପ୍ରେଲ୍ ମାସ ୧୭ ତାରିଖ ଗୁରୁବାର, ସକାଳ ଆଠଟା ପନ୍ଦର ମିନିଟରେ ସେ ଶୋଇଗଲେ ମହାନିଦ୍ରାରେ । କଳିଙ୍ଗ ଆକାଶରୁ ଏକ ଦୀପ୍ତିମାନ ନକ୍ଷତ୍ର ଖସିପଡ଼ିଲା । ତାଙ୍କ ସ୍ୱପ୍ନର ଓଡ଼ିଶା ଦୁଃଖ ଓ ଯନ୍ତ୍ରଣାରେ ନୀରବ ଓ ନିସ୍ପନ୍ଦ ହୋଇଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତଙ୍କ ମୁହଁରୁ ଶୁଣାଗଲା ବିଜୁବାବୁ ଆଉ ନାହାନ୍ତି । ତାଙ୍କର ଅନ୍ତିମ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ସମେତ ମନ୍ତ୍ରୀମଣ୍ଡଳର ସଭ୍ୟ, ବିରୋଧୀ ଦଳର ନେତୃବୃନ୍ଦ, ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ସମଗ୍ର ଓଡ଼ିଶାର ଜନତା ଛୁଟିଲେ ଡାକ୍ତରଖାନାକୁ । ସବୁଠି ଆଲୋକ ଥାଇ ଅନ୍ଧାର ପରି ଲାଗିଲା । ଅପ୍ରେଲ ମାସ ଅଠର ତାରିଖ ଦିନ ସ୍ୱର୍ଗତ ନେତାଙ୍କର ମରଶରୀର ବିମାନ ଯୋଗେ ଭୁବନେଶ୍ୱର ଅଣାଗଲା । ହଜାର ହଜାର ଲୋକ ଉଚ୍ଚସ୍ୱରରେ ରୋଦନ କରୁଥିଲେ । ଶେଷର ତାଙ୍କ ନିଜଘର ନବୀନ ନିବାସକୁ ଅଣାଯାଇଥିଲା । ନବୀନ ନିବାସରୁ ସ୍ୱର୍ଗଦ୍ୱାର, ମହାନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ମରଶରୀର ପୁରୀରେ ପହଞ୍ଚିଲା । ପାଞ୍ଚଲକ୍ଷ ଜନତାଙ୍କ ସମାଗମରେ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି କରାଗଲା । ଠିକ୍ ସେହି ସମୟରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କ ମରଶରୀରରେ ଅଗ୍ନି ସଂଯୋଗ କରାଗଲା । ସମସ୍ତ ଜନତାଙ୍କ କଣ୍ଠରୁ ଗଗନ ପବନ ପ୍ରକମ୍ପିତ କରି ଧ୍ୱନିତ ହେଉଥିଲା - 'ବିଜୁବାବୁ ଅମର ରହେ, ଜବ୍‌ତକ୍ ଚାନ୍ଦ ସୂରୁଜ ରହେଗା ।'

ପାରାଦ୍ୱୀପଗଡ଼

ମୋବାଇଲ - ୯୯୩୭୬୯୧୪୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁଇଜ୍ ବିସ୍ମୟ ଏ. ତେଜସ୍ୱିନୀ

ରାମଚନ୍ଦ୍ର ପ୍ରଧାନ



ବୟସ ମାତ୍ର ପନ୍ଦର । ହେଲେ ସଫଳତା ଅନେକ । ଏପରି ଜଣେ ବିସ୍ମୟ କୁନି ପ୍ରତିଭା ହେଲେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କଲେଜ ଛକର ଏ. ତେଜସ୍ୱିନୀ ଦୋରା । ସେ ୨୦୦୯ ସେପ୍ଟେମ୍ବର ୨୨ ତାରିଖରେ ଆସିକା କଲେଜ ଛକ ସ୍ଥିତ ହରି ଓଁ ନଗରର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଏ. ନାରାୟଣ ଦୋରା ଓ ମାତାଙ୍କ ନାମ ଏ. ସରୋଜିନୀ ଦୋରା । ସେ ବର୍ତ୍ତମାନ କଲେଜ ଛକ ସ୍ଥିତ ସରକାରୀ ଟେକ୍ନିକାଲ୍ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି । ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନାହିଁ । ବାପା କଲେଜଛକ ସ୍ଥିତ ମାଁ ଶୀତିଳାଇ ମନ୍ଦିର ଆଗରେ ଗୋଟେ ଫାଷ୍ଟ ଫୁଡ୍ ଦୋକାନ ଖୋଲି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି । "ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ଲୁକ୍କାୟିତ ପ୍ରତିଭା ପିଲାଟି ଦିନରୁ ବାରି ହୋଇ ପଡୁଥିଲା । ହିତେଶ୍ ସାରଙ୍କ ଠାରୁ ପ୍ରେରଣା ପାଇ ତେଜସ୍ୱିନୀ ପଞ୍ଚମ ଶ୍ରେଣୀ ପଢୁଥିବା ବେଳେ ଦିନକୁ ଘଣ୍ଟାଏ ସମୟ ବିଭିନ୍ନ କୁଇଜ୍ ବହି ପଢାପଢ଼ି କରୁଥିଲେ । ନିଜ ଅଜାଣତରେ କେଜାଣି କେତେବେଳେ ଦେଶ ବିଦେଶର ଟିକିନିଖି ଖବର ଜାଣିବାକୁ ତାଙ୍କ ମନରେ ଅହେତୁକ ଆଗ୍ରହ ବଢ଼ିଥିଲା । ପିଲାଟିର କୁଇଜ୍ ପ୍ରତି ଏ ଦୁର୍ବଳତା ଦେଖି ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା ତେଜସ୍ୱିନୀ ପାଇଁ ବିଭିନ୍ନ ପ୍ରକାରର କୁଇଜ୍ ବହି ବଜାରରୁ ଆଣି ଦେଇଥିଲେ । ଅବସର ସମୟରେ ସେ ଟେଲିଭିଜନରେ ପ୍ରସାରିତ ହେଉଥିବା କୁଇଜ ସୋ କୌନ୍ ବନେଗାଁ କୋରଡ଼ପତି, ସବ୍ ଖେଲୋ ସବ୍ ଜିତୋ, ବାଇଜୁର ଡ଼ିସକଭେରୀ ସ୍କୁଲ ସୁପର ଲିଗ ଓ କୁନା ତ୍ରିପାଠୀଙ୍କ ଓଡିଶାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ କୁଇଜ୍ ସୋ ଦେଖି ଆଶାତୀତ ପ୍ରେରଣା ପାଇ ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଢେର ସଫଳତା ପାଇଥିଲେ । ତା' ପରଠୁ ସେ ଆଉ କେବେ ପଛକୁ ଫେରି ନାହାଁନ୍ତି । ଆଖପାଖ ଅଂଚଳ ତଥା ବିଦ୍ୟାଳୟରେ ଆୟୋଜିତ ହେଉଥିବା ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇ ଅନେକ ମେଡାଲ୍ ଓ ମାନପତ୍ର ହାତେଇଥିଲେ,ଯାହା ତାଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇଥିଲା । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ କିଛି ନୂଆଁ କରିବାର ନିଶା ତେଜସ୍ୱିନୀଙ୍କୁ ଦେଇଛି ଗୋଟିଏ ପରେ ଗୋଟେ ସଫଳତା । ଏ ଦିଗରେ ସାଙ୍ଗସାଥି ଓ ପିତାମାତାଙ୍କ ନିଃସ୍ୱାର୍ଥପର ପ୍ରେରଣା ତା'ଙ୍କୁ ଆଉ ଟିକିଏ ଆଗକୁ ବଢିବାର ଇନ୍ଧନ ଯୋଗାଇଛି ।

ଏ. ତେଜସ୍ୱିନୀ ଜଣେ ମେଧାବୀ ଛାତ୍ରୀ । ସେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ ଅଟନ୍ତି । ପାଠପଢ଼ାରେ ସେ ଯେମିତି ଧୁରନ୍ଧର; ଆଚାର ବ୍ୟବହାରରେ ବି ସେମିତି ଆଗୁଆ । ସେଥିପାଇଁ ସବୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କୁ ଖୁବ୍ ସ୍ନେହ କରନ୍ତି । ଜଣେ ଛାତ୍ରୀ ହିସାବରେ ସେ ଯେତିକି ସମୟ ପାଠପଢ଼ାରେ ଦେଇଥାନ୍ତି, ଠିକ୍ ସେତିକି ସମୟ ଦିଅନ୍ତି ଦେଶ ବିଦେଶର ଖବର ସଂଗ୍ରହ କରିବାରେ । ସେ ଭଲଭାବେ ଜାଣିଛନ୍ତି ଯେ ଜୀବନରେ ସଫଳତା ପାଇବାକୁ ହେଲେ ଆପଣାର ସାଧନାକୁ ବଳବତ୍ତର ରଖିବାକୁ ପଡିବ । ସେ କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଉପରେ ସବୁବେଳେ ଭରସା ରଖିଥାନ୍ତି । ଏହାସହ ବାପାମାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ ଏ ଦିଗରେ ଆଗକୁ ମାଡିଚାଲିବାର ସହାୟକ ହୋଇଛି । ପିଲାଟି ବେଳୁ ସେ ଆଖପାଖ ଅଂଚଳ ଓ ବିଦ୍ୟାଳୟ ସ୍ତରରେ ହେଉଥିବା କୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଭିଙ୍କ ଠାରୁ ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି । ତେଜସ୍ୱିନୀ ୨୦୨୨ ଅକ୍ଟୋବର ୧୫ ତାରିଖରେ ଖାରିଆ ନୋଡାଲ୍ ଉ.ପ୍ରା ବିଦ୍ୟାଳୟ ଠାରେ ଆୟୋଜିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ-୨୦୨୨ରେ ଅଂଶ ଗ୍ରହଣ କରି କୁଇଜରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ପୁଣି ୨୦୨୨ ଅକ୍ଟୋବର ୨୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାରିଖରେ ଆସିକା ହରିହର ହାଇସ୍କୁଲ୍ ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ ସୁରଭି -୨୦୨୨ କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ଥାନୀୟ ବିଧାୟିକା ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ ମହୋଦୟାଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତିକିରେ ତାଙ୍କ ଯାତ୍ରା ଶେଷ ହୋଇ ନଥିଲା । ସେ ୨୦୨୩ ନଭେମ୍ବର ୧୮ ତାରିଖରେ ଆସିକା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ବ୍ଲକ୍ ସ୍ତରୀୟ ସୁରଭି ଶିଶୁ ମହୋତ୍ସବ (ଓଡ଼ିଶା ମେଲେଟ୍ସ ମିଶନ୍)କୁଇଜ୍ ପ୍ରତିଯୋଗିତାରେ ସବୁ ପ୍ରତିଦ୍ୱନ୍ଦୀମାନଙ୍କୁ ପଛରେ ପକାଇ କନିଷ୍ଠ ବିଭାଗ (କୁଇଜ୍)ରେ ପ୍ରଥମ ସ୍ଥାନ ଅଧିକାର କରି ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମୁନରଣୀ ମହାନ୍ତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଖାଲି ସେତିକି ନୁହଁ ୨୦୨୩-୨୪ ବର୍ଷ ପାଇଁ ହିଞ୍ଜିଳିକାଟୁ ଠାରେ କ୍ଷୁଦ୍ର ଜଳସେଚନ ବିଭାଜନ, ଗଞ୍ଜାମ-୧ ବ୍ରହ୍ମପୁର ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ପାଣି ପଂଚାୟତ ପକ୍ଷ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମହୋଦୟଙ୍କ ଠାରୁ ପ୍ରଶସ୍ତି ପତ୍ର ସହ ନଗଦ ଅର୍ଥରାଶି ୨୫୦୦ ଟଙ୍କା ପୁରସ୍କାର ପାଇଥିଲେ । ୨୦୨୪ ମସିହା ଡିସେମ୍ବର ୧୬ ତାରିଖରେ ଜଗଦଳ ପୁର ହାଇସ୍କୁଲ, ଗୁଣ୍ଠପଡ଼ା ଠାରେ ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଙ୍ଘ (ଓଷ୍ଟା) ତରଫରୁ ଆୟୋଜିତ ଶିଶୁ ଉତ୍ସବରେ ଅଂଶ ଗ୍ରହଣ କରି ତେଜସ୍ୱିନୀ ଢେର ସାରା ପ୍ରଶଂସା ସାଉଁଟି ଥିଲେ ଏବଂ ୨୦୨୪ ମସିହା ଡ଼ିସେମ୍ବର ୧ ତାରିଖରେ ଜାତୀୟ ଶକ୍ତି ସଂରକ୍ଷଣ ଉପଲକ୍ଷେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ବି ସେ ଶତ ପ୍ରତିଶତ ସଫଳତା ହାସଲ କରିଥିଲେ । କହିବା ବାହୁଲ୍ୟ ଯେ ପୁଣି ୨୦୨୪-୨୫ ବର୍ଷ ପାଇଁ ବି ଜଳସେଚନ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ କୁଇଜ ପ୍ରତିଯୋଗିତାରେ ତେଜସ୍ୱିନୀ ନିଜର କରିସ୍ମା ଦେଖାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଯାହାର ଫଳ ସ୍ୱରୂପ ତେଜସ୍ୱିନୀଙ୍କୁ ଚିକିଟି ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ୍ ସାମନ୍ତରା ନିଜ କରକମଳରେ ମାନପତ୍ର ସହ ନଗଦ ଅର୍ଥରାଶି ୨୦୦୦ ଟଙ୍କା ପ୍ରଦାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ । ନେତାଜୀ ଜୟନ୍ତୀ ଅବସରରେ ଜାନୁଆରୀ ୨୩ ତାରିଖରେ ଟେକ୍ନିକାଲ୍ ହାଇସ୍କୁଲରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ କୁମାର ମହାପାତ୍ରଙ୍କ ଠାରୁ ଟ୍ରଫି ଓ ମାନପତ୍ର ପାଇଥିଲେ । ଏଇ ନିଆରା ସଫଳତାରେ ବାପାମା,ସାଙ୍ଗସାଥି,ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବି ବହୁତ ଖୁସି ପ୍ରକଟ କରିଥିଲେ ।

ନିଜକୁ ପିତାମାତାଙ୍କ ପାଖରେ ସମର୍ପିତ କରିଥିବା ତେଜସ୍ୱିନୀ ଆଜି ଆଖପାଖ ଅଞ୍ଚଳରେ କୁଇଜ୍ ବିସ୍ମୟ ଭାବେ ପରିଚିତ । ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଭାଗନେଇ ବୟସ ଠାରୁ ଢେର ଅଧିକ ଅନେକ ସ୍ଥାନରୁ ପୁରସ୍କୃତ ହୋଇ ଆମ ଅଂଚଳ ପାଇଁ ସୁନାମ ଆଣିଛନ୍ତି । ତେଜସ୍ୱିନୀ ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା (IAS)ରେ ଯୋଗଦେଇ ଦେଶସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ତେଜସ୍ୱିନୀ IAS ଅଫିସର୍ ବିଜୟ ଅମୃତ କୁଲାଙ୍ଗେଙ୍କୁ ନିଜ ଆଦର୍ଶ ମାନନ୍ତି ଓ ବାପାମାଆଙ୍କ ସ୍ୱପ୍ନକୁ ସାକାର କରିବା ସହ ଆମ ଅଞ୍ଚଳ ତଥା ରାଜ୍ୟର ଗୌରବ ଆଣିବାକୁ ଆଶାବାଦୀ ଅଛନ୍ତି । ଠାକୁରେ କରନ୍ତୁ ଏ.ତେଜସ୍ୱିନୀ ନିଜ ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ପୂରଣ କରି ଦୁନିଆ ଦାଣ୍ଡରେ ଜଣେ ସଚ୍ଚୋଟ IAS ଅଫିସର୍ ହୋଇ ଠିଆ ହୁଅନ୍ତୁ । ଜୟ ଜଗନ୍ନାଥ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କର୍ମ ହିଁ ଭଗବାନ

ମନ୍ଦାକିନୀ ପାଢ଼ୀ



କର୍ମ ହିଁ ଜୀବନ । କର୍ମକୁ ଠିକ୍ ଭାବରେ କଲେ ଜୀବନ ଫୁଲଝରି ହୋଇଥାଏ । କର୍ମ ନ କଲେ ଜୀବନ ଖୋଲା ଛାତ ପରି ହୋଇଥାଏ । ସମୟ ଅନୁସାରେ କର୍ମ କଲେ ଜୀବନ ସୁନ୍ଦର ହୋଇଥାଏ । କାରଣ କର୍ମ ହିଁ ବାସ୍ତବ । ଧରାପୃଷ୍ଠକୁ ମଣିଷ ଆସିଛି କର୍ମ କରିବା ପାଇଁ । କର୍ମ ବିନା ମୁକ୍ତି ନାହିଁ । କର୍ମ ଜୀବନକୁ ଗତିଶୀଳ କରି ସରସ, ସୁନ୍ଦର, ମଧୁମୟ କରିଥାଏ । ତେଣୁ କର୍ମ ପ୍ରତି ବିରସ ହେବା ଠିକ୍ ନୁହେଁ । କାହାରିକୁ କର୍ମରୁ ନିବୃତ୍ତ କରାଇବା ମଧ୍ୟ ଦୋଷାବହ ଅଟେ ।

ସମୟ ଅନୁସାରେ ସମସ୍ତେ କିଛି ନା କିଛି କର୍ମରେ ତତ୍ପର ହେବାକୁ ପଡ଼େ । ଚାଷୀ ବର୍ଷା ଦେଖିଲେ ଖୁସିରେ କ୍ଷେତକୁ ଯାଏ, ଦଶଟା ବାଜିଲେ ବାଳକ /ବାଳିକା ସ୍କୁଲ ବାହାରି ଯାଆନ୍ତି, ବସନ୍ତର ଆଗମନରେ କୋଇଲିର କୁହୁତାନ, ବର୍ଷା ସମ୍ଭାବନା ନେଇ ସାରୁ ଗଛ ମୂଳେ ବେଙ୍ଗର କେଁ କଟର ଶବ୍ଦ । ଜୀବ ପ୍ରତି ମୁହୂର୍ତ୍ତରେ କିଛି ନା କିଛି କର୍ମ କରେ ।

ଜ୍ଞାନ ଅନୁସାରେ କର୍ମ ଦୁଇ ପ୍ରକାରର । ସୁକର୍ମ, କୁକର୍ମ । କୁ-କର୍ମ ଦ୍ୱାରା ମଣିଷ ସମାଜରେ ନିନ୍ଦିତ, ଅପମାନିତ, ହୋଇଥାଏ । କର୍ମ ଘେନି ମଣିଷ । ସୁଖ ସଂଯତ କର୍ମ ଉପରେ ସକଳ ସୁଖ, ସମୃଦ୍ଧି ନିର୍ଭର କରେ ।

କର୍ମ ଅନୁସାରେ ଫଳ ମିଳିଥାଏ । ଭଗବାନ ଯେତିକି ଦେଇଛନ୍ତି, ସେତିକିରେ ସନ୍ତୁଷ୍ଟ ହେବା ଉଚିତ । ଅଧିକ କାମନା ଦୁଃଖର କାରଣ ହୋଇଥାଏ । କର୍ମ ନିଃସ୍ୱାର୍ଥପର ହେଲେ ଫଳ ଆପେ ଆପେ ମିଳିଥାଏ । କଠିନ ପରିଶ୍ରମୀ କେବେ ସମ୍ମାନକୁ କିଣିବା ପାଇଁ ଚେଷ୍ଟା କରନ୍ତି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିନ୍ଦୁ ଧର୍ମ ଶାସ୍ତ୍ରରେ ଜୀବନ ଧାରଣର କର୍ମତତ୍ତ୍ୱ ଉପରେ ଆଲୋଚନା କରାଯାଇଛି । କର୍ମକୁ ଆମେ ଶୃଙ୍ଖଳିତ ଓ ସମୃଦ୍ଧି କରିବାର ଉପାୟ ଅବଲମ୍ବନ କରିବା ଉଚିତ । ଜୀବନରେ ଗୋଟିଏ କର୍ମପନ୍ଥା ବାଛି ନେଲେ ସିଦ୍ଧି ମିଳିଥାଏ । ପାଣି ନିରବଚ୍ଛିନ୍ନ ଭାବରେ ପଡ଼ି ପଡ଼ି ପଥରକୁ କ୍ଷୟ କରେ । ତେଣୁ ନିରବଚ୍ଛିନ୍ନ ଅଭ୍ୟାସ ବ୍ୟକ୍ତିକୁ ସଫଳତାର ଉଚ୍ଚ ଶିଖରେ ପହଞ୍ଚାଇ ଥାଏ । କର୍ମ କଲା ସମୟରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସାହସ ଓ ଶକ୍ତି ସଞ୍ଚୟ କଲେ ମନୁଷ୍ୟ ବୀରତ୍ୱର ପରାକାଷ୍ଠା ଦେଖାଇଥାଏ । ପଛକୁ ଫେରି ଗଲେ ଭୀରୁ, କାପୁରୁଷ ହୋଇଥାଏ । ତେଣୁ ମଣିଷ କର୍ମରେ ହିଁ ବ୍ରତୀ ହେବା ଆବଶ୍ୟକ ।

ଏଥିପାଇଁ କୁହାଯାଇଛି:-

"କର୍ମଠ ଜୀବନ ଭାରି ସୁଆଦିଆ, ନ ଥିଲେ ସେତ ହୁଏ ଖସଡିଆ । କର୍ମୀ ଲୋକର ଜୀବନ ଫୁଲର ପାଖୁଡ଼ା, କୁକର୍ମର କଣ୍ଟା ଧରି ଦେଲେ ହୁଏ ଅସଜଡ଼, କର୍ମେ ଯିଏ ନର ପ୍ରୀତି ପାଉଥାଏ ସତ୍ୱର, କର୍ମଠ ଜୀବନ ସମୟର ନଇ, ସାରା ଜୀବନ ଯାଏ ସେତ ବହି, ସତ ଅନୁଭୂତି ପୋଥିକୁ ଧରି ସବୁ ମୋହ ମାୟା ଯାଏ ସରି ସରି ।"

ତେଣୁ ମାନବ ଜୀବନ ସାର୍ଥକ ହୁଏ କର୍ମରେ, ଏଥିପାଇଁ "କର୍ମ ହିଁ ଜୀବନ ।"

ଅଧ୍ୟାପିକା ରାଜନୀତି ବିଜ୍ଞାନ ବିଭାଗ

ପଦ୍ମପୁର, ବରଗଡ଼

(ଦୋଲସାହି, ଭଦ୍ରକ )

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫଗୁଣ ମାସରେ ହୋଲି

ସଞ୍ଜୟ ନାଏକ



ହୋଲି ଏକ ପ୍ରାଚୀନ ଭାରତୀୟ ଉତ୍ସବ ଏହି ପର୍ବ ହେଉଛି ପ୍ରମୁଖ ହିନ୍ଦୁ ଉତ୍ସବ ଅଟେ । ଭାରତରେ ପ୍ରତି ବର୍ଷ ଫାଲଗୁନ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଯାହାର ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ସମ୍ପଦ ଓ ନୂତନ ଆରମ୍ଭ ପାଇଁ ଉତ୍ସାହକୁ ଆକର୍ଷିତ କରିବା । ଫଗୁଣ ହେଉଛି କାଳଗଣନାରେ ପ୍ରଥମ ମାସ ଏହି ମାସକୁ ଇଂରାଜୀରେ ଦେଖିବାକୁ ଗଲେ ଫେବୃଆରୀ, ମାର୍ଚ୍ଚ ଓ ସେପ୍ଟେମ୍ବରର ମଧ୍ୟରେ ପଡିଥାଏ । ଏହି ପରି ଫଗୁଣ ମାସରେ ହୋଲି ଖେଳିବା ଏକ ପ୍ରାକୃତିକ ସାମୁଦାୟିକ ଓ ଐତିହାସିକ କାରଣରୁ ଜଣାଯାଇଛି ଏହି ଉତ୍ସବ ସମସ୍ତ ଲୋକଙ୍କୁ ଏକତା ଓ ପ୍ରେମର ଏକ ପ୍ରକାର ପ୍ରତୀକ ହିସାବରେ ପରିଚିତ ଯାହା ସମସ୍ତ ପ୍ରଜାତିକୁ ଆନନ୍ଦ ଓ ମିଳନ କରିବାକୁ ପ୍ରେରିତ କରେ । ଯେତେବେଳେ ଲୋକ ଏହି ରଙ୍ଗ ଖେଳନ୍ତି ସେହି ସମୟରେ ସେମାନେ ନୂତନ ସମ୍ପ୍ରଦାୟ ପ୍ରତି ଆଶା ଓ ସମ୍ମାନ ପ୍ରଦର୍ଶିତ କରିଥାନ୍ତି । କୌଣସି ଜାତିକୁ ଦେଖାଯାଏ ନାହିଁ ଛୋଟ ବଡ ସମସ୍ତେ ହୋଲି ଖେଳିଥାନ୍ତି ଏହି ପର୍ବ ଓଡ଼ିଆ ମାସରେ ଦେଖିଲେ ଫାଲଗୁନ ମାସ ଏବଂ ଋତୁ ଅନୁସାରେ ବସନ୍ତ ଋତୁ ଜଣାଯାଏ ଋତୁର ଆରମ୍ଭ ଦୃଷ୍ଟିରେ ରଙ୍ଗ ଖେଳିବା ସହିତ ପ୍ରକୃତିର ସବୁ ରଙ୍ଗକୁ ପ୍ରକାଶ କରି ଉତ୍ସବଟିକୁ ପାଳନ କରାଯାଏ ।

ପ୍ରାକୃତିକ ଏବଂ ସାମୁଦାୟିକ ଦୃଷ୍ଟିରୁ ଦେଖିବା ତେବେ ହୋଲି ପାଇଁ ସାଧାରଣତଃ ପ୍ରକୃତିରେ ଶସ୍ୟ ବୃଦ୍ଧି, ଫୁଲ ଏବଂ ଗଛ ଗୋଟିଏ ନବ ଆରମ୍ଭ କରୁଥିବା ସମୟରେ ଆରମ୍ଭ ହୁଏ । ଏହା ଏକ ପ୍ରାକୃତିକ ଯାହା ଧରାପୃଷ୍ଠରେ ନୂତନ ଜୀବନ ଏବଂ ଉତ୍ସାହକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିବିମ୍ବିତ କରେ । ଏହି ଦିନରେ ସମସ୍ତ ଲୋକ ରଙ୍ଗ ଖେଳିବା ତାଙ୍କର ସାଙ୍ଗ ସାଥି ବନ୍ଧୁ ମାନଙ୍କ ସହିତ ସମୟ ବିତେଇବା ଏହା ଏକତାର ପ୍ରତୀକ ଭାବେ ପ୍ରସିଦ୍ଧ । ଏହି ତ୍ୟୋହାର ସମୟ ଆଲୋକ ପ୍ରଦର୍ଶନ କରେ ପ୍ରେମ ଓ ଶାନ୍ତିର ଆଲୋକ ସହିତ ଏହି ଉତ୍ସବକୁ ପାଳନ କରାଯାଏ ।

ଐତିହାସିକ ଏବଂ ପୌରାଣିକ ଦୃଷ୍ଟିରୁ ଦେଖିବା ତେବେ ଜଣେ ରାଜା ଥିଲେ । ରାଜାଙ୍କ ନାମ ଥିଲା ହିରଣ୍ୟକଶିପୁ ସେ କଠୋର ତପସ୍ୟା କରି ବ୍ରହ୍ମାଙ୍କଠାରୁ ବର ମାଗିଥିଲେ ସେ ଏମିତି ବର ମାଗିଥିଲେ ଯେ ଆପଣଙ୍କ ସୃଷ୍ଟ କୌଣସି ପ୍ରାଣୀ ମୋତେ ମାରିପାରିବେ ନାହିଁ ଭିତରେ ବା ବାହାରେ, ଦିନରେ ବା ରାତିରେ, ଅସ୍ତ୍ର ବା ଶସ୍ତ୍ରରେ, ଭୂମିରେ ବା ଆକାଶରେ । ମୁଁ ମରିବି ନାହିଁ ଆପଣଙ୍କ ଦ୍ୱାରା ସୃଷ୍ଟ ବା ଅନ୍ୟ କୌଣସି ପ୍ରାଣୀ ମୋତେ ମାରି ପାରିବେ ନାହିଁ । ମନୁଷ୍ୟ ବା ପଶୁ, ଦେବ ବା ଦୈତ୍ୟ ଆଦି କିମ୍ବା କୌଣସି ସଚେତନ ବା ଅଚେତନ ପ୍ରାଣୀଦ୍ୱାରା ମୋର ମୃତ୍ୟୁ ହେବନାହିଁ ସେହି ବର ଦେଇଥିଲେ ବ୍ରହ୍ମା ତାକୁ । ରାଜାଙ୍କର ଦୁଇଟି ସନ୍ତାନ ଥିଲେ ଜଣେ ପୁଅ ଓ ଅନ୍ୟଟି ଝିଅ ସନ୍ତାନ ରହିଥିଲା । ପୁଅଟିର ନାମ ପ୍ରହଲ୍ଲାଦ ଏବଂ ଝିଅର ନାମ ହୋଲିକା । ପୁଅ ପ୍ରହଲ୍ଲାଦ ବିଷ୍ଣୁ ଭଗବାନଙ୍କ ଭକ୍ତ ଥିଲେ ସବୁବେଳେ ତାଙ୍କୁ ଆରାଧନା କରୁଥିଲେ ଏବଂ ହୋଲିକା ଏକ ଶକ୍ତିଶାଳୀ ନାରୀ ଥିଲେ ତାଙ୍କ ପାଖରେ ଅଦୃଶ୍ୟ ଶକ୍ତି ରହିଥିଲା ଯାହାକି ହୋଲିକାର ଶରୀରକୁ ଅଗ୍ନିରୁ ରକ୍ଷା କରୁଥିଲା । ରାଜା ହିରଣ୍ୟକଶିପୁ ସବୁ ଶକ୍ତି ବ୍ରହ୍ମାଙ୍କ ପାଖରୁ ଗ୍ରହଣ କରି ନିଜକୁ ଶକ୍ତିଶାଳୀ କରି ଭଗବାନ ବୋଲି କହୁଥିଲେ । ଦେଖିବାକୁ ରାକ୍ଷସ ପରି ରହିଥିବା ସମୟରେ ଦିନ ରାଜା ଭଉଣୀକୁ କହିଲେ ଭାଇକୁ ଧରି ଅଗ୍ନିରେ ବସ । ସେହି ସମୟରେ ପ୍ରହଲ୍ଲାଦ ମୃତ୍ୟୁବରଣ କରିଥାନ୍ତେ । କିନ୍ତୁ ଏହି ସମୟରେ ଭଗବାନ ବିଷ୍ଣୁ ତାଙ୍କୁ ରକ୍ଷା କରିଥିଲେ । ତାର ଓଲଟି ଯାଇ ହୋଲିକା ଅଗ୍ନିରେ ଭସ୍ମ ହେଲା । ବିଷ୍ଣୁ ଭଗବାନ ପରେ ନୃସିଂହ ଅବତାର ନେଇଥିଲେ ଏବଂ ରାଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିରଣ୍ୟକଶିପୁକୁ ବଧ କରିଥିଲେ । ଖୁସିରେ ସେହିଦିନ ହୋଲି ଖେଳିଥିଲେ ଏବଂ ଆଉ ଏକ କାରଣ ହେଉଛି ଏହି ଦିନରେ ଶ୍ରୀକୃଷ୍ଣ ଗୋପି ମାନଙ୍କ ସହିତ ହୋଲି ଖେଳିଥିଲେ ଏଣୁ ଏହି ଦିନରେ ହୋଲି ଖେଳିଥାନ୍ତି ।

ଏହି କାରଣ ମାନ ରହିଥିବାରୁ ପ୍ରତ୍ୟେକ ବର୍ଷ ଫାଲଗୁନ ମାସ ପୁର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ମାସଟିକୁ ଫଗୁଣ ମାସ ବୋଲି ମଧ୍ୟ କୁହାଯାଏ । ଏହି ମାସରେ ଋତୁରାଜ ବସନ୍ତ ହୋଇଥାଏ । ଏହି ଋତୁରେ ପ୍ରକୃତିର ଦୃଶ୍ୟ ବିଭିନ୍ନ ରଙ୍ଗବେରଙ୍ଗର ଦିଶୁଥିବାରୁ ଫଗୁଣ ମାସ କହିଥାନ୍ତି । ଏହି ପର୍ବକୁ ସେହିଦିନଠାରୁ ଏହା ଭାରତର ପ୍ରତ୍ୟେକ ହିନ୍ଦୁ ପାଳନ କରିଆସୁଛନ୍ତି । ଏଥିରେ ଫଗୁ ଖେଳିବା ସହ ନିଆ ମଧ୍ୟ ଜଣାଯାଏ।ଏହା ପ୍ରେମ,ଉଜ୍ଜ୍ୱଳ ଏବଂ ବନ୍ଧୁତାର ଭଲପାଇବା ପର୍ବ ବୋଲି ଆଜିର ଦିନରେ ମଧ୍ୟ ଭଲ ଭାବରେ ପାଳନ କରାଯାଏ ।

ରଏନଗୁଡା, କୋକସରା, କଳାହାଣ୍ଡି
ମୋ-୮୨୬୦୪୩୮୨୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ନେହଡୋରେ ବନ୍ଧା ଆମ ପରିବାର

ନୂତନ କୁମାର ବେହେରା



ଘର ସାରା ସଂସାରର ଏକ ପ୍ରତୀକ, ଯେଉଁଠି ବାସ କରନ୍ତି ପରିବାର । ଭବଭୂମିରେ ଗଢ଼ି ଥାଏ ଭାବର ଅତୁଟ ସଂପର୍କ । ମର୍ତ୍ତ୍ୟଲୋକରେ ଏ ଭୂସ୍ୱର୍ଗ ।

ଭକ୍ତକବି ମଧୁସୂଦନ ରାଓ ପବିତ୍ର ଭାବନାର ପଦ ପଂକ୍ତିରେ ରଚନା କରିଛନ୍ତି :---

"ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

ଘର ଏକ ମନ୍ଦିର । ଏ ମନ୍ଦିର ଭିତରେ ରହିଥାନ୍ତି ମାନବରୂପୀ ଜୀବନ୍ତ ଦେବାଦେବୀ । ଜେଜେ ବାପା ମାଆ, ବାପା ମାଆ ଭାଇ ଭଉଣୀଙ୍କ ସମାହାରରେ ଗଠିତ ହୋଇଥାଏ ପରିବାର । ପରିବାରର ସଂଜ୍ଞା କହିଲେ ବୁଝାଏ ଯେଉଁଠି କେହି ପର ନ ଥାଆନ୍ତି... ସଭିଏଁ ହୋଇଥାନ୍ତି ନିଜର... ଏକ ରକ୍ତର । ପରସ୍ପର ମଧ୍ୟରେ ଥାଏ ଦୃଢ଼ ବୁଝାମଣା ଏକ ଅଲିଖିତ ରାଜିନାମା । ଭରସା ବିଶ୍ୱାସ ହୋଇଥାଏ ତାର ଆଧାର । ପିଢ଼ି କ୍ରମରେ ଗୁରୁଜନଙ୍କ ଠାରୁ ଲଘୁଜନ ଯାଏଁ ସମସ୍ତେ ନିବିଡ଼ ଭାବରେ ପରସ୍ପର ପ୍ରତି ଦେଖାଇ ଥାଆନ୍ତି ନିଜ ନିଜର ହୃଦୟ ଭରା ଭଲ ପାଇବା । ମାଆର ମମତା, ବାପାର ସ୍ନେହ ଶ୍ରଦ୍ଧା, ସନ୍ତାନମାନଙ୍କର ଭକ୍ତି ପରିବାରକୁ କରିଥାଏ ମଜଭୁତ । ଏଠି ଥାଏ କେବଳ ତ୍ୟାଗ, ଜୀବନର ଉତ୍ସର୍ଗୀକୃତ ସମର୍ପଣ ।

ଦାନ ପ୍ରତିଦାନର ସୌହାର୍ଦ୍ଦ୍ୟପୂର୍ଣ୍ଣ ନିଃସ୍ୱାର୍ଥପର ଆତ୍ମୀୟତା ।

ଶିଶୁ ସନ୍ତାନଟିଏ ମାଆର ଗର୍ଭ ବିଦାରି ଭୂପୃଷ୍ଠକୁ ଆସିଥାଏ ଦୁନିଆଁ ଆଲୋକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିବାକୁ । ଅନ୍ଧକାରରେ ମା' ଗର୍ଭରେ ରହି ଜନ୍ମେ ଯେବେ ଦେଖେ ସେ ଏକ ନୂଆ ଜଗତ... ଅସହାୟତାରେ କାନ୍ଦି ଉଠେ କୁଆଁ କୁଆଁ କରି । ଗର୍ଭଧାରିଣୀ ମାଆର ଉଷୁମ କୋଳ ପାଲଟି ଯାଏ ତା' ପାଇଁ ଅଭୟ ଆଶ୍ରୟସ୍ଥଳ । ତା'ର ପଣତ କାନିର ଛାୟାରେ ହୁଏ ତା' ପାଇଁ ଅଭୟ ଆଶ୍ରୟସ୍ଥଳୀ । ପାଏ ସେବା ଯତ୍ନ... ଖାଦ୍ୟ ପେୟ ପୋଷାକ... ଯା' ଯା' ହୁଏ ତାର ଆବଶ୍ୟକ । ସମ ପରିମାଣରେ ପାଏ ବାପାଙ୍କଠାରୁ ମଧ୍ୟ ସେଇ ଆଦର ।

ଏଡୁଟିଏରୁ ଏଡୁଟିଏ ହୁଏ... ତାର ଅନ୍ତର୍ନିହିତ ପ୍ରତିଭା ସବୁ ବିକଶିତ ହୁଏ । ଶାରୀରିକ ମାନସିକ ବୌଦ୍ଧିକ ବିକାଶରେ ହୁଏ ସେ ପରିପୁଷ୍ଟ ।

ନିଜ ସନ୍ତାନକୁ ଯୋଗ୍ୟ ଉପଯୁକ୍ତ କରି ଆଣି ଦେବା ପାଇଁ ଏକ ସୌଭାଗ୍ୟ... ମାଆ ବାପା ଜୀବନ ତମାମ କରି ଚାଲନ୍ତି ଆପ୍ରାଣ ଉଦ୍ୟମ । କେବେ ପଛେଇ ଯାଆନ୍ତି ନାହିଁ କି କୁଣ୍ଠାବୋଧ କରନ୍ତି ନାହିଁ ତିଳ ତିଳ ହୋଇ ଜଳିବାକୁ । ଜଗତ ଜଞ୍ଜାଳକୁ ହସି ହସି ସହି ଯାଆନ୍ତି ସେ ସନ୍ତାନର ଓଠରେ ଦେଖିବାକୁ ଚେନାଏ ହସ । ମାଆ ହୁଏ ସର୍ବଂସହା ଧରିତ୍ରୀ ପରି, ବାପା ହୁଏ ଧୈର୍ଯ୍ୟଶୀଳ ସହନଶୀଳ ହିମାଳୟ ସମ । ଉଭୟ ନଖାଇ ନପିଇ ସନ୍ତାନ ପାଇଁ ତ୍ୟାଗ କରନ୍ତି ସବୁ କିଛି । ଏ ପ୍ରସଙ୍ଗରେ ପୁନଶ୍ଚ ଭକ୍ତକବି ଚେତନାଧର୍ମୀ ପଦଟିଏ ରଚିଛନ୍ତି...

"ପିତାମାତାଠାରୁ        ବଡ଼ ଦେବତା କେ
ସରଗ ରାଇଜେ କାହିଁ ?
ତାଙ୍କରି ଆଶିଷ        ସାହା ଏକା ସିନା
ବିପଦୁଁ ତରିବା ପାଇଁ ।"

ବାସ୍ତବିକ ପିତାମାତାଙ୍କର ସ୍ଥାନ ବିଶ୍ୱ ବ୍ରହ୍ମାଣ୍ଡରେ କେହି ବି ନେଇ ପାରିବେ ନାହିଁ । ସର୍ବ ପ୍ରାଚୀନ ଶାସ୍ତ୍ର ବେଦର ଅମୃତ ଶ୍ଳୋକ ମଧ୍ୟ ଉଦବୋଧନ ଦିଏ :---

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥା...

"ପିତା ସ୍ୱର୍ଗଃ ପିତା ଧର୍ମଃ ପିତା ହିଁ ପରମଂ ତପଃ,

ପ୍ରିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ"।

ଏ ମର୍ମକୁ ଆଲୋଡ଼ିତ କରୁଥିବା ଜୀବନ ଦର୍ଶନ ଯେଉଁ ସନ୍ତାନ ପାଳନ କରିଥାଏ ସେ ହିଁ ଉପଯୁକ୍ତ ସୁସନ୍ତାନ । ପୁରାଣ ଶାସ୍ତ୍ର ଇତିହାସରେ ବହୁ ବହୂ ଜ୍ୱଳନ୍ତ ଉଦାହରଣ ଉଲ୍ଲେଖ ରହିଛି ଏ ପ୍ରସଙ୍ଗରେ ।

ଶ୍ରୀରାମଚନ୍ଦ୍ରଙ୍କ ପିତୃସତ୍ୟ ପାଳନ, ଚଉଦ ବର୍ଷ ବନବାସ, ଶ୍ରବଣ କୁମାରଙ୍କର ପିତୃମାତୃ ଭକ୍ତି, ପିତାଙ୍କର ସୁଖ ଶାନ୍ତି ପାଇଁ ଦେବବ୍ରତଙ୍କର ପ୍ରତିଜ୍ଞା ଯାହା ପାଇଁ ସେ ଚିର କୁମାର ଇଚ୍ଛା ମୃତ୍ୟୁ ବରଦାନ ପାଇ ହୋଇଥିଲେ ଭୀଷ୍ମ... ଏମିତି ବହୁ ଜୀବନ ଜୀବନୀର କଥାବସ୍ତୁ... ମାର୍ଗ ଦର୍ଶନ କରାଏ ମାନବ ସମାଜକୁ ।

ସମୟ ସ୍ରୋତରେ ମାନବ ସଭ୍ୟତା କ୍ରମଶ ବିକାଶ କରି ଚାଲିଛି ଯେତିକି... ତା' ମଧ୍ୟରେ ଦେଖାଯାଏ ବହୁ କ୍ଷେତ୍ରରେ ଅନ୍ତରାୟ । ମାନବୀୟ ମୂଲ୍ୟବୋଧ କ୍ରମଶଃ ଅବକ୍ଷୟ ହୋଇ ଚାଲିଛି ଅତ୍ୟାଧୁନିକ ଯୁଗରେ । ସମାଜ ହୁଏ ଦିଗଭ୍ରଷ୍ଟ, ପଥ ଖୋଜି ପାଏ ନାହିଁ ... ସ୍ୱାର୍ଥ ଭଉଁରୀରେ ପଡ଼ି ।

ଆର୍ଯ୍ୟ ସମାଜରେ ପରିବାରର ପରିକଳ୍ପନା ଓ ତାର ବାସ୍ତବ ରୂପାୟନ ହିଁ ଜୀବନ ଗଠନର ମୌଳିକତା । ଏହାଠାରୁ ମାନବ ସଭ୍ୟତା ଯେତେକି ଯେତିକି ଦୂରେଇ ଯାଉଥିବ ଜୀବନରେ ସଫଳତା ହାସଲ କରିବାରେ ପରିବର୍ତ୍ତେ ସେତିକି ସେତିକି ପରାଜୟର ଗ୍ଳାନିରେ ଭୁଷୁଡି ପଡୁଥିବ ତାର ଆଶା ସୌଧ । ଏଥିରେ ଦ୍ୱିମତ ବା ସନ୍ଦେହ ନାହିଁ ।

ପରିବାରର ପ୍ରଗତି ଅଗ୍ରଗତି କେବଳ ଆର୍ଥିକ ସ୍ୱଚ୍ଛଳତାରେ ନାହିଁ । ତାର ପ୍ରକୃତ ଲକ୍ଷ୍ୟ ଉଦ୍ଦେଶ୍ୟ ହେଉଛି ପରସ୍ପର ମଧ୍ୟରେ ଆତ୍ମୀୟତା, ପବିତ୍ରତା ବଜାୟ ରଖିବା । ଆଉ ସେ ମହତ ଆଶା ଆକାଂକ୍ଷା ଅଭିଳାଷ ପରିପୂର୍ଣ୍ଣ କରିବା ପାଇଁ "ସ୍ନେହ ଡୋରେ ବନ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ପରିବାର ।"

ଜଗତର ନାଥ ଜଗନ୍ନାଥଙ୍କୁ ଭକ୍ତିର ନୈବେଦ୍ୟ ଢ଼ାଳି ପ୍ରାର୍ଥନା... ସଜାଡ଼ି ଦିଅନ୍ତୁ ସେ ଅସଜଡ଼ା ଘର ସଂସାର । ତାଙ୍କ ସୃଷ୍ଟିର ସାର୍ଥକତା ରହୁ ଯୁଗେ... ।

ଶେଷରେ ଆଧୁନିକ କବି ଡକ୍ଟର ବେଣୁଧର ରାଉତଙ୍କ "ବୃହନଳା" କବିତାରୁ ପଂକ୍ତିଟିଏ......

"ମଣିଷ ହେବ ସେ ଦେବତାରୁ ବଡ଼
ଯଦି ହୁଏ ମମତାର
ଯଦି ହୁଏ ଜଣେ ଆନର ଦୁଃଖହରା,
ଅପ୍ରୟୋଜନେ ଈଶ୍ୱର ଗଢ଼ା
କି ଲାଗି ବା ଦରକାର... ?
ମନସିଜ ସେହି ଗୋଲୋକରୁ ବଳି
ସୁଖର ହେବ ଏ ଧରା ।"

କୋହି, ବାରିପଦା, ମୟୂରଭଞ୍ଜ,
ଦୂରଭାଷା – ୮୦୧୮୩୫୩୩୨୨




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ମାତୃଭାଷା ଆମ ଗୌରବ

ରଶ୍ମିତା ନାୟକ



ମାଆକୁ ସମ୍ମାନ ମାତୃଭାଷାକୁ ସମ୍ମାନ ସମାନ କଥା । ଆମେ ଆମ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ଶପଥ ନେବା । ଭାଷା ଏକ ପ୍ରବାହମାନ ନଦୀପରି ।

ସେଦିନ ଓଡିଶାର ବରପୁତ୍ର ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ଦାସ ନଥିଲେ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ ମାନେ ଏ ପ୍ରାଚୀନ ଭାଷାର ଧ୍ୱଂସ ସାଧନ କେବେ ଠାରୁ କରିସାରନ୍ତେଣି । ସେ ଗ୍ରୀବାନ ପ୍ରତିଭାମାନଙ୍କ ଭଳି ଭାଷାପ୍ରେମୀ ମହାରଥୀ ଯୁଗେଯୁଗେ ଜନ୍ମ ନିଅନ୍ତୁ । ମୋ ମାଟିର ଭାଷା ଧ୍ୱଂସକାରୀ କଳାପାହାଡ଼ମାନଙ୍କୁ ବେଙ୍ଗଲୀଙ୍କ ଚକ୍ରାନ୍ତକୁ ପଣ୍ଡ କରିବାପାଇଁ । ଅନ୍ୟତ ଓଡିଶାରେ ଛତୁ ଫୁଟିବା ପରି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢିଉଠୁଛି ।

ଆମେ ପିତାମାତା ଆମ ପିଲାଙ୍କୁ ଅ, ଆ ନ ଶିଖାଇ A b ଶିଖାଇବା ପାଇଁ ଅଢେଇ ବର୍ଷରୁ ଘରୋଇ ବିଦ୍ୟାଳୟକୁ ପ୍ରେରଣ କରୁଛନ୍ତି । କିନ୍ତୁ ଆମେ ଗର୍ବ ଅନୁଭବ କରୁଥାନ୍ତି । ଇଂରାଜୀରେ ପିଲା ପଦେ ଦିପଦ କହିଲେ ଆମେ ଉତ୍ଫୁଲିତ ।

କାହିଁକି ଆମର ଆମ ଭାଷାପ୍ରତି ହୀନମାନ୍ୟତା ?

ଏମିତି ମାତୃଭାଷାକୁ ହୀନମାନ୍ୟତା ପୋଷଣ କଲେ ଆମ ଭାଷାର ପ୍ରବାହମାନ ହୋଇପାରିବ କି ?

ତେଣୁ ଆସନ୍ତୁ ଆମେ ଆମ ଭାଷାର ବିଶାଳତା ଓ ତାର ପ୍ରବାହମାନ ପାଇଁ ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଦାର ଭାବ ପୋଷଣ  କରିବା ନିହାତି ବାଞ୍ଛନିୟ।

ଆମ ଭାଷାସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ  ସାହିତ୍ୟ ସଂସଦ ସୃଷ୍ଟି ହୋଇଥିଲା। ଆମ ଓଡ଼ିଆ ଭାଷାର ନୂତନ ଦିଗନ୍ତ ବିଜ୍ଞ ସ୍ରଷ୍ଟା ମାନଙ୍କୁ ମାଟିମନସ୍କ ହୋଇ ନିର୍ଭୁଲ ସୃଷ୍ଟି ପାଇଁ ଆହ୍ୱାନ କରୁଛି ।

ମାଆ -ମାତୃଭାଷା ଆମ ନିଜର

ତାପାଇଁ ବଞ୍ଚିବା  କରି ଆଦର ॥

ତେବେ ଆମ ଭାଷା ହେବ ଉଦ୍ଧାର

ଶ୍ୱାସତୀ ବକ୍ଷେ ରହିବ ଅମର ॥

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ

ରୀତାରାଣୀ ଦାଶ



ଭାରତରେ ଓଡ଼ିଶାର ସୃଷ୍ଟି ଅନୁପମ । ଜଗତର ନାଥ ଜଗନ୍ନାଥ ହେଉଛନ୍ତି ସମସ୍ତଙ୍କର ଇଷ୍ଟ ଦେବ । ମାନବୀୟ ଲୀଳାମୟ ହରି ବାରମାସରେ ତେର ପର୍ବରେ ଭକ୍ତଙ୍କୁ ଛତ୍ରଛାୟା ତଳେ ସ୍ଥାନ ଦେଇଥାନ୍ତି । ମହାନ ଆମ ଭାଷା ସାହିତ୍ୟ, କଳା, ସଂସ୍କୃତି, ଲୋକନୃତ୍ୟ ସ୍ଥାପତ୍ୟ ପାଣ୍ଡୁଲିପି । ଆମ ଦେଶର ମହନୀୟତା ଭରିଦେଇଛି ଜଗନ୍ନାଥ ମହାପ୍ରଭୁଙ୍କର ବିଶିଷ୍ଟତା ଆଉ ସମଗ୍ର ବିଶ୍ୱରେ ମାନ୍ୟତା ପ୍ରାପ୍ତ ଆମ ସାହିତ୍ୟ, ସଂସ୍କୃତି । ଯେଉଁ ସଂସ୍କୃତି ଗୋଟିଏ ଦେଶର ସୁଦୃଢ଼ ମେରୁଦଣ୍ଡ ଓ ନୀତି ଆଦର୍ଶର ପାଠଶାଳା । ଉତ୍କଳକୁ ଆଜି ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ସାରା ବିଶ୍ୱ ପାଇଁ ଏକ ଆଲୋକ ବର୍ତ୍ତିକା ସାଜିବା ସହ "ବସୁଧୈବ କୁଟୁମ୍ବକମ " ବିଚାର ସାର୍ଥକ ହେବାପରି ମନେ ହୁଏ ।

ଓଡ଼ିଆ ଜାତି କାୟ ମନ ବାକ୍ୟରେ ଜଗନ୍ନାଥ ମନସ୍କ । ଆମର ଆଚାର, ବିଚାର, ନୃତ୍ୟ, ସଂଗୀତ, ଭାବ ଓ ସ୍ୱଭାବ ଆଦି ସମସ୍ତ ସ୍ତରରେ ଶ୍ରୀ ଜଗନ୍ନାଥ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ଅଙ୍ଗାଗୀ ଭାବେ ଜଡିତ । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ :

ଉତ୍କଳେ ନେତାରେ ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ।

ଠିକ ସେହିପରି ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ନିଜ ଚାକିରୀ ଜୀବନର ସ୍ୱଳ୍ପ କାଳ ଓଡ଼ିଶାରେ କଟାଇବା ପରେ, ଯେତେବେଳେ ନିର୍ବାଚତ ହୋଇ ରାଜ୍ୟସଭା ଗଲେ, ତାଙ୍କର ପ୍ରଥମ ଅଭିଭାଷଣରେ କହିଥିଲେ___

ଓଡିଶାର ଭାଷା ସ୍ୱୟଂ ପ୍ରଭୁ ଜଗନ୍ନାଥ । ତାଙ୍କର ବକ୍ତବ୍ୟକୁ ହୃଦବୋଧ ହେଉଛି ଯେ କେବଳ ଭାଷା ନୁହେଁ, ଆମ ସାହିତ୍ୟ ସହ ମଧ୍ୟ ଜଗନ୍ନାଥଙ୍କର । ଯେଉଁ ଅଗଣିତ କବି ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେଖକମାନେ ଓଡ଼ିଆ ସାହିତ୍ୟ ସେବାରେ ବ୍ରତୀ, ସେମାନେ ସମସ୍ତେ ପରମ କାରୁଣିକ, କୃପାଳୁ, ପତିତପାବନ ମହାପ୍ରଭୁଙ୍କ ସେବାରେ ହିଁ ବିନିଯୁକ୍ତ ଅଛନ୍ତି । ଜଗନ୍ନାଥଙ୍କ ବିନା ସାହିତ୍ୟର ପରିଚୟ ନାହିଁ । ସାରଳା ଦାସ ମହାଭାରତର ରୂପାୟନରେ ମଧ୍ୟ ଜଗନ୍ନାଥ ପ୍ରାଣତାର ସଂଯୋଗ ଘଟାଇଛନ୍ତି । ଏହିଭଳି ବିଭିନ୍ନ ଶାସ୍ତ୍ର ପୁରାଣରେ ସାହିତ୍ୟ ଆଉ ଜଗନ୍ନାଥ ଓତଃ ପ୍ରୋତଃ ଭାବରେ ଜଡିତ । ଶ୍ରୀକୃଷ୍ଣଙ୍କର ଅର୍ଦ୍ଧ ଦଗ୍ଧ ପିଣ୍ଡ ସମୁଦ୍ର ଗର୍ଭରେ ନିଁପତିତ ହୋଇ ପୁରୀର ମହୋଦଧି କୁଳ ଦାରୁ ରୂପରେ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ରପାତ ତାଙ୍କ ବର୍ଣ୍ଣନାରେ ଦର୍ଶାଇଛନ୍ତି ।

ଏବେ ଆମର କାବ୍ୟ, କବିତା, ପ୍ରବନ୍ଧ, ଗଳ୍ପ ଆଦିରେ ଜଗନ୍ନାଥ ମନସ୍କତାର ପ୍ରଭାବ ବହୁବିଧ ରୂପରେ ଦେଖିବାକୁ ମିଳେ । ମହାପ୍ରଭୁ ଜଗନ୍ନାଥଙ୍କର ଓଡ଼ିଆ ଜଣାଣ ପରମ ପ୍ରିୟ । ଭକ୍ତର ଭାବନା ପ୍ରଭୁଙ୍କ ହୃଦୟକୁ ଅସ୍ଥିରତା ଜଗାଏ । ତେଣୁ ଓଡ଼ିଆ ସାହିତ୍ୟ ପ୍ରଭୁଙ୍କର ଅତୀବ ପ୍ରିୟ । ଏଇଥିପାଇଁ ସାହିତ୍ୟର ରଚନା ଓ ପ୍ରସାରରେ ନିମଗ୍ନ ସାରସ୍ୱତ ସ୍ରଷ୍ଟାମାନେ ନିଜର ସାହିତ୍ୟ ସାହିତ୍ୟ ସାଧନକୁ ଜଗନ୍ନାଥ ଉପାସନାର ଏକ ପନ୍ଥା ଭାବରେ  ବରଣ କରିବା ଉଚିତ ।

ଯେତେବେଳେ ସାହିତ୍ୟ ଐଶ୍ୱରୀୟ ଅନୁପ୍ରେରଣାର ଏକ ମାଧ୍ୟମ ହୋଇଯାଏ । ଅନ୍ତର୍ନିହିତ ହୁଏ ମଣିଷର ଅଭ୍ୟନ୍ତର ଓ ବାହ୍ୟ ଆଚରଣର ଆବିଳତା, ଭେଦଭାବ । ବର୍ତ୍ତମାନ ଆମ ସାହିତ୍ୟର ଦୃଶ୍ୟପଟରେ ବହୁ ଗୋଷ୍ଠୀ ବିବାଦ, ପରଶ୍ରୀକାତରତାର ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହେବାରେ ଲାଗିରହିଛି, ଏଇ ଭଳି ପରିସ୍ଥିତିରେ ଆମର ଲେଖକ, କବି କୁଳ ବିଶୁଦ୍ଧ ଚିତ୍ତରେ ନିଜର ସାହିତ୍ୟ ସାଧନାକୁ ଜଗନ୍ନାଥଙ୍କୁ ସମର୍ପଣ ପୂର୍ବକ ସାହିତ୍ୟରେ ସହବସ୍ଥାନର ଏକ ସକାରାତ୍ମକ ଧାରା ପ୍ରବାହିତ କରିବାର ଆବଶ୍ୟକତା ବହୁତ ଅଧିକ ।

ବାସ୍ତବରେ ଓଡ଼ିଆ ଏକ ସାଧାରଣ ଭାଷା ନୁହେଁ । ଈଶ୍ୱର ଦତ୍ତ ଏକ ଦେବ ଭାଷା ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ

ପୁଷ୍ପଲତା ମିଶ୍ର



ସମଗ୍ର ବିଶ୍ୱରେ ଓଡ଼ିଆ ଗର୍ବିତ ତା ଜାତିର ଓଡ଼ିଆ ସାହିତ୍ୟର ପରିଚୟ ଜଣାଯାଏ ତାର ନିତ୍ୟ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱରୂପରେ । ପ୍ରତିଟି ମଣିଷର ଦର୍ଶନରେ ଚେତନାରେ, ଜୀବନଜୀବିକାରେ,ପ୍ରତି ମୁହୂର୍ତ୍ତରେ ପ୍ରତି ସ୍ପନ୍ଦନରେ, ଯାତନାର କାମନାରେ, ଗଙ୍ଗା ଜଳ ସିଞ୍ଚନ ପୂର୍ବକ ଆପଣେଇ ନିଅନ୍ତି କୋଳେଇ ନିଅନ୍ତି ନିଜ ଭକ୍ତକୁ ସେହି ପ୍ରଭୁ ବିଶ୍ୱନିୟନ୍ତା ଜଗତର ନାଥ ଜଗନ୍ନାଥ ।

ଓଡ଼ିଶାର ସାହିତ୍ୟ ସଂସ୍କୃତି ଓ ପରମ୍ପରାର ପ୍ରାଣ ସ୍ପନ୍ଦନ ସେହି ପ୍ରଭୁ ଜଗନ୍ନାଥ । ଶ୍ରୀ ଜଗନ୍ନାଥ ଆମ ଆରାଧ୍ୟ ଦେବତା ଯାହାର ମାଟି, ପାଣି ପବନ ଆକାଶ ସଦା ସର୍ବଦା ଉତ୍ସବ ମୁଖରିତ । କଥାରେ ଅଛି - ବାର ମାସରେ ତେର ପରବ, ଏ ଜଗନ୍ନାଥ ଦେଶ ଓଡ଼ିଶାରେ ପ୍ରତି ଦିନ ଓଷା ବାର ବ୍ରତ, ପର୍ବ ପର୍ବାଣୀରେ ଓଡ଼ିଶା ଉତ୍ସବରେ ସଦା ଚଳ ଚଞ୍ଚଳ । ଓଡ଼ିଶାର ଦାଣ୍ଡ ବଡ଼ ଦାଣ୍ଡ, ଠାକୁର ବଡ଼ ଠାକୁର, ପ୍ରସାଦ ମହା ପ୍ରସାଦ ଶ୍ମଶାନ ସ୍ୱର୍ଗ ଦ୍ୱାର, ତାର ବାଲି ସରଧା ବାଲି ।

ଓଡ଼ିଆ ସାହିତ୍ୟର ଜୟ ଯାତ୍ରା ବିଶ୍ୱ ପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚାର ରଥ ଯାତ୍ରାରେ ଅମୃତ ଅନୁଭବର ବିଶ୍ୱର ନୈସର୍ଗିକ ଆକାଶରେ ସପ୍ତରଙ୍ଗର ଇନ୍ଦ୍ରଧନୁ ସୃଷ୍ଟି ହୁଏ । ପୂର୍ଣ୍ଣଗର୍ଭା ଓଡ଼ିଶା ଜଗତର ନାଥ ଜଗନ୍ନାଥଙ୍କୁ କୋଳରେ ଧାରଣ କରି ଯୁଗେ ଯୁଗେ ପବିତ୍ରତା ନିଦର୍ଶନ ରୂପେ ଧର୍ମୀୟ ଚିନ୍ତା ଚେତନାରେ ପୂଜିତ ହେଉଛନ୍ତି ଜଗତର ନାଥ ଜଗନ୍ନାଥ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଶା ରାଜ୍ୟର ରାଜା ଓ ରାଜ ନେତା ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଯେଉଁଠି ଉତ୍କଳର ଗଜପତି ହାତରେ ସୁବର୍ଣ୍ଣ ଝାଡୁ ଧରି ଝାଡୁଦାର ପୋଷାକରେ ଛେରା ପହଁରା କରି ନିଜକୁ ଧନ୍ୟ ମଣନ୍ତି ସେହି ରାଇଜର ମଉଡ ମଣି ବିଶ୍ୱନିୟନ୍ତା । ବିଶ୍ୱପ୍ରେମରେ ପାଗଳ ।

ଓଡ଼ିଆର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ, ପୁରୁଷୋତ୍ତମ । ସମସ୍ତ ମାନବ ସମାଜର ପ୍ରତୀକ, ଉତ୍କଳୀୟ ସାହିତ୍ୟ ସଂସ୍କୃତିରେ ଗର୍ବ ଓ ଗୌରବ ପ୍ରତୀକ ଜଗନ୍ନାଥ ।  ଘୋଷଯାତ୍ରା ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ଭାତୃତ୍ୱର ନିଦର୍ଶନର ବାର୍ତ୍ତା ପ୍ରଚାର କରିଥାଏ । ରଥ ଯାତ୍ରା ସମୟରେ ବଡ଼ ଦାଣ୍ଡରେ ରଥର ଗତି, ଶରଧାବାଲିରେ ରଥ ମାନଙ୍କର ରହଣି ରଥରୁ ଗୁଣ୍ଡିଚା ମନ୍ଦିରକୁ ଚତୁର୍ଦ୍ଧାମୂର୍ତ୍ତି ମାନଙ୍କର ଗୋଟି ପହଣ୍ଡି ଏବଂ ବାହୁଡ଼ା ଯାତ୍ରା ରେ ଗୁଣ୍ଡିଚା ମନ୍ଦିରକୁ ଧାଡ଼ି ପହଣ୍ଡିରେ ଆସୁଥିବା ଜୀଉମାନଙ୍କର ସାନ୍ନିଧ୍ୟ ଲାଭ କରିଥିବା ଶରଧାବାଲି ଭକ୍ତମାନଙ୍କ ନିମନ୍ତେ ମୁକ୍ତିର ପାବନ କ୍ଷେତ୍ର ଭାବେ ବିବେଚିତ । ଏହି ଶରଧାବାଲିର ଅଣୁ ପରମାଣୁରେ ରହିଛି ମହାପ୍ରଭୁଙ୍କର ପଦରଜ ଓ ଶ୍ରୀ ଅଙ୍ଗରୁ ଝଡି ପଡ଼ିଥିବା ବାସ ଚନ୍ଦନ ସେଥିପାଇଁ ଶରଧାବାଲିରେ ପାଦ ଦେଉ ଦେଉ ଭକ୍ତ ତନ୍ମୟ ହେବା ସହିତ ବିଭୁ ପାଦରେ ହୋଇଯାଏ ଭାବ ବିହ୍ୱଳ । ଓଡ଼ିଶାର ମହନ୍ତ ଭାବେ ବିବେଚିତ ପଞ୍ଚ ସଖାମାନଙ୍କ ମଧ୍ୟରେ ଆଗତ ଅନାଗତର ଉଦଘୋଷକ ଅଚ୍ୟୁତାନନ୍ଦ ଦାସ  ଶରଧାବାଲିର ରେଣୁକୁ ସୁବର୍ଣ୍ଣ ରେଣୁ ସହିତ ତୁଳନା କରି ଲେଖିଛନ୍ତି -

ଶରଧା ବୋଲିଣ ଯାହା କହି,
ସୁବର୍ଣ୍ଣ ପ୍ରାୟ ରେଣୁ ଟି ସେହି ।।

ଅନ୍ୟତମ ସଖା ଜଗନ୍ନାଥ ଦାସ ତାଙ୍କ କବିତାରେ ଲେଖିଛନ୍ତି -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଶରଧାବାଲି କି ଶୋଭାବନ, ତାଳଧ୍ୱଜରେ କି ବଳରାମ ।

ରଙ୍ଗାସଭା ତଳେ କଂସକୁ ମାରିଲେ, ରାମକୃଷ୍ଣ ଏହି ବେନିଜନ ।।"

ଭକ୍ତ କବି ଗୌର ଚରଣ ଅଧିକାରୀ ତାଙ୍କ ରଚିତ ଭଜନରେ ଲେଖିଛନ୍ତି -

"ସିଂହଦୁଆର ରୁ ଶରଧାବାଲି ଯାଏଁ

ଶ୍ରୀ କ୍ଷେତ୍ରବର ପାଟଣା,

ଶ୍ରୀ ପୁରୁଷୋତ୍ତମ ଯାହାକୁ ବୋଲନ୍ତି

କାହାକୁ ନାହିଁ ଅଜଣା " ।।

କୋଟି କୈବଲ୍ୟନାଥଙ୍କ ଲୀଳାକ୍ଷେତ୍ର ଯେପରି ପୁଣ୍ୟପୀଠ ଓ ମୁକ୍ତିତୀର୍ଥ ଭାବେ ବିବେଚିତ, ସମଭାବରେ ଶରଧାବାଲି ମଧ୍ୟ ସେତିକି ପୂର୍ଣ୍ଣସ୍ନାତ ଓ ପବିତ୍ର । ତେଣୁ ଭକ୍ତ ଏହି ଶରଧାବାଲିର ମହିମାକୁ ଅନୁଭବ କରି ଗାଇ ଉଠେ -

"ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ

ଧନ ମାଗୁନାହିଁ ଜନ ମାଗୁ ନାହିଁ

ମାଗୁଛି ଶରଧାବାଲିରୁ ହାତେ ।

କେତେବେଳେ ସେ ବିଶ୍ୱାବସୁ ଶବରର ବିଶ୍ୱାସ ଓ ପୂଜାରେ ପୁଣି କେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିରେ ସନ୍ତୁଷ୍ଟ ।  ବଣ ପାହାଡର ଅନ୍ଧାରୀ ଗୁମ୍ଫା ଭିତରେ ତ କେତେବେଳେ ଶ୍ରୀ କ୍ଷେତ୍ରର ଆଡମ୍ବର ଶ୍ରୀ ମନ୍ଦିରରେ ବିରାଜମାନ । କେତେବେଳେ ଦାସିଆ ଠାରୁ ନଡ଼ିଆ ହେଲେଣି ତ କେତେବେଳେ ବିଦୁର ଘରେ ଶାଗ ଭଜା । ତାଙ୍କର ଜାତି ନାହିଁ କି ବର୍ଣ୍ଣ ନାହିଁ, ଜାତି, ଧର୍ମ, ବର୍ଣ୍ଣ, ଭାଷା ସଂସ୍କୃତିର ଉର୍ଦ୍ଧ୍ୱରେ  କାଳିଆ କୋଟି ହୃଦୟର ମଣିମା  ଓ ସର୍ବଧର୍ମ ସମନ୍ୱୟରେ ଶ୍ରୀ ଜଗନ୍ନାଥ । ଭକ୍ତ ପ୍ରେମରେ ବିହ୍ୱଳ ତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟ ଅନନ୍ତ କରୁଣାର ମହାସାଗର । ନିର୍ବିଶେଷରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମବେତ ମାନବ ସମାଜର ପରିଦୃଷ୍ଟ ଓ ବନ୍ଧୁତ୍ୱର ପ୍ରତିଫଳିତ ହୋଇଥାଏ । ସେଥିପାଇଁ ତାଙ୍କୁ କୁହାଯାଏ ଦୀନବନ୍ଧୁ, କୃପାସିନ୍ଧୁ, ଭାବବନ୍ଧୁ । ତାଙ୍କ ଦୃଷ୍ଟିରେ ସୃଷ୍ଟିରେ ସମସ୍ତ ଜୀବନ ଏକ ଏବଂ ପରସ୍ପର ପରସ୍ପରର ପରି ପୁରକ । ସବୁରି ଭିତରେ ସେ ହିଁ ଆତ୍ମା ରୂପରେ ଅଧିଷ୍ଠିତ । ଯେଉଁଠି ପ୍ରତିଫଳିତ ହୁଏ ଘୃଣା, ହିଂସା, ପରଶ୍ରୀ କାତରତା, ସ୍ୱାର୍ଥ ଓ ଅଶାନ୍ତି ପରିବର୍ତ୍ତେ ପ୍ରେମ, ତ୍ୟାଗ, ସେବା ଓ ଶାନ୍ତିର ବାର୍ତ୍ତା ବହନ କରେ ଭାରତୀୟ ସଂସ୍କୃତିର ଗୌରବ ଓ ବୈଭବ । ଭାବକୁ ନିକଟ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି । ଚୁମ୍ବକ ସହିତ ଯେମିତି ଲୁହାର ଆକର୍ଷଣ ଥାଏ ସେମିତି ଭଗବାନଙ୍କ ନିକଟରେ ଭକ୍ତର ଭାବ ଭକ୍ତି ନିର୍ମଳ ହେଲେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏ । ଆବଶ୍ୟକ ପଡିଲେ ଭକ୍ତକୁ ଉଦ୍ଧାର କରିବା ପାଇଁ ସେ ଅବତାର ନିଅନ୍ତି । ତାଙ୍କର ଐଶ୍ୱର୍ଯ୍ୟମୟ ସ୍ୱରୂପ ପ୍ରେମଭରା ଚକାନୟନକୁ ଦେଖିଲେ ଭକ୍ତର ହୃଦୟ ପୁଲକିତ ହୋଇ ଉଠେ । କବିଙ୍କ ଭାଷା ରେ -

"ଥକା ମନ ଚାଲ ଯିବା, ଚକା ନୟନ ଦେଖିବା

ଶଙ୍ଖ ନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।।

ପୁରୀରେ ବାରମାସରେ ତେର ଯାତ୍ରା ନାନା ଉତ୍ସବ ପାଳିତ ହୁଏ ।

ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ଦ୍ୱାଦଶ ଯାତ୍ରା ମଧ୍ୟରୁ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଏହି ଯାତ୍ରାରେ ମହାପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ରଥରେ ବିଜେ ହୋଇ ଶ୍ରୀ ମନ୍ଦିର ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ପ୍ରଭୁ ରଥରେ ଯାତ୍ରା କରୁଥିବାରୁ ଏହି ଯାତ୍ରାର ନାମ ରଥଯାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖାଯାଇଛି । ନିଜେ ଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି -

"ଗୁଣ୍ଡିଚା ନାମେ ମୋ ଯାତ୍ରା ପରମ ପାବନୀ

ରଥଯାତ୍ରା ନାମେ ଖ୍ୟାତି ହେବ ଯେ ଅବନୀ ।।

ଶ୍ରୀ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଓ ସନ୍ଥ ଭାବରେ ସାଧୁ ସମାଜରେ ଓ ଜନ ସାଧାରଣଙ୍କ ମଧ୍ୟରେ ସାଲବେଗଙ୍କର ବେଶ୍ ସୁଖ୍ୟାତି ରହିଛି । ସାଧୁମାନେ ତାଙ୍କ ଭକ୍ତିରେ ବିମୁଗ୍ଧ ଥିଲେ । ସେହିପରି ତାଙ୍କର ଜଣାଣ ଓ ଭଜନ ଗୁଡ଼ିକ ଖୁବ୍ ଲୋକପ୍ରିୟ ଓ ଭକ୍ତିଭାବ ଅଟେ ।

ରଥାରୂଢ଼ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ସାଲବେଗ ଆତ୍ମ ବିଭୋର ହୋଇ ଉଠିଛନ୍ତି । ତାଙ୍କ ସୃଷ୍ଟିରେ ରୂପାୟିତ ହୋଇଛି -

"ଚାଲ ସଖି ଆମ୍ଭେ ଦର୍ଶନ କରିବା

ନୀଳଗିରି କାଳିଆକୁ

କେଉଁ ସୁରପତି ବେଶ କରିଅଛି

ଗିରିବର - ତୋଳିଆକୁ ।

ସେ ଯେ ଶ୍ରୀମୁଖ ତୋରା

ଶିରେ ସୁନାସୂତା କେରା କେରା ।।

ମହୋଦଧି ତଟ ଦିବ୍ୟ ବୈକୁଣ୍ଠ ଶୈଳୀରେ ନିର୍ମିତ ବିଶାଳ ଶ୍ରୀବତ୍ସ ଖଣ୍ଡଶାଳ ସଦୃଶ ଶ୍ରୀ ମନ୍ଦିର ରତ୍ନ ସିଂହାସନରେ ପୂଜା ପାଉଥିବା ମହାପ୍ରଭୁଙ୍କର ସ୍ୱୟଂ ଲୀଳା ଭାବରେ ସ୍ନାନଯାତ୍ରା ଓ ଗୁଣ୍ଡିଚା ଯାତ୍ରା ଅନ୍ୟତମ । କବି ଉପେନ୍ଦ୍ରଭଞ୍ଜଙ୍କ ଦୃଷ୍ଟିରେ ଏହି ଦୁଇଗୋଟି ଯାତ୍ରାରେ ମହାପ୍ରଭୁ ରତ୍ନ ସିଂହାସନ ଛାଡ଼ି ବାହାରି ଆସନ୍ତି ବଡ଼ଦାଣ୍ଡକୁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବହେଳିତ ପତିତମାନଙ୍କୁ ଦର୍ଶନ ଦେଇ, ମୁକ୍ତି ବା ପବିତ୍ର କରିବା ପାଇଁ ନିଜର "ପତିତପାବନ" ନାମକୁ ସାର୍ଥକ କରିବା ପାଇଁ ।

ଶ୍ରୀ କ୍ଷେତ୍ରକୁ ସ୍ପର୍ଶ କରୁଥିବା ସାଗରକୁ ମହୋଦଧି କୁହାଯାଏ ।

ମହୋଦଧି ହେଉଛି ତୀର୍ଥରାଜ । ଏଠାରେ ସ୍ନାନ କଲେ ସମସ୍ତ ତୀର୍ଥର ପୁଣ୍ୟ ଫଳ ମିଳେ । ସାଧୁସନ୍ଥ ମାନେ ମହୋଦଧିରେ ସ୍ନାନ କରି ରତ୍ନବେଦିରେ ବିରାଜିତ ଚତୁର୍ଦ୍ଧା ବିଗ୍ରହକୁ ଦର୍ଶନ କରି ପୁଣ୍ୟ ଅର୍ଜନ କରି ଥାଆନ୍ତି । ତେଣୁ ଶ୍ରୀ କ୍ଷେତ୍ର ପୁରୀ ତାର ନାମକୁ ଏପରି ଭାବେ ସାର୍ଥକ କରିଅଛି ଯେ, ସେଠାରେ ସବୁ କିଛି ପୁରି ରହିଅଛି । ତେଣୁ ପରମଶାସ୍ତ୍ର  ଭାଗବତରେ ବର୍ଣ୍ଣିତ ଅଛି -

"ସକଳ ତୀର୍ଥ ତୋ ଚରଣେ

ବଦ୍ରିକା ଯିବି କି କାରଣେ ।"

ସର୍ବଶକ୍ତିମାନ, ସଚ୍ଚିଦାନନ୍ଦ, ପରମାନନ୍ଦ ପରମାତ୍ମା ଅବିନାଶୀ ଓ ସର୍ବଭୂତର ପରମ ଗତି, ତଥା ପରମ ଆଶ୍ରୟ ଅଟନ୍ତି । ଧର୍ମ ସଂସ୍ଥାପନା ଉଦ୍ଦେଶ୍ୟରେ ଓ ସଂସାରକୁ ଦୁଷ୍ଟ କବଳରୁ ଉଦ୍ଧାର କରିବା ପାଇଁ ନିଜର ମାୟା ଶକ୍ତିରେ ଧରାବକ୍ଷରେ ପ୍ରକଟିତ ହୁଅନ୍ତି ।

ପ୍ରକୃତରେ ସେ ହେଉଛନ୍ତି ଭକ୍ତବତ୍ସଳ ହରି ଭକ୍ତ ପ୍ରିୟ ମାଧବ । ସେ ହିଁ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀ ରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଆଉ କଳି ଯୁଗରେ ଜଗତର ନାଥ ଜଗନ୍ନାଥ ! ଦାରୁବ୍ରହ୍ମ ବିଶ୍ୱ ନିୟନ୍ତାଙ୍କର ଅସୀମ କରୁଣା କେବଳ ଉତ୍କଳ ମାଟିରେ ନୁହେଁ ବରଂ ବିଶ୍ୱ ମାଟିରେ ବରଷି ଯାଉଛି । ଯୁଗେ ଯୁଗେ ଭଗବାନ ଭକ୍ତର ହୋଇଛନ୍ତି ।

ଭକ୍ତର ମାନ ରକ୍ଷା କରିବାକୁ ସେ ସବୁ ଅସମ୍ଭବକୁ ସମ୍ଭବରେ ପରିଣତ କରନ୍ତି । ଯାହାର ଭକ୍ତି  ଦୃଢ଼ ସେ ବାସ୍ତବ ପ୍ରେମୀ କାରଣ ଭକ୍ତିର ଅନ୍ୟ ଅର୍ଥ ପ୍ରେମ । ଅତ୍ୟଧିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋଭ, ମୋହ, ମାୟା ମଣିଷକୁ ଅଧପତନ କରିଥାଏ, ତେଣୁ ଭକ୍ତ ଓ ଭଗବାନଙ୍କ ଭୂମିକା ସନ୍ତୁଳନ ରଖିଥାଏ ।

ଅବତାରୀ ପୁରୁଷ ଶ୍ରୀ ଜଗନ୍ନାଥଙ୍କର ମାନବୀୟ ଲୀଳା କଳି ଯୁଗରେ ପ୍ରତୀୟମାନ । ଅନନ୍ତ, ଅସୀମ, ବିରାଟ ପୁରୁଷ କଳା ଠାକୁର ଖାଲି ଉତ୍କଳ ଭୂଖଣ୍ଡର ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣମୟ ଠାକୁର ଜଗତର ନାଥ ଜଗନ୍ନାଥ । ସର୍ବ ଦେବା ଦେବୀ ହିଁ ତାଙ୍କରି ଠାରୁ କ୍ଷରିତ ଅଟନ୍ତି । ଯେଉଁ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କଲେ ବି ସବୁ ସେଇ ଜଗତର ନାଥ ଜଗନ୍ନାଥ ନିର୍ଦ୍ଦେଶରେ ମୁକ୍ତି ଦେବାକୁ ସହାୟ ହୁଅନ୍ତି । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସାରା ପୃଥିବୀକୁ ପ୍ରଭାବିତ କରିଛି ଯାହାର କଣିକାଏ ମହା ପ୍ରସାଦ ପାଇଁ ଗୋଟିଏ ଶ୍ରୀଅନ୍ନ କୈବଲ୍ୟ ପାଇଁ ଅନିମେଷ ନେତ୍ରରେ ସର୍ବଦା ଚାହିଁ ରହିଥାନ୍ତି, କୋଟି କୋଟି ଦେବ ଦେବୀ ଓ ମାନବ ସମାଜ । ନିର୍ମାଲ୍ୟ ଗ୍ରହଣରେ ଜୀବ ମୋକ୍ଷ ଲାଭ କରିଥାନ୍ତି, ଜନ୍ମ ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇ ଯାଆନ୍ତି । ଏଠାରେ ସର୍ବଦା କୈବଲ୍ୟ ମିଳିଥାଏ ତେଣୁ ଏହି ସ୍ଥାନକୁ କୈବଲ୍ୟ ବୈକୁଣ୍ଠ କୁହନ୍ତି ।

ମହାପ୍ରଭୁ ଲୀଳା ଅସୀମ ଓ ଅବର୍ଣ୍ଣନୀୟ । ପରମ କାରୁଣିକ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା କ୍ଷେତ୍ର ଏହି ମର୍ତ୍ତ୍ୟ ବୈକୁଣ୍ଠରେ ଯମ ରାଜାଙ୍କର ମଧ୍ୟ କର୍ତ୍ତୃତ୍ୱ ନଥାଏ । ପରମ ବ୍ରହ୍ମ ଭଗବାନଙ୍କ ନିତ୍ୟସ୍ଥଳୀକୁ ବୈକୁଣ୍ଠ କୁହାଯାଏ । ଏହି ମର୍ତ୍ତ୍ୟ ଭୂମିରେ ପରମ ବ୍ରହ୍ମ ଦାରୁ ବ୍ରହ୍ମ ରୂପ ପରି ଗ୍ରହଣ ପୂର୍ବକ ମାନବୀୟ ଲୀଳା ପ୍ରଦର୍ଶନ କରି ଏହାକୁ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ କରିଛନ୍ତି । ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାବାହୁ ଶ୍ରୀ ଜଗନ୍ନାଥ ଖାଦ୍ୟ ପ୍ରିୟ ଭାବେ ବେଶ୍ ପରିଚିତ ଓ ତାଙ୍କୁ ବଡ଼ ଖିଆ ବୋଲି ବି କୁହାଯାଏ । ଓଡ଼ିଆ ପ୍ରାଚୀନ ଲୋକକଳା ପାଲାର ଲୋକ ପ୍ରିୟ ଗାୟକ ସ୍ୱର୍ଗତ ହରିନାଥ ଏ ପ୍ରସଙ୍ଗ ରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାର୍ମିକ ବର୍ଣ୍ଣନା କରିଛନ୍ତି -

"ଦିନକୁ ଖାଉଛି ଷାଠିଏ ପଉଟି
ବୁଦ୍ଧି ହେଲା ତାର ବାମ
ଜଗତେ ବୋଲନ୍ତି ବଡ଼ ଖିଆ ବୋଲି
ବଡ଼ ଖିଆ ତାର ନାମ ।।"

ଶ୍ରୀ ମନ୍ଦିରର ରାଜ ଭୋଗ ପରମ୍ପରାରେ "ଛପନଭୋଗ" ଏକ ଲୋକପ୍ରିୟ ନାମ । ଶ୍ରୀ ମନ୍ଦିର ସ୍ୱତ୍ୱଲିପିରେ ଛପନ ଭୋଗ ସମ୍ପର୍କରେ ଉଲ୍ଲେଖ ନଥିବା ବେଳେ କିନ୍ତୁ ମାଦଳା ପାଞ୍ଜିରେ "ଛପନ ଭୋଗ" କଥା ଉଲ୍ଲେଖ ଅଛି । ବାହୁଡ଼ା ଦଶମୀ ଦିନ ମହାପ୍ରଭୁଙ୍କର ରଥ "ମାଉସୀ ମା" ବା ଅର୍ଦ୍ଧାଶିନୀ ଦେବୀଙ୍କ ମନ୍ଦିର ସମ୍ମୁଖରେ ଅଟକି ପୋଡ଼ ପିଠା ଖାଇ ବାହୁଡ଼ି ଥାଆନ୍ତି ।

ଶେଷରେ - ଆଉ ଏକ ଅଲୌକିକ କଥା ହେଉଛି ରତ୍ନ ସିଂହାସନ । ହିନ୍ଦୁ ଶିରୋମଣି ଜଗନ୍ନାଥଙ୍କର ପବିତ୍ର ସିଂହାସନ ହୋଇଥିବାରୁ କିଛି ନିର୍ଦ୍ଦିଷ୍ଟ ସେବକ ଓ ନେପାଳର ରାଜାଙ୍କର ଏହା ଉପରେ ବସି ପୂଜା କରିବାର ଅଧିକାର ଅଛି । ଅନ୍ୟ କୌଣସି ରାଜା ମହାରାଜା ଏଥିରେ ବସି ପୂଜା କରିବାର ଅଧିକାର ନାହିଁ । ସମସ୍ତ ବେଶ ମଧ୍ୟରୁ ସୁନା ବେଶ ବା ବଡ଼ ତଡଉ ବେଶ ଭକ୍ତଙ୍କ ହୃଦୟରେ ଭଗବତ ପ୍ରେମ ଜାଗ୍ରତ କରାଇଥାଏ ।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯୁବଶିଳ୍ପୀ ଦେବୀ କଲ୍ୟାଣ ନନ୍ଦ

ସୌମ୍ୟରଞ୍ଜନ ସାମଲ



କଳାକାରଙ୍କୁ ଚିହ୍ନନ୍ତୁ-୩

କଳା ହେଉଛି ମାନବ ସମାଜକୁ ଈଶ୍ୱରଙ୍କ ପ୍ରଦତ୍ତ ଶ୍ରେଷ୍ଠ ଆଶୀର୍ବାଦ । କଳା ହେଉଛି ଦୈନନ୍ଦିନ ବ୍ୟସ୍ତ ତଥା ଅବସାଦପୂର୍ଣ୍ଣ ଜୀବନରେ, ଉଲ୍ଲାସ ଓ ସୃଜନଶୀଳତାର ଛୁଙ୍କ । ଏହି କଳାକୁ ପାଥେୟ କରି ଅନେକ ପ୍ରାଚୀନ ସଭ୍ୟତା ଓ ସାମ୍ରାଜ୍ୟ ଆଜି ମଧ୍ୟ ସଜୀବପ୍ରାୟ ଦଣ୍ଡାୟମାନ । କଳାକାରଟିଏ, କଳା ମାଧ୍ୟମରେ ସମାଜ ଆଗରେ ନିଜକୁ ପରିପ୍ରକାଶ କରିବା ସହ, ଆଙ୍କି ଦିଏ ସମାଜର ନିଛକ ପ୍ରତିବିମ୍ବ । ଅନେକଙ୍କ ମତରେ ଏ କଳା ସିନା ସମସ୍ତଙ୍କୁ ମୋହି ନିଏ, କିନ୍ତୁ ଏ କଳାକୁ ଆୟତ୍ତ କରିବାର କୌଶଳ ସମସ୍ତଙ୍କ ପକ୍ଷେ ସହଜସାଧ୍ୟ ନୁହେଁ, କାରଣ ଏହା ଏକ ଐଶ୍ୱରୀୟ ଉପହାର, ଯାହା ଅଳ୍ପ କିଛି ବ୍ୟକ୍ତି ବିଶେଷଙ୍କୁ ହିଁ ମିଳିଥାଏ । ସୁତରାଂ, ଆମ ଚତୁର୍ପାଶ୍ୱରେ ଆମେ କିଛି ଏପରି କଳାକାରଙ୍କୁ ମିଳିଥାଉ, ଯିଏ କି ବିନା କୌଣସି ତାଲିମରେ ମଧ୍ୟ ଅତି ସୁନ୍ଦର କଳା ସର୍ଜନା କରିଥାଆନ୍ତି । ସେହିପରି ଜଣେ ଶିଳ୍ପୀ ହେଉଛନ୍ତି, ଦେବୀ କଲ୍ୟାଣ ନନ୍ଦ ।



ଦେବୀ କଲ୍ୟାଣଙ୍କ ଜନ୍ମ, ୨୦୦୪ ମସିହା, ନୟାଗଡ଼ ଜିଲ୍ଲାର ଖଣ୍ଡପଡା ଅଞ୍ଚଳରେ । ତାଙ୍କ ବାପା ଯୋଗେଶ ଚନ୍ଦ୍ର ନନ୍ଦ ପେଶାରେ ଜଣେ ବ୍ୟବସାୟୀ ଓ ମାଆ ସୁଷମା ନନ୍ଦ ସିଲାଇ କାର୍ଯ୍ୟ କରି ଆତ୍ମନିର୍ଭରଶୀଳ । ଦେବୀ କଲ୍ୟାଣଙ୍କ କଳା ପ୍ରତିଭା, ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଁ ଜଣାପଡିଥିଲା । ପିଲାଦିନେ କୁନି କୁନି ହାତରେ ସ୍ଲେଟ ଧରି ଖଡ଼ି ରେ ଆଙ୍କି ଯାଉଥିଲେ ଭଳି କି ଭଳି ଦୃଶ୍ୟ । କୁହାଯାଏ ଯେ, ଗୋଟେ ପିଲା ପାଇଁ ମାଆ ହିଁ ହେଉଛି ପ୍ରଥମ ଗୁରୁ, ଠିକ ସେହିପରି ଭାବେ ତାଙ୍କ ମାଆଙ୍କ ଝୋଟି ଚିତା ହିଁ ସାଜିଥିଲା, ଦେବୀ କଲ୍ୟାଣଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ କହିବା ଅନୁସାରେ, ପ୍ରାୟ ଷଷ୍ଠ ଶ୍ରେଣୀରୁ କଳା ପ୍ରତି ତାଙ୍କର ଆଗ୍ରହ ବଢିଥିଲା । ସେ ପରିବାର ସହ ଯେବେ ବୁଲିବାକୁ ଯାଉଥିଲେ, ଅନ୍ୟମାନେ ପରିବେଶକୁ ଉପଭୋଗ କରୁଥିବା ବେଳେ, ତାଙ୍କ କୌତୁହଳ ଆଖି ବ୍ୟସ୍ତ ରହୁଥିଲା ପରିବେଶର ସେ ସୁନ୍ଦର ଦୃଶ୍ୟପଟ୍ଟକୁ ଧରି ତୋଳିବାରେ, ଏବଂ ପରେ ଘରକୁ ଫେରି ସେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅବିକଳ ଆଙ୍କିଦେଉଥିଲେ, ଯାହା ତାଙ୍କ ଚତୁର୍ପାର୍ଶ୍ୱସ୍ଥ ଲୋକଙ୍କୁ କରୁଥିଲା ଆଶ୍ଚର୍ଯ୍ୟ ।



ଦେବୀ କଲ୍ୟାଣଙ୍କ କହିବା ଅନୁଯାୟୀ, ତାଙ୍କୁ ବ୍ୟକ୍ତି ଚିତ୍ର କରିବାକୁ ଭଲ ଲାଗେ । ଚିତ୍ରର ଛୋଟରୁ ଛୋଟ ବିଶେଷତା ଗୁଡିକୁ ସେ ଅତି ନିଖୁଣ ଭାବରେ ଆଙ୍କିଥାଆନ୍ତି, ଯାହାଦ୍ୱାରା ଚିତ୍ରଟି ସେ ବ୍ୟକ୍ତିର ଦର୍ପଣ ପ୍ରତିବିମ୍ବ ଭଳି ମନେହୁଏ । ଅଳଙ୍କାରର କାରୁକାର୍ଯ୍ୟ ଠାରୁ ଆରମ୍ଭ କରି, ପୋଷାକର ଭଳି କି ଭଳି ଭାଙ୍ଗ ଓ ଆଖି ର ସଜୀବତା ପର୍ଯ୍ୟନ୍ତ ସବୁକୁ ଅବିକଳ ନକଲ କରିବାରେ ଖୁବ ପାରଙ୍ଗମ ଦେବୀ କଲ୍ୟାଣ । ତାଙ୍କୁ ଚାରକୋଲ, ଗ୍ରାଫାଇଟ, ପେନସିଲ କଲର ଓ ସଫ୍ଟ ପାଷ୍ଟେଲ ଆଦି ମାଧ୍ୟମରେ ଚିତ୍ର ଆଙ୍କିବାକୁ ଭଲଲାଗେ ।

ଏତେ ସୁନ୍ଦର ଚିତ୍ର ଆଙ୍କିବା ସତ୍ତ୍ୱେ, ଆରମ୍ଭରେ ତାଙ୍କ ପରିବାର ଠାରୁ ତାଙ୍କ କଳାକୁ ଏତେଟା ପ୍ରୋତ୍ସାହନ ମିଳିନଥିଲା, କିନ୍ତୁ କେବେହେଲେ ସେ ତାଙ୍କ କଳା ପ୍ରତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ଅବହେଳା କରିନଥିଲେ । ନିଜଦ୍ୱାରା ଯଥା ସମ୍ଭବ ଚେଷ୍ଟା କରି ନିଜ ଭିତରର ସୃଜନଶୀଳତାକୁ ପରିପ୍ରକାଶ କରିଥିଲେ । କୋଭିଡ ଲକଡାଉନ ସମୟ ତାଙ୍କ ପାଇଁ ସାଜିଥିଲା, ଏକ ସୁବର୍ଣ୍ଣ ସୁଯୋଗ । ଏହି ସମୟରେ ସେ ସୋସିଆଲ ମିଡ଼ିଆ ୟୁଟ୍ୟୁବରୁ କଳା ଶିକ୍ଷା କରିବାସହ, ନିଜର ଏକ ସ୍ୱତନ୍ତ୍ର ଚ୍ୟାନେଲ ମଧ୍ୟ ଆରମ୍ଭ କରିଥିଲେ । ତାଙ୍କର କଳା ପ୍ରତି ଥିବା ଅହେତୁକ ଆଗ୍ରହ ତଥା କଳାକୁ ନେଇ କିଛି କରିବାର ଇଚ୍ଛା ତାଙ୍କୁ ଦେଇଥିଲା ସଫଳତା । କିଛି ସମୟ ମଧ୍ୟରେ ଦେଶର କୋଣ ଅନୁକୋଣରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ତାଙ୍କ ସହ ଯୋଡ଼ି ହେବା ସହ ପ୍ରାୟ ୨କୋଟି ରୁ ଊର୍ଦ୍ଧ୍ୱ ଲୋକ ତାଙ୍କ କଳାକୁ ଦେଖିଥିଲେ, ଏବଂ ତାଙ୍କ କଳାରୁ ଅନୁପ୍ରାଣିତ ହୋଇଥିଲେ ।




କୌଣସି ଅତ୍ୟାଧୁନିକ ଉପକରଣ ବିନା, କେବଳ ନିଜ କଳା ଦକ୍ଷତାରେ ସେ ଏତେ ଲୋକଙ୍କୁ ନିଜ କଳା ସହ ବାନ୍ଧି ପାରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି ଏକ ବୈଷୟିକ ତ୍ରୁଟି କାରଣରୁ ତାଙ୍କର ସେ ଚ୍ୟାନେଲଟି ଆଉ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ, ଯାହାଦ୍ୱାରା ସେ ଭାଙ୍ଗି ପଡ଼ିଥିଲେ, କିନ୍ତୁ ସେ ଆଶା ନ ହରାଇ, ପୁଣିଥରେ ଏକ ନୂଆ ଚ୍ୟାନେଲ ଖୋଲି, ନିଜର କଳାର ଯାତ୍ରା କୁ ନୂଆ ଜୀବନ ଦେଲେ, ଯେଉଁଥିରେ ପ୍ରାୟ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଡ଼ି ହୋଇ ରହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବୀ କଲ୍ୟାଣଙ୍କ କଳା ଯାତ୍ରାର ଲକ୍ଷ୍ୟ ହେଉଛି ଏକ କଳା ଅନୁଷ୍ଠାନ ଖୋଲିବା ସହ, ଅନଲାଇନ ମାଧ୍ୟମରେ କଳା ଶିକ୍ଷା ପ୍ରଦାନ କରିବା, ଯେପରିକି ପ୍ରତ୍ୟେକଟି ପିଲା ଯାହାର କଳାରେ ରୁଚି ରହିଛି, ସେ ସୁବିଧାରେ କଳା ଶିକ୍ଷାର ସୁଯୋଗ ପାଇପାରିବ । ଦେବୀ କଲ୍ୟାଣ ପ୍ରକୃତରେ ପ୍ରତ୍ୟେକଟି ପିଲା ପାଇଁ ଏକ ପ୍ରେରଣା, ଯେଉଁମାନେ ଅଭାବ ଅସୁବିଧା ପାଇଁ ତାଲିମ ପାଇବାର ସୁଯୋଗ ନପାଇ ମଧ୍ୟ ଏକ ସଫଳ କଳାକାର ହେବା ଲାଗି ଆଶା ବାନ୍ଧିଛନ୍ତି । ତାଙ୍କ ଅନୁସାରେ ପ୍ରତ୍ୟେକଟି ପିଲା ନିଜ ଭିତରର କଳାକୁ ଚିହ୍ନିବା ଓ ତା'ର କିପରି ସ୍ଫୁରଣ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଉଚିତ ।


ବାସ୍ତବରେ କଳା ଓ କଳାକାର, ଏ ଦୁହେଁ ଖୁବ ଚମତ୍କାର, ଏବଂ ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛନ୍ତି ଦେବୀ କଲ୍ୟାଣ । ଏତେ କମ ବୟସରେ କଳା ପ୍ରତି ତାଙ୍କର ଭଲପାଇବା ଓ ପରିଶ୍ରମ ତାଙ୍କୁ ଦେଇଛି ଏକ ଅନନ୍ୟ ପରିଚୟ । ସୁତରାଂ, ଏହିଥିରୁ ଜଣାପଡେ ଯେ, କଳାକାର ଟିଏ କଳାକୁ ଜୀବନ ଦେଇଥାଏ, ଓ ସେହି କଳା, ଦେଇଥାଏ କଳାକାରକୁ ପରିଚୟ । ଏ ସମ୍ପର୍କ ଖୁବ ନିବିଡ଼ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସର ଅବତାର

ପଙ୍କଜିନୀ ଉପାଧ୍ୟାୟ



ଭଗବାନ ବିଶ୍ୱାସର ଅବତାର ....

ଗତି ମୁକ୍ତିଦାତା ସମସ୍ତଙ୍କର ......

ସ୍ଥିର ଚିତ୍ତ, ସମର୍ପଣ ଭାବ, ଭାବ ଭକ୍ତିର ବିଭୋର ପଣରେ ମନୋବାଞ୍ଛା ପୂରଣ କରନ୍ତି ଭକ୍ତର ।

ଅପରାହ୍ଣ ପରାଶ୍ରିତ, ଜୀବନ ଜଞ୍ଜାଳରୁ ମୁକ୍ତ, କିନ୍ତୁ ଦୁର୍ବଳ ଶରୀର ବୋଲ ମାନେନା, ଦୁର୍ବଳତା ମାଡିବସେ ସର୍ବାଙ୍ଗ । ଖୋଜେ ଆଶ୍ରୟ ଆଶ୍ରୟଦାତାଙ୍କ ଚରଣ ତଳେ ।

ଏମିତି ସମୟ ଭାରାକ୍ରାନ୍ତ କରିଥିଲା ସମଗ୍ର ଚେତନାକୁ, ବିବ୍ରତତା ଘେରିଥିଲା ସମଗ୍ର ବାୟୁମଣ୍ଡଳରେ, ଶରଣାପନ୍ନ ଥିଲା ଶରଣାଗତ ନିକଟରେ, ମୁକ୍ତିର ପଥ ପରିଷ୍କାର ପାଇଁ , ସମର୍ପିତ ପ୍ରାଣରେ ନିବେଦନ କରୁଥିଲା ସୁଚେତା ।

କେମିତି ଥିଲା ସେ ସମର୍ପିତ ,

ପ୍ରତିଫଳିତ ହେଉଥିଲା ପ୍ରତିଟି ଭାବନାରେ, କାର୍ଯ୍ୟକଳାପରେ

ବିଭୋରପଣ ଭକ୍ତି ଚେତନାରେ ।

ହସ ଲୁହର ମିଶ୍ରଣ ମୁଖମଣ୍ଡଳର ତେଜକୁ ବହୁଗୁଣିତ କରୁଥିଲା।

ହଠାତ୍ ଆଖିପତା ବନ୍ଦ ହୋଇଗଲା,

ଓଠରେ ଖେଳିଗଲା ବିଶ୍ୱାସର ସ୍ମିତହାସ୍ୟ

କ୍ରମଶଃ ନିଶ୍ୱାସ ବାୟୁ ଧିମି ହେବାକୁ ଲାଗିଲା, ବିଶ୍ୱାସର ଅବତାର ବିରାଜମାନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ବାଙ୍ଗରେ ଶେଷ ନିଶ୍ୱାସର ପ୍ରତୀକ୍ଷାରେ ଅପୂର୍ବ ତେଜ ।

ମୁକ୍ତିର ବିରଳ ଆନନ୍ଦ ଓଠ ଅଙ୍ଗନରେ

ସବୁ ଶେଷ ......

ବିଶ୍ୱାସର ଅବତାର ଭକତରେ ଭାବରେ ତଲ୍ଲିନ, ମୁକ୍ତିର ପଥ କଲେ ଉନ୍ମୁକ୍ତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଙ୍କଡ଼ ହାତେ ଶାଳଗ୍ରାମ

ପଙ୍କଜ କୁମାର ପାଣିଗ୍ରାହୀ



ଆମ ଲୋକ କଥାରେ କୁହାଯାଉଥିବା ଏହି ଉକ୍ତିର ମର୍ମ କ'ଣ ଏବଂ ସାଧାରଣ ଲୋକେ ଏହି ରୂଢି ଗୁଡିକୁ କିଭଳି ଢଙ୍ଗରେ ଦେଖୁଛନ୍ତି ?

ଏହି ମର୍ମରେ ଆଜି ସମୟରେ ଆମର ପରିସ୍ଥିତି ଏବଂ ଭବିଷ୍ୟ ବିଚାର କରି ଦେଖିବା...

ମାଙ୍କଡ଼ ଗୋଟିଏ ପଶୁ । ତାର ହିତାହିତ ଜ୍ଞାନ ବୋଲି କିଛି ନଥାଏ । ସେ କେବଳ ଖାଇବା ଏବଂ ନିଜର ସୁରକ୍ଷା ବ୍ୟତୀତ ଅନ୍ୟ କୌଣସି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ଇତି ମଧ୍ୟରେ ତାର ମନୋରଞ୍ଜନ ପାଇଁ କେତେବେଳେ ଖେଳକୁଦ ତ ଆଉ କେତେବେଳେ ହିଂସାତ୍ମକ ଦୌଡରେ ନିଜକୁ ସାମିଲ୍ କରୁଥିବା ଦେଖିବାକୁ ମିଳିଥାଏ । ଖାଦ୍ୟ ଉପଯୋଗୀ କୌଣସି ଜିନିଷ ବ୍ୟତୀତ ଅନ୍ୟ କୌଣସି ବସ୍ତୁ, ପଦାର୍ଥ ଉପରେ ତାର କୌଣସି ଆଗ୍ରହ କିମ୍ବା ଜ୍ଞାନ ନଥାଏ । ତେଣୁ କୌଣସି ଖାଦ୍ୟ ବ୍ୟତୀତ ଅନ୍ୟ ଯାହା ତା ହାତରେ ପଡିଲେ ସେଗୁଡିକୁ କେବଳ ଏକ ଖେଳନା ଭଳି ବ୍ୟବହାର କରିବା ଛଡା ଆଉ କିଛି ଜାଣେ ନାହିଁ ସିଏ । ତା ନିଜ ବ୍ୟତୀତ ଆଉ କାହାର ଭଲ ଚିନ୍ତା କରିବା ମାଙ୍କଡ଼ ପାଇଁ ଏକ ସ୍ୱପ୍ନ, ହାସ୍ୟାସ୍ପଦ ବିଷୟ । ମଣିଷ ଶାଳଗ୍ରାମକୁ ଭଗବାନ ବୋଲି ପୂଜା କରୁଥିବା ବେଳେ ତାହା ମାଙ୍କଡ଼ ପାଇଁ ଗୋଟିଏ ପଥର ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସେ ତାର ମହତ୍ୱ ତ ଦୂର ତା ବିଷୟରେ କୌଣସି କଥା ଭାବିବା ମଧ୍ୟ ତା ପାଇଁ ଏକ ବିଡମ୍ବନାର ବିଷୟ ।

ଠିକ୍ ସେହିଭଳି ଆମ ସମାଜରେ ରହିଛନ୍ତି କେତେକ ଅଜ୍ଞାନ ଧୂର୍ତ୍ତ ଯାହାଙ୍କୁ ଆମେ ରାଜନେତା ବୋଲି କହିଥାଉ । ସାମୁହିକ ସ୍ୱାର୍ଥରେ କାର୍ଯ୍ୟ କରି ଦେଶକୁ ଶାସନ କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ଆମେ କିଛି ମଣିଷଙ୍କୁ ବାଛିଥାଉ । ସେମାନଙ୍କ ହାତରେ ଦେଶର ଶାସନ ଭାର ଟେକିଦେଇ ଆମେ ନିରବ ଯେ ସେମାନେ ଯାହା କରିବେ ଆମେ ସମସ୍ତେ ସେଇଥିରେ ରାଜି । ଯେଉଁମାନଙ୍କୁ ଦେଶର ଶାସନ ଭାର ଟେକିଦେବା ପାଇଁ ଚୟନ କରାଯାଇଥାଏ ସେମାନଙ୍କୁ ସାଧାରଣ ଲୋକଙ୍କ ସମର୍ଥନରେ ବଛାଯାଇଥାଏ । ବିଡମ୍ବନାର ବିଷୟ ଏହାକି ଯେ ସେମାନଙ୍କୁ ଚୟନ କରୁଥିବା ୮୦ ଭାଗରୁ ଅଧିକ ଲୋକ ନିଜର ନେତା ବା ମୁଖିଆଙ୍କ ବିଷୟରେ ସାମାନ୍ୟ ଜ୍ଞାନ ମଧ୍ୟ ପାଇନଥା'ନ୍ତି । କେବଳ କୁହେଳିକା, ପ୍ରହେଳିକା ଏବଂ ସ୍ୱଳ୍ପ କ୍ଷଣ ସ୍ୱାର୍ଥର ପ୍ରକୋପ, ପ୍ରଭାବରେ ସେମାନେ ନିଜର ସମର୍ଥନ ସାବ୍ୟସ୍ତ କରିଥା'ନ୍ତି । ଆଉ ଯେଉଁମାନେ ବଛାଯାଉଥିବା ନେତାଙ୍କ ବିଷୟରେ ସାମାନ୍ୟତମ ଜ୍ଞାନ ରଖିଥା'ନ୍ତି, ସେମାନେ ନିଜର ମତଦାନ କରିବା ପାଇଁ ଯାଆନ୍ତି ନାହିଁ । ତାହାର ସୁଯୋଗରେ କିମ୍ଭୂତ କିମ୍ବାକାର ମଣିଷ ଗୁଡିଏ ଯାହାଙ୍କ କୌଣସି ମାନବିକ, ନୈତିକ, ସାମାଜିକ ମୂଲ୍ୟବୋଧ କିମ୍ବା ଜ୍ଞାନ ନଥାଏ ସେମାନେ ହୁଅନ୍ତି ଆମର ଶାସକ !

ସେମାନେ ଶାସନ କ୍ଷମତାକୁ ଏକ ଖେଳଘର ଭଳି ବ୍ୟବହାର କରିଥା'ନ୍ତି ଯେମିତି ମାଙ୍କଡ଼ ଖେଳୁଥାଏ ଶାଳଗ୍ରାମ ସହିତ । ସେମାନଙ୍କ ଖେଳ ହୋଇଯାଇ ଥାଏ ସର୍ବସାଧାରଣ ଲୋକଙ୍କ ପାଇଁ କାଳ ! ତାହାପୁଣି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ! ଅଦ୍ଭୁତ ସମ୍ବିଧାନ ଆମର ତାହାର ତୁଳନା ନାହିଁ ଯିଏ କ୍ଷମତାଧାରୀଙ୍କ ବିରୁଦ୍ଧରେ କିଛି କରିପାରେ ନାହିଁ । କେବଳ ନିରୀହ, ନିର୍ବୋଧଙ୍କୁ ଦଣ୍ଡ ବିଧାନ କରିବା ପାଇଁ ପ୍ରଯୁଜ୍ୟ ଭାରତୀୟ ସମ୍ବିଧାନ ଯେ କେମିତିକା ଗଣତାନ୍ତ୍ରିକ ସମ୍ବିଧାନ ସେକଥା ହୁଏତ କାହାକୁ ଅଗୋଚର ନୁହେଁ । ପାଞ୍ଚବର୍ଷ ମଧ୍ୟରେ ଖେଳ ଖେଳରେ ସେମାନେ ହୋଇଯା'ନ୍ତି କୋଟି କୋଟି ଟଙ୍କାର ମାଲିକ । ଆଉ ତା ପରେ ସେମାନେ କୁଆଡେ ସମାଜର ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଯାହାଙ୍କୁ ଦିଆଯାଇ ଥାଏ ଦେଶର ସର୍ବୋଚ୍ଚ ସମ୍ମାନ ସମୂହ ଭାରତ ରତ୍ନ, ଭାରତ ପଦ୍ମ ବିଭୂଷଣ ଇତ୍ୟାଦି । ସାଧାରଣ ଲୋକେ ସେମାନଙ୍କୁ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ କେବଳ ପରିଗଣିତ କରନ୍ତି ନାହିଁ ବରଂ ସଭା ସମିତିରେ ସେମାନଙ୍କୁ ଡାକି ପ୍ରେରଣା ନେଇଥା'ନ୍ତି ସତେ ଯେମିତି ସେମାନେ ଜଣେ ଜଣେ ପ୍ରଭୁତୁଲ୍ୟ ଜ୍ଞାନୀ ବ୍ୟକ୍ତି । କି ଆଶ୍ଚର୍ଯ୍ୟଜନକ ଭାବନା ଆମର ଯେ ଏହାର ଆଉ ପରିବର୍ତ୍ତନ ? ! ହା ହା ହା ...

ସମାଜର ସବୁଠାରୁ ନ୍ୟୁନତମ କଦର୍ଯ୍ୟ ମାନସିକତା ବିଶିଷ୍ଟ ଅଜ୍ଞାନ ବ୍ୟକ୍ତିଙ୍କୁ କରାଯାଇ ଥାଏ ଆମର ଶାସକ । ସେମାନେ କୌଣସି କାର୍ଯ୍ୟ କରିବାରେ ଯାହା ଜ୍ଞାନ ରଖିଥା'ନ୍ତି ନକହିବା ଭଲ । ତଥାପି ନିର୍ବୋଧ ବାରମ୍ବାର ସେମାନଙ୍କୁ ହିଁ ନିର୍ବାଚିତ କରି ପଠାଇଥା'ନ୍ତି ଶାସନ କ୍ଷମତାକୁ । ତାହାର ମୁଖ୍ୟ କାରଣ ହେଲା ଯେ ସାଧାରଣ ନିର୍ବୋଧ ମଣିଷ ଗୁଡିକ ମଧ୍ୟ ଏତେ କର୍ମ କୁଡ଼ିଆ ଆଉ ଅଜ୍ଞାନ ଯେ ସେମାନେ କୌଣସି କଥାକୁ ବୁଝି ପାରନ୍ତି ନାହିଁ କି ଜାଣି ପାରନ୍ତି ନାହିଁ । କେବଳ କୁହେଳିକା, ପ୍ରହେଳିକାର ପ୍ରଭାବ ପ୍ରକୋପରେ ନିଜକୁ ଯାହା ଭଲ ଲାଗେ ସେଇଆ କରନ୍ତି । ବାସ୍ତବ ଅବାସ୍ତବ, ସତ୍ୟ ମିଥ୍ୟାର କୌଣସି ସମୀକ୍ଷା ଜ୍ଞାନ ନାହିଁ କାହାରି ପାଖରେ କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକନ୍ତୁ ନିଜର ସମସ୍ତ ରୋଜଗାରକୁ ଟେକି ଦିଅନ୍ତି ସେମାନଙ୍କ ହାତରେ ଯାହା ଦ୍ୱାରା ସମାଜ ଦିନକୁ ଦିନ ନିମ୍ନମୁଖୀ ହେବା ସହିତ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାକୁ ଅଗ୍ରସର ହେଉଛି । ଆଦୌ ସଚେତନତା ନାହିଁ ଏହି ସବୁ ବିଷୟରେ ଆମ ସମାଜରେ । ତଥାପି ଆମେ ବିଶ୍ୱ ଗୁରୁ ଭଳି ଏକ ମିଥ୍ୟା ଅବାନ୍ତର ଯୁକ୍ତିକୁ ବାଢିଥାଉ ଯାହା ଆମ ଘର ଭିତରେ ଚର୍ଚ୍ଚିତ ହେବା ବ୍ୟତୀତ ଅନ୍ୟାନ୍ୟ ଦେଶ ଗୁଡିକରେ ଆମର ସମ୍ମାନ ମାଟି ତଳେ ।

ଗଛ ଆମର, ପରିଶ୍ରମ ଆମର । ତାହାର ଫଳ ମଧ୍ୟ ଆମର । କି'ନ୍ତୁ ବର୍ଷ ବର୍ଷର ପରିଶ୍ରମର ଫଳକୁ କେବଳ ତୋଳିବା ପାଇଁ ଆଳସ୍ୟ କାରଣରୁ ଗଛ ଉପରେ ରହି ସେହି ଫଳକୁ ଖାଇ ତାର ଅଇଁଠା ଟିକିଏ ତଳକୁ ଫିଙ୍ଗିଦେବା ଫଳକୁ ଖାଇ ଆମେ ସନ୍ତୁଷ୍ଟ ? ! ସେହି ଭଳି ଆମର ଅର୍ଥକୁ ଆତ୍ମସାତ କରି ବିଳାସ ବ୍ୟସନରେ ରହି ତାଙ୍କରି ଅଇଁଠା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିକିଏ ପାଇଁ ଆମେ ହିଁ ରହିଥାଉ ପାଞ୍ଚ ବର୍ଷ । ଆଉ ଟିକିଏ ଅଇଁଠା ମିଳିଗଲେ ସତେ ଯେମିତି ଶବରୀର ଅଇଁଠା ଖାଇ ରାମଚନ୍ଦ୍ର ତାକୁ ଧନ୍ୟ କରିଦେବା ଭଳି ଆମେ ମଧ୍ୟ ଧନ୍ୟ କରିଦେଉ ସେମାନଙ୍କୁ ପାଞ୍ଚ ବର୍ଷକୁ ଥରେ । କି ବିଚିତ୍ର ମାନସିକତା ଆମର ?! ତା ପାଇଁ ସେମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ, କିନ୍ତୁ ପରୋକ୍ଷରେ ସେମାନେ ହିଁ ଦାୟୀ ଯେତିକି ପ୍ରତ୍ୟେକ୍ଷରେ ସମ୍ପୂର୍ଣ୍ଣ ଦାୟୀ କେବଳ ଜନସାଧାରଣ ।

ଅଖଣ୍ଡ କ୍ଷମତାଧାରୀ ଶାସକ ଯୁକ୍ତ ବ୍ୟବସ୍ଥା କେବେହେଲେ ଗଣତନ୍ତ୍ର ହୋଇପାରିବ ନାହିଁ, ଯାହା ଆମ ଦେଶରେ ପ୍ରଚଳିତ । ସେହି ରାଜକୀୟ ଅଖଣ୍ଡ କ୍ଷମତାଧାରୀ ବ୍ୟବସ୍ଥାକୁ ପ୍ରଥମେ ପରିବର୍ତ୍ତନ କରାନଗଲେ ଯେ ଆମେ କେବେହେଲେ ଗଣତାନ୍ତ୍ରିକ ଶାସିତ ହୋଇ ପରିବା ନାହିଁ ଏହା ସର୍ବାଦୌ ଆଜିର ଆହ୍ୱାନ ! ଆମେରିକା, ଇଂଲଣ୍ଡ ଭଳି ବିଭିନ୍ନ ଉନ୍ନତ୍ତ ରାଷ୍ଟ୍ର ଗୁଡିକରେ ଏମିତି ସମ୍ବିଧାନ ନାହିଁ ଯାହା ଆମ ଦେଶରେ ପ୍ରଚଳିତ । ଆମ ଦେଶର ସମ୍ବିଧାନ କେବଳ ଦୁଇଟି ଶବ୍ଦର ଗୋଟିଏ ଧାଡିରେ ସମାପ୍ତ ହୋଇଥାଏ ଯେଉଁଥିରେ କୋଟି କୋଟି ଲୁକାୟିତ ଆଇନ ରହିଛି ଯାହା କେବଳ ସାଧାରଣ ନିରୀହ ନିର୍ବୋଧ କିମ୍ବା ସଚ୍ଚୋଟ ଲୋକଙ୍କୁ ଦଣ୍ଡିତ କରିପାରେ । ତାଛଡା କୌଣସି କ୍ଷମତାଧାରୀଙ୍କ ପାଇଁ ଆମ ସମ୍ବିଧାନରେ ଯେଉଁ ଆଇନ ଅଛି ତାହା କେବଳ ସେମାନଙ୍କ ସୁରକ୍ଷା ପାଇଁ ବ୍ୟତୀତ ଦଣ୍ଡ ବିଧାନରେ ଆଦୌ ସହାୟକ ହୋଇନଥାଏ । ତେଣୁ ସାଧାରଣ ଜନତା ଆଜି ନିଷ୍ପେସିତ, ପ୍ରତାରିତ । ସାଧାରଣ ଲୋକଟିଏ ହିଁଲେ ଜଣେ ଅସାମାଜିକ, ଅନୈତିକ କ୍ଷମତାଧାରୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବ ନାହିଁ । କି'ନ୍ତୁ ଜଣେ କ୍ଷମତାଧାରୀ ସାଧାରଣ ଲୋକଙ୍କୁ ସହଜରେ ତଳିତଳାନ୍ତ କରି ଦେଇ ପାରିବ । ଏହିଭଳି ଏକ ସମ୍ବିଧାନର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆମ ଦେଶ କେବେ ହେଲେ ବିକଶିତ ଦେଶର ମାନ୍ୟତା ପାଇବା ଅସମ୍ଭବ ।

ସେମାନଙ୍କ ମିଥ୍ୟା କୁହେଳିକା ପ୍ରହେଳିକାରେ ବିଭୋର ନିମଗ୍ନ ନିର୍ବୋଧ ଆମ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝିନାହୁଁ ପ୍ରକୃତରେ ଗଣତନ୍ତ୍ର କ'ଣ । କେବଳ ତୁଣ୍ଡ ବଇଦାରେ ଆମେ ଏକ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ବୋଲି କହୁ । ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ବୁଝି ନାହାନ୍ତି କେହି । ବରଂ କ୍ରୁର ରାଜତନ୍ତ୍ର ପଛରେ ରହିଥିବା ଅଖଣ୍ଡ ଗୁଣ୍ଡାରାଜ କାରଣରୁ ଭୟଭୀତ ହୋଇ ଅନେକ କଥାକୁ ବିଶ୍ୱାସକୁ ନେଇଥାଉ ଆମେ ଯାହା ସବୁ ସମ୍ପୂର୍ଣ୍ଣ ମିଥ୍ୟା । ସେହି ମିଥ୍ୟାରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ଅନ୍ୟଥା ବିକାଶର ସଜ୍ଞାକୁ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବୁଝିବାରେ ଅକ୍ଷମ ରହି କେବଳ ନିଷ୍ପେସିତ ପ୍ରତାରିତ ହୋଇ ରହିଥିବା ପିଢ଼ିକୁ ପିଢ଼ି ଯାହା ଆଜି ପର୍ଯ୍ୟନ୍ତ ଆମେ ଦେଖି ଆସୁଅଛେ । ସାଧାରଣ ମଣିଷ ପ୍ରଥମେ ଏଗୁଡ଼ିକୁ ବିର କରିବାକୁ ହେବ ।

ଯେଉଁଆଡେ ଦେଖିବ ସ୍ୱାର୍ଥ ! କଥା କଥାରେ ସ୍ୱାର୍ଥ, ବ୍ୟବସାୟ ! କାହାର କାହାପ୍ରତି ଶ୍ରଦ୍ଧା ନରହିଲେ ମଧ୍ୟ କିଛି ଚଳିଥା'ନ୍ତା, କିଁନ୍ତୁ କ୍ରୋଧ, ଆକ୍ରୋଶ ଭାବ ଯେ ଆମକୁ ଦିନକୁ ଦିନ ତଳିତଳାନ୍ତ କରୁଛି ଏକଥା ବୁଝନ୍ତି ନାହିଁ କେହି । କି ସେମାନଙ୍କୁ ବୁଝାଇବା ପାଇଁ ନାହାନ୍ତି କେହି । ଯେଉଁମାନେ ଅଛନ୍ତି ସେମାନଙ୍କ କୌଣସି ସାମାଜିକ ମାନ୍ୟତା କିମ୍ବା ଗ୍ରହଣୀୟତା ନାହିଁ ଆଜି ସମୟରେ । ଏହିଭଳି ଏକ ପରିସ୍ଥିତି, ପରିବେଶରେ ଆମେ ଯେଉଁ ସବୁ ମିଛି ମିଛିକା ଉନ୍ନତିର ମାର୍ଗ ଗୁଡିକୁ ଦେଖୁଛେ ସେଗୁଡିକ କେବଳ ପାଣିରେ ଗାର ଭଳି । ସାଧାରଣ ନିର୍ବୋଧ ଜନସମୂହ ଏକତ୍ରିତ ହୋଇ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ନକଲେ ଆମେ ନଦେଖିଲେ ମଧ୍ୟ ଆଉ କିଛି ବର୍ଷ ପରେ ଯେ ଦେଶର ପରିସ୍ଥିତି ଭୟାବହ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ । କାରଣ ଯାହା ସବୁ ମଣିଷକୁ ଆବଶ୍ୟକ ସେ ବିଷୟରେ କେହି କିଛି ଜାଣନ୍ତି ନାହିଁ କିମ୍ବା କେହି କୁହନ୍ତି ନାହିଁ । ଅନବାଶ୍ୟକ ବିଷୟକୁ ଆଲୋଚନା ଯୁକ୍ତି ତର୍କର କୌଣସି ମୂଲ୍ୟ ନାହିଁ ଯାହା ଆଜି ସର୍ବତ୍ର ପରିଲିକ୍ଷିତ । ଯାହାଙ୍କୁ ଆମେ ସମାଜର ଶିକ୍ଷିତ ଚତୁର ବୋଲି ଭାବୁଛେ ସେ ସମସ୍ତେ ସମ୍ପୂର୍ଣ୍ଣ ଅଜ୍ଞାନତାର ଚରମ ଶୀର୍ଷରେ । ସେମାନଙ୍କ କୁହେଳିକା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରହେଳିକାରେ ନିମଗ୍ନ ଯେ ସମାଜ ଏକ ଅନ୍ଧକାର ଗର୍ତ୍ତ ଅଭିମୁଖୀ ଏ କଥା ମଧ୍ୟ ଆଦୌ ବୁଝିନାହାନ୍ତି କେହି ।

ସଚେତନତା ସୃଷ୍ଟି କରି ସମାଜକୁ ଆଲୋକ ଦେଖାଇବା ଆମ କର୍ତ୍ତବ୍ୟ ବୋଲି ବିରି ଏସବୁ ବର୍ଣ୍ଣନା କରିବାରେ କାହାର ଗ୍ରହଣୀୟତା ଉପରେ ଆମର ବିଶେଷ ଆଲୋକପାତ ନାହିଁ । କାରଣ ସତ୍ୟ ପ୍ରକଟ କଲେ ଯେ ଆଜି ସମୟରେ ଶତ୍ରୁ ସୃଷ୍ଟି ହୋଇଥା'ନ୍ତି ଏ କଥା କାହାକୁ କହିବା ଆବଶ୍ୟକ ନୁହେଁ । ତାହା ସମସ୍ତେ ଜାଣନ୍ତି । ତେଣୁ ଆମ କଥାର ବିଷୟକୁ ଚେତନାକୁ ନେଇ କିଛି ବିରଭାବ ସୃଷ୍ଟି ହେଉଥବା ଲୋକେ ଆମ ସହିତ ଯୋଡି ହୋଇ ଅଧିକ ଜାଣିବାକୁ ଆଗ୍ରହୀ ହେଲେ ଆମ ଦ୍ୱାର ସବୁବେଳେ ଖୋଲା । କାହାକୁ ଯଦି ଅପ୍ରିୟ ସତ୍ୟ ଗୁଡିକ ଭଲ ନଲାଗୁଛି ତାହାଲେ ଆମର କୌଣସି ଶଙ୍କା କିମ୍ବା ଦୁଃଖ ନାହିଁ । ଆସନ୍ତୁ ସତ୍ୟର ଅନୁସନ୍ଧାନ କରି ଆମେ କ'ଣ କରୁଛେ ଏବଂ ଆମକୁ କ'ଣ କରିବା କଥା ସେଗୁଡିକୁ ସମୀକ୍ଷା କରି ଏକ ସୁନ୍ଦର ମଣିଷ ସମାଜ ସୃଷ୍ଟି କରିବା ବୋଲି ଆମର ଆହ୍ୱାନ । ଯଦି କାହାର ମଧ୍ୟ ବାସ୍ତବ ସତ୍ୟକୁ ଜାଣି ନିଜକୁ ତଥା ମଣିଷ ସମାଜକୁ ସୁଧାରିବା ଆଗ୍ରହ ନାହିଁ ତଥାପି ଆମେ ସତ୍ୟର ପ୍ରକଟ କରିଲି ଥିବୁ । ପରିଣତି ଯାହା ହେବ ସମସ୍ତେ ଦେଖିବା....

ୟୁଟ୍ୟୁବ - ସାମାଜିକ ଜନମଂଚ (ଭାରତ)

ଛତ୍ରପୁର, ଗଂଜାମ- ୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପିତାମାତା ଆମ ଜୀବନସ୍ଥପତି

ଅସିତ ମହାନ୍ତି



ଆମର ପିତାମାତାଙ୍କ ଯତ୍ନ ନେବା ବୋଝ ନୁହେଁ, ବରଂ ଆମର କୃତଜ୍ଞତା ଏବଂ ପ୍ରେମ ଦେଖାଇବା ପାଇଁ ଏକ ସୁଯୋଗ । ବୟସ୍କ ପିତାମାତାଙ୍କ ସହିତ ବିତାଇଥିବା ସମୟ ହେଉଛି ଏକ ଧନ ଯାହାକୁ ବଦଳାଯାଇପାରିବ ନାହିଁ । ଶେଷରେ, ଏହା ଆମେ ଆମର ପିତାମାତାଙ୍କ ସହିତ କେତେ ସମୟ ବିତାଇଥାଉ ତାହା ନୁହେଁ, ବରଂ ଆମେ ସୃଷ୍ଟି କରୁଥିବା ମୁହୂର୍ତ୍ତଗୁଡ଼ିକର ଗୁଣବତ୍ତା ବିଷୟରେ ।

ପ୍ରେମ ଏବଂ ଦାୟିତ୍ୱର ଏକ ପରମ୍ପରା - ଆଧୁନିକ ଜୀବନର ବ୍ୟସ୍ତତା ମଧ୍ୟରେ, ଆମ ପିତାମାତା ଆମ ଜୀବନରେ ଦେଇଥିବା ଗଭୀର ଅବଦାନକୁ ଅଣଦେଖା କରିବା ସହଜ । ସେମାନେ ଆମକୁ ବିନା ସର୍ତ୍ତରେ ମାର୍ଗଦର୍ଶନ କରିଛନ୍ତି, ସମର୍ଥନ କରିଛନ୍ତି ଏବଂ ଭଲ ପାଇଛନ୍ତି । ସେମାନଙ୍କୁ ଏକ ବୋଝ ଭାବରେ ଦେଖିବା କେବଳ ସେମାନଙ୍କ ବଳିଦାନକୁ ଅସମ୍ମାନ କରେ ନାହିଁ ବରଂ ସେମାନଙ୍କ ପ୍ରତି ଆମର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ନୈତିକ ସିଦ୍ଧାନ୍ତକୁ ମଧ୍ୟରେ ଦୁର୍ବଳ କରେ । ଆସନ୍ତୁ ଜାଣିବା କାହିଁକି ଆମ ପିତାମାତା ଏକ ବୋଝ ନୁହନ୍ତି ଏବଂ ସେମାନଙ୍କର ଯତ୍ନ ନେବା ଆମର ନୈତିକ କର୍ତ୍ତବ୍ୟ ।

ଆମ ଜୀବନର ଆଧାର - ଆମର ପିତାମାତା ଆମ ଅସ୍ତିତ୍ୱର ସ୍ତମ୍ଭ ହୋଇ ରହିଛନ୍ତି । ଆମେ ଜନ୍ମ ହେବା କ୍ଷଣରୁ, ସେମାନେ ଆମର କଲ୍ୟାଣ ସୁନିଶ୍ଚିତ କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ସେମାନେ ଆମର ଯତ୍ନ ନେବା, ଆମକୁ ଶିକ୍ଷିତ କରିବା ଏବଂ ଆମ ସ୍ୱପ୍ନକୁ ପୋଷଣ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ଅଗଣିତ ନିଦ୍ରାହୀନ ରାତି, ସେମାନେ ଦେଇଥିବା ବଳିଦାନ ଏବଂ ସେମାନେ ଦେଇଥିବା ଅତୁଟ ସମର୍ଥନ ଆମକୁ ଆଜି ଆମେ ଯାହା ତାହା ଗଠନ କରିଛି । ସେମାନଙ୍କର ଅବଦାନ ଅତୁଳନୀୟ, ଏବଂ ସେମାନଙ୍କର ପ୍ରେମ ଏବଂ ଯତ୍ନକୁ ସମ୍ମାନ ଏବଂ ପ୍ରତିଦାନ ଦେବା ଆମର ନୈତିକ କର୍ତ୍ତବ୍ୟ । ସାଂସ୍କୃତିକ ଏବଂ ନୈତିକ ଅପରିହାର୍ଯ୍ୟ -ସମଗ୍ର ବିଶ୍ୱରେ ଅନେକ ସଂସ୍କୃତି ନିଜ ପିତାମାତାଙ୍କୁ ସମ୍ମାନ ଏବଂ ଯତ୍ନ ନେବା ଉପରେ ଗୁରୁତ୍ୱ ଦେଇଥାଏ । ଏହା କେବଳ ଏକ ପରମ୍ପରା ନୁହେଁ ବରଂ ଏକ ଗଭୀର ନୈତିକ ମୂଲ୍ୟବୋଧ । ଉଦାହରଣ ସ୍ୱରୂପ, ଭାରତୀୟ ସଂସ୍କୃତିରେ, "ମାତୃ ଦେବ ଭବ, ପିତୃ ଦେବ ଭବ" ର ଧାରଣା ପିତାମାତାଙ୍କ ପ୍ରତି ଶ୍ରଦ୍ଧା ଉପରେ ଗୁରୁତ୍ୱ ଦେଇଥାଏ । ଏହି ସାଂସ୍କୃତିକ ନୈତିକତା ପିତୃଭକ୍ତିର ଗୁରୁତ୍ୱ ଏବଂ ପିତାମାତାଙ୍କ ପ୍ରତି ଆମର ନୈତିକ ଦାୟିତ୍ୱକୁ ରେଖାଙ୍କିତ କରେ ।

ନୈତିକ ଉତ୍ତରଦାୟିତ୍ୱ-ନୈତିକତା ଆମକୁ ଠିକ୍ ଏବଂ ଭୁଲର ନୀତି ଶିକ୍ଷା ଦିଏ, ଏବଂ ଆମର ପିତାମାତାଙ୍କ ଯତ୍ନ ନେବା କ'ଣ ଠିକ୍ ତାହା କ୍ଷେତ୍ର ମଧ୍ୟରେ ଥାଏ । ଆମର ପିତାମାତା ବୟସ ବଢ଼ିବା ସହିତ, ସେମାନଙ୍କୁ ଅଧିକ ଧ୍ୟାନ ଏବଂ ସମର୍ଥନ ଆବଶ୍ୟକ ହୋଇପାରେ । ସେମାନଙ୍କ ଆରାମ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ଆମର ନୈତିକ ଦାୟିତ୍ୱ । ଏହି ଦାୟିତ୍ୱ କେବଳ ଆର୍ଥିକ ସହାୟତା ପ୍ରଦାନ କରିବା ବିଷୟରେ ନୁହେଁ ବରଂ ଭାବପ୍ରବଣ ଏବଂ ଶାରୀରିକ ଯତ୍ନ ପ୍ରଦାନ କରିବା ବିଷୟରେ ମଧ୍ୟ । ଏହା ସେମାନଙ୍କ ପାଇଁ ସେଠାରେ ରହିବା ବିଷୟରେ, ଯେପରି ସେମାନେ ଆମ ପାଇଁ ଥିଲେ । ପାରସ୍ପରିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ମାନ ଏବଂ ପ୍ରେମ-ଆମ ପିତାମାତାଙ୍କୁ ଏକ ବୋଝ ଭାବରେ ଦେଖିବା ସମ୍ପର୍କର ପାରସ୍ପରିକ ପ୍ରକୃତି ବିଷୟରେ ବୁଝିବାର ଅଭାବରୁ ଉତ୍ପନ୍ନ ହୁଏ । ପ୍ରେମ ଏବଂ ସମ୍ମାନ ଉଭୟ ଦିଗରୁ ପ୍ରବାହିତ ହେବା ଉଚିତ୍ । ବୟସ ବଢ଼ିବା ସହିତ, ଆମର ପିତାମାତା ଅଧିକ ସାହାଯ୍ୟ ଆବଶ୍ୟକ କରିପାରନ୍ତି, କିନ୍ତୁ ଏହାକୁ କୃତଜ୍ଞତା ବ୍ୟକ୍ତ କରିବା ଏବଂ ସେମାନଙ୍କ ଦୟା ପ୍ରତିଦାନ ଦେବା ପାଇଁ ଏକ ସୁଯୋଗ ଭାବରେ ଦେଖିବା ଉଚିତ୍ । ପାରିବାରିକ ବନ୍ଧନକୁ ସୁଦୃଢ଼ କରିବା ଏବଂ ଚିରସ୍ଥାୟୀ ସ୍ମୃତି ସୃଷ୍ଟି କରିବାର ଏହା ଏକ ସୁଯୋଗ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର, ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋସିଆଲ୍ ମିଡ଼ିଆ

ମଧୁସ୍ମିତା ସାହୁ



ସୋସିଆଲ ମିଡ଼ିଆ ମାନେ ଆଜିକାଲିର ୟୁଟ୍ୟୁବ, ଫେସବୁକ, ଇନଷ୍ଟାଗ୍ରାମ, ଟୁଇଟର ହ୍ୱାଟ୍‌ସାପ ଇତ୍ୟାଦିକୁ ସୂଚିତ କରିଥାଏ ।

ମନୁଷ୍ୟ ସାମାଜିକ ପ୍ରାଣୀ ହିସାବରେ ସମସ୍ତଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟର ଏକ ଜରିଆ ଅଟେ । ଦେଶ ବିଦେଶରୁ ଫଟାଫଟ ଭାବେ ସଭିଙ୍କ ସହିତ ସୁସମ୍ପର୍କର ଆଦାନ ପ୍ରଦାନ ଖୁବ୍ ଚଳଚଞ୍ଚଳ କରିଥାଏ । ଯେଉଁ ବ୍ୟକ୍ତିବିଶେଷ ସୋସିଆଲ ମିଡ଼ିଆରେ ବହୁତ ଲୋକପ୍ରିୟ ହୋଇଥାଏ ତାକୁ ସମସ୍ତେ ପସନ୍ଦ କରିଥାଆନ୍ତି । କିଛି ଭଲ ଓ ମନ୍ଦର ମିଶ୍ରଣରେ ତିଆରି ହୋଇଥାଏ । କିଛି ଶିକ୍ଷଣୀୟ ତଥ୍ୟ ସବୁ ଜଣାଇଥାଏ, ଜ୍ଞାନ, ବିଜ୍ଞାନର ମହତ୍ୱ ଜାଣିବାକୁ ମିଳିବା ସହିତ ମନକୁ ପ୍ରଫୁଲ୍ଲ କରିଥାଏ ।

ବିଶ୍ୱବାସୀଙ୍କୁ ବନ୍ଧୁତ୍ୱ ସୂତ୍ରରେ ବାନ୍ଧି ରଖିଥିବା ସୋସିଆଲ ମିଡ଼ିଆରେ ଅନେକଙ୍କର ଦିନର ଅଧିକାଂଶ ସମୟ କଟିଯାଉଛି । ଏହାଦ୍ୱାରା ନିଜ ଅଜାଣତରେ ନିଜର କ୍ଷତି ହିଁ ହେଉଛି । ଲାପଟପ୍, ଟ୍ୟାବ୍, ମୋବାଇଲରେ ନୂଆ ନୂଆ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ଦିନରାତି ସେଥିରେ ବୁଡ଼ି ରହୁଛନ୍ତି ଅନେକେ । ବିଶେଷକରି ପାଠପଢୁଆ ପିଲାଙ୍କ ମଧ୍ୟରେ ସୋସିଆଲ ମିଡ଼ିଆ ବ୍ୟବହାର କରିବାର ପ୍ରବଣତା ଅଧିକ । ବିଭିନ୍ନ ସୋସିଆଲ ମିଡ଼ିଆ ଏକ ଅଦୃଶ୍ୟ ଦୁନିଆ । ଏଥିସହ ସଂଯୁକ୍ତ ଏମିତି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ବାସ୍ତବରେ ସଂସାରରେ ବି ନାହାନ୍ତି । ଅର୍ଥାତ୍ ଏମାନେ ଏକଦମ୍ ନକଲି । ଆଜିକାଲି ଅଧିକାଂଶ ପିଲା ନିଜର ମୋବାଇଲରେ ସବୁବେଳେ ଅନଲାଇନରେ ରହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଙ୍ଗ ସହ ଅଯଥା ଚାଟିଂରେ ସମୟ ନଷ୍ଟ କରୁଛନ୍ତି । ଦିନର ପ୍ରାୟ ଅଧାଅଧି ସମୟ କଟିଯାଉଛି ସୋସିଆଲ ମିଡ଼ିଆରେ । ବୃତ୍ତିଗତ ଶିକ୍ଷାରେ ପାଠପଢୁଥିବା ପିଲାମାନେ ସୋସିଆଲ ମିଡ଼ିଆର ଭରପୂର ଫାଇଦା ନେବା କଥା । ହେଲେ ଅଧିକାଂଶ ପିଲା ଏହି ସାଇଟ୍‌ରେ ପାଠ ଓ କ୍ୟାରିୟର କଥା ଆଦାନ ପ୍ରଦାନ କରିବା ବଦଳରେ ଅନ୍ୟ ଖରାପ କଥାରେ ବ୍ୟସ୍ତ ରହୁଛନ୍ତି । ଏଥିପ୍ରତି ସଜାଗ ନ ହେଲେ ଏହା ପିଲାଙ୍କ ସୁନେଲି ଭବିଷ୍ୟତ ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଛି । ଏହା ବିବିଧ ଭଲ ଭିତରେ ମଣିଷ ନିଜ ପାଇଁ ସୃଷ୍ଟି କରୁଛି ବହୁ ଭେଲ ।

ଅଧିକାଂଶ ସୋସିଆଲ ନେଟୱର୍କିଂ ସାଇଟ୍ ଏକ ଅବାସ୍ତବ ଦୁନିଆରେ ବଞ୍ଚିବା ଶିଖାଇ ଥାଏ । ନିଜ ଜୀବନର ଅପ୍ରାସଙ୍ଗିକ ବିଷୟଗୁଡ଼ିକୁ ନେଇ ଭାବିବାକୁ ଏକ ପ୍ରକାର ବାଧ୍ୟ କରିଥାଏ । ସବୁବେଳେ ନିଜକୁ ଏକ ଅଦୃଶ୍ୟ ବା ଅବାସ୍ତବ ଦୁନିଆରେ ଆବଦ୍ଧକରି ରଖିବା ଫଳରେ ନାନା ମାନସିକ ଓ ଶାରୀରିକ ସମସ୍ୟା ଦେଖାଦିଏ । ବାରମ୍ବାର ମୋବାଇଲ ଦେଖିବା, ସୋସିଆଲ ନେଟୱର୍କିଂ ସାଇଟ୍‌ର ନୋଟିଫିକେଶନ୍ ଚେକ୍ କରିବା, ଷ୍ଟାଟସ୍ ଅପଡେଟ୍ ଆଦି ଫଳରେ ମାନସିକ ଅସ୍ଥିରତା ବୃଦ୍ଧିପାଇବା, ମେଦବୃଦ୍ଧି ସହିତ ହାର୍ଟବିଟ୍ କମ୍ ହେବା ଓ ନିଦ୍ରାହୀନତା ସମସ୍ୟା ସୃଷ୍ଟି କରିଥାଏ । ବେକମୂଳ ଦରଜ, ଅଣ୍ଟା ବିନ୍ଧା, ଆଖି ପୋଡ଼ାଜଳା, ଜଏଣ୍ଟ ପେନ୍, ଟେନିସ୍ ଏଲ୍‌ବୋ ଭଳି ସମସ୍ୟା ଉପୁଜିଥାଏ ।

ବିଭିନ୍ନ ସୋସିଆଲ ସାଇଟ୍‌ରେ ଲାଇକ୍, କମେଣ୍ଟ ଓ ଲମ୍ବି ଚାଲିଥିବା ବନ୍ଧୁ ତାଲିକା ହିଁ ସମାଜର ପରିଭାଷା ପାଲଟିଛି । ସହରାଞ୍ଚଳରେ ସାଇପଡ଼ିଶାଙ୍କ ସହ କଥା ହେବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ । ଏପରିକି ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ସହ କଥା ହେବାକୁ ଯେମିତି ସମୟ ନାହିଁ । କାରଣ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ୍ ଆଦିରେ ବ୍ୟସ୍ତ ରହୁଛୁ ଆମେ । ନୂଆ ନୂଆ ବିଜ୍ଞାନ ବା ଟେକ୍ନୋଲୋଜିର ବହୁଳ ବ୍ୟବହାର ଆମକୁ ଅନ୍ତର୍ମୁଖୀ ହେବାକୁ ବାଧ୍ୟ କରୁଛି । ଧୀରେ ଧୀରେ ସମାଜଠାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେ ଦୂରେଇ ଯାଉଛେ । ମନୋବିଜ୍ଞାନୀଙ୍କ ମତରେ, ସୋସିଆଲ୍ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ସମ୍ପର୍କ ଉପରେ ଏହାର କୁପ୍ରଭାବ ପଡୁଛି ।

କଲେଜପଢୁଆ ପିଲାଙ୍କ ଲାଗି ସୋସିଆଲ ନେଟ୍‌ୱର୍କ ପାଲଟିଛି ନିଶା । ଆଧୁନିକ ପିଢ଼ି ନିଜ ଆଖପାଖରେ ଥିବା ସମପିଢ଼ିଙ୍କ ସହ ବନ୍ଧୁତା ରଖିବାକୁ ପସନ୍ଦ କରୁନାହାନ୍ତି । କିନ୍ତୁ ସୋସିଆଲ ମିଡ଼ିଆରେ ଦୂରଦୂରାନ୍ତର ଅଜଣା ପିଲା ସହ ବନ୍ଧୁତା କରୁଛନ୍ତି । ଏହି ଅଜଣା ଅର୍ବାଚୀନ ବନ୍ଧୁଙ୍କ ସହ ଫଟୋ, ଭିଡିଓ ତଥା ଜୀବନର ବ୍ୟକ୍ତିଗତ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଶେୟାର କରିବା ସହ ପସନ୍ଦ, ନାପସନ୍ଦ ଓ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ସେମାନେ ବିନା ଦ୍ୱିଧାରେ ପରସ୍ପର ମଧ୍ୟରେ ବାଣ୍ଟୁଛନ୍ତି, ଫଳରେ ସେମାନେ ଅନାୟାସରେ ଠକାମିରେ ପଡୁଛନ୍ତି ।

ଅନେକ ଝିଅ ସୋସିଆଲ ମିଡ଼ିଆରେ ବନ୍ଧୁତା କରି ନିଜର ଭିଡ଼ିଓ ଓ ଫଟୋଗ୍ରାଫ୍ ଦିଆନିଆ କରିବା ପରେ ଜାଣୁଛନ୍ତି ଯେ, ସେମାନେ ଯାହା ସହିତ ବନ୍ଧୁତା କରିଥିଲେ, ତାହା ଏକ ଫେକ୍ ଆଇଡି ବା ସେମିତି କେହି ଲୋକ ହିଁ ନାହାନ୍ତି । ହେଲେ ଶେୟାର କରିଥିବା ନିଜର ବ୍ୟକ୍ତିଗତ ଫଟୋ ବା ଭିଡ଼ିଓ ଏଡିଟ୍ ହୋଇ ବିଭିନ୍ନ ସୋସିଆଲ ସାଇଟ୍‌ରେ ନଗ୍ନଚିତ୍ର ଭାବେ ପ୍ରଦର୍ଶିତ ହୋଇଛି । ଏମିତି ଘଟଣା ବାରମ୍ବାର ଘଟୁଛି, ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ।

କେହି କେହି ସୋସିଆଲ୍ ମିଡ଼ିଆରେ ଅପଡେଟ୍ ରହିବାକୁ ଯାଇ ନିଜ ଜୀବନର ସତ ଖୁସିଠାରୁ ଦୂରେଇ ଯାଉଛନ୍ତି । ଆମ ଭିତରୁ ଅଧିକାଂଶ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ କିମ୍ବା ବିଭିନ୍ନ ଉତ୍ସବ ଓ ପୂଜାପର୍ବରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିବା ନିଶାରେ ଏତେ ନିମଗ୍ନ ରହୁଛନ୍ତି ଯେ, ସେହି ପରିବେଶର ପ୍ରକୃତ ଖୁସି ଉପଭୋଗ କରିପାରୁ ନାହାନ୍ତି । ନିଜର ଷ୍ଟାଟସ୍ ଅପଡେଟ କରିବାକୁ ଯାଇ ଅନେକେ ନିଜର ଖୁସିକୁ ଅଧାରେ ଛାଡ଼ି ଆସୁଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋସିଆଲ ସାଇଟରେ ବ୍ୟକ୍ତିଗତ ଜୀବନ ଓ କଥାକୁ ସର୍ବସାଧାରଣ ଆଗରେ ଉପସ୍ଥାପନ କରିବା ଦ୍ୱାରା ବେଳେବେଳେ ବିବାଦ ଉପୁଜିବା ଦେଖାଦିଏ । ପୁଣି ଯୁବପିଢ଼ି ସୋସିଆଲ ମିଡ଼ିଆରେ ଯୋଡ଼ି ହେବାକୁ ଷ୍ଟାଟସ୍‌ସିମ୍ବଲ୍ ବୋଲି ଭାବୁଛନ୍ତି । ସେମାନଙ୍କ ମତରେ, ଏସବୁରେ ନଥିବା ଲୋକ ପୁରୁଣାକାଳିଆ ବା ଆଉଟ୍ ଡେଟେଡ୍ । ଯୁବପିଢ଼ି ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ଚିଡ଼ିଚିଡ଼ା ସ୍ୱଭାବର ହୋଇଯାଉଛନ୍ତି । କ୍ରୋଧୀ ପାଲଟି ଯାଉଛନ୍ତି । ଫଳରେ ପ୍ରକୃତ ବନ୍ଧୁମାନଙ୍କ ସହ ସମ୍ପର୍କ ବିଗିଡ଼ି ଯାଉଛି ।

ସାଇବର୍ ନିଶା କାରଣରୁ ଯୁବଗୋଷ୍ଠୀଙ୍କ ମନରେ ଅପରାଧ ଭାବନା ଜାଗିଉଠୁଛି । ଉଗ୍ରବାଦ, ଆତଙ୍କବାଦର ପ୍ରଚାରରେ ମଧ୍ୟ ମୁଖ୍ୟ ମାଧ୍ୟମ ସାଜିଛି ସୋସିଆଲ୍ ମିଡ଼ିଆ । ଅପରାଧପ୍ରବଣ ଲୋକ ଏହାକୁ ମାଧ୍ୟମ କରି ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ସହଜରେ କରିପାରୁଛି । ଠିକ୍ ସେମିତି କିଛି ନକାରାତ୍ମକ ଲୋକଙ୍କ ପାଇଁ ନଗ୍ନ ଫଟୋ, ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ସୋସିଆଲ ମିଡ଼ିଆରେ ।

ଫେସ୍‌ବୁକ୍, ଟୁଇଟର୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରାୟତଃ ଭ୍ରମାତ୍ମକ ତଥ୍ୟ ପ୍ରକାଶ ପାଇଥାଏ । ଏକ ଆକଳନରୁ ଜଣାପଡ଼େ ଯେ, ସତ୍ୟ ବା ଠିକ୍ ତଥ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ମାତ୍ର ଶତକଡ଼ା ୧୮ ଭାଗ । ପୁଣି ମିଥ୍ୟା ବା ଭୁଲ ତଥ୍ୟ ଦେବାରେ ମହିଳାଙ୍କଠାରୁ ପୁରୁଷ ଆଗୁଆ । ୪୩ ଭାଗ ପୁରୁଷ ଭୁଲ ତଥ୍ୟ ପ୍ରଦାନ କରୁଥିବା ଜଣାଯାଏ । ଅନ୍ୟମାନଙ୍କୁ ପ୍ରଭାବିତ କରିବା ତଥା ନିଜ ଆଡକୁ ଅଧିକ ଆକର୍ଷିତ କରିବା ପାଇଁ ବ୍ୟବହାରକାରୀ ଏପରି କରନ୍ତି ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି ।

ଅପବ୍ୟବହାରରୁ ବର୍ତ୍ତିବା ପାଇଁ ଦରକାର କେବଳ ନିଜ ଉପରେ ନିୟନ୍ତ୍ରଣ । କିପରି ଓ କେତେ ସମୟ ବ୍ୟବହାର କଲେ ତାହା ମନ ଓ ସ୍ୱାସ୍ଥ୍ୟ ପ୍ରତି ଠିକ୍‌ରହିବ, ତାହା ନିର୍ଭର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରେ ନିଜର ମାନସିକତା ଉପରେ । ଯେ କୌଣସି ଜିନିଷର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଛି । ତେବେ ଏହାକୁ କେଉଁ ଭାବରେ ବ୍ୟବହାର କରିବେ, ତାହା ନିଜର ଦାୟିତ୍ୱ ହେବା ଉଚିତ । ସୋସିଆଲ ମିଡ଼ିଆର ଅପବ୍ୟବହାର ବହୁ ଅସୁବିଧାରେ ପକାଇପାରେ । ତେଣୁ ଭାବିଚିନ୍ତି ଏହାର ଉପଯୋଗ କରିବା ଉଚିତ ।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋବାଇଲ ଫୋନ -୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଧ୍ୟମିକ ପରୀକ୍ଷା ପରିଚାଳନା

ସଞ୍ଜୀବ୍ କୁମାର ଦାସ



ଶିକ୍ଷା ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏହି ପ୍ରବନ୍ଧରେ ପ୍ରୟାସ କରିଛୁ । ଦଶମ ଶ୍ରେଣୀ ବାର୍ଷିକପରୀକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ସେମାନଙ୍କ ପାଇଁ ଏକ ମାଇଲ ଖୁଣ୍ଟ ସଦୃଶ । ଏହା ମଧ୍ୟ ସେମାନଙ୍କ କ୍ୟାରିୟର ଗଢିବା ପାଇଁ ଜୀବନର ପ୍ରଥମ ପାହାଚ ଭଳି । ଦେଶର ଅନେକ ପ୍ରାନ୍ତରେ ପ୍ରାୟ ପ୍ରତ୍ୟେକ ବର୍ଷ ଏହି ପରୀକ୍ଷା ପରିଚାଳନା ସମୟରେ ଗମ୍ଭୀର ତ୍ରୁଟି ପରିଲକ୍ଷିତ ହୋଇଥାଏ । ଏତାଦୃଶ ଘଟଣାର କାରଣ ଓ ନିରାକରଣ ଖୋଜି ବାହାର କରିବା କର୍ତ୍ତୃପକ୍ଷଙ୍କ ପ୍ରଥମ ଦାୟିତ୍ୱ ହେବ ବିଧେୟ ।

ଦେଶରେ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ପରିଚାଳନା ପାଇଁ ସାଧାରଣତଃ ଏକ ଷ୍ଟାଣ୍ଡାର୍ଡ ପ୍ରୋସିଜିଓର ବା ମାନକ ପ୍ରକ୍ରିୟା ଅନୁସରଣ କରାଯାଏ, ଯେଉଁଥିରେ ଅନ୍ତର୍ଭୁକ୍ତ ଥାଏ ପାଠ୍ୟକ୍ରମ ସ୍ଥିର କରିବା, ପ୍ରଶ୍ନପତ୍ର ପ୍ରସ୍ତୁତ କରିବା, ପରୀକ୍ଷା କେନ୍ଦ୍ର ନିଯୁକ୍ତ କରିବା, ପର୍ଯ୍ୟବେକ୍ଷକ ନିଯୁକ୍ତି କରିବା, ନିର୍ଦ୍ଦିଷ୍ଟ ସମୟରେ ପରୀକ୍ଷା ପରିଚାଳନା କରିବା, ଉତ୍ତର ପତ୍ର ସଂଗ୍ରହ କରିବା, ମୂଲ୍ୟାୟନ କରିବା ଏବଂ ଫଳାଫଳ ପ୍ରକାଶ କରିବା ଇତ୍ୟାଦି । ଏସବୁ କାର୍ଯ୍ୟବିଧି ଭାରତର କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ପାଇଁ ସିବିଏସଇ ବା ଆଇସିଏସଇ ପରି ଜାତୀୟ ଶିକ୍ଷାବୋର୍ଡ ଦ୍ୱାରା ପ୍ରାୟତଃ ତଦାରଖ କରାଯାଉଥିବା ବେଳେ ପ୍ରଦେଶ ମାନଙ୍କରେ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହୁଏ । ବୋର୍ଡମାନଙ୍କର ଗୁରୁ ଦାୟିତ୍ୱ ଥାଏ ପରୀକ୍ଷା ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ପାଇଁ ସ୍ଥିରୀକୃତ କଠୋର ନିର୍ଦ୍ଦେଶାବଳୀ ପାଳନ କରିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ପରିଚାଳନାର ପ୍ରମୁଖ ଦିଗଗୁଡ଼ିକ ହେଲା ପାଠ୍ୟକ୍ରମ ଅନୁଯାୟୀ ପରୀକ୍ଷା କରିବା । ଏହା ଦେଶର ଶିକ୍ଷାଗତ ମାନଦଣ୍ଡ ଉପରେ ଆଧାରିତ ହେବା ବିଧେୟ । ପ୍ରଶ୍ନପତ୍ର ପ୍ରସ୍ତୁତିକରଣ ସମୟରେ ବିଭିନ୍ନ ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରିବା ପାଇଁ ବିବିଧ ପ୍ରଶ୍ନ ପ୍ରକାର ଯଥା ବହୁବିକ ପସନ୍ଦ, ସଂକ୍ଷିପ୍ତ ଉତ୍ତର ଏବଂ ପ୍ରବନ୍ଧ ଉପରେ ସମାନ ଭାବେ ଗୁରୁତ୍ୱ ପ୍ରଦାନ କରିବା । ଏହାବାଦ ଗ୍ରେଡ୍ ସ୍ତର ପାଇଁ ଉପଯୁକ୍ତ ମୂଲ୍ୟାଙ୍କନ କରିବା । ପ୍ରଶ୍ନପତ୍ର ଲିକ୍ ଏବଂ ଠକେଇ ଭଳି ଭୁଲକୁ ରୋକିବା ପାଇଁ ଉଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା । ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ସ୍ଥାନ ଚୟନ କରିବା ।

ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା । ପରୀକ୍ଷା ପ୍ରକ୍ରିୟା ତଦାରଖ କରିବା ପାଇଁ ଯୋଗ୍ୟ ଶିକ୍ଷକମାନଙ୍କୁ ପରିଦର୍ଶକ ଭାବରେ ନିଯୁକ୍ତି କରିବା । ପରୀକ୍ଷା ପରିଚାଳନା ସମ୍ପର୍କରେ ପରୀକ୍ଷକମାନଙ୍କୁ ସ୍ୱଷ୍ଟ ନିର୍ଦ୍ଦେଶ ଏବଂ ମାର୍ଗଦର୍ଶିକା ପ୍ରଦାନ କରିବା । ପରୀକ୍ଷା ଦିନ ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ସଠିକ ଭାବେ ଯାଞ୍ଚ କରିବା । ସଠିକତା ସୁନିଶ୍ଚିତ କରିବା ପାଇଁ ଉତ୍ତର ପତ୍ରର ଦୁଇଥର ଯାଞ୍ଚ । ଗ୍ରେଡିଂରେ ସ୍ଥିରତା ବଜାୟ ରଖିବା ପାଇଁ ମଡରେସନ ପାଇଁ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା । ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଫଳାଫଳ ସମୟସୀମା ଭିତରେ ପ୍ରକାଶନ କରି ଅବଗତ କରାଇବା । ବିଷୟ ଅନୁଯାୟୀ ସ୍କୋର ସହିତ ବିସ୍ତୃତ ମାର୍କସିଟ୍ ପ୍ରଦାନ କରିବା ।

ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ଉଲ୍ଲିଖିତ ମାର୍ଗ ଦର୍ଶନ ସବୁ ବୋର୍ଡ କର୍ମକର୍ତ୍ତାଙ୍କ ପାଇଁ ନିହାତି ଅପରିହାର୍ଯ୍ୟ । କିନ୍ତୁ ଅନେକ ସମୟରେ ସେଗୁଡିକର ଅନୁପାଳନ ସଠିକ ଭାବେ ହୋଇ ପାରୁ ନ ଥିବାରୁ ବିଭ୍ରାଟର ସୂତ୍ରପାତ ହେଉଛି । ଏ ବିଷୟରେ ଓଡିଶା କଥା ଚିନ୍ତା କରାଯାଇପାରେ । ପୂର୍ବରୁ ପରୀକ୍ଷାକେନ୍ଦ୍ର ମାନଙ୍କରେ ବହୁଳ କପି, ପ୍ରଶ୍ନପତ୍ର ଲିକ ଠାରୁ ଆରମ୍ଭ କରି ମୂଲ୍ୟାୟନ ସମ୍ବନ୍ଧିତ ଅନେକ ସମସ୍ୟାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷା ବିଭାଗକୁ ସମାଲୋଚନାର ଶରବ୍ୟ ହେବାକୁ ପଡିଛି । ପରିବର୍ତ୍ତିତ ସମୟରେ ପରୀକ୍ଷା ପଦ୍ଧତିରେ ସୁଧାର ଆଣିବା ପାଇଁ ଅନେକ ପଦକ୍ଷେପ ନିଆ ଯାଇଛି । କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ଯେ ଚଳିତ ମାଟ୍ରିକ ପରୀକ୍ଷାରେ ବିଜ୍ଞାନ ପ୍ରଶ୍ନ ପତ୍ରର ଏକ ସେଟରେ ସ୍ୱଳ୍ପ ଉତ୍ତର ସମ୍ବନ୍ଧିତ ପ୍ରଶ୍ନଟିଏ (୪ ମାର୍କର) କେମିତି ଉଭାନ ହୋଇଯାଇଛି । ଏହା ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ଏଭଳି ସ୍ପର୍ଶକାତର ବିଷୟ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ବୋର୍ଡ କର୍ତ୍ତୃପକ୍ଷ ପ୍ରଶ୍ନଟି ସ୍ଥାନିତ ହୋଇ ପାରିନ ଥିବାରୁ ଗ୍ରେସ ମାର୍କ ଦିଆଯିବ ବୋଲି ଘୋଷଣା କରିଛନ୍ତି ।

ଆଲୋଚିତ ପ୍ରସଙ୍ଗଟି ଅତ୍ୟନ୍ତ ସ୍ପର୍ଶକାତର, ଏକଥା ଆମେ ସମସ୍ତେ ସ୍ୱୀକାର କରିବା । ଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ପରୀକ୍ଷା ପରିଚାଳନା ପ୍ରକ୍ରିୟାର ପ୍ରତ୍ୟେକଟି ଅଂଶ ଗୁରୁତ୍ୱପୂର୍ଣ୍ଣ । ଲିପିବଦ୍ଧ ନିୟମାବଳୀର ଅନୁପାଳନ ତତୋଧିକ । ତା ନହେଲେ ମାଧ୍ୟମିକ ଶିକ୍ଷାବୋର୍ଡ ପ୍ରତିବର୍ଷ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ବାର୍ଷିକ ପରୀକ୍ଷା ସୁଚାରୁରୂପେ ସମ୍ପାଦନ କରିପାରିବେ ନାହିଁ । ଉପଲବ୍ଧ ତଥ୍ୟ ଅନୁଯାୟୀ ପ୍ରତ୍ୟେକ ବର୍ଷ ୫ ଲକ୍ଷରୁ ଅଧିକ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି । ଏହି ସଂଖ୍ୟା ଚଳିତ ବର୍ଷ ୫ ଲକ୍ଷ ୨୨ ହଜାରରୁ ଅଧିକ ଥିବା ବେଳେ ବିଗତ ୪ ବର୍ଷର ପରିସଂଖ୍ୟାନ ହେଉଛି ୨୦୨୧ରେ ୫.୭୪ ଲକ୍ଷ, ୨୦୨୨ରେ ୫.୨୭ ଲକ୍ଷ, ୨୦୨୩ରେ ୫.୨୨ ଲକ୍ଷ ଏବଂ ୨୦୨୪ରେ ୫.୪୧ ଲକ୍ଷ । ନିଶ୍ଚିତଭାବେ ଏତେ ସଂଖ୍ୟକ ପରୀକ୍ଷାର୍ଥୀଙ୍କ ପରିଚାଳନା କଷ୍ଟକର କାର୍ଯ୍ୟ ରୂପେ ପରିଗଣିତ ହୋଇଥାଏ । ତେବେ ଏବର୍ଷ କେଉଁ କାରଣ ଯୋଗୁଁ ୧୦ ହଜାରରୁ ଅଧିକ ଛାତ୍ର ଛାତ୍ରୀ ପରୀକ୍ଷା ଦେବାକୁ ଆସିଲେ ନାହିଁ ତାହା ଜଣା ପଡିନାହିଁ । ଏହାର ନିରପେକ୍ଷ ସମୀକ୍ଷା ହେବା ଆବଶ୍ୟକ ।

ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପରୀକ୍ଷାର ସୁପରିଚାଳନା ପାଇଁ ସମଗ୍ର ୩୦ଟି ଜିଲ୍ଲାରେ ୩,୧୩୩ଟି ପରୀକ୍ଷା କେନ୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଲା ଯାଇଥିବା ବେଳେ ୩୧୪ଟି ନୋଡାଲ କେନ୍ଦ୍ର କାର୍ଯ୍ୟରତ ଥିଲା । ପରୀକ୍ଷା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିସିଟିଭି ନିରୀକ୍ଷଣ, କ୍ୱିଉ ଆର କୋଡେଡ୍ ପ୍ରଶ୍ନପତ୍ର ଏବଂ ଫ୍ଲାଇଂ ସ୍କ୍ୱାଡ୍ ଅନ୍ତର୍ଭୁକ୍ତ । ଫଳସ୍ୱରୂପ, ପରୀକ୍ଷାରେ ଅସାଧୁ ଆଚରଣ ଯୋଗୁଁ ୧୧ ଜଣ ଛାତ୍ର ଧରାପଡ଼ିଥିଲେ । ଦ୍ୱିତୀୟତଃ, ଭାଷା ପରୀକ୍ଷା ସମୟରେ ଅସାଧୁ ଉପାୟରେ ଉତ୍ତର ଲେଖିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଛାତ୍ରମାନଙ୍କୁ ଏ ଆଇ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ଦ୍ୱାରା ଚିହ୍ନଟ କରାଯାଇଥିଲା । ସେ ଦୃଷ୍ଟିରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ । କଥା ହେଉଛି ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରଛାତ୍ରୀ ଅଥବା ଏଥିରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ଆଖିଦୃଶିଆ ଦଣ୍ଡ ବିଧାନ ବ୍ୟବସ୍ଥା ହେବା ଦରକାର । ପରୀକ୍ଷାକୁ ଅପେକ୍ଷାକୃତ ଅଧିକ ସ୍ୱଚ୍ଛ କରିବା ପାଇଁ 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରିବାକୁ ପଡିବ ।

ଏପଟେ ପ୍ରଶ୍ନପତ୍ରରେ ତ୍ରୁଟି କର୍ତ୍ତୃପକ୍ଷଙ୍କୁ କିଛିଟା ଅଡୁଆରେ ପକାଇଛି । ପ୍ରଥମତଃ, ବିଜ୍ଞାନ ପ୍ରଶ୍ନର 'ସି' ସେଟରେ ୪ ମାର୍କର ପ୍ରଶ୍ନଟିଏ ବାଦ ପଡିଥିବାରୁ କର୍ତ୍ତୃପକ୍ଷ 'ଗ୍ରେସ ମାର୍କ' ଦେବାପାଇଁ ସିଦ୍ଧାନ୍ତ ନେଇଛନ୍ତି । ଦ୍ୱିତୀୟତଃ, ଧନ୍ଦାମୂଳକ ପାଠ୍ୟକ୍ରମରେ ପାଠ୍ୟଖସଡା ବହିର୍ଭୁତ ୯୦ ପ୍ରତିଶତ ପ୍ରଶ୍ନ ଆସିଥିବାରୁ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଇଲେକ୍ଟ୍ରୋନିକ ଓ ହାର୍ଡୱେୟାର ବିଷୟରେ ମୋଟ ୫୦ ମାର୍କ ପ୍ରସନରୁ ୪୩ ମାର୍କ ପୂର୍ବବର୍ଷ ସିଲାବସ ରୁ ଆସିଥିବା ଜଣାପଡିଥିଲା । ଉପରୋକ୍ତ ଘଟଣାରେ ଅକ୍ଷମଣୀୟ ତ୍ରୁଟି ବିଚ୍ୟୁତି ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ସେହି ପରିପ୍ରେକ୍ଷୀରେ କିଛି ସଂଶୋଧନାତ୍ମକ ପଦକ୍ଷେପ ଉପରେ ଆଲୋକପାତ କରାଯାଇପାରେ ।

ସମୟ ଥିଲା ଯେତେବେଳେ ପରୀକ୍ଷା କେନ୍ଦ୍ରରେ ଅକଳ୍ପନୀୟ ବିଶୃଙ୍ଖଳା ପରିଲକ୍ଷିତ ହେଉଥିଲା । କେତେକ ବଛା ବଛା ପରୀକ୍ଷା କେନ୍ଦ୍ରକୁ ଛାଡିଦେଲେ (ପ୍ରତିଷ୍ଠିତ ଉଚ୍ଚ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ହେଉଥିବା ପରୀକ୍ଷା କେନ୍ଦ୍ର) ଗାଁ ଗହଳିର ପରୀକ୍ଷା କେନ୍ଦ୍ରର (ଯେଉଁଠି ସୁରକ୍ଷା ବ୍ୟବସ୍ଥା ଅତି ନୈରାଶ୍ୟଜନକ - ଅନୁଷ୍ଠାନରେ ପାଚେରୀ ନ ଥିବା ପରିବେଶ) ଦୃଶ୍ୟ କୌଣସି ମେଳା ମଉଛବଠାରୁ କମ ନ ଥିଲ । ଯିଏ ପାରୁଥିଲା ପରୀକ୍ଷା କେନ୍ଦ୍ରେ ଅବାଧରେ ପ୍ରବେଶ କରି ପିଲାଙ୍କୁ କପି ଯୋଗାଉଥିଲେ, ଏମିତିକି ଉତ୍ତର ଖାତାରେ ଲେଖି ଦେଉଥିଲେ । ନିଯୁକ୍ତ ପର୍ଯ୍ୟବେକ୍ଷକ ଏବଂ କେନ୍ଦ୍ର ଅଧୀକ୍ଷକ କେବଳ ନିରବଦ୍ରଷ୍ଟା ସାଜୁ ଥିଲେ । ସ୍ଥଳ ବିଶେଷରେ କିଛି କିଛି ପରୀକ୍ଷା କେନ୍ଦ୍ରକୁ ରଦ୍ଦ କରାଯାଉଥିଲା ।

ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଅନୁମୋଦିତ ଅବଶ୍ୟ ସେହିପରି କିଛି ସମୟୋଚିତ  ପ୍ରଗତିଶୀଳ ପଦକ୍ଷେପ ପରୀକ୍ଷାରେ ପାରଦର୍ଶିତା ଆଣିବାରେ ସହାୟକ ହୋଇପାରିଛି ।

ପରୀକ୍ଷା ପ୍ରଶ୍ନରେ ତ୍ରୁଟି ସୁଧାରିବା ପାଇଁ କିଛି ପ୍ରସ୍ତାବ କର୍ତ୍ତୃପକ୍ଷଙ୍କ ବିଚାର ପାଇଁ ଉପସ୍ଥାପନ କରୁଛୁ ।ଚୂଡାନ୍ତ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା କମିଟି ପ୍ରଶ୍ନ ପତ୍ର ଛପାଯିବା ପରେ ଗୋଟିଏ ନମୁନା ପ୍ରଶ୍ନ ସେଟ୍ କୁ ତନ୍ନ ତନ୍ନ କରି ଯାଞ୍ଚ କରିବେ । ସେଥିରେ କିଛି ତ୍ରୁଟି ବିଚ୍ୟୁତି ରହିଥିଲେ ତାହାର ସଂଶୋଧନ କରାଯାଇ ଆବଶ୍ୟକ ପ୍ରଶ୍ନପତ୍ର ଛପାଯିବାକୁ ଅନୁମୋଦନ ଦିଆଯିବ । ଏହିପରି ସବୁ ବିଷୟର ପ୍ରଶ୍ନପତ୍ରର ସେଟ ଗୁଡିକର ଯାଞ୍ଚ କରାଯିବ ଏବଂ ସମୁଦାୟ ପ୍ରଶ୍ନପତ୍ର ଛପାଯିବ । ଫଳତଃ,ପରୀକ୍ଷା ସମୟରେ ନିର୍ଭୁଲ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ବଣ୍ଟା ଯାଇ ପାରିବ । ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସତ୍ତ୍ୱେ ସମୟ ସମୟରେ ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ପରୀକ୍ଷା ପରିଚାଳନାରେ ସମସ୍ୟା ସୃଷ୍ଟି କରୁଛି । ଏହାର ଅନ୍ୟ ଏକ ବିକଳ୍ପ ଉପରେ ଦୃଷ୍ଟି ଦିଆଯାଇପାରେ ।

ଏହି ପ୍ରକ୍ରିୟାରେ ସବୁ ବିଷୟର ପ୍ରଶ୍ନପତ୍ର ଛାପିବାର ଆବଶ୍ୟକତାକୁ ଏଡାଇ ଦିଆଯାଇପାରିବ । ନିର୍ଭୁଲ ଅନୁମୋଦିତ ପ୍ରତ୍ୟେକ ପ୍ରଶ୍ନପତ୍ରକୁ (ସବୁ ସେଟ ସହିତ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରୀକ୍ଷା ଦିନ ବୋର୍ଡର କେନ୍ଦ୍ରୀୟ କାର୍ଯ୍ୟାଳୟରୁ ସବୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଆରମ୍ଭର ଦୁଇ ବା ଅଢେଇ ଘଣ୍ଟା ପୂର୍ବରୁ ଇଣ୍ଟର୍ନେଟ ଜରିଆରେ ପଠାଯିବାର ବ୍ୟବସ୍ଥା କରାଯିବ । ସେଠାରେ ସମ୍ବନ୍ଧିତ ସମସ୍ତ ଅଧିକାରୀ ଉପସ୍ଥିତ ରହିବେ । ଅନ୍ୟପଟେ ପରୀକ୍ଷା କେନ୍ଦ୍ରରେ ଅଧୀକ୍ଷକଙ୍କ ସମେତ ସବୁ ପରୀକ୍ଷା ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଣ୍ଟର୍ନେଟରୁ ପ୍ରଶ୍ନ ଡାଉନଲୋଡ଼ କରାଯାଇ ପ୍ରଶ୍ନପତ୍ର ପ୍ରିଣ୍ଟ କରାଯିବ । ଯଦି କୌଣସି କାରଣ ବଶତଃ ପୁନଶ୍ଚ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୁଏ,କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉପସ୍ଥିତ ପ୍ରଶ୍ନ ପ୍ରସ୍ତୁତକାରୀ କମିଟିର ସଦସ୍ୟମାନେ ତତ୍‌କ୍ଷଣାତ  ସେହି ପ୍ରଶ୍ନଟିକୁ ଠିକ କରାଇପାରିବେ ଏବଂ ପରୀକ୍ଷା କେନ୍ଦ୍ରକୁ ନିର୍ଦ୍ଦେଶ ଦେବେ ।

ଏକ ଆକଳନ ଅନୁଯାୟୀ ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ହାରାହାରି ପ୍ରଶ୍ନପତ୍ରର ଆବଶ୍ୟକତା ୨୦୦ ପାଖାପାଖି । ତେଣୁ ସେତିକି ପ୍ରଶ୍ନପତ୍ର ଛପିବାରେ ସେଭଳି କୌଣସି ସମସ୍ୟା ହେବ ନାହିଁ । ଏହି ବିକଳ୍ପ ଅନୁସରଣ କରିବା ଫଳରେ ପ୍ରଶ୍ନ ପତ୍ର ମହଜୁଦ ରଖିବା ପାଇଁ ନୋଡାଲ କେନ୍ଦ୍ରର ଆବଶ୍ୟକତା ଏବଂ ତତଜନିତ ଖର୍ଚ୍ଚ ଯଥା ପରିବହନ, ସୁରକ୍ଷା ଗାର୍ଡ ଏବଂ ନୋଡାଲ କେନ୍ଦ୍ରରେ କଡା ପହରା ବାବଦ ବ୍ୟୟ ଭାରକୁ ହ୍ରାସ କରାଯାଇପାରିବ । କେବଳ ସବୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିବସ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ।

ଆଉ ଏକ ସମସ୍ୟା ହେଉଛି ଭୁଲ ପ୍ରଶ୍ନ ଅଥବା କୌଣସି ଏକ ପ୍ରଶ୍ନ ବାଦ ପଡିବା ପ୍ରସଙ୍ଗରେ ଗ୍ରେସ ମାର୍କ ପ୍ରଦାନ ବ୍ୟବସ୍ଥାର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ଗ୍ରେସ ମାର୍କ ପ୍ରଦାନ ଆଦୌ ଗ୍ରହଣୀୟ ନୁହେଁ କାରଣ ଏହା ମେଧାବୀ ଛାତ୍ର ଛାତ୍ରୀଙ୍କ ମନରେ ଏହା ନକାରାତ୍ମକ ପ୍ରଭାବ ପକାଇବ । ଏହା ମଧ୍ୟ ଦୁର୍ବଳ ପରୀକ୍ଷାର୍ଥୀଙ୍କୁ ଉଦ୍ଦିଷ୍ଟ ବିଷୟରେ ସଫଳତା ପାଇବାକୁ ସାହାଯ୍ୟ କରିବ । ଉଲ୍ଲିଖିତ ପ୍ରସ୍ତାବ ବୋର୍ଡକୁ ପରୀକ୍ଷା ପରିଚାଳନାରେ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିପାରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁନଶ୍ଚ,ଆସନ୍ତା ମାର୍ଚ୍ଚ ୧୯ ତାରିଖରୁ ରାଜ୍ୟର ୫୧ ଟି କେନ୍ଦ୍ରରେ ଉତ୍ତର ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ । ସେଥିରେ ଯେପରି କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ନ ଘଟେ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବେ ବୋଲି ଆଶା କରିବା ।

ସଞ୍ଜୀବ କୁମାର ଦାସ

ମର୍କତ ନଗର

କଟକ - ୭୫୩୦୧୪

ମୋ: ୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୃକ୍ଷ ଲତା

ଶିଲ୍ପା ଡାଙ୍ଗୁଆ



ଆମ ପରିବେଶ ଆନେକ ଅମୂଲ୍ୟ ସମ୍ପଦକୁ ନେଇ ଗଠିତ ତତ୍ ମଧ୍ୟରୁ ବୃକ୍ଷ-ଲତା ଅନ୍ୟତମ । ପରିବେଶରେ ପ୍ରତ୍ୟେକ ଜିନିଷ ସହ ପ୍ରତ୍ୟେକ ଜିନିଷ ପରିପୂରକ ବା ଘନିଷ୍ଠ ଭାବେ ଜଡ଼ିତ । ପରିବେଶ ଅନେକ ସବୁଜ ବଳୟ ମଧ୍ୟରେ ପରିପୂର୍ଣ୍ଣ ବୃକ୍ଷ-ଲତା, ପାହାଡ଼-ପର୍ବତ, ସାଗର, ନଦୀ, ହ୍ରଦ, ଝରଣା, ଜଙ୍ଗଲ ଯାହା ପ୍ରକୃତିର ସୌନ୍ଦର୍ଯ୍ୟକୁ ମଧ୍ୟ ବଢାଇ ଥାଏ । ତତ୍ ମଧ୍ୟରୁ ବୃକ୍ଷଲତାର ଭୂମିକା ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପରିବେଶ ମଧ୍ୟରେ ବାସ କରୁଥିବା ବିଭିନ୍ନ ପ୍ରକାର ଜୀବଜନ୍ତୁ ସହ ମଧ୍ୟ ବୃକ୍ଷ ଲତାର ଘନିଷ୍ଟ ସମ୍ପର୍କ ରହିଛି ଏବଂ ଏଠି ବସବାସ କରୁଥିବା ସମସ୍ତ ମନୁଷ୍ୟ ଜାତିର ମଧ୍ୟ ବୃକ୍ଷ ସହ ଗଭୀର ସମ୍ପର୍କ ରହିଛି । ବୃକ୍ଷ-ଲତା ଅନେକ ମାତ୍ରାରେ ମନୁଷ୍ୟକୁ ସାହାଯ୍ୟ କରିଥାନ୍ତି ଯେପରିକି :- ଫଳ, ଫୁଲ, ଛାଇ, କାଠ ଇତ୍ୟାଦି ଏବଂ ଆମ ବ୍ୟବହାର ଉପଯୋଗୀ ଅନେକ କାର୍ଯ୍ୟରେ ମଧ୍ୟ ଆସିଥାନ୍ତି । ଗ୍ରୀଷ୍ମ ଋତୁରେ କେବଳ ଛାଇ ପାଇଁ ନୁହେଁ ଥଣ୍ଡା ବାତାବରଣ ପାଇଁ ହେଉ ବା ଶିଥିଳ ପବନ ଟିକିଏ ପାଇଁ ହେଉ । ଏହି ପରି ଆହୁରି ଅନେକ କିଛି ମଧ୍ୟ ତନ୍ ମଧ୍ୟରୁ ଅମ୍ଳଜାନ ଅନ୍ୟତମ ଯାହା ପୃଥିବୀ ପୃଷ୍ଠରେ ଜୀବନ ଧାରଣ ପାଇଁ ନିତ୍ୟାନ୍ତ ଆବଶ୍ୟକ । ତା ସହ ଆମକୁ ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ରକ୍ଷା କରିଥାଏ । ସେହିପରି ନାନାଦି ପ୍ରକାର ବୃକ୍ଷ-ଲତା ମାନଙ୍କ ମଧ୍ୟରୁ ଅନେକରେ ଔଷଧୀୟ ଗୁଣ ମଧ୍ୟ ବିଦ୍ୟମାନ ଯାହା ମନୁଷ୍ୟକୁ ଔଷଧୀୟ ଆକାରରେ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ମଧ୍ୟ ସୁସ୍ଥ ରଖିଥାଏ । ଏଥି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହ ବୃକ୍ଷ ଲତାର ସବୁଜ ବଳୟ ବା ସବୁଜିମା ମନୁଷ୍ୟର ଦୃଷ୍ଟି ଶକ୍ତି ମଧ୍ୟ ବଢ଼ାଇଥାଏ । ପରିବେଶକୁ ସୁସ୍ଥ ରଖିବା ହେଉ ବା ପରିବେଶର ସୁସ୍ଥ ବାତାବରଣ ପାଇଁ ମଧ୍ୟ ବୃକ୍ଷଲତାର ଭୂମିକା ଅତୁଳନୀୟ । ବୃକ୍ଷ-ଲତା ଆମର ଅନେକ ଉପକାରରେ ଆସିଥାଏ ।

ବିନା କୌଣସି ସ୍ୱାର୍ଥରେ ଅନବରତ ମନୁଷ୍ୟ କୁ ସାହାଯ୍ୟ ଯୋଗାଇ ଆସୁଅଛି । ତେଣୁ "ବୃକ୍ଷ - ଲତା ଆମର ଅମୂଲ୍ୟ ସମ୍ପଦ"  ତା ପାଇଁ ଆମର ମଧ୍ୟ କିଛି କର୍ତ୍ତବ୍ୟ ରହିଛି । ପ୍ରାୟତଃ ଅଧିକାଂଶ ଦରକାରୀ ଜିନିଷ ଆମେ ବୃକ୍ଷ ଠାରୁ ହିଁ ପ୍ରାପ୍ତି କରିଥାଉ । ତେଣୁ "ବୃକ୍ଷ-ଲତା ଆମର ବନ୍ଧୁ" ମାତ୍ର ତାକୁ ସଂରକ୍ଷଣ ଏବଂ ସୁରକ୍ଷିତ ରଖିବା ଅମର କର୍ତ୍ତବ୍ୟ । ଯାହା ଆମେ ଠିକ୍ ଭାବେ ତୁଲାଇ ପାରୁ ନାହିଁ । ତେଣୁ ଆମେ ଅଧିକ ରୁ ଅଧିକ ବୃକ୍ଷ ରୋପଣ କରି ତାହାର ଠିକ୍ ଭାବେ ଯତ୍ନ ନେବା ଉଚିତ୍ । ଯଦି ପ୍ରତ୍ୟେକ ମନୁଷ୍ୟ ଏହାକୁ ପାଳନ କରନ୍ତି ତେବେ ଆମ ପରିବେଶ ସୁରକ୍ଷିତ ହୋଇ ରହିବ ଯାହା ଆମକୁ ଅନେକ ବିପତ୍ତିରୁ ରକ୍ଷା କରିପାରିବ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅପ୍ରିୟ ସତ୍ୟ

ନିତ୍ୟ ରଞ୍ଜନ ନନ୍ଦ



## ମଳ ମିଶ୍ରିତ ନର୍ଦ୍ଦମାର ଦୂଷିତ ଜଳରେ ମହାକୁମ୍ଭରେ ପୁଣ୍ୟ ସ୍ନାନ

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟରେ ସ୍ପଷ୍ଟ ନର୍ଦ୍ଦମାରେ ବହିଆସୁଥିବା ମଳ ମିଶ୍ରିତ ଦୂଷିତ ଜଳରେ ମହାକୁମ୍ଭରେ କୋଟି କୋଟି ଲୋକଙ୍କୁ ମୋଦୀ -ଯୋଗୀ ସରକାର ସ୍ନାନ କରେଇ ନେଇଛନ୍ତି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟରୁ ଏହି ତଥ୍ୟ ଜଣାପଡିଛି । ରିପୋର୍ଟ ଦେଖିବା ପରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍ ଜି ଟି) ଏ ସଂପର୍କରେ ଉତ୍ତର ପ୍ରଦେଶର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କଡ଼ା ସମାଲୋଚନା କରିଛି । ଏହି କ୍ରମରେ ଘଟଣାଟି ଆଗକୁ ଆସିଛି । ଏନ୍ ଜି ଟିର ମୂଖ୍ୟ ପଦରେ ବିଚାରପତି ପ୍ରକାଶ ଶ୍ରୀବାସ୍ତବ ରହିଛନ୍ତି । ସେ ଆଦିତ୍ୟ ନାଥ ସରକାରର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଭର୍ତ୍ସନା କରି ପ୍ରଶ୍ନ କରିଛନ୍ତି, ଆପଣମାନେ ୫୦ କୋଟି ଲୋକଙ୍କୁ ନର୍ଦ୍ଦମାର ଦୂଷିତ ଜଳରେ ସ୍ନାନ କରେଇ ନେଲେ । ଯେଉଁ ଜଳ ସ୍ନାନ ପାଇଁ ଉପଯୁକ୍ତ ନୁହେଁ, ସେହି ଜଳକୁ ମଣିଷ ପାଟିକୁ ନେଇ କୁଳୁକୁଳି କରିଛନ୍ତି ।

ଏହି ବିଷୟଟି ସାମାଜିକ ଗଣମାଧ୍ୟମ ଗୁଡିକରେ ଅନେକ ମୋଦୀଙ୍କର ସଙ୍ଗମ ସ୍ନାନ ମନେ ପକାଇ ଦେଇଛନ୍ତି । ମୋଦୀ ଗଳାବଦ୍ଧ ଜ୍ୟାକେଟ, ଟ୍ରାକ ପ୍ୟାଣ୍ଟ ପିନ୍ଧି ସଙ୍ଗମରେ ସ୍ନାନ କରିଥିଲେ । ସେ ମୁଣ୍ଡକୁ ପାଣିରେ ବୁଡାଇ ନଥିଲେ । ପ୍ରଦୂଷଣର ତଥ୍ୟ ଥିବାର କାରଣରୁ ମୋଦୀଙ୍କର ଏହି ରକମର ସ୍ନାନ ବୋଲି ନାଗରିକମାନେ ଏହିଦିନ ମନ୍ତବ୍ୟ କରିଛନ୍ତି । କିନ୍ତୁ ଦେଶର କୋଟିକୋଟି ଧାର୍ମିକ ଲୋକମାନେ ସେହି ବିଷାକ୍ତ ଜଳରେ ସ୍ନାନ କରିଛନ୍ତି ବା ପାନ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାକୁମ୍ଭନେଇ ପ୍ରଚାର ଏଭଳି କରାଯାଇଛି ଯେ ପ୍ରୟାଗରାଜ (ଆହ୍ଲାବାଦ)ର ଗଙ୍ଗା ଯମୁନା ସଙ୍ଗମକୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକମାନଙ୍କର ସୁଅ ଛୁଟିଛି । କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ହିନ୍ଦୁତ୍ୱବାଦୀ ସଙ୍ଗଠନ ଗୁଡିକ ଦ୍ୱାରା ସୃଷ୍ଟି ଗଣ ହିଷ୍ଟ୍ରିୟା ପରି ଅବସ୍ଥା ଯୋଗୁଁ ଜୀବନକୁ ବାଜି ଲଗାଇ ଆହ୍ଲାବାଦକୁ ଆସିଛନ୍ତି ଓ ନଦୀରେ ସ୍ନାନ କରିଛନ୍ତି । ସିପିସିବି ୩ ଫେବୃଆରୀରେ ଏନଜିଟିକୁ ଏକ ରିପୋର୍ଟ ଦାଖଲ କରିଛି । ସେହି ରିପୋର୍ଟରେ ଦର୍ଶାଯାଇଛି ଯେ ୧୨-୧୩ ଜାନୁଆରୀରେ ସଙ୍ଗମର ଆଖପାଖର ବିଭିନ୍ନ ଅଞ୍ଚଳରୁ ଗଙ୍ଗା ଓ ଯମୁନାର ଜଳର ନମୁନା ସଂଗ୍ରହ କରାହୋଇଥିଲା । ସେହି ନମୁନା ପରୀକ୍ଷାରୁ ଅଧିକାଂଶ ସ୍ଥାନରେ ନଦୀର ଜଳର ପ୍ରଦୂଷଣର ମାତ୍ରା ଅନେକ ବେଶି ଥିଲା । ସିପିସିବିର ନିର୍ଦ୍ଧାରିତ ମାତ୍ରା ଅନୁଯାୟୀ ୧୦୦ ମିଲିମିଟର ଜଳରେ ୨୫୦୦ ୟୁନିଟରୁ ବେଶୀ ଫିକଲ କଲିଫର୍ମ ରହିବ ନାହିଁ । ବାସ୍ତବରେ ଏହା ବହୁତ ଅଧିକ ରହିଛି ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧୨ ଜାନୁଆରୀରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଗଙ୍ଗାର ଶୃଙ୍ଗେରପୁର ଘାଟ, ଲର୍ଡ କର୍ଜନ ସେତୁ, ଶାସ୍ତ୍ରୀ ସେତୁର ପୂର୍ବରୁ, ନାଗବାସୁକି ମନ୍ଦିର ପାଖ ୧୫ ନମ୍ବର ପ୍ଲୁଟୁନ ସେତୁର ପାଖ, ସଙ୍ଗମ, ଡିହା ଘାଟ, ଯମୁନାର ପୁରୁଣା ନୈନୀ  ସେତୁର ପାଖରେ ଏବଂ ସଙ୍ଗମ ଯେଉଁଠାରେ ଯମୁନା ଗଙ୍ଗାସହ ମିଶିଛି ତା'ର ଆଗର ଜଳର ନମୁନା ସଂଗ୍ରହ କରାହୋଇଥିଲା । ସେହି ନମୁନା ପରୀକ୍ଷା କରିବାରେ ଦେଖାଯାଏ ସର୍ବତ୍ର ନଦୀର ଜଳରେ ପ୍ରଦୂଷଣ ମାତ୍ରା ଭୟାବହ । ଯେଉଁ ବିଶେଷ ଦିନ ଗୁଡ଼ିକରେ ଜଳର ମାତ୍ରାରେ ପ୍ରଦୂଷଣର ପରିମାଣ ଅନେକ ବେଶି ଥିଲା ।

ଡ଼ି ଏଲ ଏ -୧୨

ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ -୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All · Videos · Images · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All · Images · Videos · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share · Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
**1,924**
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad